ମାନବାଧିକାର ପ୍ରକ୍ରିୟା
ପ୍ରଶିକ୍ଷଣ ମାନୁଆଲ

Dalit Rights are Human Rights - Cast out Caste
NCDHR

ସ୍ୱାଧିକାର-ନ୍ୟାସନାଲ୍ କ୍ୟାମ୍ପେନ୍ ଅନ୍ ଦଳିତ ହ୍ୟୁମାନ ରାଇଟ୍ସ
ନୂଆଦିଲ୍ଲୀ

Digitized by srujanika@gmail.com

ମାନବାଧିକାର ପ୍ରକ୍ରିୟା
ପ୍ରଶିକ୍ଷଣ ମାନୁଆଲ

Dalit Rights are Human Rights - Cast out Caste

NCDHR

ସ୍ୱାଧିକାର-ନ୍ୟାସନାଲ୍ କ୍ୟାମ୍ପେନ୍ ଅନ୍ ଦଳିତ ହ୍ୟୁମାନ ରାଇଟ୍ସ
ନୂଆଦିଲ୍ଲୀ

Digitized by srujanika@gmail.com

ମାନବାଧିକାର ପ୍ରକ୍ରିୟା ପ୍ରଶିକ୍ଷଣ ମାନୁଆଲ

CC BY NC SA
ସ୍ୱାଧିକାର-ନ୍ୟାସନାଲ୍ କ୍ୟାମ୍ପେନ୍ ଅନ୍ ଦଳିତ ହ୍ୟୁମାନ ରାଇଟ୍ସ, ୨୦୧୬
କ୍ରିଏଟିଭ୍ କମନ୍ସ ୩.୦ ଅଧୀନରେ ଏହି କାର୍ଯ୍ୟଟି ଅନୁମତିପ୍ରାପ୍ତ

ସଂକଳକ : ଜେସିନ୍ଥା ମ୍ୟାରୀ
ନଲୋରି ଚକ୍‌ମା

ଓଡ଼ିଆ ଅନୁସୃଜନ : ପ୍ରଫେସର ଧନେଶ୍ୱର ସାହୁ

ଅଳଙ୍କରଣ : ହିମ୍ମତ ସିଂ

ରେଖାଚିତ୍ର : ସି. ସଥ୍ୟନ

ମୁଦ୍ରଣ : ଅରୋପ୍ରଭା ପ୍ରିଣ୍ଟର୍ସ, ଏନ୍-୩/୧୪, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୧୫

ପ୍ରକାଶକ : ନ୍ୟାସ୍‌ନାଲ ଦଳିତ ମୁଭ୍‌ମେଣ୍ଟ ଫର୍ ଜଷ୍ଟିସ୍
ସ୍ୱାଧିକାର - (ଏନ୍‌ସିଡିଏଚ୍‌ଆର୍)
୭/୫୮, ପ୍ରଥମ ମହଲା, ସାଉଥ ପଟେଲ ନଗର, ନୂଆଦିଲ୍ଲୀ-୧୧୦୦୦୮
ଦୂରଭାଷ : +୯୧-୧୧-୪୫୦୦୯୩୦୯ / ୨୫୮୪୨୨୫୧
www.annihilatecaste.in, www.ncdhr.org.in

ଓଡ଼ିଆ ପ୍ରକାଶନ : ଆମ୍ବେଦକର-ଲୋହିଆ ବିଚାରମଞ୍ଚ, ଓଡ଼ିଶା
୫୦, ବୁଦ୍ଧ ନଗର, ପୋ-ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର-୭୫୧୦୦୬
ଦୂରଭାଷ : ୦୬୭୪-୨୩୧୦୬୬୪

ସହାୟତା :

ପ୍ରତ୍ୟାଖାନନାମା (Disclaimer) : ଏହି ପ୍ରକାଶନରେ ସନ୍ନିବେଶିତ ବିଷୟବସ୍ତୁ କେବଳ ସ୍ୱାଧିକାର-ଏନ୍‌ସିଡିଏଚ୍‌ଆର୍-ଆମ୍ବେଦକର ଲୋହିଆ ବିଚାରମଞ୍ଚର ଅଭିମତ ଅଟେ ଏବଂ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ସଂଗଠନର ମତାମତ ରୂପେ ଗ୍ରହଣ କରାଯିବ ନାହିଁ ।

Digitized by srujanika@gmail.com

ସୂଚୀପତ୍ର

	ପୁସ୍ତକ ସମ୍ପର୍କରେ	୭
	ପ୍ରସ୍ତାବନା	୯
	ମୁଖବନ୍ଧ	୧୨
୧.	**ମାନବିକ ଅଧିକାର : ଏକ ଦୃଷ୍ଟିପାତ**	**୧୭**
୧.୧	ମାନବିକ ଅଧିକାର ଉପକ୍ରମ	୧୮
୧.୨	ମାନବିକ ଅଧିକାର ପ୍ରତ୍ୟୟ ଓ ଶ୍ରେଣୀ ବିଭାଜନ	୧୯
୧.୨.୧	ନାଗରିକ, ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର	୧୯
୧.୨.୨	ମାନବିକ ଅଧିକାରର ପ୍ରକାରଭେଦ	୨୦
୨.	**ମାନବିକ ଅଧିକାରର ଆନ୍ତର୍ଜାତିକ ପ୍ରକ୍ରିୟା**	**୨୩**
୨.୧	ମାନବିକ ଅଧିକାରର ବିଶ୍ୱଜନୀନ ଘୋଷଣାନାମା	୨୪
୨.୨	ନାଗରିକ ଓ ରାଜନୈତିକ ଅଧିକାର ଆନ୍ତର୍ଜାତିକ ସମ୍ମିଳନୀ	୨୯
୨.୩	ବର୍ଣ୍ଣବୈଷମ୍ୟ ବିଲୋପ ପାଇଁ ଆନ୍ତର୍ଜାତିକ ସମ୍ମିଳନୀ	୩୧
୨.୪	ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଧିକାର ବିଷୟକ ଆନ୍ତର୍ଜାତିକ ସମ୍ମିଳନୀ	୩୨
୨.୫	ମହିଳା ବିରୋଧୀ ଭେଦଭାବ ବିଲୋପନ ନିମନ୍ତେ ଆନ୍ତର୍ଜାତିକ ସମ୍ମିଳନୀ	୩୪
୨.୬	ଶିଶୁ ଅଧିକାର ଆନ୍ତର୍ଜାତିକ ସମ୍ମିଳନୀ	୩୬
୨.୭	ମାନବିକ ଅଧିକାର ସୁରକ୍ଷାକାରୀ ସମ୍ପର୍କିତ ଘୋଷଣାନାମା	୪୦
୨.୮	ମାନବିକ ଅଧିକାର ସନ୍ଧି ସମିତି	୪୩
୨.୯	ସାର୍ବଜନୀନ ସାମୟିକ ସମୀକ୍ଷା (ସା ସା ସ)	୪୯
୩.	**ମାନବିକ ଅଧିକାର ଆନ୍ତର୍ଜାତିକ ସୁରକ୍ଷା ପ୍ରକ୍ରିୟା**	**୫୪**
୩.୧	ଜାତିସଂଘ ସ୍ୱତନ୍ତ୍ର ପ୍ରଣାଳୀ	୫୫

Digitized by srujanika@gmail.com

୩.୨	ଇଚ୍ଛାଧୀନ ରାଜିନାମା	୬୩
୪.	**ଜାତୀୟ ମାନବିକ ଅଧିକାର ପ୍ରକ୍ରିୟା**	**୬୭**
୪.୧	ଭାରତୀୟ ସମ୍ବିଧାନରେ ମାନବିକ ଅଧିକାର	୬୮
୪.୨	ଭାରତୀୟ ଦଣ୍ଡବିଧି ସଂହିତା (ଇଣ୍ଡିଆନ ପେନାଲ କୋଡ୍ ବା ଆଇପିସି)	୭୮
୪.୩	ଆପରାଧିକ ପ୍ରକ୍ରିୟା	୮୦
୪.୪	**ଆଇନଗତ ନିରାପତ୍ତା**	**୮୨**
୪.୪.୧	ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଲୋକଙ୍କର ଅଧିକାର	୮୨
➢	ନାଗରିକ ଅଧିକାର ସୁରକ୍ଷା ଆଇନ, ୧୯୫୫	୮୨
➢	ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ, ୧୯୮୯	୮୩
➢	ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି (ସଂଶୋଧନ) ଆଇନ, ୨୦୧୫	୮୪
➢	ଗୋତି ଶ୍ରମିକ ଆଇନ, ୧୯୭୬	୮୬
➢	ହାତରେ ଆବର୍ଜନା ସଫା କରିବା ପାଇଁ ନିଯୁକ୍ତି ନିଷେଧ ଓ ସଫାଇ କର୍ମଚାରୀଙ୍କ ଥଇଥାନ ଆଇନ, ୨୦୧୩	୮୮
୪.୪.୨	**ମହିଳା ଅଧିକାର**	**୯୨**
➢	ଅପରାଧିକ ବିଧି ସଂଶୋଧନ ଆଇନ, ୨୦୧୩	୯୨
➢	ମହିଳାମାନଙ୍କ ପାରିବାରିକ ହିଂସା ସୁରକ୍ଷା ଆଇନ, ୨୦୦୫	୯୪
➢	କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା (ପ୍ରତିଷେଧ, ନିବାରଣ ଓ ପ୍ରତିକାର) ଆଇନ, ୨୦୧୩	୯୭
➢	ଦେବଦାସୀ (ଉତ୍ସର୍ଗ ପ୍ରତିଷେଧ) ଆଇନ	୧୦୦
➢	ମହିଳାଙ୍କ ଉପରେ ହେଉଥିବା ଅପରାଧର ତୁରନ୍ତ ବିଚାର ପାଇଁ କାର୍ଯ୍ୟପନ୍ଥା	୧୦୦

Digitized by srujanika@gmail.com

ବିଷୟ ସୂଚୀ

୪.୪.୩	**ଶିଶୁ ଅଧିକାର**	**୧୦୧**
➢	ଶିକ୍ଷା ଅଧିକାର ଆଇନ, ୨୦୦୯	୧୦୨
➢	ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨	୧୦୨
➢	ବାଳଶ୍ରମିକ ଉଚ୍ଛେଦ ଆଇନ ସଂଶୋଧନ, ୨୦୦୬	୧୦୫
➢	କିଶୋର ନ୍ୟାୟ (ପିଲାମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫	୧୦୬
➢	ବିଦ୍ୟାଳୟରେ ଶାରୀରିକ ଦଣ୍ଡ ନିଷେଧ ସମ୍ପର୍କିତ ନିର୍ଦ୍ଦେଶନାମା	୧୦୯
୪.୪.୪	**ଅନ୍ୟ କେତେକ ସମ୍ପର୍କିତ ବ୍ୟବସ୍ଥା**	**୧୦୯**
➢	ଜମି ଅଧିଗ୍ରହଣ ପାଇଁ ଉପଯୁକ୍ତ କ୍ଷତିପୂରଣ, ସ୍ୱଚ୍ଛତା, ଥଇଥାନ ଓ ପୁନଃବସତି ସ୍ଥାପନ ଆଇନ, ୨୦୧୩	୧୦୯
➢	ପଞ୍ଚାୟତିରାଜ ୭୩ ତମ ସଂଶୋଧନ	୧୧୧
୫.	**ଭାରତରେ ମାନବିକ ଅଧିକାର ସୁରକ୍ଷା ବ୍ୟବସ୍ଥା**	**୧୧୪**
୫.୧	ଆଇନ ପ୍ରୟୋଗକାରୀ ସଂସ୍ଥା	୧୧୫
୫.୨	ବିଚାର ବିଭାଗ	୧୧୮
୫.୩	ଆନୁଷ୍ଠାନିକ / ସଂସ୍ଥାଗତ ବ୍ୟବସ୍ଥା	୧୧୯
୫.୩.୧	ଜାତୀୟ / ରାଜ୍ୟ ମାନବାଧିକାର ଆୟୋଗ	୧୧୯
୫.୩.୨	ଜାତୀୟ ଅନୁସୂଚୀତ ଜାତି ଆୟୋଗ	୧୨୦
୫.୩.୩	ଜାତୀୟ ଅନୁସୂଚୀତ ଜନଜାତି ଆୟୋଗ	୧୨୧
୫.୩.୪	ଜାତୀୟ ମହିଳା ଆୟୋଗ	୧୨୧
୫.୩.୫	ଜାତୀୟ ସଂଖ୍ୟାଲଘୁ ଆୟୋଗ	୧୨୨
୫.୩.୬	ଜାତୀୟ ସଫେଇ କର୍ମଚାରୀ ଆୟୋଗ	୧୨୩
୫.୩.୭	ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ	୧୨୩

Digitized by srujanika@gmail.com

ସୂଚୀପତ୍ର

୬. ମାନବିକ ଅଧିକାର ଉଲଙ୍ଘନକୁ ପ୍ରତିହତ କରିବାକୁ କାର୍ଯ୍ୟ କରୁଥିବା ମାନବାଧିକାର ସୁରକ୍ଷାକାରୀଙ୍କ ସାମର୍ଥ୍ୟର ବିକାଶ ୧୨୪

୬.୧ ଦଳିତ ମାନବାଧିକାର ମନିଟରିଂ ବା ତଦାରଖ ୧୨୫

୬.୧.୧ ନିର୍ଯ୍ୟାତନା ଅନୁଧାବନ ଓ ତଦାରଖ (ATM) ୧୩୭

୬.୧.୨ ଦଳିତ ମାନବ ଅଧିକାର ସଂସ୍ଥାମାନଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ କେତେକ ରାୟ ୧୪୦

୬.୨ ପକ୍ଷସମର୍ଥନ ଓ ସମର୍ଥନ ପାଇଁ ପ୍ରବର୍ତ୍ତାଇବା (ଲବିଂ) ୧୫୦

୬.୩ ରାଜିନାମା ପାଇଁ ଆଲୋଚନା : ନିୟମ ଓ କୌଶଳ ୧୫୫

୬.୪ ଗଣମାଧ୍ୟମର ଫଳପ୍ରଦ ସଂପୃକ୍ତି ୧୬୦

୬.୫ ଫଳପ୍ରଦ ସମ୍ବନ୍ଧ ସ୍ଥାପନ (ଏଫେକ୍ଟିଭ୍ ନେଟ୍‌ୱର୍କିଂ) ୧୬୩

୭. ପ୍ରଶିକ୍ଷଣ ଓ ପ୍ରଣାଳୀ ୧୬୮

୭.୧ ପ୍ରଶିକ୍ଷଣ ପ୍ରତୀତି ୧୬୯

୭.୨ ପ୍ରଶିକ୍ଷଣ ପ୍ରଣାଳୀ ଓ ପ୍ରକ୍ରିୟା ୧୭୩

ମାନବାଧିକାର ପ୍ରକ୍ରିୟା ପ୍ରଶିକ୍ଷକଙ୍କ ଦ୍ୱିଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟସୂଚୀ ୧୭୭

Digitized by srujanika@gmail.com

ପୁସ୍ତକ ସମ୍ପର୍କରେ

ସଂଗ୍ରାମ କେଶରୀ ମଲିକ୍
ସଭାପତି
ଆମ୍ବେଦକର-ଲୋହିଆ ବିଚାରମଞ୍ଚ
ଓଡ଼ିଶା

"ଆମେ ସାମାଜିକ ଓ ଅର୍ଥନୈତିକ ସମତା ସ୍ଥାପନ ପାଇଁ ଅଧିକ ବିଳମ୍ବ କଲେ ଆମର ଗଣତନ୍ତ୍ର ସଂକଟଗ୍ରସ୍ତ ହେବ। x x x x ଆମେ ସ୍ଥାପନ କରୁଥିବା ରାଜନୈତିକ ଗଣତନ୍ତ୍ରର ଢାଞ୍ଚାକୁ ଅସମତାର ଶିକାର ହେଉଥିବା ବର୍ଗ ଧ୍ୱଂସ କରିଦେବେ।" -ଡକ୍ଟର ଭୀମରାଓ ଆମ୍ବେଦକର

ସମତା ଭିତ୍ତିକ ସମାଜ ଗଠନ ସ୍ୱାଧୀନତା ସମୟରୁ ଭାରତବର୍ଷର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ ରହିଆସିଛି। ସମ୍ବିଧାନର ଚରମ ଉଦ୍ଦେଶ୍ୟ ତିନୋଟି ଶବ୍ଦରେ 'ସ୍ୱାଧୀନତା, ସମତା ଓ ଭାଇଚାରା' ଅଟେ। ସମ୍ବିଧାନର ସଫଳତା, ଏହାର ମୂଳଭୂତ ଉଦ୍ଦେଶ୍ୟ, କ୍ଷେତ୍ରରେ ପ୍ରତିଫଳିତ ହେଲେ ହିଁ ସମ୍ଭବ ହେବ। ଏହି ଆଭିମୁଖ୍ୟକୁ ଗ୍ରହଣ କରି ବାବାସାହେବ ଡକ୍ଟର ଆମ୍ବେଦକର ଓ ସମାଜବାଦୀ ଚିନ୍ତକ ଡକ୍ଟର ରାମମନୋହର ଲୋହିଆଙ୍କ ଆଦର୍ଶକୁ ଭିତ୍ତି କରି ନବେ ଦଶକରେ 'ଆମ୍ବେଦକର-ଲୋହିଆ ବିଚାରମଞ୍ଚ' ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା। ୧୦ ଡିସେମ୍ବର, ୧୯୯୬ ଦିନ ବିଚାରମଞ୍ଚ ଏହାର ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀରେ 'ସାମାଜିକ ନ୍ୟାୟ, ଧର୍ମ ନିରପେକ୍ଷତା, ଗଣତନ୍ତ୍ରର ସୁରକ୍ଷା ଓ ସାମ୍ବିଧାନିକ ବ୍ୟବସ୍ଥା'ଗୁଡ଼ିକର ସଠିକ ରୂପାୟନ ନିମନ୍ତେ କାର୍ଯ୍ୟକ୍ରମମାନ ଗ୍ରହଣ କରିବାକୁ ନିଷ୍ପତ୍ତି କରିଥିଲା। ରାଜ୍ୟରେ ଦଳିତ, ଆଦିବାସୀ, ମହିଳା, ସଂଖ୍ୟାଲଘୁ, ପଛୁଆବର୍ଗ ଆଦିଙ୍କର ବିକାଶ ନିମନ୍ତେ ବିଭିନ୍ନ ଅନୁଶୀଳନ, ବିଶ୍ଳେଷଣ, ଗବେଷଣାଲବ୍ଧ ଜ୍ଞାନ ଓ ତଥ୍ୟ ଆଧାରରେ ଯଥାଯଥ ଫୋରମ୍‌ରେ ଦାବି ଉପସ୍ଥାପନ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାଚକ୍ର, ବୈଠକ, ସାଧାରଣ ସଭା, ପ୍ରଶିକ୍ଷଣ ଶିବିର ଆଦି ନିରବଚ୍ଛିନ୍ନ ଭାବରେ ବିଚାରମଞ୍ଚ କରିଆସୁଅଛି। ରାଜ୍ୟରେ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ୧୯୮୯ ଓ ନିୟମାବଳୀ ୧୯୯୫ର ଓଡ଼ିଆ ଅନୁବାଦ ସହିତ ଏହାକୁ ପ୍ରୟୋଗ କରିବା ନିମନ୍ତେ କାର୍ଯ୍ୟକ୍ରମ ବିଚାରମଞ୍ଚର ଅନ୍ୟତମ ଉପଲବ୍ଧି।

ସମ୍ପ୍ରତି ଦେଶର ଓ ରାଜ୍ୟର ପରିସ୍ଥିତିରେ ଅନେକ ମୌଳିକ ଓ ଢାଞ୍ଚାଗତ ପରିବର୍ତ୍ତନ ସଂଘଟିତ ହୋଇଛି। ରାଷ୍ଟ୍ର 'ମଙ୍ଗଳକାରୀ ରାଷ୍ଟ୍ର' (Welfare State) ବ୍ୟବସ୍ଥାରୁ ଓହରି ଯାଇ ପ୍ରତ୍ୟେକଟି ସେବା ନିମନ୍ତେ ଦେୟ (User Fee) ଆଦାୟ କରିବା ନୀତି ଅବଲମ୍ବନ କରୁଛି। ଘରୋଇ କ୍ଷେତ୍ରର ବିକାଶ ଓ ସରକାରୀ କ୍ଷେତ୍ରର ସଂକୋଚନ ମାଧ୍ୟମରେ ସମତା ପ୍ରତିଷ୍ଠା ଉଦ୍ଦେଶ୍ୟରେ ଥିବା ସାମ୍ବିଧାନିକ ବ୍ୟବସ୍ଥା 'ସଂରକ୍ଷଣ' ବିଲୋପ ପ୍ରାୟ। ବସ୍ତୁତଃ, ସୁବିଧା ହାସଲ କରିଆସିଥିବା ଗୋଷ୍ଠୀ ସେମାନଙ୍କର ସ୍ୱାର୍ଥ ବଳବତ୍ତର ରଖିବାକୁ ଓ ସାମାଜିକ ଆଧିପତ୍ୟ ବଜାୟ ରଖିବାକୁ ଜାତି, ଧର୍ମ, ପରମ୍ପରାର ଦ୍ୱାହି

Digitized by srujanika@gmail.com

ଦେଇ ସାମ୍ବିଧାନିକ ବିଧି ବ୍ୟବସ୍ଥା ଓ ଆଇନ କାନୁନକୁ ହତ୍ୟା କରିବାକୁ ବିଭିନ୍ନ ଅପକୌଶଳ ପ୍ରୟୋଗ କରିଚାଲିଛନ୍ତି । ଏହି ବର୍ଗ ନିଜର ସ୍ୱାର୍ଥ ସାଧନ ନିମନ୍ତେ ରାଷ୍ଟ୍ରନୀତିକୁ ପ୍ରଭାବିତ କରିବା ସହିତ ପ୍ରଶାସନକୁ ନିୟନ୍ତ୍ରଣ କରୁଛନ୍ତି । ପ୍ରତିନିୟତ ସାମାଜିକ, ଆର୍ଥିକ ଓ ଶିକ୍ଷା ଦୃଷ୍ଟିରୁ ଦୁର୍ବଳ ଜନତାର ଅଧିକାର ଛିନ୍ନ ହେଉଛି ଓ ସମ୍ବିଧାନ ଭୁଲୁଣ୍ଠିତ ହେଉଛି ।

ଏପରି ଏକ ସ୍ଥିତିରେ ବିଚାରମଞ୍ଚ ଅସମତା ଓ ଶୋଷଣର ଶିକାର ହେଉଥିବା ବର୍ଗଙ୍କ ଅଧିକାର ହାସଲ ନିମନ୍ତେ ଏବଂ ଏହି ବର୍ଗର ସାମ୍ବିଧାନିକ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରିଛି । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଦଳିତ ମାନବ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା 'ସ୍ୱାଧୀକାର' ଓ ତା'ର ସହଯୋଗୀ ସଂଗଠନ 'ନ୍ୟାସନାଲ ଦଳିତ ମୁଭମେଣ୍ଟ ଫର୍ ଜଷ୍ଟିସ୍' ଭଳି ସଂଗଠନ ସହଯୋଗରେ ନୂତନ ଭାବରେ ସ୍ୱେଚ୍ଛାସେବୀମାନଙ୍କୁ ମାନବ ଅଧିକାର ଓ ଏହାର ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ହାତକୁ ନେଇଛି ।

ଇତିମଧ୍ୟରେ ବିଶ୍ୱବ୍ୟାପୀ ଦଳିତ, ଆଦିବାସୀ, ମହିଳା, ଶ୍ରମଜୀବୀମାନଙ୍କର ଅବିରତ ଆନ୍ଦୋଳନ ଓ ସଂଘର୍ଷ ଫଳରେ ମାନବ ଅଧିକାରର ସଂଜ୍ଞା ଅଧିକ ବ୍ୟାପକ ଓ ସ୍ପଷ୍ଟ ହୋଇଛି । ଏଥିପାଇଁ ଅନେକ ନୂତନ ଆଇନ ତିଆରି ହୋଇଛି ଓ ପୁରାତନ ଆଇନରେ ସଂଶୋଧନ କରାଯାଇଛି । ବିଭିନ୍ନ ରାଜ୍ୟସ୍ତରୀୟ, ଜାତୀୟ ଓ ଆନ୍ତର୍ଜାତିକ ଅନୁଷ୍ଠାନ ମାନବ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ଓ ବିଭିନ୍ନ ଘଟଣାବଳୀଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖୁଛନ୍ତି । ଏହି ପରିପ୍ରେକ୍ଷୀରେ **"ମାନବାଧିକାର ପ୍ରକ୍ରିୟା ପ୍ରଶିକ୍ଷଣ ମାନୁଆଲ"** ପୁସ୍ତକଟି ସ୍ୱେଚ୍ଛାସେବୀମାନଙ୍କର ତାଲିମ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ଅସ୍ତ୍ର ହେବ ଓ ସେମାନଙ୍କର କୌଶଳ ତଥା ଦକ୍ଷତା ବୃଦ୍ଧି ଦିଗରେ ବିଶେଷ ସହାୟକ ହେବ । ଏଥିସହିତ ରାଜ୍ୟର ଛାତ୍ର, ଯୁବ ସମାଜ, ସାମ୍ବାଦିକ, ଅଧିବକ୍ତା, ସର୍ବୋପରି ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ମାନବାଧିକାର ସମ୍ପର୍କରେ ସମ୍ବେଦନା ସୃଷ୍ଟି କରିବ ବୋଲି ଆଶା । ଏଥିପାଇଁ ଏହି ମାନୁଆଲ ପ୍ରସ୍ତୁତ କରିଥିବା ମିସ୍ ଜେସି ଆଣ୍ଟୋନୀ ଓ ମିସ୍ ନଲୋରୀ ଚକ୍‌ମା ଧନ୍ୟବାଦାର୍ହ । ଏହାର ସଠିକ ଓ ସରଳ ଓଡ଼ିଆ ଅନୁସୃଜନ କରିଥିବା ପ୍ରଫେସର ଧନେଶ୍ୱର ସାହୁଙ୍କୁ କୃତଜ୍ଞତା । ଏହାର ପୃଷ୍ଠା ଓ ଅକ୍ଷର ସଜ୍ଜା ପ୍ରାୟ ନିର୍ଭୁଲ ଭାବରେ କରିଥିବାରୁ ଶ୍ରୀ ଆଶିଷ ରଞ୍ଜନ ମହାପାତ୍ରଙ୍କୁ ବିଶେଷ ଧନ୍ୟବାଦ ।

ଏହି ପୁସ୍ତକଟି ମାନବ ଅଧିକାର ହାସଲ ପାଇଁ ମାର୍ଗ ନିର୍ଦ୍ଦେଶକାରୀ ହେବ ଓ ରାଜ୍ୟର ସାମାଜିକ ନ୍ୟାୟ ଆନ୍ଦୋଳନକୁ ଦ୍ରୁତତର କରିବ ବୋଲି ଦୃଢ଼ ବିଶ୍ୱାସ ।

Digitized by srujanika@gmail.com

ପ୍ରସ୍ତାବନା

ଏନ୍.ପଲ ଦିବାକର
ଚେୟାରପର୍ସନ
ଏସିଆ ଦଳିତ ଅଧିକାର ମଞ୍ଚ

"ସମସ୍ତ ନାଗରିକଙ୍କୁ ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ନ୍ୟାୟ, ମୁକ୍ତ ଚିନ୍ତା, ଅଭିବ୍ୟକ୍ତ, ବିଶ୍ୱାସ ଓ ଆରାଧନା କ୍ଷେତ୍ରରେ ସ୍ୱାଧୀନତା, ପଦମର୍ଯ୍ୟାଦା ଓ ସୁଯୋଗ କ୍ଷେତ୍ରରେ ସମାନତା ।"

ଭାରତୀୟ ସମ୍ବିଧାନର ପ୍ରସ୍ତାବନା

ଭାରତରେ ହେଉ ବା ବିଶ୍ୱସ୍ତରରେ ହେଉ ଦଳିତ ଓ ଆଦିବାସୀମାନଙ୍କର ମାନବିକ ଅଧିକାରର ଯାତ୍ରା ଏକ କଷ୍ଟସାଧ ଘଟଣା ହୋଇଛି । ମାନବିକ ଅଧିକାରର ଅଂଶ ବିଶେଷ ଭାବେ ଯେତେବେଳେ ଦଳିତ ଓ ଆଦିବାସୀଙ୍କ ଅଧିକାର ପାଇଁ ସମାଜକର୍ମୀମାନେ ସ୍ୱରଉତ୍ତୋଳନ ଆରମ୍ଭ କଲେ ସେତେବେଳେ ଏହି ପ୍ରକ୍ରିୟା ଏକ ମରୀଚିକା ସଦୃଶ ମନେ ହେଉଥିଲା । ସେବେଠାରୁ ଆମେ ଏକ ଦୀର୍ଘ ପଥ ଅତିକ୍ରମ କରିଛେ । ଦଳିତ ଓ ଆଦିବାସୀଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ସଂଗଠନମାନ ଓ ବ୍ୟକ୍ତିବିଶେଷଙ୍କର ଏ କ୍ଷେତ୍ରରେ ପ୍ରତିବଦ୍ଧତା ଯେଉଁପରି ଗୌରବାବହ ସେହିପରି ପ୍ରଶଂସାର ବିଷୟ ।

ବିଶ୍ୱ ସ୍ତରରେ ଭାରତ ହେଉଛି ଏକମାତ୍ର ରାଷ୍ଟ୍ର, ଯେଉଁଠି ଜାତିଭିତ୍ତିକ ଭେଦଭାବ ଓ ହିଂସା ବିରୁଦ୍ଧରେ ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥା ରହିଛି । ଦଳିତ ଓ ଆଦିବାସୀଙ୍କୁ ଭେଦଭାବରୁ ସୁରକ୍ଷା ଦେବାପାଇଁ ତଥା ସେମାନେ ସାଧାରଣ ଭାବରେ ସମ୍ମୁଖୀନ ହେଉଥିବା ହିଂସାତ୍ମକ ଆକ୍ରମଣରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ଓ ଆଇନ ଥିବାରୁ ଏହା ସମ୍ଭବ ହୋଇପାରିଛି । ନେପାଳ ନିଜ ଦେଶର ସମ୍ବିଧାନରେ ଏପରି ସୁରକ୍ଷା ଦେବା ପାଇଁ ଉଦ୍ୟମ କରିଛି ଓ ଜାପାନ ମଧ ଏ କ୍ଷେତ୍ରରେ କିଛି ପ୍ରୟାସ କରିଛି, ତେବେ ଭାରତରେ ଥିବା ଆଇନ ପରି ସେ ଦେଶମାନଙ୍କର ଆଇନ ଏତେ ଗମ୍ଭୀର ଓ ସ୍ପଷ୍ଟ ନୁହେଁ । ଆଇନର କିଛି ଦୁର୍ବଳତା ହେତୁ ମାନବିକ ଅଧିକାର ଉଲ୍ଲଂଘନକାରୀମାନେ ସମୟ ସମୟରେ ଉପଯୁକ୍ତ ଦଣ୍ଡ ପାଉନାହାନ୍ତି । ସେହି ଯୋଗୁଁ ବ୍ୟକ୍ତିମର୍ଯ୍ୟାଦା, ସମତା, ଭାତୃତ୍ୱଭାବ ଓ ସ୍ୱାଧୀନତାର ପ୍ରସାର ପାଇଁ କାର୍ଯ୍ୟ କରିବା ଅବଶ୍ୟମ୍ଭାବୀ ମନେହେଉଛି । ଏହାକୁ ସୁଦୃଢ଼ ଭିତ୍ତି ଦେବାର ଆବଶ୍ୟକତା ରହିଛି ।

ମାନବିକ ମର୍ଯ୍ୟାଦା, ସ୍ୱାଧୀନତା, ଗଣତନ୍ତ୍ର, ସମତା, ଭ୍ରାତୃତ୍ୱ ଓ ଆଇନର ଶାସନ ଦ୍ୱାରା ମାନବିକ ଅଧିକାର ସୁରକ୍ଷିତ ରହିପାରିବ । ଏହି ଆଦର୍ଶଗୁଡ଼ିକ ଭାରତର ସମ୍ବିଧାନ ଓ ଜାତିସଂଘ ଘୋଷଣାନାମାରେ ଅଭିବ୍ୟକ୍ତ ହୋଇଛି । ଜାତି, ଶ୍ରେଣୀ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ କେତେଦୂର ସମତା, ଭେଦଭାବ-

Digitized by srujanika@gmail.com

ଶୂନ୍ୟତା ମୂଲ୍ୟଚୟ (progressive realiasation and non retrogression) ବାସ୍ତବ କ୍ଷେତ୍ରରେ ସାମାଜିକ ଜୀବନରେ ପ୍ରତିଫଳିତ ହୋଇଛି ତାହାର ନିରପେକ୍ଷ ସମୀକ୍ଷା ଆବଶ୍ୟକ । ଜାତିଗତ ମନୋଭାବ ଦୃଢ଼ ଥିବା ପରିପ୍ରେକ୍ଷୀରେ ଏହି ଆଦର୍ଶଗୁଡ଼ିକ ସାମାଜିକ ଜୀବନଧାରାରେ କେତେ ପ୍ରତିଫଳିତ ହେଉଛି ଓ ଆଇନଗୁଡ଼ିକ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ବିଚାରର ବିଷୟ । ସଚେତନତା ଅଭାବରେ ଦଳିତ ଓ ଆଦିବାସୀ ମହିଳା, ଶିଶୁ ଓ ଲୋକମାନଙ୍କ ଉପରେ ଚାଲିଆସିଥିବା ଅତ୍ୟାଚାର ଓ ହିଂସା କ୍ଷେତ୍ରରେ ଯେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିନାହିଁ, ଏହା ଏକ ସାଧାରଣ ଉପଲବ୍ଧି । ଏହି ପୃଷ୍ଠଭୂମିରେ ମାନବିକ ଅଧିକାର ସୁରକ୍ଷା ପାଇଁ ଏକ ପ୍ରଶିକ୍ଷଣ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରକାଶ କରିବା ନେଇ ମୁଁ ବେଶ୍ ଆନନ୍ଦିତ । ଦଳିତ ଓ ଆଦିବାସୀ ମହିଳା, ଶିଶୁ ଓ ବ୍ୟକ୍ତିମାନେ ଜାତିଗତ କାରଣରୁ କିମ୍ବା ବୃତ୍ତିଗତ କାର୍ଯ୍ୟ ଯୋଗୁଁ ଯେଉଁ ଭେଦଭାବର ସମ୍ମୁଖୀନ ହେଉଛନ୍ତି ସେଥିରୁ ସେମାନଙ୍କୁ ସୁରକ୍ଷା ଦେଇ ସେମାନଙ୍କ ଅଧିକାରକୁ ରକ୍ଷା କରିବା ଏହି ପୁସ୍ତକଟିର ଆଭିମୁଖ୍ୟ । ସ୍ୱାଧୀକାରର ଏହି ଲକ୍ଷ୍ୟ ମାନବିକ ଅଧିକାର ପରିସର ଭିତରେ କେତେକ ମାନ ନିର୍ମାଣ କରିବ । ନାଗରିକ ସମାଜ କ୍ଷେତ୍ରରେ ତଥା ଗୋଷ୍ଠୀ ନେତୃତ୍ୱ ସଂଗଠନ ସ୍ତରରେ ମାନବିକ ଅଧିକାର ନେଇ ସଚେତନତା ସହ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଏହାର କାର୍ଯ୍ୟକାରିତା ତଥା ନିରନ୍ତର ସ୍ଥାୟିତ୍ୱ ନେଇ ପରିବେଶ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହା ସହିତ ଏହାର ସ୍ଥାୟିତ୍ୱକୁ ଦୃଢ଼ ଭିତ୍ତି ପ୍ରଦାନ କରିବା ଏହାର ଲକ୍ଷ୍ୟ ।

ନାଗରିକ, ରାଜନୈତିକ, ଅର୍ଥନୈତିକ, ସମାଜ-ସାଂସ୍କୃତିକ ଅଧିକାର ବିଷୟରେ ଏହି ପୁସ୍ତିକା ଏକ ସାଧାରଣ ସମୀକ୍ଷା ପ୍ରଦାନ କରିଥାଏ । ଏହା ଆମ ଜାତୀୟ ମାନବିକ ଅଧିକାର ସମ୍ବନ୍ଧରେ ଚିତ୍ର ପ୍ରଦାନ କରେ, ଯାହା ସହିତ ଭାରିତୀୟ ଦଣ୍ଡ ସଂହିତା ବା ଆଇପିସି ସଂପୃକ୍ତ । ଏହା ମଧ୍ୟ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ମହିଳା ଓ ଶିଶୁମାନଙ୍କ ସମ୍ବନ୍ଧରେ ଥିବା ଆଇନଗତ ସୁରକ୍ଷା ଓ ଆପରାଧିକ କ୍ରିୟାବିଧି ବିଷୟରେ ସୂଚନା ପ୍ରଦାନ କରିଥାଏ ।

ସ୍ୱେଚ୍ଛାସେବୀ ବେସରକାରୀ ସଂଗଠନ ବା ଏନ୍‌ଜିଓ, ନାଗରିକ ସମାଜ ସଂଗଠନ ବା ସିଏସ୍‌ଓ ତଥା ଗୋଷ୍ଠୀ ନେତୃତ୍ୱ ସଂଗଠନ ବା ସିଏଲ୍‌ଓମାନଙ୍କ ମଧ୍ୟରେ ମାନବିକ ଅଧିକାର ସୁରକ୍ଷା ପାଇଁ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ । ମାନବିକ ଅଧିକାର ସୁରକ୍ଷା, ଦୃଢ଼ୀକରଣ ଓ ବିସ୍ତାର ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଂଗଠନଗୁଡ଼ିକ ମାନବାଧିକାର ପ୍ରତିଷ୍ଠା ନିମନ୍ତେ ଅଭିପ୍ରେତ ଅଧିକାରୀମାନଙ୍କୁ

Digitized by srujanika@gmail.com

ପର୍ଯ୍ୟବେକ୍ଷଣ କରିବା ମାଧ୍ୟମରେ ନ୍ୟାୟ ହାସଲ କରିବାରେ ସକ୍ଷମ ହେବେ । ଜାତୀୟ ସ୍ତରରେ ହେଉ ବା ଆନ୍ତର୍ଜାତିକ ସ୍ତରରେ ହେଉ ଆଇନଗତ ବ୍ୟବସ୍ଥାର ବାସ୍ତବ ପ୍ରୟୋଗ କିପରି କରାଯାଇ ମାନବିକ ଅଧିକାରକୁ ସୁରକ୍ଷା ଦିଆଯିବ ସେ କ୍ଷେତ୍ରରେ ଏଥିରୁ କିଛି ଦିଗ୍‌ଦର୍ଶନ ମିଳିପାରିବ । ଦେଶରେ ରହିଥିବା ଆଇନଗତ ବ୍ୟବସ୍ଥା ଓ ନ୍ୟାୟ ପ୍ରତିଷ୍ଠା ଜନିତ ବିଧିବିଧାନ ଉପରେ ଏହା ଆମର ପ୍ରକୃତ ଜ୍ଞାନ ଓ ପ୍ରଣାଳୀଗତ ଜ୍ଞାନ ବିଷୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇପାରିବ । ଏହା ଫଳରେ ଦଳିତ ଓ ଆଦିବାସୀ ଗୋଷ୍ଠୀ ଭିତରେ ମୌଳିକ ପରିବର୍ତ୍ତନ ଆଣିବାରେ ସହାୟକ ହେବ । ଏହି ପୁସ୍ତକଟି ଗଣତାନ୍ତ୍ରିକ ବ୍ୟବସ୍ଥା ଓ ବୈଧାନିକ କ୍ଷେତ୍ର କିପରି, କିପରି ମାନବିକ ଅଧିକାର ପାଇଁ ଭିତ୍ତି ଯୋଗାଇ ପାରିବ ସେ ସମ୍ବନ୍ଧରେ କିଛି ଆଲୋକପାତ କରିପାରିବ । ଦଳିତ, ଆଦିବାସୀ, ମହିଳା, ଶିଶୁ, ଯୁବଗୋଷ୍ଠୀ ଓ ଜନଗଣଙ୍କର ମାନବିକ ଅଧିକାରକୁ ସୁରକ୍ଷା ଦେବା ସହ ଏକ ଭେଦଭାବ ମୁକ୍ତ ଭାରତବର୍ଷ ଗଠନ ଦିଗରେ ଏହି ପୁସ୍ତକଟି ଯେ ପ୍ରେରଣା ସୃଷ୍ଟି କରିବ ମୁଁ ଏହା ଆଶାପୋଷଣ କରେ ।

Digitized by srujanika@gmail.com

ମୁଖବନ୍ଧ

ଡ. ଭି.ଏ. ରମେଶ ନାଥନ
ସାଧାରଣ ସଚିବ
ନେସ୍‌ନାଲ ଦଳିତ ମୁଭ୍‌ମେଣ୍ଟ ଫର ଜଷ୍ଟିସ୍
ନେସ୍‌ନାଲ କ୍ୟାମ୍ପେନ୍ ଅନ୍ ଦଳିତ ହ୍ୟୁମାନ୍ ରାଇଟ୍‌ସ

ଜନବାଦୀ ଆନ୍ଦୋଳନ ଓ ନାଗରିକ ସମାଜ ସଂଗଠନ ବା ସିଏସ୍‌ଓଙ୍କ ସହାୟତାରେ ସାମାଜିକ ବହିଷ୍କୃତ ଲୋକଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ସମାଜ କର୍ମୀମାନଙ୍କର ସଂଗଠନ ହେଉଛି ସ୍ୱାଧୀକାର । ସ୍ୱାଧୀକାର ହେଉଛି ଦଳିତମାନଙ୍କର ମାନବିକ ଅଧିକାର ପାଇଁ ଜାତୀୟ ଅଭିଯାନ (ନେସ୍‌ନାଲ କ୍ୟାମ୍ପେନ୍ ଅନ୍ ଦଳିତ ହ୍ୟୁମାନ୍ ରାଇଟ୍‌ସ) । ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଜାତିଗତ କାରଣରୁ ଭେଦଭାବର ଶିକାର ହେଉଥିବା ଲୋକମାନଙ୍କର ଅଧିକାର ପାଇଁ ସ୍ୱାଧୀକାର କାର୍ଯ୍ୟ କରିଆସୁଛି । ୧୯୯୮ରୁ ଗଠିତ ହୋଇଥିବା ସ୍ୱାଧୀକାର ଏହାର ଗଠନ ପରଠାରୁ ଭାରତର ଦଳିତ ଓ ଆଦିବାସୀଙ୍କର ସାମାଜିକ-ଅର୍ଥନୈତିକ ଅଧିକାର ସହ ନାଗରିକ ଓ ରାଜନୈତିକ ଅଧିକାର ପାଇଁ ପ୍ରୟାସ କରୁଛି । ଏକ ଦଶନ୍ଧିରୁ ଅଧିକ କାଳ ହେବ ବିଭିନ୍ନ ଏନ୍‌ଜିଓମାନଙ୍କ ସହ ସଂଯୋଗ ସ୍ଥାପନ କରି ଏହା ମାନବିକ ଅଧିକାର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି । ଜାତିଗତ ଭେଦଭାବକୁ ଲୋକଲୋଚନକୁ ଆଣିବାରେ ତଥା ମାନବିକ ଅଧିକାରରୁ ବଞ୍ଚିତ ହେଉଥିବା ଲୋକଙ୍କୁ ଅନ୍ୟାୟ ବିରୁଦ୍ଧରେ ସଂଗଠିତ ହୋଇ ସ୍ୱର ଉଠାଇବାରେ ଏବଂ ଏ କ୍ଷେତ୍ରରେ ପ୍ରଶାସନକୁ ସଚେତନ କରାଇବାରେ ଏହି ସଂଗଠନ କାର୍ଯ୍ୟ କରୁଛି । ଏହା ସହିତ ସରକାରଙ୍କ ବିତ୍ତୀୟ ସ୍ୱଚ୍ଛତା, ମହିଳାମାନଙ୍କ କ୍ଷେତ୍ରରେ ନିରପେକ୍ଷତା ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ନେଇ ସରକାରଙ୍କୁ ଉତ୍ତରଦାୟୀ କରିବାକୁ ଏହା କାର୍ଯ୍ୟ କରୁଛି ।

ସମ୍ବିଧାନର ୧୫ ଧାରାନୁଯାୟୀ ଧର୍ମ, ନୃବଂଶତା, ଜାତି, ଲିଙ୍ଗ, ଜନ୍ମସ୍ଥାନ ବା ଅନ୍ୟ ଯେକୌଣସି କାରଣରୁ ଭେଦଭାବକୁ ବାରଣ କରାଯାଇଛି । ଜାତିଗତ କାରଣରୁ ସମାଜରେ ରହିଥିବା ନାନା ସ୍ତରୀୟ ଭେଦଭାବକୁ ଦୂର କରିବାରେ ଏହା ମାର୍ଗଦର୍ଶକ । ତେବେ ସାମ୍ବିଧାନିକ ଆଦର୍ଶଟି ସମାଜରେ ବାସ୍ତବରେ ପ୍ରତିଫଳିତ ହେବା ଏତେ ସହଜ ହୋଇନାହିଁ । ଭାରତୀୟ ସମାଜରେ ଭେଦଭାବ ବିସ୍ତାରିତ ହୋଇ ରହିଛି । ଜାତି, ନୃବଂଶତା, ଧର୍ମ, ଲିଙ୍ଗ, ଶ୍ରେଣୀ, ଭିନ୍ନକ୍ଷମତା, ଆଞ୍ଚଳିକତା, ଭାଷା, ପାରିବାରିକ ବୃତ୍ତି ଇତ୍ୟାଦି ଏକକ ବା ଏକାଧିକ କାରଣରୁ ସମାଜରେ ନାନା ପ୍ରକାର ଭେଦଭାବ ରହିଆସିଛି ।

ବିଶେଷକରି ଦଳିତ ଓ ଆଦିବାସୀମାନେ ସବୁଠାରୁ ଅଧିକ ଭେଦଭାବର ଶିକାର ହୋଇଆସିଛନ୍ତି । ଜାତିଗତ ବ୍ୟବସ୍ଥାକୁ ଧାର୍ମିକ ସ୍ୱୀକୃତି ଦିଆଯାଇ ପବିତ୍ରତା ଆଳରେ ଅସ୍ପୃଶ୍ୟତାକୁ ଗ୍ରହଣ କରାଯାଇଛି । ଜାତି ଆଧାରରେ ସେମାନେ ଅତ୍ୟନ୍ତ ଅମାନବିକ ଭାବରେ ଭେଦଭାବର ସମ୍ମୁଖୀନ ହୋଇଛନ୍ତି । ଅସ୍ପୃଶ୍ୟତା, ସାମାଜିକ ବହିଷ୍କାର ଓ ଭେଦଭାବ ଜନିତ କାରଣରୁ ମାନବିକ ଅଧିକାର ନାନା ଭାବରେ ଭୂଲୁଣ୍ଠିତ ହେବା ଭାରତୀୟ ସମାଜରେ ଏକ ସାଧାରଣ ଉପଲବ୍ଧି ।

Digitized by srujanika@gmail.com

ଦଳିତମାନେ ଜାତିଗତ ପରିଚୟ ଓ ସାମାଜିକ ସ୍ଥିତି ଯୋଗୁଁ ବହୁ ଅସମ୍ମାନ ଓ ଅତ୍ୟାଚାରର ସମ୍ମୁଖୀନ ହୁଅନ୍ତି । ସମସ୍ତ ପ୍ରକାର ହୀନ କାର୍ଯ୍ୟ କରିବାକୁ ସେମାନଙ୍କୁ ବାଧ୍ୟ କରାଯାଏ ଓ ଏହା କରିବା ଯେ ସେମାନଙ୍କର ଭାଗ୍ୟ ଲିଖନ ଏହି ବିଶ୍ୱାସ ସେମାନଙ୍କୁ ଦିଆଯାଏ । ଜମି, ଜଳ, ଜୀବିକା ପାଇଁ ହେଉ କିମ୍ୱା ଧାର୍ମିକ ଓ ସାଂସ୍କୃତିକ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ହେଉ, ଯେତେବେଳେ ସେମାନେ ନିଜର ଅଧିକାର ପାଇଁ ସ୍ୱର ଉଠାନ୍ତି ସେମାନଙ୍କୁ ଅପମାନଜନକ ଭାଷା ଶୁଣିବାକୁ ପଡ଼େ, ଶାରୀରିକ ଆକ୍ରମଣ ଓ ଏପରିକି ବହିଷ୍କାରର ସମ୍ମୁଖୀନ ହେବାକୁ ହୋଇଥାଏ । ନିର୍ବାଚନବେଳେ ଭୋଟ ଦେବା ବା ନିର୍ବାଚନରେ ଅଂଶଗ୍ରହଣ କରୁଥିବା ବେଳେ ବି ସେମାନେ ଅସମ୍ମାନିତ ହୁଅନ୍ତି । ଦଳିତ ମହିଳାମାନେ ଧର୍ଷିତା ହେବା ବା ଧର୍ଷଣ ପରେ ସେମାନଙ୍କୁ ହତ୍ୟା କରାଯିବାର ନାନା କରୁଣ କାହାଣୀ ରହିଛି । ଦଳିତମାନଙ୍କ ଉପରେ ନାନା ଅତ୍ୟାଚାର ଯଥା ମଣିଷର ବିଷ୍ଠା ଖାଇବାକୁ ସେମାନଙ୍କୁ ବାଧ୍ୟ କରିବା, ସେମାନଙ୍କ ଉପରେ ଶାରୀରିକ ଅତ୍ୟାଚାର କରାଯିବା, ସେମାନଙ୍କର ଘର ଜାଳିଦେବା, ସେମାନଙ୍କୁ ହତ୍ୟା କରିବା ପରି ଜଘନ୍ୟ ଘଟଣାମାନ ଆମ ସମାଜରେ ଏବେ ବି ଘଟିଚାଲିଛି ।

ଯୁଗ ଯୁଗ ଧରି ମହିଳାମାନେ ମଧ୍ୟ ପୁରୁଷମାନଙ୍କ ଦ୍ୱାରା ଶୋଷିତ, ଅତ୍ୟାଚାରିତ, ଅସମ୍ମାନିତ ଓ ଅପମାନିତ ହୋଇଆସିଛନ୍ତି । ତେବେ ଅନ୍ୟ ମହିଳାମାନଙ୍କ ଅପେକ୍ଷା ଦଳିତ ମହିଳାମାନଙ୍କର ସ୍ଥିତି ଆହୁରି ଶୋଚନୀୟ । ଉଚ୍ଚ ଜାତିର ଲୋକାମାନେ ଦଳିତ ପୁରୁଷଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ ଦଳିତ ମହିଳାଙ୍କୁ ଧର୍ଷଣ କରିବା, ଗାଳିଦେବା, ଅସମ୍ମାନିତ କରିବାକୁ ଗର୍ବ କରିଥାନ୍ତି । ଦଳିତ ପରିବାରର କୌଣସି ପୁରୁଷ ବ୍ୟକ୍ତି ଆତ୍ମଗୋପନ କରିଥିବାବେଳେ ମହିଳାମାନେ ହିଁ ଅତ୍ୟାଚାରର ଶିକାର ହୁଅନ୍ତି । ଅଗଣିତ ଦଳିତ କିଶୋରୀ ଝିଅମାନଙ୍କୁ ଧାର୍ମିକ ପରମ୍ପରା ନାମରେ ବେଶ୍ୟାବୃତ୍ତି କରିବାକୁ ବାଧ୍ୟ କରାଯାଏ । ଦେବଦାସୀ ପ୍ରଥା, ଆନ୍ଧ୍ରର ଯୋଗିନ୍ ପରମ୍ପରା ଇତ୍ୟାଦିରେ ମନ୍ଦିରର ଦିଅଁଙ୍କୁ ଝିଅମାନଙ୍କୁ ସମର୍ପି ଦିଆଯାଏ ଓ ପରେ ସେମାନେ ବେଶ୍ୟାବୃତ୍ତିରେ ଶୋଷିତ ହୁଅନ୍ତି । ଗାଳିଗୁଲଜ, ଶାରୀରିକ ଅତ୍ୟାଚାର, ଯୌନ ଶୋଷଣ, ପାରିବାରିକ ହିଂସା, ଧର୍ଷଣ ଇତ୍ୟାଦିରେ ଯେତେ ମହିଳା ଅତ୍ୟାଚାରିତା ହୁଅନ୍ତି, ସେମାନଙ୍କ ମଧ୍ୟରେ ଦଳିତ ମହିଳାଙ୍କ ସଂଖ୍ୟା ସର୍ବାଧିକ ହେବା ଜଣାଯାଏ ।

ଦଳିତ ପିଲାମାନେ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ନାନା ହିଂସା ଓ ଭେଦଭାବର ସମ୍ମୁଖୀନ ହୁଅନ୍ତି । ପରିଣାମ ସ୍ୱରୂପ ଅନେକ ଦଳିତ ପିଲା ପାଠପଢ଼ା ଛାଡ଼ିଦିଅନ୍ତି । ଗୁଣାତ୍ମକ ଶିକ୍ଷାନୁଷ୍ଠାନରେ ପଢ଼ିବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଥାଏ ଓ ପ୍ରାଥମିକ ଶିକ୍ଷା ସ୍ତରରୁ ସେମାନେ ବୈଷମ୍ୟର ସମ୍ମୁଖୀନ ହୁଅନ୍ତି ।

Digitized by srujanika@gmail.com

ଶିକ୍ଷାନୁଷ୍ଠାନମାନଙ୍କରେ ଦଳିତ ପିଲାମାନେ କିପରି ଭେଦଭାବର ସମ୍ମୁଖୀନ ହୁଅନ୍ତି ସେ ସମ୍ପର୍କରେ ଅନୁସନ୍ଧାନ ଦ୍ୱାରା ବହୁ ତଥ୍ୟ ରହିଛି । କେତେକ ଶିକ୍ଷାନୁଷ୍ଠାନରେ ଶ୍ରେଣୀଗୃହର ଶେଷ ଧାଡ଼ିରେ ବସିବାକୁ ସେମାନଙ୍କୁ କୁହାଯାଏ, ସେମାନଙ୍କୁ କୌଣସି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଦିଆଯାଏ ନାହିଁ, ସ୍କୁଲର ମଧ୍ୟାହ୍ନ ଭୋଜନ ଇତ୍ୟାଦିରେ ସେମାନଙ୍କ ପ୍ରତି ଭେଦଭାବ କରାଯାଏ, ପାଣି ପିଇବାରେ ବି ବାଛବିଚାର କରାଯାଏ ଓ ଏହିପରି ବହୁ ସ୍ତରରେ ସେମାନେ ଭେଦଭାବକୁ ସାମ୍ନା କରନ୍ତି । ଦଳିତ ଝିଅମାନେ ହୁଏତ ଅଧାରୁ ପାଠ ଛାଡ଼ନ୍ତି, କିମ୍ବା ନାନା ଭେଦଭାବର ସମ୍ମୁଖୀନ ହେଉଥିବା ଯୋଗୁଁ ବହୁ ମାନସିକ ଚାପରେ ରହନ୍ତି । ଗାଳିମନ୍ଦ ଶୁଣିବା ସହ ନାନା ପ୍ରକାର ଉତ୍ପୀଡ଼ନ ସେମାନେ ସହ୍ୟ କରନ୍ତି । ଏପରିକି କେତେକ ଦୁଷ୍କର୍ମର ଶିକାର ହୁଅନ୍ତି ଓ ଆତ୍ମହତ୍ୟା କରନ୍ତି । ସେମାନଙ୍କୁ ଉଚ୍ଚଜାତିର ଶିକ୍ଷକ ଓ ପିଲାମାନେ ନିର୍ଯ୍ୟାତନା ଦେଇଥାନ୍ତି ।

ଆନ୍ତର୍ଜାତିକ ସ୍ତରର ନିୟମ ଓ ଆମର ସାମ୍ବିଧାନିକ ସୁରକ୍ଷା ସତ୍ତ୍ୱେ ଆମ ଦେଶର ସାମାଜିକ ଦୃଶ୍ୟପଟରେ ମାନବିକ ଅଧିକାରର ନିଚ୍ଛକ ଉଲଂଘନ ଏକ ସାଧାରଣ ଘଟଣା । ଦଳିତ ଗୋଷ୍ଠୀଙ୍କୁ ସକାରାତ୍ମକ କାର୍ଯ୍ୟ ଓ ବିଭିନ୍ନ ଆଇନ ସହାୟତାରେ ନ୍ୟାୟ ଦେବାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେସବୁ କେବଳ ପୋଥିଗତ ବ୍ୟବସ୍ଥା ଭିତରେ ସୀମିତ ରହିଛି । ବାସ୍ତବରେ ସେଗୁଡ଼ିକ ପ୍ରକୃତ ପକ୍ଷେ କାର୍ଯ୍ୟକାରୀ ହୋଇପାରୁନାହିଁ । ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ନାଗରିକ ଓ ରାଜନୈତିକ ଜୀବନର ସମସ୍ତ ସ୍ତରରେ ଦଳିତମାନେ ଜାତିଗତ ଭେଦଭାବର ଶିକାର ହୋଇଆସୁଛନ୍ତି ।

ମାନବିକ ଅଧିକାରକୁ ସୁରକ୍ଷା ଦେବାପାଇଁ କାର୍ଯ୍ୟ କରୁଥିବା ସାମାଜିକ କର୍ମୀମାନେ ଏହି କ୍ଷେତ୍ରରେ ନାନା ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଯେଉଁ ଅଧିକାର ପାଇଁ ସେମାନେ ସ୍ୱର ଉତ୍ତୋଳନ କରିଥାନ୍ତି ସେସବୁକୁ ବିବାଦୀୟ କରାଯାଏ । ସାମାଜର ପ୍ରତିଷ୍ଠିତ ବୈଷମ୍ୟ ଓ ସାମାଜିକ-ଅର୍ଥନୈତିକ ଅସମତା ବିରୁଦ୍ଧରେ ସେମାନେ ମୁହଁ ଖୋଲୁଥିବାରୁ ତାହା ସହଜରେ ଗ୍ରହଣଯୋଗ୍ୟ ହୋଇପାରେ ନାହିଁ । ଦଳିତ ଅଧିକାର ସୁରକ୍ଷା ପାଇଁ ଯେତେବେଳେ ସେମାନେ ଦଳିତଙ୍କ ଉପରେ ହେଉଥିବା ଅତ୍ୟାଚାର, ଅନ୍ୟାୟ, ଶୋଷଣ, ଭେଦଭାବ ଓ ହିଂସା ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାନ୍ତି ବା ସେମାନଙ୍କୁ ନ୍ୟାୟ ଦେବାପାଇଁ ଦାବି କରନ୍ତି ସେମାନେ ନାନା ପ୍ରତିକୂଳ ସ୍ଥିତିର ସାମ୍ନା କରନ୍ତି । ଦଳିତମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଭେଦଭାବ ପାଇଁ ଯେଉଁ ସରକାରୀ ଅଫିସର ଓ ସମାଜର

Digitized by srujanika@gmail.com

ପ୍ରଭାବଶାଳୀ ଲୋକାମାନେ ଦାୟୀ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରୁଥିବାରୁ ମାନବିକ ଅଧିକାର କର୍ମୀମାନଙ୍କର ଓ ସେମାନଙ୍କ ପରିବାରର ସୁରକ୍ଷା ମଧ୍ୟ ବିପଦ ଘେରକୁ ଆସିଥାଏ ।

ଦଳିତ, ଆଦିବାସୀ, ମହିଳା, ଶିଶୁ ବା ପୀଡ଼ିତ ଲୋକମାନଙ୍କର ଅଧିକାର ଓ ନ୍ୟାୟ ପାଇଁ ଯେଉଁ ମାନବିକ ଅଧିକାର ସମର୍ଥକ, ସମାଜ କର୍ମୀ, ନାଗରିକ ସମାଜ ସଂଗଠନର ବ୍ୟକ୍ତିମାନେ କାର୍ଯ୍ୟ କରୁଛନ୍ତି ସେମାନେ କିପରି ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି ତାହା ଅନୁଭବର ବିଷୟ । ପ୍ରତ୍ୟେକ ସ୍ତରରେ ପ୍ରତିବନ୍ଧକ ଆସେ । କୌଣସି ଘଟଣାକୁ ପୁଲିସ ପାଖରେ ପଞ୍ଜୀକୃତ କରିବାରେ, ଘଟଣାର ଅନୁସନ୍ଧାନ କ୍ଷେତ୍ରରେ, ଚାର୍ଜସିଟ୍ କରିବାରେ, ଘଟଣାର ଶୁଣାଣିବେଳେ ଓ କୋର୍ଟ କଚେରୀରେ ମୋକଦ୍ଦମା ଚଳାଇବାରେ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧାକୁ ସାମ୍ନା କରିବାକୁ ହୁଏ । ଆମର ଅପରାଧିକ ନ୍ୟାୟ ବ୍ୟବସ୍ଥା ଅତି ଜଟିଳ, ଏହି ଦୃଷ୍ଟିରୁ ଘଟଣାର ଅନୁସନ୍ଧାନ, ଗିରଫଦାରୀ, କ୍ଷତିପୂରଣ ସବୁ ସ୍ତରରେ ସମସ୍ୟା ରହିଥାଏ ।

ଏହି ବିଗତ ବର୍ଷଗୁଡ଼ିକ ଭିତରେ ଅନୁସୂଚୀତ ଜାତି ଓ ଜନଜାତିର ଲୋକମାନେ ବିଭିନ୍ନ ସ୍ତରରେ ସଂଗ୍ରାମ କରି ନିଜକୁ ସଂଗଠିତ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏକ ଶ୍ରେଣୀ ଅନୁଭବ କରିଛନ୍ତି ଯେ ସେମାନେ ଏକ ବହିଷ୍କୃତ ଗୋଷ୍ଠୀ ଓ ଏକ ଆତ୍ମପରିବର୍ତ୍ତନ ପାଇଁ ଆଶା ପୋଷଣ କରିଛନ୍ତି । ଏହି ତିନି ଦଶନ୍ଧି ଭିତରେ ଏକ ଅଗ୍ରଗାମୀ ଗୋଷ୍ଠୀ ସଂଗଠନ ଗୋଷ୍ଠୀ ନେତୃତ୍ୱ ସଂଗଠନ (କମ୍ୟୁନିଟି ଲେଡ୍ ଅର୍ଗାନାଇଜେସନ ବା ସିଏଲଓ) ଭାବେ ନିଜକୁ ବିକଶିତ କରାଇଛନ୍ତି । ଜାତି, ନୃବଂଶୀୟ ଶ୍ରେଣୀ, ଲିଙ୍ଗ, ବିଶ୍ୱାସ ଆଧାରରେ ହେଉଥିବା ଭେଦଭାବର ମୁକାବିଲା ପାଇଁ ସେମାନେ ନିଜସ୍ୱ ଶକ୍ତି ସଂଗ୍ରହ କରିଛନ୍ତି । ସେମାନଙ୍କ ସମସ୍ୟା ସମ୍ପର୍କରେ ଅନ୍ୟମାନେ ସ୍ୱର ଉତ୍ତୋଳନ ନ କରି ସେମାନେ ନିଜେ କରିବାକୁ ପ୍ରୟାସ କରିଛନ୍ତି । ତେବେ ଆଇନ ପ୍ରଣୟନ କ୍ଷେତ୍ରରେ, ଆଇନଗତ ସୁରକ୍ଷା ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କୁ ଉପଲବ୍ଧ ହେବା ନିମନ୍ତେ, ଆଇନର ପରିସର ଭିତରେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା କ୍ଷେତ୍ରରେ ଜାତୀୟ ସ୍ତରରେ ସେମାନଙ୍କର ସ୍ୱରକୁ ଦୃଢ଼ କରିବାକୁ ସେମାନଙ୍କ ସଂଗ୍ରାମ କ୍ଷେତ୍ରରେ ସେମାନଙ୍କୁ କିଛିଟା ମାର୍ଗଦର୍ଶନ ଆବଶ୍ୟକ ।

ଏହି ପୃଷ୍ଠଭୂମିରେ ମାନବିକ ଅଧିକାର ବିଷୟରେ ଏକ ପ୍ରଶିକ୍ଷଣ ପୁସ୍ତିକାର ଆବଶ୍ୟକତା ରହିଛି । ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ରହିଥିବା ନିୟମ, ବିଧିବ୍ୟବସ୍ଥା ଓ ଅନୁସୂଚୀତ ଜାତି, ଜନଜାତି,

Digitized by srujanika@gmail.com

ମହିଳା, ଶିଶୁମାନଙ୍କର ଅଧିକାର ବିଷୟକୁ ନେଇ ଏକ ମାର୍ଗଦର୍ଶିକା ପୁସ୍ତକ ବେଶ୍ ଉପଯୋଗୀ ମନେହୁଏ । ଏହି ପ୍ରସଙ୍ଗ ଉପରେ ବାସ୍ତବ ଜ୍ଞାନ ଦେବା, ବିଭିନ୍ନ କୌଶଳ ବିଷୟରେ ସୂଚନା ପ୍ରଦାନ କରିବା, ଏହାର ପ୍ରସାରଣ ଓ ଅଭିମତ କ୍ଷେତ୍ରରେ ଲବିର ପ୍ରୟୋଜନୀୟତା ନେଇ ସଚେତନତା ସୃଷ୍ଟି କରିବା ପୁସ୍ତକଟିର ଉଦ୍ଦେଶ୍ୟ । ସଂବାଳୁଆରୁ ପ୍ରଜାପତିର ପରିବର୍ତ୍ତନ ପରି ସାମାଜିକ ପରିବର୍ତ୍ତନ ପାଇଁ ଗୋଷ୍ଠୀ ଭିତରେ ସଚେତନତା, ବିକାଶ ସହ ଲୋକମାନଙ୍କୁ ସଂଗଠିତ କରିବା, ଲୋକଙ୍କ ଶକ୍ତି ବୃଦ୍ଧି କରିବା ପାଇଁ ଅନେକ ଉଦ୍ୟମ ଦରକାର । ଏହା ଫଳରେ ସକଳ ପ୍ରତିକୂଳତାକୁ ପ୍ରତିହତ କରି ଲୋକମାନଙ୍କ ଭିତରେ ଅଧିକାର ନେଇ ସଚେତନତା ସୃଷ୍ଟି ହେବ ।

ମାନବିକ ଅଧିକାର ସମ୍ପର୍କରେ ଏକ ପ୍ରଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରିବା କ୍ଷେତ୍ରରେ ଯେଉଁମାନେ ସହଯୋଗ ଦେଇଛନ୍ତି, ମୁଁ ସେମାନଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଛି । ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ରହିଥିବା ବିଧାନମାନଙ୍କୁ ଏଥିରେ ସ୍ଥାନୀତ କରିବାରେ ମିସ୍ ଜେସିଂଥ ମେରୀ ଓ ମିସ୍ ନାଲୋରୀ କେମା ଯେଉଁ ତଥ୍ୟ ସଂକଳନ କରି ଦେଇଛନ୍ତି ମୁଁ ସେମାନଙ୍କୁ ମୋର ଧନ୍ୟବାଦ ପ୍ରଦାନ କରୁଛି । ଇୟୁ ପ୍ରୋଜେକ୍ଟର ରାଜ୍ୟ ଅଧିକାରୀ ଏହି ପୁସ୍ତକ ପାଇଁ ଦେଉଥିବା ଆବଶ୍ୟକୀୟ ସୂଚନା ପାଇଁ ଧନ୍ୟବାଦ ଜଣାଉଛି । ଜାତୀୟ ସ୍ତରର ସମସ୍ତ ସଭ୍ୟ ଶ୍ରୀ କମଲ ଚାନ୍ଦ, ଶ୍ରୀ ରାହୁଲ ସିଂହ, ମିସ୍ ଅବିରାମୀ, ମିସ୍ ଜୁଡ଼ିଥ, ମିସ୍ ସୂଚୀତା ଓ ଶ୍ରୀ ଆସ୍ଲାମଙ୍କୁ ମଧ ଧନ୍ୟବାଦ ଜ୍ଞାପନ କରୁଛି । ଆମର ସହଯୋଗୀ ମିସ୍ ସରନ୍ୟା ଓ ମିସ୍ କୃତିକାଙ୍କର ସାହାଯ୍ୟ ପାଇଁ ସାଧୁବାଦ ଜଣାଉଛି । ସ୍ୱାଧୀକାରର ସଚିବ ଶ୍ରୀ ପଲ୍ ଦିବାକରଙ୍କୁ ତାଙ୍କର ମୂଲ୍ୟବାନ ପରାମର୍ଶ ପାଇଁ କୃତଜ୍ଞତା ଜଣାଉଛି । ଦଳିତ ଅଧିକାର ପାଇଁ ଉତ୍ସର୍ଗୀକୃତ ଭାବେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ମୁଁ ସ୍ୱତନ୍ତ୍ର ଭାବେ ମୋର ଧନ୍ୟବାଦ ଜ୍ଞାପନ କରୁଛି । ଏହି ପୁସ୍ତକଟି ଯେଉଁମାନଙ୍କର ପ୍ରେରଣା ଯୋଗୁଁ ସମ୍ଭବ ହୋଇଛି ସେ ସମସ୍ତେ ହିଁ ମୋର ଧନ୍ୟବାଦର ପାତ୍ର । ଶେଷରେ ଦଳିତ ଅଧିକାର ପାଇଁ ସହାନୁଭୂତିର ସହ ହାତ ବଢ଼ାଉଥିବା ଓ ଯେଉଁମାନେ ଏହି ପୁସ୍ତକ ପ୍ରକାଶନ ପାଇଁ ସହଯୋଗ ଦେଇଥିବା ସମସ୍ତ ସାଥୀମାନଙ୍କୁ ମୋର ଅନେକ ଧନ୍ୟବାଦ ଜ୍ଞାପନ କରୁଛି ।

Digitized by srujanika@gmail.com

୧. ମାନବିକ ଅଧିକାର : ଏକ ଦୃଷ୍ଟିପାତ

ମାନବିକ ଅଧିକାର : ଉପକ୍ରମ

ମାନବିକ ଅଧିକାର : ଭାବନା ଓ ଶ୍ରେଣୀ ବିଭାଗ

ନାଗରିକ, ରାଜନୈତିକ, ଆର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର

ମାନବିକ ଅଧିକାର : ପ୍ରକାରଭେଦ

Digitized by srujanika@gmail.com

୧.୧ ମାନବିକ ଅଧିକାର : ଉପକ୍ରମ



- ଆନ୍ତର୍ଜାତିକ ଆଇନଗତ ସୁରକ୍ଷା
- ନାଗରିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ ଓ ସାମାଜିକ
- ମାନବିକ ମୂଲ୍ୟବୋଧର ସୁରକ୍ଷା (ସ୍ୱତନ୍ତ୍ରତା, ସମତା, ମର୍ଯ୍ୟାଦା)
- ବ୍ୟକ୍ତି ଓ କିଛି ପରିମାଣରେ ଗୋଷ୍ଠୀଗୁଡ଼ିକ ପାଇଁ ଉପଲବ୍ଧ
- ଆନ୍ତର୍ଜାତିକ ଆଦର୍ଶ ମାନାଙ୍କ ଦ୍ୱାରା ଦୃଢ଼ୀଭୂତ
- ରାଷ୍ଟ୍ରଗୁଡ଼ିକ ଉପରେ ଆଇନଗତ ଭାବରେ ଅବଧାରିତ

ମାନବିକ ଅଧିକାର କ'ଣ ?

ଜଣେ ମଣିଷ ହିସାବରେ ଜୀବନଧାରଣ କରିବା ପାଇଁ ଜଣେ ବ୍ୟକ୍ତି ଯେଉଁ ମୌଳିକ ଓ ଅବିଚ୍ଛେଦ୍ୟ ଅଧିକାର ଉପଭୋଗ କରିବା ଆବଶ୍ୟକ ତାହା ହିଁ ହେଉଛି ମାନବିକ ଅଧିକାର । ଏହି ପରିଚ୍ଛେଦରେ ମାନବିକ ଅଧିକାର ପ୍ରତ୍ୟୟଟିର ବିଶ୍ଳେଷଣ ସହ ତାହାର ଉତ୍ପତ୍ତି, ଶ୍ରେଣୀ ବିଭାଜନ ଓ କେତେକ ସଂପୃକ୍ତ ପଦର ବ୍ୟାଖ୍ୟା କରାଯାଇଛି । ଜଣେ ବ୍ୟକ୍ତି କୌଣସି ଭେଦଭାବର ଶରବ୍ୟ ନ ହୋଇ ଯେଉଁ ଅଧିକାର ଉପଭୋଗ କରିବା ପାଇଁ ଯୋଗ୍ୟ ତାହାକୁ ତା'ର ଅଧିକାର ବୋଲି ଗ୍ରହଣ କରାଯାଏ ।

ମାନବିକ ଅଧିକାରର ଲକ୍ଷଣ ଓ ତାତ୍ପର୍ଯ୍ୟ

- ❖ ମାନବିକ ଅଧିକାର ଆଇନ ଦ୍ୱାରା ସୁରକ୍ଷିତ ହେବା ଆବଶ୍ୟକ (ଆଇନର ଶାସନ) ।
- ❖ କୌଣସି ବିବାଦ ସୃଷ୍ଟି ହେଲେ ଜଣେ ନିରପେକ୍ଷ ଓ ସମର୍ଥ ଅଧିକାରୀ ଏହାର ବିଚାର କରି ଆଇନଗତ ଦୃଷ୍ଟିରୁ ଏହାର ବିବେଚନା କରିବେ ।
- ❖ ରାଷ୍ଟ୍ରର ମନଇଚ୍ଛା କ୍ଷମତା ପ୍ରୟୋଗ କ୍ଷେତ୍ରରେ ଏହା ଏକ ସୁରକ୍ଷା ବ୍ୟବସ୍ଥା ଦେଇଥାଏ; ସୁତରାଂ ମାନବିକ ଅଧିକାର ହେଉଛି ମଣିଷର ମୌଳିକ ଅଧିକାର ।
- ❖ ମାନବିକ ଅଧିକାରକୁ ଏକ ମାପକାଠି ଭାବେ ଗ୍ରହଣ କରି ତାହାରି ଆଧାରରେ ଆଇନ ପ୍ରଣୟନ କରାଯାଏ ।
- ❖ ମାନବୀୟ ବିକାଶ ପାଇଁ ମାନବିକ ଅଧିକାର ଏକ ମୌଳିକ ପ୍ରାକ୍ ଅବସ୍ଥା । ବ୍ୟକ୍ତି ଓ ରାଷ୍ଟ୍ର ଏବଂ ବ୍ୟକ୍ତିମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ଏହା ଆବଶ୍ୟକ ।
- ❖ ମାନବିକ ଅଧିକାରର ଶୀର୍ଷ ପରିଣତି ହେଲା ବ୍ୟକ୍ତି-ରାଷ୍ଟ୍ର ସମ୍ବନ୍ଧ ।
- ❖ ବ୍ୟକ୍ତିମାନଙ୍କ ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କର ଅଧିକାର ଉଲଂଘିତ ହେଉଥିଲେ ସରକାର ବ୍ୟକ୍ତିମାନଙ୍କ ଅଧିକାରକୁ ସୁରକ୍ଷା ଦେବା ଆବଶ୍ୟକ । ଏହା ମାନବିକ ଅଧିକାର ସମସ୍ତର ଦିଗ । ମଣିଷ ମଣିଷ ଭିତରେ କୌଣସି ପ୍ରକାରର ଭେଦଭାବକୁ ପ୍ରତିବନ୍ଧକ ଲଗାଇବା ରାଷ୍ଟ୍ରର କର୍ତ୍ତବ୍ୟ ।

Digitized by srujanika@gmail.com

୧.୨ ମାନବିକ ଅଧିକାର ପ୍ରତ୍ୟୟ ଓ ଶ୍ରେଣୀ ବିଭାଜନ



୧.୨.୧ ନାଗରିକ, ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର

ନାଗରିକ ଓ ରାଜନୈତିକ ➡ **ଜୀବନ, ନିରାପତ୍ତା, ପୂର୍ଣ୍ଣତା, ମୌଳିକତା, ସ୍ୱାଧୀନତା...**

ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ➡ **ଶିକ୍ଷା, ସ୍ୱାସ୍ଥ୍ୟ, ବୃତ୍ତି, ଖାଦ୍ୟ, ଗୃହ, ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ ।**

ସ୍ୱତନ୍ତ୍ର ଗୋଷ୍ଠୀ ➡ **ଅନୁସୂଚୀତ ଜାତି ଅଧିକାର (ଦଳିତ ଅଧିକାର), ମହିଳା ଅଧିକାର, ମୂଳ ନିବାସୀଙ୍କ ଅଧିକାର, ଶିଶୁ ଅଧିକାର, ଭିନ୍ନକ୍ଷମ ଅଧିକାର, ସ୍ଥାନାନ୍ତରଗାମୀ ଶ୍ରମିକଙ୍କ ଅଧିକାର ।**

ସାମୂହିକ ଅଧିକାର ➡ **ମୁକ୍ତସଂକଳ୍ପ, ବିକାଶ, ପରିବେଶ ।**

ନାଗରିକ ଅଧିକାର : ମାନବିକ ଅଧିକାରର ବିଶ୍ୱ ଘୋଷଣାନାମାରେ କୁହାଯାଇଥିବା ପ୍ରଥମ ଅଠରଟି ଧାରାରେ ଯେଉଁ ସୂଚନା ବ୍ୟକ୍ତ ହୋଇଛି ତାହା ନାଗରିକ ଅଧିକାରର ପରିସରଭୁକ୍ତ । ଏହି ଅଧିକାରରୁ ଅନ୍ୟ କେତେକ ଅଧିକାର ସ୍ୱତଃ ନିଷ୍ପନ୍ନ ହୋଇଯାଏ । ବଞ୍ଚିବାର ଅଧିକାର ଏଥିରେ ସଂପୃକ୍ତ । ଏକ ସ୍ୱାଧୀନ ଓ ନିରପେକ୍ଷ ବିଚାର ସଂସ୍ଥା ବା ଟ୍ରିବୁନାଲ ଲୋକଙ୍କର ଅଭିଯୋଗ ବିଚାର କରିବା ଦରକାର ।

ରାଜନୈତିକ ଅଧିକାର : ମାନବିକ ଅଧିକାରର ବିଶ୍ୱ ଘୋଷଣାନାମାରେ ଯାହା ଧାରା ୧୯ରୁ ୨୧ ପର୍ଯ୍ୟନ୍ତ କୁହାଯାଇଛି । ମତବ୍ୟକ୍ତ କରିବା, ସଂଗଠନ କରିବା ଓ ଏକତ୍ର ହେବାର ଅଧିକାର ।

ଅର୍ଥନୈତିକ ଓ ସାମାଜିକ ଅଧିକାର : ମାନବିକ ଅଧିକାର ବିଶ୍ୱ ଘୋଷଣାର ଧାରା ୨୨ରୁ ୨୬ । ଏକ ସୁସ୍ଥ ଓ ବିକଶିତ ଜୀବନ ପାଇଁ ପ୍ରୟାସ କରିବାର ଅଧିକାର । ଅର୍ଥନୈତିକ ଅଧିକାର ହେଉଛି କାର୍ଯ୍ୟ କରିବାର ଅଧିକାର । ସାମାଜିକ ଅଧିକାରର ତାତ୍ପର୍ଯ୍ୟ ହେଉଛି ଏକ ସୁସ୍ଥ ଜୀବନ ନିର୍ବାହ କରିବା, ଯାହା ଭିତରେ ସ୍ୱାସ୍ଥ୍ୟ, ବାସସ୍ଥାନ, ଖାଦ୍ୟ, ସାମାଜିକ ଯତ୍ନ ଓ ଶିକ୍ଷାର ଅଧିକାର ଆସିଥାଏ ।

ମାନବାଧିକାର ପ୍ରକ୍ରିୟା ପ୍ରଶିକ୍ଷଣ ମାନୁଆଲ

Digitized by srujanika@gmail.com

ସାଂସ୍କୃତିକ ଅଧିକାର : ବିଶ୍ୱ ଘୋଷଣାନାମାର ଧାରା ୨୭ ଓ ୨୮ରେ ଏହା ବ୍ୟକ୍ତ ହୋଇଛି । ଗୋଷ୍ଠୀ ଜୀବନର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁକ୍ତ ଭାବରେ ଅଂଶଗ୍ରହଣ କରିବା, ବୈଜ୍ଞାନିକ ଜ୍ଞାନର ବିକାଶ କରାଇବା ସହ ନୈତିକ ଓ ଭୌତିକ ପ୍ରଗତିର ଅଧିକାର ପାଇବା । ବିଜ୍ଞାନ, ସାହିତ୍ୟ ଓ କଳାର ବିକାଶ ଘଟାଇବାର ଅଧିକାର ଉପଭୋଗ କରିବା ।

୧.୨.୨ ମାନବିକ ଅଧିକାରର ପ୍ରକାରଭେଦ

ମାନବିକ ଅଧିକାରକୁ ତିନି ଶ୍ରେଣୀରେ ବିଭାଜନ କରାଯାଏ ।

ତିନି ଶ୍ରେଣୀୟ ଅଧିକାର : ଷ୍ଟ୍ରାସବର୍ଗଠାରେ ଥିବା ମାନବିକ ଅଧିକାର ଆନ୍ତର୍ଜାତିକ ଅନୁଷ୍ଠାନର କାରେଲ୍ ଭେସକ ତିନିଶ୍ରେଣୀୟ ମାନବିକ ଅଧିକାରର ଭାବନା ପ୍ରଥମେ ପ୍ରଦାନ କରିଥିଲେ । ଫ୍ରାନ୍ସ ରାଷ୍ଟ୍ର ବିପ୍ଳବର ବାର୍ତ୍ତା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭାବନା ଆଧାରରେ ସେ ଏହା କରିଥିଲେ ।

ପ୍ରଥମ ଶ୍ରେଣୀୟ ଅଧିକାର ସ୍ୱାଧୀନତା ସହ ସମ୍ପୃକ୍ତ ଓ ଏହା ନାଗରିକ ଓ ରାଜନୈତିକ ଅଧିକାରର ସୂଚନା ଦିଏ । ଦ୍ୱିତୀୟ ଶ୍ରେଣୀୟ ଅଧିକାର ସମାନତା ସହ ସଂଶ୍ଳିଷ୍ଟ, ଯାହା ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାରକୁ ପ୍ରାଧାନ୍ୟ ଦିଏ । ତୃତୀୟ ଶ୍ରେଣୀୟ ଅଧିକାର ପରସ୍ପର ନିର୍ଭରଶୀଳ ସମସ୍ୱାର୍ଥ ବିଷୟକୁ, ଯାହା ବିକାଶ ବା ପ୍ରଗତି, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ପରିଷ୍କାର ପରିବେଶ ବିଷୟକୁ ଗୁରୁତ୍ୱ ଦେଇଥାଏ । ବିକାଶ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ପରିଷ୍କାର ପରିବେଶ ମଧ୍ୟ ମାନବିକ ଅଧିକାରର ଏକ ସାମୂହିକ ଅଭିବ୍ୟକ୍ତି ।

Digitized by srujanika@gmail.com

କେବଳ ତୃତୀୟ ଶ୍ରେଣୀୟ ଅଧିକାରକୁ ସରକାରୀ ସ୍ୱୀକୃତି ଦିଆଯାଇଛି, ଯାହାର ତାତ୍ପର୍ଯ୍ୟ [illegible] ବିକାଶ; ଯାହା ସହ ବ୍ୟକ୍ତିଗତ ସଂକଳ୍ପର ପ୍ରଶ୍ନ ସଂଶ୍ଳିଷ୍ଟ ନୁହେଁ । (ଜାତିସଂଘ ଡିସେମ୍ବର ୪, [illegible] ଦିନ ବିକାଶର ଅଧିକାରକୁ ସ୍ୱୀକୃତି ଦେଇଛି ଓ ଏହା ପରେ ଭିଏନା ଘୋଷଣାନାମା [illegible] ରେ ଏଥିପାଇଁ କାର୍ଯ୍ୟପନ୍ଥା ପ୍ରକାଶ କରିଛି) । ବ୍ୟକ୍ତିଗତ ଅଧିକାର ଓ ସାମୂହିକ ଅଧିକାର ଉଭୟ [illegible] ଭିଏନା ଘୋଷଣାନାମାରେ ପ୍ରାଧାନ୍ୟ ଦିଆଯାଇଛି । ବ୍ୟକ୍ତିର ଅଧିକାର ଓ ବିକାଶ ସାମାଜିକ [illegible] ପରିପ୍ରେକ୍ଷୀରେ ହିଁ ଦୃଢ଼ ଭିତ୍ତି ନେଇଥାଏ । ମାନବିକ ଅଧିକାର ପାଇଁ ଥିବା ହାଇ କମିଶନ [illegible] ବିକାଶର ଅଧିକାରକୁ ବହୁ ଗୁରୁତ୍ୱ ଦେଇଛି ।

ମାନବିକ ଅଧିକାରର ସାର୍ବଜନୀନତା

ଜାତିସଂଘରେ ମାନବିକ ଅଧିକାରର ବିକାଶ

୧୦ ଡିସେମ୍ବର ୧୯୪୮ : ମାନବିକ ଅଧିକାରର ବିଶ୍ୱ ଘୋଷଣା ।

୧୯୫୧ : ଗଣହତ୍ୟାମୂଳକ ଅପରାଧର ପ୍ରତିରୋଧ ଓ ଦଣ୍ଡ ବିଧାନ ପାଇଁ ସମ୍ମିଳନୀ ଓ ଚୁକ୍ତି ।

୧୯୬୫ : ନୃବଂଶୀୟ ଭେଦଭାବର ବିଲୋପ ସାଧନ ପାଇଁ ଆନ୍ତର୍ଜାତିକ ଚୁକ୍ତି ଓ ସମ୍ମିଳନୀ ।

୧୯୬୬ : ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ନେଇ ଆନ୍ତର୍ଜାତିକ [illegible] ଅନୁମୋଦନ ।

୧୯୬୬ : ନାଗରିକ ଓ ରାଜନୈତିକ ଅଧିକାର ନେଇ ଆନ୍ତର୍ଜାତିକ ସମ୍ମିଳନୀରେ ଅନୁ[illegible]

୧୯୭୯ : ମହିଳାମାନଙ୍କ ପ୍ରତି ହେଉଥିବା ସକଳ ଭେଦଭାବର ବିଲୋପ ନେଇ ସ[illegible] ଅନୁମୋଦନ ।

୧୯୮୪ : ସମସ୍ତ ପ୍ରକାର ଉତ୍ପୀଡ଼ନ, ନିଷ୍ଠୁରତା ଓ ଅମାନବିକ ବ୍ୟବହାର ଏବଂ ଦଣ୍ଡ[illegible] ବିରୁଦ୍ଧରେ ସମ୍ମିଳନୀ ଓ ଚୁକ୍ତି ।

୧୯୮୬ : ବିକାଶ ଅଧିକାରର ଘୋଷଣା ।

Digitized by srujanika@gmail.com

ବିଗତ ପଚାଶ ବର୍ଷ ଭିତରେ ମାନବିକ ଅଧିକାର ଆଇନର ବ୍ୟାଖ୍ୟା କ୍ଷେତ୍ରରେ ଏକ ସାର୍ବଜନୀନ ସହମତି ପ୍ରକାଶ ପାଇଛି । ମୌଳିକ ଅଧିକାରର ସ୍ୱୀକୃତି ଓ ସୁରକ୍ଷା ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ କେତେକାଂଶରେ ଗୃହୀତ ହୋଇଥିଲା । ଏହା ମୁଖ୍ୟତଃ କେତେକ ଦେଶର ସମ୍ବିଧାନ ଓ ଜାତୀୟ ନିୟମ ସ୍ତରରେ ସ୍ୱୀକୃତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରାଜନୀତିଜ୍ଞ ଓ ନାଗରିକ ସମାଜ ଅନୁଭବ କଲେ ଯେ ମାନବିକ ଅଧିକାରକୁ ରାଷ୍ଟ୍ରୀୟ ସ୍ୱୀକୃତି ଦେବା ଯଥେଷ୍ଟ ନୁହେଁ । ସେହି ପରଠାରୁ ମାନବିକ ଅଧିକାର ପ୍ରସଙ୍ଗଟି ବୃହତ୍ତର ପରିବେଶରେ ଓ ଆନ୍ତର୍ଜାତିକ ସନ୍ଧି କ୍ଷେତ୍ରରେ ସ୍ଥାନ ପାଇବାକୁ ଲାଗିଲା ।

ଅକ୍ଟୋବର ୨୪, ୧୯୪୫ରେ ମାନବିକ ଅଧିକାର ପ୍ରସଙ୍ଗଟି ଏକ ସାର୍ବଜନୀନ ନିୟମ ଭାବେ ଆନ୍ତର୍ଜାତିକ ସ୍ତରରେ ଜାତିସଂଘର ଦଲିଲରେ ସ୍ଥାନ ପାଇଲା । ଜାତିସଂଘର ମୁଖବନ୍ଧରେ ତଥା ସମ୍ବିଧାନର ୫୫ ଓ ୫୬ ଧାରାରେ ସମସ୍ତ ରାଷ୍ଟ୍ର ମାନବିକ ଅଧିକାରକୁ ରକ୍ଷା କରିବାକୁ କୁହାଗଲା ।

ଏହି ବର୍ଷମାନଙ୍କ ମଧ୍ୟରେ ମାନବିକ ଅଧିକାର ନେଇ ଏକ ବିଶ୍ୱସ୍ତରୀୟ କାର୍ଯ୍ୟପ୍ରଣାଳୀ ସ୍ଥିର ହୋଇଛି । ମାନବିକ ଅଧିକାରକୁ ଅଗ୍ରାଧିକାର ଦେବା ଓ ଯେଉଁଠି ଏହାର ଉଲ୍ଲଂଘନ ହେଉଛି ତାହାକୁ ପ୍ରତିହତ କରିବାକୁ ବ୍ୟବସ୍ଥା ରହିଛି । ମାନବିକ ଅଧିକାରର ସୁରକ୍ଷା ଓ ଏହାର ଉଲ୍ଲଂଘନର ପ୍ରତିରୋଧ କରିବାକୁ ଆନ୍ତର୍ଜାତିକ ସ୍ତରରେ ଏହାର ଏକ ସାର୍ବଜନୀନ ମାନକ ବିକଶିତ ହୋଇଛି । ବ୍ୟକ୍ତି, ଗୋଷ୍ଠୀ ବା ରାଷ୍ଟ୍ରମାନଙ୍କ ଦ୍ୱାରା ମାନବିକ ଅଧିକାରର ଉଲ୍ଲଂଘନକୁ ପ୍ରତିହତ କରିବାକୁ ମଧ୍ୟ ପ୍ରୟାସ ଜାରି ରହିଛି ।

୧୯୮୯ : ଶିଶୁ ଅଧିକାର ସମ୍ମିଳନୀ ଓ ଚୁକ୍ତି ।

୧୯୯୦ : ସ୍ଥାନାନ୍ତରଗାମୀ ଶ୍ରମିକ ଓ ସେମାନଙ୍କ ପରିବାରର ଅଧିକାର ସୁରକ୍ଷା ସମ୍ମିଳନୀ (୧୯୯୦ରୁ ଅନୁମୋଦିତ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ) ।

୧୯୯୧ : ୨୬ ଅଗଷ୍ଟ, ୧୯୯୧ରେ ବଳପୂର୍ବକ ଉଚ୍ଛେଦ ଓ ସଂଖ୍ୟାଲଘୁ ଶ୍ରେଣୀର ଭେଦଭାବକୁ ପ୍ରତିରୋଧ କରିବା ସହ ସେମାନଙ୍କର ସୁରକ୍ଷା ପାଇଁ ଜାତିସଂଘର ରାଜିନାମା ।

୧୯୯୨ : ବଳପୂର୍ବକ ଅନ୍ତର୍ଦ୍ଧାନ ପ୍ରତିକାର ଘୋଷଣାନାମା ।

ଆନ୍ତର୍ଜାତିକ ସ୍ତରରେ ମାନବିକ ଅଧିକାରର ବିଶ୍ୱ ଘୋଷଣାକୁ ଯେଉଁ ସ୍ୱୀକୃତି ଦିଆଯାଇଛି ତାହାକୁ ପାଳନ କରିବା ଆଇନ ଦୃଷ୍ଟିରୁ ବାଧ୍ୟବାଧକତା ନାହିଁ । ତେବେ ୧୯୪୮ର ମାନବିକ ଅଧିକାରର ବିଶ୍ୱ ଘୋଷଣାନାମା, ୧୯୮୬ର ବିକାଶ ଅଧିକାର ନେଇ ଘୋଷଣାନାମା ଓ ୧୯୯୨ରେ ବଳପୂର୍ବକ ଅନ୍ତର୍ଦ୍ଧାନ କରାଇବାର ସୁରକ୍ଷା ଜନିତ ଘୋଷଣା ମାନବିକ ଅଧିକାର ସୁରକ୍ଷା ନେଇ ସ୍ୱୀକୃତ ଆନ୍ତର୍ଜାତିକ ମାନଦଣ୍ଡ । ବହୁ ରାଷ୍ଟ୍ର ମାନବିକ ଅଧିକାର ନେଇ ଏହି ବିଧାନ ବ୍ୟବସ୍ଥାକୁ ନିଜ ଦେଶର ସମ୍ବିଧାନରେ ବା ଆଇନ ପରିସରରେ ସ୍ୱୀକୃତି ଦେଇଛନ୍ତି ବା ସେସବୁକୁ ଅନ୍ତର୍ଭୁକ୍ତ କରିଛନ୍ତି ।

ଆନ୍ତର୍ଜାତିକ ସନ୍ଧିପତ୍ର ଓ ସମ୍ମିଳନୀର ଚୁକ୍ତିଗୁଡ଼ିକୁ ଯେଉଁ ରାଷ୍ଟ୍ରଗୁଡ଼ିକ ଗ୍ରହଣ କରିଛନ୍ତି, ସେହି ଦେଶରେ ଏହା ଆଇନର ମହତ୍ତ୍ୱ ରଖେ । ମୌଳିକ ମାନବିକ ଅଧିକାରର ସୁରକ୍ଷା ଓ ସେମାନଙ୍କର ବାସ୍ତବ ଉପଲବ୍ଧି କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ପ୍ରୟାସ ପାଇଁ ଜାତିସଂଘ ଏକ ତ୍ରିସ୍ତରୀୟ ବ୍ୟବସ୍ଥାର ସୂତ୍ରପାତ କରିଛି : (କ) ଆନ୍ତର୍ଜାତିକ ମାନଦଣ୍ଡ ପ୍ରତିଷ୍ଠା (ଖ) ମାନବିକ ଅଧିକାରର ସୁରକ୍ଷା ଓ (ଗ) ଜାତିସଂଘର ବୈଷୟିକ ସାହାଯ୍ୟ । ସାଧାରଣ କାର୍ଯ୍ୟପ୍ରଣାଳୀ (ଚୁକ୍ତି ମଣ୍ଡଳ ବା ଟ୍ରିଟି ବଡିଜ୍), ଅତିରିକ୍ତ-ସାଧାରଣ କାର୍ଯ୍ୟପ୍ରଣାଳୀ (ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି, ବିଶେଷଜ୍ଞ ଓ କାର୍ଯ୍ୟଗୋଷ୍ଠୀ) ମାଧ୍ୟମରେ ମାନବିକ ଅଧିକାରର ସୁରକ୍ଷା ନେଇ ଜାତିସଂଘ କେତେକ ବ୍ୟବସ୍ଥା ଗ୍ରହଣ କରିଛି । ସେହିପରି ମାନବିକ ଅଧିକାର ଯେଉଁ କ୍ଷେତ୍ରରେ ଲଂଘନ ହେଉଛି ତାହାର ନିରାକରଣ ପାଇଁ ଜାତିସଂଘ ତାହାର ତଦନ୍ତ କରାଉଛି । ମୋଟ ଉପରେ ମାନବିକ ଅଧିକାରର ସୁରକ୍ଷା ଓ ଏହାର ଲଂଘନ ପାଇଁ କଟକଣା କରିବାକୁ ଜାତିସଂଘ ଆନ୍ତର୍ଜାତିକ ଚାପ ପ୍ରୟୋଗ କରିଆସୁଛି ।

Digitized by srujanika@gmail.com

୨. ମାନବିକ ଅଧିକାରର ଆନ୍ତର୍ଜାତିକ ପ୍ରକ୍ରିୟା

ମାନବିକ ଅଧିକାରର ବିଶ୍ୱଜନୀନ ଘୋଷଣାନାମା

ନାଗରିକ ଓ ରାଜନୈତିକ ଅଧିକାରର ଆନ୍ତର୍ଜାତିକ ଚୁକ୍ତି

ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଧିକାରର ଆନ୍ତର୍ଜାତିକ ସମ୍ମିଳନୀ

ମହିଳା ବିରୋଧୀ ଭେଦଭାବ ବିଲୋପନ ନିମନ୍ତେ ଆନ୍ତର୍ଜାତିକ ସମ୍ମିଳନୀ

ଶିଶୁ ଅଧିକାର ଆନ୍ତର୍ଜାତିକ ସମ୍ମିଳନୀ

ମାନବିକ ଅଧିକାର ସୁରକ୍ଷାକାରୀ ଘୋଷଣାନାମା

ମାନବିକ ଅଧିକାର ସନ୍ଧି ସମିତି

ସାର୍ବଜନୀନ ସାମୟିକ ସମୀକ୍ଷା

Digitized by srujanika@gmail.com

୨.୧ ମାନବିକ ଅଧିକାରର ବିଶ୍ୱଜନୀନ ଘୋଷଣାନାମା



ଏହି ବିଶ୍ୱଜନୀନ ଘୋଷଣାନାମାଟି ସ୍ୱାଧୀନତା, ସମତା ଓ ମର୍ଯ୍ୟାଦାର ଏକ ସାର୍ବଜନୀନ ମାନକ ଦେଇଛି । ଏହା ମଧ୍ୟ ଜୀବନର ମାନ, ଶିକ୍ଷା, ନିଯୁକ୍ତି ଓ ବେତନ, ବିକାଶ, ସାମାଜିକ ନିରାପତ୍ତା, ଆଇନଗତ ସୁରକ୍ଷା ଓ ଆଇନ ଦୃଷ୍ଟିରେ ସମସ୍ତେ ସମାନ ଓ ସମାଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ନେଇ ବିଚାର ବ୍ୟକ୍ତ କରିଛି । ଏହି ଘୋଷଣାନାମା ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ ନୈତିକ ଭାବଧାରା ସୃଷ୍ଟି କରିଛି ଯେ ସମଗ୍ର ପୃଥିବୀରେ ସବୁ ମଣିଷଙ୍କ ପାଇଁ ମାନବିକ ଅଧିକାରର ଏକ ବାତାବରଣ ସୃଷ୍ଟି ହେବା ଆବଶ୍ୟକ । ବିଶେଷକରି ଆନ୍ତର୍ଜାତିକ ଅର୍ଥନୈତିକ ସଂଗଠନ, ବାଣିଜ୍ୟ, ଆନ୍ତରାଷ୍ଟ୍ରୀୟ କର୍ପୋରେସନ ଓ ରାଷ୍ଟ୍ରମାନଙ୍କ ମଧ୍ୟରେ ଢାଞ୍ଚାଗତ ସୁଧାର (Structural adjustment) କ୍ଷେତ୍ରରେ ଏହା ପ୍ରାଧାନ୍ୟ ଦେଇଛି ।

ଏହି ଘୋଷଣାନାମା କ'ଣ ?

ସବୁ ମଣିଷ କେଉଁ ଅଧିକାର ଓ ମୌଳିକ ସ୍ୱାଧୀନତା ଉପଭୋଗ କରିପାରିବେ ସେ ସମ୍ପର୍କରେ ଏହି ଘୋଷଣାନାମା ହେଉଛି ଏକ ଆନ୍ତର୍ଜାତିକ ଦଲିଲ । ଏହି ଘୋଷଣାନାମାଟି ଜାତିସଂଘର ସାଧାରଣ ପରିଷଦରେ ୧୦ ଡିସେମ୍ବର ୧୯୪୮ ଦିନ ଗୃହୀତ ହୋଇଥିଲା । ପୂର୍ବରୁ ଘଟିଯାଇଥିବା ଦୁଇଟି ବିଶ୍ୱଯୁଦ୍ଧର ଅନୁଭୂତି ଆଧାରରେ ପ୍ରଥମ କରି ରାଷ୍ଟ୍ର ସମୂହ ଅପରିବର୍ତ୍ତିତ ମାନବିକ ଅଧିକାର ଉପରେ ସହମତି ପ୍ରକାଶ କରିଥିଲେ ।

ବିଶ୍ୱଜନୀନ ମାନବିକ ଅଧିକାରର ବିଷୟବସ୍ତୁ :

ଧାରା-୧ : ଆମେ ସମସ୍ତେ ମୁକ୍ତ ଓ ସମାନ । ଆମେ ମୁକ୍ତ ହୋଇ ଜନ୍ମ ହୋଇଛେ । ଆମ ସମସ୍ତଙ୍କର ନିଜସ୍ୱ ଭାବନା ଓ ଚିନ୍ତା ରହିଛି । ଆମେ ସମସ୍ତେ ଏକା ପ୍ରକାର ବ୍ୟବହାର ପାଇବା ଦରକାର ।

ଧାରା-୨ : ଭେଦଭାବ କରନ୍ତୁ ନାହିଁ । ଆମ ଭିତରେ ଯାହା ପାର୍ଥକ୍ୟ ଥାଉ ନା କାହିଁକି ମାନବିକ ଅଧିକାର ସମସ୍ତ ବ୍ୟକ୍ତି ଉପଭୋଗ କରିପାରିବେ ।

Digitized by srujanika@gmail.com

ଜାତିସଂଘର ମାନବିକ ଅଧିକାର ଘୋଷଣାନାମାର ଜନ୍ମ :

ଏଲେନୋର ରୁଜଭେଲ୍ଟ ମାନବିକ ଅଧିକାରର **ବିଶ୍ୱ ଘୋଷଣା-ନାମାକୁ** ତାଙ୍କର ସର୍ବଶ୍ରେଷ୍ଠ କୃତି ବୋଲି ବିଚାର **କରିଥିଲେ ।**

ଶ୍ରୀମତୀ ରୁଜଭେଲ୍ଟ ଥିଲେ ପୂର୍ବତନ ଆମେରିକା **ରାଷ୍ଟ୍ରପତି** ରୁଜଭେଲ୍ଟଙ୍କର ବିଧବା ପତ୍ନୀ ଓ ମାନବିକ **ଅଧିକାରର ଜଣେ** ବିଶିଷ୍ଟ ପ୍ରବକ୍ତା ।

ତାଙ୍କ ଅଧ୍ୟକ୍ଷତାରେ ମାନବିକ ଅଧିକାର **ବିଷୟରେ ଚିଠା ଦଲିଲ** (ଡ୍ରାଫ୍ଟ) ପ୍ରସ୍ତୁତ କରାଯାଇଥିଲା । ଏହି ଚିଠା ଦଲିଲଟି ୧୦ ଡିସେମ୍ବର ୧୯୪୮ ଦିନ ପ୍ୟାରିସ୍‌ଠାରେ **ଗୃହୀତ ହୋଇଥିଲା ।**

ଧାରା-୩ : **ବଞ୍ଚିବାର ଅଧିକାର ।** ଆମ ସମସ୍ତଙ୍କର ସ୍ୱାଧୀନ ଓ ନିରାପଦ ଜୀବନ ବଞ୍ଚିବାର ଅଧିକାର ରହିଛି ।

ଧାରା-୪ : **ଦାସତ୍ୱ ଅତୀତରେ ବା ବର୍ତ୍ତମାନ ରହିପାରିବ ନାହିଁ ।** କେହି ଆମକୁ ଦାସ କରିବାକୁ ଅଧିକାର ପାଇନାହାନ୍ତି । ଆମେ କାହାକୁ ଆମର ଦାସ କରିପାରିବା ନାହିଁ ।

ଧାରା-୫ : **କୌଣସି ଉତ୍ପୀଡ଼ନ ହୋଇପାରିବ ନାହିଁ ।** ଆମକୁ ଯନ୍ତ୍ରଣା ବା ଉତ୍ପୀଡ଼ନ ଦେବାର ଅଧିକାର କାହାର ନାହିଁ ।

ଧାରା-୬ : **ଆଇନ ଦୃଷ୍ଟିରେ ଆମେ ସମସ୍ତେ ସମାନ ।** ମୋ ପାଇଁ ଆଇନ ଯାହା, ଆପଣଙ୍କ ପାଇଁ ମଧ୍ୟ ଆଇନ ତାହା ।

ଧାରା-୭ : **ଆଇନ ଆମକୁ ସୁରକ୍ଷା ଦିଏ ।** ଆଇନ ସମସ୍ତଙ୍କୁ ଏକାଭଳି ବିଚାର କରିଥାଏ ।

ଧାରା-୮ : **ନିରପେକ୍ଷ କୋର୍ଟରେ ନିରପେକ୍ଷ ବିଚାର ।** ଆମ ପ୍ରତି ଯଦି ନିରପେକ୍ଷ ବିଚାର ହେଉନାହିଁ, ତେବେ ଆମେ ଆଇନର ନିରପେକ୍ଷ ପ୍ରୟୋଗ ପାଇଁ ଦାବି କରିପାରିବା ।

ଧାରା-୯ : **ଅନ୍ୟାୟ ଭାବେ ଅଟକବନ୍ଦୀ କରାଯାଇପାରିବ ନାହିଁ ।** କେହି ଆମକୁ ବିନା କାରଣରେ ବନ୍ଦୀ କରିପାରିବେ ନାହିଁ ବା ଜେଲରେ ରଖିପାରିବେ ନାହିଁ । ସେହିପରି ଆମକୁ ଦେଶରୁ କେହି ବିତାଡ଼ିତ କରିପାରିବେ ନାହିଁ ।

ଧାରା-୧୦ : **ବିଚାରର ଅଧିକାର ।** ଆମକୁ ଯଦି ବିଚାରର ସମ୍ମୁଖୀନ ହେବାକୁ ପଡ଼େ ଏହା ମୁକ୍ତ ଭାବରେ ହେବ । ଯେ ଆମ ବିରୁଦ୍ଧରେ ଅଭିଯୋଗ ଆଣିବେ, ଆମର ବିଚାର କିପରି ହେବ ସେ ସ୍ଥିର କରିବେ ନାହିଁ ।

ଧାରା-୧୧ : **ଜଣେ ଅଭିଯୁକ୍ତ ନ ହେବା ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ଧରାଯିବ ।** ପ୍ରମାଣ ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଜଣେ କରିଛନ୍ତି ବୋଲି ତାଙ୍କୁ ଦୋଷାରୋପ କରାଯାଇପାରିବ ନାହିଁ ।

Digitized by srujanika@gmail.com

ଧାରା-୧୨ : ଏକାନ୍ତତାର ଅଧିକାର । ଆମ ନାମରେ କେହି କଳଙ୍କ ଦେଇପାରିବେ ନାହିଁ । କେହି ଆମ ଗୃହକୁ ଜବରଦସ୍ତ ଆସି ଆମକୁ କିମ୍ବା ଆମ ପରିବାରକୁ ବିନା କାରଣରେ ବ୍ୟସ୍ତ କରିପାରିବେ ନାହିଁ ବା ଆମର ଚିଠିପତ୍ର ପଢ଼ିପାରିବେ ନାହିଁ ।

ଧାରା-୧୩ : ମୁକ୍ତ ବିଚରଣର ଅଧିକାର । ଆମ ଦେଶ ଭିତରେ ଆମେ ଯେଉଁ ସ୍ଥାନକୁ ଚାହିଁବା ଯାଇପାରିବା । ଯାତାୟତ କରିବାର ଅଧିକାର ଆମେ ଉପଭୋଗ କରିବା ।

ଧାରା-୧୪ : ଆଶ୍ରୟ ନେବାର ଅଧିକାର । ଆମ ଦେଶ ଭିତରେ ଯଦି ମନ୍ଦ ବ୍ୟବହାରରେ ଆମେ ଅତିଷ୍ଠ ହେଉ, ତେବେ ନିରାପଦରେ ରହିବାକୁ ଆମେ ଅନ୍ୟ ଦେଶକୁ ଯାଇପାରିବା ।

ଧାରା-୧୫ : ନାଗରିକତ୍ୱର ଅଧିକାର । ଆମେ ଏକ ଦେଶର ନାଗରିକ ହେବା ଅଧିକାର ପାଇବା ।

ଧାରା-୧୬ : ବିବାହ ଓ ପରିବାର । ପ୍ରତ୍ୟେକ ପ୍ରାପ୍ତ ବୟସ୍କ ବ୍ୟକ୍ତି ବିବାହ କରି ପରିବାର କରିବାର ଅଧିକାର ପାଇବ । ପୁରୁଷ ଓ ମହିଳା ନିଜସ୍ୱ ନିଷ୍ପତ୍ତିରେ ବିବାହ କରିପାରିବେ କିମ୍ବା ପରସ୍ପରଠାରୁ ବିଚ୍ଛେଦ ହୋଇପାରିବେ । ଜଣେ ପୁରୁଷ ଯେଉଁ ଅଧିକାର ପାଇବେ, ଜଣେ ମହିଳା ମଧ୍ୟ ସେହି ଅଧିକାର ପାଇପାରିବେ ।

ଧାରା-୧୭ : ନିଜ ଜିନିଷ । ଜଣେ ବ୍ୟକ୍ତି ତାଙ୍କ ଜିନିଷ ରଖିବା ବା ତାହାକୁ ଅନ୍ୟ ସହ ଭାଗ କରିବାର ଅଧିକାର ପାଇବେ । କେହି ଆମଠାରୁ ଆମର ଜିନିଷକୁ ଉପଯୁକ୍ତ କାରଣ ନ ଥାଇ ନେଇଯାଇପାରିବେ ନାହିଁ ।

ଧାରା-୧୮ : ଚିନ୍ତା କରିବାର ଅଧିକାର । ଆମେ ଆମର ବିଶ୍ୱାସ ଅନୁଯାୟୀ ବିଶ୍ୱାସ ରଖିପାରିବା । ଆମେ ଆମର ଧର୍ମ ରଖିପାରିବା ବା ଧର୍ମ ପରିବର୍ତ୍ତନ କରିବାର ଅଧିକାର ପାଇବା ।

ଧାରା-୧୯ : ମତବ୍ୟକ୍ତ କରିବାର ଅଧିକାର । ଆମର ମନୋଭାବ ଓ ଚିନ୍ତା କ୍ଷେତ୍ରରେ ଆମେ ସ୍ୱାଧୀନତା ପାଇବା । ଆମର ଭାବନାକୁ ଆମେ ପ୍ରକାଶ କରିବା ବା ଅନ୍ୟ ସହ ଆଦାନ ପ୍ରଦାନ କରିବାର ଅଧିକାର ଆମର ରହିବ ।

ଧାରା-୨୦ : ସାକ୍ଷାତର ସୁଯୋଗ । ଆମର ସାଥୀ, ବନ୍ଧୁଙ୍କୁ ସାକ୍ଷାତ କରିବା ଓ ଅନ୍ୟ ସହ ଏକାଠି ମିଶି ଆମର ଅଧିକାରକୁ ରକ୍ଷା କରିପାରିବା । ଆମେ ଚାହୁଁ ନ ଥିବା କୌଣସି ଗୋଷ୍ଠୀରେ ଆମକୁ କେହି ବାଧ କରି ସଂପୃକ୍ତ କରିପାରିବେ ନାହିଁ ।

ଧାରା-୨୧ : ଗଣତନ୍ତ୍ରର ଅଧିକାର । ଆମ ଦେଶର ସରକାରୀ ବ୍ୟବସ୍ଥାରେ ଆମେ ଭାଗ ନେଇପାରିବା । ପ୍ରତ୍ୟେକ ସାବାଳକ ବ୍ୟକ୍ତି ନିଜର ନେତା ନିର୍ବାଚନରେ ଭାଗ ନେଇପାରିବ ।

ଧାରା-୨୨ : ସାମାଜିକ ନିରାପତ୍ତାର ଅଧିକାର । ଆମ ସାମର୍ଥ୍ୟ ମଧ୍ୟରେ ଘର କରିବା, ଶିକ୍ଷା, ଶିଶୁ-ଯତ୍ନ, ଚିକିତ୍ସାର ଅଧିକାର ଆମେ ପାଇବା । ରୋଗ ହେଲେ ବା ବାର୍ଦ୍ଧକ୍ୟରେ ଚିକିତ୍ସିତ ହେବାର ଅଧିକାର ଆମର ରହିବ ।

ଧାରା-୨୩ : ଶ୍ରମିକ ଅଧିକାର । ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି କୌଣସି ବୃତ୍ତି ଗ୍ରହଣ କରିବା, ନିଜ ବୃତ୍ତିରେ ଉପଯୁକ୍ତ ପାରିଶ୍ରମିକ ପାଇବା ଓ କୌଣସି ଶ୍ରମିକ ସଂଗଠନ ବା ଟ୍ରେଡ୍ ୟୁନିଅନ୍‌ରେ ସଭ୍ୟ ହେବା ତାଙ୍କର ଅଧିକାର ।

ଧାରା-୨୪ : ବିଶ୍ରାମର ଅଧିକାର । ସମସ୍ତଙ୍କର କାର୍ଯ୍ୟ-ବିରାମ ଓ ବିଶ୍ରାମ କରିବାର ଅଧିକାର ରହିବ ।

Digitized by srujanika@gmail.com

ଧାରା-୨୫ : **ବିଶ୍ରାମ ସ୍ଥାନ ଓ ଖାଦ୍ୟ ।** ଏକ ସୁସ୍ଥ ଜୀବନ ବଞ୍ଚିବା ଆମର ଅଧିକାର । ମା' ଓ ଶିଶୁ, ବୟସ୍କ, ଭିନ୍ନକ୍ଷମ ଏମାନେ ଯତ୍ନ ପାଇବା ଏମାନଙ୍କର ଅଧିକାର ।

ଧାରା-୨୬ : **ଶିକ୍ଷାର ଅଧିକାର ।** ପ୍ରାଥମିକ ଶିକ୍ଷା ଅବୈତନିକ ହେବା ଆବଶ୍ୟକ । ଆମେ କେଉଁ ଶିକ୍ଷା ପାଇବା ତାହା ଆମ ବାପା-ମା'ଙ୍କ ଦାୟିତ୍ୱ । ଜାତିସଂଘ ବିଷୟରେ ଓ ଅନ୍ୟମାନଙ୍କ ବିଷୟରେ ଆମେ ଜାଣିବାର ଅଧିକାର ପାଇବା ।

ଧାରା-୨୭ : **ସଂସ୍କୃତି ଓ ଏକାଧିକାର (କପିରାଇଟ୍) ।** ଜଣଙ୍କର ସାହିତ୍ୟ, କଳା ଓ ସୃଜନାତ୍ମକ ସୃଷ୍ଟିର ଏକାଧିକାର ସେ ପାଇବେ । ତାଙ୍କ ବିନାନୁମତିରେ ଏହା କେହି ନକଲ କରିପାରିବେ ନାହିଁ । ଆମ ଜୀବନଧାରା ଓ କଳା, ବିଜ୍ଞାନ ଓ ଶିକ୍ଷା କ୍ଷେତ୍ରରେ ଆମର ଅଧ୍ୟୟନ କରିବାର ଅଧିକାର ରହିବ ।

ଧାରା-୨୮ : **ଏକ ମୁକ୍ତ ଓ ନ୍ୟାୟସଙ୍ଗତ ପୃଥିବୀ ।** ଆମ ଦେଶରେ ଓ ପୃଥିବୀରେ ଶୃଙ୍ଖଳା ରହିବା ଆବଶ୍ୟକ । ଫଳରେ ଆମର ଅଧିକାର ଓ ସ୍ୱାଧୀନତାକୁ ଆମେ ଉପଭୋଗ କରିପାରିବା ।

ଧାରା-୨୯ : **ଆମ ଦାୟିତ୍ୱ ।** ଆମର ଅନ୍ୟମାନଙ୍କ ପ୍ରତି ଦାୟିତ୍ୱ ମଧ୍ୟ ରହିଛି ଓ ଆମେ ଅନ୍ୟର ଅଧିକାର ଓ ସ୍ୱାଧୀନତାକୁ ସୁରକ୍ଷା ଦେବା ଆବଶ୍ୟକ ।

ଧାରା-୩୦ : ଆମଠାରୁ ଆମର ଅଧିକାର ଓ ସ୍ୱାଧୀନତା କେହି ନେଇଯାଇପାରିବେ ନାହିଁ ।

ମାନବିକ ଅଧିକାର ଚୁକ୍ତିପତ୍ର

ମାନବିକ ଅଧିକାର ଲକ୍ଷ୍ୟ ହାସଲ ପାଇଁ ଓ ଏହାକୁ ପୃଥିବୀରେ ପ୍ରତିଷ୍ଠା କରିବା ପାଇଁ ଜାତିସଂଘର ମାନବିକ ଅଧିକାର କମିଶନ ଦୁଇଟି ସନ୍ଧିପତ୍ରର ଚିଠା ପ୍ରସ୍ତୁତ କରିଥିଲା, ଯାହା ହେଲା :

୧. ନାଗରିକ ଓ ରାଜନୈତିକ ଅଧିକାର ସମ୍ପର୍କିତ ଆନ୍ତର୍ଜାତିକ ସନ୍ଧିପତ୍ର ଓ ଇଚ୍ଛାଧୀନ ସନ୍ଧିପତ୍ର ମଧ୍ୟରେ ସଂଲଗ୍ନ ହେଲା–

(କ) ଏଥିରେ ସଂଶ୍ଳିଷ୍ଟ ଥିବା ୫୩ଟି ଧାରାରେ ଜୀବନଧାରଣ, ସ୍ୱାଧୀନ ମତପୋଷଣ, ଧର୍ମ ଓ ମତଦାନର ଅଧିକାର ରହିଲା ।

(ଖ) ଏହାକୁ ୧୬୭ଟି ରାଷ୍ଟ୍ର ଅନୁମୋଦନ କଲେ ।

୨. ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ସମ୍ପର୍କିତ ଆନ୍ତର୍ଜାତିକ ସନ୍ଧିପତ୍ରରେ ରହିଲା–

(କ) ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସସ୍ଥାନ ସମ୍ପର୍କିତ ବିଷୟ ଏଥିରେ ରହିଲା ।

(ଖ) ଏହାକୁ ୧୬୦ଟି ଦେଶ ଅନୁମୋଦନ କଲେ ।

ମାନବିକ ଅଧିକାର ଘୋଷଣାନାମା ସହ ଏହାକୁ ମାନବିକ ଅଧିକାର ଆନ୍ତର୍ଜାତିକ ବିଧେୟକ (ଇଣ୍ଟରନେସନାଲ୍ ବିଲ୍ ଅଫ୍ ହ୍ୟୁମାନ ରାଇଟ୍ସ) କୁହାଗଲା । ସମସ୍ତ ବ୍ୟକ୍ତିଙ୍କର ଅଧିକାର ଓ ଭେଦଭାବର ପ୍ରତିବନ୍ଧକ କ୍ଷେତ୍ରକୁ ଏହି ଚୁକ୍ତି ପ୍ରସାରିତ ହେଲା ।

ମାନବିକ ଅଧିକାରର ପରବର୍ତ୍ତୀ ଦଲିଲ

୧. ସମସ୍ତ ପ୍ରକାର ବର୍ଣ୍ଣଗତ ବୈଷମ୍ୟର ବିଲୋପ ପାଇଁ ଆନ୍ତର୍ଜାତିକ ଚୁକ୍ତି

ସାଧାରଣ ପରିଷଦରେ ପ୍ରସ୍ତାବ ୨୧୦୬ (ଏକ୍ସ ଏକ୍ସ) ଡିସେମ୍ବର ୨୧, ୧୯୬୫ ଦିନ ଅନୁମୋଦନ ଓ ଦସ୍ତଖତ ପାଇଁ ଉପସ୍ଥାପନ କରାଗଲା ଓ ଜାନୁଆରୀ ୪, ୧୯୬୯ ଦିନଠାରୁ କାର୍ଯ୍ୟକାରୀ ହେଲା । ଘୋଷଣାନାମାର ଧାରା ୧୯ ଅନୁଯାୟୀ ଏହା ପ୍ରସ୍ତୁତ ହୋଇଥିଲା ।

Digitized by srujanika@gmail.com

୨. ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ନେଇ ଆନ୍ତର୍ଜାତିକ ସନ୍ଧିପତ୍ର–

ସାଧାରଣ ପରିଷଦର ପ୍ରସ୍ତାବ ୨୨୦୦ ଏ (ଏକ୍ସ ଏକ୍ସ ଆଇ)କୁ ଡିସେମ୍ବର ୧୬, ୧୯୬୬ ଦିନ ଅନୁମୋଦନ ଓ ଦସ୍ତଖତ ପାଇଁ ଉପସ୍ଥାପନ କରାଗଲା ଓ ଜାନୁଆରୀ ୩, ୧୯୭୬ ଦିନଠାରୁ କାର୍ଯ୍ୟକାରୀ ହେଲା, ଯାହା ଘୋଷଣାନାମାର ଧାରା ୨୭ ଆଧାରରେ ପ୍ରସ୍ତୁତ ହୋଇଥିଲା ।

୩. ନାଗରିକ ଓ ରାଜନୈତିକ ଅଧିକାର ଆନ୍ତର୍ଜାତିକ ସନ୍ଧିପତ୍ର–

ସାଧାରଣ ପରିଷଦର ପ୍ରସ୍ତାବ ୨୨୦୦ଏ (ଏକ୍ସଏକ୍ସଆଇ)କୁ ୧୬ ଡିସେମ୍ବର ୧୯୬୬ ଦିନ ଅନୁମୋଦନ ଓ ଦସ୍ତଖତ ପାଇଁ ଉପସ୍ଥାପନ କରାଗଲା ଓ ଏହା ମାର୍ଚ୍ଚ ୨୩, ୧୯୭୬ରୁ କାର୍ଯ୍ୟକାରୀ ହେଲା, ଯାହା ଘୋଷଣାନାମାର ଧାରା ୪୯ ଅନୁଯାୟୀ ପ୍ରସ୍ତୁତ ହୋଇଥିଲା ।

୪. ମହିଳାମାନଙ୍କ ପ୍ରତି ହେଉଥିବା ଯେକୌଣସି ଭେଦଭାବର ବିଲୋପ–

ଜାତିସଂଘର ସାଧାରଣ ପରିଷଦ ଦ୍ୱାରା ୧୯୭୯ରେ ଅନୁମୋଦିତ ହୋଇଥିଲା ।

୫. ସମସ୍ତ ପ୍ରକାରର ଉତ୍ପୀଡ଼ନ, ନିଷ୍ଠୁରତା ଓ ଅମାନବିକ ବ୍ୟବହାର ଏବଂ ଦଣ୍ଡବିଧାନ ବିରୁଦ୍ଧରେ ଚୁକ୍ତି–

ସାଧାରଣ ପରିଷଦର ପ୍ରସ୍ତାବ ୩୯/୪୬କୁ ୧୦ ଡିସେମ୍ବର ୧୯୮୪ ଦିନ ଅନୁମୋଦନ ଓ ଦସ୍ତଖତ ପାଇଁ ଉପସ୍ଥାପନ କରାଗଲା ଓ ଏହା ୨୬ ଜୁନ୍ ୧୯୮୭ରେ କାର୍ଯ୍ୟକାରୀ ହେଲା । ଏହା ଘୋଷଣାନାମାର ଧାରା ୨୭ (୧) ଅନୁଯାୟୀ ପ୍ରସ୍ତୁତ ହୋଇଥିଲା ।

୬. ଶିଶୁ ଅଧିକାର ଚୁକ୍ତି–

ସାଧାରଣ ପରିଷଦର ପ୍ରସ୍ତାବ ୪୪/୨୫କୁ ୨୦ ନଭେମ୍ବର ୧୯୮୯ରେ ଅନୁମୋଦନ ଓ ଦସ୍ତଖତ ପାଇଁ ଉପସ୍ଥାପନ କରାଗଲା ଓ ୨ ସେପ୍ଟେମ୍ବର ୧୯୯୦ ଠାରୁ କାର୍ଯ୍ୟକାରୀ ହେଲା । ଏହା ଘୋଷଣାନାମାର ଧାରା ୪୯ ଅନୁଯାୟୀ ପ୍ରସ୍ତୁତ ହୋଇଥିଲା ।

୭. ସ୍ଥାନାନ୍ତରଗାମୀ ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଅଧିକାରର ସୁରକ୍ଷା ଜନିତ ଆନ୍ତର୍ଜାତିକ ଚୁକ୍ତି–

ସାଧାରଣ ପରିଷଦ ଦ୍ୱାରା ପ୍ରସ୍ତାବ ୪୫/୧୫୮, ୧୮ ଡିସେମ୍ବର ୧୯୯୦ ଦିନ ଅନୁମୋଦିତ ହୋଇଥିଲା ।

୮. ଭିନ୍ନକ୍ଷମ ବ୍ୟକ୍ତିଙ୍କର ଅଧିକାର ଓ ଇଚ୍ଛାଧୀନ ପୂର୍ବଲେଖ–

ପ୍ରସ୍ତାବ ସଂଖ୍ୟା ଏ-ଆର୍-ଇଏସ୍/୬୧/୧୦୬ ଜାତିସଂଘର ହେଡ୍‌କ୍ୱାର୍ଟର ନ୍ୟୁୟର୍କଠାରେ ସାଧାରଣ ପରିଷଦରେ ୧୩ ଡିସେମ୍ବର ୨୦୦୬ ଦିନ ଅନୁମୋଦିତ ହୋଇଥିଲା ଓ ଏହା ୩୦ ମାର୍ଚ୍ଚ ୨୦୦୭ ଦିନ ଦସ୍ତଖତ ପାଇଁ ପେସ୍ କରାଯାଇଥିଲା ।

୯. ବଳପୂର୍ବକ ଅନ୍ତର୍ଦ୍ଧାନ ପ୍ରତିକାର ଆନ୍ତର୍ଜାତିକ ଚୁକ୍ତି–

(କ) ୨୦ ଡିସେମ୍ବର ୨୦୦୬ ଦିନ ଏହା ଅନୁମୋଦିତ ହୋଇଥିଲା ।

(ଖ) ଧାରା ୩୯(୧) ଅନୁଯାୟୀ ଏହା ୨୩ ଡିସେମ୍ବର ୨୦୧୦ ଦିନଠାରୁ କାର୍ଯ୍ୟକାରୀ ହେଲା । ଜାତିସଂଘର ସେକ୍ରେଟାରୀ ଜେନେରାଲଙ୍କଠାରେ ଉପସ୍ଥାପିତ ହେବାର ୩୦ ଦିନ ପରେ ସମ୍ମିଳନୀର ନିଷ୍ପତ୍ତି କାର୍ଯ୍ୟକାରୀ ହେବ ବୋଲି ଧାରା ୩୯(୧)ରେ ଉଲ୍ଲେଖ ରହିଛି ।

Digitized by srujanika@gmail.com

୨.୨ ନାଗରିକ ଓ ରାଜନୈତିକ ଅଧିକାରର ଆନ୍ତର୍ଜାତିକ ସମ୍ମିଳନୀ

ଏହି ଚୁକ୍ତିରେ ମାନବିକ ଅଧିକାର ଘୋଷଣାନାମାର ନାଗରିକ ଓ ରାଜନୈତିକ ଅଧିକାରର ଏକ ବିସ୍ତାରିତ ଚିତ୍ର ରହିଛି । ୧୯୪୮ରେ ମାନବିକ ଅଧିକାରର ଯେଉଁ ଘୋଷଣାନାମା ପ୍ରକାଶ ପାଇଥିଲା ତା'ର ଚାରି ଦଶନ୍ଧି ପରେ ଶୀତଳ ଯୁଦ୍ଧର ଅବସାନ ଘଟିବାରୁ ଏହି ଚୁକ୍ତି ପ୍ରାଧାନ୍ୟ ଲାଭ କଲା । ଭାରତ ଏହି ଚୁକ୍ତିକୁ ୧୯୭୯ରେ ଅନୁମୋଦନ କଲା ।

ନାଗରିକ ଓ ରାଜନୈତିକ ଅଧିକାର ଚୁକ୍ତି କ'ଣ ?

ନାଗରିକ ଓ ରାଜନୈତିକ ଅଧିକାର ଜନିତ ଚୁକ୍ତି ଏକ ବହୁପକ୍ଷୀୟ ସନ୍ଧି, ଯାହା ଜାତିସଂଘରେ ୧୬ ଡିସେମ୍ବର ୧୯୬୬ରେ ଅନୁମୋଦିତ ହୋଇ ୨୩ ମାର୍ଚ୍ଚ ୧୯୭୬ରୁ କାର୍ଯ୍ୟକାରୀ ହେଲା । ବ୍ୟକ୍ତିମାନଙ୍କର ଜୀବନ ବଞ୍ଚିବାର ଅଧିକାର, ଧର୍ମଗତ ଅଧିକାର, ମତବ୍ୟକ୍ତ କରିବାର ଅଧିକାର, ଏକତ୍ର ହେବା, ନିର୍ବାଚନରେ ଅଂଶଗ୍ରହଣ କରିବା ଓ ଆଇନ ଦୃଷ୍ଟିରେ ସମାନ ବିବେଚିତ ହେବାର ଅଧିକାରକୁ 'ନାଗରିକ ଓ ରାଜନୈତିକ ଅଧିକାର' ରୂପେ ତା'ର ପ୍ରତ୍ୟେକ ନାଗରିକଙ୍କୁ ସ୍ୱାକ୍ଷରକାରୀ ରାଷ୍ଟ୍ର ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ମାନବ ଅଧିକାରର ନାଗରିକ ଓ ରାଜନୈତିକ ଅଧିକାର ଆନ୍ତର୍ଜାତିକ ସନ୍ଧିପତ୍ରର ସରଳୀକୃତ ବିଷୟବସ୍ତୁ :-

ଧାରା-୧ : ବ୍ୟକ୍ତିର ଆତ୍ମ-ନିୟନ୍ତ୍ରଣ ଅଧିକାରକୁ ସ୍ୱୀକୃତି ଦେବା ସହ ତାହାର ବିକାଶରେ ରାଷ୍ଟ୍ର ସହଯୋଗ କରିବ ।

ଧାରା-୨ : ବ୍ୟକ୍ତିର ଅଧିକାର ଉଲଂଘିତ ହେଉଥିଲେ ଓ ସେହି ଉଲଂଘନ ସରକାରୀ ସ୍ତରରେ କରାଯାଉଥିଲେ ସୁଦ୍ଧା ଆଇନର ଆଶ୍ରୟ ନେବାକୁ ଅଧିକାର ନାଗରିକର ରହିବ ।

ଧାରା-୩ : ନାଗରିକ ଓ ରାଜନୈତିକ ଅଧିକାର ଉପଭୋଗ କରିବା କ୍ଷେତ୍ରରେ ପୁରୁଷ ଓ ନାରୀ ସମାନ ଅଧିକାର ପାଇବେ ।

ଧାରା-୬ : ଜୀବନ ଓ ବଞ୍ଚିବାର ଅଧିକାର ।

ଧାରା-୭ : ଅମାନବିକ ବା ଅମର୍ଯ୍ୟାଦାଜନକ ବ୍ୟବହାର ବା ଦଣ୍ଡରୁ ମୁକ୍ତି ।

ଧାରା-୮ : ସକଳ ଦାସତ୍ୱ ଓ ପରାଧୀନତାରୁ ମୁକ୍ତି ।

Digitized by srujanika@gmail.com

ଧାରା-୯ : ସ୍ୱାଧୀନତା ଓ ନିରାପତ୍ତାର ଅଧିକାର ଏବଂ ମନମୁଖୀ ଗିରଫ ବା ଅଟକରୁ ମୁକ୍ତି ।

ଧାରା-୧୧ : ଋଣ କାରଣରୁ କାରାଗାର ବନ୍ଦୀରୁ ମୁକ୍ତି ।

ଧାରା-୧୨ : ସ୍ୱାଧୀନତା ଓ ସ୍ଥାନ ପରିବର୍ତ୍ତନର ଅଧିକାର ।

ଧାରା-୧୪ : ଆଇନ ଦୃଷ୍ଟିରେ ସମାନ ବିବେଚିତ ହେବାର ଅଧିକାର; ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ ବିବେଚିତ ହେବା; ଓ ଏକ ନିରପେକ୍ଷ ବିଚାର ବ୍ୟବସ୍ଥା ଦ୍ୱାରା ନ୍ୟାୟ ପାଇବାର ଅଧିକାର ।



ଧାରା-୧୬ : ଆଇନ ସମ୍ମୁଖରେ ବ୍ୟକ୍ତିର ମର୍ଯ୍ୟାଦା ପାଇବାର ଅଧିକାର ।

ଧାରା-୧୭ : କେତେକ କ୍ଷେତ୍ରରେ ଗୋପନୀୟ ରହିବାର ଅଧିକାର ଓ ଏହାକୁ ଆଇନଗତ ସ୍ୱୀକୃତି ।

ଧାରା-୧୮ : ଚିନ୍ତା କ୍ଷେତ୍ରରେ, ବିବେକବୋଧରେ ଓ ଧର୍ମ ବିଶ୍ୱାସରେ ସ୍ୱାଧୀନତାର ଅଧିକାର ।

ଧାରା-୧୯ : ମତପୋଷଣ କରିବା ଓ ମତପ୍ରଦାନ କରିବାର ଅଧିକାର ।

ଧାରା-୨୦ : ଯୁଦ୍ଧ ବା ଜାତିଗତ, ବର୍ଣ୍ଣଗତ ବା ଧାର୍ମିକ ଘୃଣାର ପ୍ରଚାରକୁ ନିଷେଧ କରାଯିବା ।

ଧାରା-୨୧ : ଶାନ୍ତିପୂର୍ଣ୍ଣ ଏକାଠି ହେବାର ଅଧିକାର ।

ଧାରା-୨୨ : ସ୍ୱାଧୀନ ଭାବରେ ସଂଗଠନ କରିବାର ଅଧିକାର ।

ଧାରା-୨୩ : ବିବାହ କରି ପରିବାର କରିବାର ଅଧିକାର ।

ଧାରା-୨୪ : ଶିଶୁ ଅଧିକାର (ପିଲାମାନଙ୍କର ଜାତୀୟତା, ପଞ୍ଜୀକରଣ, ନାମ ଓ ଅପ୍ରାପ୍ତ ବୟସ୍କ ଜନିତ ସ୍ଥିତି) ।

ଧାରା-୨୫ : ସର୍ବସାଧାରଣ ଘଟଣାରେ ଅଂଶ ଗ୍ରହଣ କରିବା, ଭୋଟ୍ ଦେବା, ନିର୍ବାଚନ ଲଢ଼ିବା ଓ ସାଧାରଣ ସେବାରେ ସଂପୃକ୍ତ ହେବାର ଅଧିକାର ।

ଧାରା-୨୬ : ଆଇନ ଦୃଷ୍ଟିରେ ସମାନ ବିବେଚିତ ହେବା ଓ ସମାନ ସୁରକ୍ଷା ପାଇବାର ଅଧିକାର ।

ଧାରା-୨୭ : ଧାର୍ମିକ, ବର୍ଣ୍ଣଗତ ଓ ଭାଷାଗତ ସଂଖ୍ୟାଲଘୁ ଶ୍ରେଣୀ ସେମାନଙ୍କ ନିଜସ୍ୱ ସଂସ୍କୃତି, ଧର୍ମ-ବିଶ୍ୱାସ ପାଳନ ଓ ଭାଷା ବ୍ୟବହାର ନିମନ୍ତେ ଅଧିକାର ।

Digitized by srujanika@gmail.com

୨.୩ ବର୍ଣ୍ଣବୈଷମ୍ୟ ବିଲୋପ ପାଇଁ ଆନ୍ତର୍ଜାତିକ ସମ୍ମିଳନୀ

ସମସ୍ତ ପ୍ରକାରର ବର୍ଣ୍ଣବୈଷମ୍ୟର ବିଲୋପ ପାଇଁ ଜାତିସଂଘର ସାଧାରଣ ପରିଷଦରେ ୨୧ ଡିସେମ୍ବର ୧୯୬୫ ଦିନ ଆନ୍ତର୍ଜାତିକ ଚୁକ୍ତି ଅନୁମୋଦିତ ହେଲା ଓ ୪ ଜାନୁଆରୀ ୧୯୬୯ରେ କାର୍ଯ୍ୟକାରୀ ହେଲା । ଏହି ଚୁକ୍ତିରେ ସବୁ ମଣିଷ ସମାନ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ପାଇଁ ଅଧିକାର ବିଷୟ ଉଲ୍ଲେଖ ରହିଲା । ଭାରତ ଏହି ଚୁକ୍ତିକୁ ୧୯୬୯ରେ ଅନୁମୋଦନ ଦେଲା ଓ ବ୍ୟକ୍ତିର ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବାର ଅଧିକାରକୁ ଗ୍ରହଣ କଲା ।

? ବର୍ଣ୍ଣବୈଷମ୍ୟ ଦୂରୀକରଣ ଜନିତ ଆନ୍ତର୍ଜାତିକ ଚୁକ୍ତି କ'ଣ ?

ଏହି ଚୁକ୍ତି ଏକ ଜାତିସଂଘର ନିୟମ । ମାନବିକ ଅଧିକାରର ଏହା ତୃତୀୟ ଶ୍ରେଣୀର କାର୍ଯ୍ୟରେ ପରିଣତ ହେଲା । ବର୍ଣ୍ଣବୈଷମ୍ୟଜନିତ ସକଳ ଭେଦଭାବକୁ ଦୂର କରି ସମସ୍ତ ଲୋକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ବିଚାରବୋଧର ଭାବନା ସୃଷ୍ଟି କରିବା ଜାତିସଂଘର ସହ ରାଷ୍ଟ୍ରମାନଙ୍କର ଅଭିପ୍ରାୟ ।

ବର୍ଣ୍ଣବୈଷମ୍ୟ ଜନିତ ଭେଦଭାବର ବିଲୋପ ପାଇଁ ଆନ୍ତର୍ଜାତିକ ଚୁକ୍ତିର ବିଷୟବସ୍ତୁ :

ଧାରା-୧ : ବର୍ଣ୍ଣବୈଷମ୍ୟର ଅର୍ଥ ହେଉଛି ବର୍ଣ୍ଣ, ରଙ୍ଗ, ଜନ୍ମ, ଜାତୀୟ ବା ନୃବଂଶୀୟ ପରିଚୟ ଆଧାରରେ ମଣିଷମାନଙ୍କ ଭିତରେ ଭେଦଭାବ, ପାତର ଅନ୍ତର ସୃଷ୍ଟି କରିବା, କେତେକ ବ୍ୟକ୍ତିଙ୍କୁ ସାମାଜିକ ଜୀବନଧାରାରୁ ବାହାରେ ରଖିବା ବା ସେମାନଙ୍କ ପ୍ରତି କଟକଣା ଲାଗୁ କରିବା ।

ଧାରା-୨ : ରାଷ୍ଟ୍ର ବର୍ଣ୍ଣବୈଷମ୍ୟ ଓ ଭେଦଭାବକୁ ପ୍ରତ୍ୟାଖ୍ୟାନ କରିବ ଓ ପ୍ରତିକୂଳ ସ୍ଥିତିରେ ଥିବା ଗୋଷ୍ଠୀର ବିକାଶ ଓ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବ ।

ଧାରା-୩ : ବର୍ଣ୍ଣବୈଷମ୍ୟ ଜନିତ କାରଣରୁ ବାସନ୍ଦକୁ ପ୍ରତ୍ୟାଖ୍ୟାନ କରିବା ସହ ରାଷ୍ଟ୍ର ଏହି ପ୍ରକାରର ଯେକୌଣସି କାର୍ଯ୍ୟକୁ ବିଲୋପ ଓ ପ୍ରତିରୋଧ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବ ।

ଧାରା-୫ : ରାଷ୍ଟ୍ର ଜାତିଗତ, ବର୍ଣ୍ଣଗତ ବା ବଂଶାନୁଗତ ପରିଚୟକୁ ନେଇ କୌଣସି ଭେଦଭାବ କରିବ ନାହିଁ ଓ ସମସ୍ତଙ୍କୁ ଆଇନ ଦୃଷ୍ଟିରେ ସମାନ ସ୍ଥାନ ଦେବ; ହିଂସା, ଶାରୀରିକ ଆକ୍ରମଣରୁ ସମସ୍ତଙ୍କୁ ସୁରକ୍ଷା ଦେବ; ସର୍ବସାଧାରଣ ସମ୍ପତ୍ତି କ୍ଷେତ୍ରରେ ସମସ୍ତଙ୍କୁ ସମାନ

Digitized by srujanika@gmail.com

ରାଜନୈତିକ ଅଧିକାର ଦେବ; କାର୍ଯ୍ୟକ୍ଷେତ୍ରରେ, କର୍ମସଂସ୍ଥାନରେ, ବେତନରେ ସମାନ ଅଧିକାର ଦେବ ଓ ସର୍ବସାଧାରଣ ସ୍ଥାନରେ, ସେବାରେ କୌଣସି ପ୍ରକାରର ଭେଦଭାବ କରିବ ନାହିଁ । ଏହା ସହ ରାଷ୍ଟ୍ର ନାଗରିକ ଅଧିକାର କ୍ଷେତ୍ରରେ ଥିବା ବ୍ୟବସ୍ଥା ସମସ୍ତଙ୍କ ପ୍ରତି ସମାନ ଭାବରେ ପ୍ରୟୋଗ କରିବ ।

ଧାରା-୬ : କୌଣସି କ୍ଷେତ୍ରରେ ବର୍ଣ୍ଣଗତ ବୈଷମ୍ୟ ବା କୌଣସି ଭେଦଭାବ ବ୍ୟକ୍ତ ହେଉଥିଲେ ତାହାର ଉପଯୁକ୍ତ ନିରାକରଣ ପାଇଁ ରାଷ୍ଟ୍ର ବ୍ୟବସ୍ଥା କରିବା ସହ ଆଇନଗତ ସୁରକ୍ଷା ସମସ୍ତଙ୍କୁ ଦେବ । ଭେଦଭାବ ଜନିତ କାରଣରୁ କେହି ଅଧିକାରରୁ ବଞ୍ଚିତ ହେଉଥିଲେ ତାହାର ସୁଧାର ସହ ରାଷ୍ଟ୍ର ସେଥିପାଇଁ ଉପଯୁକ୍ତ କ୍ଷତିପୂରଣ ଦେବ ।

ଧାରା-୭ : ବର୍ଣ୍ଣବୈଷମ୍ୟ ଜନିତ ବିଶ୍ୱାସକୁ ଦୂର କରିବାକୁ ରାଷ୍ଟ୍ର ଶିକ୍ଷା, ସାଂସ୍କୃତିକ ଭାବନା ଇତ୍ୟାଦି ମଧ୍ୟ ଦେଇ ଲୋକମାନଙ୍କ ମଧ୍ୟରେ ମାନବିକ ବିଚାରବୋଧ, ସହନଶୀଳତା, ବନ୍ଧୁତ୍ୱ ଭାବ ସୃଷ୍ଟି କରିବା ସହ ମାନବିକ ଅଧିକାର ବିଷୟରେ ଲୋକମାନଙ୍କୁ ସଚେତନ କରିବ ।

ଧାରା-୧୪ : ବର୍ଣ୍ଣବୈଷମ୍ୟ ବା ଭେଦଭାବ ଯୋଗୁଁ କ୍ଷତିଗ୍ରସ୍ତ ବା ଆଘାତପ୍ରଦ ବ୍ୟକ୍ତିଙ୍କଠାରୁ ବା ଗୋଷ୍ଠୀଠାରୁ ଅଭିଯୋଗ ଗ୍ରହଣ କରିବା ପାଇଁ ରାଷ୍ଟ୍ର ଉପଯୁକ୍ତ ସଂସ୍ଥା ବା ଫୋରମ ସୃଷ୍ଟି କରିବ ଓ ଆଇନର ପରିସର ଭିତରେ ଅଭିଯୋଗର ବିଚାର କରିବ ।

୨.୪ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଧିକାର ବିଷୟକ ଆନ୍ତର୍ଜାତିକ ସମ୍ମିଳନୀ

ସାଂସ୍କୃତିକ ଅଧିକାର (୧୯୬୬), ମାନବିକ ଅଧିକାରର ବିଶ୍ୱଜନୀନ ଘୋଷଣାନାମା (୧୯୪୮) ଓ ନାଗରିକ ଏବଂ ରାଜନୈତିକ ଅଧିକାରର ଆନ୍ତର୍ଜାତିକ ଚୁକ୍ତି (୧୯୬୬) ଏକତ୍ର ମିଶି ମାନବିକ ଅଧିକାରର ଆନ୍ତର୍ଜାତିକ ବିଧେୟକ ପ୍ରସ୍ତୁତ ହୋଇଛି । ଏହି ଚୁକ୍ତି ଆନ୍ତର୍ଜାତିକ ଆଇନ ଦ୍ୱାରା ପ୍ରସ୍ତୁତ ମୌଳିକ ଅଧିକାରର ପ୍ରମୁଖ ଅଂଶ ବିଶେଷ । ଏହି ଚୁକ୍ତିକୁ ଭାରତ ୧୯୭୯ରେ ଅନୁମୋଦନ କରିଛି ।

ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ଅଧିକାର ସମ୍ପର୍କିତ ଆନ୍ତର୍ଜାତିକ ଚୁକ୍ତିପତ୍ରର ବିଷୟବସ୍ତୁ :

ଧାରା-୧ : ରାଜନୈତିକ ସ୍ଥିତି ଓ ଆର୍ଥନୀତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ପରିପ୍ରେକ୍ଷୀରେ ସମସ୍ତ ବ୍ୟକ୍ତିଙ୍କର ଆତ୍ମ-ନିୟନ୍ତ୍ରଣର ଅଧିକାର ରହିଛି ।

Digitized by srujanika@gmail.com



ଧାରା-୨ : ବିନା ଭେଦଭାବରେ ଚୁକ୍ତିରେ ଥିବା ସମସ୍ତ ଅଧିକାରକୁ କିପରି ଅଧିକରୁ ଅଧିକ ପ୍ରଗତିଶୀଳ ଭାବେ ଉପଲବ୍ଧ କରାଯାଇପାରିବ ତାହାପ୍ରତି ରାଷ୍ଟ୍ର ଗୁରୁତ୍ୱ ଦେବ ।

ଧାରା-୩ : ସମସ୍ତ ଅଧିକାରକୁ ଉପଭୋଗ କରିବା କ୍ଷେତ୍ରରେ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ରହିବ ।

ଧାରା-୭ : ଅନୁକୂଳ ପରିବେଶରେ ନ୍ୟାୟପୂର୍ଣ୍ଣ ଓ ନିରାପଦପୂର୍ଣ୍ଣ ପରିସ୍ଥିତିରେ ସମାନ କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ ପୁରୁଷ ଓ ନାରୀଙ୍କୁ ଦିଆଯିବ, ଯଦ୍ୱାରା ସେମାନେ ଏକ ସୁଖ ଓ ଶାନ୍ତିପୂର୍ଣ୍ଣ ଜୀବନ ବଞ୍ଚିବାର ଅବକାଶ ପାଇବେ ।

ଧାରା-୮ : ଟ୍ରେଡ୍ ୟୁନିଅନ୍ (କର୍ମଚାରୀ ସଂଘ) ଗଠନ କରିବା ବା ସେଥିରେ ଯୋଗଦେବାର ଅଧିକାର ରହିବ ।

ଧାରା-୯ : ସାମାଜିକ ନିରାପତ୍ତା ଓ ବୀମାର ଅଧିକାର ରହିବ ।

ଧାରା-୧୦ : ମୁକ୍ତ ଭାବରେ ବୈବାହିକ ଜୀବନ ଯାପନର ଅଧିକାର, ମହିଳାମାନଙ୍କ ପାଇଁ ଶିଶୁ ଜନ୍ମ କରିବା ପୂର୍ବ ଓ ପରବର୍ତ୍ତୀ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯିବ ଏବଂ ବାଳୁତମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ସମସ୍ତ ପ୍ରକାରର ଶୋଷଣରୁ ମୁକ୍ତ ରଖାଯିବ । ଶିଶୁ ଶ୍ରମିକ ପ୍ରଥାକୁ ନିଷେଧ ଓ ଦଣ୍ଡନୀୟ କରାଯିବ ।

ଧାରା-୧୧ : ଜୀବନଧାରଣ କ୍ଷେତ୍ରରେ ଅଧିକାର ସମସ୍ତେ ପାଇବେ । ଖାଦ୍ୟ, ବସ୍ତ୍ର, ବାସଗୃହର ଅଧିକାର ସହ ଜୀବନ ଧାରଣର ମାନରେ କ୍ରମୋନ୍ନତି ପାଇଁ ପ୍ରୟାସ ରହିବ ।

ଧାରା-୧୨ : ଶାରୀରିକ ଓ ମାନସିକ ସୁସ୍ଥତା, ଉତ୍ତମ ସ୍ୱାସ୍ଥ୍ୟ, ପାରିବେଶିକ ନିରାପତ୍ତା, ସ୍ୱାସ୍ଥ୍ୟସେବା, ମହାମାରୀକୁ ନିୟନ୍ତ୍ରଣ ଇତ୍ୟାଦି ଦ୍ୱାରା ଜୀବନକୁ ଅଧିକ ସୁଖମୟ କରିବାର ଅଧିକାର ପ୍ରତ୍ୟେକ ପାଇପାରିବେ ।

ଧାରା-୧୩ : ଶିକ୍ଷା ଓ ବ୍ୟକ୍ତିତ୍ୱର ଉପଯୁକ୍ତ ବିକାଶ ଲକ୍ଷ୍ୟ ରହିବ ।

ଧାରା-୧୪ : ଦେୟମୁକ୍ତ, ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରତ୍ୟେକଙ୍କର ଅଧିକାର ।

ଧାରା-୧୫ : ସାଂସ୍କୃତିକ ଜୀବନଧାରାରେ ସମ୍ପୃକ୍ତ ହେବା ଓ ବିଜ୍ଞାନ ଦ୍ୱାରା ଉପଲବ୍ଧ ହେଉଥିବା ସୁଯୋଗର ଉପଭୋଗ ପାଇଁ ଅବକାଶ ପାଇବା ବ୍ୟକ୍ତିର ଅଧିକାର ।

Digitized by srujanika@gmail.com

୨.୫ ମହିଳା ବିରୋଧୀ ଭେଦଭାବ ବିଲୋପନ ନିମନ୍ତେ ଆନ୍ତର୍ଜାତିକ ସମ୍ମିଳନୀ

ଭାରତ ମହିଳାମାନଙ୍କ ଅଧିକାର ସମ୍ପର୍କିତ ଚୁକ୍ତିକୁ ୧୯୯୩ରେ ଅନୁମୋଦନ କଲା । ଭାରତ ସରକାର ଏହାର ପ୍ରଥମ ବିବରଣୀ ଆନ୍ତର୍ଜାତିକ କମିଟିକୁ ଜାନୁଆରୀ ୨୦୦୦ରେ ପ୍ରଦାନ କଲା ।

ଏହି ଚୁକ୍ତିରେ ଥିବା ପ୍ରସଙ୍ଗମାନ ହେଲା–

ଧାରା-୨ : ମହିଳାମାନେ ସମ୍ମୁଖୀନ ହେଉଥିବା ଭେଦଭାବକୁ ଦୂର କରିବାକୁ ପ୍ରତ୍ୟେକ ରାଷ୍ଟ୍ର ଆଇନ କରିବା, ପ୍ରଚଳିତ ଆଇନରେ ପରିବର୍ତ୍ତନ ଆଣିବା, ସାମଜରେ ଚଳି ଆସିଥିବା ବିଧି, ପରମ୍ପରା, ଯାହା ମହିଳାମାନଙ୍କୁ ନ୍ୟୂନ କରେ ତାହା ଦୂର କରିବା ପାଇଁ ପଦକ୍ଷେପ ନେବା ଦରକାର ।

ଏହି ଚୁକ୍ତି କ'ଣ ?

ମହିଳାମାନେ ବିଭିନ୍ନ ସମାଜରେ ଯେଉଁ ଭେଦଭାବର ଶିକାର ହେଉଛନ୍ତି ତାହାର ନିରାକରଣ ପାଇଁ ଏହା ହେଉଛି ମାନବିକ ଅଧିକାର ସମ୍ପର୍କିତ ଏକ ଚୁକ୍ତି । ଜାତିସଂଘର ସାଧାରଣ ପରିଷଦ ୧୯ ଡିସେମ୍ବର ୧୯୭୯ ଦିନ ଏହି ଚୁକ୍ତିକୁ ଅନୁମୋଦନ କଲା । ଏହାପରେ ଏହି ଚୁକ୍ତି ୩ ଡିସେମ୍ବର ୧୯୮୧ରେ କାର୍ଯ୍ୟକାରୀ ହେଲା, ଯେତେବେଳେ ଜାତିସଂଘର ବିଂଶତମ ସଭ୍ୟ-ରାଷ୍ଟ୍ର ଏଥିରେ ସହମତି ଦେଲା । ଏହି ସହମତି ଦେବାର ୩୦ ଦିନ ପରେ ହିଁ ଏହା କାର୍ଯ୍ୟକାରୀ ହେଲା ବୋଲି ଘୋଷିତ ହେଲା । ମହିଳାମାନଙ୍କ ଅଧିକାର ପାଇଁ ହୋଇଥିବା କମିଟି ଏହି ଚୁକ୍ତିକୁ ଜାତିସଂଘ ବାହାରେ ନ୍ୟୁୟର୍କଠାରେ ଯାଞ୍ଚ କରି ପରିଚାଳିତ କରୁଥିଲା ।

ଧାରା-୫ : ଯେଉଁ ସାମାଜିକ ଓ ସାଂସ୍କୃତିକ ଭାବନା ଦ୍ୱାରା ପରିଚାଳିତ ହୋଇ ମହିଳାମାନଙ୍କୁ ନ୍ୟୂନ କରଯାଇଛି ଓ ସମାଜରେ ଲିଙ୍ଗଗତ ଭେଦଭାବ ରହିଆସିଛି ତାହାର ପରିବର୍ତ୍ତନ କରିବାକୁ ରାଷ୍ଟ୍ର ବିଭିନ୍ନ ସ୍ତରରେ ସୁଚିନ୍ତିତ ପଦକ୍ଷେପ ନେବା ଆବଶ୍ୟକ ।

ଧାରା-୬ : ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାର ଅବୈଧ ଚାଲାଣ ଓ ବେଶ୍ୟାବୃତ୍ତି ଜନିତ ଶୋଷଣ ଦୂର କରିବାକୁ ରାଷ୍ଟ୍ର ଆବଶ୍ୟକୀୟ ଆଇନ ଓ ପଦକ୍ଷେପ ଗ୍ରହଣ କରିବ ।

Digitized by srujanika@gmail.com

ଧାରା-୧୦ (ଡି) : ରାଷ୍ଟ୍ର ଝିଅମାନଙ୍କୁ ପୁଅମାନଙ୍କ ପରି ସମାନ ସୁଯୋଗ, ଆର୍ଥିକ ସହାୟତା, ସ୍କଲାର୍ସିପ୍ ଦେବା ଆବଶ୍ୟକ, ଯାହାଫଳରେ ସେମାନେ ପାଠ ପଢ଼ିପାରିବେ; (ଫ) ମଝିରୁ ପାଠ ଛାଡୁଥିବା ଝିଅମାନଙ୍କର (ଡ୍ରପ୍‌ଆଉଟ୍) ସଂଖ୍ୟାକୁ କମାଇବା ପାଇଁ ରାଷ୍ଟ୍ର ଉଦ୍ୟମ କରିବ ।

ଧାରା-୧୧ (୧ଏ) : କାର୍ଯ୍ୟ କରିବା ମହିଳାମାନଙ୍କର ଏକ ଅବିଚ୍ଛେଦ୍ୟ ଅଧିକାର (ସି) ବୃତ୍ତି ସ୍ଥିର କରିବାର ସ୍ୱାଧୀନତା, ବୃତ୍ତିଗତ ନିରାପତ୍ତା ଓ ସୁବିଧା ସୁଯୋଗ ଲାଭ କରିବା (ଡି) ସମାନ କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ (୧) ସାମାଜିକ ନିରାପତ୍ତା (୨) ଚାକିରି ଭିତରେ ପ୍ରସବକାଳୀନ ସୁବିଧା ଓ ସ୍ୱତନ୍ତ୍ର ସୁରକ୍ଷା ମହିଳାମାନଙ୍କର ଅଧିକାର ହେବ ।

ଧାରା-୧୨ : ସ୍ୱାସ୍ଥ୍ୟ ସୁରକ୍ଷା ଓ ପରିବାର ନିୟନ୍ତ୍ରଣର ସୁଯୋଗ ଓ ଗର୍ଭାବସ୍ଥା ଓ ପ୍ରସବ ପରେ ପୁଷ୍ଟିକର ଖାଦ୍ୟ ଖାଇବାର ସୁବିଧା ମହିଳାମାନଙ୍କ ଅଧିକାର ହେବ ।

ଧାରା-୧୩ : ଆନୁଷ୍ଠାନିକ ପ୍ରଶଂସା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇବାରେ ମହିଳାଙ୍କର ଅଧିକାର ରହିବ ।

ଧାରା-୧୪ : ଗ୍ରାମୀଣ ବିକାଶରେ ମହିଳାମାନଙ୍କର ଭୂମିକାକୁ ସ୍ୱୀକାର କରି ଗ୍ରାମ୍ୟ ମହିଳାଙ୍କର ଉପଯୁକ୍ତ ଯତ୍ନ ଓ ନିରାପତ୍ତା ପ୍ରଦାନ । ଆଞ୍ଚଳିକ ଯୋଜନା ଓ ଗ୍ରାମୀଣ ବିକାଶରେ ମହିଳାମାନଙ୍କର ସଂପୃକ୍ତି ସହ ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟରକ୍ଷା, ଶିକ୍ଷା ଓ ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଋଣର ସୁଯୋଗ ପ୍ରଦାନ । ଉପଯୁକ୍ତ ବାସସ୍ଥାନ, ସ୍ୱାସ୍ଥ୍ୟକର ପରିବେଶ, ବିଜୁଳି ଆଲୋକ, ଜଳଯୋଗାଣ, ପରିମଳ, ଯାତାୟତ ପାଇଁ ସୁବିଧା ସୁଯୋଗ ଓ ଦୂରସଂଚାର ପାଇଁ ସ୍ୱତନ୍ତ୍ର ସୁଯୋଗ ମହିଳାମାନଙ୍କ ଅଧିକାର ହେବ ।

ଧାରା-୧୬ (୧ବି) : ନିଜର ଜୀବନସାଥୀ ବାଛିବା ଓ ମୁକ୍ତ ଓ ସମ୍ମତିରେ ବିବାହ କରି ପରିବାର କରିବାର ଅଧିକାର (ଡି) ମୁକ୍ତ ଓ ଦାୟିତ୍ୱସମ୍ପନ୍ନ ଭାବେ କେତେ ସନ୍ତାନ ଓ କେତେ ବ୍ୟବଧାନରେ ସନ୍ତାନ ଜନ୍ମ କରିବାର ଅଧିକାର ପାଇବେ । ବିବାହ କ୍ଷେତ୍ରରେ ତାଙ୍କର ଯେଉଁ ଅଧିକାର ରହିବ ସେହି ଅଧିକାର ପାରିବାରିକ ସମ୍ପତ୍ତି କ୍ଷେତ୍ରରେ, ପିଲାଙ୍କର ଅଭିଭାବକତ୍ୱ କ୍ଷେତ୍ରରେ ମଧ ରହିବ । (୨) ବିବାହର ସର୍ବନିମ୍ନ ବୟସ ଓ ବିବାହ ପଞ୍ଜୀକରଣ ଉପରେ ରାଷ୍ଟ୍ର ପ୍ରାଧାନ୍ୟ ଦେବ ।

Digitized by srujanika@gmail.com

୨.୬ ଶିଶୁ ଅଧିକାର ଆନ୍ତର୍ଜାତିକ ସମ୍ମିଳନୀ

ଏହି ଚୁକ୍ତିଟି ଶିଶୁମାନଙ୍କର ନାଗରିକ ଅଧିକାର, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଆଦି ଚାରୋଟି ଅଧିକାର ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥାଏ ।

ମୌଳିକ ଅଧିକାରର ଚାରୋଟି ଶ୍ରେଣୀ

ଶିଶୁ ଅଧିକାର ଚୁକ୍ତି କ'ଣ ?

ଶିଶୁ ଅଧିକାର ଚୁକ୍ତିରେ ସେମାନେ କେଉଁ ସୁବିଧା ସୁଯୋଗ ପାଇବେ ତାହା ସରକାରମାନେ ଦେବାକୁ ପ୍ରୟାସ କରିବାକୁ ନିର୍ଦ୍ଦେଶ ରହିଛି ।

ବଞ୍ଚିବାର ଅଧିକାର	ବିକାଶର ଅଧିକାର	ନିରାପତ୍ତାର ଅଧିକାର	ସହଭାଗୀତାର ଅଧିକାର
ଜୀବନ ବଞ୍ଚିବାର ଅଧିକାର ଶିଶୁର ରହିଛି	ଶିକ୍ଷା ପାଇବାର ଅଧିକାର ଶିଶୁର ରହିଛି	କୌଣସି ପ୍ରକାରର ଶୋଷଣ, ଉତ୍ପୀଡ଼ନ, ଗାଳିଗୁଲଜ, ଅମାନବିକ ବ୍ୟବହାରରୁ ମୁକ୍ତ ହେବାର ଅଧିକାର ଶିଶୁର ରହିବ	ଶିଶୁର ମନୋଭାବକୁ ସମ୍ମାନ ଦେବା ଦରକାର
ଶିଶୁର ପୁଷ୍ଟିକର ଖାଦ୍ୟ ଓ ବିକାଶ ପାଇଁ ପରିବାର ଓ ସରକାର ଯତ୍ନଶୀଳ ହେବେ	ଶିଶୁର ଯଥାଯଥ ବାଲ୍ୟକାଳୀନ ବିକାଶ ଓ ସାମାଜିକ ନିରାପତ୍ତାକୁ ଗୁରୁତ୍ୱ ଦିଆଯିବ	କୌଣସି ଜରୁରୀକାଳୀନ ସ୍ଥିତିରେ ଓ ଯୁଦ୍ଧକାଳୀନ ପରିବେଶରେ ଶିଶୁମାନେ ସ୍ୱତନ୍ତ୍ର ନିରାପତ୍ତା ଅଧିକାର ପାଇବେ	ଅଭିବ୍ୟକ୍ତିର ସ୍ୱାଧୀନତା
ଉପଯୁକ୍ତ ଜୀବନଧାରଣ ପରିବେଶ	ଅବସର ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଅଧିକାର		ଆବଶ୍ୟକବେଳେ ଉପଯୁକ୍ତ ସୂଚନା ପାଇବାର ଅଧିକାର
ଶିଶୁ ଏକ ନାମରେ ପରିଚିତ ହେବାର ଓ ସାଧାରଣ ଜୀବନ ବଞ୍ଚିବାର ଅଧିକାର ପାଇବ			ବିଚାର, ବିବେକ ଓ ଧର୍ମର ସ୍ୱାଧୀନତା ସେମାନଙ୍କର ରହିବ

Digitized by srujanika@gmail.com

ଶିଶୁ ଅଧିକାର ସମ୍ପର୍କିତ ଆନ୍ତର୍ଜାତିକ ଚୁକ୍ତିର ବିଷୟବସ୍ତୁ :-

ଧାରା-୧ : ୧୮ ବର୍ଷରୁ ସାନ ସମସ୍ତେ ଏହି ଚୁକ୍ତିରେ ଥିବା ଅଧିକାର ପାଇବେ ।

ଧାରା-୨ : ବର୍ଣ୍ଣ, ଧର୍ମ, ଦକ୍ଷତା, ପାରିବାରିକ ସ୍ଥିତି ନିର୍ବିଶେଷରେ ଏହା ସମସ୍ତଙ୍କ ପ୍ରତି ପ୍ରଯୋଗ ହୋଇପାରିବ ।

ଧାରା-୩ : ପିଲାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ସଂଗଠନମାନ ପିଲାଙ୍କର ସମୁଚିତ ବିକାଶ ଲକ୍ଷ୍ୟରେ କାର୍ଯ୍ୟ କରିବା ଦରକାର ।

ଧାରା-୪ : ସରକାରମାନେ ଶିଶୁ ଅଧିକାର ବିଷୟକୁ ସର୍ବସାଧାରଣ କରିବା ଆବଶ୍ୟକ ।

ଧାରା-୫ : ପରିବାରମାନଙ୍କର ଦାୟିତ୍ୱ ଓ ଅଧିକାରକୁ ସରକାରମାନେ ପ୍ରାଧାନ୍ୟ ଦେବା ଆବଶ୍ୟକ, ଯାହାଫଳରେ ପିଲାମାନେ ଗଢ଼ିଉଠିବା ସହ ସେମାନେ ନିଜର ଅଧିକାର ବିଷୟରେ ସଚେତନ ହେବେ ଓ ତାହାର ଉପଯୁକ୍ତ ପ୍ରୟୋଗ କରିବେ ।

ଧାରା-୬ : ପିଲାମାନେ ସୁନ୍ଦର ଓ ପୂର୍ଣ୍ଣ ଜୀବନ ବଞ୍ଚିବାର ଅଧିକାର ପାଇବେ । ସରକାର ପିଲାମାନଙ୍କର ଜୀବନ ଓ ସୁସ୍ଥ ବିକାଶକୁ ଗୁରୁତ୍ୱ ଦେବେ ।

ଧାରା-୭ : ପିଲାମାନଙ୍କର ନିଜସ୍ୱ ପଞ୍ଜୀକୃତ ନାମ ଓ ଜାତୀୟତା ରହିବ । ପିଲାମାନେ ନିଜର ବାପା-ମାଆଙ୍କର ପରିଚୟ ପାଇବା ତାଙ୍କର ଅଧିକାର ଏବଂ ଯେତେଦୂର ସମ୍ଭବ ସେମାନଙ୍କ ଦ୍ୱାରା ଲାଳିତ ପାଳିତ ହେବା ଆବଶ୍ୟକ ।

ଧାରା-୮ : ସରକାରମାନେ ପ୍ରତ୍ୟେକ ପିଲାର ନାମ, ଜାତୀୟତା ଓ ପରିବାର-ସଂପୃକ୍ତିକୁ ପ୍ରାଧାନ୍ୟ ଦେବା ଦରକାର ।

ଧାରା-୯ : ପିଲାମାନେ ବାପା-ମାଆଙ୍କ ଠାରୁ ପୃଥକ ହେବେନାହିଁ; ଏହି ସ୍ଥିତିରେ ପୃଥକ ହେବେ, ଯଦି ଏହା ପିଲାଙ୍କର ମଙ୍ଗଳ ପାଇଁ ଅଭିପ୍ରେତ ହୁଏ । ଯଦି ବାପା ବା ମାଆ ପିଲାକୁ ମନ୍ଦ ବ୍ୟବହାର ପ୍ରଦର୍ଶନ କରନ୍ତି ବା ତା'ର ଯତ୍ନ ପ୍ରତି ଆଦୌ ଦୃଷ୍ଟି ଦିଅନ୍ତି ନାହିଁ, ତେବେ ପିଲାଟି ଏକ ଭଲ ପରିବେଶକୁ ଯାଇପାରେ । ଯେଉଁଠି ବାପା-ମାଆଙ୍କ ଭିତରେ ଛାଡ଼ପତ୍ର ହୋଇଯାଏ, ସେ କ୍ଷେତ୍ରରେ ବାପା-ମା' ଉଭୟଙ୍କ ସହ ପିଲା ସମ୍ପର୍କ ରଖିବା ତା'ର ଅଧିକାର, ଯେ ପର୍ଯ୍ୟନ୍ତ ଏହା ତା' ପାଇଁ ଅନିଷ୍ଟକର ହୁଏନାହିଁ ।

ଧାରା-୧୦ : ଯଦି ପରିବାର ପୃଥକ ଦେଶରେ ରହୁଥାନ୍ତି ତେବେ ସେମାନଙ୍କୁ ପରସ୍ପର ପାଖକୁ ଯିବାକୁ ସହଜରେ ଅନୁମତି ମିଳିବା ଆବଶ୍ୟକ, ଫଳରେ ପିଲାମାନେ ଓ ବାପା-ମା' ପରସ୍ପର ସମ୍ପର୍କରେ ରହିପାରିବେ ଓ ପାରିବାରିକ ସମ୍ପର୍କ ବିଚ୍ଛିନ୍ନ ହୋଇଯିବ ନାହିଁ ।

ଧାରା-୧୧ : ପିଲାମାନଙ୍କୁ ଅନ୍ୟାୟ ଭାବେ ନିଜ ଦେଶ ବାହାରକୁ ନେବା କ୍ଷେତ୍ରରେ ସରକାରମାନେ ପ୍ରତିବନ୍ଧକ ଲଗାଇବାକୁ ପଦକ୍ଷେପ ନେବା ଆବଶ୍ୟକ ।

ଧାରା-୧୨ : ବୟସ୍କମାନେ ଯଦି ପିଲାଙ୍କ ପାଇଁ ନିଷ୍ପତ୍ତି କରନ୍ତି ଓ ଏହାଦ୍ୱାରା ପିଲାଙ୍କର ଜୀବନ ଗଭୀର ଭାବରେ ପ୍ରଭାବିତ ହେବାକୁ ଯାଉଥାଏ, ସେ କ୍ଷେତ୍ରରେ ପିଲାମାନେ କ'ଣ ହେବା ଦରକାର ସେ ବିଷୟରେ ନିଜ ମନର ଭାବନା ବ୍ୟକ୍ତ କରିବାର ଅଧିକାର ପାଇବେ ଓ ତାହା ବିଚାରକୁ ନିଆଯିବ ।

ଧାରା-୧୩ : କୌଣସି ସମ୍ବାଦ ପିଲାଙ୍କର ଅମଙ୍ଗଳ କରୁ ନ ଥିଲେ ତାହା ବିଷୟରେ ସେମାନଙ୍କର ଜାଣିବାର ବା ସେଥିରେ ଭାଗ ନେବାର ଅଧିକାର ସେମାନଙ୍କର ରହିବ ।

ଧାରା-୧୪ : ଚିନ୍ତା କରିବା, ବିଶ୍ୱାସ କରିବା, ଧର୍ମୀୟ କାର୍ଯ୍ୟ କରିବାରେ ପିଲାଙ୍କର ଅଧିକାର ରହିବ, ଯେପର୍ଯ୍ୟନ୍ତ ଏହା ଅନ୍ୟମାନଙ୍କର ଅଧିକାର ପ୍ରତି ପ୍ରତିବନ୍ଧକ ସୃଷ୍ଟି କରୁ ନ ଥାଏ । ଏ କ୍ଷେତ୍ରରେ ବାପା-ମା' ପିଲାମାନଙ୍କୁ ମାର୍ଗ ଦେଖାଇବେ ।

Digitized by srujanika@gmail.com

ଧାରା-୧୫ : ଅନ୍ୟ ପିଲାମାନଙ୍କ ସହ ମିଶିବା, କୌଣସି ଗୋଷ୍ଠୀ ବା ସଂଗଠନ ସହ ସମ୍ପୃକ୍ତ ହେବାର ଅଧିକାର ପିଲାମାନଙ୍କର ରହିଛି, ଯେ ପର୍ଯ୍ୟନ୍ତ ଏହା ଅନ୍ୟମାନଙ୍କର ଅଧିକାର ପ୍ରତି ପ୍ରତିବନ୍ଧକ ହେବନାହିଁ ।

ଧାରା-୧୬ : ପିଲାଙ୍କର ଜୀବନଧାରା, ନାମ, ପରିବାର ଓ ଗୃହ ଉପରେ ଆକ୍ରମଣରୁ ଆଇନ ପିଲାମାନଙ୍କୁ ସୁରକ୍ଷା ଦେବା ଆବଶ୍ୟକ । ପିଲାଙ୍କର ବ୍ୟକ୍ତିଗତ ଅଧିକାର ଏ କ୍ଷେତ୍ରରେ ରହିବା ଦରକାର ।

ଧାରା-୧୭ : ସମ୍ବାଦ ସଂସ୍ଥା (ମିଡିଆ)ରୁ ବିଶ୍ୱାସଯୋଗ୍ୟ ସମ୍ବାଦ ପାଇବାରେ ପିଲାଙ୍କର ଅଧିକାର ରହିବ । ଦୂରଦର୍ଶନ, ରେଡିଓ, ସମ୍ବାଦପତ୍ର ପିଲାମାନଙ୍କୁ ବୋଧଗମ୍ୟ ଭାଷାରେ ସମ୍ବାଦ ଦେବା ଆବଶ୍ୟକ । ଏପରି କିଛି ଖବର ସମ୍ବାଦ ସଂସ୍ଥା ଦେବା ଯଥାର୍ଥ ନୁହେଁ, ଯାହା ପିଲାଙ୍କର ଅନିଷ୍ଟ ସାଧନ କରିବ ।

ଧାରା-୧୮ : ପିଲାଙ୍କର ସୁସ୍ଥ ବିକାଶ ବାପା-ମା' ଉଭୟଙ୍କର ଦାୟିତ୍ୱ ଓ ସେମାନେ ସେଥିପାଇଁ ଯତ୍ନଶୀଳ ରହିବେ । ଏଥିପାଇଁ ସରକାର ଦୃଷ୍ଟି ଦେବେ ଓ ବିଶେଷକରି ଯେତେବେଳେ ଉଭୟ ବାପା-ମା' ଚାକିରି କରିଥାନ୍ତି ସେଥିରେ ପିଲାଙ୍କର ଯତ୍ନ ପାଇଁ ସରକାର ବାପ-ମା'ଙ୍କୁ ସହଯୋଗ ଦେବେ ।

ଧାରା-୧୯ : ପିଲାମାନେ ଯେପରି ଉପଯୁକ୍ତ ଯତ୍ନ ପାଆନ୍ତି ଓ ବାପା-ମା' ବା ସେମାନଙ୍କର ଯତ୍ନ ନେଉଥିବା ଅନ୍ୟ ବ୍ୟକ୍ତିଠାରୁ ହିଂସା, ତିରସ୍କାର ଓ ହତାଦରର ସମ୍ମୁଖୀନ ନ ହୁଅନ୍ତି ତାହାପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ ।

ଧାରା-୨୦ : ଯେଉଁ କ୍ଷେତ୍ରରେ ପିଲାମାନେ ବାପା-ମା'ଙ୍କ ଦ୍ୱାରା ପାଳିତ ହେବା ସମ୍ଭବ ନୁହେଁ, ସେ କ୍ଷେତ୍ରରେ ସେମାନଙ୍କର ଧର୍ମ, ସଂସ୍କୃତି ଓ ଭାଷା ପ୍ରତି ଆଦର ଥିବା ବ୍ୟକ୍ତିଙ୍କ ଦାୟିତ୍ୱରେ ପିଲାଙ୍କର ଯତ୍ନ ନିଆଯିବ ।

ଧାରା-୨୧ : ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ପିଲାଙ୍କର ଉତ୍କର୍ଷ ପ୍ରତି ଧ୍ୟାନ ଦିଆଯିବା ଉଚିତ । ନିଜ ଦେଶରେ ବା ଅନ୍ୟ ଦେଶକୁ ପୋଷ୍ୟ ସନ୍ତାନ ହୋଇ ଗଲାବେଳେ ନିୟମାନୁଯାୟୀ ଏହା ହେବା ଉଚିତ ।

ଧାରା-୨୨ : ଅନ୍ୟ ଦେଶକୁ ଶରଣାର୍ଥୀ ହୋଇ ଗଲାବେଳେ ସେହି ଦେଶର ପିଲାଙ୍କ ଭଳି ଆସିଥିବା ପିଲାମାନେ ସମାନ ବିବେଚିତ ହେବେ ।

ଧାରା-୨୩ : କୌଣସି ପିଲାର କିଛି ଅକ୍ଷମତା ଥିଲେ ପିଲାଟିକୁ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ, ଯାହାଦ୍ୱାରା ପିଲାଟି ଏକ ପୂର୍ଣ୍ଣାଙ୍ଗ ଓ ମୁକ୍ତ ଜୀବନ ନିର୍ବାହ କରିପାରିବ । ଏହା ସମସ୍ତ ଅକ୍ଷମ ପିଲାଙ୍କ ପ୍ରତି ପ୍ରଯୁଜ୍ୟ ।

ଧାରା-୨୪ : ପିଲାମାନେ ସୁସ୍ଥ ଜୀବନ ଯାପନ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା, ବିଶୁଦ୍ଧ ପାଣି, ପୁଷ୍ଟିକର ଖାଦ୍ୟ ଓ ଏକ ପରିଷ୍କାର ପରିବେଶ ପାଇବା ଦରକାର । ସମୃଦ୍ଧ ରାଷ୍ଟ୍ରମାନେ ଗରିବ ଦେଶମାନଙ୍କୁ ଏଥିପାଇଁ ସାହାଯ୍ୟ କରିବା ଉଚିତ ।

ଧାରା-୨୫ : ଯେଉଁଠି ପିଲାମାନେ ବାପା-ମା' ପରିବର୍ତ୍ତେ କୌଣସି ସଂସ୍ଥାରେ ଲାଳିତ ପାଳିତ ହୁଅନ୍ତି ସେଠାରେ ନିୟମିତ ଭାବେ ପିଲାମାନଙ୍କର ବିକାଶକୁ ସମୀକ୍ଷା କରାଯିବା ଦରକାର ।

ଧାରା-୨୬ : ଦାରିଦ୍ର୍ୟ ଭିତରେ ଥିବା ପିଲାମାନଙ୍କର ଯତ୍ନ ପାଇଁ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ଉଚିତ ।

ଧାରା-୨୭ : ପିଲାଙ୍କର ସୁସ୍ଥ ଶାରୀରିକ ଓ ମାନସିକ ବିକାଶ ପାଇଁ ଏକ ସୁସ୍ଥ ପରିବେଶ ପାଇବା ସେମାନଙ୍କର ଅଧିକାର । ଯେଉଁ ପରିବାରମାନେ ଏହି ପରିବେଶ ଦେଇପାରିବେ ନାହିଁ, ସରକାର ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ ।

ଧାରା-୨୮ : ଶିକ୍ଷା ପାଇବା ପିଲାଙ୍କର ଅଧିକାର । ପିଲାଙ୍କର ମାନବିକ ମର୍ଯ୍ୟାଦାବୋଧ ବିଦ୍ୟାଳୟର ଶୃଙ୍ଖଳା ଦ୍ୱାରା ବିକଶିତ ହୋଇଥାଏ । ପ୍ରାଥମିକ ଶିକ୍ଷା ଅବୈତନିକ ହେବା ଆବଶ୍ୟକ । ଧନୀ ରାଷ୍ଟ୍ରମାନେ ଗରିବ ରାଷ୍ଟ୍ରମାନଙ୍କୁ ଏ କ୍ଷେତ୍ରରେ ସହାଯ୍ୟ କରିବା ଉଚିତ ।

Digitized by srujanika@gmail.com

ଧାରା-୨୯ : ଶିକ୍ଷା ଦ୍ୱାରା ପିଲାମାନଙ୍କର ବ୍ୟକ୍ତିତ୍ୱ ଓ ଅନ୍ତର୍ନିହିତ ସାମର୍ଥ୍ୟ ବିକାଶ ଲାଭ କରିଥାଏ । ପିଲାମାନେ ଏପରି ଶିକ୍ଷା ଲାଭ କରିବା ଆବଶ୍ୟକ, ଯଦ୍ୱାରା ସେମାନେ ନିଜର ବାପା-ମା', ସଂସ୍କୃତି ଓ ଅନ୍ୟ ଦେଶର ସଂସ୍କୃତିକୁ ମଧ୍ୟ ସମ୍ମାନ କରିବେ ।

ଧାରା-୩୦ : ପିଲାମାନେ ନିଜ ପରିବାରର ଭାଷା ଓ ରୀତି-ନୀତି ଶିକ୍ଷା କରିବା ଆବଶ୍ୟକ । ନିଜ ଦେଶର ଅଧିକାଂଶ ଲୋକ ଏଥିରେ ଅଭ୍ୟସ୍ତ ନ ଥିଲେ ମଧ୍ୟ ଯେପର୍ଯ୍ୟନ୍ତ ଏହା ସମାଜର କ୍ଷତି ସାଧନ କରୁ ନ ଥାଏ, ସେ ପର୍ଯ୍ୟନ୍ତ ସେମାନେ ନିଜର ଭାଷା ଓ ଚଳଣିକୁ ପରିହାର କରିବା ଆବଶ୍ୟକ ନୁହେଁ ।

ଧାରା-୩୧ : ପିଲାମାନେ ଖେଳିବା, ଖୁସି ହେବା ଓ ଅବସରକୁ ଉପଭୋଗ କରିବା ତାଙ୍କର ଅଧିକାର ।

ଧାରା-୩୨ : ଯେଉଁ କାର୍ଯ୍ୟ ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ହାନିକର ସେହି କାର୍ଯ୍ୟରୁ ପିଲାମାନଙ୍କୁ ନିବୃତ୍ତ କରିବା ସରକାରଙ୍କ କର୍ତ୍ତବ୍ୟ ।

ଧାରା-୩୩ : ପିଲାମାନେ ବିପଦଜନକ ନିଶା ବା ଡ୍ରଗ ଯେପରି ସେବନ ନ କରନ୍ତି ସରକାର ସେଥିପ୍ରତି ଧ୍ୟାନ ଦେବା ଦରକାର ।

ଧାରା-୩୪ : ଯୌନ ଶୋଷଣରୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାରୀ ବ୍ୟବସ୍ଥା ରହିବା ଆବଶ୍ୟକ ।

ଧାରା-୩୫ : ପିଲାମାନେ ଯେପରି ଅପହୃତ ବା ବିକ୍ରି ନ ହୁଅନ୍ତି ସେଥିପାଇଁ ସରକାର ସଜାଗ ରହିବା ଦରକାର ।

ଧାରା-୩୬ : ଯେଉଁ ପ୍ରକାର କାର୍ଯ୍ୟ ଦ୍ୱାରା ପିଲାମାନଙ୍କର ଭବିଷ୍ୟତ ନଷ୍ଟ ବା କ୍ଷତି ହେବ, ସେଥିରୁ ପିଲାମାନଙ୍କୁ ସୁରକ୍ଷା ଦିଆଯିବା ଉଚିତ ।

ଧାରା-୩୭ : ଯେଉଁ ପିଲାମାନେ ଆଇନ ଭଙ୍ଗ କରନ୍ତି ସେମାନଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରାଯିବା ଯଥାର୍ଥ ନୁହେଁ । ବୟସ୍କ ବନ୍ଦୀମାନଙ୍କ ସହ ସେମାନଙ୍କୁ ଜେଲ୍‌ରେ ରଖାଯିବ ନାହିଁ, ସେମାନେ ତାଙ୍କ ପରିବାର ସହ ନିୟମିତ ଯୋଗାଯୋଗରେ ରହିବା ଆବଶ୍ୟକ ।

ଧାରା-୩୮ : ପନ୍ଦର ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସୈନ୍ୟବାହିନୀ ନେବାପାଇଁ ସରକାର ଅନୁମତି ଦେବା ଯଥାର୍ଥ ନୁହେଁ । ଯୁଦ୍ଧ ଇଲାକାରେ ରହୁଥିବା ପିଲାମାନେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିବା ଦରକାର ।

ଧାରା-୩୯ : ଯେଉଁ ପିଲାମାନେ ଅବହେଳିତ ହୋଇଛନ୍ତି ବା ଖରାପ ପରିସ୍ଥିତିର ଶିକାର ହୋଇଛନ୍ତି ସେମାନଙ୍କ ଆତ୍ମବିଶ୍ୱାସ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ସାହାଯ୍ୟ ଦେବାର ଆବଶ୍ୟକତା ରହିଛି ।

ଧାରା-୪୦ : ଯେଉଁ ପିଲାମାନେ ନିୟମ ଭଙ୍ଗକାରୀ ବୋଲି ଅଭିଯୋଗ ହୋଇଥାଏ, ସେମାନଙ୍କୁ ଆଇନଗତ ସହାୟତା ଦିଆଯିବା ଆବଶ୍ୟକ । ଗୁରୁତର ଅପରାଧରେ ସଂଶ୍ଳିଷ୍ଟ ହୋଇଥିଲେ ଯାଇ ସେମାନଙ୍କୁ ଜେଲ୍ ଜନିତ ଦଣ୍ଡବିଧାନ କରାଯାଇପାରେ ।

ଧାରା-୪୧ : ଯଦି କୌଣସି ଦେଶର ଆଇନ ବ୍ୟବସ୍ଥା ଶିଶୁମାନଙ୍କର ସୁରକ୍ଷା ଦିଗରେ ଚୁକ୍ତିରେ ଥିବା ଧାରାଗୁଡ଼ିକଠାରୁ ଅଧିକ ଫଳପ୍ରଦ ମନେହୁଏ, ତେବେ ଚୁକ୍ତିର ଧାରା ଅପେକ୍ଷା ଦେଶର ଆଇନକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ ।

ଧାରା-୪୨ : ଏହି ଚୁକ୍ତିର ସମସ୍ତ ବିଷୟ ବାପା-ମା' ଓ ପିଲାମାନଙ୍କୁ ସରକାର ଅବଗତ କରାଇବେ । ଶିଶୁ ଅଧିକାର ଚୁକ୍ତିରେ ୫୪ଟି ଧାରା ରହିଛି । ପିଲାମାନେ କିପରି ଏହି ଅଧିକାର ପାଇବେ ସେଥିପାଇଁ ସରକାରମାନେ ଓ ବୟସ୍କମାନେ କିପରି ମିଳିତ ହୋଇ କାର୍ଯ୍ୟ କରିବେ ତାହା ଧାରା ୪୩ରୁ ୫୪ ପର୍ଯ୍ୟନ୍ତ ବର୍ଣ୍ଣନା ହୋଇଛି ।

Digitized by srujanika@gmail.com

୨.୭ ମାନବିକ ଅଧିକାର ସୁରକ୍ଷାକାରୀ ସମ୍ପର୍କିତ ଘୋଷଣାନାମା

ଧାରା-୧ : ମାନବିକ ଅଧିକାରର ବିକାଶ ଓ ସୁରକ୍ଷା ତଥା ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ମାନବିକ ଅଧିକାର ଏବଂ ମୌଳିକ ସ୍ୱାଧୀନତାର ପ୍ରସାର ଓ ସୁରକ୍ଷା ପାଇଁ ବ୍ୟକ୍ତି ଭାବରେ ବା ଅନ୍ୟମାନଙ୍କ ସହ ଏକାଠି ହୋଇ ସମଷ୍ଟିଗତ ଭାବରେ କାର୍ଯ୍ୟ କରିବାର ଅଧିକାର ପ୍ରତ୍ୟେକଙ୍କର ରହିଛି ।

ଧାରା-୨ : (୧) ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର ସୁରକ୍ଷା, ପ୍ରସାର ଓ ପ୍ରୟୋଗ ପାଇଁ ପ୍ରତ୍ୟେକ ରାଷ୍ଟ୍ରର ମୁଖ୍ୟ ଦାୟିତ୍ୱ ରହିଛି । ଅଧିକନ୍ତୁ, ରାଷ୍ଟ୍ରର ପରିସର ଭିତରେ ଥିବା ନାଗରିକମାନେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ତରରେ ଓ ଅନ୍ୟାନ୍ୟ କ୍ଷେତ୍ରରେ କିପରି ଏହି ଅଧିକାର ଓ ସ୍ୱାଧୀନତା ବାସ୍ତବରେ ଉପଭୋଗ କରିବେ ସେଥିପାଇଁ ପ୍ରତ୍ୟେକ ରାଷ୍ଟ୍ର ଆବଶ୍ୟକୀୟ ପଦକ୍ଷେପ ନେବା ଦରକାର । (୨) ମାନବିକ ଅଧିକାରର ଘୋଷଣାନାମାରେ ଥିବା ଅଧିକାର ଓ ସ୍ୱାଧୀନତା ବାସ୍ତବରେ ଉପଲବ୍ଧ ହେବା ପାଇଁ ପ୍ରତ୍ୟେକ ରାଷ୍ଟ୍ର ବିଧାନଗତ, ଶାସନଗତ ଓ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ନେବା ଦରକାର ।

ଧାରା-୫ : ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର ବିକାଶ ଓ ସୁରକ୍ଷା ପାଇଁ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ବ୍ୟକ୍ତି ନିଜସ୍ୱ ପ୍ରଚେଷ୍ଟାରେ ବା ଅନ୍ୟମାନଙ୍କ ସହ ସମ୍ମିଳିତ ହୋଇ କେତେକ ପଦକ୍ଷେପ ନେଇପାରିବ, ଯଥା (କ) ଅନ୍ୟମାନଙ୍କ ସହ ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ର ହୋଇପାରିବ (ଖ) ବେସରକାରୀ ସଂଗଠନ ବା ଏନ୍‌ଜିଓ, ସମିତି ବା ସମାଜ ଓ ଗୋଷ୍ଠୀ ଗଠନ କରିପାରିବ ବା ସେଥିରେ ଯୋଗ ଦେଇ ଅଂଶଗ୍ରହଣ କରିପାରିବ (ଗ) ବେସରକାରୀ ବା ଆନ୍ତର୍ସରକାରୀ ସଂଗଠନମାନଙ୍କ ସହ ଯୋଗାଯୋଗ ପ୍ରତିଷ୍ଠା କରିପାରିବ ।

ଧାରା-୭ : ମାନବିକ ଅଧିକାର ନେଇ ନୂତନ ଭାବନା ଓ ନିୟମର ବିକାଶ ପାଇଁ ବ୍ୟକ୍ତିଗତ ଭାବରେ ବା ଅନ୍ୟ ସହ ମିଶି ଜଣେ ବ୍ୟକ୍ତି ଆଲୋଚନା କରିପାରିବ ବା ଏହାକୁ ଗ୍ରହଣ କରିବା ପାଇଁ ସଚେତନତା ସୃଷ୍ଟି କରିପାରିବ । ଧାରା ୮ (୧) ନିଜ ଦେଶର ସରକାରୀ ସ୍ତରରେ ବା ସାଧାରଣ କ୍ଷେତ୍ରରେ ଏ ସମ୍ପର୍କରେ ବିଚାର ବିମର୍ଷ ପାଇଁ ଜଣେ ବ୍ୟକ୍ତିଗତ ଭାବରେ କିମ୍ବା ଅନ୍ୟମାନଙ୍କ ସହ ସମ୍ମିଳିତ ହୋଇ କାର୍ଯ୍ୟ କରିବା ପାଇଁ ଅଧିକାର ଉପଭୋଗ କରିବ; (୨) ସେ ନିଜର ମତ, ମନ୍ତବ୍ୟ ସରକାରୀ ସଂସ୍ଥା

Digitized by srujanika@gmail.com

ବା ଅନ୍ୟ ସଂଗଠନକୁ ବ୍ୟକ୍ତିଗତ ଭାବରେ ବା ଅନ୍ୟମାନଙ୍କ ସହ ସମ୍ମିଳିତ ହୋଇ ଦେଇପାରିବ । ଯେଉଁମାନେ ସର୍ବସାଧାରଣ ବ୍ୟାପାର ସହ ସମ୍ପୃକ୍ତ ସେମାନଙ୍କ ପାଖରେ ମାନବିକ ଅଧିକାର ପ୍ରସଙ୍ଗରେ ସେ ନିଜର ମତ, ସମାଲୋଚନା ବ୍ୟକ୍ତ କରିପାରିବ, ଯାହାଦ୍ୱାରା ସ୍ଥିତିରେ ପରିବର୍ତ୍ତନ ଆସିପାରିବ । ସରକାରୀ ଅଧିକାରୀଙ୍କ ଯେଉଁ କାର୍ଯ୍ୟ ଦ୍ୱାରା ମାନବିକ ଅଧିକାରର ବିକାଶ, ସୁରକ୍ଷା ଓ ରୂପାୟନ ବାଧାପ୍ରାପ୍ତ ହେଉଥାଏ ସେ ପ୍ରସଙ୍ଗ ସେ ସେମାନଙ୍କ ଦୃଷ୍ଟିକୁ ଆଣିପାରିବ ।

ଧାରା-୯ : (୧) ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର ବିକାଶ ଓ ସୁରକ୍ଷା ପାଇଁ ବ୍ୟକ୍ତି ନିଜସ୍ୱ ସ୍ତରରେ ବା ଏକ ସଂଗଠନର ସଭ୍ୟ ଭାବରେ କାର୍ଯ୍ୟ କରିପାରିବ । ଯେଉଁ କ୍ଷେତ୍ରରେ ବ୍ୟକ୍ତିର ଅଧିକାର ଉଲ୍ଲଂଘିତ ହେଉଛି ବ୍ୟକ୍ତି ବା ସଂଗଠନର କାର୍ଯ୍ୟ ଦ୍ୱାରା ତାହାର ପ୍ରତିରୋଧ ସମ୍ଭବପର ହେବ । (୨) ଏହି ଲକ୍ଷ୍ୟରେ, ଯେଉଁମାନଙ୍କର ଅଧିକାର ଉଲ୍ଲଂଘିତ ହେଉଛି ବୋଲି ଅଭିଯୋଗ ହେଉଛି ସେମାନେ ବ୍ୟକ୍ତିଗତ ଭାବରେ ବା ଆଇନସମ୍ମତ ପ୍ରତିନିଧିମାନଙ୍କ ମାଧ୍ୟମରେ ସେମାନଙ୍କର ଅଭିଯୋଗ ଦାଖଲ କରି ତାହାର ନିରାକରଣ ପାଇଁ ପଦକ୍ଷେପ ନେଇପାରିବେ । ଆଇନ ଦ୍ୱାରା ପ୍ରତିଷ୍ଠିତ ନିରପେକ୍ଷ ଓ ଦକ୍ଷ ପଦାଧିକାରୀ ଘଟଣାର ବିଚାର କରି ଆଇନସମ୍ମତ ରାୟ ଦେଇପାରିବେ । ଯେଉଁଠି ପ୍ରକୃତରେ କାହାର ଅଧିକାର ଉଲ୍ଲଂଘିତ ହେଉଛି ସେଠାରେ ତାହାର ନିରାକରଣ ସହ ତାଙ୍କୁ କ୍ଷତିପୂରଣ ଦିଆଯାଇପାରିବ । ନିଷ୍ପୀଡ଼ିତ ବ୍ୟକ୍ତିଙ୍କୁ ତୁରନ୍ତ ନ୍ୟାୟ ମିଳିବା ଦରକାର । ଅଧିକନ୍ତୁ ପ୍ରତ୍ୟେକ ବ୍ୟକ୍ତି ନିଜେ କିମ୍ୱା ଅନ୍ୟମାନଙ୍କର ସହଯୋଗରେ ଯେଉଁ ପଦକ୍ଷେପ ନେବେ (କ) ସରକାରୀ ପଦାଧିକାରୀ ବା ସରକାରୀ ସଂସ୍ଥାଙ୍କ ବିରୁଦ୍ଧରେ ମାନବିକ ଅଧିକାର ବା ମୌଳିକ ସ୍ୱାଧୀନତା ଉଲ୍ଲଂଘନ ଜନିତ ଅଭିଯୋଗ ଦରଖାସ୍ତ ଦେଇ ବା ଅନ୍ୟ ପ୍ରକ୍ରିୟାରେ କରାଯାଇପାରିବ । ଏହି ଅଭିଯୋଗ ଉପଯୁକ୍ତ ବିଚାର ବିଭାଗୀୟ, ପ୍ରଶାସନିକ କିମ୍ୱା ବ୍ୟବସ୍ଥାପକ ପଦାଧିକାରୀ, ରାଜ୍ୟ ଦ୍ୱାରା ଭାରପ୍ରାପ୍ତ ଆଇନଜ୍ଞ ପାଖରେ କରାଯିବ, ଯିଏ ଘଟଣାର ବିଚାର କରି ତୁରନ୍ତ ରାୟ ଦେଇପାରିବେ (ଖ) ବିଭିନ୍ନ ଅଭିଯୋଗ ସଂକ୍ରାନ୍ତୀୟ ଜନଶୁଣାଣୀ, ଆଇନଗତ ପ୍ରକ୍ରିୟା ଓ ବିଚାର ଆଦିକୁ ବିଶ୍ଳେଷଣ କରି ଜାତୀୟ ଆଇନ ଓ ଆନ୍ତର୍ଜାତିକ ମାନଦଣ୍ଡ ଆଧାରରେ ନିଜସ୍ୱ ମତ ନିର୍ମାଣ କରିବେ (ଗ) ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର ସୁରକ୍ଷା ପାଇଁ ଉପଯୁକ୍ତ ଆଇନଗତ ପରାମର୍ଶ ଓ ବୃତ୍ତିଗତ ସହଯୋଗ ଦେଇପାରିବେ । (୪) ନିଜ ଦେଶର ପରିସୀମା ଭିତରେ ଯେତେବେଳେ ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର

Digitized by srujanika@gmail.com

ଲଙ୍ଘନ ହେଉଥିବା ନେଇ ଯଥାଯଥ ତଥ୍ୟ ମିଳେ, ସେତେବେଳେ ରାଷ୍ଟ୍ର ତତ୍‌କ୍ଷଣାତ ଏହାର ନିରପେକ୍ଷ ଅନୁସନ୍ଧାନ କରିବା ସହ ବିହିତ ପଦକ୍ଷେପ ନେବ ।

ଧାରା-୧୦ : ମାନବିକ ଅଧିକାର ବା ମୌଳିକ ସ୍ୱାଧୀନତାର ଉଲ୍ଲଘଂନ ପାଇଁ କେହି ସହଯୋଗ କରିବେ ନାହିଁ, ଏଥିରେ ଅସହଯୋଗ କରିଥିବା କାରଣରୁ କେହି ଦଣ୍ଡିତ ହେବେନାହିଁ ।

ଧାରା-୧୧ : ନିଜର ବୃତ୍ତି ଓ କର୍ମକୁ ଆଇନସମ୍ମତ ଭାବେ କରିବାକୁ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ରହିଛି । ଜଣେ ନିଜର ବୃତ୍ତି ସମାପନ କ୍ଷେତ୍ରରେ ଅନ୍ୟର ମର୍ଯ୍ୟାଦା, ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାକୁ ପ୍ରଭାବିତ କରୁଥିଲେ ସେ ସେଥିପ୍ରତି ଯଥାର୍ଥ ଧ୍ୟାନ ଦେବେ । ଏହା ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ମାନଦଣ୍ଡକୁ ରକ୍ଷା କରିବା ସହ ବୃତ୍ତିଗତ ନୈତିକ ମାନ ଆଧାରରେ ହେବା ଆବଶ୍ୟକ ।

ଧାରା-୧୨ : (୧) ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର ଉଲ୍ଲଘଂନ ବିରୁଦ୍ଧରେ ହେଉଥିବା ଶାନ୍ତିପୂର୍ଣ୍ଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଅଧିକାର ପ୍ରତ୍ୟେକଙ୍କର ରହିଛି । ଜଣେ ବ୍ୟକ୍ତିଗତ ଭାବରେ ବା ଏକ ସଂଗଠନର ସହଯୋଗୀ ଭାବେ ଏହା କରିପାରିବେ ।

(୨) ମାନବ ଅଧିକାର ପାଇଁ କାର୍ଯ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କୁ-ବ୍ୟକ୍ତି ଭାବରେ ହୁଅନ୍ତୁ ବା ଏକ ସଂଗଠନର ସଭ୍ୟ ଭାବେ ହୁଅନ୍ତୁ - କୌଣସି ହିଂସା, ଧମକ, ପ୍ରତିଶୋଧ, କୌଣସି ପ୍ରକାରର ଭେଦଭାବ, ଚାପ ବା ମନମୁଖୀ ବ୍ୟବହାରରୁ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ଦେବାପାଇଁ ରାଷ୍ଟ୍ର ବିହିତ ପଦକ୍ଷେପ ନେବ ।

(୩) ରାଷ୍ଟ୍ରର ଉପେକ୍ଷା ବା କୌଣସି ପଦକ୍ଷେପ ଦ୍ୱାରା ଯଦି ମାନବିକ ଅଧିକାର ବା ମୌଳିକ ସ୍ୱାଧୀନତାର ଉଲଘଂନ ହେଉଥାଏ ଓ ତାହା ପାଇଁ ବ୍ୟକ୍ତି ଭାବରେ ବା କୌଣସି ସଂଗଠନର ସଭ୍ୟ ଭାବରେ ଶାନ୍ତିପୂର୍ଣ୍ଣ ଭାବେ କେହି ସ୍ୱର ଉଠାନ୍ତି ବା କାର୍ଯ୍ୟକ୍ରମ ଗ୍ରହଣ କରନ୍ତି ତେବେ ତାଙ୍କୁ ସୁରକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ ।

ଧାରା-୧୪ : (୧) ଏକ ରାଷ୍ଟ୍ରର ଜନଗଣଙ୍କ ମଧ୍ୟରେ ନାଗରିକ, ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର କ୍ଷେତ୍ରରେ ବୁଝାମଣା ସୃଷ୍ଟି କରିବା ପାଇଁ ରାଷ୍ଟ୍ର ବୈଧାନିକ, ନ୍ୟାୟିକ, ପ୍ରଶାସନିକ ଓ ଅନ୍ୟାନ୍ୟ ବିହିତ ପଦକ୍ଷେପ ନେବା ଦରକାର (୨) ଅଧିକନ୍ତୁ ଏହି ପଦକ୍ଷେପରେ (କ) ଜାତୀୟ ଆଇନ, ନିୟମ ଓ ଆନ୍ତର୍ଜାତିକ ମାନବିକ ଅଧିକାର ନିୟମାବଳୀକୁ ଛାପିବା ଓ ସହଜରେ ଉପଲବ୍ଧ କରାଇବା (ଖ) ମାନବିକ ଅଧିକାର କ୍ଷେତ୍ରରେ ସମସ୍ତ ଆନ୍ତର୍ଜାତିକ ଦଲିଲ୍, ମାନବିକ ଅଧିକାର ସମ୍ପର୍କୀୟ ସମସ୍ତ ଚୁକ୍ତିନାମାର ବିଷୟବସ୍ତୁ ଓ ସାମୟିକ ଭାବେ ପ୍ରକାଶ ପାଉଥିବା ବିବରଣୀ ତଥା ସମସ୍ତ ଚୁକ୍ତିର ସାରକଥାକୁ ଜାଣିବା ପାଇଁ ଲୋକମାନଙ୍କୁ ସୁଯୋଗ ଦେବା ଆବଶ୍ୟକ ।

Digitized by srujanika@gmail.com

୨.୮ ମାନବିକ ଅଧିକାର ସନ୍ଧି ସମିତି

ମାନବିକ ଅଧିକାର ସନ୍ଧି ସମିତି ବିଭିନ୍ନ ସମିତିମାନଙ୍କର ଆଲୋଚନା ଓ ସରକାରୀ ବିବରଣୀକୁ ଅଭିଲିଖିତ କରିଥାଏ । ଉପଯୁକ୍ତ କାରଣ ଥିଲେ ରାଷ୍ଟ୍ର ମାନବାଧିକାର ଓ ମୌଳିକ ସ୍ୱାଧୀନତାର ସୁରକ୍ଷା ଓ ବିକାଶ ପାଇଁ ଅନ୍ୟାନ୍ୟ ରାଷ୍ଟ୍ରୀୟ ସ୍ୱାଧୀନ ଅନୁଷ୍ଠାନ ନିଜର କର୍ତ୍ତୃତ୍ୱ ଥିବା ପରିସରରେ ସୃଷ୍ଟି କରିଥାଏ । ଶାସନ କ୍ଷେତ୍ରରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ଆପତ୍ତି ବା ଅଭିଯୋଗର ସନ୍ଧାନ ପାଇଁ ବା ମାନବାଧିକାରର ସୁରକ୍ଷା ପାଇଁ ଜାତୀୟ ସ୍ତରର କମିଶନ ରାଷ୍ଟ୍ର କରିପାରେ । ଏହି ସମ୍ପର୍କୀୟ କେତେକ ଧାରାର ବିଷୟ ହେଲା–

ଧାରା-୧୫ : ମାନବାଧିକାର ଓ ମୌଳିକ ସ୍ୱାଧୀନତା ବିଷୟରେ ଶିକ୍ଷା ପ୍ରଦାନ କରିବା ନିମନ୍ତେ ରାଷ୍ଟ୍ର କେତେକ ବିହିତ ପଦକ୍ଷେପ ନେବା ଆବଶ୍ୟକ । ଓକିଲମାନଙ୍କର, ଆଇନର ଉପଯୋଗ କରୁଥିବା ଅଧିକାରୀମାନଙ୍କର, ସୈନ୍ୟ ବିଭାଗର କର୍ମଚାରୀ ଓ ସରକାରୀ କର୍ତ୍ତୃପକ୍ଷଙ୍କୁ ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତା ବିଷୟରେ ସେମାନଙ୍କ ପ୍ରଶିକ୍ଷଣ ସମୟରେ ଶିକ୍ଷା ଦେବା ଦରକାର । ମାନବାଧିକାର ବିଷୟରେ ଏ ସମସ୍ତଙ୍କୁ ପ୍ରଶିକ୍ଷିତ କରିବା ରାଷ୍ଟ୍ରର କର୍ତ୍ତବ୍ୟ ।

ଧାରା-୧୬ : ମାନବାଧିକାର ଓ ମୌଳିକ ସ୍ୱାଧୀନତା ବିଷୟରେ ଜନସାଧାରଣଙ୍କୁ ଅଧିକ ଅବଗତ ଓ ସଚେତନ କରାଇବାର ଦାୟିତ୍ୱ ବ୍ୟକ୍ତିବିଶେଷ, ବେସରକାରୀ ସଂଗଠନ ବା ଏନ୍‌ଜିଓ ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କର ରହିଛି । ଶିକ୍ଷା, ପ୍ରଶିକ୍ଷଣ, ଗବେଷଣା ଓ ଅନ୍ୟାନ୍ୟ ପନ୍ଥା ଦ୍ୱାରା ଏହା କରାଯାଇପାରିବ । ଅଧିକନ୍ତୁ ରାଷ୍ଟ୍ରମାନଙ୍କ ମଧ୍ୟରେ, ପୃଥକ ଗୋଷ୍ଠୀମାନଙ୍କ ଭିତରେ, ପୃଥକ ଧର୍ମାବଲମ୍ବୀମାନଙ୍କ ଭିତରେ ପରସ୍ପର ପ୍ରତି ବୁଝାମଣା, ସହନଶୀଳତା, ଶାନ୍ତିପୂର୍ଣ୍ଣ ସମ୍ପର୍କ, ବନ୍ଧୁତ୍ୱଭାବ ରହିବା ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

ଧାରା-୧୮ : (୧) ଜଣେ ବ୍ୟକ୍ତିର ସମୁଚିତ ବ୍ୟକ୍ତିତ୍ୱର ବିକାଶ ପାଇଁ ସେ ଏକ ମୁକ୍ତ ପରିବେଶ ପାଇବା ଆବଶ୍ୟକ । ଏ କ୍ଷେତ୍ରରେ ନିଜ ଗୋଷ୍ଠୀ ପ୍ରତି ଓ ଗୋଷ୍ଠୀ ଭିତରେ ତାହାର କେତେକ ଦାୟିତ୍ୱ ରହିଛି । (୨) ବ୍ୟକ୍ତି, ଗୋଷ୍ଠୀ, ଅନୁଷ୍ଠାନ ଓ ବେସରକାରୀ ସଂଗଠନମାନଙ୍କର ଗଣତନ୍ତ୍ରର ସୁରକ୍ଷା, ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାର ବିକାଶ, ଗଣତାନ୍ତ୍ରିକ ସଂଗଠନ, ସମାଜର ନ୍ୟାୟିକ ପ୍ରକ୍ରିୟାକୁ ଦୃଢ଼ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱ ରହିଛି । (୩) ବିଶ୍ୱଜନୀନ ମାନବାଧିକାର ଘୋଷଣାନାମା ଓ ଅନ୍ୟାନ୍ୟ ମାନବାଧିକାର ଭାବନା ସହ ସମତାଳତା ରକ୍ଷା କରି

Digitized by srujanika@gmail.com

ସାମାଜିକ ଓ ଆନ୍ତର୍ଜାତିକ ସ୍ତରରେ ବ୍ୟକ୍ତିର ଅଧିକାର କିପରି ସୁରକ୍ଷିତ ରହିପାରିବ ସେଥିପାଇଁ ବ୍ୟକ୍ତି, ଗୋଷ୍ଠୀ, ଅନୁଷ୍ଠାନ ଓ ବେସରକାରୀ ସଂଗଠନମାନଙ୍କର ଭୂମିକା ଓ ଦାୟିତ୍ୱ ମଧ୍ୟ ରହିଛି ।

ମାନବିକ ଅଧିକାର ସନ୍ଧି ସମିତି ସହିତ କେତେକ ପ୍ରବୀଣ ଓ ସ୍ୱାଧୀନ ବ୍ୟକ୍ତିଙ୍କର କମିଟିମାନ ସଂଶ୍ଳିଷ୍ଟ, ଯେଉଁମାନେ ରାଷ୍ଟ୍ରୀୟ ସ୍ତରରେ ଜାତିସଂଘର ମାନବାଧିକାର ସନ୍ଧିମାନ ଯଥାର୍ଥ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ତଦାରଖ କରିଥାନ୍ତି । ରାଜ୍ୟମାନେ ସମୟକାଳର ବ୍ୟବଧାନ ଭିତରେ ଏହି ସନ୍ଧିମାନଙ୍କର ବାସ୍ତବ ରୂପାୟନ ବିଷୟରେ ଯେଉଁ ବିବରଣୀମାନ ପ୍ରଦାନ କରନ୍ତି ତାହାର ମୂଲ୍ୟାୟନ ଏହି କମିଟିମାନ କରିଥାନ୍ତି । ଅଧିକାଂଶ ମାନବାଧିକାର ସନ୍ଧି ସମିତି ମାନ ବ୍ୟକ୍ତିଗତ ଅଭିଯୋଗ ଶୁଣିବା ବା ନିରପେକ୍ଷ ଅନୁସନ୍ଧାନ କରିବା କ୍ଷେତ୍ରରେ ବେଶ୍ ପ୍ରବୀଣ ଅଟନ୍ତି ।

ସନ୍ଧିରେ ଥିବା ନିୟମ ଓ ବ୍ୟବସ୍ଥାର ଯଥାର୍ଥ ରୂପାୟନ କରିବା ରାଷ୍ଟ୍ରର ଦାୟିତ୍ୱ ହେବା ସହ ରାଷ୍ଟ୍ର କିପରି ଏହା କରୁଛି ସେ ସମ୍ବନ୍ଧୀୟ ବିବରଣୀମାନ ସାମୟିକ ବ୍ୟବଧାନରେ ରାଷ୍ଟ୍ର ପ୍ରଦାନ କରିବା ଆବଶ୍ୟକ । ରାଷ୍ଟ୍ରର କେତେକ ପ୍ରତିନିଧିଙ୍କ ସହ ମାନବାଧିକାର ସନ୍ଧି ସମୂହର ଏକତ୍ର ରାଷ୍ଟ୍ର ଦ୍ୱାରା ପ୍ରଦତ୍ତ ବିଭିନ୍ନ ତଥ୍ୟ, ବିବରଣୀ ଓ ମୌଖିକ ସୂଚନାର ବ୍ୟାଖ୍ୟା ଓ ବିଶ୍ଳେଷଣ କରିଥାନ୍ତି । ସନ୍ଧି ସମୂହ କମିଟି ଜାତିସଂଘର ବିଭିନ୍ନ ସଂସ୍ଥାର ବିବରଣୀ, ରାଷ୍ଟ୍ରମାନଙ୍କର ମାନବିକ ଅଧିକାର ସମ୍ପର୍କିତ ଅନୁଷ୍ଠାନମାନଙ୍କର ତଥ୍ୟ, ନାଗରିକ ସମାଜର ପ୍ରମୁଖ ବ୍ୟକ୍ତିମାନଙ୍କର ପ୍ରଦତ୍ତ ଅଭିମତ, ବୃତ୍ତିଗତ ସଂଗଠନ ଓ ଶୈକ୍ଷିକ ଅନୁଷ୍ଠାନମାନଙ୍କର ସୂଚନାକୁ ଆଧାର କରି ବିଷୟମାନଙ୍କର ଆଲୋଚନା କରିଥାନ୍ତି । ଏହି ପ୍ରକ୍ରିୟା ମାଧ୍ୟମରେ ସନ୍ଧି ସମୂହର ସୈଦ୍ଧାନ୍ତିକ ମତ ନିଷ୍ପନ୍ନ ହୋଇଥାଏ । ରାଷ୍ଟ୍ରମାନେ ଅଧିକ କ'ଣ ପଦକ୍ଷେପ ନେଇପାରିବେ ଓ ସନ୍ଧିର ବିଷୟକୁ କିପରି ଠିକ୍ ଭାବେ କାର୍ଯ୍ୟକାରୀ କରିବେ ଏ ସମ୍ବନ୍ଧରେ ସନ୍ଧି ସମିତି କେତେକ ସୁପାରିଶ କରିଥାଏ ।

ମାନବିକ ଅଧିକାର ସନ୍ଧି ସମୂହ ତାଲିକା

୧. **ମାନବାଧିକାର ସମିତି :** ଆନ୍ତର୍ଜାତିକ ଚୁକ୍ତି ଓ ନାଗରିକ ତଥା ରାଜନୈତିକ ଅଧିକାର (୧୯୬୬) ଓ ଅତିରିକ୍ତ ସର୍ତ୍ତାବଳୀର ଯଥାର୍ଥ ବିନିଯୋଗ ପ୍ରତି ସତର୍କ ଦୃଷ୍ଟି ଦେଇଥାଏ ।

୨. **ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ସମିତି :** ଅର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ଅଧିକାରର ଯଥାର୍ଥ ରୂପାୟନ କ୍ଷେତ୍ରରେ ନଜର ଦେଇଥାଏ ।

୩. **ବର୍ଣ୍ଣବୈଷମ୍ୟ ଦୂରୀକରଣ ସମିତି :** ଆନ୍ତର୍ଜାତିକ ସ୍ତରରେ ସକଳ ଭେଦଭାବର ନିରାକରଣ ପାଇଁ ହୋଇଥିବା ଚୁକ୍ତିର ରୂପାୟନ ପ୍ରତି ଦୃଷ୍ଟି ଦେଇଥାଏ ।

୪. **ମହିଳା ବିରୋଧୀ ଭେଦଭାବ ବିଲୋପନ ସମିତି :** ମହିଳାମାନଙ୍କ ପ୍ରତି ହେଉଥିବା ଭେଦଭାବର ଦୂରୀକରଣ ପ୍ରତି ନଜର ଦେଇଥାଏ । ୧୯୭୯ର ଏହି ଚୁକ୍ତିର କାର୍ଯ୍ୟକାରୀତାକୁ ଏହା ଦୃଷ୍ଟି ଦିଏ ।

୫. **ଉତ୍ପୀଡ଼ନ ବିରୋଧୀ ସମିତି :** ଉତ୍ପୀଡ଼ନ, ନିଷ୍ଠୁରତା ଓ ଅମାନବିକ ବ୍ୟବହାର କିମ୍ବା ଦଣ୍ଡବିଧାନ ନିରୋଧ ଚୁକ୍ତିର ଯଥାର୍ଥ ବିନିଯୋଗ ପ୍ରତି ନଜର ଦେଇଥାଏ (୧୯୮୪) ।

୬. **ଉତ୍ପୀଡ଼ନ, ନିଷ୍ଠୁରତା, ଅମାନବିକ ବ୍ୟବହାର କିମ୍ବା ଦଣ୍ଡବିଧାନ ଜନିତ ଇଚ୍ଛାଧୀନ ସନ୍ଧିପତ୍ରର ଉପସମିତି :** ସକଳ ଉତ୍ପୀଡ଼ନର ପ୍ରତିରୋଧ ପ୍ରତି ଦୃଷ୍ଟି ନିକ୍ଷେପ କରିଥାଏ (୨୦୦୨) ।

୭. **ଶିଶୁ ଅଧିକାର ସମିତି :** ଶିଶୁ ଅଧିକାର ସନ୍ଧିର ସଫଳ ରୂପାୟନ ପ୍ରତି ଲକ୍ଷ୍ୟ ଦେଇଥାଏ (୧୯୮୯) ।

୮. **ସ୍ଥାନାନ୍ତରଗାମୀ ଶ୍ରମିକ ସମିତି :** ଏହି ସମିତି ସମସ୍ତ ଦେଶାନ୍ତର ଗମନକାରୀ ଶ୍ରମିକ ଓ ସେମାନଙ୍କ ପରିବାର ଅଧିକାରର ସୁରକ୍ଷା ପ୍ରତି ନଜର ଦେଇଥାଏ ।

Digitized by srujanika@gmail.com

୯. **ଭିନ୍ନକ୍ଷମ ଅଧିକାର ସମିତି :** ଭିନ୍ନକ୍ଷମମାନଙ୍କର ଅଧିକାର ଚୁକ୍ତିର ପ୍ରୟୋଗ କ୍ଷେତ୍ର ପ୍ରତି ଦୃଷ୍ଟିନିକ୍ଷେପ କରିଥାଏ ।

ପୂର୍ବ ସୂଚନା ସହ କେତେକ ଚୁକ୍ତିର ପରିପୂରକ ଭାବେ କେତେକ ଇଚ୍ଛାଧୀନ ସନ୍ଧି ରାଜିନାମା ମଧ୍ୟ ରହିଛି, ଯାହାକୁ ରାଷ୍ଟ୍ରସକଳ ଅନୁମୋଦନ କରିପାରନ୍ତି । ଏଗାରଟି ଇଚ୍ଛାଧୀନ ସନ୍ଧିପତ୍ର ରାଜିନାମା ରହିଛି, ଯାହା ଦୃଷ୍ଟି ନିକ୍ଷେପ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିପାରିବ । ମାନବାଧିକାର ଆନ୍ତର୍ଜାତିକ ଚୁକ୍ତି ସହ ସାତଟି ଇଚ୍ଛାଧୀନ ସନ୍ଧିପତ୍ରର ରାଜିନାମା ରହିଛି । ସେଗୁଡ଼ିକ ହେଲା–

ଆନ୍ତର୍ଜାତିକ ନାଗରିକ ଓ ରାଜନୈତିକ ଅଧିକାର ଇଚ୍ଛାଧୀନ ରାଜିନାମା; ନାଗରିକ ଓ ରାଜନୈତିକ ଅଧିକାରର ଆନ୍ତର୍ଜାତିକ ଦ୍ୱିତୀୟ ଇଚ୍ଛାଧୀନ ଆନୁଷ୍ଠାନିକ ଚୁକ୍ତି, ଯେଉଁଥିରେ ମୃତ୍ୟୁଦଣ୍ଡକୁ ପରିତ୍ୟାଗ କରାଯାଇଛି; ମହିଳାମାନଙ୍କର ଭେଦଭାବ ବିଲୋପ ଜନିତ ଚୁକ୍ତିର ଇଚ୍ଛାଧୀନ ରାଜିନାମା; ଶିଶୁ ଅଧିକାର ଚୁକ୍ତି ସମ୍ପର୍କିତ ଇଚ୍ଛାଧୀନ ସନ୍ଧି ରାଜିନାମା, ଯେଉଁଥିରେ ଶିଶୁମାନଙ୍କୁ ହିଂସାତ୍ମକ କାର୍ଯ୍ୟରୁ ଦୂରରେ ରଖାଯାଇଛି; ପିଲା ବିକ୍ରି, ପିଲାମାନଙ୍କୁ ବେଶ୍ୟାବୃତ୍ତି ଓ ଅଶ୍ଳୀଳ କାର୍ଯ୍ୟରେ ସମ୍ପୃକ୍ତ ନ କରିବା ଜନିତ ରାଜିନାମାର ଇଚ୍ଛାଧୀନ ସନ୍ଧିପତ୍ର; ଉତ୍ପୀଡ଼ନ, ଅମାନବିକ ଆଚରଣ ବା ଦଣ୍ଡବିରୋଧୀ ଚୁକ୍ତିର ଇଚ୍ଛାଧୀନ ସନ୍ଧିପତ୍ର; ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କର ନାଗରିକ ଅଧିକାର ସମ୍ପର୍କିତ ଚୁକ୍ତିର ଇଚ୍ଛାଧୀନ ସନ୍ଧିପତ୍ର ।

ମାନବାଧିକାର - ସନ୍ଧି ସମିତିର କାର୍ଯ୍ୟର ମୂଲ୍ୟାୟନ ଓ ସହଯୋଗ

ମାନବାଧିକାର - ସନ୍ଧି ସମିତିର କାର୍ଯ୍ୟ ସହ ଏକାଠି କାର୍ଯ୍ୟ କରିବା ନାଗରିକ ସମାଜ ପାଇଁ ଫଳପ୍ରଦ ମନେହୁଏ । ମାନବାଧିକାର ପ୍ରୟୋଗ ଓ କାର୍ଯ୍ୟକାରୀତା ଏହାଦ୍ୱାରା ଅଧିକ ସଫଳ ହୋଇଥାଏ । ମାନବାଧିକାର-ସନ୍ଧି ସମିତି ସହ ଏକାଠି କାର୍ଯ୍ୟ କରିବା ପାଇଁ ନାଗରିକ ସମାଜ ପାଖରେ ଅନେକ ପନ୍ଥା ରହିଛି । ପ୍ରତ୍ୟେକ ସନ୍ଧି ସମିତି ପାଖରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ସମ୍ଭାବନା ରହିବା ଦେଖାଯାଏ । ଉଦାହରଣ ସ୍ୱରୂପ :

ଏକ ଚୁକ୍ତିର ଅନୁମୋଦନ ପାଇଁ;

- ନିଜର କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ରାଷ୍ଟ୍ରୀୟ ସଂଗଠନମାନଙ୍କର କାର୍ଯ୍ୟକୁ ଦୃଷ୍ଟି ଦେବା (ମନିଟରିଂ କରିବା);

Digitized by srujanika@gmail.com

- ମାନବାଧିକାର-ସନ୍ଧି ସମିତିମାନଙ୍କୁ ଲିଖିତ ବିବରଣୀ ଓ ତଥ୍ୟ ପ୍ରଦାନ କରିବା;
- ମାନବାଧିକାର-ସନ୍ଧି ସମିତିର ନିୟମ ଅନୁଯାୟୀ ସେମାନଙ୍କର ବିଭିନ୍ନ ଅଧିବେଶନରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବା ବା ମୌଖିକ ନିବେଦନ କରିବା;
- ମାନବାଧିକାର-ସନ୍ଧି ସମିତିର ସିଦ୍ଧାନ୍ତ ସକଳ ଅନୁକରଣ କରିବା, ସମିତିକୁ ବ୍ୟକ୍ତିଗତ ଅଭିଯୋଗ ପଠାଇବା;
- ତଥ୍ୟ ଯୋଗାଇବା, ଯାହାଦ୍ୱାରା ଗୋପନୀୟ ଅନୁସନ୍ଧାନ କରାଯାଇପାରିବ (ମହିଳାମାନଙ୍କ କ୍ଷେତ୍ରରେ ହେଉଥିବା ଭେଦଭାବ ବା ଉତ୍ପୀଡ଼ନର ମୂଳୋତ୍ପାଟନ ପାଇଁ);
- ତୁରନ୍ତ ପଦକ୍ଷେପ ନେବା ପାଇଁ ବା ସତର୍କତା ଅବଲମ୍ବନ କରିବାକୁ ତଥ୍ୟ ଜଣାଇବା (ବର୍ଣ୍ଣବୈଷମ୍ୟର ବିଲୋପ ପାଇଁ);
- ବାର୍ଷିକ ଆନ୍ତର୍ସମିତି ବୈଠକ ପୂର୍ବରୁ ବିଚାର ପାଇଁ ମତ ରଖିବା ।

ରାଷ୍ଟ୍ରୀୟ ଅନୁଷ୍ଠାନମାନଙ୍କର ବିବରଣୀ ପ୍ରଦାନକୁ ନଜର ରଖିବା (ମନିଟରିଂ କରିବା)

ବିଭିନ୍ନ କାରଣରୁ ଦେଶମାନେ ବା ସରକାରମାନେ ବିବରଣୀ ପ୍ରଦାନ କରିପାରନ୍ତି ନାହିଁ । ନାଗରିକ ସମାଜ ସରକାରଙ୍କ ଉପରେ ଏଥିପାଇଁ ଚାପ ସୃଷ୍ଟି କରିପାରିବ, ଯେପରି ସରକାର ତାଙ୍କର ବିବରଣୀ ଦେବା କର୍ତ୍ତବ୍ୟକୁ ଠିକ୍ ପାଳନ କରନ୍ତି । ନାଗରିକ ସମାଜ କର୍ତ୍ତାମାନେ ଚୁକ୍ତିର କାର୍ଯ୍ୟକାରୀତା ବିଷୟରେ ଯଦି ଅଧିକ ତଥ୍ୟ ସଂଗ୍ରହ କରିଥାନ୍ତି ତାହା ସରକାରଙ୍କୁ ଦେବା ଆବଶ୍ୟକ । ସେମାନେ ମାନବିକ ଅଧିକାର ସମ୍ପର୍କିତ ଚୁକ୍ତିମାନଙ୍କୁ କାର୍ଯ୍ୟକାରୀ କରିବାକୁ ନିଜର ସମ୍ପୃକ୍ତି ବ୍ୟକ୍ତ କରିବା ସହ ସରକାରଙ୍କ ସହ ସହଯୋଗୀ ହୋଇ କାର୍ଯ୍ୟ କରିବା ଦରକାର ।

ସମିତିର ଅନୁରୋଧ ସତ୍ତ୍ୱେ ଯଦି ସରକାର ତାଙ୍କର ବିବରଣୀ ସମୟସୀମା ଭିତରେ ଦିଅନ୍ତି ନାହିଁ ବା ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ, ତେବେ ମାନବାଧିକାର-ଚୁକ୍ତି ସମିତି ବିବରଣୀ ଅଭାବରେ

Digitized by srujanika@gmail.com

ଦେଶର ସ୍ଥିତିକୁ ଏହାର ଅଧିବେଶନରେ ଆଲୋଚନା କରିପାରିବେ । ଏହି ପ୍ରକ୍ରିୟାକୁ 'ସମୀକ୍ଷା-ପ୍ରକ୍ରିୟା' କୁହାଯାଏ ।

ନାଗରିକ ସମାଜର କର୍ମକର୍ତ୍ତାମାନେ ଜାତିସଂଘର ଅଂଶୀଦାରୀ ସଂଗଠନମାନଙ୍କ ସହାୟତାରେ ସମୀକ୍ଷା-ପ୍ରକ୍ରିୟାକୁ ସେମାନଙ୍କର ସୂଚନା ଦେଇପାରିବେ । ଏହି ସୂଚନା ଓ ରାଜ୍ୟମାନଙ୍କ ସହ ଆଲୋଚନା କରି ସମିତି ଏହାର ସିଦ୍ଧାନ୍ତ ଓ ଆବଶ୍ୟକୀୟ ପରାମର୍ଶ ରାଜ୍ୟକୁ ଦେଇପାରିବ ।

ଲିଖିତ ସୂଚନା ପ୍ରଦାନ

ସୂଚନା ଦେବାର ପ୍ରଣାଳୀ ଭିତରେ ମାନବିକ ଅଧିକାର ଚୁକ୍ତି ସମିତିମାନଙ୍କ ମଧ୍ୟରେ ପାର୍ଥକ୍ୟ ରହିପାରେ । ରାଜ୍ୟମାନେ ସେମାନଙ୍କର ବିବରଣୀ ଦେବା ପରେ ନାଗରିକ ସମାଜର କର୍ତ୍ତାମାନେ ସାଧାରଣତଃ ସେମାନଙ୍କର ସୂଚନା ଦେଇଥାନ୍ତି । ଚୁକ୍ତି ସମିତି ଏହାରି ଆଧାରରେ ନିଜର ମୂଲ୍ୟାୟନ ଓ ମତ ଦେଇଥାଏ ।

ମାନବାଧିକାର-ଚୁକ୍ତି ସମିତିକୁ ଦିଆଯାଉଥିବା ଲିଖିତ ସୂଚନାକୁ ସାଧାରଣ ଭାବେ ଏକ ସାର୍ବଜନୀନ ତଥ୍ୟ ଭାବରେ ଗ୍ରହଣ କରାଯାଏ । ଏହି ତଥ୍ୟକୁ ଆବଶ୍ୟକ ଅନୁରୋଧ କ୍ରମେ ଗୋପନ ରଖାଯାଏ ।

ନାଗରିକ ସମାଜର କର୍ତ୍ତାମାନେ ଯେଉଁ ଲିଖିତ ବିବରଣୀ ପ୍ରଦାନ କରନ୍ତି ତାହା ଜାତିସଂଘର ସରକାରୀ ତଥ୍ୟ ଭାବେ ସ୍ୱୀକୃତ ହୁଏନାହିଁ କିମ୍ବା ତାହାକୁ ସମ୍ପାଦନା ବା ପ୍ରକାଶ କରାଯାଏ ନାହିଁ । ସୁତରାଂ ନାଗରିକ ସମାଜ କର୍ତ୍ତାମାନେ କେଉଁ ଭାଷାରେ ସେମାନଙ୍କର ବିବରଣୀପ୍ରଦାନ କରିବେ ଏହା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ସମିତିମାନଙ୍କ ମଧ୍ୟରେ ପ୍ରଚଳିତ ଥିବା କୌଣସି ଭାଷାରେ ଏହି ବିବରଣୀ ପ୍ରଦତ୍ତ ହେବା ଦରକାର ।

ଲିଖିତ ସୂଚନା ଦେବା ପୂର୍ବରୁ କାହା ଉପରେ ଗୁରୁତ୍ୱ ଦେବେ :

❖ ରାଜ୍ୟ ଯେଉଁ ପ୍ରାସଙ୍ଗିକ ବିବରଣୀ ପ୍ରଦାନ କରିଛି ତାହା ପ୍ରକୃତରେ ଅନୁମୋଦିତ ହୋଇଛି କି, ଯଦି ଅନୁମୋଦିତ ହୋଇଛି ସେଥିରେ କିଛି ସର୍ତ୍ତମୂଳକ ବିଷୟ ରହିଛି କି (ସାଧାରଣତଃ କୌଣସି ସର୍ତ୍ତ ନାଗରିକ ସମାଜର କର୍ତ୍ତାମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ଅନୁଧ୍ୟାନ ଓ ସମାଧାନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରେନାହିଁ ବା ଏହାକୁ ସମିତି ସମ୍ମୁଖକୁ ଆଣିବାରେ ଅସୁବିଧା ନଥାଏ) ।

❖ ରାଜ୍ୟମାନଙ୍କର ପରବର୍ତ୍ତୀ ବିବରଣୀ କେବେ ଦିଆଯିବ କିମ୍ବା ପରବର୍ତ୍ତୀ ଅଧିବେଶନ କେବେ ହେବ ତାହା ନିର୍ଦ୍ଦିଷ୍ଟ ନଥାଏ । ଏହାର ତାରିଖ ସ୍ୱଳ୍ପ ସମୟ ଭିତରେ ପରିବର୍ତ୍ତନ ହୋଇଯାଇପାରେ । ସୁତରାଂ ଉପଯୋଗୀ ସମିତିର ସଚିବାଳୟ ସହିତ ନିୟମିତ ଯୋଗାଯୋଗ ରଖାଯିବା ଦରକାର ।

❖ କେଉଁ ମୁଖ୍ୟ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ ତାହା ବିଚାର ସାପେକ୍ଷ । ତେବେ ନାଗରିକ ସମାଜ କର୍ତ୍ତାମାନେ ରାଜ୍ୟମାନଙ୍କର ପୂର୍ବର ବିବରଣୀ, ପୂର୍ବର ନିଷ୍ପନ୍ନ ସିଦ୍ଧାନ୍ତ ଓ ପ୍ରସଙ୍ଗ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିବା ଆବଶ୍ୟକ ।

❖ ପ୍ରତ୍ୟେକ ମାନବାଧିକାର-ସନ୍ଧି ସମିତିର ବାସ୍ତବ କ୍ଷେତ୍ରର ନିୟମରାଜିର ବିବରଣୀ ସହ ପରିଚିତ ଥିବା ଦରକାର (ଫଳରେ ନାଗରିକ ସମାଜ କର୍ତ୍ତାମାନେ ରାଜ୍ୟମାନେ ଦେଉଥିବା ବିବରଣୀର ପ୍ରାସଙ୍ଗିକତା ଉପରେ ଦୃଷ୍ଟି ଦେଇପାରିବେ ।)

Digitized by srujanika@gmail.com

ଜେନେଭାରେ ଥିବା ମାନବାଧିକାର ଜାତିସଂଘ ହାଇକମିଶନର କାର୍ଯ୍ୟାଳୟ ମାଧମରେ ସମସ୍ତ ସମିତିମାନଙ୍କ ସହ ସଂଯୋଗ ସ୍ଥାପନ କରାଯାଇପାରିବ ।

(ସମିତିର ନାମ)

ମାର୍ଫତ : Office of the United Nations High Commissioner
for Human Rights
Palais des Nations 8 - 14, avenue de la Paix CH - 1211
Geneva 10 - Switzerland, Fax : +41 (0) 229179029

Digitized by srujanika@gmail.com

୨.୯ ସାର୍ବଜନୀନ ସାମୟିକ ସମୀକ୍ଷା (ସା ସା ସ)



ସାର୍ବଜନୀନ ସାମୟିକ ସମୀକ୍ଷା ଜାତିସଂଘର ସଭ୍ୟ ଦେଶମାନଙ୍କର ମାନବିକ ଅଧିକାର ସମ୍ପର୍କିତ ତଥ୍ୟାବଳୀର ମୂଲ୍ୟାୟନ କରିବା କ୍ଷେତ୍ରରେ ଏକ ଅଭିନବ ପ୍ରକ୍ରିୟା । ମାନବିକ ଅଧିକାର ସମିତି ଅଧୀନରେ କାର୍ଯ୍ୟ କରୁଥିବା ଏହି ସମୀକ୍ଷା ଜାତିସଂଘରେ ସଭ୍ୟ ଥିବା ପ୍ରତ୍ୟେକ ଦେଶକୁ ମାନବିକ ଅଧିକାରକୁ ଉନ୍ନତ କରିବା କ୍ଷେତ୍ରରେ ସେ ଦେଶ କ'ଣ ପଦକ୍ଷେପ ନେଇଛି ଓ ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ନିଜର ଦାୟିତ୍ୱ କିପରି ନିର୍ବାହ କରିଛି ତାହା ଘୋଷଣା କରିବାକୁ ସୁଯୋଗ ଦେଇଥାଏ । ସମସ୍ତ ଦେଶମାନଙ୍କୁ ସା ସା ସ ସମାନ ଦୃଷ୍ଟିରେ ନେଇ ସେ ଦେଶମାନଙ୍କରେ ମାନବିକ ଅଧିକାରର ସୁରକ୍ଷା ବିଷୟର ମୂଲ୍ୟାୟନ କରିଥାଏ । ଏହି ମୂଲ୍ୟାୟନ ସମିତିର ଏକ ମୁଖ୍ୟ କାର୍ଯ୍ୟକ୍ରମ ଅଟେ ।

ଜାତିସଂଘ ସାଧାରଣ ସଭା (ୟୁଏନ ଜେନେରାଲ ଆସେମ୍ବ୍ଲି) ପ୍ରସ୍ତାବ ୬୦/୨୫୧ ଅନୁଯାୟୀ ୧୫ ମାର୍ଚ୍ଚ ୨୦୦୬ ଦିନ ସା ସା ସକୁ ଗଠନ କରିଥିଲା । ଏହା ଏକ ସହଯୋଗୀ ପ୍ରକ୍ରିୟା, ଯାହା ଅକ୍ଟୋବର ୨୦୧୧ରେ ଜାତିସଂଘରେ ସଭ୍ୟ ଥିବା ୧୯୩ଟି ସଭ୍ୟ-ରାଷ୍ଟ୍ରର ମାନବିକ ଅଧିକାର ତଥ୍ୟାବଳୀକୁ ସମୀକ୍ଷା କରିଥିଲା । ସମ୍ପ୍ରତି ସା ସା ସ ବ୍ୟତୀତ ଅନ୍ୟ କୌଣସି ଏ ପ୍ରକାର ସଂସ୍ଥା ବିଶ୍ୱସ୍ତରରେ ନାହିଁ । ସାଧାରଣ ସମିତିର ଏକ ପ୍ରଧାନ ଅବଲମ୍ୱନ ଭାବେ ସା ସା ସ ସମସ୍ତ ଦେଶମାନଙ୍କୁ ସେମାନଙ୍କର ମାନବିକ ଅଧିକାର ନେଇ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଥାଏ । ସମସ୍ତ ଦେଶ ମାନବିକ ଅଧିକାରକୁ ସମ୍ମାନ ଦେବା ଓ ମୌଳିକ ସ୍ୱାଧୀନତାକୁ ସମର୍ଥନ କରିବା ସେମାନଙ୍କର ମୌଳିକ କର୍ତ୍ତବ୍ୟ । ସେହିପରି ମାନବାଧିକାର କେଉଁଠି ଉଲଙ୍ଘିତ ହେଉଥିଲେ ତାହାକୁ ସୁରକ୍ଷା ଦେବା ଓ ଏ କ୍ଷେତ୍ରର ସମସ୍ୟାମାନ ଦୂର କରିବା ନେଇ ଦେଶମାନଙ୍କୁ ସଚେତନ କରିବା ସା ସା ସର ଆଭିମୁଖ୍ୟ ହୋଇଛି ।

ସା ସା ସର ଦ୍ୱିତୀୟ ମୂଲ୍ୟାୟନ କାର୍ଯ୍ୟକ୍ରମ ମାନବାଧିକାର ସମିତିର ତ୍ରୟୋଦଶ ଅଧିବେଶନରେ ମେ, ୨୦୧୨ରେ ଆରମ୍ଭ କରାଯାଇଥିଲା ଓ ଏହା ନଭେମ୍ବର ୨୦୧୬ ପର୍ଯ୍ୟନ୍ତ ଚାଲୁ ରହିବ ।

ଏହି ସମ୍ପର୍କୀୟ ତଥ୍ୟ ଓ ସାମ୍ପ୍ରତିକ ସମୀକ୍ଷା ଜାତିସଂଘ ୱେବ୍‌ସାଇଟ୍‌ରେ ଉପଲବ୍ଧ ।

ସୂଚନା କିଏ ଦେବେ ?

ସୂଚନା ପ୍ରଦାନର ତିନୋଟି ଉତ୍ସକୁ ଆଧାର କରି ୱାର୍କିଂ ଗ୍ରୁପ୍ ଏହାର ସମୀକ୍ଷା କରିଥାଏ ।

Digitized by srujanika@gmail.com

- ରାଷ୍ଟ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସୂଚନା । ମାନବିକ ଅଧିକାର ନେଇ ଏହି ସୂଚନାକୁ 'ଜାତୀୟ ବିବରଣୀ' କୁହାଯାଏ, ଯାହା ୨୦ ପୃଷ୍ଠା ଭିତରେ ରହିବା ଆବଶ୍ୟକ ।
- ସନ୍ଧି ସମିତିମାନ ଯେଉଁ ସୂଚନା ସଂକଳିତ କରିଥାନ୍ତି ଓ ସେହି ବିବରଣୀ ସ୍ୱତନ୍ତ୍ର ପ୍ରକ୍ରିୟା ମାଧମରେ ରାଷ୍ଟ୍ରୀୟ ମତାମତ ସହ ରହିଥାଏ । ଏହାସହ ଜାତିସଂଘ ସରକାରୀ ଦଲିଲ ମଧ ଥାଏ ଓ ଏସବୁ ୧୦ ପୃଷ୍ଠା ଭିତରେ ହେବା ଦରକାର । (ଆନୁଷ୍ଠାନିକ ପ୍ରସ୍ତାବ - A/HRC/RES/5/1) । ମାନବାଧିକାର ସମିତି ବା କମିଟିର ସିଦ୍ଧାନ୍ତ କିମ୍ବା ଶିଶୁ ଅଧିକାର କମିଟି, ଜାତିସଂଘର ସ୍ୱତନ୍ତ୍ର ଦେଶୀୟ କମିଟିର ବିବରଣୀ ଏଥିରେ ସଂଯୁକ୍ତ ହୋଇପାରିବ । ମାନବାଧିକାରର ହାଇ କମିଶନର ଏହି ସଂକଳନଟିକୁ ପ୍ରସ୍ତୁତ କରିଥାନ୍ତି ।
- ଅନ୍ୟ ନିର୍ଭରଯୋଗ୍ୟ ତଥ୍ୟ, ଯାହା ବେସରକାରୀ ସଂସ୍ଥାରୁ ଆସିଥାଏ । ହାଇକମିଶନରଙ୍କ କାର୍ଯ୍ୟାଳୟ ଏହି ତଥ୍ୟର ସାରକଥା ଦଶ ପୃଷ୍ଠା ଭିତରେ ପ୍ରସ୍ତୁତ କରିଥାଏ ।

ସା ସା ସର କାର୍ଯ୍ୟକାରୀ ଗ୍ରୁପ୍‌ର ବୈଠକରେ ଦଶ ସପ୍ତାହ ପୂର୍ବରୁ ଏହା ନେଟ୍‌ରେ ଦିଆଯାଇଥାଏ ।

ସମୀକ୍ଷା କିଏ କରନ୍ତି ?

ସାର୍ବଜନୀନ ସାମୟିକ ସମୀକ୍ଷା ନିର୍ବାହୀ ଗ୍ରୁପ୍ (ୟୁନିଭର୍ସାଲ ପିରିଅଡିକ୍ ରିଭ୍ୟୁ ୱାର୍କିଂ ଗ୍ରୁପ୍) ଏହି ସମୀକ୍ଷା କରିଥାଏ ଓ ଏଥିରେ ସମିତିର ୪୭ ଜଣ ସଭ୍ୟ ରହିଛନ୍ତି । ଜାତିସଂଘରେ ସଭ୍ୟ ଥିବା କୌଣସି ଦେଶର ପ୍ରତିନିଧି ସମୀକ୍ଷା କରୁଥିବା ରାଜ୍ୟମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନାରେ ଯୋଗ ଦେଇପାରନ୍ତି । ପ୍ରତ୍ୟେକ ରାଜ୍ୟର ସମୀକ୍ଷା ତିନୋଟି ରାଜ୍ୟ ଗ୍ରୁପ୍‌ର ସହାୟତାରେ ସମ୍ପନ୍ନ ହୋଇଥାଏ, ଯାହାକୁ "ଟ୍ରୋଇକା" (Troikas) କୁହାଯାଏ, ଯେଉଁମାନେ ବିବରଣୀ ପ୍ରଦାନକାରୀ ଭାବେ କାର୍ଯ୍ୟ କରନ୍ତି । ଟ୍ରୋଇକାମାନଙ୍କର ରାଜ୍ୟଭିତ୍ତିକ ମନୋନୟନ ସାଧାରଣ ପରିଷଦ ଜରିଆରେ ସମିତି ନିର୍ବାଚନ ମଧ ଦେଇହୁଏ ।

ସମୀକ୍ଷା କେଉଁ ଆଧାରରେ ହୁଏ ?

ଯେଉଁ ଦଲିଲ ଆଧାରରେ ଏହି ସମୀକ୍ଷା ହୋଇଥାଏ, ସେସବୁ ହେଲା-

(୧) ଯୋଗୁଁ ରାଜ୍ୟର ସମୀକ୍ଷା କରାଯିବ, ତାହାଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ ହେବ, ଯାହାକୁ ଜାତୀୟ ବିବରଣୀ କୁହାଯାଏ; (୨) ମାନବିକ ଅଧିକାର ନେଇ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଅଥଚ ପ୍ରବୀଣ ବ୍ୟକ୍ତି ଓ ଗ୍ରୁପ୍ ଦ୍ୱାରା ପ୍ରଦତ୍ତ ସୂଚନା ଆଧାରରେ କରାଯାଏ । ଏହାକୁ ମାନବାଧିକାର ସ୍ୱତନ୍ତ୍ର ଚୁକ୍ତି ସମିତି କୁହାଯାଏ ଓ ଏହା ଜାତିସଂଘର ଅଂଶ ବିଶେଷ ଅଟେ; (୩) ମାନବାଧିକାର ସଂଗଠନ, ବେସରକାରୀ ସଂଗଠନ ପରି ତୃତୀୟ ପକ୍ଷ ଦ୍ୱାରା ପ୍ରଦତ୍ତ ସୂଚନାକୁ ମଧ ବିଚାର ପରିସରକୁ ନିଆଯାଏ ।

ସମୀକ୍ଷା କିପରି ପରିଚାଳିତ ହୁଏ ?

ଯେଉଁ ରାଜ୍ୟର ସମୀକ୍ଷା ହେବ ସେହି ରାଜ୍ୟର ପ୍ରତିନିଧି ଓ ଜାତିସଂଘର ସଭ୍ୟ ରାଜ୍ୟମାନଙ୍କର ପ୍ରତିନିଧିଙ୍କର ସମ୍ମିଳିତ ଆଲୋଚନା ମାଧମରେ ଏହା ସମ୍ପନ୍ନ ହୁଏ । ସା ସା ସର କାର୍ଯ୍ୟନିର୍ବାହୀ ଗ୍ରୁପ୍‌ର ଏକ ବୈଠକ ସମୟରେ ଏହା ହୋଇଥାଏ । ଆଲୋଚନା ସମୟରେ ଜାତିସଂଘର ଯେକୌଣସି ସଭ୍ୟ ରାଷ୍ଟ୍ର ପ୍ରଶ୍ନ ଉଠାଇପାରିବେ ବା ସମୀକ୍ଷାମୂଳକ ମତାମତ ଦେଇପାରିବେ । ଏହି କ୍ଷେତ୍ରରେ ଷ୍ଟ୍ରୋଇକା ଏହାର ପ୍ରସଙ୍ଗ ବା ପ୍ରଶ୍ନ ପ୍ରସ୍ତୁତ କରିବେ ବା ସମୀକ୍ଷା କରାଯାଇଥିବା ରାଜ୍ୟର ପ୍ରତିନିଧିଙ୍କୁ ଏହା ଦେବେ । ଏହାର ଉଦ୍ଦେଶ୍ୟ ହେଉଛି ଆଲୋଚନାକୁ ସରଳ ଓ ସୁବ୍ୟବସ୍ଥିତ କରିବା । ପ୍ରଥମ ଆଲୋଚନାଚକ୍ରରେ କାର୍ଯ୍ୟନିର୍ବାହୀ ଗ୍ରୁପ୍ ଆଲୋଚନା ପାଇଁ ତିନିଘଣ୍ଟା ସମୟ ବ୍ୟୟ କରିବେ । ଦ୍ୱିତୀୟ ଆଲୋଚନାଚକ୍ରଠାରୁ ଏହି ଆଲୋଚନାର ସମୟ ଅବଧିକୁ ତିନି ଘଣ୍ଟାରୁ ସାଢ଼େ ତିନିଘଣ୍ଟାକୁ ବୃଦ୍ଧି କରାଯାଇଛି ।

Digitized by srujanika@gmail.com

ମାନବିକ ଅଧିକାରର କେଉଁ ସମସ୍ୟାକୁ ବିଚାରକୁ ନିଆଯାଏ ?

ରାଜ୍ୟମାନ ଯେଉଁ ମାନବାଧିକାର କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇଛନ୍ତି ସା ସା ସ ସେହି କ୍ଷେତ୍ରକୁ ଗୁରୁତ୍ୱ ଦେବ । ଯଥା (୧) ଜାତିସଂଘର ସନନ୍ଦ, (୨) ମାନବାଧିକାରର ସାର୍ବଜନୀନ ଘୋଷଣା, (୩) ମାନବାଧିକାର କ୍ଷେତ୍ର, ଯାହା ସହ ରାଜ୍ୟ ସଂଶ୍ଳିଷ୍ଟ (ମାନବାଧିକାର ଚୁକ୍ତି ସମୂହ, ଯାହା ସଂପୃକ୍ତ ରାଜ୍ୟ ଅନୁମୋଦନ କରିଛି), (୪) ରାଜ୍ୟ ସ୍ୱେଚ୍ଛାକୃତ ଭାବେ ପାଳନ କରିବାକୁ ଦେଇଥିବା ପ୍ରତିଶ୍ରୁତି (ଜାତୀୟ ମାନବାଧିକାର କାର୍ଯ୍ୟସୂଚୀ, ଯାହା ରାଜ୍ୟ ପ୍ରୟୋଗ କରିଛି), (୫) ଆନ୍ତର୍ଜାତିକ ମାନବତାବାଦୀ ନିୟମର ପ୍ରୟୋଗ ।

ସମୀକ୍ଷାର ପରିଣାମ କ'ଣ ?

କାର୍ଯ୍ୟକାରୀ ଗ୍ରୁପ୍‌ର ସମୀକ୍ଷାକୁ ଆଧାର କରି, ସମ୍ପୃକ୍ତ ରାଜ୍ୟ ଓ ମାନବାଧିକାର ବିଶ୍ୱ ସଂସ୍ଥାର ସହଯୋଗରେ ଟ୍ରୋଇକା ଏକ ବିବରଣୀ ପ୍ରସ୍ତୁତ କରିଥାଏ । ଏହି ବିବରଣୀକୁ ସମୀକ୍ଷାର ପରିଣାମ ଭାବେ ନିଆଯାଏ ଓ ଆଲୋଚନାର ସାରକଥା ଏଥିରେ ରହିଥାଏ । ବିଭିନ୍ନ ପ୍ରଶ୍ନ, ମତାମତ, ସୁପାରିଶ, ଯାହା ସଂପୃକ୍ତ ରାଷ୍ଟ୍ର ପାଇଁ ଉଦ୍ଦିଷ୍ଟ ତାହା ଏଥିରେ ଉଲ୍ଲେଖ ଥାଏ । ଯେଉଁ ରାଜ୍ୟ ବିଷୟରେ ଏହି ସମୀକ୍ଷା କରାଯାଏ ତାହା ସମ୍ପର୍କରେ ଅନ୍ୟମାନଙ୍କର ମତାମତ ଓ ସୁପାରିଶ ଏହି ସମୀକ୍ଷା ବିବରଣୀରେ ଉପଲବ୍ଧ ହୋଇଥାଏ ।

ନିବେଦନ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣାଳୀ

ମାନବାଧିକାର ଆନ୍ତର୍ଜାତିକ ଅନୁଷ୍ଠାନ ସେମାନଙ୍କର ଆବେଦନକୁ ପାଞ୍ଚ ପୃଷ୍ଠା (୨୮୧୫ ଶବ୍ଦରେ) ଭିତରେ ସୀମିତ କରିବାକୁ ବେସରକାରୀ ସଂସ୍ଥା ବା ଏନ୍‌ଜିଓମାନଙ୍କୁ କହିଥାଏ । ଯେତେବେଳେ ଏନ୍‌ଜିଓମାନେ ସମ୍ମିଳିତ ଭାବେ ସେମାନଙ୍କର ସୂଚନା ପ୍ରଦାନ କରନ୍ତି ସେତେବେଳେ ଅନ୍ୟାନ୍ୟ ସୂଚନା ସହ ସେମାନଙ୍କର ବିବରଣୀ ଦଶ ପୃଷ୍ଠା (୫୬୩୦ ଶବ୍ଦ) ଭିତରେ ହେବା ଆବଶ୍ୟକ । ତଥ୍ୟକୁ ସରଳ କରିବା ପାଇଁ ସମସ୍ତ ପୃଷ୍ଠା ଓ ପାରାଗ୍ରାଫ୍‌ମାନଙ୍କୁ ସଂଖ୍ୟା ଦ୍ୱାରା ସୂଚୀତ କରିବା ଦରକାର । ଏନ୍‌ଜିଓମାନେ ସେମାନଙ୍କର ବିବରଣୀକୁ ମାଇକ୍ରୋସଫଟ୍ ୱାର୍ଡ, ଇମେଲ୍ ଯୋଗେ ପଠାଇବେ, ଏହାକୁ କାଗଜରେ ବା ଅନ୍ୟ କୌଣସି ଫର୍ମାଟ୍‌ରେ ପଠାଇବେ ନାହିଁ ।

ସାମୟିକ ସମୀକ୍ଷାର ଦ୍ୱିତୀୟ ଓ ପରବର୍ତ୍ତୀ ବିବରଣୀ ସଂପୃକ୍ତ ରାଜ୍ୟ ଗ୍ରହଣ କରିଥିବା ବିଷୟ ଉପରେ ପ୍ରାଧାନ୍ୟ ଦେଇଥାଏ । ପୂର୍ବ ଥରର ସମୀକ୍ଷା ପରଠୁ ଏହା ଭିତରେ ମାନବାଧିକାର ସୁରକ୍ଷା କ୍ଷେତ୍ରରେ କ'ଣ ଅଗ୍ରଗତି ହୋଇଛି ତାହାର ସୂଚନା ଏଥିରେ ରହିଥାଏ । ଏତଦ୍‌ବ୍ୟତୀତ ଏହି ସମୟ ଭିତରେ ଯଦି ଅନ୍ୟକିଛି ପ୍ରସଙ୍ଗ ଥାଏ ତେବେ ତାହା ମଧ୍ୟ ଏଥିରେ ସ୍ଥାନ ପାଇଥାଏ ।

ମାନବିକ ଅଧିକାର ଆନ୍ତର୍ଜାତିକ ଅନୁଷ୍ଠାନ ଜାତୀୟ ମାନବାଧିକାର କମିଶନ ଓ ଏନ୍‌ଜିଓମାନଙ୍କୁ ବୈଷୟିକ ପରାମର୍ଶ ଦେଇଥାଏ, ଯାହାକୁ ଆଧାର କରି ସେମାନେ ସା ସା ସକୁ ତାଙ୍କର ବିବରଣୀ ପଠାଇଥାଆନ୍ତି । ଏହି ପରାମର୍ଶ ନେଟ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଥାଏ । ସା ସା ସର ଦ୍ୱିତୀୟ ମୂଲ୍ୟାୟନର ନିୟମାବଳୀ http://www.ohchr.org/Documents/HRBodies/UPR/Technical Guide EN.pdf ୱେବ୍‌ସାଇଟ୍‌ରେ ଉପଲବ୍ଧ ।

ବିବରଣୀ ମଧ୍ୟ ନେଟ୍‌ରେ ପଠାଇବାକୁ ହୋଇଥାଏ । ପ୍ରତ୍ୟେକ ରାଜ୍ୟ ପାଇଁ ଗୋଟିଏ ବିବରଣୀ ଇମେଲ୍ ଯୋଗେ ପଠାଇବାକୁ ହୋଇଥାଏ ଓ ସେଥିରେ ରାଜ୍ୟର ନାମ, ଏନ୍‌ଜିଓମାନଙ୍କର ପୂର୍ଣ୍ଣ ସୂଚନା ଓ ତାରିଖ ଉଲ୍ଲେଖ ଥାଏ । ଏହି ବିବରଣୀ uprsubmissions@ohchr.org ଠିକଣାରେ ନେଟ୍ ମାଧ୍ୟମରେ ପଠାଇବାକୁ ହୋଇଥାଏ ।

ଏ ବିଷୟରେ ସବିଶେଷ ତଥ୍ୟ ଓ ପରାମର୍ଶ http://upr-info.org ୱେବ୍‌ସାଇଟ୍‌ରେ ଉପଲବ୍ଧ ।

Digitized by srujanika@gmail.com

ବିବରଣୀ ପ୍ରଦାନ

ସମୀକ୍ଷା ହେବାର ୮-୬ ମାସ ପୂର୍ବରୁ :-

ସମୀକ୍ଷା ହେବାର ଅଧିବେଶନର ଛଅରୁ ଆଠ ମାସ ପୂର୍ବରୁ ଏନ୍‌ଜିଓମାନେ ମାନବିକ ଅଧିକାର କମିଶନକୁ ତାଙ୍କର ବିବରଣୀ ପଠାଇବା ଆବଶ୍ୟକ । ଜେନେଭା ଟାଇମ୍‌ର ସମୟସୀମା ଭିତରେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଏହା ପହଞ୍ଚିବା ଦରକାର, ବିଳମ୍ବରେ ପହଞ୍ଚିବା ବିବରଣୀକୁ ବିଚାରକୁ ନିଆଯିବ ନାହିଁ ।

ପ୍ରତ୍ୟେକ ୱାର୍କିଂ ଗ୍ରୁପ୍ ଅଧିବେଶନର ଛଅ ସପ୍ତାହ ପୂର୍ବରୁ ଏନ୍‌ଜିଓମାନଙ୍କ ପାଇଁ ସାଧାରଣ ଅଧିବେଶନ ହୁଏ ଓ ସେଥିରେ ସେମାନଙ୍କଠାରୁ ବିଭିନ୍ନ ପ୍ରଶ୍ନ ଓ ପରାମର୍ଶ ଆହ୍ୱାନ କରାଯାଏ । ସମସ୍ତ ସରକାରୀ ପ୍ରତିନିଧିମାନଙ୍କୁ ଏହି ଅଧିବେଶନକୁ ଆମନ୍ତ୍ରଣ କରାଯାଏ, ଏଥିରେ ସମୟର ଯଥେଷ୍ଟ ବ୍ୟବଧାନ ରଖାଯାଏ, ଯାହାଦ୍ୱାରା ସେମାନେ ନିଜ ନିଜର ସରକାରଙ୍କ ସହ ପରାମର୍ଶ କରିପାରିବେ ।

ଯେଉଁ ଏନ୍‌ଜିଓମାନେ ଏଥିରେ ଅଂଶଗ୍ରହଣ କରିବାକୁ ଚାହାନ୍ତି
ସେମାନେ ନିମ୍ନ ଠିକଣାରେ ଯୋଗାଯୋଗ କରିବେ :

UPR Info
Avenue du Mail 14
1205 Geneva, Switzerland
Phone +41223217770, Fax : +41223217771
Email : info@upr-info.org

ଏହି ସମୀକ୍ଷା ଏକ ଆନ୍ତର୍ସରକାରୀ ପ୍ରକ୍ରିୟା । ସୁତରାଂ ଏ କ୍ଷେତ୍ରରେ ସମ୍ପୃକ୍ତ ରାଜ୍ୟ ପାଇଁ ଅନ୍ୟମାନେ କେତେକ ପ୍ରଶ୍ନ ଓ ସୁପାରିଶ ପାଇଁ ସେମାନଙ୍କୁ ପୂର୍ବରୁ ପ୍ରଭାବିତ କରିବାକୁ ହୋଇଥାଏ । ଏହା ନିଜ ଦେଶରେ ଥିବା ଏମ୍ବାସି (ଦୂତାବାସ) ଜରିଆରେ ବା ଜାତିସଂଘରେ ଥିବା ସ୍ଥାୟୀ ମିସନ୍ ମାଧ୍ୟମରେ

Digitized by srujanika@gmail.com

କରିବାକୁ ପଡ଼ିଥାଏ । ଜେନେଭାଠାରେ ଜାତିସଂଘ ସ୍ଥାୟୀ ମିଶନ ରହିଛି । ଯଦି ଅଧିବେଶନରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉଠାଇବାର ଥାଏ ବା ପ୍ରତିରକ୍ଷା ସେବା ବିରୁଦ୍ଧରେ ଅଭିଯୋଗ ଆଣିବାର ଥାଏ ତେବେ ଏଥିପାଇଁ ପୂର୍ବରୁ ଅନ୍ୟମାନଙ୍କ ସହ ସମ୍ପର୍କ ରକ୍ଷା କରିବାକୁ ହୋଇଥାଏ ।

ସମୀକ୍ଷା ସମୟରେ : ମାନବାଧିକାର ସମିତିର ଏକ କାର୍ଯ୍ୟକାରୀ ଗ୍ରୁପ୍ ମଧ୍ୟରେ ଏହି ସମୀକ୍ଷା ହୋଇଥାଏ । ଏଥିରେ ଜାତିସଂଘର ସଭ୍ୟ ରାଷ୍ଟ୍ରମାନେ ସମ୍ପୃକ୍ତ ଥାନ୍ତି ଓ ଏଥିରେ ସମିତିର ସଭାପତି ସଭାପତିତ୍ୱ କରନ୍ତି । ଏନ୍‌ଜିଓମାନେ ପରାମର୍ଶଦାତା ଭୂମିକାରେ ଏଥିରେ ଯୋଗ ଦେଇପାରନ୍ତି, କିନ୍ତୁ ସମୀକ୍ଷା ସମୟରେ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ।

ଏକ ଟ୍ରୋଇକା ଦ୍ୱାରା ଏହାର ସମୀକ୍ଷା ପ୍ରସ୍ତୁତ କରାଯାଏ । ମାନବାଧିକାର ସମିତିର ସଭ୍ୟ ଓ ଆଞ୍ଚଳିକ ଗ୍ରୁପ୍‌ମାନଙ୍କ ମଧ୍ୟରୁ ଟ୍ରୋଇକା ଗଠିତ ହୋଇଥାଏ । ରାଜ୍ୟମାନେ ଦେଇଥିବା ପ୍ରଶ୍ନ ଓ ପ୍ରସଙ୍ଗକୁ ଟ୍ରୋଇକା ଗ୍ରହଣ କରି ଯେଉଁ ରାଜ୍ୟର ସମୀକ୍ଷା ହୁଏ ତାକୁ ଏହାର ସୂଚନା ଦେଇଥାଏ । ସମୀକ୍ଷା ସମୟରେ ଟ୍ରୋଇକାର ସଭ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ଭୂମିକା ନଥାଏ । ସମୀକ୍ଷା ପରେ କାର୍ଯ୍ୟକାରୀ ଗ୍ରୁପ୍ ପାଇଁ ଟ୍ରୋଇକା ଏକ ବିବରଣୀ ପ୍ରସ୍ତୁତ କରିବାର ଦାୟିତ୍ୱ ନିଏ । ଏଥିରେ ସମ୍ପୃକ୍ତ ରାଜ୍ୟ ଓ ମାନବାଧିକାର ଆନ୍ତର୍ଜାତିକ ଅନୁଷ୍ଠାନ ସହଯୋଗ ଦେଇଥାନ୍ତି । ଟ୍ରୋଇକାର ଜଣେ ସଭ୍ୟ ଏହାକୁ ଗ୍ରହଣ କରାଯିବା ପୂର୍ବରୁ କାର୍ଯ୍ୟକାରୀ ଗ୍ରୁପ୍‌ରେ ଉପସ୍ଥାପନ କରିଥାନ୍ତି ।

ସମୀକ୍ଷାର ୩-୪ ମାସ ପରେ : ମାନବାଧିକାର ସମିତିର ସାଧାରଣ ଅଧିବେଶନରେ ସହମତି କ୍ରମେ କାର୍ଯ୍ୟକାରୀ ଗ୍ରୁପ୍‌ର ବିବରଣୀଟି ଗୃହୀତ ହୋଇଥାଏ । ଏହି ଅଧିବେଶନରେ ପ୍ରଥମେ ସଂପୃକ୍ତ ରାଜ୍ୟ ନିଜର ମତ ଓ ଅନ୍ୟାନ୍ୟ ରାଜ୍ୟର ମତ (ପ୍ରତ୍ୟେକ କୋଡ଼ିଏ ମିନିଟ୍ କରି) ଉପସ୍ଥାପିତ ହେବା ପରେ ଏନ୍‌ଜିଓମାନେ କୋଡ଼ିଏ ମିନିଟ୍ ନିଜର ମୌଖିକ ମତ ରଖିପାରିବେ ଓ ଏହା ପରେ ସିଦ୍ଧାନ୍ତ ଗୃହୀତ ହେବ । ପରାମର୍ଶ ସ୍ଥିତିରେ ଥିବା ଏନ୍‌ଜିଓମାନେ ମୌଖିକ ମତ ଦେବାପାଇଁ ଅନୁମତି ପାଇଥାନ୍ତି ।

ଯେହେତୁ ଏନ୍‌ଜିଓମାନେ ମିଳିତ ହୋଇ ମତ ଦେବାକୁ ସାଧାରଣତଃ ଗ୍ରହଣ କରାଯାଏ, ତେବେ କୌଣସି ଏନ୍‌ଜିଓ ନିଜସ୍ୱ ମତ ଦେବାକୁ ଚାହୁଁଥିଲେ ଏକ ଲିଖିତ ମତ ଦେଇପାରେ । ଏହି ଲିଖିତ ମତଗୁଡ଼ିକୁ ଜାତିସଂଘର ସରକାରୀ ଦଲିଲ ଭାବେ ନିଆଗଲେ ବି ମୌଖିକ ବକ୍ତବ୍ୟ ତୁଳନାରେ ତାହାର ପ୍ରଭାବ କମ୍ ଥାଏ । ଲିଖିତ ବକ୍ତବ୍ୟ ରଖିବା ପାଇଁ ଅଧିବେଶନ ଆରମ୍ଭ ହେବାର ଦୁଇ ସପ୍ତାହ ପୂର୍ବରୁ ସମୟସୀମା ଥାଏ । ତେବେ ଇ-ମେଲ୍ ଯୋଗେ ପଠାଯାଇଥିବା ମତାମତ ପାଇଁ କେତେକ ବୈଷୟିକ ନିର୍ଦ୍ଦେଶନାମା ରହିଥାଏ ।

ପରବର୍ତ୍ତୀ ପଦକ୍ଷେପ : ସମୀକ୍ଷା ପରେ ସୁପାରିଶମାନଙ୍କୁ ଗ୍ରହଣ କରିଥିବା ରାଜ୍ୟ ସେସବୁକୁ କାର୍ଯ୍ୟକାରୀ କରିବା ଓ ଏହାକୁ ତଦାରଖ କରିବା ରାଜ୍ୟର ଦାୟିତ୍ୱ ହୋଇଥାଏ ।

ସା ସା ସର ସୁପାରିଶମାନଙ୍କର କାର୍ଯ୍ୟକାରୀତା ନେଇ ରାଜ୍ୟମାନେ ମଧ୍ୟବର୍ତ୍ତୀ ବିବରଣୀ ମାନବାଧିକାର ସମିତିକୁ ଦେବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥାଏ । ଏହା ଛବି କରିବାକୁ ପରବର୍ତ୍ତୀ ସୁଯୋଗ ଦେଇଥାଏ । ପରାମର୍ଶ ସ୍ଥିତିରେ ଥିବା ଏନ୍‌ଜିଓମାନେ ଲିଖିତ ମନ୍ତବ୍ୟ ମାନବାଧିକାର ସମିତିକୁ ମଧ୍ୟ ପ୍ରଦାନ କରିପାରିବେ ।

Digitized by srujanika@gmail.com

୩. ମାନବିକ ଅଧିକାର ଆନ୍ତର୍ଜାତିକ ସୁରକ୍ଷା ପ୍ରକ୍ରିୟା

ସ୍ୱତନ୍ତ୍ର ପ୍ରଣାଳୀ / ସ୍ୱତନ୍ତ୍ର ବିବରଣୀଦାତା

ଇଚ୍ଛାଧୀନ ରାଜିନାମା

Digitized by srujanika@gmail.com

୩.୧ ଜାତିସଂଘ ସ୍ୱତନ୍ତ୍ର ପ୍ରଣାଳୀ

ମାନବିକ-ଅଧିକାର-ସମିତି-ସ୍ୱତନ୍ତ୍ର-ପ୍ରଣାଳୀ ହେଉଛି ମାନବିକ ଅଧିକାର ପାଇଁ କାର୍ଯ୍ୟ କରୁଥିବା କେତେକ ସ୍ୱାଧୀନ ବିଶେଷଜ୍ଞ, ଯେଉଁମାନେ ମାନବିକ ଅଧିକାର ବିଷୟରେ ବିବରଣୀ ବା ପରାମର୍ଶ ଦେବା ପାଇଁ ବୈଧାନିକ ଅନୁମତି ପ୍ରାପ୍ତ । ସେମାନେ କୌଣସି ଦେଶୀୟ ବା ବିଷୟକ ସୂଚନା ସ୍ତରରେ କାର୍ଯ୍ୟ କରିଥାନ୍ତି । ଜାତିସଂଘର ମାନବାଧିକାର ପ୍ରକ୍ରିୟାର ଏକ କେନ୍ଦ୍ରୀୟ ଉପାଦାନ ହେଉଛି ଏହି ସ୍ୱତନ୍ତ୍ର ବ୍ୟବସ୍ଥା । ଏହା ସକଳ ନାଗରିକ, ସାଂସ୍କୃତିକ, ଆର୍ଥନୀତିକ, ରାଜନୈତିକ ଓ ସାମାଜିକ ଅଧିକାର ପରି ମାନବିକ ଅଧିକାରର ସମସ୍ତ ଦିଗ ସହ ସମ୍ପୃକ୍ତ । ଏହାର କାର୍ଯ୍ୟ ଓ ସମ୍ପାଦନାର ୨୦୧୧ ସମୀକ୍ଷା ଅନୁଯାୟୀ ମାନବାଧିକାର ସମିତି ଏହା ଉପରେ ପୁନଶ୍ଚ ଦାୟିତ୍ୱ ନ୍ୟସ୍ତ କରିଛି । ସମସ୍ତ ରାଜ୍ୟମାନେ ଏହି ସ୍ୱତନ୍ତ୍ର ପ୍ରଣାଳୀକୁ ସହଯୋଗ କରିବା ଓ ସ୍ୱତନ୍ତ୍ର ପ୍ରଣାଳୀ ଯେପରି ସ୍ୱାଧୀନ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିପାରିବ ସେ ପ୍ରତି ଗୁରୁତ୍ୱ ଦେବାକୁ ସମିତି ରାଜ୍ୟମାନଙ୍କୁ ପରାମର୍ଶ ଦେଇଛି । ସହଯୋଗ, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନେଇ ମାନବାଧିକାର ସମିତି ଏହି ସ୍ୱତନ୍ତ୍ର ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଇଛି । ମାନବାଧିକାର ସୁରକ୍ଷା କ୍ଷେତ୍ରରେ ସମିତି ଯେପରି ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ ସମ୍ପାଦନ କରିପାରିବ ସେ ପାଇଁ ଏହି ସ୍ୱତନ୍ତ୍ର ପ୍ରଣାଳୀକୁ

ଜାତିସଂଘ ସ୍ୱତନ୍ତ୍ର ପ୍ରଣାଳୀ କ'ଣ ?

ଜାତିସଂଘର ସ୍ୱତନ୍ତ୍ର ପ୍ରଣାଳୀ ପରିସରରେ ମାନବିକ ସୁରକ୍ଷା ସମିତି ମାନବିକ ଅଧିକାରର ସୁରକ୍ଷା ପାଇଁ କେତେକ ପ୍ରକ୍ରିୟାକୁ ଉଭବ କରାଇଛି । 'ସ୍ୱାଧୀନ ବିଶେଷଜ୍ଞ କାର୍ଯ୍ୟକାରୀ ଗ୍ରୁପ୍' ଭାବରେ କେତେକ ବ୍ୟକ୍ତିବିଶେଷଙ୍କୁ ଉପାଧି ଦିଆଯାଇଛି । ଜାତିସଂଘ ମାନବିକ ଅଧିକାର ସମିତି ତରଫରୁ ମାନବିକ ଅଧିକାର ପାଇଁ କାର୍ଯ୍ୟ କରୁଥିବା କେତେକ ବ୍ୟକ୍ତିଙ୍କୁ ମାନବିକ ଅଧିକାରର ପର୍ଯ୍ୟାଲୋଚନା, ମନିଟରିଂ, ପରାମର୍ଶ ଓ ସାଧାରଣରେ ବିବରଣୀ ଦେବାପାଇଁ ବୈଧାନିକ ଅନୁମତି ଦିଆଯାଇଛି । ଏହି ବୈଧାନିକ ଅନୁମତି ଏକ ଦେଶୀୟ ବା ବିଷୟଗତ ଅନୁମତି ହୋଇପାରେ । ବ୍ୟକ୍ତିଗତ ଅଭିଯୋଗ, ମନସ୍ତାତ୍ତ୍ୱିକ ପ୍ରକ୍ରିୟା ବା ବିନ୍ୟାସ, ଯାହା ଗଣମାଧ୍ୟମ ବା ଶୈକ୍ଷିକ ଗବେଷଣା ମାଧ୍ୟମରେ ଉଠାଯାଏ ସେସବୁକୁ ସ୍ୱତନ୍ତ୍ର ଅନୁଶୀଳନ ଆଧାରରେ ସେମାନେ ପ୍ରକାଶ କରିଥାନ୍ତି । ବୈଷୟିକ ସହଯୋଗ ବା କେତେକ କାର୍ଯ୍ୟସୂଚୀ ଆଧାରରେ ସେମାନେ ମାନବିକ ଅଧିକାର ପାଇଁ ଅଭିପ୍ରେରିତ ହୋଇ କାର୍ଯ୍ୟ କରିଥାଆନ୍ତି ।

Digitized by srujanika@gmail.com

ଗୁରୁତ୍ୱ ଦିଆଯାଉଛି । ଜାତିସଂଘ ଓ ମାନବାଧିକାର ପ୍ରକ୍ରିୟା ସହ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପ୍ରତି କୌଣସି ପ୍ରତିଶୋଧମୂଳକ ମନୋଭାବକୁ ସମସ୍ତ ସଭ୍ୟ-ରାଷ୍ଟ୍ରମାନେ ଦୃଢ଼ ଭାବରେ ବିରୋଧ କରିଛନ୍ତି ।

ସମିତି ସ୍ୱତନ୍ତ୍ର ପ୍ରଣାଳୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ଯାତାୟତ ଓ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥାକୁ ମଧ୍ୟ ସ୍ୱୀକୃତି ଦେଇଛି ।

ସ୍ୱତନ୍ତ୍ର ପ୍ରଣାଳୀ କ୍ଷେତ୍ରରେ ଏକକ ବ୍ୟକ୍ତି (ସ୍ୱତନ୍ତ୍ର ବିଶେଷଜ୍ଞ) ବା ପାଞ୍ଚ ସଭ୍ୟ ବିଶିଷ୍ଟ ଏକ ଗ୍ରୁପ୍ ରହିପାରନ୍ତି । ପାଞ୍ଚଜଣିଆ ଗ୍ରୁପରେ ଜାତିସଂଘର ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ କାରିବିଅନ, ପୂର୍ବ ୟୁରୋପ ଓ ପାଶ୍ଚାତ୍ୟ ଗ୍ରୁପ୍ ଏହିପରି ପାଞ୍ଚଟି ଆଞ୍ଚଳିକ ସ୍ତରରୁ ସଭ୍ୟ ରହିପାରିବେ । ମାନବାଧିକାର ସମିତି ସ୍ୱତନ୍ତ୍ର ବିବରଣୀଦାତା, ସ୍ୱାଧୀନ ବିଶେଷଜ୍ଞ ଓ କାର୍ଯ୍ୟନିର୍ବାହୀ ଗ୍ରୁପର ସଭ୍ୟମାନଙ୍କୁ ନିଯୁକ୍ତ କରିଥାନ୍ତି । ସେମାନେ ତାଙ୍କର ବ୍ୟକ୍ତିଗତ ସ୍ତରରେ ସମିତି ପାଇଁ କାର୍ଯ୍ୟ କରନ୍ତି । ସେମାନେ ନ୍ୟାୟପରତା, ନିରପେକ୍ଷତା, ସାଧୁତା ଓ ଉରମ ଆସ୍ଥା ଦ୍ୱାରା ସମିତିର ସ୍ୱାଧୀନତା, ଦକ୍ଷତା ଓ ସାଧୁତାକୁ ସୁଦୃଢ଼ କରନ୍ତି । ସେମାନେ ଜାତିସଂଘର ଦରମାପ୍ରାପ୍ତ କର୍ମଚାରୀ ନୁହନ୍ତି । ସେମାନଙ୍କୁ ଦିଆଯାଇଥିବା ସ୍ୱାଧୀନତା ଓ ଅଧିକାର ଦ୍ୱାରା ସେମାନେ ନିରପେକ୍ଷ ଭାବରେ ନିଜର କାର୍ଯ୍ୟ କରିବାର ଅବକାଶ ପାଇଥାନ୍ତି । ଦେଶୀୟ ବା ଏକ ପ୍ରସଙ୍ଗ ଉପରେ କାର୍ଯ୍ୟ କରିବା ପାଇଁ ଅନୁମତି ପାଇଥିବା ଜଣେ ବିଶେଷଜ୍ଞଙ୍କର କାର୍ଯ୍ୟକାଳ ସର୍ବାଧିକ ଛଅବର୍ଷ ପାଇଁ ହୋଇପାରେ ।

ସ୍ୱତନ୍ତ୍ର ପ୍ରଣାଳୀ କିପରି କାର୍ଯ୍ୟ କରେ ?

ସ୍ୱତନ୍ତ୍ର ପ୍ରଣାଳୀ ଦ୍ୱାରା ଅଧିକାର ପ୍ରାପ୍ତ ବିଶେଷଜ୍ଞମାନଙ୍କ କାର୍ଯ୍ୟ ପାଇଁ ଉପଲବ୍ଧ ଉପାଦାନ :

ଜାତିସଂଘର ମାନବାଧିକାର ହାଇକମିଶନରଙ୍କର ସହଯୋଗରେ ସ୍ୱତନ୍ତ୍ର ପ୍ରକ୍ରିୟା ଭିତରେ ଦେଶମାନଙ୍କୁ ପରିଦର୍ଶନ କରାଯାଏ । ବ୍ୟକ୍ତିଗତ ଅଧିକାର ଉଲଘଂନ ଅଭିଯୋଗ ସହ ପଦ୍ଧତିଗତ ଅଧିକାର ଉଲଘଂନ ବିଷୟରେ ଏହା ରାଜ୍ୟମାନଙ୍କୁ ବାର୍ତ୍ତା ବା ପରାମର୍ଶ ଦେଇଥାଏ । ଏକ ବୃହତର ଓ ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଏହା ବିଭିନ୍ନ ପ୍ରସଙ୍ଗର ଅନୁଶୀଳନ କରି ବିଶେଷଜ୍ଞମାନଙ୍କର ପରାମର୍ଶ ନେଇଥାଏ । ଆନ୍ତର୍ଜାତିକ ସ୍ତରରେ ମାନବିକ ଅଧିକାର ମାନ ବୃଦ୍ଧି କରିବା ଏହାର ପ୍ରୟାସ ହୋଇଥାଏ । ଏହାର ପ୍ରସାର ଦ୍ୱାରା ସାଧାରଣ ସଚେତନତା ବୃଦ୍ଧି କରିବା ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା ଏହାର ଲକ୍ଷ୍ୟ ହୋଇଥାଏ । ସ୍ୱତନ୍ତ୍ର ପ୍ରଣାଳୀ ପରିସରରେ ଏହା ମାନବାଧିକାର ସମିତିକୁ ପ୍ରତିବର୍ଷ ଏକ ବିବରଣୀ ପ୍ରଦାନ କରେ ଓ ଅଧିକାଂଶ ଅଧିକାର ବିଷୟକ ସୂଚନା ସାଧାରଣ ପରିଷଦକୁ ଜଣାଇଥାଏ । ୨୭ ମାର୍ଚ୍ଚ ୨୦୧୫ ସୁଦ୍ଧା ୪୧ଟି ପ୍ରସଙ୍ଗ ଉପରେ ଓ ୧୪ଟି ରାଜ୍ୟର ଅନୁମତି ବିଷୟରେ ବିବରଣୀ ପ୍ରଦତ୍ତ ହୋଇଛି ।

ଦେଶ ପରିଦର୍ଶନ

ରାଜ୍ୟମାନଙ୍କର ନିମନ୍ତ୍ରଣ କ୍ରମେ ଅନୁମତି ପ୍ରାପ୍ତ ଅଧିକାରୀମାନେ ଦେଶ ପରିଦର୍ଶନରେ ଯାଇ ଜାତୀୟ ସ୍ତରରେ ମାନବାଧିକାର ସ୍ଥିତିର ସମୀକ୍ଷା କରିଥାନ୍ତି ।

Digitized by srujanika@gmail.com

ସ୍ୱତନ୍ତ୍ର ପ୍ରଣାଳୀ ସହ ସଂପୃକ୍ତ ଅଧିକାରୀମାନଙ୍କୁ ଯେକୌଣସି ସମୟରେ ପରିଦର୍ଶନ ପାଇଁ କେତେକ ରାଜ୍ୟ ନିମନ୍ତ୍ରଣ ଦେଇଛନ୍ତି । ଏହାର ଅର୍ଥ ଯେକୌଣସି ପ୍ରସଙ୍ଗ ଉପରେ ଏହି ଭାରପ୍ରାପ୍ତ ଅଧିକାରୀମାନେ ସେ ରାଜ୍ୟମାନଙ୍କର ସ୍ଥିତିକୁ ଯାଇ ଅନୁଧ୍ୟାନ କରିପାରିବେ । ଜାନୁଆରୀ ୨୦୧୫ ସୁଦ୍ଧା ୧୦୯ଟି ସଭ୍ୟ ରାଷ୍ଟ୍ର ଓ ଗୋଟିଏ ସଭ୍ୟ ନ ଥିବା ପ୍ରତ୍ୟକ୍ଷଦର୍ଶୀ ରାଜ୍ୟ କୌଣସି ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ପ୍ରଣାଳୀ ସଂସ୍ଥାକୁ ସ୍ଥାୟୀ ନିମନ୍ତ୍ରଣ ପ୍ରଦାନ କରିଛି । ସେମାନଙ୍କର ପରିଦର୍ଶନ ଶେଷରେ ସ୍ୱତନ୍ତ୍ର ପ୍ରଣାଳୀର ଅଧିକାରୀମାନେ ରାଜ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରନ୍ତି ଓ ସେମାନଙ୍କର ଅଭିମତ ଓ ପରାମର୍ଶ ମାନବାଧିକାର ସମିତିକୁ ପ୍ରଦାନ କରନ୍ତି ।

ସ୍ୱତନ୍ତ୍ର ପ୍ରଣାଳୀ ଭିତରେ ଅନ୍ୟ ଦେଶ ବା ସ୍ଥାନକୁ ଯାଇ ଘଟଣାର ଅନୁସନ୍ଧାନ କରିବା ଓ ତଥ୍ୟ ସଂଗ୍ରହ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଜାତିସଂଘର ଭାରପ୍ରାପ୍ତ ଅଧିକାରୀ ଏଥିପାଇଁ କୌଣସି ସରକାରଙ୍କୁ ତାଙ୍କ ଦେଶ ପରିଦର୍ଶନ ପାଇଁ ପତ୍ର ପଠାନ୍ତି ଓ ସରକାର ଏହି ଅନୁରୋଧକୁ ଗ୍ରହଣ କଲେ ସେମାନେ ତଥ୍ୟ ସଂଗ୍ରହ ପାଇଁ ଅନ୍ୟ ଦେଶକୁ ଯାଆନ୍ତି । କେତେକ ରାଜ୍ୟ ଭାରପ୍ରାପ୍ତ ଅଧିକାରୀମାନଙ୍କୁ ଏଥିପାଇଁ ସ୍ଥାୟୀ ଅନୁମତି ପ୍ରଦାନ କରିଛନ୍ତି ଓ ସ୍ୱତନ୍ତ୍ର-ଅଧିକାରୀ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଗଲେ ସେ ଦେଶ ତାଙ୍କୁ ସ୍ୱାଗତ କରି ସହଯୋଗ କରିଥାନ୍ତି ।

ଯୋଗାଯୋଗ

ସ୍ୱତନ୍ତ୍ର ପ୍ରଣାଳୀ ଆଧାରରେ ମାନବାଧିକାର ଉଲଙ୍ଘନ ସଂକ୍ରାନ୍ତୀୟ ଅଭିଯୋଗ ରାଜ୍ୟମାନଙ୍କୁ ପଠାଯାଏ ଓ ସ୍ଥଳ ବିଶେଷରେ ବେସରକାରୀ ସ୍ତରରେ କାର୍ଯ୍ୟ କରୁଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ପଷ୍ଟୀକରଣ ଓ ପଦକ୍ଷେପ ପାଇଁ ଲେଖାଯାଏ । ଭାରପ୍ରାପ୍ତ ଅଧିକାରୀମାନେ ସରକାରମାନଙ୍କୁ ପତ୍ର ଲେଖି ଆବଶ୍ୟକୀୟ ଆଇନଗତ, ନିୟମଗତ ପଦକ୍ଷେପ ନେଇ ସରକାରଙ୍କର କାର୍ଯ୍ୟକ୍ରମ ବିଷୟରେ ବିବରଣୀ ଦେବାକୁ କୁହାଯାଏ । ଏହା ସହ ସେମାନଙ୍କର ପରାମର୍ଶ ବିଷୟରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ ଅନୁରୋଧ କରାଯାଏ ।

ଯେତେବେଳେ କୌଣସି ଅଭିଯୋଗ ବିଷୟରେ ଏକ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଏ ତାହାକୁ 'ହସ୍ତକ୍ଷେପ' କୁହାଯାଏ । ଏ କ୍ଷେତ୍ରରେ ସରକାରଙ୍କୁ ମାନବିକ ଅଧିକାର ଉଲଙ୍ଘନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପତ୍ର ପଠାଯାଏ । ଘଟଣାର ଅନୁସନ୍ଧାନ କରି ବିବରଣୀ ଦେବାକୁ ଓ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଏ । ଏହି ପତ୍ରାଚାର ଓ ହସ୍ତକ୍ଷେପକୁ 'ଯୋଗାଯୋଗ' କୁହାଯାଏ ।

ବାର୍ଷିକ ବିବରଣୀର ତଥ୍ୟ ଓ ଗଣନାରୁ ଯେତେସବୁ ଯୋଗାଯୋଗ ହୋଇଥାଏ ତାହାର ଏକ ଚିତ୍ର ମିଳେ । ଯେଉଁ ବିଷୟରେ ପତ୍ର ଦିଆଯାଇଛି ଓ ଯେଉଁ ଉତ୍ତର ମିଳିଛି ସେସବୁ ବିଷୟ ମାନବାଧିକାର ସମିତିର ନିୟମିତ ଅଧିବେଶନରେ ଉପସ୍ଥାପନ କରାଯାଏ ।

ସ୍ୱତନ୍ତ୍ର ପ୍ରଣାଳୀ ପ୍ରକ୍ରିୟାରେ ମାନବାଧିକାର ଉଲଙ୍ଘନ ଅଭିଯୋଗ କ୍ଷେତ୍ରରେ ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରାଯାଇପାରେ । ସେମାନଙ୍କ ବୈଧାନିକ ଅନୁମତି ଭିତରେ ଥିବା ପରିସରରେ ଅଧିକାର ଉଲଙ୍ଘନ କ୍ଷେତ୍ରରେ ଜରୁରୀ ପଦକ୍ଷେପ ସ୍ୱରୂପ ପତ୍ର ଲେଖାଯାଇ ନିବେଦନ କରାଯାଇପାରେ ବା ଯୋଗସୂତ୍ର ସ୍ଥାପନ କରାଯାଇପାରେ । ଯେଉଁଠି ମାନବାଧିକାର ଉଲଙ୍ଘିତ ହେଉଛି ବା ହୋଇଛି କିମ୍ବା ହେବାର ବହୁ ସମ୍ଭାବନା ସୃଷ୍ଟି ହୋଇଛି ସେ କ୍ଷେତ୍ରରେ ଏହି ହସ୍ତକ୍ଷେପ କରାଯାଇପାରେ । ଯେଉଁଠି ଏହି ଅଧିକାର ଉଲଙ୍ଘିତ ହେଉଛି ସେହି ରାଜ୍ୟକୁ ପତ୍ର ଲେଖାଯାଇ ଅଭିଯୋଗ ସମ୍ପର୍କରେ ମତାମତ ଲୋଡ଼ାଯାଏ, ଆନ୍ତର୍ଜାତିକ ମାନଦଣ୍ଡରେ ମାନବିକ ଅଧିକାରର ସୁରକ୍ଷା ନେଇ ଅବଗତ କରାଯାଏ, ଭାରପ୍ରାପ୍ତ ଅଧିକାରୀ ଏ କ୍ଷେତ୍ରରେ ନିଜର ସଂପୃକ୍ତି ବ୍ୟକ୍ତ କରନ୍ତି ଓ ପରବର୍ତ୍ତୀ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିଥାନ୍ତି । ବ୍ୟକ୍ତିଗତ କ୍ଷେତ୍ରରେ, ଢାଞ୍ଚାଗତ ସ୍ତରରେ ଓ ସାଧାରଣ ପ୍ରକ୍ରିୟାରେ ଯେଉଁଠି ମାନବିକ ଅଧିକାର ଉଲଙ୍ଘନ ବ୍ୟକ୍ତି, ନିର୍ଦ୍ଦିଷ୍ଟ ଗ୍ରୁପ୍ ଓ ଗୋଷ୍ଠୀମାନଙ୍କୁ ପ୍ରଭାବିତ କରୁଥାଏ ଓ ଆଇନଗତ ବ୍ୟବସ୍ଥା ଦ୍ୱାରା ଏହାର ମୁକାବିଲା କରିବା ସମ୍ଭବ ହେଉ ନ ଥାଏ ସେ ବିଷୟରେ ରାଜ୍ୟମାନଙ୍କ

Digitized by srujanika@gmail.com

ସହ ଭାରପ୍ରାପ୍ତ ଅଧିକାରୀ ଯୋଗାଯୋଗ କରିପାରିବେ । ଆନ୍ତର୍ଜାତିକ ମାନଦଣ୍ଡରେ ରହିଥିବା ମାନବାଧିକାର ସୁରକ୍ଷା ମାନକୁ ରାଜ୍ୟରେ ରକ୍ଷା କରିବାକୁ ରାଜ୍ୟମାନଙ୍କୁ ସୂଚାଇ ପାରିବେ । କେତେକ କ୍ଷେତ୍ରରେ ଆନ୍ତର୍ସରକାରୀ ସଂଗଠନ ବା ଅଣ-ରାଜ୍ୟ କାର୍ଯ୍ୟକର୍ତ୍ତା-ମାନଙ୍କ ସହ ମାନବାଧିକାର ପ୍ରସଙ୍ଗରେ ଯୋଗାଯୋଗ କରିପାରିବେ ।

ହସ୍ତକ୍ଷେପ କରିବାର ନିଷ୍ପତ୍ତି ଭାରପ୍ରାପ୍ତ-ଅଧିକାରୀଙ୍କ ସ୍ୱତନ୍ତ୍ର ସ୍ୱାଧୀନତା ଓ ଅଧିକାର ସାହାଯ୍ୟରେ କରାଯାଏ । ତେବେ ଦିଆଯାଇଥିବା ଅଧିକାର ଓ ଆଦର୍ଶ ଆଚରଣ ମାନଦଣ୍ଡରେ ଏହା କରାଯାଏ । ଏହି ମାନଦଣ୍ଡ ସାଧାରଣତଃ ଯାହା ସହ ସଂପୃକ୍ତ ତାହା ହେଲା - ଯେଉଁ ତଥ୍ୟ ଆଧାରରେ ଏହା କରାଯାଉଛି ତାହା ନିର୍ଭରଯୋଗ୍ୟ ଓ ବିଶ୍ୱାସଯୋଗ୍ୟ ହୋଇଥିବା ସହ ଆଇନର ପରିସର ଭିତରେ ଏହା ହେବା ଦରକାର । ଜଣେ ନିଷ୍ପୀଡ଼ିତ ବ୍ୟକ୍ତି ବା ଏକ ଗୋଷ୍ଠୀ ନିଜ ଦେଶର ଆଇନଗତ ପରିସରରେ ନିଜର ଅଧିକାର ପାଇଁ ପଦକ୍ଷେପ ନେବା ନ ନେବା ନିର୍ବିଶେଷରେ, ଭାରପ୍ରାପ୍ତ ଅଧିକାରୀ ରାଜ୍ୟମାନଙ୍କ ସହ ଯୋଗାଯୋଗ କରିପାରିବେ । ଏପରିକି ଏକ ରାଜ୍ୟ ଆନ୍ତର୍ଜାତିକ ବା ଆଞ୍ଚଳିକ ମାନବାଧିକାର ପ୍ରକ୍ରିୟାରେ ପଦକ୍ଷେପ ନେଇଥିଲେ ମଧ୍ୟ ଭାରପ୍ରାପ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

ଅଭିଯୋଗ ଉପସ୍ଥାପନ

ଭାରପ୍ରାପ୍ତ ଅଧିକାରୀମାନେ ସ୍ୱତନ୍ତ୍ର ପ୍ରଣାଳୀ ପ୍ରକ୍ରିୟାରେ ବିଭିନ୍ନ ତଥ୍ୟ ପାଇପାରିବେ । ବିଭିନ୍ନ ସ୍ତରରୁ ମିଳୁଥିବା ତଥ୍ୟରୁ ନିର୍ଭରଶୀଳ ତଥ୍ୟକୁ ଭିତ୍ତି କରି ମାନବାଧିକାର ଉଲ୍ଲଙ୍ଘନ ବା ସମ୍ଭାବ୍ୟ ଉଲ୍ଲଙ୍ଘନ କ୍ଷେତ୍ରରେ ଅଧିକାରୀମାନେ ସମ୍ପୃକ୍ତ ସରକାରମାନଙ୍କୁ ଲେଖିପାରିବେ । ଅବଶ୍ୟ ଏହା ସେମାନଙ୍କ ଅଧିକାରର ପରିସରଭୁକ୍ତ ହୋଇଥିବା ଆବଶ୍ୟକ ।

ବ୍ୟକ୍ତିଗତ, ଗ୍ରୁପ୍ ବା ଗୋଷ୍ଠୀଗତ ଘଟଣା କ୍ଷେତ୍ରରେ ମାନବାଧିକାର ଉଲ୍ଲଙ୍ଘନ ବିଷୟରେ ଯୋଗାଯୋଗ କରାଯାଏ । ଏହା ଏକ ନିର୍ଦ୍ଦିଷ୍ଟ ରାଜ୍ୟ ବିଷୟରେ ହୋଇପାରେ କିମ୍ବା ସାଧାରଣ ଭାବରେ ପ୍ରଚଳିତ ଆଇନ ବା ନିୟମ ଜନିତ ବିଷୟକୁ ନେଇ ହୋଇପାରେ ।

ପଦକ୍ଷେପର ମାନଦଣ୍ଡ

ସ୍ୱତନ୍ତ୍ର ପ୍ରଣାଳୀରେ କରାଯାଥିବା ମାନବାଧିକାର ଉଲ୍ଲଙ୍ଘନ ଅଭିଯୋଗ ଲିଖିତ ଆକାରରେ, ଛପେଇ ବା ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ତଥ୍ୟ ଓ ପ୍ରେରକଙ୍କର ପରିଚୟ, ପୂର୍ଣ୍ଣ ଠିକଣା ସହ ପଠାଯିବ । ବାସ୍ତବ ଘଟଣାର ସମସ୍ତ ଆବଶ୍ୟକୀୟ ତଥ୍ୟ ଏଥିରେ ରହିବା ଆବଶ୍ୟକ । ବେନାମୀ ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ।

ଭାରପ୍ରାପ୍ତ ଅଧିକାରୀଙ୍କ ୱେବ୍‌ସାଇଟ୍ ଓ ଅଭିଯୋଗ ଦାଖଲ କରିବାର ନିର୍ଦ୍ଦିଷ୍ଟ ପ୍ରଣାଳୀ ବିଷୟ ନେଟ୍‌ରୁ ଜାଣିହେବ ।

ସ୍ୱତନ୍ତ୍ର ପ୍ରଣାଳୀ କ୍ଷେତ୍ରରେ ଯୋଗାଯୋଗର ମୂଲ୍ୟାୟନ ପାଇଁ କେଉଁସବୁ ତଥ୍ୟ ଦିଆଯିବା ଦରକାର ?

- ଆରୋପିତ ନିଷ୍ପୀଡ଼ିତ କିଏ (ବ୍ୟକ୍ତି, ଗୋଷ୍ଠୀ, ଗ୍ରୁପ୍ ଇତ୍ୟାଦି);
- ଉଲ୍ଲଙ୍ଘନକାରୀ ଆରୋପିତ ଅଭିଯୁକ୍ତ କିଏ; ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ, କେଉଁମାନେ, ତାହାର ସମସ୍ତ ତଥ୍ୟ ଦୟାକରି ଦେବା ଆବଶ୍ୟକ ।
- ତଥ୍ୟ ପ୍ରଦାନ କରୁଥିବା ବ୍ୟକ୍ତି, ସଂଗଠନ ଇତ୍ୟାଦିର ସମ୍ପୂର୍ଣ୍ଣ ପରିଚୟ (ଏହି ବିଷୟକୁ ଗୋପନ ରଖାଯିବ; ଅଧିକାର ଉଲ୍ଲଙ୍ଘନ କ୍ଷେତ୍ରରେ ଯେଉଁମାନେ ତଥ୍ୟ ପ୍ରଦାନ କରୁଛନ୍ତି, ସେହି ବ୍ୟକ୍ତିଙ୍କର ନାମ ନିୟମାନୁଯାୟୀ ଗୋପନ ରଖାଯାଏ । ଯେତେବେଳେ ତଥ୍ୟ

Digitized by srujanika@gmail.com

ପ୍ରଦାନ କରୁଛନ୍ତି ସେହି ତଥ୍ୟ ଭିତରୁ କେଉଁ ବିଷୟକୁ ଗୋପନ ରଖିବାକୁ ଯଦି ଚାହୁଁଛନ୍ତି ତାହାର ସୂଚନା ଦେବା ଦରକାର ।

- **ଘଟଣା ବା ଉଲଘନର ତାରିଖ, ସ୍ଥାନ ଓ ବିଷଦ ବିବରଣୀ;** ଯେଉଁ ସୂଚନା ଦିଆଯାଉଛି ତାହା ମାନବାଧିକାର ଉଲଘନ ହୋଇଥିବା ଘଟଣା ହେବା ଆବଶ୍ୟକ । ଯାହା ଘଟିସାରିଛି, ଯାହା ଘଟୁଛି ବା ଯାହା ଘଟିବାକୁ ଯାଉଛି ଏ ବିଷୟକ ତଥ୍ୟ ଦେବା ଦରକାର । ଜାତୀୟ ବା ଆଞ୍ଚଳିକ ସ୍ତରରେ କ'ଣ ଆଇନଗତ ପଦକ୍ଷେପ ନିଆଯାଇଛି ବା ଏ ସମ୍ବନ୍ଧୀୟ ଘଟଣାର ବିଭିନ୍ନ ଦିଗ ଉପରେ ଆବଶ୍ୟକୀୟ ସୂଚନା ରହିଥିବା ଆବଶ୍ୟକ ।

ଉଲଘନ ବିଷୟରେ ହୋଇଥିବା ଅଭିଯୋଗର ସମସ୍ତ ଆବଶ୍ୟକୀୟ ତଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯିବା ଦରକାର (ଅତୀତରେ ବା ସମ୍ପ୍ରତି ପୀଡ଼ିତଙ୍କୁ ଅବରୁଦ୍ଧ କରାଯାଇଥିବା ସ୍ଥାନ; ପୀଡ଼ିତଙ୍କୁ କୌଣସି ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି କି; ଉଲଘନ ଜନିତ ଅଭିଯୋଗର ସାକ୍ଷୀମାନଙ୍କର ପରିଚୟ, ସ୍ଥାନୀୟ ସ୍ତରରେ ଏହାର ପ୍ରତିକାର ପାଇଁ କିଛି ବ୍ୟବସ୍ଥା ହୋଇଛି କି ଇତ୍ୟାଦି) ।

ଯେଉଁ କ୍ଷେତ୍ରରେ ଏହା ଆବଶ୍ୟକ, ଭାରପ୍ରାପ୍ତ ଅଧିକାରୀମାନେ ସଂଯୁକ୍ତ ହୋଇ ଆଦାନପ୍ରଦାନ କରିପାରିବେ । ମାନବାଧିକାର ଆନ୍ତର୍ଜାତିକ ଅନୁଷ୍ଠାନର ଅଫିସର ବୃନ୍ଦ ଓ ଜାତିସଂଘର ଫିଲ୍ଡ ଅଫିସରମାନଙ୍କ ସହ ଯେତେଦୂର ସମ୍ଭବ ଯୋଗାଯୋଗ କରି ସେମାନଙ୍କର ଦାୟିତ୍ୱ ସମ୍ପାଦନ କରିବାକୁ ବା ବିବରଣୀ ପ୍ରସ୍ତୁତ କରିବାକୁ ଉଦ୍ୟମ କରାଯାଏ ।

ସ୍ୱତନ୍ତ୍ର ପ୍ରଣାଳୀକୁ ତଥ୍ୟ ଦେବାପାଇଁ କେତେକ ପ୍ରଶ୍ନାବଳୀ

ଉଲଘନ କ୍ଷେତ୍ରରେ ହୋଇଥିବା ଅଭିଯୋଗର ବିଚାର ପାଇଁ ସୁବିଧା ଦେବାକୁ ଯିଏ ସୂଚନା ଦେବାକୁ ଚାହାନ୍ତି ତାଙ୍କ ପାଇଁ କେତେକ ପ୍ରଶ୍ନାବଳୀ ରହିଛି । ତେବେ ଯଦିବି ପ୍ରଶ୍ନାବଳୀ ଅନୁସାରେ ସୂଚନା ଦିଆଯାଇ ନ ଥାଏ ତଥାପି ମଧ୍ୟ ଯୋଗାଯୋଗକୁ ବିଚାରକୁ ନିଆଯାଏ । ନିର୍ଦ୍ଦିଷ୍ଟ ତଥ୍ୟ ଦେବାକୁ ଚାହୁଁଥିବା ବ୍ୟକ୍ତିମାନେ ଏଥିପାଇଁ ଯଥାଯଥ ମାନଦଣ୍ଡ ଅନୁସରଣ କରିବା ଆବଶ୍ୟକ । ଏଥିପାଇଁ ୱେବ୍‌ସାଇଟ୍‌ରେ ସମସ୍ତ ସୂଚନା ରହିଛି । ବ୍ୟକ୍ତିଗତ ପ୍ରସଙ୍ଗରେ ବା ରାଜ୍ୟ ପ୍ରସଙ୍ଗରେ ସୂଚନା ଦେବାକୁ ସ୍ୱତନ୍ତ୍ର ମାନ ଅବଲମ୍ବନ କରିବାକୁ ହୁଏ । ବିବରଣୀ ଇଂରାଜୀ, ଫ୍ରେଞ୍ଚ ବା ସ୍ପାନିଶ୍ ଭାଷାରେ ଦେଲେ ତାହା ଠିକ୍ ସମୟରେ ବିଚାର୍ଯ୍ୟ ହୋଇଥାଏ ।

ପ୍ରତ୍ୟେକ ବୈଧାନିକ ପ୍ରସଙ୍ଗ ଦ୍ୱାରା ପ୍ରତିଷ୍ଠିତ ଆବଶ୍ୟକତାକୁ ପୂରଣ କରି ଅଭିଯୋଗ, ସୂଚନା ଇ-ମେଲ୍ ଯୋଗେ ବା ଡାକ ଯୋଗେ ପଠାଇବାକୁ ହୋଇଥାଏ । ଇ-ମେଲ୍-urgent-action@ohchr org

ଡାକ ଠିକଣା

OHCHR – UNOG
8-14 Avenue de la paix
1211 Geneve 10
Switzerland

ମାନବାଧିକାର ଆନ୍ତର୍ଜାତିକ ଅନୁଷ୍ଠାନର 'କ୍ୱିକ୍ ରେସ୍ପନ୍‌ସ ଡେସ୍କ' (କ୍ୟୁଆରଡି) ସମସ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ଯୋଗାଯୋଗକୁ ସଞ୍ଚାଳିତ କରିଥାଏ । ଏ ସମ୍ପର୍କୀୟ ଯୋଗାଯୋଗକୁ ଏକ ପତ୍ର ମାଧ୍ୟମରେ ମାନବାଧିକାର ଆନ୍ତର୍ଜାତିକ ଅନୁଷ୍ଠାନ ସମ୍ପୃକ୍ତ ରାଜ୍ୟର ସ୍ଥାୟୀ ସଦସ୍ୟଙ୍କୁ ଦେଇଥାଏ । ଏହା ଜେନେଭାଠାରେ ଥିବା ଜାତିସଂଘର କାର୍ଯ୍ୟାଳୟ ମାଧ୍ୟମରେ ଦିଆଯାଏ । ପ୍ରତିନିଧିଙ୍କର ଅନୁପସ୍ଥିତିରେ ନ୍ୟୁୟର୍କସ୍ଥିତ ଜାତିସଂଘର କାର୍ଯ୍ୟାଳୟଠାରେ ସମ୍ପୃକ୍ତ ରାଜ୍ୟର ପ୍ରତିନିଧିଙ୍କୁ ଏହା ଦିଆଯାଏ, କିମ୍ବା ରାଜ୍ୟର ବୈଦେଶିକ ମନ୍ତ୍ରଣାଳୟ ମାଧ୍ୟମରେ ସେ ରାଜ୍ୟକୁ ପଠାଯାଏ ।

ସରକାରଙ୍କୁ ଯେଉଁ ସମ୍ବାଦ ଯାଏ, ତାହାର ଅଭିଯୋଗ ସୂତ୍ରକୁ ଗୋପନ ରଖାଯାଏ । ଗୋପନ ରଖିବାର କାରଣ ହେଉଛି ସରକାର କାଳେ ପ୍ରତିଶୋଧ ପରାୟଣ ହେବେ ବା ଅଭିଯୋଗ ପଠାଇଥିବା ବ୍ୟକ୍ତିଙ୍କ

Digitized by srujanika@gmail.com

ପ୍ରତି ଦଣ୍ଡବିଧାନ କରିବେ । ଯେ ଅଭିଯୋଗ ଦେଇଛନ୍ତି ସେ ଚାହିଁଲେ ତାଙ୍କ ପରିଚୟ ସାଧାରଣ କରାଯାଇପାରେ ।

ସମ୍ପୃକ୍ତ ସରକାରଙ୍କଠାରୁ ଏ କ୍ଷେତ୍ରରେ ସୂଚନା ମିଳିବା ପରେ ଓ ଅନ୍ୟ ଉତ୍ସରୁ ତଥ୍ୟ ମିଳିବା ପରେ କିପରି ଏହି ଘଟଣାକୁ ବିଚାର କରାଯିବ ସେ ବିଷୟରେ ପଦାଧିକାରୀ ନିଷ୍ପତ୍ତି କରନ୍ତି । ଏହି ଘଟଣା ଉପରେ ଅଧିକ ଅନୁସନ୍ଧାନ କରାଯାଇପାରେ, ଏ କ୍ଷେତ୍ରରେ ସୁପାରିଶ ଓ ଅନୁଧ୍ୟାନକୁ ବିବରଣୀରେ ପ୍ରକାଶ କରାଯାଇପାରେ କିମ୍ବା ଲକ୍ଷ୍ୟ ପୂରଣ କ୍ଷେତ୍ରରେ ଅନ୍ୟାନ୍ୟ ଯଥୋଚିତ ପଦକ୍ଷେପ ନିଆଯାଇପାରେ ।

ଏ ସମ୍ପର୍କୀୟ ସମସ୍ତ ଚିଠିପତ୍ର ଓ ଉତ୍ତରକୁ ସେ ପର୍ଯ୍ୟନ୍ତ ଗୋପନୀୟ ରଖାଯାଏ ଯେ ପର୍ଯ୍ୟନ୍ତ ଏହାର ବିବରଣୀରେ ଏହା ପ୍ରକାଶିତ ହୋଇନାହିଁ କିମ୍ବା ପଦାଧିକାରୀ ସ୍ୱତନ୍ତ୍ର ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେଇନାହାନ୍ତି । ସ୍ୱତନ୍ତ୍ର ପ୍ରଣାଳୀ କ୍ଷେତ୍ରରେ ଯେଉଁ ସାମୟିକ ବିବରଣୀ ପ୍ରକାଶ ପାଏ ସେଥିରେ ପଦାଧିକାରୀ ଓ ସରକାରମାନଙ୍କ ମଧ୍ୟରେ ହୋଇଥିବା ଚିଠିପତ୍ରର ଆଦାନ-ପ୍ରଦାନ ସ୍ଥାନ ପାଇଥାଏ ।

ଚିଠିପତ୍ରର ଆଦାନପ୍ରଦାନ ସହିତ ନୈତିକ-ବିଚାର ସଂପୃକ୍ତ ନୁହେଁ, ସୁତରାଂ ସ୍ୱତନ୍ତ୍ର ପ୍ରଣାଳୀର କାର୍ଯ୍ୟକୁ ସ୍ୱଭାବତଃ ଅନ୍ୟ ପ୍ରତି ଦୋଷାରୋପ ବୋଲି ବିଚାର କରାଯାଇ ପାରିବ ନାହିଁ । ଜାତୀୟ ସ୍ତରରେ ସେସବୁକୁ ଏକ ବିଚାରଗତ ସିଦ୍ଧାନ୍ତ ବା ଦଣ୍ଡବିଧାନ ପାଇଁ କାର୍ଯ୍ୟପନ୍ଥା ଭାବରେ ନିଆଯାଇ ପାରିବ ନାହିଁ । ମାନବାଧିକାର ଉଲ୍ଲଙ୍ଘନ କ୍ଷେତ୍ରରେ ହେଉଥିବା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟୀକରଣ ପାଇଁ ଓ ମାନବାଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ସେମାନଙ୍କର ଆଭିମୁଖ୍ୟ ଅଟେ ।

ମାନବାଧିକାର ଚୁକ୍ତି କ୍ଷେତ୍ରରେ ଆବଶ୍ୟକ ପଡୁଥିବା ଆଦାନପ୍ରଦାନ ପ୍ରକ୍ରିୟାଠାରୁ ଏହି ପ୍ରକ୍ରିୟା ପୃଥକ୍ ଅଟେ । ସ୍ୱତନ୍ତ୍ର ପଦ୍ଧତି କ୍ଷେତ୍ରରେ ରାଜ୍ୟସ୍ତରୀୟ ସମସ୍ତ ପଦକ୍ଷେପର ନିଃଶେଷ ହେବାର କୌଣସି ସର୍ତ୍ତ ନ ଥାଏ । ଅର୍ଥାତ୍ ରାଜ୍ୟସ୍ତରରେ ସମସ୍ତ ପ୍ରତିକାର ନେବା ପରେ ଯେ ସ୍ୱତନ୍ତ୍ର ପଦ୍ଧତି ସ୍ତରକୁ ଏହି ଘଟଣା ଆସେ ତାହା ନୁହେଁ । ସ୍ୱତନ୍ତ୍ର ପ୍ରଣାଳୀ ପ୍ରକୃତପକ୍ଷରେ ଏକ ବିଚାର ବିଭାଗୀୟ ବ୍ୟବସ୍ଥା ନୁହେଁ । ବରଂ ନିଷ୍ପୀଡ଼ିତ ବ୍ୟକ୍ତିଙ୍କର ଅଧିକାରକୁ ସୁରକ୍ଷା ଦେବା, ତତ୍କ୍ଷଣାତ୍ ବିହିତ କାର୍ଯ୍ୟ ହାତକୁ ନେବା ଓ ସଂପୃକ୍ତ ରାଜ୍ୟ କ୍ଷେତ୍ରରେ ବିଚାରଗତ ପଦକ୍ଷେପ ନେବା ସ୍ୱତନ୍ତ୍ର ପଦ୍ଧତିର ଆଭିମୁଖ୍ୟ ହୋଇଥାଏ ।

ସ୍ୱତନ୍ତ୍ର ପ୍ରଣାଳୀ ପରିସରରେ କେତେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଉଦ୍ଭବ ହୋଇଛି । ଏ କ୍ଷେତ୍ରରେ ଯେଉଁ ଆବଶ୍ୟକତା ବା ପ୍ରଶ୍ନାବଳୀ ରହିଛି ତାହାଦ୍ୱାରା ଦରକାରୀ ସୂଚନା ପାଇବା ଓ ସର୍ବେକ୍ଷଣକୁ ବିକାଶ କରିବା ସମ୍ଭବ ହୋଇଥାଏ । ଆଦର୍ଶ ପ୍ରଶ୍ନାବଳୀକୁ ଦେଖନ୍ତୁ ।

ନିଷ୍ପୀଡ଼ିତଙ୍କୁ ସୁରକ୍ଷା ଓ ଉତ୍ସ

ସ୍ୱତନ୍ତ୍ର ପ୍ରଣାଳୀ ସହ ସମ୍ପୃକ୍ତ ପଦାଧିକାରୀ କିମ୍ବା ଜାତିସଂଘଙ୍କ ପାଖରେ ସେପରି କିଛି ସାଧନ ନାହିଁ, ଯାହାଦ୍ୱାରା ଅନ୍ୟର ଅଧିକାର ପାଇଁ ସଂପୃକ୍ତି ବ୍ୟକ୍ତ କରୁଥିବା ବ୍ୟକ୍ତିଙ୍କର ନିରାପତ୍ତାକୁ ସୁରକ୍ଷା ଦେଇହେବ ।

ମାନବାଧିକାର ସମିତି ଅଧିବେଶନରେ ଉପସ୍ଥାପିତ ହେଉଥିବା ଯୋଗାଯୋଗ ବିବରଣୀ ଛପା ନ ହେବା ପର୍ଯ୍ୟନ୍ତ ରାଜ୍ୟମାନଙ୍କୁ ପଠାଯାଉଥିବା ଖବର ଓ ରାଜ୍ୟ ଦେଉଥିବା ଉତ୍ତରକୁ ଗୋପନୀୟ ରଖାଯାଏ । ସମିତିର ଅଧିବେଶନ ମାର୍ଚ୍ଚ, ଜୁନ୍ ଓ ସେପ୍ଟେମ୍ବରରେ ହୋଇଥାଏ । କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅଧିବେଶନ ପୂର୍ବରୁ ସ୍ୱତନ୍ତ୍ର ପ୍ରଣାଳୀର ପଦାଧିକାରୀ ସର୍ବସାଧାରଣରେ ଏକ ବିବରଣୀ ଦେଇପାରନ୍ତି ।

ରାଜ୍ୟମାନଙ୍କୁ ପଠା ଯାଉଥିବା ଖବରରେ ଆରୋପିତ ନିଷ୍ପୀଡ଼ିତ ବ୍ୟକ୍ତିଙ୍କର ନାମ ଉଲ୍ଲେଖ ରହିଥାଏ, ଯଦ୍ୱାରା ରାଜ୍ୟ ଘଟଣାର ଉପଯୁକ୍ତ ଅନୁସନ୍ଧାନ କରିପାରିବ ଓ ତାଙ୍କର ଅଧିକାର ସୁରକ୍ଷା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରିପାରିବ । ଯୋଗାଯୋଗ ବିବରଣୀରେ ପୀଡ଼ିତଙ୍କର ନାମ ଉଲ୍ଲେଖ ରହିପାରେ, ତେବେ ଯେଉଁଠି ନାମ ପ୍ରକାଶ ଦ୍ୱାରା ତାଙ୍କର ନିରାପତ୍ତା ବିପନ୍ନ ହେବାର ଆଶଙ୍କା ଥାଏ, ସେ କ୍ଷେତ୍ରରେ ଏହାକୁ ଗୋପନ ରଖାଯାଏ ।

Digitized by srujanika@gmail.com

କେଉଁ ସୂତ୍ର ବା ଆଧାରରୁ ଏହି ସୂଚନା ମିଳିଛି ତାହାକୁ ଗୋପନୀୟ ରଖାଯାଏ । ସରକାରଙ୍କ ପାଖକୁ ପଠା ଯାଉଥିବା ପତ୍ର କିମ୍ବା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶ ପାଉଥିବା ବିବରଣୀ କୌଣସିଥିରେ ତଥ୍ୟ ଆଧାରକୁ ପ୍ରକାଶ କରାଯାଏ ନାହିଁ ।

ଅଭିଯୋଗ ପତ୍ର

ଅଭିଯୋଗ ପତ୍ରରେ ଉଲଙ୍ଘନ ହେଉଥିବା ବିଷୟରେ ସୂଚନା ରହିଥାଏ । ଯେଉଁ ଉଲଙ୍ଘନ ହୋଇସାରିଛି ଓ ଯାହାର ପ୍ରଭାବ ପୀଡ଼ିତ ବ୍ୟକ୍ତିଙ୍କ ପାଖରେ ରହିଛି ଓ ଯାହାର ନିରାକରଣ ସମ୍ଭବ ନୁହେଁ ସେସବୁ ବିଷୟରେ ବିବରଣୀ ରହିଥାଏ ।

ଅଭିଯୋଗ ପତ୍ର ଏକ ଉଦ୍ଦିଷ୍ଟ ଫର୍ମରେ ଦେବାକୁ ହୋଇଥାଏ ଓ ଏଥିରେ ଚାରୋଟି ଭାଗ ରହିଥାଏ । ସେଗୁଡ଼ିକ ହେଲା :

(୧) ନିଷ୍ପତ୍ତି ବିଷୟରେ ଏକ ସୂଚନା ଓ ବିଭାଗୀୟ ନିର୍ଦ୍ଦେଶ, (୨) ଉପଲବ୍ଧ ତଥ୍ୟର ସାରକଥା ଓ ଏ ପ୍ରକାର ଘଟଣାରେ ପୂର୍ବରୁ ନିଆଯାଇଥିବା ପଦକ୍ଷେପର ସୂଚନା, (୩) ଆନ୍ତର୍ଜାତିକ ସାଧନ ଓ ଆଇନ, ଯାହା ସାହାଯ୍ୟରେ ପଦାଧିକାରୀ ଯେଉଁ ସଂପୃକ୍ତି ସଂପୃକ୍ତ ଘଟଣାରେ ବ୍ୟକ୍ତ କରିଛନ୍ତି ତାହାର ସୂଚନା, ଓ (୪) ତଥ୍ୟ ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ । ଏହି ନିବେଦନ ଭିତରେ ଥାଏ (କ) ଅଭିଯୋଗର ମୂଳ କଥା, (ଖ) ଘଟଣାରେ ହୋଇଥିବା ଅନୁସନ୍ଧାନ ଏବଂ ଅଭିଯୁକ୍ତଙ୍କୁ ଦଣ୍ଡିବିଧାନ ପାଇଁ ନିଆଯାଇଥିବା ପଦକ୍ଷେପ, (ଗ) ପୀଡ଼ିତଙ୍କୁ ଦିଆଯାଇଥିବା କ୍ଷତିପୂରଣ, ସୁରକ୍ଷା ଓ ଅନ୍ୟ ସାହାଯ୍ୟ, (ଘ) ଭବିଷ୍ୟତରେ ଏ ପ୍ରକାର ଘଟଣାର ପୁନରାବୃତ୍ତି ନ ହେବାକୁ ନିଆଯାଇଥିବା ବୈଧାନିକ, ପ୍ରଶାସନିକ ଓ ଅନ୍ୟାନ୍ୟ ପଦକ୍ଷେପ, (ଙ) ଅନ୍ୟାନ୍ୟ ଆନୁଷଙ୍ଗିକ ସୂଚନା । ଅଭିଯୋଗ ଆଧାରରେ ସରକାରଙ୍କୁ ଯେଉଁ ପ୍ରଶ୍ନ ରଖାଯାଉଛି ତାହା ସର୍ବଦା ସମାନ ନ ହୋଇ ପୃଥକ ହୋଇପାରେ ।

ସରକାରଙ୍କୁ ମଗା ଯାଇଥିବା ତଥ୍ୟ ଦୁଇମାସ ଭିତରେ ଦେବାକୁ ଅନୁରୋଧ କରାଯାଇଥାଏ । ସରକାରଙ୍କଠାରୁ ମିଳିଥିବା ତଥ୍ୟକୁ କେତେକ ପଦାଧିକାରୀ ଅନ୍ୟମାନଙ୍କର ମତାମତ ପାଇଁ ଉତ୍ପତ୍ତି ସ୍ଥଳକୁ ପଠାଇଥାଆନ୍ତି ।

ଜରୁରୀ ନିବେଦନ

ଅଭିଯୋଗ ହୋଇଥିବା ଅଧିକାର ଉଲଙ୍ଘନ ବା ଉଲଙ୍ଘନ ହେବାକୁ ଥିବା ଘଟଣାରେ ସମସ୍ତ ତଥ୍ୟ ଦେବାକୁ ଯୋଗାଯୋଗ ମାଧ୍ୟମରେ ଜରୁରୀ ନିବେଦନ କରାଯାଏ । ଏହାର ଉଦ୍ଦେଶ୍ୟ ହେଉଛି ସଂପୃକ୍ତ ରାଜ୍ୟର ପଦାଧିକାରୀମାନଙ୍କ ଦୃଷ୍ଟିକୁ ଘଟଣାଟି ଆଣିବା, ଯାହାଦ୍ୱାରା ସେମାନେ ତ୍ୱରିତ ପଦକ୍ଷେପ ନେଇ ଏକ ମାନବାଧିକାର ଉଲଙ୍ଘନ କ୍ଷେତ୍ରରେ ହସ୍ତକ୍ଷେପ କରିବେ ଫଳରେ ଏହାର ପ୍ରତିରୋଧ ହୋଇପାରିବ ।

ଉପଯୁକ୍ତ ମାଧ୍ୟମ ସାହାଯ୍ୟରେ ଏହି ଜରୁରୀ ନିବେଦନ କରାଯାଏ । ସଂପୃକ୍ତ ରାଜ୍ୟର ବୈଦେଶିକ ବିଭାଗକୁ ଏହା ଫ୍ୟାକ୍ସ ଯୋଗେ ପଠାଯାଏ । ବୈଦେଶିକ ମନ୍ତ୍ରଣାଳୟକୁ ଏହା ପଠାଯିବା ସହ ସ୍ଥାୟୀ ମିସନ୍‌କୁ ଏହାର କପି ଦିଆଯାଏ । ଏହି ନିବେଦନ ମାନବତାବାଦୀ ଦୃଷ୍ଟିକୋଣରୁ ବ୍ୟକ୍ତିର ସୁରକ୍ଷା ପାଇଁ କରାଯାଏ । ଏଥିରେ ବ୍ୟକ୍ତିର ବିଚାର ନେଇ କୌଣସି ସୈଦ୍ଧାନ୍ତିକ ପୂର୍ବ ନିଷ୍ପତ୍ତି ସଂପୃକ୍ତ ନୁହେଁ ।

ଜରୁରୀ ନିବେଦନ ପାଇଁ ମଧ୍ୟ ଏକ ଉଦ୍ଦିଷ୍ଟ ଫର୍ମରେ ଲେଖିବାକୁ ହୁଏ ଓ ଏହି ମାନକ ଫର୍ମରେ ଚାରୋଟି ଭାଗ ରହିଥାଏ । ଯଥା- (୧) ନିଷ୍ପତ୍ତି ବିଷୟକ ସୂଚନା ଓ ବିଭାଗୀୟ ନିର୍ଦ୍ଦେଶ, (୨) ମିଳୁଥିବା ତଥ୍ୟର ସାରାଂଶ ଓ ଏହାର ପ୍ରୟୋଗ ପରିପ୍ରେକ୍ଷୀରେ ଏ ପ୍ରକାର ଘଟଣାରେ ନିଆଯାଇଥିବା ପଦକ୍ଷେପର ସୂଚନା, (୩) ଆନ୍ତର୍ଜାତିକ ସ୍ତରର ସାଧନ ଓ ଆଇନ ଓ ସଂପୃକ୍ତ ଘଟଣାରେ ପଦାଧିକାରୀ ଯେଉଁ ସଂପୃକ୍ତି ବ୍ୟକ୍ତ କରିଛନ୍ତି ତାହାର ସୂଚନା; ଓ (୪) ଅଭିଯୋଗ ଆଧାରରେ ସୂଚନା ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ ଓ ଉଲଙ୍ଘନ ଅଭିଯୋଗ କ୍ଷେତ୍ରରେ ଏହାର ନିରାକରଣ ବା ପ୍ରତିରୋଧ ପାଇଁ ତ୍ୱରିତ ପଦକ୍ଷେପ ।

Digitized by srujanika@gmail.com

ପ୍ରତ୍ୟେକ ଘଟଣାର ଗୁରୁତ୍ୱ ଆଧାରରେ ସରକାରଙ୍କୁ ଲେଖାଯାଉଥିବା ପ୍ରସଙ୍ଗ ଓ କରାଯାଉଥିବା ନିବେଦନ ଫରକ ହୋଇପାରେ ଓ ସର୍ବଦା ଏକା ହେବା ଜରୁରୀ ନୁହେଁ । ତିରିଶ ଦିନ ଭିତରେ ସରକାର ତାଙ୍କର ମତ ଜଣାଇବାକୁ ତାଙ୍କୁ ଅନୁରୋଧ କରାଯାଏ । କେତେକ ଘଟଣାରେ ଘଟଣାର ମହତ୍ତ୍ୱ ନେଇ ପଦାଧିକାରୀମାନେ ଏହି ନିବେଦନକୁ ପ୍ରେସ୍‌ରେ ପ୍ରକାଶ କରିଥାନ୍ତି ବା ସର୍ବସାଧାରଣଙ୍କ ଦୃଷ୍ଟିକୁ ଆଣିଥାନ୍ତି ।

ଗଣମାଧ୍ୟମ (ପ୍ରେସ୍)ରେ ବିବୃତ୍ତି

କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଯେତେବେଳେ ସରକାର ଉପଯୁକ୍ତ ବିବରଣୀ ଦେବାରେ ବାରମ୍ବାର ବିଫଳ ହୋଇଛନ୍ତି ସେହି ପରିସ୍ଥିତିରେ ସ୍ୱତନ୍ତ୍ର ପ୍ରଣାଳୀର ପଦାଧିକାରୀ ଗଣମାଧ୍ୟମରେ ବିବୃତ୍ତି ଦେଇପାରନ୍ତି ବା ଏକ ପ୍ରେସ୍ ସମ୍ମିଳନୀ କରି ଘଟଣାକୁ ପ୍ରକାଶ କରିପାରନ୍ତି । ପଦାଧିକାରୀ ଏହା ବ୍ୟକ୍ତିଗତ ସ୍ତରରେ କିମ୍ବା ଅନ୍ୟ ପଦାଧିକାରୀଙ୍କ ସହ ସଂଯୁକ୍ତ ହୋଇ କରିପାରନ୍ତି ।

ମାନବାଧିକାର ଆନ୍ତର୍ଜାତିକ ଅନୁଷ୍ଠାନର କମ୍ୟୁନିକେଶନ ବିଭାଗ ପ୍ରେସ୍ ସମ୍ପର୍କୀୟ କାର୍ଯ୍ୟ ନିର୍ବାହ କରିଥାନ୍ତି ଓ ଏହାକୁ ମାନବାଧିକାର ୱେବ୍‌ସାଇଟ୍‌ରେ ଦେଇଥାନ୍ତି ।

ଯୋଗାଯୋଗ ପରବର୍ତ୍ତୀ କାର୍ଯ୍ୟ

ଯୋଗାଯୋଗ ପରବର୍ତ୍ତୀ ପଦକ୍ଷେପ ବିଭିନ୍ନ ପନ୍ଥାରେ କରାଯାଇଥାଏ, ଯଥା- (୧) ମାନବାଧିକାର ସମିତି ଓ ଅନ୍ୟ ଉପଯୁକ୍ତ ସଂସ୍ଥାକୁ ଘଟଣାର ବିବରଣୀ ପଠାଯାଏ, ଯେଉଁଥିରେ ଲେଖା ଯାଇଥିବା ପତ୍ର ଓ ପ୍ରାପ୍ତ ଉତ୍ତର ରହିବା ସହ ମନ୍ତବ୍ୟ ରହିଥାଏ, (୨) ସାଧାରଣ ଧାରାର ବିଶ୍ଳେଷଣ ଓ ସକାରାତ୍ମକ ଅଗ୍ରଗତିର ପ୍ରମାଣପତ୍ର, (୩) ସରକାରମାନଙ୍କ ସହ ରଚନାତ୍ମକ ଆଲୋଚନାର ଫଳାଫଳ ଓ ଅନ୍ୟ ଅଂଶୀଦାରମାନଙ୍କ ସହ ହୋଇଥିବା ଯୋଗାଯୋଗ ।

ସରକାରଙ୍କ ସହ ଯୋଗାଯୋଗ ଓ ସରକାରଙ୍କ ଉତ୍ତରର ସାରକଥା ଓ ସମସ୍ତ ବିଷୟର ସାରାଂଶ ସମିତିକୁ ଦିଆଯାଉଥିବା ରିପୋର୍ଟ ବା ବିବରଣୀରେ ଉଲ୍ଲେଖ ରହିଥାଏ । କର୍ତ୍ତୃତ୍ୱାଦେଶ ବା ମାଣ୍ଡେଟ୍ ଯଦି ବି ପୃଥକ ହେଉଥାଏ, ତେବେ ପଦାଧିକାରୀ (ମାଣ୍ଡେଟ ହୋଲ୍‌ଡର) ସାଧାରଣ ଧାରାରେ ନିଜର ପ୍ରତିକ୍ରିୟା ଓ ମୂଲ୍ୟାୟନ ଦେଇପାରନ୍ତି । ଏଠାରେ ମୁଖ୍ୟ କଥା ହେଉଛି ଏହାର କାର୍ଯ୍ୟକାରୀତା, ସୁତରାଂ ବେଳେବେଳେ ଯୋଗାଯୋଗ ବାହାରକୁ ଯାଇ କାର୍ଯ୍ୟ କରିବାକୁ ହୋଇଥାଏ ।

ଅନ୍ୟାନ୍ୟ କାର୍ଯ୍ୟକ୍ରମ

ମାନବାଧିକାର ସମିତିର ଅନୁରୋଧ କ୍ରମେ ହେଉ ବା ପଦାଧିକାରୀଙ୍କ ପଦକ୍ଷେପ ଯୋଗୁଁ ହେଉ, ସ୍ୱତନ୍ତ୍ର ପଦ୍ଧତି କ୍ଷେତ୍ରରେ ପ୍ରସଙ୍ଗର ଅନୁଶୀଳନ କରାଯାଏ । ମାନବାଧିକାରର ମାନକ ଓ ବାସ୍ତବ କ୍ଷେତ୍ରରେ ପ୍ରୟୋଗ ପାଇଁ ନୀତି, ବିଶେଷଜ୍ଞମାନଙ୍କର ପରାମର୍ଶ ସଂଗ୍ରହ, ସେମିନାର ଓ ସମ୍ମିଳନୀ ଆୟୋଜନ, ମାନବାଧିକାର ସମିତି ବୈଠକ ସମୟରେ ପରାମର୍ଶ ପାଇଁ ବିଶାରଦମାନଙ୍କର ତାଲିକା ପ୍ରସ୍ତୁତି, ବିଭିନ୍ନ ରାଜ୍ୟ ପାଇଁ ପରିଭ୍ରମଣ, ଯାହା ତଥ୍ୟ ସଂଗ୍ରହ ପାଇଁ ନୁହେଁ ବରଂ ବୈଷୟିକ ସହଯୋଗ ପାଇଁ ଯେଉଁ କାର୍ଯ୍ୟକ୍ରମ ଏହାର ପରିସର ଭିତରକୁ ଆସେ । ବିଭିନ୍ନ ରାଜ୍ୟକୁ ପରିଭ୍ରମଣ ସମୟରେ ମଧ୍ୟସ୍ଥି ନିରୂପଣ, ଉତ୍ତମ ବ୍ୟବସ୍ଥାର ପ୍ରଚଳନ, ମାନବାଧିକାର ନେଇ ସର୍ବସାଧାରଣଙ୍କ ସଚେତନତା ବୃଦ୍ଧି, ମାନବାଧିକାରର ସ୍ଥିତି ଓ କେଉଁ କ୍ଷେତ୍ରରେ ଏହାର ଉଲଙ୍ଘନ ସହଜରେ ହେଉଛି, ବିଭିନ୍ନ ବର୍ଗର ଲୋକମାନଙ୍କ ସହ ପାରସ୍ପରିକ ଆଦାନ-ପ୍ରଦାନ ପରି ବହୁ କାର୍ଯ୍ୟ ଏହାର ପରିସରକୁ ଆସିଥାଏ ।

ଜାତିସଂଘର ସ୍ୱତନ୍ତ୍ର ସଂସ୍ଥା ଜାତିଗତ ବିଭେଦକୁ ଗମ୍ଭୀରତାର ସହ ବିଚାରକୁ ନେଇଥାଏ । ମାନବାଧିକାର ସମିତି ଅଧୀନରେ ମାନବିକ ଅଧିକାରର ମନିଟରିଂ ବ୍ୟବସ୍ଥା ବିଭିନ୍ନ ରାଜ୍ୟର ଘଟଣା ଓ ମାନବିକ ଅଧିକାରର ସ୍ଥିତି ନେଇ ପର୍ଯ୍ୟାଲୋଚନା କରିଥାଏ । କେତେକ ରାଜ୍ୟରେ ଜାତିଗତ ବିଭେଦତା ଚିନ୍ତାଜନକ ସ୍ତରରେ ପହଞ୍ଚିଥିବା ପରିପ୍ରେକ୍ଷୀରେ ଏ ସମ୍ପର୍କୀୟ ଘଟଣାମାନଙ୍କୁ ତାଲିକାଭୁକ୍ତ କରିଥାଏ । ଏହିସବୁ ପରିସ୍ଥିତି କିପରି ଆନ୍ତର୍ଜାତିକ ଦୃଷ୍ଟି ଆକର୍ଷଣ କରୁଛି ଓ ଏହା ଭିନ୍ନ ଭିନ୍ନ ଦିଗରେ ଗତି କରୁଛି ତାହା ସୂଚାଇଥାଏ ।

Digitized by srujanika@gmail.com

୩.୨ ଇଚ୍ଛାଧୀନ ରାଜିନାମା

ବହୁ ସମୟରେ ମାନବିକ ଅଧିକାର ଚୁକ୍ତିରୁ ମାନବିକ ଅଧିକାର ଜନିତ ଇଚ୍ଛାଧୀନ ରାଜିନାମା ନିଷ୍ପନ୍ନ ହୋଇଥାଏ, ଯାହା ଚୁକ୍ତି ପାଇଁ ଏକ ପ୍ରଣାଳୀର ଭିତ୍ତି ଦେଇଥାଏ କିମ୍ବା ଚୁକ୍ତି ସହ ସମ୍ପୃକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ପାଇଁ ପନ୍ଥା ଦେଖାଇଥାଏ । ଇଚ୍ଛାଧୀନ ରାଜିନାମା ନିଜସ୍ୱ ଧାରାରେ ମଧ୍ୟ କିଛି ଚୁକ୍ତି, ଯାହାକୁ ଅନ୍ୟମାନେ ସ୍ୱୀକାର କରିପାରିବେ ବା ରାଜ୍ୟମାନେ ଅନୁମୋଦନ କରିପାରିବେ । ଯେଉଁମାନେ ମାନବାଧିକାର ଚୁକ୍ତିରେ ସହମତି ପ୍ରକାଶ କରିଛନ୍ତି, ସେମାନେ ମଧ୍ୟ ଇଚ୍ଛାଧୀନ ରାଜିନାମାରେ ସହମତି ପ୍ରକାଶ କରିପାରିବେ ।

ଇଚ୍ଛାଧୀନ ରାଜିନାମା ମାନବାଧିକାର ଚୁକ୍ତିର ପରିପୂରକ ହୋଇଥାଏ ଓ ଏହାର ମହତ୍ତ୍ୱକୁ ବୃଦ୍ଧି କରିଥାଏ । ଏହାକୁ 'ଇଚ୍ଛାଧୀନ' ଏହି ଦୃଷ୍ଟିରୁ କୁହାଯାଏ ଯେ ସେଥିରେ ଥିବା ଉତ୍ତରଦାୟିତ୍ୱବୋଧ ମୂଳ ଚୁକ୍ତି ଅପେକ୍ଷା ଅଧିକ ଗୁରୁତ୍ୱ ବହନ କରେ । ସୁତରାଂ ଇଚ୍ଛାଧୀନ ରାଜିନାମାକୁ ଗ୍ରହଣ କରିବା ନ କରିବା ରାଜ୍ୟମାନଙ୍କ ପାଇଁ ଇଚ୍ଛାଧୀନ ଅଟେ । ମୂଳ ଚୁକ୍ତିକୁ ଗ୍ରହଣ କରୁଥିବା ରାଜ୍ୟମାନେ ଇଚ୍ଛାଧୀନ ରାଜିନାମାରେ ସ୍ୱାକ୍ଷର କରିବା, ଅନୁମୋଦନ କରିବା ବା ସ୍ୱୀକୃତି ଦେବା ସେମାନଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ।

ମୂଳ ଚୁକ୍ତିର ଯେକୌଣସି ପ୍ରସଙ୍ଗ ସହ ଇଚ୍ଛାଧୀନ ନିୟମ ଉପଯୋଗୀ ହୋଇପାରେ, ଯାହାଦ୍ୱାରା ମୂଳ ନିୟମର କୌଣସି ବିଷୟ ପ୍ରତି ଏହା ଅଧିକ ସଂପୃକ୍ତି ବ୍ୟକ୍ତ କରିଥାଏ ଓ ତାହାର ପ୍ରୟୋଗ ଓ କାର୍ଯ୍ୟକାରୀତା ପାଇଁ ଭିତ୍ତି ଯୋଗାଇଥାଏ ।

ଆଇସିସିପିଆର୍ (International Covenanton Civil and Political Right–ନାଗରିକ ଓ ରାଜନୈତିକ ଅଧିକାର ବିଷୟକ ଆନ୍ତର୍ଜାତିକ ଚୁକ୍ତି) ଅଧୀନରେ ବ୍ୟକ୍ତିଗତ ଅଭିଯୋଗ

ନାଗରିକ ଓ ରାଜନୈତିକ ଅଧିକାର ବିଷୟକ ଆନ୍ତର୍ଜାତିକ ଚୁକ୍ତି ସହ ପ୍ରଥମ ଇଚ୍ଛାଧୀନ ରାଜିନାମା ଜନିତ ବ୍ୟକ୍ତିଗତ ଅଭିଯୋଗ ବ୍ୟବସ୍ଥାକୁ ସଂପୃକ୍ତ କରାଗଲା । ଏହି ବ୍ୟବସ୍ଥା ସନ୍ଧିସମିତି ପଦ୍ଧତି ସହ ପ୍ରୟୋଗ କ୍ଷେତ୍ରରେ ବେଶ୍ ସଫଳତା ଲାଭ କରିଛି । ଏହି ପଦ୍ଧତି ଏବେ କାର୍ଯ୍ୟକାରୀ ହେଉଛି ଓ ଏହା

Digitized by srujanika@gmail.com

୧୧୫ଟି ରାଜ୍ୟ ପ୍ରତି ପ୍ରୟୋଗ ହେଉଛି । ଯେଉଁ ଦେଶମାନେ ପ୍ରଥମ ଇଚ୍ଛାଧୀନ ରାଜିନାମାକୁ ଅନୁମୋଦନ କରିଛନ୍ତି ସେ ସମସ୍ତଙ୍କ ପାଇଁ ଏହା ପ୍ରୟୋଗ ହୋଇପାରୁଛି । ଯେଉଁମାନେ ସିସିପିଆର୍ ସହ ସଂଶ୍ଳିଷ୍ଟ ଓ ପ୍ରଥମ ଇଚ୍ଛାଧୀନ ରାଜିନାମାକୁ ଗ୍ରହଣ କରିଛନ୍ତି ସେ ସମସ୍ତଙ୍କ ପାଇଁ ଏହା ଗ୍ରହଣଯୋଗ୍ୟ । ଏହି ରାଜିନାମା ଦୀର୍ଘ ବର୍ଷ ଧରି ଅବ୍ୟାହତ ରହିଛି (୧୯୭୬ ଠାରୁ) । ଏହି ସନ୍ଧିସମିତି ପାଖରେ ବହୁ ଅଭିଯୋଗ ଦାଖଲ ହୋଇଛି ଓ ଏହା ନିଷ୍ପତ୍ତି ଦେଇଛି । ଏହି ପଦ୍ଧତି ଭିତରେ ସନ୍ଧିସମିତି କାର୍ଯ୍ୟକାରୀ ହେଉଛି ।

ଆନୁଷ୍ଠାନିକ ଚୁକ୍ତିରେ ଥିବା ବିଷୟ ଭିତରୁ କୌଣସି କ୍ଷେତ୍ରରେ ମାନବିକ ଅଧିକାରର ଉଲଙ୍ଘନ ହେଉଥିଲେ (ଯଥା- ପକ୍ଷପାତମୂଳକ ବିଚାର, ମନଇଚ୍ଛା ଗିରଫଦାରୀ ବା ଅଟକ, ମତବ୍ୟକ୍ତ କ୍ଷେତ୍ରରେ ପ୍ରତିବନ୍ଧକ) ଜଣେ ଅଭିଯୋଗ ଆଣିପାରିବ । ଅଭିଯୋଗ ଯଥା ସମୟରେ ଓ ରାଜ୍ୟ ବିରୁଦ୍ଧରେ ହେବା ଦରକାର । ଯେଉଁ ରାଜ୍ୟ ପ୍ରଥମ ଇଚ୍ଛାଧୀନ ରାଜିନାମା, ଯାହା ମାନବାଧିକାର ସମିତି ସହ ସଂପୃକ୍ତକୁ ଗ୍ରହଣ କରିଛି ତାହାର ନାଗରିକ ଏହି ଅଭିଯୋଗ କରିପାରିବେ । ତେବେ ପ୍ରଥମେ ସ୍ଥାନୀୟ ସ୍ତରରେ ସମସ୍ତ ସମ୍ଭାବନା କ୍ଷେତ୍ରରେ ଉଦ୍ୟମ କରିସାରିବା ପରେ ଓ ଏ ବିଷୟରେ କିଛି ବିହିତ ପ୍ରତିକାର ନ ହେଲେ ସେ ଆନ୍ତର୍ଜାତିକ ସ୍ତରରେ ପ୍ରୟାସ କରିପାରିବେ ।

ମହିଳା ବିରୋଧୀ ଭେଦଭାବ ବିଲୋପନ ଚୁକ୍ତି (CEDAW) ଅଧୀନରେ ବ୍ୟକ୍ତିଗତ ଅଭିଯୋଗ :

ମହିଳା ବିରୋଧୀ ଭେଦଭାବ ବିଲୋପନ ଚୁକ୍ତି (ସିଇଡିଏଡବ୍ଲୁ)ର ଇଚ୍ଛାଧୀନ ରାଜିନାମାରେ ନିମ୍ନ ପ୍ରସଙ୍ଗ ରହିଛି ।

ଯୋଗାଯୋଗ ପଦ୍ଧତି

କୌଣସି ମହିଳା ବା ମହିଳା ଗ୍ରୁପ୍‌ର ଅଭିଯୋଗ କରିବାର ଅଧିକାର ରହିଛି । ମହିଳାଙ୍କର ଅଧିକାରର ଉଲଙ୍ଘନ ହେଉଥିଲେ ବା ସେ ଭେଦଭାବର ଶିକାର ହେଉଥିଲେ ଚୁକ୍ତିର ବିରୋଧ ହେଉଛି ବୋଲି ସେ ସେଥିପାଇଁ ଅଭିଯୋଗ ଆଣିପାରିବେ । ଏହାକୁ **ଯୋଗାଯୋଗ ପଦ୍ଧତି** (ବା **କମ୍ୟୁନିକେଶନ ପ୍ରୋସିଡିୟର**) କୁହାଯାଏ । ଜାତିସଂଘର ଏହି ପଦ୍ଧତି ଆଧାରରେ କୌଣସି ମହିଳା ଅଭିଯୋଗ ଆଣିପାରିବେ ବୋଲି ବ୍ୟବସ୍ଥା କରିଛି । ତେବେ ସମସ୍ତ ଅଭିଯୋଗ ଲିଖିତ ଭାବେ ହେବା ଆବଶ୍ୟକ ।

ଅନୁସନ୍ଧାନ ପଦ୍ଧତି

ମହିଳାମାନଙ୍କ ବିଷୟରେ ୬ ନଭେମ୍ବର ୨୦୦୬ରେ ଏକ ଇଚ୍ଛାଧୀନ ରାଜିନାମା ହୋଇଛି । ଇଚ୍ଛାଧୀନ ରାଜିନାମାର ଧାରା ୮ରେ ଏହା ଉଲ୍ଲେଖ ରହିଛି ।

ଏହି ଇଚ୍ଛାଧୀନ ରାଜିନାମା ସହିତ ଅନୁସନ୍ଧାନ ପଦ୍ଧତି ଓ ଅଭିଯୋଗ ପଦ୍ଧତି ସଂଶ୍ଳିଷ୍ଟ ରହିଛି । ଅନୁସନ୍ଧାନ ପଦ୍ଧତି ଦ୍ଵାରା ମହିଳାମାନଙ୍କର ଅଧିକାର ଗୁରୁତର ଭାବେ ଓ ନିୟମିତ ଭାବେ ଉଲଙ୍ଘିତ ହେଉଥିଲେ ସମିତି ତାହାର ଅନୁସନ୍ଧାନ କରିବାକୁ କୁହାଯାଇଛି । ବିଶେଷକରି ଯେଉଁ ଦେଶମାନେ ଇଚ୍ଛାଧୀନ ରାଜିନାମାକୁ ଅନୁମୋଦନ କରିଛନ୍ତି ସେ ଦେଶରେ ଅଭିଯୋଗ ହେଲେ ଏହି ଅନୁସନ୍ଧାନ କରାଯାଇପାରିବ । ଏହା ଉତ୍ପୀଡ଼ନ, ନିଷ୍ଠୁରତା, ଅମାନବିକ ବ୍ୟବହାର ବା ଦଣ୍ଡ ବିରୁଦ୍ଧରେ ଆନ୍ତର୍ଜାତିକ ରାଜିନାମା ଧାରା-୨୦ ଅନୁଯାୟୀ କରାଯାଏ । ଏହି ଅନୁସନ୍ଧାନ ପଦ୍ଧତି ହେଲା :

Digitized by srujanika@gmail.com

- ମହିଳାମାନଙ୍କର ଅଧିକାର ଗୁରୁତର ଭାବେ ଉଲଘିତ ହେଉଥିଲେ ଓ ସେମାନେ ଅତ୍ୟନ୍ତ ଅପମାନଜନିତ ସ୍ଥିତିରେ ରହିଥିଲେ ତାହାର ଅନୁସନ୍ଧାନ ଏକ ଆନ୍ତର୍ଜାତିକ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯିବ;
- ମହିଳାମାନଙ୍କର ଅଧିକାର-ବ୍ୟାପକ ଭାବେ ଉଲଘିତ ହେଉଥିଲେ ଓ ବ୍ୟକ୍ତିଗତ ଯୋଗାଯୋଗ ଦ୍ୱାରା ଏହି ପଦ୍ଧତିଗତ ଉଲଘନ ବ୍ୟକ୍ତ କରିପାରୁ ନ ଥିଲେ ସେ କ୍ଷେତ୍ରରେ ଏହା ଉପଯୋଗୀ ହୋଇଥାଏ;
- ବ୍ୟକ୍ତିଗତ ବା ଗ୍ରୁପ୍ ଦ୍ୱାରା ଏ ବିଷୟରେ ଯୋଗାଯୋଗ କରିବା ସମ୍ଭବ ନ ଥିଲେ (ପ୍ରତିହିଂସାମୂଳକ ଭୟ ଯୋଗୁଁ) ବ୍ୟାପକ ଉଲଘନର ଅନୁସନ୍ଧାନ କରିବାକୁ ଅନୁମତି ଦେଇଥାଏ;
- ପଦ୍ଧତିଗତ ବା ଢାଞ୍ଚାଗତ ଉଲଘନର ଦୂରୀକରଣ ପାଇଁ ସୁପାରିଶ କରିବାକୁ ସମିତିକୁ ସୁଯୋଗ ଦେଇଥାଏ;
- ଏକ ନିର୍ଦ୍ଦିଷ୍ଟ ଦେଶରେ ଉଲଘନର ବହୁ ଦିଗ ଉପରେ ସମାଧାନର ସୂତ୍ର ପାଇଁ ସମିତିକୁ ସୁଯୋଗ ପ୍ରଦାନ କରାଯାଏ ।

ସିଇଆରଡି ଅଧୀନରେ ବ୍ୟକ୍ତିଗତ ଅଭିଯୋଗ

(CERD ହେଉଛି International Convention on the Etimination of All Forms of Racial Discrimination ବା ସମସ୍ତ ପ୍ରକାର ବର୍ଣ୍ଣଗତ ବୈଷମ୍ୟର ବିଲୋପ ପାଇଁ ଆନ୍ତର୍ଜାତିକ ଚୁକ୍ତି) ବର୍ଣ୍ଣବୈଷମ୍ୟ ବିଲୋପ ଜନିତ ଆନ୍ତର୍ଜାତିକ ରାଜିନାମା କ୍ଷେତ୍ରରେ ଏହାର ଧାରା ୧୪ରେ ବ୍ୟକ୍ତିଗତ ଅଭିଯୋଗ ପାଇଁ ଏକ ବ୍ୟବସ୍ଥା ରହିଛି । ଏହି କ୍ଷେତ୍ରରେ ପ୍ରଥମ ଅଭିଯୋଗ ୧୯୮୪ରେ ଗ୍ରହଣ କରାଯାଇଥିଲା ।

- ଏହି ବ୍ୟବସ୍ଥା ସମ୍ପ୍ରତି ୫୫ଟି ରାଜ୍ୟ ପ୍ରତି ପ୍ରସାରିତ ଓ ପ୍ରୟୋଗ ହେଉଛି ।
- ସିଇଆର୍‌ଡିର ଧାରା ୧୪ ଅନୁଯାୟୀ ଯେଉଁ ରାଜ୍ୟମାନେ ଏହାର କମିଟି ବା ସମିତିର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି ସେ ସମସ୍ତ ରାଜ୍ୟ ପ୍ରତି ଏହା ପ୍ରୟୋଗ ହୋଇପାରୁଛି ।
- ଯଦି ବି ଏହି ଇଚ୍ଛାଧୀନ ଅଭିଯୋଗ ବ୍ୟବସ୍ଥା ୩୦ ବର୍ଷ ପାଇଁ ଉପଲବ୍ଧ ଥିଲା, ଏହା ପ୍ରାୟତଃ ସେତେ ବ୍ୟବହୃତ ହୁଏନାହିଁ । ସାଧାରଣ ଭାବେ ବର୍ଷକୁ ଗୋଟିଏ ଦୁଇଟି ଘଟଣାର ସମୀକ୍ଷା କରିଥାଏ । ଅନ୍ୟ ବ୍ୟବସ୍ଥା ତୁଳନାରେ ଏହା ତୁରନ୍ତ ଏହାର ନିଷ୍ପତ୍ତି ଦେଇଥାଏ ।
- ରାଜିନାମାରେ ଥିବା ଧାରାର ଉଲଘନ ବିଷୟରେ ଅଭିଯୋଗ ହେବା ଆବଶ୍ୟକ । ସମ୍ପୃକ୍ତ ରାଜ୍ୟର କୌଣସି ବ୍ୟକ୍ତି ବା ଗ୍ରୁପ୍ ଏହି ଅଭିଯୋଗ ଆଣିବା ଦରକାର ଓ ଏହା ବେନାମୀ ଭାବେ ହେବନାହିଁ । ନିଜ ଦେଶର ବ୍ୟବସ୍ଥାରେ ଏହାର ନିରାକରଣ ହେଉ ନ ଥିଲେ ତାହାର ଛଅମାସ ଭିତରେ ଏହି ଅଭିଯୋଗ କରାଯାଇପାରିବ ।

ଆଇସିଇଏସ୍‌ସିଆର୍ ଅଧୀନରେ ବ୍ୟକ୍ତିଗତ ଅଭିଯୋଗ

(ଆଇସିଇଏସ୍‌ସିଆର୍ - ICESCR ହେଉଛି International Convention on Economic, Social and Cultural Rights ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ସମ୍ପର୍କିତ ଆନ୍ତର୍ଜାତିକ ରାଜିନାମା) ଆଇସିଇଏସ୍‌ସିଆର୍ ଅଧୀନରେ ଇଚ୍ଛାଧୀନ ରାଜିନାମା ଏକ ନୂତନ ବ୍ୟବସ୍ଥା । ଏହି ଇଚ୍ଛାଧୀନ ରାଜିନାମାର ପରିସରରେ ବ୍ୟକ୍ତିଗତ ଅଭିଯୋଗ ବ୍ୟବସ୍ଥା ଓ ଏକ ଅନୁସନ୍ଧାନ ପଦ୍ଧତି ରହିଛି । ତେବେ ବର୍ତ୍ତମାନ ସୁଦ୍ଧା କୌଣସି ଘଟଣା ଏଥିରେ ବିଚାର୍ଯ୍ୟ ହୋଇନାହିଁ, ଏହି ବ୍ୟବସ୍ଥା ନିକଟରେ କାର୍ଯ୍ୟକାରୀ ହୋଇଛି ଓ ଏହା ଏଗାରଟି ରାଜ୍ୟ ପ୍ରତି ପ୍ରୟୋଗ ହେଉଛି । ଇଚ୍ଛାଧୀନ ରାଜିନାମାକୁ ଅନୁମୋଦନ କରିଥିବା ସମସ୍ତ ରାଜ୍ୟ ପ୍ରତି ଏହା କାର୍ଯ୍ୟ କରିବ ।

Digitized by srujanika@gmail.com

ସିଆରସି ଅଧୀନରେ ବ୍ୟକ୍ତିଗତ ଅଭିଯୋଗ

(ସିଆର୍ସି ହେଉଛି Convention on the Right of the Child - CRC ବା ଶିଶୁ ଅଧିକାର ରାଜିନାମା) ଶିଶୁ ଅଧିକାର ଚୁକ୍ତି ଜନିତ ଇଚ୍ଛାଧୀନ ରାଜିନାମା ବ୍ୟବସ୍ଥା ନିକଟରେ ପ୍ରତିଷ୍ଠିତ ହୋଇଛି, ଯେଉଁଥିରେ ବ୍ୟକ୍ତିଗତ ଅଭିଯୋଗ ପଦ୍ଧତି ରହିଛି, ତେବେ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ।

ତିନୋଟି ପୃଥକ ଯୋଗାଯୋଗ ପଦ୍ଧତି ଏହି ରାଜିନାମରେ ରହିଛି :

- ବ୍ୟକ୍ତିଗତ ଯୋଗାଯୋଗ ପଦ୍ଧତି
- ଆନ୍ତଃରାଷ୍ଟ୍ରୀୟ ଯୋଗାଯୋଗ ପଦ୍ଧତି
- ଅନୁସନ୍ଧାନ ପଦ୍ଧତି

ରାଜିନାମାର ଧାରା ୭ରେ ଯୋଗାଯୋଗ ସ୍ଥାପନ କରିବା ସଂକ୍ରାନ୍ତରେ ଏହା ଉଲ୍ଲେଖ ରହିଛି :

ସମିତି ବା କମିଟି ଯୋଗାଯୋଗ ସ୍ୱୀକାର କରିବ ନାହିଁ, ଯେତେବେଳେ :

- ଏହା ବେନାମୀ ହୋଇଥିବ;
- ଏହା ଲିଖିତ ହୋଇ ନ ଥିବ;
- ଯୋଗାଯୋଗ ଅଧିକାରକୁ ଏହା ଅପବ୍ୟବହାର କରୁଥିବ କିମ୍ବା ଚୁକ୍ତିରେ ଥିବା ଇଚ୍ଛାଧୀନ ରାଜିନାମାର ବ୍ୟବସ୍ଥା ସହ ଏହା ସମତାଳ ହେଉ ନ ଥିବ;
- ସମିତି ଦ୍ୱାରା ପୂର୍ବରୁ ଏହି ଘଟଣାର ପର୍ଯ୍ୟାଲୋଚନା ହୋଇଥିବ ବା ଆନ୍ତର୍ଜାତିକ ଅନୁସନ୍ଧାନ ବା ସମାଧାନ ବ୍ୟବସ୍ଥାରେ ଅନ୍ୟ ପ୍ରକ୍ରିୟାରେ ଏହାର ବିଚାର ହୋଇଥିବ ।
- ନିଜ ଦେଶରେ ଉପଲବ୍ଧ ଥିବା ପ୍ରତିକାର ବିଧାନର ସମସ୍ତ କ୍ଷେତ୍ରରେ ଉଦ୍ୟମ କରାଯାଇ ନ ଥିବ । ତେବେ ଯେଉଁ କ୍ଷେତ୍ରରେ ପ୍ରତିକାର ବିଧାନ ପାଇଁ ଦରଖାସ୍ତକୁ ଅହେତୁକ ଭାବେ ବିଳମ୍ବ କରାଯାଉଥିବ କିମ୍ବା ସେପରି କିଛି ସୁଫଳ ମିଳିବାର ସମ୍ଭାବନା ନ ଥିବ ସେ କ୍ଷେତ୍ରରେ ଏହି ନିୟମ ପ୍ରୟୋଗ ହେବନାହିଁ ।
- ଯୋଗାଯୋଗ ଉପଯୁକ୍ତ ତଥ୍ୟାଧାରିତ ନ ଥିବ ବା ସତ୍ୟ ପ୍ରମାଣ ଉପରେ ପର୍ଯ୍ୟବସିତ ନ ଥିବ;
- ସାମ୍ପ୍ରତିକ ରାଜିନାମାରେ ସଂପୃକ୍ତ ରାଜ୍ୟ ଅନ୍ତର୍ଭୁକ୍ତ ହେବାର ପୂର୍ବରୁ ଯୋଗାଯୋଗର ଘଟଣା ସୃଷ୍ଟି ହୋଇଥିବ ଓ ଅନ୍ତର୍ଭୁକ୍ତ ହେବା ପରେ ଯଦି ଘଟଣାର ପୁନରାବୃତ୍ତି ହେଉ ନ ଥିବ;
- ନିଜ ଦେଶର ବ୍ୟବସ୍ଥାରେ ପ୍ରତିକାର ବିଧାନର କ୍ଷେତ୍ରକୁ ଚେଷ୍ଟା କରିସାରିବା ପରେ ଏକ ବର୍ଷରୁ ଅଧିକ ହୋଇ ନ ଥିବ । ତେବେ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମକୁ ଗ୍ରହଣ କରାଯାଇଛି ଯେ ଯଦି ସମସ୍ତ ଚେଷ୍ଟା ସତ୍ତ୍ୱେ ନିର୍ଦ୍ଧାରିତ ସମୟସୀମା ଭିତରେ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ ସେ କ୍ଷେତ୍ରରେ ଏହାକୁ ଗ୍ରହଣ କରାଯିବ ।

Digitized by srujanika@gmail.com

୪. ଜାତୀୟ ମାନବିକ ଅଧିକାର ପ୍ରକ୍ରିୟା

ଭାରତୀୟ ସମ୍ବିଧାନରେ ମାନବିକ ଅଧିକାର

ଭାରତୀୟ ଦଣ୍ଡବିଧି ସଂହିତା

ଆପରାଧୀକ ପ୍ରକ୍ରିୟା

ଆଇନଗତ ନିରାପତ୍ତା

ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିଙ୍କ ଅଧିକାର

ମହିଳା ଅଧିକାର

ଶିଶୁ ଅଧିକାର

ଅନ୍ୟ କେତେକ ସମ୍ପର୍କିତ ବ୍ୟବସ୍ଥା

Digitized by srujanika@gmail.com

୪.୧ ଭାରତୀୟ ସମ୍ବିଧାନରେ ମାନବିକ ଅଧିକାର

ଭାରତୀୟ ସମ୍ବିଧାନର ତୃତୀୟ ଭାଗରେ ମାନବିକ ଅଧିକାର ଓ ଚତୁର୍ଥ ଭାଗରେ ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ବିଷୟରେ ସ୍ପଷ୍ଟ ଚିତ୍ର ରହିଛି । ମୌଳିକ ଅଧିକାର ଓ ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ । ମାନବିକ ଅଧିକାରର ସାର୍ବଜନୀନ ଘୋଷଣାନାମାର ଭାବଧାରା ଭାରତୀୟ ସମ୍ବିଧାନରେ ପ୍ରତିଫଳିତ ହୋଇଛି । ସେହିପରି ନାଗରିକ ଓ ରାଜନୈତିକ ଅଧିକାର ସହ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର କ୍ଷେତ୍ରରେ ଯେଉଁ ଆନୁଷ୍ଠାନିକ ଆନ୍ତର୍ଜାତିକ ସନ୍ଧିପତ୍ର ରହିଛି ତାହାର ଭାବଧାରା ଭାରତୀୟ ସମ୍ବିଧାନର ଭାଗ-ଆଇଭିଏରେ ବ୍ୟକ୍ତ ହୋଇଛି । ସେହିପରି ମୌଳିକ କର୍ତ୍ତବ୍ୟ ପ୍ରସଙ୍ଗ ସମ୍ବିଧାନର ଧାରା ୩୦୦ଏ, ୩୨୫ ଓ ୩୨୬ରେ ସୂଚୀତ ହୋଇଛି ।

ଭାରତୀୟ ସମ୍ବିଧାନ କ'ଣ ?

ଭାରତୀୟ ଆଇନ ବ୍ୟବସ୍ଥାରେ ସମ୍ବିଧାନର ସ୍ଥାନ ସର୍ବୋଚ୍ଚ । ଏହା ଏକ ଜୀବନ୍ତ ଦଲିଲ, ଯାହା ସ୍ଥାୟୀ ଓ ଯାହାର ବିଧାନ ଅନୁଯାୟୀ ସରକାର ଓ ଶାସନ ବ୍ୟବସ୍ଥା ପରିଚାଳିତ ହୋଇଥାଏ । ଦେଶର ମୌଳିକ ରାଜନୈତିକ ବିଧାନ ଓ ସରକାରଙ୍କ କ୍ଷମତା ଓ ଦାୟିତ୍ୱ ବିଷୟକୁ ଏହା ସ୍ପଷ୍ଟ ଭାବରେ ସୂଚାଇଥାଏ । ସରକାରୀ ଅନୁଷ୍ଠାନମାନଙ୍କର କ୍ଷମତା, କାର୍ଯ୍ୟଧାରା ଓ କର୍ତ୍ତବ୍ୟକୁ ଏହା ସୁନିର୍ଦ୍ଦିଷ୍ଟ କରିଥାଏ । ଏହାଛଡ଼ା ନାଗରିକମାନଙ୍କର ମୌଳିକ ଅଧିକାର, କର୍ତ୍ତବ୍ୟ ଓ ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ବିଷୟରେ ଏକ ସ୍ପଷ୍ଟ ଚିତ୍ର ଦେଇଥାଏ । ସାରା ପୃଥିବୀରେ ସାର୍ବଭୌମିକ ରାଷ୍ଟ୍ର ପୃଷ୍ଠଭୂମିରେ ଭାରତୀୟ ସମ୍ବିଧାନ ସର୍ବବୃହତ ଲିଖିତ ସମ୍ବିଧାନ ।

ସାମ୍ବିଧାନିକ ସୁରକ୍ଷା

ଭାରତୀୟ ସମ୍ବିଧାନ ଦେଶର ସର୍ବୋଚ୍ଚ ନିୟମ । ଏହା ଏକ ଜୀବନ୍ତ ଦଲିଲ, ଏକ ସ୍ଥାୟୀ ଆଇନଗତ ପୁସ୍ତକ, ଯାହାଦ୍ୱାରା ସରକାରୀ ବ୍ୟବସ୍ଥା ପରିଚାଳିତ । ମୌଳିକ ରାଜନୈତିକ ସିଦ୍ଧାନ୍ତ, ସରକାରୀ ଅନୁଷ୍ଠାନମାନଙ୍କର ଗଠନ, ପ୍ରକ୍ରିୟା, କ୍ଷମତା ଓ ଅଧିକାର, ମୌଳିକ ଅଧିକାର, ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ଓ ନାଗରିକମାନଙ୍କର କର୍ତ୍ତବ୍ୟ ବିଷୟର ସ୍ୱରୂପ ଓ ସଂଜ୍ଞା ଭାରତୀୟ ସମ୍ବିଧାନରେ ପ୍ରଦାନ କରାଯାଇଛି । ସାର୍ବଭୌମିକ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତୀୟ ସମ୍ବିଧାନ ଲିଖିତ ଓ ବୃହତ୍ତମ ଦଲିଲ ।

Digitized by srujanika@gmail.com

ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିଙ୍କ ପାଇଁ ସାମ୍ବିଧାନିକ ବ୍ୟବସ୍ଥା

ଆଇନ ଦୃଷ୍ଟିରେ ସମାନତା	ଧାରା-୧୪ : ଭାରତୀୟ ପରିସୀମା ଭିତରେ ରାଷ୍ଟ୍ର ଆଇନ ଦୃଷ୍ଟିରୁ କୌଣସି ବ୍ୟକ୍ତିଙ୍କୁ ସମାନତା ବାରଣ କରିପାରିବ ନାହିଁ ବା ଆଇନଗତ ସୁରକ୍ଷାରୁ ବଞ୍ଚିତ କରିପାରିବ ନାହିଁ ।
ପ୍ରତିଷେଧ	ଧାରା-୧୫ : ରାଷ୍ଟ୍ର କୌଣସି ନାଗରିକଙ୍କୁ ବର୍ଣ୍ଣ, ଜାତି, ଲିଙ୍ଗ, ସ୍ଥାନ କିମ୍ବା ସେପରି କିଛି ଆଧାରରେ ଭେଦଭାବ କରିପାରିବ ନାହିଁ ।
ସମାନତାର ସୁଯୋଗ	ଧାରା-୧୬ (୧) : ରାଷ୍ଟ୍ର ଅଧୀନରେ କୌଣସି ପ୍ରକାର ନିଯୁକ୍ତି ଓ କର୍ମସଂସ୍ଥାନ କ୍ଷେତ୍ରରେ ସମସ୍ତ ନାଗରିକଙ୍କ ପାଇଁ ସମାନ ସୁଯୋଗ ରହିବ ।
ମତ ବ୍ୟକ୍ତ କରିବାରେ, ସମବେତ ହେବାରେ, ସଂଗଠନ ଇତ୍ୟାଦି କରିବାରେ ସମସ୍ତ ସ୍ୱାଧୀନତା ରହିବ	ଧାରା-୧୯ (୧) : ମତବ୍ୟକ୍ତ କରିବା, ଶାନ୍ତିପୂର୍ଣ୍ଣ ଭାବେ ସମବେତ ହେବା, କୌଣସି ସଂଗଠନ, ସମିତି ଗଠନ କରିବା କ୍ଷେତ୍ରରେ ନାଗରିକଙ୍କ ସ୍ୱାଧୀନତା ରହିବ । ଦେଶ ଭିତରେ ଯେକୌଣସି ସ୍ଥାନକୁ ଭ୍ରମଣ କରିବା, ଭାରତବର୍ଷର ଯେକୌଣସି ସ୍ଥାନରେ ବସତି ସ୍ଥାପନ କରି ରହିବାର ଅଧିକାର ନାଗରିକଙ୍କର ରହିବ ।
ଅପରାଧଜନିତ ଦଣ୍ଡାଦେଶ କ୍ଷେତ୍ରରେ ସୁରକ୍ଷା	ଧାରା-୨୦ : ପ୍ରଚଳିତ ଆଇନର ଉଲଘଂନ ଛଡ଼ା ଜଣେ ବ୍ୟକ୍ତିଙ୍କୁ କୌଣସି କ୍ଷେତ୍ରରେ ଅପରାଧୀ କୁହାଯାଇପାରିବ ନାହିଁ । କୌଣସି ଅପରାଧ ପାଇଁ ଆଇନଗତ ଦଣ୍ଡ ବାହାରେ ଅଧିକ ଦଣ୍ଡ ଦିଆଯାଇପାରିବ ନାହିଁ ।

ନିଜର ମୌଳିକ ଅଧିକାର ଜାଣନ୍ତୁ

- ସମାନତାର ଅଧିକାର
- ସ୍ୱାଧୀନତାର ଅଧିକାର
- ଶୋଷଣ ବିରୋଧୀ ଅଧିକାର
- ଧାର୍ମିକ ସ୍ୱାଧୀନତାର ଅଧିକାର
- ସଂସ୍କୃତି ଓ ଶିକ୍ଷା ଅଧିକାର
- ସାମ୍ବିଧାନିକ ପ୍ରତିକାର ଅଧିକାର

Digitized by srujanika@gmail.com

ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଓ ସାମାଜିକ - ଅର୍ଥନୈତିକ ବିକାଶ

ଧାରା-୨୧ : ଆଇନ ଦ୍ୱାରା ପ୍ରତିଷ୍ଠିତ ବ୍ୟବସ୍ଥା ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ବଞ୍ଚିବାର ବା ବ୍ୟକ୍ତିଗତ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ।

ସମ୍ବିଧାନର ଧାରା ୩୩୮ ର ଉପଧାରା ୯ ଅନୁଯାୟୀ କେନ୍ଦ୍ର ସରକାର ଓ ପ୍ରତ୍ୟେକ ରାଜ୍ୟ ସରକାର ଅନୁସୂଚୀତ ଜାତିଙ୍କ ବିଷୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜାତୀୟ ଅନୁସୂଚୀତ ଜାତି କମିଶନଙ୍କ ସହ ପରାମର୍ଶ କରିବେ ।

ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ- ତୃତୀୟ ଭାଗ

ଧାରା-୩୯ଏ - ସମାନ ନ୍ୟାୟ ଓ ଦେୟମୁକ୍ତ ଆଇନ ସହାୟତା : ଆଇନଗତ ବ୍ୟବସ୍ଥା ଦ୍ୱାରା ନ୍ୟାୟ ଓ ସମାନ ସୁବିଧା ସୁଯୋଗ ଯେ ସମସ୍ତ ନାଗରିକଙ୍କୁ ଉପଲବ୍ଧ ହେଉଛି ଏହା ଦେଖିବା ରାଜ୍ୟର କର୍ତ୍ତବ୍ୟ । ଏହା ବ୍ୟତୀତ ମାଗଣା ଆଇନଗତ ସହାୟତା ଉପଯୁକ୍ତ ବିଧାନ ଦ୍ୱାରା ଯୋଗାଇବା ମଧ ରାଜ୍ୟର କାର୍ଯ୍ୟ ।

ଧାରା-୪୧ : କାର୍ଯ୍ୟ କରିବା, ଶିକ୍ଷାର ଅଧିକାର ଓ କେତେକ କ୍ଷେତ୍ରରେ ସାଧାରଣ ସାହାଯ୍ୟ : ନିଜର ଆର୍ଥିକ ଓ ବିକାଶର ସାମର୍ଥ୍ୟ ଭିତରେ ରାଜ୍ୟ କାର୍ଯ୍ୟ କରିବାର ଅଧିକାର ଓ ଶିକ୍ଷା ପାଇବାର ଅଧିକାର ନାଗରିକଙ୍କ ପାଇଁ ବ୍ୟବସ୍ଥା କରିବା ଦରକାର । ସେହିପରି ବେକାର, ବୃଦ୍ଧ, ଭିନ୍ନକ୍ଷମ ଇତ୍ୟାଦି ଶ୍ରେଣୀର ଲୋକମାନଙ୍କ ପାଇଁ ସାଧାରଣ ସହାୟତା କରିବାକୁ ବ୍ୟବସ୍ଥା ରଖିବା ଆବଶ୍ୟକ ।

ଧାରା-୪୨ : କର୍ମକ୍ଷେତ୍ରରେ ମାନବିକ ପରିବେଶ ଓ ପ୍ରସବକାଳୀନ ସୁବିଧା : ରାଜ୍ୟ କାର୍ଯ୍ୟସ୍ଥଳରେ ସୁନ୍ଦର ଓ ମାନବିକ ପରିବେଶ ଓ ମହିଳାମାନଙ୍କ ପାଇଁ ପ୍ରସବକାଳୀନ ସୁବିଧା ପାଇଁ ପଦକ୍ଷେପ ନେବା ଦରକାର ।

Digitized by srujanika@gmail.com

	ଧାରା-୪୫ : ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା : ସମ୍ବିଧାନ କାର୍ଯ୍ୟକାରୀ ହେବାର ଦଶବର୍ଷ ମଧ୍ୟରେ ଚଉଦ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କ ପାଇଁ ଅବୈତନିକ ବାଧ୍ୟତାମୂଳକ ଶିକ୍ଷା ଯୋଗାଇବାକୁ ରାଜ୍ୟ ପ୍ରୟାସ କରିବ । ଧାରା-୪୬ : ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟ ଦୁର୍ବଳ ବର୍ଗ ମଧ୍ୟରେ ଶିକ୍ଷା ଓ ଆର୍ଥିକ ବିକାଶ ପାଇଁ ପ୍ରୟାସ : ସମାଜର ସମସ୍ତ ଦୁର୍ବଳ ଶ୍ରେଣୀର ଲୋକଙ୍କ ଭିତରେ ବିଶେଷକରି ଅନୁସୂଚୀତ ଜାତି ଓ ଜନଜାତି ମଧ୍ୟରେ ରାଜ୍ୟ ସ୍ୱତନ୍ତ୍ର ପ୍ରୟାସ ମାଧ୍ୟମରେ ଶିକ୍ଷାର ପ୍ରସାର ଓ ଆର୍ଥିକ ବିକାଶ ଦିଗରେ ଧ୍ୟାନ ଦେବ । ଏହା ସହ ସେମାନଙ୍କୁ ସାମାଜିକ ଅନ୍ୟାୟ ଓ ଶୋଷଣ କବଳରୁ ସୁରକ୍ଷା ଦେବାକୁ ଉଦ୍ୟମ କରିବ । ଧାରା-୪୭ : ଜୀବନର ମାନ, ପୁଷ୍ଟିକର ଖାଦ୍ୟ ଓ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଦେବା ପାଇଁ ରାଜ୍ୟ ପ୍ରୟାସ କରିବ : ଲୋକମାନଙ୍କର ଉନ୍ନତ ସ୍ୱାସ୍ଥ୍ୟ ଓ ଜୀବନର ମାନ ବୃଦ୍ଧି ଦିଗରେ ରାଜ୍ୟ ପ୍ରୟାସ କରିବ । ରାଜ୍ୟ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ସହ ସମସ୍ତ ପ୍ରକାର ମାଦକଦ୍ରବ୍ୟ ଓ ନିଶା ସେବନକୁ ନିୟନ୍ତ୍ରଣ କରିବ । ଡାକ୍ତରୀ ଚିକିତ୍ସା ବ୍ୟତୀତ ସ୍ୱାସ୍ଥ୍ୟହାନିକର ନିଶା ସେବନକୁ ନିବାରଣ ପାଇଁ ରାଜ୍ୟ ଉଦ୍ୟମ କରିବ ।
ଅସ୍ପୃଶ୍ୟତା ଦୂରୀକରଣ ଓ ସାମାଜିକ ସୁରକ୍ଷା	ଧାରା-୧୭ : ଅସ୍ପୃଶ୍ୟତାକୁ ବିଲୋପ କରିବାକୁ ଘୋଷଣା ରହିଛି ଓ ଯେକୌଣସି ପ୍ରକାରର ଅସ୍ପୃଶ୍ୟତାର ପ୍ରୟୋଗ ବାରଣ ହୋଇଛି । ଅସ୍ପୃଶ୍ୟତାର ପ୍ରବର୍ତ୍ତନ ଦ୍ୱାରା ଅନ୍ୟକୁ ନ୍ୟୂନ କରିବା ଆଇନ ଦୃଷ୍ଟିରୁ ଏକ ଦଣ୍ଡନୀୟ ଅପରାଧ । ଏହି ଧାରାକୁ କାର୍ଯ୍ୟକାରୀ କରିବା ପାଇଁ ସଂସଦ ଏକ ଆଇନ ପ୍ରବର୍ତ୍ତନ

Digitized by srujanika@gmail.com

କରିଛି ଯଥା, ଅସ୍ପୃଶ୍ୟତା (ଅପରାଧ) ଆଇନ, ୧୯୫୫ । ଏହି ଆଇନକୁ ଅଧିକ କଠୋର କରିବାକୁ ୧୯୭୬ରେ ସଂଶୋଧନ କରାଯାଇଛି ଓ ଏହାକୁ ନାଗରିକ ଅଧିକାର ସୁରକ୍ଷା ଆଇନ ୧୯୫୫ ଭାବେ ନାମକରଣ କରାଯାଇଛି । ଏହି ଆଇନକୁ ଅବଲମ୍ବନ କରି ଭାରତ ସରକାର 'ନାଗରିକ ଅଧିକାର ନିୟମାବଳୀ ୧୯୭୭'ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଅନୁସୂଚୀତ ଜାତି, ଜନଜାତି ଉପରେ ଅତ୍ୟାଚାର ନାଗରିକ ସୁରକ୍ଷା ଅଧିକାର ୧୯୫୫ ଦ୍ୱାରା ଯେହେତୁ ନିୟନ୍ତ୍ରଣ ହୋଇପାରୁ ନାହିଁ, ୧୯୮୯ରେ ସଂସଦ ଅନ୍ୟ ଏକ ଆଇନ ପ୍ରଣୟନ କରିଛି, ଯାହାଦ୍ୱାରା ସମସ୍ତ ନିର୍ଯ୍ୟାତନାକୁ ପ୍ରତିରୋଧ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇପାରିବ । ଏହି ଆଇନକୁ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ୧୯୮୯ କୁହାଯାଉଛି ଓ ଏହାକୁ ୩୧.୦୧. ୧୯୯୦ ଠାରୁ କାର୍ଯ୍ୟକାରୀ କରାଯାଉଛି । ଏହି ଆଇନର କାର୍ଯ୍ୟକାରୀତା ପାଇଁ ଭାରତ ସରକାର ଏସ୍‌ସି ଓ ଏସ୍‌ଟି ନିୟମାବଳୀ ୧୯୯୫କୁ ୩୧.୩.୧୯୯୫ରୁ କ୍ରିୟାଶୀଳ କରାଇଛନ୍ତି । ଏହାକୁ ନିର୍ଯ୍ୟାତନା ନିବାରଣ ଆଇନ କୁହାଯାଉଛି ।

ଧାରା-୨୩ : ମାନବ କ୍ରୟବିକ୍ରୟ ଏକ ଅବୈଧ କାରବାର ଓ ଏହାକୁ ନିଷେଧ କରାଯାଇଛି । ସେହିପରି ଭିକ୍ଷାବୃତ୍ତି ଓ ବେଠି ବା ବାଧ୍ୟତାମୂଳକ ଶ୍ରମକୁ ନିଷେଧ ମଧ୍ୟ କରାଯାଇଛି । ଏହି ନିୟମର ଉଲଙ୍ଘନ ଏକ ଦଣ୍ଡନୀୟ ଅପରାଧ । ଏହା ଅନୁସୂଚୀତ ଜାତିର ଲୋକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନ ଥିଲେ ମଧ୍ୟ ଅଧିକାଂଶ ବାଧ୍ୟତାମୂଳକ ଶ୍ରମ କରୁଥିବା ଲୋକମାନେ ଏହି ବର୍ଗର ହୋଇଥିବାରୁ ଏହି

Digitized by srujanika@gmail.com

ଧାରାର ଏକ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱ ରହିଛି । ଏହି ଧାରା ଅବଲମ୍ବନରେ, ସଂସଦ ଗୋତିପ୍ରଥାର ଉଚ୍ଛେଦ୍ ଆଇନ ୧୯୭୬କୁ ଅନୁମୋଦନ କରିଛି । ଏହି ଆଇନର ସଫଳ କାର୍ଯ୍ୟକାରୀତା ପାଇଁ ଶ୍ରମ ମନ୍ତ୍ରଣାଳୟ ଏକ କେନ୍ଦ୍ରୀୟ ପରିଚାଳିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି । ବେଠି କରୁଥିବା ଲୋକମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ମୁକ୍ତ କରିବା ଓ ଥଇଥାନ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ।

ଧାରା-୨୪ : ଏହି ଧାରାନୁଯାୟୀ ଚଉଦ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କୌଣସି ଖଣି, କାରଖାନା ବା ବିପଦପୂର୍ଣ୍ଣ କାର୍ଯ୍ୟରେ ନିଯୁକ୍ତ କରାଯାଇପାରିବ ନାହିଁ । ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବାକୁ କେନ୍ଦ୍ର ସ୍ତରରେ ଓ ରାଜ୍ୟ ସ୍ତରରେ ଆଇନ ରହିଛି । ଏହି ଧାରାଟି ଅନୁସୂଚୀତ ଜାତି ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ଗୁରୁତ୍ୱ ରଖେ, କାରଣ ବିପଦପୂର୍ଣ୍ଣ କାର୍ଯ୍ୟରେ ଲିପ୍ତ ଥିବା ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ଏହି ଶ୍ରେଣୀରୁ ଆସିଥାନ୍ତି ।

ଧାରା-୨୫ (୨)(ବି) : ସର୍ବସାଧାରଣ ହିନ୍ଦୁ ଧାର୍ମିକ ଅନୁଷ୍ଠାନମାନ ହିନ୍ଦୁଧର୍ମର ସବୁ ଶ୍ରେଣୀର ଲୋକମାନଙ୍କ ପାଇଁ ଉନ୍ମୁକ୍ତ ରହିବ । ଏହାର ମଧ୍ୟ ପ୍ରାଧାନ୍ୟ ରହିଛି, କାରଣ କେତେକ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ମନ୍ଦିରରେ ସେହି ଶ୍ରେଣୀର ଲୋକମାନଙ୍କ ଛଡ଼ା ଅନ୍ୟମାନଙ୍କ ପ୍ରବେଶ ଅଧିକାରକୁ ବାରଣ କରିଥାନ୍ତି । ଏ ପ୍ରକାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚୀତ ଜାତିର ଲୋକମାନଙ୍କୁ ମନ୍ଦିର ଭିତରେ ପ୍ରବେଶ କରିବାର ଅଧିକାର ନ ଦେବା । ଏଠାରେ ଏହି ନିୟମ ପରିପ୍ରେକ୍ଷୀରେ ହିନ୍ଦୁ ଭିତରେ ଶିଖ, ଜୈନ ଓ ବୌଦ୍ଧମାନଙ୍କୁ ମଧ୍ୟ ସଂଶ୍ଳିଷ୍ଟ କରାଯାଇଛି ।

Digitized by srujanika@gmail.com

ଅର୍ଥନୈତିକ ନିରାପତ୍ତା

ଉପରଲିଖିତ ଧାରା ୨୩, ୨୪ ଓ ୪୬ ଅନୁସୂଚୀତ ଜାତି ବ୍ୟକ୍ତିମାନଙ୍କର ଅର୍ଥନୈତିକ ନିରାପତ୍ତା ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଶୈକ୍ଷିକ ଓ ସାଂସ୍କୃତିକ ସୁରକ୍ଷା ପାଇଁ ସାମ୍ବିଧାନିକ ପ୍ରତିକାର

ଧାରା-୧୫ (୪) ଶିକ୍ଷା ଓ ସାମାଜିକ ଅନଗ୍ରସର ପଛୁଆ ବର୍ଗ ତଥା ଏସ୍‌ସି, ଏସ୍‌ଟି ଲୋକମାନଙ୍କର ବିକାଶ ପାଇଁ ରାଜ୍ୟମାନେ କିଛି ପ୍ରତିବିଧାନ କରିବା ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି । ଏହାଦ୍ୱାରା ରାଜ୍ୟମାନେ ଶିକ୍ଷାନୁଷ୍ଠାନରେ, ବିଶେଷତଃ ବୈଷୟିକ ଶିକ୍ଷାନୁଷ୍ଠାନ ଯଥା ଇଞ୍ଜିନିୟରିଂ, ମେଡିକାଲ ଓ ବୈଜ୍ଞାନିକ ପାଠ୍ୟକ୍ରମରେ ଏସ୍‌ସି ଓ ଏସ୍‌ଟିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିପାରିବେ ।

ଧାରା-୩୦ (୧) : ସମ୍ବିଧାନର ଏହି ଅଧିକାରର ସଫଳ କାର୍ଯ୍ୟକାରୀତା ପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାର ଅଧିକାର ଦିଆଯାଇଛି ।

ରାଜନୈତିକ ପ୍ରତିନିଧିତ୍ୱ

ଧାରା-୧୬୪ (୧) : ବିହାର, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ଆଦିବାସୀଙ୍କର ଉନ୍ନୟନ ପାଇଁ ଜଣେ ମନ୍ତ୍ରୀ ରହିବେ ଓ ଏହି ମନ୍ତ୍ରଣାଳୟ ସହ ସେ ଅନୁସୂଚୀତ ଜାତି ବା ଏସ୍‌ସି, ଅନ୍ୟ ପଛୁଆ ଜାତି ବା ଅନ୍ୟ କୌଣସି ମନ୍ତ୍ରଣାଳୟର ଦାୟିତ୍ୱ ମଧ୍ୟ ନେଇପାରିବେ ।

ଧାରା-୩୩୦ : ଏହି ଧାରାନୁଯାୟୀ ଲୋକସଭାରେ ୬୮ଟି ସଦସ୍ୟ ପଦ ରହିବ । ଏହା ଏସ୍‌ସି ଓ ଏସ୍‌ଟି ଲୋକଙ୍କ ପାଇଁ ସଂରକ୍ଷିତ ହୋଇ ରହିବ ।

ଧାରା ୩୩୨ ଅନୁଯାୟୀ ରାଜ୍ୟ ବିଧାନସଭାଗୁଡ଼ିକରେ ଏସ୍‌ସି ଓ ଏସ୍‌ଟିମାନଙ୍କ ପାଇଁ ୫୪୦ଟି ସଦସ୍ୟ ପଦ ସଂରକ୍ଷିତ

Digitized by srujanika@gmail.com

	ରହିବ । ଧାରା ୩୩୪ ଲୋକସଭାରେ ଓ ବିଧାନସଭାଗୁଡ଼ିକରେ କୋଡାଟି ସଦସ୍ୟ ପଦ ସଂରକ୍ଷିତ ଏସ୍‌ସି, ଏସ୍‌ଟି ଓ ଆଙ୍ଗ୍ଲୋ ଭାରତୀୟଙ୍କ ନିମନ୍ତେ ରହିବ ତାହାର ସୂଚନା ଥିଲା । ଏହି ବ୍ୟବସ୍ଥା ସମ୍ବିଧାନ ଲାଗୁ ହେବା ଦିନଠାରୁ ଦଶବର୍ଷ ପର୍ଯ୍ୟନ୍ତ ରହିବ ବୋଲି ବ୍ୟବସ୍ଥା ଥିଲା । ତେବେ ଏହା ଭିତରେ ଏହି ଧାରାର ୫ ଥର ସଂଶୋଧନ ହୋଇ ପ୍ରତ୍ୟେକ ଥର ଏହା ୧୦ ବର୍ଷ ଲେଖାଏଁ ବୃଦ୍ଧି ପାଇଚାଲିଛି । ଏହି ବ୍ୟବସ୍ଥା ସମ୍ବିଧାନ ଲାଗୁ ହେବାଦିନଠାରୁ ୭୦ ବର୍ଷ ପର୍ଯ୍ୟନ୍ତ ଚାଲିବ ବୋଲି ୯୫ ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ନିୟମ ହୋଇଅଛି ।
କର୍ମସଂସ୍ଥାନ କ୍ଷେତ୍ରରେ ସଂରକ୍ଷଣ	ଧାରା-୧୬(୪) : କୌଣସି ପଛୁଆ ବର୍ଗର ନାଗରିକ, ଯେଉଁମାନେ ସରକାରୀ କର୍ମସଂସ୍ଥାନ କ୍ଷେତ୍ରରେ ଉପଯୁକ୍ତ ସ୍ଥାନ ପାଇନାହାନ୍ତି ସେମାନଙ୍କ ପାଇଁ ଆବଶ୍ୟକୀୟ ସଂରକ୍ଷଣ ରଖିବାକୁ ରାଜ୍ୟମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ଧାରା-୧୬ (୪ଏ) : ଉପଯୁକ୍ତ ବରିଷ୍ଠତା ଥାଇ ଯେଉଁମାନେ ରାଜ୍ୟ ସରକାରୀ ଚାକିରିରେ ରହିଛନ୍ତି ସେହି ଏସ୍‌ସି, ଏସ୍‌ଟି ଶ୍ରେଣୀର କର୍ମଚାରୀଙ୍କୁ ପ୍ରମୋଶନ ଦେବାପାଇଁ ରାଜ୍ୟ ନିୟମ କରିବାରେ ପ୍ରତିବନ୍ଧକ ନାହିଁ ବୋଲି ଏହି ଧାରାରେ ଲିଖିତ ରହିଛି । ଧାରା-୧୬ (୪ବି) ଏକ ନିର୍ଦ୍ଦିଷ୍ଟ ବର୍ଷରେ ସଂରକ୍ଷିତ ଥିବା ନିର୍ଦ୍ଦିଷ୍ଟ ସଂଖ୍ୟକ ସ୍ଥାନ ଯଦି ସେହି ବର୍ଷ ପୂରଣ ହୋଇପାରିନାହିଁ, ତେବେ ସେହି ସଂରକ୍ଷିତ ସ୍ଥାନ ଚାକିରି କ୍ଷେତ୍ରରେ ଆଗାମୀ ବର୍ଷରେ ପୂରଣ କରିବାକୁ ରାଜ୍ୟ ନିୟମ ପ୍ରଣୟନ କରିବାରେ ପ୍ରତିବନ୍ଧକ ନାହିଁ । ସଂରକ୍ଷଣ ଆଇନ

Digitized by srujanika@gmail.com

(୪) ଓ ଧାରା (୪ଏ) ଅନୁଯାୟୀ ବିଗତ ବର୍ଷର ଖାଲିଥିବା ସ୍ଥାନ ଓ ଚଳିତ ବର୍ଷର ସ୍ଥାନ ଉଭୟ ମିଶି ଖାଲି ସ୍ଥାନର ଶତକଡ଼ା ୫୦ ଭାଗରୁ ଅଧିକ ହେବନାହିଁ ।

ଧାରା-୩୨୦ (୪) : ଏହି ଧାରାନୁଯାୟୀ କ୍ଲଜ୍ ୩ରେ ଥିବା ନିୟମ କୌଣସି ପବ୍ଲିକ ସର୍ଭିସ କମିଶନକୁ ଧାରା ୧୬ (୪ଏ) ଯୋଗୁଁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପରାମର୍ଶ କରିବାର ଆବଶ୍ୟକତା ନାହିଁ । ଧାରା ୩୩୫ ଅନୁଯାୟୀ ଏଥିରେ ଥିବା ଅବସ୍ଥା ଆଧାରରେ କୌଣସି ପଦକ୍ଷେପ ରାଜ୍ୟ ସରକାର ନେଇପାରିବେ ।

ଧାରା-୩୩୫ : ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିର ସଭ୍ୟମାନଙ୍କର କୌଣସି ଦାବି ବିଚାରକୁ ନିଆଯାଇପାରିବ, ଯାହା ଶାସନଗତ କର୍ମଦକ୍ଷତା ସହ ସମତାଳ ରକ୍ଷା କରେ । ଯେତେବେଳେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ନିଯୁକ୍ତି ପ୍ରଦାନ କରାଯାଏ, ସେତେବେଳେ ଏସ୍‌ସି ଓ ଏସ୍‌ଟିଙ୍କ କ୍ଷେତ୍ରରେ ଆବଶ୍ୟକୀୟ ନମ୍ବର କ୍ଷେତ୍ରରେ କୋହଳ କରାଯିବା, ମୂଲ୍ୟାୟନ କ୍ଷେତ୍ରରେ କିଛି ଉଦାରତା ଦେଖାଇବା କ୍ଷେତ୍ରରେ ପ୍ରତିବନ୍ଧକ ନାହିଁ । ସେହିପରି ପ୍ରମୋଶନ କ୍ଷେତ୍ରରେ କୋହଳ ମାନଦଣ୍ଡ ବି ଗ୍ରହଣ କରାଯାଇପାରେ । (୮୨ ତମ ସମ୍ବିଧାନ ସଂଶୋଧନ ଆଇନ, ୨୦୦୦)

ବାଧ୍ୟତାମୂଳକ ଶ୍ରମର ନିବାରଣ

ଧାରା-୨୩ (୧) : ମଣିଷମାନଙ୍କର କିଣାବିକା ଓ ଭିକ୍ଷାବୃତ୍ତି ଏବଂ ବାଧ୍ୟତାମୂଳକ ଶ୍ରମ ବା ବେଠିପ୍ରଥାକୁ ନିବାରଣ କରାଯାଇଛି । ଏହି ନିୟମର ଉଲ୍ଲଙ୍ଘନ ଏକ ଅପରାଧ, ଯାହା ଆଇନ ଅନୁଯାୟୀ ଦଣ୍ଡନୀୟ ।

Digitized by srujanika@gmail.com

ବିବେକବୋଧର ସ୍ୱାଧୀନତା ତଥା ଧର୍ମର ଗ୍ରହଣ ଓ ପ୍ରସାର କାର୍ଯ୍ୟ	ଧାରା ୨୫ (୧)ରେ ଅନ୍ୟମାନଙ୍କର ସାଧାରଣ ଜୀବନଧାରା, ଶାନ୍ତିଶୃଙ୍ଖଳା, ନୈତିକତାକୁ ବାଧା ନ ପହଞ୍ଚାଇ ନିଜର ବିବେକ ପ୍ରୟୋଗ କରିବାରେ ଓ ଧର୍ମ ଗ୍ରହଣ ଓ ପ୍ରସାର, ପ୍ରଚାର କ୍ଷେତ୍ରରେ ସମସ୍ତଙ୍କର ସ୍ୱାଧୀନତା ରହିଛି । ଯଦି ଏହାଦ୍ୱାରା ସମାଜର ସାଧାରଣ ସ୍ୱାସ୍ଥ୍ୟ ନିରାପଦ ରୁହେ ।
ସଂଖ୍ୟାଲଘୁ ଶ୍ରେଣୀର ସ୍ୱାର୍ଥର ସୁରକ୍ଷା :	ଧାରା-୨୯ : କୌଣସି ଶ୍ରେଣୀର ନାଗରିକମାନେ, ଯେଉଁମାନେ ଦେଶର ଯେକୌଣସି ଭୂଖଣ୍ଡରେ ରହିଥିଲେ ମଧ୍ୟ ସେମାନେ ନିଜର ସୁରକ୍ଷା ରକ୍ଷା କରିପାରିବେ । ସ୍ୱତନ୍ତ୍ର ଭାଷା, ଲିପି ବା ସଂସ୍କୃତି ଥିବା ଏକ ଗୋଷ୍ଠୀ ନିଜର ଭାଷା, ସଂସ୍କୃତିକୁ ସଂରକ୍ଷଣ କରିପାରିବେ ।
ସଂଖ୍ୟାଲଘୁମାନଙ୍କର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା ଅଧିକାର	ସଂଖ୍ୟାଲଘୁ ଅଧିକାର ଆଧାରରେ ଧାରା ୩୦ (୧) ଅନୁଯାୟୀ ଧର୍ମ ବା ଭାଷା ଆଧାରରେ ଏକ ସଂଖ୍ୟାଲଘୁ ଶ୍ରେଣୀ ନିଜ ମାନଦଣ୍ଡ ଅନୁଯାୟୀ ସଂସ୍କୃତିର ସୁରକ୍ଷା ପାଇଁ ନିଜ ଇଚ୍ଛାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ବା ପରିଚାଳନା କରିପାରିବେ ।

Digitized by srujanika@gmail.com

୪.୨ ଭାରତୀୟ ଦଣ୍ଡବିଧି ସଂହିତା (ଇଣ୍ଡିଆନ ପେନାଲ କୋଡ୍ ବା ଆଇପିସି)

ଭାରତୀୟ ଦଣ୍ଡବିଧି ଆଇନ (IPC) ଅପରାଧ ଓ ଦଣ୍ଡବିଧି ସଂକ୍ରାନ୍ତୀୟ ଏକ ମୌଳିକ ଦଲିଲ । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ମ ପାଇଁ ଉତ୍ତରଦାୟୀ ଓ ଯଦି କୌଣସି ଅପରାଧମୂଳକ କାର୍ଯ୍ୟରେ ସଂପୃକ୍ତ ହୁଏ ତେବେ ସେ ପାଇଁ ସେ ଦଣ୍ଡନୀୟ ହେବା ଦରକାର । ଏଥିରେ ସମସ୍ତ ପ୍ରକାର ଦଣ୍ଡବିଧାନର ବିବରଣୀ ରହିଛି ।

ଭାରତୀୟ ଦଣ୍ଡବିଧି ଆଇନ(IPC) କ'ଣ ?

ଆଇପିସି ୧୮୬୦ ଭାରତୀୟ ବିଚାର ବିଭାଗ କ୍ଷେତ୍ରରେ ସବୁଠାରୁ ମୌଳିକ ଦଲିଲ । କୌଣସି ଅପରାଧ ପାଇଁ କ'ଣ ଦଣ୍ଡ ବ୍ୟବସ୍ଥା ରହିବ ସେ ବିଷୟରେ ଏହା ଏକ ପ୍ରମାଣିକ ଦଲିଲ ।

ଏହି ଦଣ୍ଡବିଧି ସୈନ୍ୟ ବିଭାଗର କର୍ମଚାରୀ ଓ ସଶସ୍ତ୍ରବାହିନୀ ପ୍ରତି ପ୍ରଯୁଜ୍ୟ ନୁହେଁ । ସୈନ୍ୟବାହିନୀରେ ସ୍ୱତନ୍ତ୍ର ନିୟମ ରହିଛି ଓ ଭାରତୀୟ ଦଣ୍ଡବିଧି ଆଇନ ସୈନ୍ୟବାହିନୀର ନିୟମ ସ୍ଥାନରେ ପ୍ରତିସ୍ଥାପନ ହୋଇପାରିବ ନାହିଁ ।

ଭାରତୀୟ ଦଣ୍ଡବିଧି ଆଇନ ବା ଆଇପିସି ଭାରତୀୟ ଦଣ୍ଡସଂହିତା କ୍ଷେତ୍ରରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । କେବଳ ଜାମୁକାଶ୍ମୀରକୁ ଛାଡ଼ିଦେଲେ ଏହା ସମଗ୍ର ଭାରତବର୍ଷ ପ୍ରତି ପ୍ରଯୁଜ୍ୟ । ଆଇପିସିର ପ୍ରଥମ ଡ୍ରାଫ୍ଟ ୧୮୬୦ରେ ପ୍ରସ୍ତୁତ ହୋଇଥିଲା । ଲର୍ଡ୍ ମାକ୍‌ଲେକଙ୍କ ସଭାପତିତ୍ୱରେ ପ୍ରଥମ ଲ' କମିଶନ ପ୍ରତିଷ୍ଠା ହୋଇ ଆଇପିସି ପ୍ରସ୍ତୁତ ହୋଇଥିଲା ।

ପ୍ରଥମ ଦଣ୍ଡବିଧି ଆଇନ ୧୮୬୨ରୁ କାର୍ଯ୍ୟକାରୀ ହେଲା ଓ ସେହିଦିନଠାରୁ ଏଥିରେ ଅନେକ ସଂଶୋଧନ ହେଲାଣି । ଏଥିରେ ୫୧୧ଟି ସେକ୍‌ସନ ରହିଛି । ପ୍ରତ୍ୟେକ ସେକ୍‌ସନ ବିଭିନ୍ନ ପ୍ରକାରର ଅପରାଧର ଶ୍ରେଣୀବିଭାଗ ଓ ସଂଜ୍ଞା ପ୍ରଦାନ କରିଛି । ଭାରତୀୟଙ୍କ ଦ୍ୱାରା କରାଯାଉଥିବା ଅପରାଧ ବିଷୟକ ଦଣ୍ଡର ଏହା ହେଉଛି ଏକ ସ୍ୱିକୃତ ଦଲିଲ ।

ଆପରାଧିକ ଆଇନ - ମୁଖ୍ୟ ଭାଗ

- ସାଧାରଣ ଭାଗରେ ନିୟମ ଓ ସିଦ୍ଧାନ୍ତ ବିଷୟରେ କୁହାଯାଇଛି । ସେଥିରେ ରହିଛି–

  ଆପରାଧିକ ସମ୍ପର୍କ ଜନିତ ନିୟମ ଆପରାଧିକ ସୁରକ୍ଷା ଦଣ୍ଡବିଧାନ ଜନିତ ଓ ନିୟମ ପ୍ରାରମ୍ଭିକ ନିୟମ

- ସ୍ୱତନ୍ତ୍ର ଭାଗ ନିର୍ଦ୍ଦିଷ୍ଟ ପ୍ରକାର ଅପରାଧ ସହ ସଂପୃକ୍ତ; ଏଥିରେ ରହିଛି–

  ବ୍ୟକ୍ତିଗତ ଅପରାଧଜନିତ ନିୟମର ସଂଜ୍ଞା ଓ ସେଥିପାଇଁ ଦଣ୍ଡବିଧାନ । ଏହା ସାଧାରଣ ସିଦ୍ଧାନ୍ତ ଆଧାରରେ ନିର୍ଦ୍ଦିଷ୍ଟ ଅପରାଧ ପାଇଁ ପ୍ରୟୋଗ ହୋଇଥାଏ ।

Digitized by srujanika@gmail.com



ଅପରାଧର ଶ୍ରେଣୀ

- ରାଜ୍ୟ ବିରୋଧରେ ଅପରାଧ - ୧୨୧ରୁ ୧୩୦
- ଯୁଦ୍ଧ ଚଳାଇବା ଓ ରାଷ୍ଟ୍ରଦ୍ରୋହ
- ସୈନ୍ୟବାହିନୀ, ନୌବାହିନୀ ଓ ଆକାଶବାହିନୀ ସମ୍ବନ୍ଧୀୟ ଅପରାଧ - ୧୩୧ରୁ ୧୪୦
- ସାଧାରଣ ଶାନ୍ତି ବିରୋଧରେ ଅପରାଧ - ୧୪୧ରୁ ୧୬୦
- ବେଆଇନ ସମାବେଶ, ଦଙ୍ଗା
- ସରକାରୀ କର୍ମଚାରୀଙ୍କ ଦ୍ୱାରା ବା ସମ୍ପର୍କିତ ଅପରାଧ - ୧୬୬ରୁ ୧୭୧
- ନିର୍ବାଚନ ଜନିତ ଅପରାଧ - ୧୭୧ ଏ ରୁ ୧୭୧ ଆଇ ପର୍ଯ୍ୟନ୍ତ
- ଆଇନ ସ୍ୱୀକୃତ ସରକାରୀ ଅଧିକାରୀଙ୍କ ଅବମାନନା ଅପରାଧ - ୧୭୨ରୁ ୧୯୦
- ସରକାରୀ କର୍ମଚାରୀଙ୍କର କାର୍ଯ୍ୟରେ ପ୍ରତିବନ୍ଧକ ଓ ଶପଥ ନେବାକୁ, ଉତ୍ତର ଦେବାକୁ ଓ ଆବଶ୍ୟକ ଦସ୍ତଖତ କରିବାକୁ ପ୍ରତ୍ୟାଖ୍ୟାନ କରିବା ଓ ପ୍ରତିରୋଧ କରିବା ଇତ୍ୟାଦି;
- ସାଧାରଣ ନ୍ୟାୟ ବିରୋଧରେ ଅପରାଧ ଓ ମିଥ୍ୟା ତଥ୍ୟ ପ୍ରଦାନ - ୧୯୧ରୁ ୨୨୯
- ମିଥ୍ୟାତଥ୍ୟ ପ୍ରଦାନ, ତଥ୍ୟନଷ୍ଟ, ତଥ୍ୟ ଜାଲ ଆଦି କରିବା ଓ ଅପରାଧୀଙ୍କୁ ଆଶ୍ରୟ ଦେବା ଇତ୍ୟାଦି
- ମୁଦ୍ରା ଓ ସରକାରୀ ଷ୍ଟାମ୍ପ ସମ୍ପର୍କିତ ଅପରାଧ - ୨୩୦ରୁ ୨୬୩ ଏ
- ମାପ ଓଜନ ସମ୍ପର୍କିତ ଅପରାଧ - ୨୬୪ରୁ ୨୬୭
- ସର୍ବସାଧାରଣ ସ୍ୱାସ୍ଥ୍ୟ, ନିରାପତ୍ତା, ସୁବିଧା, ଶାଳୀନତା ଓ ନୈତିକତା ଇତ୍ୟାଦିକୁ ବାଧା ପହଞ୍ଚାଇବା ଜନିତ ଅପରାଧ - ୨୬୮ରୁ ୨୯୪ ଏ
- ବିଭିନ୍ନ ପ୍ରକାରର ସର୍ବସାଧାରଣ ଅଶାନ୍ତି ବା ବିରକ୍ତି
- ଧର୍ମଜନିତ ଅପରାଧ - ୨୯୫ରୁ ୨୯୮
- ଶରୀରକୁ ପ୍ରଭାବିତ କରିବା ଜନିତ ଅପରାଧ - ୨୯୯ରୁ ୩୭୭
- ନରହତ୍ୟା, ହତ୍ୟା, ଯୌତୁକ ମୃତ୍ୟୁ, ଗଭୀର ଆଘାତ, ଅପହରଣ, ହରଣଚାଳ, ପାଶବିକ ଅତ୍ୟାଚାର ଜନିତ ଅପରାଧ ଓ ଦୂଷଣୀୟ ପ୍ରମାଦ
- ସମ୍ପତ୍ତିଜନିତ ଅପରାଧ-୩୭୮ରୁ ୪୬୨-ଚୋରି, ବଳପୂର୍ବକ ଆଦାୟ, ଡକାୟତି, ଲୁଣ୍ଠନ, ସରକାରୀ ସମ୍ପତ୍ତି ଆତ୍ମସାତ, ବିଶ୍ୱାସ ଭଙ୍ଗ, ଠକାମି, ବଦମାସି, ଅନଧିକାର ପ୍ରବେଶଜନିତ ଅପରାଧ
- ଦଲିଲ ଓ ସମ୍ପତ୍ତି ଜନିତ ଅପରାଧ - ୪୬୩ରୁ ୪୮୯ ଇ ଫର୍ଜେରୀ
- ଚାକିରି ସର୍ତ୍ତ ଲଙ୍ଘନ ଜନିତ ଅପରାଧ - ୪୯୦ରୁ ୪୯୨

Digitized by srujanika@gmail.com

୪.୩ ଆପରାଧୀକ ପ୍ରକ୍ରିୟା

ଦଣ୍ଡବିଧି ପ୍ରକ୍ରିୟା ସଂହିତା ଭାରତରେ ଦଣ୍ଡବିଧି କ୍ଷେତ୍ରରେ ପ୍ରଶାସନିକ ମୁଖ୍ୟ ବିଧାନ । ବିଭିନ୍ନ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ପାଇଁ ଆଇନ ଏହା ସହ ସଂଶ୍ଲିଷ୍ଟ । ୧୯୭୩ରେ ଏହା ବ୍ୟବସ୍ଥାପିତ ହୋଇ ୧ ଏପ୍ରିଲ ୧୯୭୪ରୁ ଏହା କାର୍ଯ୍ୟକାରୀ ହେଲା । ଏହାଦ୍ୱାରା କୌଣସି ଆପରାଧିକ କାର୍ଯ୍ୟର ଅନୁସନ୍ଧାନ କରିବା, ସନ୍ଦେହ ପରିସର ଭିତରକୁ ଆସୁଥିବା ଲୋକମାନଙ୍କୁ ଗିରଫ କରିବା, ତଥ୍ୟ ସଂଗ୍ରହ କରିବା, ସନ୍ଦେହରେ ଥିବା ଲୋକମାନେ ଅପରାଧୀ ନା ନିର୍ଦ୍ଦୋଷ ସ୍ଥିର କରିବା ଓ ଅପରାଧୀମାନଙ୍କର ଦଣ୍ଡବିଧାନ କରିବା ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ । ଏଥିସହିତ ଏହା ସାଧାରଣ ଜନଗଣଙ୍କୁ ଅସୁବିଧାରେ ପକାଉଥିବା ବିଷୟ, ଅପରାଧ ନ ଘଟିବା ପାଇଁ ପ୍ରତିଷେଧକ ପଦକ୍ଷେପ ବିଷୟ ପ୍ରତି ଧ୍ୟାନ ଦେଇଥାଏ । ଅଧିକନ୍ତୁ ପତ୍ନୀ, ଶିଶୁ ଓ ପିତାମାତାଙ୍କର ଭରଣପୋଷଣ ପାଇଁ ମଧ୍ୟ ଏହା ଗୁରୁତ୍ୱ ରଖେ । ଏବେ ଏହି ଆଇନରେ ୪୮୪ଟି ସେକ୍ସନ, ୨ଟି ସିଡୁଲ ଓ ୫୬ଟି ଫର୍ମ ରହିଛି । ସେକ୍ସନ ମାନଙ୍କୁ ୩୭ଟି ପରିଚ୍ଛେଦ ବା ଚାପ୍ଟରରେ ବିଭକ୍ତ କରାଯାଇଛି । ଦଣ୍ଡବିଧି ପ୍ରକ୍ରିୟା ସଂହିତା ଏକ ଆଇନଗତ ପ୍ରକ୍ରିୟା, ଯାହା ଅପରାଧମୂଳକ ଘଟଣା, ପୁଲିସର କ୍ଷମତା, ବିଚାର ପାଇଁ କୋର୍ଟମାନଙ୍କର ସ୍ତରଭେଦ ପ୍ରସଙ୍ଗ ସକଳ ସହ ସଂପୃକ୍ତ ।

ଆପରାଧୀକ ପ୍ରକ୍ରିୟା ସଂହିତା କ'ଣ ?

ଦଣ୍ଡବିଧି ପ୍ରକ୍ରିୟା ସଂହିତା ଭାରତରେ ଦଣ୍ଡବିଧି କ୍ଷେତ୍ରରେ ପ୍ରଶାସନିକ ମୁଖ୍ୟ ବିଧାନ । ବିଭିନ୍ନ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ପାଇଁ ଆଇନ ଏହା ସହ ସଂଶ୍ଲିଷ୍ଟ । ୧୯୭୩ରେ ଏହା ବ୍ୟବସ୍ଥାପିତ ହୋଇ ୧ ଏପ୍ରିଲ ୧୯୭୪ରୁ ଏହା କାର୍ଯ୍ୟକାରୀ ହେଲା । ଏହାଦ୍ୱାରା କୌଣସି ଆପରାଧିକ କାର୍ଯ୍ୟର ଅନୁସନ୍ଧାନ କରିବା, ସନ୍ଦେହ ପରିସର ଭିତରକୁ ଆସୁଥିବା ଲୋକମାନଙ୍କୁ ଗିରଫ କରିବା, ତଥ୍ୟ ସଂଗ୍ରହ କରିବା, ସନ୍ଦେହରେ ଥିବା ଲୋକମାନେ ଅପରାଧୀ ନା ନିର୍ଦ୍ଦୋଷ ସ୍ଥିର କରିବା ଓ ଅପରାଧୀମାନଙ୍କର ଦଣ୍ଡବିଧାନ କରିବା ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ ।

Digitized by srujanika@gmail.com

ଆପରାଧୀକ ଆଇନର
ମୁଖ୍ୟ ଭାଗ

ଅପରାଧ ସକଳର ଶ୍ରେଣୀବିଭାଗ	
ଧର୍ତ୍ତବ ଅପରାଧ : ଯେଉଁ ଅପରାଧ ପାଇଁ ପୁଲିସ ☞ ବିନା ୱାରେଣ୍ଟରେ ଗିରଫ କରିପାରିବ ☞ ମାଜିଷ୍ଟ୍ରେଟଙ୍କ ବିନା ନିର୍ଦ୍ଦେଶରେ ଅନୁସନ୍ଧାନ କରିପାରିବ	**ଅଧର୍ତ୍ତବ୍ୟ ଅପରାଧ :** ଯେଉଁ ଅପରାଧ ପାଇଁ ☞ ବିନା ୱାରେଣ୍ଟରେ ଗିରଫ କରାଯାଇପାରିବ ନାହିଁ ☞ ମାଜିଷ୍ଟ୍ରେଟଙ୍କ ବିନା ନିର୍ଦ୍ଦେଶରେ ଘଟଣାର ଅନୁସନ୍ଧାନ କରାଯାଇପାରିବ ନାହିଁ।
ଜାମିନ୍‌ଯୋଗ୍ୟ ଅପରାଧ : ଯେଉଁ ଅପରାଧରେ ପୁଲିସ ବା କୋର୍ଟ ଜାମିନ୍ ଦେଇପାରିବ	**ଜାମିନ୍‌ବିହୀନ ଅପରାଧ :** ଯେଉଁ ଅପରାଧରେ କେବଳ କୋର୍ଟ ନିର୍ଦ୍ଦେଶରେ ହିଁ ଜାମିନ୍ ମିଳିପାରିବ ବା କ୍ଷମତାପ୍ରାପ୍ତ ଅଧିକାରୀ ହିଁ ଜାମିନ୍ ମଞ୍ଜୁର କରିପାରିବେ।
ସଂଯୁକ୍ତ ଅପରାଧ : ଏହି ଅପରାଧ କ୍ଷେତ୍ରରେ ଅଭିଯୁକ୍ତ ବ୍ୟକ୍ତି କ୍ଷତିଗ୍ରସ୍ତଙ୍କ ସହ ଏକ ରାଜିନାମା କରନ୍ତି, ଯଦ୍ୱାରା ଅଭିଯୁକ୍ତ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ବା ପରିତୃପ୍ତ କରିବେ, ଫଳରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବନାହିଁ।	**ଅସଂଯୁକ୍ତ ଅପରାଧ :** ଯେଉଁ ଅପରାଧରେ ବୁଝାମଣା ସମ୍ଭବ ନୁହେଁ।
ୱାରେଣ୍ଟ କେସ୍ : ଏକ ମକଦ୍ଦମା ଯେଉଁ ଅପରାଧରେ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ ବା ଦୁଇବର୍ଷରୁ ଅଧିକ ଜେଲଦଣ୍ଡ ମିଳିବ।	**ସମନ କେସ୍ (ତଲବ କେସ୍) :** ଯେଉଁ କେସ୍‌ରେ ୱାରେଣ୍ଟ ଯାରି ହୁଏନାହିଁ।

Digitized by srujanika@gmail.com

୪.୪ ଆଇନଗତ ନିରାପତ୍ତା

୪.୪.୧ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଲୋକଙ୍କ ଅଧିକାର

ନାଗରିକ ଅଧିକାର ସୁରକ୍ଷା ଆଇନ : ଅସ୍ପୃଶ୍ୟତା ଅପରାଧ ଆଇନ ୧୯୫୫କୁ ନାଗରିକ ଅଧିକାର ସୁରକ୍ଷା ୧୯୫୫ ଭାବେ ନାମିତ କରାଯାଇଛି ।

ଏହି ଆଇନରେ କ'ଣ ରହିଛି ?

- ଅନୁସୂଚୀତ ଜାତିର କୌଣସି ବ୍ୟକ୍ତିଙ୍କୁ ସର୍ବସାଧାରଣ ମନ୍ଦିର ପ୍ରବେଶ, କୂଅ, ପୋଖରୀ ବ୍ୟବହାର, ହୋଟେଲ, ଧର୍ମଶାଳାରେ ପ୍ରବେଶ ନେଇ ପ୍ରତିବନ୍ଧକ କରିବା ବା ବାରଣ କରୁଥିବା ବ୍ୟକ୍ତିଙ୍କୁ ଏହି ଆଇନ ଦ୍ୱାରା ଦଣ୍ଡିତ କରାଯିବ ।
- ଅନୁସୂଚୀତ ଜାତି ଲୋକଙ୍କର ବାଳ କାଟିବାକୁ ଜଣେ ବାରିକ ମନା କଲେ ବା ତାଙ୍କର ଲୁଗା ଲଣ୍ଡ୍ରିରେ ସଫା କରିବାକୁ ରଜକ ବାରଣ କଲେ ସେମାନେ ଏହି ଆଇନ ଦ୍ୱାରା ଦଣ୍ଡିତ ହୋଇପାରିବେ ।
- ଧାର୍ମିକ ପୂଜାସ୍ଥଳରେ ଜଣେ ଅନୁସୂଚୀତ ଜାତି ଲୋକଙ୍କୁ ଅନ୍ୟମାନଙ୍କ ସହ ମିଶି ପ୍ରାର୍ଥନା କରିବାକୁ ବାରଣ କରାଯିବାକୁ ଏକ ଅପରାଧ ବୋଲି ଗ୍ରହଣ କରାଯିବ ।
- ଅଟା ପେଷା କଳରେ ଜଣେ ଅନୁସୂଚୀତ ଜାତି ଲୋକଙ୍କୁ ଯଦି ଭେଦଭାବ କରାଯାଏ, ତେବେ ସେହି କାର୍ଯ୍ୟକୁ ଅପରାଧ ଭାବେ ନିଆଯିବ ।
- ଅନୁସୂଚୀତ ଜାତି ଲୋକଙ୍କ ପାଇଁ ପାଣି ଉତ୍ସ କ୍ଷେତ୍ରରେ ବା ହୋଟେଲରେ ସ୍ୱତନ୍ତ୍ର ପାତ୍ର ବା ବାସନ ଦିଆଗଲେ ଏହାକୁ ଏହି ଆଇନ ଅନୁଯାୟୀ ଅପରାଧ ବୋଲି ଗ୍ରହଣ କରାଯିବ ।
- ଅସ୍ପୃଶ୍ୟତା ଜନିତ ଅପରାଧକୁ ଏହି ଆଇନରେ ଧର୍ତ୍ତବ୍ୟ ଅପରାଧ ଭାବେ ଗ୍ରହଣ କରାଯାଇଛି । (ବିନା ୱାରେଣ୍ଟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ) । ଏହି ଆଇନ ଅନୁଯାୟୀ ଏ କ୍ଷେତ୍ରରେ ମିଳାମିଶା ହୋଇପାରିବ ନାହିଁ ।
- ପ୍ରଥମ ଥର ପାଇଁ ଏହି ଅପରାଧରେ ଅଭିଯୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ସର୍ବନିମ୍ନ ଏକମାସ ଜେଲ୍ ଓ ଏକଶହ ଟଙ୍କା ଜୋରିମାନା ଓ ସର୍ବାଧିକ ଛଅମାସ ଜେଲ୍ ଓ ପାଞ୍ଚଶହ ଟଙ୍କା ଜୋରିମାନା ଦେବାକୁ ହେବ ।

Digitized by srujanika@gmail.com



- ଜଣେ ବ୍ୟକ୍ତି ଦ୍ୱିତୀୟବାର ଏ ପ୍ରକାର ଅପରାଧ କଲେ ତାକୁ ଛଅମାସରୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଓ ୨୦୦ ଟଙ୍କାରୁ ୫୦୦ ଟଙ୍କା ଜୋରିମାନା କରାଯାଇପାରିବ ।
- ଜଣେ ବ୍ୟକ୍ତି ତୃତୀୟବାର ଏହି ଅପରାଧ କଲେ ତାକୁ ବର୍ଷେରୁ ଦୁଇବର୍ଷ ଜେଲ୍‌ଦଣ୍ଡ ଓ ୫୦୦ ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯାଇପାରିବ ।
- କେହି ବ୍ୟକ୍ତି ଅସ୍ପୃଶ୍ୟତା ଓ ଏହାର ଯେକୌଣସି ପ୍ରକାର ପ୍ରୟୋଗକୁ ପ୍ରଚାର କରୁଥିଲେ, ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଏହି ଆଇନ ବଳରେ ଅପରାଧଜନିତ କେସ୍ କରାଯାଇପାରିବ ।
- ଐତିହାସିକ, ଦାର୍ଶନିକ ବା ଧାର୍ମିକ ମାନଦଣ୍ଡରୁ ବା ପରମ୍ପରାଗତ କାରଣରୁ ଜାତିପ୍ରଥାକୁ ଗ୍ରହଣ କରି ଅସ୍ପୃଶ୍ୟତାକୁ ସ୍ୱୀକାର କରୁଥିଲେ ତାହାକୁ ଅପରାଧ ବୋଲି ନିଆଯିବ । ଯେକୌଣସି ପ୍ରକାରର ଅସ୍ପୃଶ୍ୟତା ଏକ ଦଣ୍ଡନୀୟ ଅପରାଧ ।

ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ, ୧୯୮୯ :

୧୯୮୯ରେ ଭାରତ ସରକାର ନିର୍ଯ୍ୟାତନା ନିବାରଣ ଆଇନ (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ ଆକ୍ଟ ବା ପିଓଏ) ଅନୁମୋଦନ କଲେ । ଏଥିରେ ଏସ୍‌ସି ଓ ଏସ୍‌ଟି ଲୋକଙ୍କ ବିରୋଧରେ କରାଯାଉଥିବା ଭେଦଭାବକୁ 'ଅପରାଧ' (ଆଟ୍ରୋସିଟିଜ୍) ବୋଲି ନେଇ ଏ ପ୍ରକାର ଭେଦଭାବକୁ ଦୂର କରିବା ପାଇଁ ଏହାକୁ ଦଣ୍ଡନୀୟ ଅପରାଧ କରାଯାଇଛି ।

- ଏହି ଆଇନ ଯେକୌଣସି ପ୍ରକାରର ଅସ୍ପୃଶ୍ୟତାକୁ ଅପରାଧ ଭାବେ ଗ୍ରହଣ କରିଛି । ଏହାର କେତେକ ବ୍ୟବସ୍ଥାନୁଯାୟୀ ଏସ୍‌ସି ବା ଏସ୍‌ଟି ଲୋକଙ୍କୁ କୌଣସି ଅରୁଚିକର ବା ଖରାପ ଜିନିଷ ଖାଇବାକୁ ବା ପିଇବାକୁ ବାଧ୍ୟ କଲେ, ଖୋଲା ଦେହରେ ବିନା ପୋଷାକରେ ଚଲାଇକରି ନେଲେ ବା ସେମାନଙ୍କର ଆତ୍ମମର୍ଯ୍ୟାଦା ପ୍ରତି ଆଞ୍ଚ ଆଣିବା ଭଳି ବ୍ୟବହାର ପ୍ରଦର୍ଶନ କରାଇଲେ ତାହାକୁ ଦଣ୍ଡନୀୟ ଅପରାଧ ବୋଲି ଗ୍ରହଣ କରି ସେଥିପାଇଁ ପାଞ୍ଚବର୍ଷ ଜେଲ୍‌ଦଣ୍ଡ ଓ ଜୋରିମାନାର ବ୍ୟବସ୍ଥା ଆଇନରେ ରହିଛି । ସେହିପରି ସେମାନଙ୍କର ଜମିକୁ ଦଖଲ କଲେ ବା ଅନ୍ୟକୁ ହସ୍ତାନ୍ତର କଲେ ତାହା ବି ଅପରାଧ ବୋଲି ଗୃହୀତ ହେବ ।

Digitized by srujanika@gmail.com

❖ ଅନ୍ୟ ପ୍ରକାର ଅତ୍ୟାଚାର ବା ଆଟ୍ରୋସିଟିକ୍ ପାଇଁ ଦଣ୍ଡର ମଧ୍ୟ ବ୍ୟବସ୍ଥା ରହିଛି । ଏସ୍‌ସି, ଏସ୍‌ଟି ଲୋକଙ୍କ ବିରୁଦ୍ଧରେ କୋର୍ଟରେ ମିଥ୍ୟା ସାକ୍ଷ୍ୟ ପ୍ରଦାନ କଲେ ସେଥିପାଇଁ ସାତବର୍ଷ ଜେଲ୍‌ଦଣ୍ଡ ଓ ଜୋରିମାନାର ନିୟମ ରହିଛି । ସେହିପରି ସେମାନଙ୍କର ଘର ବା ସମ୍ପତ୍ତି ପୋଡ଼ିଦେଲେ ସାତବର୍ଷ ଜେଲ୍‌ଦଣ୍ଡ ଓ ଜୋରିମାନାର ନିୟମ କରାଯାଇଛି ।

❖ ଏସ୍‌ସି, ଏସ୍‌ଟିଙ୍କ ବିରୁଦ୍ଧରେ କରିଥିବା ଅପରାଧ, ଯାହାପାଇଁ ଦଣ୍ଡବିଧି ଆଇନରେ ଦଶବର୍ଷ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି, ତାହାକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯାଇଛି ।

❖ ଏସସି, ଏସ୍‌ଟିଙ୍କୁ କରାଯାଉଥିବା ଭେଦଭାବ କ୍ଷେତ୍ରରେ ଯଦି ସରକାରୀ କର୍ମଚାରୀ ସେମାନଙ୍କର କର୍ତ୍ତବ୍ୟ କ୍ଷେତ୍ରରେ ଅବହେଳା କରିଛନ୍ତି ତେବେ ସମ୍ପୃକ୍ତ କର୍ମଚାରୀଙ୍କୁ ଦଣ୍ଡ ଦିଆଯିବ । ଏସ୍‌ସି, ଏସ୍‌ଟିମାନଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତା ଦିଆଯାଇଛି । ତାଙ୍କର ଅଧିକାରକୁ ଲଙ୍ଘନ କରୁଥିବା ବ୍ୟକ୍ତିମାନଙ୍କୁ କିପରି ଗିରଫ କରାଯିବ, ଘଟଣାର ତଦନ୍ତ ହେବ ଓ ସ୍ୱତନ୍ତ୍ର କୋର୍ଟରେ ବିଚାର କରାଯିବ ତାହାପାଇଁ ରାଜ୍ୟମାନେ ନିଜସ୍ୱ ପ୍ରକ୍ରିୟା ସ୍ଥିର କରିବେ ।

❖ ଏହି ଆଇନ ଅନୁଯାୟୀ ଲୋକମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ସ୍ତରରେ ସେସନ୍‌ସ (ଦୌରା) କୋର୍ଟକୁ ଏକ ସ୍ୱତନ୍ତ୍ର କୋର୍ଟରେ ପରିଣତ କରିପାରିବେ, ଯାହାଦ୍ୱାରା ଏସ୍‌ସି, ଏସ୍‌ଟିଙ୍କ ବିରୁଦ୍ଧରେ ହୋଇଥିବା ଅପରାଧର ଶୀଘ୍ର ଶୁଣାଣି ହୋଇପାରିବ । ନାଗରିକ ଅଧିକାର ସୁରକ୍ଷା ଆଇନ ୧୯୫୫ ଅନୁଯାୟୀ ରାଜ୍ୟ କୌଣସି ଏକ ଅଞ୍ଚଳର ଲୋକମାନଙ୍କ ଉପରେ ସମବେତ ଜୋରିମାନା କରିପାରିବ । ଏସ୍‌ସି, ଏସ୍‌ଟି ଲୋକଙ୍କ ବିରୁଦ୍ଧରେ ହେଉଥିବା ଅତ୍ୟାଚାରରୁ ସେମାନଙ୍କୁ ସୁରକ୍ଷା ଦେବାକୁ ରାଜ୍ୟ ସରକାର ଓ ସ୍ଥାନୀୟ ଆଇନ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବିହିତ ପଦକ୍ଷେପ ନେବା ତାଙ୍କର ଦାୟିତ୍ୱ ବୋଲି ଆଇନରେ ବ୍ୟବସ୍ଥା ହୋଇଛି ।

❖ ଏହି ନିୟମ ଅନୁଯାୟୀ ଅଭିଯୁକ୍ତ ଲୋକମାନେ ଜାମିନ୍ ପାଇଁ କୋର୍ଟରେ ଆବେଦନ କରିପାରିବେ ନାହିଁ । ଯେଉଁ ବୟସ୍କ ଲୋକମାନେ ଏହି ଅପରାଧରେ ସଂପୃକ୍ତ, ଜେଲ୍‌ରେ ଉତ୍ତମ ବ୍ୟବହାର ପାଇଁ ସେମାନେ ଅନ୍ତରୀଣ ମୁକ୍ତି ପାଇବେ ନାହିଁ ।

ଏହି ଆଇନର ବିହିତ ଉପଯୋଗ ପାଇଁ ସରକାର ସାକ୍ଷୀ ଓ କ୍ଷତିଗ୍ରସ୍ତ ଲୋକ (ପୀଡ଼ିତ)ଙ୍କୁ ଆଇନଗତ ସହାୟତା, ସାମାଜିକ ଓ ଅର୍ଥନୈତିକ ଥଇଥାନ ଓ କେସ୍‌ରେ ହାଜର ହେବାକୁ ଆର୍ଥିକ ସହାଯ୍ୟ କରିବେ । ସରକାର ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ, ଆଇନର ଉପଯୁକ୍ତ ପ୍ରୟୋଗ କରିବାକୁ, ଘଟଣା କ୍ଷେତ୍ରକୁ ସୁପରିଚାଳନା ବା ମନିଟରିଂ ପାଇଁ କମିଟି ବା ସମିତି ଗଠନ କରିବେ । ଯେଉଁ କ୍ଷେତ୍ରରେ ଅଧିକ ବିପଦଜନକ ସ୍ଥିତି ରହିଛି ସେହି କ୍ଷେତ୍ର ପ୍ରତି ସତର୍କ ଦୃଷ୍ଟି ଦେବେ ।

ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି (ସଂଶୋଧନ) ଆଇନ, ୨୦୧୫ :

ଆଇନରେ ଏହି ସଂଶୋଧନ କାହିଁକି ହୋଇଛି ?

ଅନୁସୂଚୀତ ଜାତି (ଏସ୍‌ସି) ଅନୁସୂଚୀତ ଜନଜାତି (ଏସ୍‌ଟି) ସଂଶୋଧନ ଆଇନ ୨୦୧୫ର ମୁଖ୍ୟ ଲକ୍ଷ୍ୟଣ (ଅତ୍ୟାଚାର ପ୍ରତିରୋଧ ପାଇଁ)

❖ ନୂଆ ନୂଆ ଅତ୍ୟାଚାର ଜନିତ ଅପରାଧକୁ ପ୍ରତିରୋଧ କରାଯିବ । ଯଥା- ଏସ୍‌ସି, ଏସ୍‌ଟି ଲୋକଙ୍କୁ ମୁଣ୍ଡକୁ ଲଣ୍ଡା କରିବା ବା ସେପରି କିଛି ବ୍ୟବହାର ଦେଖାଇବା, ଯାହା ସେମାନଙ୍କର ଆତ୍ମମର୍ଯ୍ୟାଦା ପାଇଁ ଅସମ୍ମାନଜନକ, ସେମାନଙ୍କ ବେକରେ ଜୋତାମାଳ ପକାଇବା,

Digitized by srujanika@gmail.com

ଜଳସେଚନ ସୁବିଧାରୁ ବଞ୍ଚିତ କରିବା ବା ଜଙ୍ଗଲ ଅଧିକାରରୁ ସେମାନଙ୍କୁ ବାରଣ କରିବା, ମଣିଷ ବା ପଶୁର ଶବ ଉଠାଇବାକୁ ବାଧ କରିବା, ସମାଧି ପାଇଁ ଗାତ ଖୋଳିବାକୁ କହିବା, ହାତରେ ମଳ ଉଠାଇବା ବା ସଫା କରିବାକୁ ନିର୍ଦ୍ଦେଶ ଦେବା, ଏସ୍‌ସି, ଏସ୍‌ଟି ବର୍ଗର ମହିଳାଙ୍କୁ ଦେବଦାସୀ ହେବାକୁ ପ୍ରବର୍ତ୍ତାଇବା, ଜାତି ନାମରେ ଅଶାଳୀନ ଭାବେ ଡାକିବା, ଡାହାଣୀ କହି ଅତ୍ୟାଚାର କରିବା, ସାମାଜିକ, ଅର୍ଥନୈତିକ ବାଛନ୍ଦ କରିବା, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନାମାଙ୍କନ ପତ୍ର ଦାଖଲ କରିବାକୁ ଯିବାବେଳେ ପ୍ରତିବନ୍ଧକ ଲଗାଇବା, କୌଣସି ଏସ୍‌ସି, ଏସ୍‌ଟି ମହିଳାଙ୍କୁ ବିବସ୍ତ୍ର କରିବା, ସେମାନଙ୍କୁ ଘର, ଭିଟାମାଟି, ଗାଁ ଛାଡ଼ି ଚାଲିଯିବାକୁ ବାଧ କରିବା, ସେମାନେ ପବିତ୍ର ମଣୁଥିବା କୌଣସି ବିଷୟକୁ କଳୁଷିତ ବା ଦୂଷିତ କରିବା, ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଦେବା, ଯୌନ ତାତ୍ପର୍ଯ୍ୟ ଥିବା ଅଶୋଭନୀୟ ଭାବଭଙ୍ଗୀ ଦେଖାଇବା ପରି କାର୍ଯ୍ୟକୁ ପ୍ରତିରୋଧ କରିବାକୁ ଆଇନରେ ବ୍ୟବସ୍ଥା ହୋଇଛି ।

❖ ଏସ୍‌ସି, ଏସ୍‌ଟି ଲୋକଙ୍କୁ ଅତ୍ୟାଚାରରୁ ସୁରକ୍ଷା ଦେବାକୁ ଭାରତୀୟ ଦଣ୍ଡବିଧି ଆଇନରେ ଅନ୍ୟ କେତେକ ବିଷୟ ଯୋଗ କରାଯାଇଛି । ଆଘାତ ଦେବା, କ୍ଷତାକ୍ତ କରିବା, ଅପହରଣ କରିବା ଇତ୍ୟାଦି କାର୍ଯ୍ୟରେ ଦଶବର୍ଷରୁ କମ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଛି । ଏସ୍‌ସି, ଏସ୍‌ଟି ଲୋକଙ୍କ ଉପରେ ଯେଉଁ କାର୍ଯ୍ୟ ପାଇଁ ଦଶବର୍ଷ ବା ତା'ଠାରୁ ଅଧିକ ସମୟ ଜେଲ୍‌ଦଣ୍ଡର ବ୍ୟବସ୍ଥା ହୋଇଛି ସେହି ପ୍ରକାର କାର୍ଯ୍ୟମାନଙ୍କୁ ନିର୍ଯ୍ୟାତନା ନିବାରଣ ଆଇନ (ବା ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ୍ ଆକ୍ଟ) କୁହାଯାଉଛି ଓ ସେସବୁକୁ ଭାରତୀୟ ଦଣ୍ଡବିଧି ଆଇନ ବା ଆଇପିସିରେ ଅନ୍ତର୍ଭୁକ୍ତ କରାଯାଇଛି ।

❖ ନିର୍ଯ୍ୟାତନା ନିବାରଣ ଆଇନ ଅଧୀନରେ ଅତ୍ୟାଚାର ହୋଇଥିବା ଘଟଣାମାନଙ୍କର ଶୁଣାଣି କରି ତାହାର ଫଇସଲା କରିବା ପାଇଁ ସରକାର ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରିବେ । ଏଥିପାଇଁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବା ଲୋକାଭିଯୁକ୍ତା ନିଯୁକ୍ତି ଦେବେ, ଯେଉଁମାନେ ଏହି ପ୍ରକାର ଅପରାଧର ଶୁଣାଣି କରି ତୁରନ୍ତ ନ୍ୟାୟ ପ୍ରଦାନ କରିବେ ।

❖ ସ୍ୱତନ୍ତ୍ର କୋର୍ଟମାନ ନିଜର କ୍ଷମତା ଦ୍ୱାରା ଏହି ପ୍ରକାରର ଅପରାଧମାନଙ୍କ ବିଷୟରେ ଅବଗତ ହେବେ ଓ ଅଭିଯୋଗପତ୍ର ବା ଚାର୍ଜସିଟ୍ ଦାଖଲ ହେବାର ଦୁଇମାସ ମଧ୍ୟରେ ଘଟଣାର ଶୁଣାଣି କରି ଯେତେଶୀଘ୍ର ସମ୍ଭବ ରାୟ ପ୍ରକାଶ କରିବେ ।

❖ କ୍ଷତିଗ୍ରସ୍ତ ଓ ସାକ୍ଷୀଙ୍କର ଅଧିକାର ବିଷୟରେ ଏଥିରେ ସଂଯୁକ୍ତ କରାଯାଇଛି ।

❖ 'ସ୍ୱେଚ୍ଛାକୃତ ଅବହେଳା' ବିଷୟକୁ ଏଥିରେ ବ୍ୟାଖ୍ୟା କରାଯାଇଛି । କେସ୍‌ର ପଞ୍ଜୀକରଣ, ଅଭିଯୋଗର ଶୁଣାଣି ଇତ୍ୟାଦି ବିଭିନ୍ନ ସ୍ତରରେ ସରକାରୀ ଅଧିକାରୀଙ୍କର ଅବହେଳା ବିଷୟରେ ସେମାନଙ୍କୁ ଦାୟୀ କରିବାର ନିୟମ ରହିଛି ।

❖ ଅଭିଯୁକ୍ତ ଅତ୍ୟାଚାରିତଙ୍କ ପରିବାରର ଜାତି ବିଷୟରେ ଅବଗତ ଥିଲେ ବୋଲି ଧରିନିଆଯିବ, ଯଦି ଅଭିଯୁକ୍ତ ଏହା ଜାଣି ନ ଥିଲେ ବୋଲି ପ୍ରମାଣ କରିବେ ନାହିଁ । ଅପରାଧ ସମ୍ପର୍କରେ ଏହି ଧାରଣା ବା ଅନୁମାନ ମଧ୍ୟ ଆଇନରେ ସ୍ଥାନ ପାଇଛି ।

Digitized by srujanika@gmail.com

ଗୋତି ଶ୍ରମିକ ଆଇନ, ୧୯୭୬

ଗୋତିଶ୍ରମିକ ଉଚ୍ଛେଦ ଆଇନ ଭାରତବର୍ଷରେ ବହୁଦିନରୁ ପ୍ରଚଳିତ ଥିବା ଋଣ ଚୁକ୍ତି ବା ସେ ସମ୍ପର୍କୀୟ କର୍ତ୍ତବ୍ୟ ଜନିତ ଆବଦ୍ଧ ଶ୍ରମିକ ପଦ୍ଧତି ଓ ବେଠି ବ୍ୟବସ୍ଥାର ବିଲୋପ ପାଇଁ ଅଭିପ୍ରେତ । ଭାରତୀୟ ସମ୍ବିଧାନର ବୈଧାନିକ ଲକ୍ଷ୍ୟ ପୂରଣ ଦିଗରେ ଏହି ଆଇନ ଗୁରୁତ୍ୱପୂର୍ଣ୍ଣ । ବାଧ୍ୟତାମୂଳକ ଶ୍ରମ, ବେଠି, ବେଗାରି ପରି କାର୍ଯ୍ୟକୁ ବିଲୋପ କରି ସମସ୍ତ ଶ୍ରମିକଙ୍କୁ ମୁକ୍ତ କରିବା, ପୂର୍ବରୁ ସେମାନଙ୍କ ଉପରେ ଥିବା ଋଣକୁ ରଦ୍ଦ କରିବା, ଚୁକ୍ତିବଦ୍ଧ ବେଗାରିକୁ ବିଲୋପ କରିବା ଓ ଏହା ଯେପରି ଆଉ ନ ହୁଏ ସେ ପ୍ରତି ସତର୍କ ରଖିବା ଓ ଗୋତିଶ୍ରମରୁ ମୁକ୍ତ ହୋଇଥିବା ଲୋକମାନଙ୍କୁ କର୍ମସଂସ୍ଥାନ ଦେଇ ସମାଜରେ ଛିଡ଼ା କରାଇବା କାର୍ଯ୍ୟ ରାଜ୍ୟର ଦାୟିତ୍ୱ । ଗୋତିଶ୍ରମରୁ ମୁକ୍ତ ହେବାପରେ ପୁନଶ୍ଚ ଆବଦ୍ଧ ଶ୍ରମିକ ହୋଇ କାର୍ଯ୍ୟ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇବା ଏକ ଆପରାଧିକ କାର୍ଯ୍ୟ ଓ ଏହି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତିନିବର୍ଷ ଜେଲ୍ ଓ ଦୁଇ ହଜାର ଟଙ୍କା ଜୋରିମାନା କରାଯିବ । ଗୋତିଶ୍ରମିକ ଉଚ୍ଛେଦ ଆଇନରେ ଏହି ପ୍ରଥାର ସଂଜ୍ଞା ଦିଆଯିବା ସହ ଏହାକୁ ବିଲୋପ ପାଇଁ ବ୍ୟବସ୍ଥା କରାଯାଇଛି ।

ଏହି ଆଇନର ଉଦ୍ଦେଶ୍ୟ କ'ଣ ?

(୧) ଗୋତିପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ

(୨) ଗୋତି ଶ୍ରମିକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଥଇଥାନ କରିବା

(୩) ଜିଲ୍ଲା ସ୍ତରରେ କେତେକ କମିଟି ଗଠନ କରି ସେମାନଙ୍କ ପାଇଁ କିଛି ଯୋଜନା କରିବା

(୪) ସଂପୃକ୍ତ ବ୍ୟକ୍ତିଙ୍କୁ ତିନିବର୍ଷ ଜେଲ୍‌ଦଣ୍ଡ ଓ ଜୋରିମାନା କରିବା

(୫) ଗୋତି ଶ୍ରମିକମାନଙ୍କର କିଛି ସମ୍ପତ୍ତି ବନ୍ଧକ ପଡ଼ିଥିଲେ ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ତାହାକୁ ମୁକ୍ତ କରିବା

(୬) ଆବଦ୍ଧ ଶ୍ରମିକମାନଙ୍କ ଶ୍ରମ ପାଇଁ ତାକୁ ଯଦି ମାଲିକ ରହିବା ପାଇଁ ଜାଗା ଦେଇଥାନ୍ତି ସେଥିରୁ ସେମାନଙ୍କୁ ଉଚ୍ଛେଦ କରିପାରିବେ ନାହିଁ ।

ଗୋତିଶ୍ରମିକ ଉଚ୍ଛେଦ ଆଇନ ୧୯୭୬ର ସେକ୍ସନ ୨(ଇ)ରେ ଗୋତିଶ୍ରମର ସଂଜ୍ଞା ଆବଦ୍ଧ ଶ୍ରମ ବ୍ୟବସ୍ଥାରେ ଉଲ୍ଲେଖ ରହିଛି । ଏହି ଆଇନର ଧାରା ୨(ଏଫ୍) ଗୋତିଶ୍ରମିକର ସଂଜ୍ଞା ନିରୂପଣ କରାଯାଇଛି ଏବଂ ଚୁକ୍ତିବଦ୍ଧ ଋଣ କାରଣରୁ ସେବା / ଶ୍ରମ କରୁଥିବା ଶ୍ରମିକକୁ ଗୋତି ବୋଲି ଉଲ୍ଲେଖ ଅଛି ।

Digitized by srujanika@gmail.com

ସେକ୍ସନ ୨ (ଜି)ରେ ଆବଦ୍ଧ ଶ୍ରମ ବ୍ୟବସ୍ଥା ବିଷୟରେ କୁହାଯାଇଛି ଯେ ଏହା ବାଧ୍ୟତାମୂଳକ ବା ଆଂଶିକ ବାଧ୍ୟତାମୂଳକ ଶ୍ରମ, ଯାହା ଋଣଗ୍ରହୀତା ଋଣଦାତାଙ୍କ ପାଖରେ ଚୁକ୍ତି ଯୋଗୁଁ କରୁଛନ୍ତି ଓ ଏଥିରେ ରହିଛି :

(କ) ଜଣେ ବ୍ୟକ୍ତି ବା ତାଙ୍କର କେହି ପୈତୃକ ସମ୍ପର୍କୀୟ ବା ତାଙ୍କର ସନ୍ତାନ ଇତ୍ୟାଦି ନେଇଥିବା କିଛି ଅଗ୍ରୀମ ଅର୍ଥର ସୁଧ ବାବଦକୁ ସେ ଋଣଦାତାଙ୍କ ପାଖରେ ଆବଦ୍ଧ ହୋଇ ଶ୍ରମ କରୁଛନ୍ତି । ଏହି ଅଗ୍ରୀମ ଅର୍ଥ କୌଣସି ଚୁକ୍ତିନାମା ଜନିତ କାଗଜରେ ସ୍ୱାକ୍ଷରିତ ହେବା ନ ହେବା କିଛି ଅପରିହାର୍ଯ୍ୟ ନୁହେଁ । କିମ୍ବା

(ଖ) ସମାଜର ଏକ ପ୍ରଚଳିତ ପ୍ରଥାକୁ ଅନୁସରଣ କରି ସେ ଏହା କର୍ତ୍ତବ୍ୟ ଭାବେ କରୁଛନ୍ତି; କିମ୍ବା

(ଗ) ଏକ ସାମାଜିକ ପ୍ରଥା ଭାବେ ଉତ୍ତରାଧିକାରୀ ସୂତ୍ରରେ ସେ ଏହି କାର୍ଯ୍ୟ କରୁଛନ୍ତି; କିମ୍ବା

(ଘ) ସେ ନିଜେ ବା ତାଙ୍କର ପୂର୍ବ ବା ପର ଉତ୍ତରାଧିକାରୀ କିଛି ଆର୍ଥିକ ସାହାଯ୍ୟ ପାଇଛନ୍ତି; କିମ୍ବା

(ଙ) ସେ ଏକ ନିର୍ଦ୍ଦିଷ୍ଟ ଜାତି ବା ଗୋଷ୍ଠୀରେ ଜନ୍ମ ହୋଇଥିବାରୁ ତାକୁ କୁହାଯାଇଛି–

(୧) ସେ ନିଜେ ବା ତାଙ୍କ ପରିବାରର କେହି ଋଣଦାତାଙ୍କୁ ନିର୍ଦ୍ଦିଷ୍ଟ ବା ଅନିର୍ଦ୍ଦିଷ୍ଟ ସମୟ ଓ ବିନା ପାରିଶ୍ରମିକରେ ବା ଅତି ସାମାନ୍ୟ ପାରିଶ୍ରମିକ ନେଇ ସେବା ବା ଶ୍ରମ ଯୋଗାଇବେ; କିମ୍ବା

(୨) ନିର୍ଦ୍ଦିଷ୍ଟ ସମୟ ବା ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅନ୍ୟ ସ୍ଥାନରେ କର୍ମ କରିବା ବା ରୋଜଗାର କରିବାର ଅଧିକାର ସେ ହରାଇଛନ୍ତି; କିମ୍ବା

(୩) ଭାରତ ଭିତରେ କୌଣସି ସ୍ଥାନକୁ ଯିବା ପାଇଁ ତାଙ୍କର ଅଧିକାର ସେ ହରାଇଛନ୍ତି; କିମ୍ବା

(୪) ତାଙ୍କ ସମ୍ପତ୍ତିର କିଛି ଅଂଶ, ବା ତାଙ୍କର ବା ତାଙ୍କ ପରିବାର ଦ୍ୱାରା ପ୍ରସ୍ତୁତ କିଛି ପଦାର୍ଥକୁ ସେ ପ୍ରକୃତ ମୂଲ୍ୟ ଦେଇ ବିକ୍ରି କରିବା ବା ନିଜ କାର୍ଯ୍ୟରେ ବିନିଯୋଗ କରିବାର ଅଧିକାର ତାଙ୍କର ନାହିଁ...

ଗୋତିଶ୍ରମିକ ଉଚ୍ଛେଦ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ, ଡେପୁଟି କମିଶନରମାନଙ୍କୁ କେତେକ ରାଜ୍ୟରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଗୋତିଶ୍ରମିକ ଉଚ୍ଛେଧ ଆଇନ ଅନୁଯାୟୀ ପ୍ରଶାସନିକ ଅଧିକାରୀ ଗୋତିଶ୍ରମିକମାନଙ୍କୁ ନିଜ ଜିଲ୍ଲାରେ ଚିହ୍ନଟ କରିବା, ସେମାନଙ୍କୁ ମୁକ୍ତ କରିବା ଓ ଆଇନକୁ ପ୍ରୟୋଗ କରିବା ତାଙ୍କର ଦାୟିତ୍ୱ । ଗୋତିଶ୍ରମିକମାନଙ୍କୁ ମୁକ୍ତ କଲାପରେ ପୁନର୍ବାର ସେମାନେ ଯେପରି ସେହି ଆବଦ୍ଧ ଶ୍ରମିକ ନ ହୁଅନ୍ତି ସେଥିପାଇଁ ସେମାନଙ୍କୁ କିଛି ଅର୍ଥ ଧାର ସୂତ୍ରରେ ଦେବାର ବନ୍ଦୋବସ୍ତ କରିବେ । ଏଥିପାଇଁ ତଦାରଖ ବା ଭିଜିଲାନ୍ସ କମିଟି କରାଯିବ ଓ ଜିଲ୍ଲାପାଳ ଏହି କମିଟି ଗଠନ କରିବା ଓ କାର୍ଯ୍ୟ କରିବା କ୍ଷେତ୍ରରେ ଜିଲ୍ଲାରେ ପଦକ୍ଷେପ ନେବେ । ଏହି କମିଟିର ବିଧିସମ୍ମତ କାର୍ଯ୍ୟ ହେବ :

(କ) ଏହି କ୍ଷେତ୍ରରେ କରାଯାଇଥିବା କାର୍ଯ୍ୟ, ନିଆଯାଇଥିବା ପଦକ୍ଷେପ, ଏହି ଆଇନର ବିଭିନ୍ନ ଦିଗ... ଉପରେ ଜିଲ୍ଲାପାଳଙ୍କୁ ଅବଗତ କରାଇବା;

(ଖ) ମୁକ୍ତ ଗୋତିଶ୍ରମିକମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ଥଇଥାନ କରିବାକୁ ପଦକ୍ଷେପ ନେବା;

(ଗ) ଗ୍ରାମ୍ୟ ବ୍ୟାଙ୍କ ଓ ସମବାୟ ସମିତି ମଧ୍ୟରେ ଯୋଗସୂତ୍ର ରକ୍ଷା କରି ମୁକ୍ତ ଗୋତିଶ୍ରମିକଙ୍କୁ ଆର୍ଥିକ ସହାୟତା ଦେଇ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରିବା;

(ଘ) ଏହି କ୍ଷେତ୍ରରେ କିଛି ଅପରାଧମୂଳକ ଘଟଣା ଘଟୁଥିଲେ ଆଇନ ପ୍ରୟୋଗ କରି ତାହା ଉପରେ ପଦକ୍ଷେପ ନିଆଯାଉଛି କି ନାହିଁ ସତର୍କ ଦୃଷ୍ଟି ରଖିବା;

(ଙ) ଘଟଣାର ସର୍ବେକ୍ଷଣ କରି କେଉଁ କ୍ଷେତ୍ରରେ କିଛି ଅପରାଧ ଘଟୁଛି ସେ କ୍ଷେତ୍ରରେ ପଦକ୍ଷେପ ଆଇନ ଅନୁଯାୟୀ ଗ୍ରହଣ କରିବା;

(ଚ) କୌଣସି ଗୋତିଶ୍ରମିକଙ୍କ ନାମରେ କେସ୍ କରାଯାଇ ତାଙ୍କଠାରୁ ବା ତାଙ୍କ ପରିବାରଠାରୁ ଋଣ ଆଦାୟ ପାଇଁ ଘଟଣା ଥିଲେ ତାକୁ ପ୍ରତିରୋଧ କରି ଶ୍ରମିକଙ୍କୁ ସୁରକ୍ଷା ପ୍ରଦାନ କରିବା ।

Digitized by srujanika@gmail.com



ହାତରେ ଆବର୍ଜନା ସଫା କରିବା ପାଇଁ ନିଯୁକ୍ତି ନିଷେଧ ଓ ସଫାଇ କର୍ମଚାରୀଙ୍କ ଥଇଥାନ ଆଇନ ୨୦୧୩ (ମାନୁଆଲ ସ୍କାଭେଂଜର ଆକ୍ଟ ବା ଏମ୍‌ଏସ୍ ଆକ୍ଟ ୨୦୧୩)

ଭାରତ ସରକାର ୧୯୯୩ରେ ଶୁଷ୍କ ପାଇଖାନା (ଡ୍ରାଏ ଲାଟ୍ରିନ୍) ଓ ହାତରେ ମଇଳା ସଫା କରୁଥିବା କାର୍ଯ୍ୟକୁ ନିଷେଧ କରି ଆଇନ କଲେ । ଫ୍ଲସ୍ ପାଇଖାନା ଛଡ଼ା ଶୁଷ୍କ ପାଇଖାନା ନିର୍ମାଣ କରିବାକୁ ମଧ୍ୟ ନିଷେଧ କରାଗଲା । ଏହା କଲେ ଏଥିପାଇଁ ଏକବର୍ଷ ଜେଲ୍ ଓ ଜୋରିମାନା ମଧ୍ୟ ଦେବାକୁ ହେବ । ୨୦୧୩ରେ ଏହି ଆଇନକୁ ବ୍ୟାପକ କରାଗଲା । ହାତରେ ମଇଳା ସଫା କରିବା ପାଇଁ ନିଯୁକ୍ତିକୁ ନିଷେଧ କରାଗଲା ଓ ସଫାକାରୀଙ୍କୁ ଥଇଥାନ କରିବାକୁ ପ୍ରାଧାନ୍ୟ ଦିଆଗଲା ।

ଏହି ଆଇନରେ କ'ଣ ବ୍ୟବସ୍ଥା ରହିଛି ?

ହାତରେ ମଇଳା, ଆବର୍ଜନା ସଫା କରିବା ପାଇଁ ନିଯୁକ୍ତିକୁ ନିଷେଧ କରାଗଲା, ସଫାକାରୀ ଓ ସେମାନଙ୍କ ପରିବାରକୁ ଥଇଥାନ କରିବାକୁ ଆଇନରେ ବ୍ୟବସ୍ଥା ରହିଲା ।

ବିପଦପୂର୍ଣ୍ଣ ସଫାଇ, ଅସ୍ୱାସ୍ଥ୍ୟକର ପାଇଖାନା ଓ ହାତରେ ସଫାଇ ବିଷୟମାନଙ୍କୁ ଆଇନରେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଗଲା ।

ଅସ୍ୱାସ୍ଥ୍ୟକର ଉଠା ପାଇଖାନାମାନଙ୍କୁ ଠାବ କରି ସେଗୁଡ଼ିକୁ ସ୍ୱାସ୍ଥ୍ୟକର ବା ଫ୍ଲସ ପାଇଖାନରେ ପରିବର୍ତ୍ତନ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଲା । ଗୋଟିଏ ଅଞ୍ଚଳରେ କେତେ ଅସ୍ୱାସ୍ଥ୍ୟକର ଉଠା ପାଇଖାନା ରହିଛି ତାହାର ସଂଖ୍ୟା ସର୍ଭେ କରି ବାହାର କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା । ଯେଉଁମାନଙ୍କ ଘରେ ଅସ୍ୱାସ୍ଥ୍ୟକର ପାଇଖାନା ରହିଛି ତାକୁ ଭାଙ୍ଗିଦେବା ପାଇଁ ବା ତାକୁ ସ୍ୱାସ୍ଥ୍ୟକର ପାଇଖାନାରେ ଛଅ ମାସ ଭିତରେ ପରିବର୍ତ୍ତନ କରିବା ପାଇଁ ସେମାନଙ୍କୁ ନୋଟିସ୍ ଜାରି କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ କୁହାଗଲା । ଯେଉଁ ଅଞ୍ଚଳରେ

Digitized by srujanika@gmail.com

ଆବଶ୍ୟକ ରହିଛି ସେ ସ୍ଥାନରେ ସ୍ୱାସ୍ଥ୍ୟକର ପାଇଖାନା ନିର୍ମାଣ କରିବାକୁ ଓ ଅସ୍ୱାସ୍ଥ୍ୟକର ପାଇଖାନାମାନଙ୍କୁ ନଷ୍ଟ କରିଦେବାକୁ ସ୍ଥାନୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା (ସେକ୍ସନ ୪) ।

❖ ଏହି ଆଇନର ପଞ୍ଚମ ସେକ୍ସନରେ ଉଲ୍ଲେଖ ରହିଛି ଯେ କୌଣସି ବ୍ୟକ୍ତି ବା ଅଧିକାରୀ ଏକ ଅସ୍ୱାସ୍ଥ୍ୟକର ଉଠା ପାଇଖାନା ନିର୍ମାଣ କରିପାରିବେ ନାହିଁ ଓ ଏହି ପ୍ରକାର ପାଇଖାନାକୁ ହାତରେ ସଫା କରିବା ପାଇଁ ସଫାକାରୀ ରଖିପାରିବେ ନାହିଁ । ଯେଉଁଠି ଏହିପରି ଅସ୍ୱାସ୍ଥ୍ୟକର ପାଇଖାନା ରହିଛି, ତା'ର ବ୍ୟବହାରକାରୀ ବା ତାକୁ ତିଆରି କରିଥିବା ଲୋକ ତାକୁ ଭାଙ୍ଗିଦେବେ ଓ ଛଅ ମାସ ମଧ୍ୟରେ ଏକ ସ୍ୱାସ୍ଥ୍ୟକର ପାଇଖାନା ନିଜ ବ୍ୟୟରେ ତିଆରି କରିବେ । ଯଦି ଅସ୍ୱାସ୍ଥ୍ୟକର ପାଇଖାନାକୁ ତା'ର ଦଖଲକାରୀ ନ ଭାଙ୍ଗନ୍ତି ବା ନୂଆ ସ୍ୱାସ୍ଥ୍ୟକର ପାଇଖାନା ତାହା ସ୍ଥାନରେ ତିଆରି ନ କରନ୍ତି, ତେବେ ସ୍ଥାନୀୟ ପ୍ରଶାସନ ତାହାକୁ ଭାଙ୍ଗିଦେବ ଓ ତାହା ସ୍ଥାନରେ ଏକ ସ୍ୱାସ୍ଥ୍ୟକର ପାଇଖାନା ନିର୍ମାଣ କରିଦେବ, ଏହି କାର୍ଯ୍ୟରେ ଯାହା ଅର୍ଥ ବ୍ୟୟ ହେବ ସେହି ଅର୍ଥ ଦଖଲକାରୀ ବହନ କରିବେ ।

❖ ଏହି ଆଇନ ହେବା ପୂର୍ବରୁ ଯେଉଁଠି ଅସ୍ୱାସ୍ଥ୍ୟକର ଉଠା ପାଇଖାନା ସଫା କରିବା ପାଇଁ ଯଦି କୌଣସି ସଫାକାରୀଙ୍କ ସହ କିଛି ଚୁକ୍ତି ହୋଇଥାଏ, ତେବେ ସେହି ଚୁକ୍ତି ବାତିଲ ହେଲା ବୋଲି ଧରାଯିବ । କୌଣସି ଅସ୍ୱାସ୍ଥ୍ୟକର ପାଇଖାନା ହାତରେ ସଫା କରିବା ଜନିତ ଚୁକ୍ତି ବା ନିଯୁକ୍ତିକୁ ଅବୈଧ କରାଗଲା (ସେକ୍ସନ ୬(୧) ।

❖ ହାତରେ ମଇଳା ସଫା କରିବା ପାଇଁ ଯଦି ସଫାକାରୀଙ୍କୁ ପୁରା ସମୟ କାର୍ଯ୍ୟ ପାଇଁ ନିଯୁକ୍ତି ଦିଆଯାଇଥାଏ, ତେବେ ତାଙ୍କ ନିଯୁକ୍ତକାରୀ ତାଙ୍କୁ ଛଟେଇ କରିବେ ନାହିଁ ଓ ତାଙ୍କ ସମ୍ମତିରେ ମଇଳା ସଫା କରିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ସେହି ପାରିଶ୍ରମିକରେ କାର୍ଯ୍ୟ କରାଇପାରିବେ (ସେକ୍ସନ ୬(୨) ।

❖ ଆଇନର ସପ୍ତମ ସେକ୍ସନରେ ରହିଛି : ମାଟି ତଳ ନର୍ଦ୍ଦମା ବା ମାଟି ତଳ ମଇଳା ଗାତ (ସେପ୍ଟିକ ଟ୍ୟାଙ୍କ) ସଫା କରିବା ପାଇଁ ନିଯୁକ୍ତିକୁ ନିଷେଧ କରାଯିବା : ସରକାର ଏହି ଆଇନ କରିବାର ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାରମାନେ ଏହାର ବିଜ୍ଞପ୍ତି ପ୍ରକାଶ କରି ସମସ୍ତ ସରକାରୀ ଦପ୍ତରକୁ ସୂଚନା ଦେବେ । କୌଣସି ବ୍ୟକ୍ତି, ସଂସ୍ଥା ବା ସ୍ଥାନୀୟ ଅଧିକାରୀ ବିପଦପୂର୍ଣ୍ଣ ମାଟି ତଳେ ନର୍ଦ୍ଦମା ବା ସେପ୍ଟି ଟ୍ୟାଙ୍କ୍ ସଫା କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ନିଯୁକ୍ତ କରିପାରିବେ ନାହିଁ ।

❖ ଏହି ନିୟମର ସେକ୍ସନ ୮ ଓ ୯ରେ ଏଥିପାଇଁ ଦଣ୍ଡ ବ୍ୟବସ୍ଥା ବା ଜୋରିମାନାର ବିଷୟ ଉଲ୍ଲେଖ ରହିଛି । ଏହି ନିୟମର ଉଲଙ୍ଘନ ପାଇଁ ଏକ ବର୍ଷ ଜେଲ୍ ଦଣ୍ଡ (ପ୍ରଥମ ଥର ତ୍ରୁଟି ପାଇଁ) ଓ ଦୁଇବର୍ଷ ଜେଲ୍‌ଦଣ୍ଡ (ଦ୍ୱିତୀୟ ଥର ତ୍ରୁଟି ପାଇଁ) ଓ ଜୋରିମାନା ସ୍ୱରୂପ ୫୦ ହଜାର ଟଙ୍କା (ପ୍ରଥମ ଥର ତ୍ରୁଟି ପାଇଁ) ଓ ଏକ ଲକ୍ଷ ଟଙ୍କା (ଦ୍ୱିତୀୟ ବା ପରବର୍ତ୍ତୀ ନିୟମ ଭଙ୍ଗ ପାଇଁ) ବିଷୟରେ ସୂଚନା ଦିଆଯାଇଛି ।

❖ ଆଇନରେ ହାତରେ ମଇଳା ସଫା କରୁଥିବା ବ୍ୟକ୍ତିମାନଙ୍କୁ ଠାବକରି ସେମାନଙ୍କୁ ଥଇଥାନ କରିବା ବିଷୟରେ କୁହାଯାଇଛି । ସରକାର ହାତରେ ମଇଳା ସଫା କରୁଥିବା ସଫାକାରୀଙ୍କ ନାମ ପ୍ରକାଶ କରିବେ ।

❖ ହାତରେ ମଇଳା ସଫା କରୁଥିବା ବ୍ୟକ୍ତିମାନେ ଏହି ସୁବିଧା ପାଇବେ-

(କ) ଏକକାଳୀନ ଆର୍ଥିକ ସାହାଯ୍ୟ

Digitized by srujanika@gmail.com

(ଖ) ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଛାତ୍ରବୃତ୍ତି

(ଗ) ବାସପୋଯୋଗୀ ଏକ ସ୍ଥାନ ଓ ସେଠାରେ ଗୃହ ନିର୍ମାଣ କରିବାକୁ ଆର୍ଥିକ ସହାୟତା

(ଘ) ପରିବାରର ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ଏକ ବୃତ୍ତିଗତ ବୈଷୟିକ ପ୍ରଶିକ୍ଷଣ ଦିଆଯିବ ଓ ଏହି ପ୍ରଶିକ୍ଷଣ କାଳରେ ତାଙ୍କୁ ମାସିକ ସର୍ବନିମ୍ନ ତିନି ହଜାର ଟଙ୍କାର ଆର୍ଥିକ ସାହାଯ୍ୟ

(ଙ) ପରିବାରର ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ଏକ ବୃତ୍ତି କରି ରୋଜଗାରକ୍ଷମ ହେବାପାଇଁ ରିହାତି ଦରରେ ସାହାଯ୍ୟ ବା ଋଣ

(ଚ) ଆଇନଗତ ସହାୟତା

❖ ଜିଲ୍ଲାର ଜିଲ୍ଲାପାଳ ଓ ମ୍ୟୁନିସପାଲିଟିର ଅଧିକାରୀମାନେ କୌଣସି ବ୍ୟକ୍ତି ହାତରେ ମଇଳା ଯେ ସଫା କରୁନାହାନ୍ତି ଏହା ତଦାରଖ କରିବେ । ସେହିପରି କୌଣସି ସ୍ଥାନରେ ଯେ ଅପରିଷ୍କାର ଉଠା ପାଇଖାନା ପ୍ରଚଳନ ନାହିଁ ତାହା ମଧ୍ୟ ସେମାନେ ନଜରକୁ ଆଣିବେ । ହାତରେ ଏକଦା ମଇଳା ସଫା କରୁଥିବା ସଫାକାରୀମାନେ ଆଇନ ଅନୁଯାୟୀ ଯେ ଥଇଥାନ ହୋଇଛନ୍ତି ଏଥିପ୍ରତି ଦୃଷ୍ଟି ଦେବେ ।

❖ ସରକାର ଏହି ଉଦ୍ଦେଶ୍ୟରେ ଇନ୍‌ସପେକ୍ଟର ନିଯୁକ୍ତ କରିବେ, ଯେଉଁମାନେ ଏହି କାର୍ଯ୍ୟକୁ ତଦାରଖ କରି ସରକାରୀ ନିୟମର ପ୍ରୟୋଗ ପାଇଁ କାର୍ଯ୍ୟ କରିବେ ।

❖ ପ୍ରତ୍ୟେକ ଜିଲ୍ଲା ଓ ସବ୍‌ଡିଭିଜନ ପାଇଁ ଏହି ଆଇନର କାର୍ଯ୍ୟକାରୀତାକୁ ଦେଖିବାକୁ ଭିଜିଲାନ୍ସ କମିଟି ଗଠନ କରିବେ । ସେହିପରି ସଫାକାରୀଙ୍କ ଥଇଥାନ ଓ ନିୟମ ଉଲଙ୍ଘନ କରୁଥିବା କାର୍ଯ୍ୟର ପଞ୍ଜୀକରଣକୁ ଦୃଷ୍ଟି ଦେବେ ।

❖ ରାଜ୍ୟସ୍ତରରେ ଏକ ମନିଟରିଂ କମିଟି (ତଦାରଖ ସମିତି) ରହିବ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଅନ୍ୟ ଜଣେ ମନ୍ତ୍ରୀ ତାହାର ସଭାପତି ରହିବେ । ସେହିପରି କେନ୍ଦ୍ରୀୟ ସ୍ତରରେ ଏକ କେନ୍ଦ୍ରୀୟ ମନିଟରିଂ କମିଟି ରହିବ, ଯାହାର ସଭାପତି ସାମାଜିକ ନ୍ୟାୟ ବିଭାଗର ମନ୍ତ୍ରୀ ରହିବେ । ଆଇନର ଉପଯୁକ୍ତ ପ୍ରୟୋଗ ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ଲକ୍ଷ୍ୟ ହାସଲ କରିବାକୁ କେନ୍ଦ୍ର ସ୍ତରରେ ଓ ରାଜ୍ୟ ସ୍ତରରେ ପ୍ରୟାସ କରାଯିବ ।

❖ ସଫାଇ କର୍ମଚାରୀଙ୍କ ପାଇଁ ଜାତୀୟ କମିଶନ (ଆୟୋଗ)ର କାର୍ଯ୍ୟକୁ ଆଇନରେ ଉଲ୍ଲେଖ କରାଯାଇଛି । ଆୟୋଗ–

(କ) ଆଇନର ପ୍ରୟୋଗକୁ ଦୃଷ୍ଟି ଦେବେ ।

(ଖ) ଆଇନରେ ଥିବା କୌଣସି ବ୍ୟବସ୍ଥାର ଖିଲାପ ହେବାର ଅଭିଯୋଗ ହେଲେ ତାହାର ତଦନ୍ତ କରି କାର୍ଯ୍ୟପନ୍ଥା ସୁପାରିଶ କରିବେ ।

(ଗ) କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଏହି ନିୟମର ଯଥାଯଥ ବିନିଯୋଗ ପାଇଁ ପରାମର୍ଶ ଦେବେ ।

(ଘ) ଏହି ଆଇନର ପ୍ରୟୋଗ ହେଉ ନ ଥିଲେ ବା ଆଇନ ଅନୁଯାୟୀ କାର୍ଯ୍ୟ ହେଉ ନ ଥିଲେ ନିଜ ତରଫରୁ ପଦକ୍ଷେପ ନେଇପାରିବେ ।

Digitized by srujanika@gmail.com

ଏହି ଆଇନ ଏହି ଲକ୍ଷ୍ୟ ହାସଲକୁ ଗ୍ରହଣ କରିଛି :

(କ) ସମସ୍ତ ଉଠା ପାଇଖାନା ବ୍ୟବସ୍ଥାର ବିଲୋପ

(ଖ) ନିଷେଧ କରାଯାଇଛି : (୧) ହାତରେ ମଇଳା ସଫା କରିବା, (୨) ମାଟିତଳ ନର୍ଦ୍ଦମା ଓ ସେପ୍ଟିକ ଟ୍ୟାଙ୍କ ପରି ବିପଦଜନକ କାର୍ଯ୍ୟକୁ ହାତରେ ସଫା କରିବା ।

(ଗ) ହାତରେ ମଇଳା ସଫା କରୁଥିବା କର୍ମଚାରୀ ବା ବ୍ୟକ୍ତିଙ୍କର ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଥଇଥାନ କରିବା ।

ଏହି ଆଇନର ମୌଳିକ ଲକ୍ଷଣମାନ :

(କ) ମଇଳା ହାତରେ ସଫା କରୁଥିବା ସଫାକାରୀ, ଅପରିଷ୍କାର ଉଠା ପାଇଖାନା ବା ସେ ପ୍ରକାରର ଫ୍ଲସ ବିହୀନ ପାଇଖାନାର ସଂଜ୍ଞା ପ୍ରଦାନ

(ଖ) ସମ୍ପୃକ୍ତ ଆଇନର ଉଲଙ୍ଘନ ଏକ ଧର୍ତ୍ତବ୍ୟ ଅପରାଧ ଓ ଏହା ଜାମିନବିହୀନ ଓ ଏଥିପାଇଁ କଠୋର ଦଣ୍ଡର ବ୍ୟବସ୍ଥା

(ଗ) ସବ୍‌ଡିଭିଜନ (ଉପଖଣ୍ଡ), ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ ଭିଜିଲାନ୍ସ ଓ ମନିଟରିଂ (ତଦାରଖ) କମିଟି

(ଘ) ଜାତୀୟ ଆୟୋଗ (ନେସ୍‌ନାଲ କମିଶନ) ସଫାଇ କର୍ମଚାରୀଙ୍କ ପାଇଁ ଗଠନ, ଯାହା ଅନ୍ୟ ବିଷୟମାନଙ୍କ ମଧ୍ୟରେ ଆଇନର ପ୍ରୟୋଗକୁ ଦୃଷ୍ଟି ଦେବ, ଅଭିଯୋଗର ତଦନ୍ତ କରିବ ଓ ଆଇନର ଖିଲାପ ହେଉଥିଲେ ପଦକ୍ଷେପ ନେବ ।

(ଙ) ସହରାଞ୍ଚଳରେ ସର୍ବସାଧାରଣଙ୍କ ପାଇଁ ଯଥେଷ୍ଟ ପାଇଖାନା ନିର୍ମାଣ କରାଯିବ । ଆଇନ କାର୍ଯ୍ୟକାରୀ ହେବାର ତିନିବର୍ଷ ମଧ୍ୟରେ ଖୋଲା ସ୍ଥାନରେ ମଳତ୍ୟାଗ ନ କରିବା ପାଇଁ ବ୍ୟବସ୍ଥା କରାଯିବ, ଯେପରି ଲୋକମାନେ ବାହାରେ ମଳ ତ୍ୟାଗ କରିବେ ନାହିଁ ।

Digitized by srujanika@gmail.com

୪.୪.୨ ମହିଳା ଅଧିକାର

- ଆପରାଧିକ ବିଧି ସଂଶୋଧନ ଆଇନ ୨୦୧୩
- ପାରିବାରିକ ହିଂସା ସମ୍ବନ୍ଧିତ ମହିଳା ସୁରକ୍ଷା ଆଇନ ୨୦୦୫
- କାର୍ଯ୍ୟସ୍ଥଳୀରେ ମହିଳାମାନଙ୍କୁ ଯୌନ ନିର୍ଯ୍ୟାତନା (ପ୍ରତିଷେଧକ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩
- ଦେବଦାସୀ (ଉତ୍ସର୍ଗଜନିତ ନିଷେଧ) ଆଇନ

ଆପରାଧିକ ବିଧି ସଂଶୋଧନ ଆଇନ ୨୦୧୩

ଆପରାଧିକ ବିଧି ସଂଶୋଧନ ଆଇନ ୨୦୧୩ ଏକ ଭାରତୀୟ ବିଧାୟନ, ଯାହା ଲୋକସଭାରେ ୧୯ ମାର୍ଚ୍ଚ ୨୦୧୩ ଦିନ ଓ ରାଜ୍ୟସଭାରେ ୨୧ ମାର୍ଚ୍ଚ ୨୦୧୩ ଦିନ ଗୃହୀତ ହୋଇଥିଲା। ଭାରତୀୟ ଦଣ୍ଡବିଧି ଆଇନ, ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ, ଅପରାଧ ପ୍ରକ୍ରିୟା ଆଇନ ୧୯୭୩, ଯୌନ ଅପରାଧଜନିତ ନିୟମରେ ସଂଶୋଧନ ପାଇଁ ଗୃହୀତ ବିଧାୟନରେ ବ୍ୟବସ୍ଥା ରଖାଗଲା। ଏହା ରାଷ୍ଟ୍ରପତିଙ୍କର ସ୍ୱୀକୃତି ୨ ଏପ୍ରିଲ ୨୦୧୩ରେ ଲାଭକଲା ଓ ୩ ଏପ୍ରିଲ ୨୦୧୩ରୁ କାର୍ଯ୍ୟକାରୀ ହେଲା।

ଆଇନର କେତେକ ମୁଖ୍ୟ ବ୍ୟବସ୍ଥା

ଭାରତୀୟ ଦଣ୍ଡବିଧି ଆଇନ, ଅପରାଧ ପ୍ରକ୍ରିୟା ଆଇନ ଓ ଶିଶୁମାନଙ୍କୁ ଅବୈଧ ଯୌନ ଆଚରଣର ସୁରକ୍ଷା ଆଇନରେ ଧର୍ଷଣ ଓ ଯୌନ ଆକ୍ରମଣ ବିରୋଧରେ କେତେକ ନିୟମ ରହିଛି। ଆପରାଧିକ ବିଧି (ସଂଶୋଧନ) ୨୦୧୩ରେ ଧର୍ଷଣ ଓ ଯୌନ ଆକ୍ରମଣର ସଂଜ୍ଞା ଦିଆଯାଇ ଦଣ୍ଡବିଧାନକୁ କଠୋର କରାଯାଇଛି। ଏଠାରେ ଏହାର କେତେକ ପ୍ରଧାନ ବିଷୟକୁ ଆମେ ସରଳ ଭାବରେ ବ୍ୟାଖ୍ୟା କରିବା।

Digitized by srujanika@gmail.com

ଧର୍ଷଣ କ'ଣ ?

- ଜଣେ ମହିଳାଙ୍କର ଯୋନି, ପାଟି, ମୂତ୍ରଦ୍ୱାର କିମ୍ବା ମଳଦ୍ୱାରରେ ତାଙ୍କର ବିନା ସମ୍ମତିରେ ଜଣେ ପୁରୁଷ ତାଙ୍କର ଲିଙ୍ଗ ବା କିଛି ବସ୍ତୁ ପ୍ରବେଶ କରାଇବା ।
- ଜଣେ ପୁରୁଷ ବଳ ପ୍ରୟୋଗ କରି ଜଣେ ମହିଳାଙ୍କର ଯୋନି, ମୂତ୍ରଦ୍ୱାର ବା ମଳଦ୍ୱାରରେ ତାଙ୍କର ମୁହଁ ଲଗାଇବା ।
- ଜଣେ ପୁରୁଷ ବଳ ପ୍ରୟୋଗ କରି ଜଣେ ମହିଳାଙ୍କ ଶରୀରକୁ ନିୟନ୍ତ୍ରଣ କରି ତାଙ୍କ ଦେହରେ କିଛି ପ୍ରବେଶ କରାଇବା ।
- ୧୮ର ବର୍ଷରୁ ସାନ ଦୁଇଜଣ ବ୍ୟକ୍ତି ଏପରିକି ସହମତିରେ ଯୌନକ୍ରିୟା କରିବା ।

ସହମତି କ'ଣ ?

ଏହି ପରିପ୍ରେକ୍ଷୀରେ ସହମତିର ତାତ୍ପର୍ଯ୍ୟ ହେଉଛି ଯୌନକ୍ରିୟା ପାଇଁ ଜଣେ ମହିଳା ରାଜି ହେବା । ଏହା କଥାରେ, ଇଙ୍ଗିତରେ ବା ବିନା ଭାଷାରେ ଇସାରା ଦ୍ୱାରା କରାଯାଇପାରେ । ଆପରାଧିକ ବିଧି ସଂଶୋଧନ ଆଇନ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଛି ଯେ ବଳ ପ୍ରୟୋଗ କରି ଜଣେ ମହିଳାଙ୍କ ସହ ଯୌନକ୍ରିୟା ପାଇଁ ଉଦ୍ୟମ ବେଳେ ସେ ଯଦି ଶାରୀରିକ ପ୍ରତିରୋଧ କରନ୍ତି ନାହିଁ ତେବେ ଏହାକୁ ତାଙ୍କର ସମ୍ମତି ବୋଲି ଗ୍ରହଣ କରାଯିବ ନାହିଁ ।

ଆଇନରେ କୁହାଯାଇଛି ଯେ ଯଦି ଜଣେ ମହିଳାଙ୍କୁ କୁହାଯାଏ ଯେ ତାଙ୍କୁ ବା ତାଙ୍କ ପରିବାରର କାହାକୁ ଆଘାତ କରାଯିବ ବା ମାରିଦିଆଯିବ; ତାଙ୍କୁ ନିଶା ଦେଇ ଅଚେତ କରାଯାଇଥାଏ ବା ସେ କୌଣସି ମତ ଦେବା ଅବସ୍ଥାରେ ନ ଥାନ୍ତି; ଯଦି ଶାରୀରିକ ବା ମାନସିକ ସ୍ତରରେ ସେ ଅକ୍ଷମ ଥାନ୍ତି; କିମ୍ବା ତାଙ୍କ ସହ ସମ୍ପର୍କ କରୁଥିବା ବ୍ୟକ୍ତି ତାଙ୍କର ସ୍ୱାମୀ ବୋଲି ଧାରଣା ସୃଷ୍ଟି ହୋଇଥାଏ; ତେବେ ଏ ପ୍ରତ୍ୟେକଟି କ୍ଷେତ୍ରରେ ତାଙ୍କ ସହ ଯୌନ ସମ୍ପର୍କକୁ ମହିଳାଙ୍କର ସମ୍ମତି ବୋଲି ନିଆଯିବ ନାହିଁ ।

ଆପରାଧିକ ବିଧି ସଂଶୋଧନ ଆଇନ - ୨୦୧୩ରେ କ'ଣ ପାର୍ଥକ୍ୟ ରହିଛି ?

ଏହି ଆଇନରେ ରହିଛି :

- ଅପହରଣ, ଏସିଡ୍ ଆକ୍ରମଣ, ଯୌନ ଉତ୍ପୀଡ଼ନ, ଉଲଗ୍ନ କରିବା, ଅନ୍ୟର ଯୌନାଙ୍ଗ ଦର୍ଶନ ପ୍ରବୃତ୍ତି ଓ ଲୁଚିଛପି ଅନ୍ୟର କାର୍ଯ୍ୟ ବା ଅଙ୍ଗକୁ ଦେଖିବା ।
- ଜଣେ ସରକାରୀ ଅଧିକାରୀ ଯଦି ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି ନାହିଁ, ଏକ ଘଟଣାର ଉପଯୁକ୍ତ ଅନୁସନ୍ଧାନ କରନ୍ତି ନାହିଁ ତେବେ ତାଙ୍କୁ ଛ' ମାସରୁ ଦୁଇବର୍ଷ ପର୍ଯ୍ୟନ୍ତ ଜେଲ୍ ସହ ଜୋରିମାନା କରାଯାଇପାରିବ ।
- ଯୌନ ଉତ୍ପୀଡ଼ନରେ ଶିକାର ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଯଦି ବେଆଇନ ଭାବେ ଏକ ସରକାରୀ ବା ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଏ, ତେବେ ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କୁ ଜୋରିମାନା ବା ଏକ ବର୍ଷ ଜେଲ୍ ଦିଆଯାଇପାରିବ ।
- ଧର୍ଷଣ ସମ୍ପର୍କିତ ଶୁଣାଣି ଅଭିଯୋଗ ଫର୍ଦ୍ଦ ଦାଖଲର ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

Digitized by srujanika@gmail.com

ଧର୍ଷଣ ପାଇଁ କ'ଣ ଦଣ୍ଡବିଧାନ ରହିଛି ?

- ଧର୍ଷଣ ପାଇଁ ସର୍ବନିମ୍ନ ସାତବର୍ଷ ଜେଲ୍, ଏପରିକି ଆଜୀବନ କାରାଦଣ୍ଡ ବି ହୋଇପାରିବ ।
- ଦ୍ୱିତୀୟବାର ଧର୍ଷଣ ବା ଧର୍ଷଣ ଦ୍ୱାରା ଜଣେ ଅଚେତ ହୋଇ ରହିବା ବା ମୃତ୍ୟୁ ମୁଖରେ ପଡ଼ିବା କ୍ଷେତ୍ରରେ କୋଡ଼ିଏ ବର୍ଷ ଜେଲ୍, ଏପରିକି ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ଦିଆଯାଇପାରିବ ।
- ଯଦି ଏକତ୍ର ହୋଇ କେତେକ ଧର୍ଷଣ କରିଥାନ୍ତି ତେବେ ଗ୍ରୁପ୍‌ର ପ୍ରତ୍ୟେକଙ୍କୁ ଅତି କମ୍‌ରେ କୋଡ଼ିଏ ବର୍ଷ ଜେଲ୍ ଦିଆଯିବା ସହିତ ଆଘାତପ୍ରାପ୍ତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦିଆଯିବ ।
- ଯଦି ଜଣେ ବେସାମରିକ ସରକାରୀ ଅଧିକାରୀ ଧର୍ଷଣ କରନ୍ତି, ତେବେ ତାଙ୍କୁ ଆଜୀବନ କାରଦଣ୍ଡ ସହ ଜୋରିମାନା କରାଯିବ ।

ମହିଳାମାନଙ୍କ ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ :

ପାରିବାରିକ ହିଂସା ଆଇନ ୨୦୦୫ ପରିସରରେ ଥିବା ଅପମାନଜନକ କାର୍ଯ୍ୟମାନ ହେଲା :

(କ) ଯେଉଁ କାର୍ଯ୍ୟ ଦ୍ୱାରା ଶାରୀରିକ କଷ୍ଟ, କ୍ଷତି ଓ ଜୀବନ ପ୍ରତି ଭୟ ତଥା ଶରୀର, ଅଙ୍ଗ ବା ସ୍ୱାସ୍ଥ୍ୟ ପ୍ରତି ବିପଦ ଥାଏ; ଯେଉଁ କାର୍ଯ୍ୟ ଦ୍ୱାରା ଜଣଙ୍କୁ ଶାରୀରିକ ଆଘାତ ଦିଆଯାଏ, ଭୟଭୀତ କରାଯାଏ ଓ ଯାହା କ୍ଷତିଗ୍ରସ୍ତ ବ୍ୟକ୍ତିର ସ୍ୱାସ୍ଥ୍ୟ ଓ ବିକାଶକୁ ବାଧା ଆଣିଥାଏ ।

(ଖ) ଯୌନ ନିର୍ଯ୍ୟାତନା : ଯୌନ ଉତ୍ପୀଡ଼ନ, ଗାଳି, ଅସମ୍ମାନ, ନ୍ୟୁନ କରିବା ବା ମହିଳାଙ୍କର ସ୍ୱାଭିମାନକୁ ଉଲଙ୍ଘନ କରିବା ।

(ଗ) ଅସଭ୍ୟ ଭାଷାରେ ଗାଳିଗୁଲଜ, ଭାବଗତ ଗ୍ଲାନି ସୃଷ୍ଟି କରିବା, ଅସମ୍ମାନ କରିବା, ବିଦ୍ରୂପ କରିବା, ଉପହାସ କରିବା ଏବଂ ସନ୍ତାନ ଜନ୍ମ ନ କରିବା ବା ପୁତ୍ର ସନ୍ତାନ ଜନ୍ମ ନ କରିଥିବା ଯୋଗୁ ଗାଳିଦେବା, ବାଡ଼େଇବା ପାଇଁ ଧମକ ଦେବା ବା ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ତାଙ୍କୁ ସଂପୃକ୍ତ କରାଇ ଧିକ୍କାର କରିବା ।

Digitized by srujanika@gmail.com

(ଘ) ଅର୍ଥନୈତିକ ସ୍ତରରେ ତାଙ୍କୁ ଅସହାୟ କରିବା, ଯେଉଁ ସମ୍ପତ୍ତି ବା ଧନରେ ତାଙ୍କର ଆଇନଗତ ଭାଗ ରହିଛି ସେଥିରୁ ତାଙ୍କୁ ବଞ୍ଚିତ କରିବା, ଘରର ଆସବାବପତ୍ର, ସ୍ତ୍ରୀ-ଧନ, ଏକାଠି ବା ପୃଥକ୍ ଭାବରେ ଅଧିକାର ହୋଇଥିବା ଧନ ସମ୍ପତ୍ତି ଇତ୍ୟାଦିରୁ ତାଙ୍କୁ ଭାଗ ନ ଦେବା । ଘରେ ଥିବା ସମ୍ପତ୍ତି, ସ୍ଥାବର ବା ଅସ୍ଥାବର ସମ୍ପଦକୁ ବିକ୍ରି କରିଚାଲିବା ଓ ସେଥିରୁ ତାଙ୍କୁ ବଞ୍ଚିତ କରିବା, ଯେଉଁଥିରେ ତାଙ୍କର ନୀତିଗତ ଦାବି ରହିଛି ସେଥିରୁ ତାଙ୍କୁ ଦୂରେଇ ଦେବା ।

ଆଇନରେ କ'ଣ ରହିଛି ?

❖ ଯେଉଁ ମହିଳା ଅସମ୍ମାନକାରୀ ବ୍ୟକ୍ତିଙ୍କ ସହ ଅତୀତରେ ଏକାଠି ରହୁଥିଲେ, ବିବାହ ଦ୍ୱାରା, ବିବାହ ପରି ସମ୍ପର୍କ ଦ୍ୱାରା ବା ପାରିବାରିକ ସମ୍ବନ୍ଧ ଦ୍ୱାରା ଏକା ଘରେ ଜୀବନ ନିର୍ବାହ କରୁଥିଲେ ତାଙ୍କୁ ଏହି ଆଇନ ପ୍ରଯୁଜ୍ୟ ହୋଇପାରିବ । ଏକ ଏକାନ୍ନବର୍ତ୍ତୀ ପରିବାରର ମହିଳାମାନେ ବି ଏଥିରେ ଅନ୍ତର୍ଭୁକ୍ତ । ଏପରିକି ଭଉଣୀ, ବିଧବା ମହିଳା, ମା', ସମ୍ପର୍କୀୟା ଅନ୍ୟାନ୍ୟ ମହିଳା ଅସମ୍ମାନ କରୁଥିବା ବ୍ୟକ୍ତିଙ୍କ ସହ ଏକାଠି ରହୁଥିଲେ ସେମାନେ ମଧ୍ୟ ଏହି ଆଇନର ପରିସରରେ ଅନ୍ତର୍ଭୁକ୍ତ ହେବେ ।

❖ ପାରିବାରିକ ହିଂସାର ପରିସରରେ ଗାଳିଗୁଲଜ କରିବା, ଶାରୀରିକ, ଯୌନଗତ, ବାଚନିକ, ଭାବଗତ ଓ ଅର୍ଥନୈତିକ ସ୍ତରରେ ଭୟଭୀତ କରିବା ସମ୍ପୃକ୍ତ । ବେଆଇନ ଭାବେ ଯୌତୁକ ଦାବି କରିବା ଓ ମହିଳା ବା ତାଙ୍କ ପରିବାରକୁ ଅସମ୍ମାନ କରିବା, ଉତ୍ପୀଡ଼ନ କରିବା ପାରିବାରିକ ହିଂସା ବୋଲି ଧରାଯିବ ।

❖ ଏହି ଆଇନର ଏକ ମୁଖ୍ୟ ଦିଗ ହେଉଛି ମହିଳାଙ୍କର ବାସଗୃହ ଉପରେ ଅଧିକାର । ଜଣେ ମହିଳାଙ୍କ ନାମରେ ଘର, ଜାଗା, ଇତ୍ୟାଦି ଥାଉ ବା ନ ଥାଉ ସେ ପାରିବାରିକ ଘରେ ରହିବା ପାଇଁ ହକ୍‌ଦାର ବୋଲି ଆଇନରେ ବ୍ୟବସ୍ଥା ରହିଛି । କୋର୍ଟ ତାଙ୍କ ନାମରେ ରହିବା ପାଇଁ ଏହି ଅଧିକାର ଦେଇପାରିବ ଓ ଏଥିରୁ ତାଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ ।

❖ ଏହି ଆଇନରେ ବ୍ୟବସ୍ଥା ରହିଛି ଯେ କୋର୍ଟ କ୍ଷତିଗ୍ରସ୍ତ ମହିଳାଙ୍କୁ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବ, ଫଳରେ ଗାଳିଗୁଲଜକାରୀ ବ୍ୟକ୍ତି ମହିଳାଙ୍କ ଉପରେ ହିଂସାତ୍ମକ ବ୍ୟବହାର କରିପାରିବେ ନାହିଁ । ସେହିପରି ମହିଳାଙ୍କ କର୍ମକ୍ଷେତ୍ରରେ, ଯେ ଯାଉଥିବା ସ୍ଥାନକୁ ଯାଇ ତାଙ୍କୁ ଧମକ ବା ତିରସ୍କାର କରିପାରିବେ ନାହିଁ । ଉଭୟଙ୍କ ଦ୍ୱାରା ବ୍ୟବହୃତ କୌଣସି ବସ୍ତୁରୁ ତାଙ୍କୁ ବଞ୍ଚିତ କରିପାରିବେ ନାହିଁ ବା ମହିଳାଙ୍କୁ ସାହାଯ୍ୟ କରୁଥିବା, ଆଶ୍ରୟ ଦେଉଥିବା ବା ତାଙ୍କର ସମ୍ପର୍କୀୟଙ୍କ ପ୍ରତି ହିଂସା ଆଚରଣ କରିପାରିବେ ନାହିଁ ।

❖ ଡ୍ରାଫ୍ଟ ଆଇନରେ ସୁରକ୍ଷା ଅଧିକାରୀ ବା ବେସରକାରୀ ସଂଗଠନ ବା ଏନ୍‌ଜିଓ ମହିଳାଙ୍କୁ ଡାକ୍ତରୀ ଚିକିତ୍ସା, ଆଇନଗତ ସହାୟତା, ନିରାପଦ ରହଣୀ ଦେଇପାରିବେ ବୋଲି କୁହାଯାଇଛି ।

❖ ମହିଳାଙ୍କର ସୁରକ୍ଷାକୁ ପ୍ରତିବାଦୀ ଉଲ୍ଲଂଘନ କଲେ ତାହାକୁ ଏକ ଧର୍ତ୍ତବ୍ୟ ଓ ଜାମିନବିହୀନ ଅପରାଧ ଭାବେ ନିଆଯିବ, ଯେଉଁଥିରେ ତାଙ୍କୁ ଏକବର୍ଷ ଜେଲ୍ ଓ କୋଡ଼ିଏ ହଜାର ଟଙ୍କା ଜୋରିମାନା ଦେବାକୁ ହେବ । ସେହିପରି ସମ୍ପୃକ୍ତ ପୁଲିସ ଅଧିକାରୀ ଯଦି ତାଙ୍କର କର୍ତ୍ତବ୍ୟରେ ଅବହେଳା କରନ୍ତି ତେବେ ତାଙ୍କ ପ୍ରତି ଏହି ଆଇନ ପ୍ରୟୋଗ ହୋଇ ତାଙ୍କ ପ୍ରତି ଏକା ପ୍ରକାର ଦଣ୍ଡ ପ୍ରୟୋଗ କରାଯାଇପାରିବ ।

Digitized by srujanika@gmail.com

ପାରିବାରିକ ସମ୍ପର୍କ : ପାରିବାରିକ ହିଂସା ଆଇନ ୨୦୦୫ ଅନୁଯାୟୀ ପାରିବାରିକ ସମ୍ପର୍କ କ୍ଷେତ୍ରରେ ଏକତ୍ର ବାସ କରିବା ଓ ପରିବାରର ସଦସ୍ୟ ଥିବା ବ୍ୟକ୍ତି ହିଁ ସମ୍ପର୍କିତ ।

ଏହି ଆଇନରେ ମହିଳାଙ୍କୁ ଦିଆଯାଇଥିବା ଅଧିକାର :

- **ଏକା ଘରେ ବାସ କରିବାର ଅଧିକାର :** ବିବାହ କରିଥିବା ପାରିବାରିକ ଘରେ ବା ଏକାଠି ରହୁଥିବା ଗୃହରେ ଗୃହଟି ମହିଳାଙ୍କର ଅଧିକାର ବା ନାମରେ ନ ଥିଲେ ମଧ୍ୟ ସେ ରହିପାରିବେ ।

- **ସାହାଯ୍ୟ ଓ ସୁରକ୍ଷା ପାଇବାର ଅଧିକାର :** ପୁଲିସ ଅଧିକାରୀ, ସୁରକ୍ଷା ଅଧିକାରୀ, ସେବା ପ୍ରଦାନକାରୀ, ନିବାସ ଗୃହ, ଡାକ୍ତରୀ ସେବା ପାଇବାକୁ ସେ ହକ୍‌ଦାର । ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ତାଙ୍କ ପ୍ରତି ନିଷ୍ଠୁର ବ୍ୟବହାର ହେଉଥିଲେ ସେ ତାଙ୍କର ଅଭିଯୋଗ ସେକ୍ସନ ୪୯୮ ଏ ଧାରାରେ ଦାୟର କରିପାରିବେ ।

- **ପରିଣାମ ଅଧିକାର :** ଏକଦା ପାରିବାରିକ ହିଂସା ଜନିତ ଅଭିଯୋଗ ପ୍ରାଥମିକ ଭାବେ ଗୃହୀତ ହେବାପରେ କୋର୍ଟର ଯେକୌଣସି ନିର୍ଦ୍ଦେଶ ପାଇବାକୁ ତାଙ୍କର ଅଧିକାର ରହିବ ।

- **ସୁରକ୍ଷା ଅଧିକାର :** କ୍ଷତିଗ୍ରସ୍ତ ମହିଳାଙ୍କୁ କର୍ମକ୍ଷେତ୍ରରେ ବା ସେ ଯାଉଥିବା ସ୍ଥାନରେ ଯେପରି ତାଙ୍କ ପ୍ରତି ଅଭିଯୁକ୍ତ ବ୍ୟକ୍ତି କୌଣସି ଅସମ୍ମାନ, ହିଂସାତ୍ମକ କାର୍ଯ୍ୟ କରିପାରିବେ ନାହିଁ ସେଥିପ୍ରତି କୋର୍ଟ ମହିଳାଙ୍କୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦେଇପାରେ । ଏକତ୍ର ବ୍ୟବହାର କରୁଥିବା ସମ୍ପତ୍ତିରୁ ଯେପରି ସିଏ ବଞ୍ଚିତ ନ ହୁଅନ୍ତି, ତାଙ୍କ ପରିବାର ଲୋକଙ୍କ ପ୍ରତି ଅଭିଯୁକ୍ତ କୌଣସି ପ୍ରତିହିଂସା ପରାୟଣ ହୋଇ ହିଂସା ପ୍ରକାଶ ନ କରନ୍ତି ବା ଆଇନରେ ଥିବା ଅନ୍ୟାନ୍ୟ ସୁଯୋଗ ଯେପରି ସେ ପାଆନ୍ତି ସେଥିପାଇଁ କୋର୍ଟ ନିର୍ଦ୍ଦେଶ ଦେଇପାରିବ ।

- **ଘରେ ରହିବାର ଅଧିକାର :** କ୍ଷତିଗ୍ରସ୍ତ ମହିଳା ଯେପରି ବାସଶୂନ୍ୟ ନ ହୁଅନ୍ତି, ତାଙ୍କର ବ୍ୟବହାର୍ଯ୍ୟ ଜିନିଷ ଯେପରି ନଷ୍ଟ ନ ହୁଏ, ଏକତ୍ର ବ୍ୟବହାର କରୁଥିବା ଜିନିଷପତ୍ରକୁ ଯେପରି ବିକ୍ରି କରା ନ ଯାଏ ବା ମହିଳା ସେଥିରୁ ବଞ୍ଚିତ ନ ହୁଅନ୍ତି ଓ ସେ ଯଦି ଚାହାନ୍ତି ପ୍ରତିବାଦୀ ତାଙ୍କ ପାଇଁ ଏକ ବାସସ୍ଥାନର ବ୍ୟବସ୍ଥା କରିବେ । ଏକତ୍ର ରହୁଥିବା ସ୍ଥାନରୁ ପ୍ରତିବାଦୀ ଯାଇ ଅନ୍ୟତ୍ର ରହିପାରନ୍ତି ଓ ସେ ବା ତାଙ୍କ ପରିବାରର ଲୋକମାନେ କ୍ଷତିଗ୍ରସ୍ତ ରହୁଥିବା ସ୍ଥାନକୁ

Digitized by srujanika@gmail.com

ପ୍ରବେଶ କରିପାରିବେ ନାହିଁ । ଏକାଠି ରହୁଥିବା ସ୍ଥାନକୁ କିନ୍ତୁ ମହିଳାଙ୍କୁ ବାହାରି ଯିବାକୁ କୁହାଯାଇପାରିବ ନାହିଁ ।

- **ଆର୍ଥିକ ସହାୟତା :** ପାରିବାରିକ ହିଂସା ଯୋଗୁଁ କ୍ଷତିଗ୍ରସ୍ତ ମହିଳା ବା ତାଙ୍କର ପିଲା ଯେଉଁ ଆର୍ଥିକ ଖର୍ଚ୍ଚର ସମ୍ମୁଖୀନ ହେଲେ ତାହାର ଭରଣ କରିବା ପାଇଁ ପ୍ରତିପକ୍ଷ ଦାୟୀ ରହିବେ ।
- **ତତ୍ତ୍ୱାବଧାନ ଅଧିକାର :** କ୍ଷତିଗ୍ରସ୍ତ ମହିଳା ନିଜେ ବା ତାଙ୍କ ପାଇଁ ଦରଖାସ୍ତ ଦେଇଥିବା ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ମହିଳାଙ୍କର ସନ୍ତାନ ବା ସନ୍ତାନମାନେ ଅସ୍ଥାୟୀ ଭାବେ ମହିଳାଙ୍କ ତତ୍ତ୍ୱାବଧାନରେ ରହିବେ ।
- **କ୍ଷତିପୂରଣ ଅଧିକାର :** ପାରିବାରିକ ହିଂସା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ବା ଆଘାତ ପାଇଥିବା ମହିଳାଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଦେବାକୁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ । ଏହି କ୍ଷତି ମାନସିକ ଯନ୍ତ୍ରଣା, ଭାବଗତ ଦୁଃଖ ବି ହୋଇପାରେ ।

କର୍ମସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା (ପ୍ରତିଷେଧ, ନିବାରଣ ଓ ପ୍ରତିକାର) ଆଇନ, ୨୦୧୩

କର୍ମସ୍ଥଳରେ ମହିଳାମାନଙ୍କୁ ଦିଆଯାଉଥିବା ଯୌନ ନିର୍ଯ୍ୟାତନାକୁ ନିବାରଣ କରି ତା'ର ପ୍ରତିକାର ପାଇଁ ଏହି ଆଇନ ପ୍ରଣୟନ ହୋଇଛି । ଯୌନ ନିର୍ଯ୍ୟାତନା ଭାରତୀୟ ସମ୍ବିଧାନର ଧାରା ୧୪ ଓ ୧୫କୁ ଉଲ୍ଲଙ୍ଘନ କରୁଛି । କାରଣ ପ୍ରତ୍ୟେକ ମହିଳାଙ୍କର ସମାନତାର ଅଧିକାର ଏହାଦ୍ୱାରା ବାଧାପ୍ରାପ୍ତ ହେଉଛି । ସେହିପରି ଜଣେ ନାଗରିକ ସମ୍ମାନ ଓ ମର୍ଯ୍ୟାଦାର ସହ ଜୀବନ ଅତିବାହିତ କରିବା ତାଙ୍କର ମୌଳିକ ଅଧିକାର, ଯାହା ସମ୍ବିଧାନର ଧାରା ୨୧ରେ ବ୍ୟକ୍ତ ହୋଇଛି, ତାହାକୁ ମଧ୍ୟ ଯୌନ ନିର୍ଯ୍ୟାତନା ଉଲ୍ଲଙ୍ଘନ କରୁଛି ।

ଏହି ଆଇନର ମୁଖ୍ୟ ଆଧାର :

- ଯୌନ ନିର୍ଯ୍ୟାତନାର ସଂଜ୍ଞା ନିରୂପଣ କରିବା ସହ ମହିଳାମାନେ କର୍ମସ୍ଥଳରେ କିପରି ଅସମ୍ମାନଜନକ ସ୍ଥିତିର ସମ୍ମୁଖୀନ ହେବେନାହିଁ ଓ ସେମାନଙ୍କର ଅଭିଯୋଗର କିପରି ପ୍ରତିକାର

Digitized by srujanika@gmail.com

କରାଯିବ ତାହା ଦର୍ଶାଯାଇଛି । ଏହା ସହିତ ମିଥ୍ୟା ଅଭିଯୋଗ ଓ ଅନ୍ୟର କ୍ଷତି ସାଧନ ପାଇଁ ଯେପରି ଅଭିଯୋଗ ନ ହୁଏ ସେଥିପାଇଁ ମଧ୍ୟ କେତେକ ପ୍ରତିବିଧାନ ରଖାଯାଇଛି ।

- ଆଦାନ ପ୍ରଦାନ ଜନିତ ହଇରାଣ ଭାବନା ଓ ପ୍ରତିକୂଳ ପରିବେଶ ସୃଷ୍ଟି କରିବା ଘଟଣାକୁ ବି ଯୌନ ନିର୍ଯ୍ୟାତନା ଭିତରେ ଗ୍ରହଣ କରାଯିବ, ଯଦି ଏହା ସହିତ ଯୌନ ଶୋଷଣ ବା ବ୍ୟବହାର ସଂଶ୍ଳିଷ୍ଟ ରହିଥାଏ ।
- ଏହି ଆଇନର ପରିସର ବେଶ୍ ବ୍ୟାପକ । କ୍ଷତିଗ୍ରସ୍ତ ମହିଳା ଓ ତାଙ୍କର ସୁରକ୍ଷା ପାଇଁ ଏଥିରେ ବହୁ ବ୍ୟବସ୍ଥା ରହିଛି । ବୟସ, କର୍ମକ୍ଷେତ୍ର, ଗ୍ରାହକ, ଗୃହରେ ସେବା ଦେଉଥିବା ମହିଳା ସମସ୍ତଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ସରକାରୀ, ବେସରକାରୀ, ସଂଗଠିତ, ଅସଂଗଠିତ ଯେଉଁ କ୍ଷେତ୍ରରେ ଜଣେ କାର୍ଯ୍ୟ କରୁଥାନ୍ତୁ ନା କାହିଁକି ସମସ୍ତଙ୍କର ଅଧିକାର ଓ ସୁରକ୍ଷା ପାଇଁ ଏହି ଆଇନରେ ବ୍ୟବସ୍ଥା ରହିଛି ।
- ବିଶାଖା ଗାଇଡ୍‌ଲାଇନ୍‌ରେ ଥିବା କର୍ମକ୍ଷେତ୍ରର ବିବରଣୀ ଯଥା ପାରମ୍ପରିକ କାର୍ଯ୍ୟାଳୟ, ଯେଉଁଠି ନିଯୁକ୍ତିଦାତା ଓ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ବିଷୟରେ କୁହାଯାଇଛି, ତାହାଠାରୁ ଏହି ଆଇନରେ ବହୁ ଅଧିକ ବିଷୟ ସ୍ଥାନ ପାଇଛି । ଏଠାରେ ବିଭିନ୍ନ ସଂଗଠନ, ବିଭାଗ, କାର୍ଯ୍ୟାଳୟ, ଶାଖା କେନ୍ଦ୍ର ତଥା ସରକାରୀ, ବେସରକାରୀ କ୍ଷେତ୍ର, ସଂଗଠିତ ଓ ଅସଂଗଠିତ କର୍ମକ୍ଷେତ୍ର, ଚିକିତ୍ସାଳୟ, ନର୍ସିଂହୋମ୍, ଶିକ୍ଷାନୁଷ୍ଠାନ, ସ୍ପୋର୍ଟସ ବା କ୍ରୀଡ଼ାନୁଷ୍ଠାନ, ଷ୍ଟାଡିୟମ୍, କ୍ରୀଡ଼ା କମ୍ପ୍ଲେକ୍ସ ବା ସେପରି କିଛି ସ୍ଥାନ, ଯେଉଁଠାକୁ ଜଣେ କର୍ମଜୀବୀ ମହିଳାଙ୍କୁ ଚାକିରି କ୍ଷେତ୍ରରେ ଯିବାକୁ ହୋଇଥାଏ ଓ ଯିବାଆସିବା କାର୍ଯ୍ୟ ଏସବୁ ଏହି ଆଇନରେ ଅନ୍ତର୍ଭୁକ୍ତ ହୋଇଛି । ଏପରିକି ଦୂରବର୍ତ୍ତୀ ସ୍ଥାନକୁ ଯିବାଆସିବା କରି କାର୍ଯ୍ୟ କରୁଥିବା ମହିଳାମାନଙ୍କ ପ୍ରତି ମଧ୍ୟ ଏହା ବ୍ୟାପ୍ତ ହୋଇଛି ।

ଅନ୍ୟ ମୋକଦ୍ଦମା ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଉପଶମ ଅଧିକାର : କ୍ଷତିଗ୍ରସ୍ତ ବ୍ୟକ୍ତି ଅନ୍ୟାନ୍ୟ ପିଟିସନ ବା ମୋକଦ୍ଦମା, ଦେୱାନୀ ଅଦାଲତ, ପାରିବାରିକ କୋର୍ଟ ବା ଅପରାଧିକ କୋର୍ଟରେ କରି ଆବଶ୍ୟକୀୟ ଉପଶମ ଲାଭ କରିପାରିବେ ।

- କୌଣସି ଅଭିଯୋଗ ହେଲେ ଉଦ୍ଦିଷ୍ଟ କମିଟି ୯୦ ଦିନ ମଧ୍ୟରେ ତାଙ୍କର ଅନୁସନ୍ଧାନ ଶେଷ କରିବେ । ଅନୁସନ୍ଧାନ ପରେ ନିଯୁକ୍ତିଦାତା ବା ଜିଲ୍ଲାର ଅଧିକାରୀଙ୍କୁ ଅନୁସନ୍ଧାନ ବିବରଣୀ ପଠାଇବେ ଓ ସେମାନେ ୬୦ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି ।

  ଦଶଜଣ ବା ତା'ଠାରୁ ଅଧିକ କର୍ମଚାରୀ ଥିବା କାର୍ଯ୍ୟାଳୟରେ ନିଯୁକ୍ତିଦାତା ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବେ । ଜିଲ୍ଲାର ଅଧିକାର ଏକ ସ୍ଥାନୀୟ ଅଭିଯୋଗ କମିଟି ଜିଲ୍ଲା ସ୍ତରରେ ଓ ଆବଶ୍ୟକ ହେଲେ ବ୍ଲକ୍ ସ୍ତରରେ ଗଠନ କରିବେ ।
- ଅଭିଯୋଗ କମିଟି ତଥ୍ୟ ସଂଗ୍ରହ କରିବା କ୍ଷେତ୍ରରେ ଏକ ନାଗରିକ କୋର୍ଟ (ସିଭିଲ କୋର୍ଟ) ପରି କାର୍ଯ୍ୟ କରିବ ।
- ଯଦି ଅଭିଯୋଗକାରୀ ଅନୁରୋଧ କରନ୍ତି ତେବେ ଅଭିଯୋଗ କମିଟି ଘଟଣାର ଅନୁସନ୍ଧାନ କରିବା ପୂର୍ବରୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିପାରିବେ ।
- ଏହି ଆଇନ ଅନୁଯାୟୀ ଅନୁସନ୍ଧାନର ବିଷୟବସ୍ତୁ ଗୋପନ ରଖାଯିବ ଓ ଯଦି କେହି ଗୋପନୀୟତାର ଉଲଙ୍ଘନ କରନ୍ତି ତେବେ ତାଙ୍କୁ ୫୦୦୦ ଟଙ୍କାର ଅର୍ଥଦଣ୍ଡ ଦିଆଯିବ ।
- ଏହି ଆଇନ ଅନୁଯାୟୀ ନିଯୁକ୍ତିଦାତା କର୍ମଚାରୀମାନଙ୍କୁ ଯୌନ ନିର୍ଯ୍ୟାତନା ଓ ମହିଳାଙ୍କ ଅଧିକାର ବିଷୟରେ ସଚେତନ କରାଇବେ । କର୍ମଚାରୀଙ୍କୁ ସୂକ୍ଷ୍ମାନୁଭବୀ ଓ ସମ୍ବେଦନଶୀଳ କରିବା ପାଇଁ ପ୍ରୟାସ କରାଯିବ ।
- ନିଯୁକ୍ତିଦାତାମାନଙ୍କ ପାଇଁ ଅର୍ଥଦଣ୍ଡର ବି ନିୟମ ରହିଛି । ଏହି ଆଇନର ବ୍ୟବସ୍ଥାକୁ ଅନୁସରଣ ନ କଲେ ନିଯୁକ୍ତିଦାତାଙ୍କୁ ୫୦ ହଜାର ଟଙ୍କାର ଜୋରିମାନା କରାଯାଇପାରିବ । ଯଦି ବାରମ୍ବାର

Digitized by srujanika@gmail.com

ଏହି ଆଇନକୁ ଉଲଘଂନ କରନ୍ତି ତେବେ ତାଙ୍କୁ ଅଧିକ ଅର୍ଥଦଣ୍ଡ ଦିଆଯାଇପାରେ କିମ୍ବା ତାଙ୍କର ବ୍ୟବସାୟ ଚଳାଇବା ପାଇଁ କରିଥିବା ଲାଇସେନ୍ସ ବା ପଞ୍ଜୀକରଣକୁ ବାତିଲ କରାଯାଇପାରିବ ।

❖ ସରକାର କର୍ମସ୍ଥଳକୁ କୌଣସି ଅଧିକାରୀଙ୍କୁ ପଠାଇ ଯେକୌଣସି ସଂସ୍ଥାର କର୍ମଚାରୀଙ୍କ ବିଷୟ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇପାରିବେ । କୌଣସି କ୍ଷେତ୍ରରେ ଯୌନ ନିର୍ଯ୍ୟାତନାର ଅଭିଯୋଗ ହେଲେ ସରକାର ବି ଏହାର ଅନୁସନ୍ଧାନ କରିପାରିବେ ।

ଅଭିଯୋଗ କମିଟି ଓ ଅଭିଯୋଗ ପଦ୍ଧତି

❖ **ଆଭ୍ୟନ୍ତରୀଣ ଅଭିଯୋଗ କମିଟି :** ଏହି ଆଇନ ଅନୁଯାୟୀ ପ୍ରତ୍ୟେକ ନିଯୁକ୍ତିଦାତା ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ବାଧ୍ୟ । ଏହି କମିଟି କ୍ଷତିଗ୍ରସ୍ତ ମହିଳାଙ୍କର ଅଭିଯୋଗ ଗ୍ରହଣ କରିବେ । ନିଯୁକ୍ତିଦାତା ଏହି କମିଟିର ସଭ୍ୟମାନଙ୍କୁ ମନୋନୀତ କରିବେ ଓ ଏଥିରେ ରହିବେ (କ) ଜଣେ ମୁଖ୍ୟ ଅଧିକାରୀ (ପ୍ରିଜାଇଡିଂ ଅଫିସର), (ଖ) କର୍ମଚାରୀମାନଙ୍କ ମଧ୍ୟରୁ ଅତି କମ୍‌ରେ ଦୁଇଜଣ ସଦସ୍ୟ, ଯେଉଁମାନେ ମହିଳାମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ କିମ୍ବା ଯେଉଁମାନଙ୍କର ସମାଜସେବା ବିଷୟରେ ଅଭିଜ୍ଞତା ରହିଛି କିମ୍ବା ଯେଉଁମାନଙ୍କର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ରହିଛି, (ଗ) ବେସରକାରୀ ସଂଗଠନ ବା ଏନ୍‌ଜିଓମାନଙ୍କ ମଧ୍ୟରୁ ଜଣେ ସଭ୍ୟ, ଯିଏ ମହିଳାମାନଙ୍କ ସମସ୍ୟା ବିଷୟରେ ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି ବା ଯୌନ ନିର୍ଯ୍ୟାତନା ସମ୍ପର୍କରେ ଯାହାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି । ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ମହିଳା କର୍ମଚାରୀମାନଙ୍କର ଅଂଶଗ୍ରହଣ ପାଇଁ ଆଇନ ଅନୁଯାୟୀ କମିଟିରେ ଅଧା ସଭ୍ୟ ମହିଳାମାନଙ୍କ ମଧ୍ୟରୁ ମନୋନୀତ ହେବା ଆବଶ୍ୟକ ।

❖ **ସ୍ଥାନୀୟ ଅଭିଯୋଗ କମିଟି :** ଯେଉଁ କ୍ଷେତ୍ରରେ ଆଭ୍ୟନ୍ତରୀଣ କମିଟି ଗଠିତ ହୋଇନାହିଁ ସେ କ୍ଷେତ୍ରରେ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଏକ ସ୍ଥାନୀୟ ଅଭିଯୋଗ କମିଟି ରହିବ । ଆଭ୍ୟନ୍ତରୀଣ କମିଟି ଗଠନ ନ ହେବାର କାରଣ ହେଉଛି ଯଦି ସଂସ୍ଥାରେ ଦଶଜଣରୁ କମ୍ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି କିମ୍ବା ଅଭିଯୋଗ ନିଯୁକ୍ତିଦାତାଙ୍କ ବିରୋଧରେ କରାଯାଇଛି । ସେପରି ସ୍ଥଳେ ଯେକୌଣସି ସଂସ୍ଥାର ଯୌନ ନିର୍ଯ୍ୟାତନା ଜନିତ କୌଣସି ଅଭିଯୋଗ ସ୍ଥାନୀୟ ଅଭିଯୋଗ କମିଟି ପାଖରେ ଉପସ୍ଥାପନ କରାଯିବ ।

❖ **ଅଭିଯୋଗ ପଦ୍ଧତି :** ଆଇନର ବ୍ୟବସ୍ଥାନୁଯାୟୀ ଯୌନ ନିର୍ଯ୍ୟାତନା ଜନିତ ଅଭିଯୋଗ ଜଣେ କ୍ଷତିଗ୍ରସ୍ତ ମହିଳା ଆଭ୍ୟନ୍ତରୀଣ କମିଟି ବା ସ୍ଥାନୀୟ କମିଟି ପାଖରେ କରିପାରିବେ । ଯଦି କାର୍ଯ୍ୟସ୍ଥଳରେ ସେ ଯୌନ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥାନ୍ତି ସେ ଏହି ଅଭିଯୋଗ ଆଣିପାରିବେ । ଯେଉଁ କ୍ଷେତ୍ରରେ ନିଯୁକ୍ତିଦାତାଙ୍କ ବିରୁଦ୍ଧରେ ଏହି ଅଭିଯୋଗ କରାଯାଇଛି ସେ କ୍ଷେତ୍ରରେ ଅଭିଯୋଗ ସ୍ଥାନୀୟ କମିଟି ପାଖରେ କରାଯିବ । ଆଇନ ଅନୁଯାୟୀ ଘଟଣା ଘଟିବାର ତିନିମାସ ମଧ୍ୟରେ ଅଭିଯୋଗ ଅଣାଯିବ । ଯେଉଁଠି ଏକାଧିକବାର ଘଟଣା ଘଟିଛି ସେ କ୍ଷେତ୍ରରେ ଶେଷ ଘଟଣାର ତିନିମାସ ମଧ୍ୟରେ ଅଭିଯୋଗ ଦାଖଲ କରାଯାଇପାରିବ । ଅଭିଯୋଗ ଲିଖିତ ଅଭିଯୋଗ ହେବା ଦରକାର । ଯେଉଁ କ୍ଷେତ୍ରରେ କ୍ଷତିଗ୍ରସ୍ତ ମହିଳା ଶାରୀରିକ ଅକ୍ଷମତା ଯୋଗୁଁ ନିଜେ ଅଭିଯୋଗ କରିବାକୁ ସମର୍ଥ ନୁହନ୍ତି ସେ କ୍ଷେତ୍ରରେ ତାଙ୍କ ତରଫରୁ ତାଙ୍କର କେହି ସମ୍ପର୍କୀୟ, ସାଥୀ, ସହକର୍ମୀ, ଜାତୀୟ ମହିଳା ଆୟୋଗର କେହି ଅଧିକାରୀ କିମ୍ବା ଘଟଣା ସମ୍ପର୍କରେ ଜାଣିଥିବା କୌଣସି ବ୍ୟକ୍ତି ମହିଳାଙ୍କ ଲିଖିତ ସମ୍ମତି ନେଇ ଅଭିଯୋଗ କରିପାରିବେ ।

Digitized by srujanika@gmail.com

ଦେବଦାସୀ (ଉତ୍ସର୍ଗ ପ୍ରତିଷେଧ) ଆଇନ

ଦେବଦାସୀ ଅର୍ଥ ଦେବତାଙ୍କର ମହିଳା ସେବିକା । ଏହି ପ୍ରାଚୀନ ପ୍ରଥା ଅନୁଯାୟୀ ସାଧାରଣତଃ ଅନୁସୂଚୀତ ଜାତିର ଜଣେ ଝିଅ ଯୌବନାବସ୍ଥା ପ୍ରାପ୍ତି ପୂର୍ବରୁ କିଶୋରୀ ଅବସ୍ଥାରେ ଏକ ମନ୍ଦିରର ଦେବତାଙ୍କୁ ସମର୍ପିତ ହୁଅନ୍ତି । ଆରମ୍ଭରେ ଦେବଦାସୀ ପ୍ରଥା ଏକ ଧାର୍ମିକ ଗୁରୁତ୍ୱ ରଖିଥିଲା, ପରେ ଏହା ଏକ କଳୁଷିତ ଯୌନ ଶୋଷଣରେ ରୂପାନ୍ତରିତ ହେଲା । ଦେବଦାସୀମାନେ ପ୍ରଥମେ ପୂଜକ ଗୋଷ୍ଠୀ ଓ ରାଜପରିବାରର ଲୋକମାନଙ୍କ ଦ୍ୱାରା ଉପଭୋଗ୍ୟା ହେଉଥିଲେ । ପରେ ଜମିଦାର ଓ ପ୍ରଭାବଶାଳୀ ଲୋକମାନଙ୍କ ଯୌନ ଲାଳସାର ଶୋଷଣ ହେଲେ । ଥରେ ଦେବତାଙ୍କ ପାଖରେ ସମର୍ପିତ ହେବା ପରେ ଦେବଦାସୀ ବିବାହ କରିପାରିବେ ନାହିଁ ଓ ଉଚ୍ଚଜାତିର ଲୋକମାନଙ୍କ ଦ୍ୱାରା ଦେହଜୀବୀ ହୋଇ ଜୀବନ ଅତିବାହିତ କରିବେ ଓ ଏପରିକି ଏକ ବେଶ୍ୟାଳୟକୁ ବିକ୍ରି ହେବେ ।

ଏହି ପ୍ରଥା କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଓଡ଼ିଶାରେ ପ୍ରଚଳିତ ଥିବା ଦେଖାଯାଏ । ଦେବଦାସୀ ପ୍ରଥାକୁ ବେଆଇନ କରିବାକୁ କୌଣସି ଜାତୀୟ ବିଧାୟନ ନାହିଁ । ତେବେ ଆନ୍ଧ୍ରପ୍ରଦେଶ ଏକ ଆଇନ କରିଛି, ଯାହା ଦେବଦାସୀ ଉତ୍ସର୍ଗ ପ୍ରତିଷେଧ ଆଇନ ୧୯୮୮ ଭାବେ ଜଣାଶୁଣା । ଆନ୍ଧ୍ରପ୍ରଦେଶର ଏହି ଆଇନ ଦ୍ୱାରା ଦେବଦାସୀମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା ହୋଇଛି । ସେହିପରି କର୍ଣ୍ଣାଟକ ସରକାର 'କର୍ଣ୍ଣାଟକ ଦେବଦାସୀ ଉତ୍ସର୍ଗ ପ୍ରତିଷେଧ ଆଇନ ୧୯୯୨' କରିଛନ୍ତି । ମହାରାଷ୍ଟ୍ରରେ ମଧ୍ୟ ଦେବଦାସୀ ପ୍ରଥା ବିଲୋପ ଆଇନ ୨୦୦୫ ହୋଇଛି ।

ମହିଳାଙ୍କ ଉପରେ ହେଉଥିବା ଅପରାଧର ତୁରନ୍ତ ବିଚାର ପାଇଁ କାର୍ଯ୍ୟପନ୍ଥା

କୋର୍ଟମାନଙ୍କରେ ପଡ଼ିରହିଥିବା ବହୁ ବିଚାରାଧୀନ ଘଟଣା ଯୋଗୁଁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସମ୍ଭବ ହେଉନାହିଁ । ଏଣୁ ତୁରନ୍ତ ବିଚାର ପାଇଁ ୨୦୦୦ରେ ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରାଗଲା । ଏକାଦଶ ଅର୍ଥ କମିଶନ ୧୭୩୪ଟି ଫାଷ୍ଟଟ୍ରାକ୍ କୋର୍ଟ (ଏଫ୍‌ଟିସି) ଦେଶରେ ସ୍ଥାପନ କରି ସେସନ୍ସ କୋର୍ଟ ଓ ଅନ୍ୟ କୋର୍ଟରେ ପଡ଼ିରହିଥିବା କେସ୍‌ମାନଙ୍କର ବିଚାର ପାଇଁ ସୁପାରିଶ

Digitized by srujanika@gmail.com

କରିଥିଲେ । ଏଫ୍‌ଟିସି ସ୍ଥାପନ କରି ସେସ୍‌ନ୍ କୋର୍ଟରେ ବହୁଦିନରୁ ବିଚାର ପାଇଁ ପଡ଼ିଥିବା କେସ୍ ଓ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବହୁ ବ୍ୟକ୍ତିଙ୍କର ଫଇସଲା କରିବାକୁ ଲକ୍ଷ୍ୟ ରଖାଗଲା । କେତେକ ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ, ମଧ୍ୟପ୍ରଦେଶ ଓ ଗୁଜୁରାଟରେ ଏହି କୋର୍ଟମାନ ଏକ ଲକ୍ଷରୁ ଅଧିକ କେସ୍‌ର ବିଚାର କରି ଫଇସଲା କରିଛନ୍ତି । ଏହି ଏଫ୍‌ଟିସିମାନ କେତେକ ରାଜ୍ୟରେ ବେଶ୍ କ୍ରିୟାଶୀଳ ଭାବେ କାର୍ଯ୍ୟ କରୁଛନ୍ତି ।

ଉତ୍ତର ପ୍ରଦେଶ ସରକାର ତାଙ୍କ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏଫ୍‌ଟିସିମାନ ସ୍ଥାପନ କରି ମହିଳାମାନଙ୍କ ଉପରେ ହେଉଥିବା ହିଂସା ଓ ମହିଳାମାନଙ୍କ ବିରୁଦ୍ଧରେ ଥିବା ଅଭିଯୋଗମାନଙ୍କର ତୁରନ୍ତ ଫଇସଲା କରିବାକୁ ସ୍ଥିର କରିଛନ୍ତି । ଉତ୍ତର ପ୍ରଦେଶ କ୍ୟାବିନେଟ୍ ଏହି କୋର୍ଟ ସ୍ଥାପନ କରି ମହିଳାମାନଙ୍କ ପ୍ରତି ହୋଇଥିବା ହିଂସା ଓ ମହିଳାମାନଙ୍କ ବିରୁଦ୍ଧରେ ଥିବା ଆପରାଧିକ ଅଭିଯୋଗମାନଙ୍କର ଶୁଣାଣି କରି ତା'ର ତୁରନ୍ତ ଫଇସଲା କରିବାକୁ ନିଷ୍ପତ୍ତି ନେଇଛନ୍ତି ।

୪.୪.୩ ଶିଶୁ ଅଧିକାର

ଦେଶର ସମସ୍ତ ଶିଶୁ, କିଶୋରମାନଙ୍କ ପାଇଁ ଭାରତରେ ବିଭିନ୍ନ ଆଇନ, ନିୟମ ଓ ବ୍ୟବସ୍ଥା ରହିଛି. ଯାହାଦ୍ୱାରା ସେମାନଙ୍କର ଅଧିକାର ସୁରକ୍ଷିତ ରହିପାରିବ । ବିଭିନ୍ନ ଆଇନ ସହିତ ଶିଶୁ, କିଶୋରମାନଙ୍କ ଅଧିକାର ସମ୍ପର୍କରେ କେତେକ ବ୍ୟବସ୍ଥା କରାଯାଇଛି ।

- କିଶୋର ନ୍ୟାୟ ଆଇନ (୨୦୦୦)
- ଶିଶୁ ଶ୍ରମିକ (ବାରଣ ଓ ନିୟନ୍ତ୍ରଣ) ଆଇନ (୧୯୮୬)
- କିଶୋର ବିବାହ ବାରଣ ଆଇନ (୨୦୦୬)
- ଶିକ୍ଷା ଅଧିକାର ଆଇନ (୨୦୦୯)
- ଯୌନ ଅପରାଧ କବଳରୁ ଶିଶୁ ସୁରକ୍ଷା ଆଇନ (୨୦୧୨)

Digitized by srujanika@gmail.com

ଶିକ୍ଷା ଅଧିକାର ଆଇନ, ୨୦୦୯

ଶିଶୁମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ବା ଶିକ୍ଷା ପାଇବାର ଅଧିକାର ଭାରତୀୟ ସଂସଦ ଦ୍ୱାରା ଗୃହୀତ ଏକ ଅଧିକାର । ଏହି ଆଇନ ୪ ଅଗଷ୍ଟ ୨୦୦୯ରେ ସଂସଦରେ ଗୃହୀତ ହୋଇଥିଲା ଓ ଏହାର ବ୍ୟବସ୍ଥାନୁଯାୟୀ ପ୍ରତ୍ୟେକ ଶିଶୁ/ କିଶୋର ୬ ବର୍ଷ ଠାରୁ ୧୪ ବର୍ଷ ମଧ୍ୟରେ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷା ଲାଭ କରିବା ତା'ର ଅଧିକାର । ଏହା ମଧ୍ୟ ସମ୍ବିଧାନପ୍ରସୂତ ଏକ ଅଧିକାର ।

ଏହି ଆଇନର କେତେକ ମୁଖ୍ୟ ବିଧି :

- ଛଅ ବର୍ଷରୁ ଉଚଚ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟକ ଶିଶୁ ଘର ନିକଟବର୍ତ୍ତୀ କୌଣସି ବିଦ୍ୟାଳୟରେ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷାଲାଭ କରିବାର ଅଧିକାର ତାହାର ରହିଛି । ପ୍ରାଥମିକ ଶିକ୍ଷା ସାର୍ବଜନୀନ ଭାବେ ପ୍ରତ୍ୟେକ ପିଲାଙ୍କ ପାଇଁ ଉପଲବ୍ଧ ହେବା ଆବଶ୍ୟକ ।
- ବେସରକାରୀ ବିଦ୍ୟାଳୟମାନେ ଏକ ଶ୍ରେଣୀର ୨୫ ପ୍ରତିଶତ ପିଲାଙ୍କୁ ସମାଜର ଦୁର୍ବଳ ଓ ଅନଗ୍ରସର ଶ୍ରେଣୀରୁ ନେବା ଆବଶ୍ୟକ । ଏହି ପିଲାମାନଙ୍କୁ ଯେକୌଣସି ପ୍ରକ୍ରିୟାରେ ମନୋନୀତ କରାଯାଇପାରେ । ସରକାର ଏହି ପିଲାଙ୍କର ଖର୍ଚ୍ଚ ଯୋଗାଇବେ ।
- କୌଣସି ଦାନ ଓ ପିଲା ପିଛା ଦେୟ ନିଆଯାଇପାରିବ ନାହିଁ ।
- ପିଲା ବା ଅଭିଭାବକଙ୍କ ପାଇଁ କୌଣସି ମୌଖିକ ପରୀକ୍ଷା କରାଯାଇପାରିବ ନାହିଁ ।
- କୌଣସି ପିଲାକୁ ଦମନ କରିବା, ବିତାଡ଼ିତ କରିବା ହୋଇପାରିବ ନାହିଁ । ପ୍ରାଥମିକ ଶିକ୍ଷା ସମାପ୍ତ ପୂର୍ବରୁ କୌଣସି ବୋର୍ଡ ପରୀକ୍ଷା ଦେବାର ବ୍ୟବସ୍ଥା ରହିବ ନାହିଁ ।
- ଏହି ଆଇନର ବିନିଯୋଗକୁ ତଦାରଖ କରିବା ପାଇଁ ଏକ ଆୟୋଗ ବା କମିଶନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଛି ।
- ଛାତ୍ର ଓ ଶିକ୍ଷକଙ୍କ ଭିତରେ ନିର୍ଦ୍ଦିଷ୍ଟ ଅନୁପାତ ରହିବ ।
- ଏହି ଆଇନରେ ଥିବା ସମସ୍ତ ବ୍ୟବସ୍ଥାକୁ ସମସ୍ତ ବିଦ୍ୟାଳୟ ଅବଲମ୍ବନ କରିବେ । ଏହା ନ କଲେ ବିଦ୍ୟାଳୟକୁ ବନ୍ଦ କରାଯିବ । ସମସ୍ତ ବ୍ୟବସ୍ଥାକୁ ପାଳନ କରିବା ପାଇଁ ବିଦ୍ୟାଳୟମାନଙ୍କୁ ତିନିବର୍ଷ ସମୟସୀମା ଦିଆଯାଇଛି ।
- ଆଇନରେ ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ପ୍ରଶିକ୍ଷଣ ବିଷୟରେ ସ୍ୱଷ୍ଟ ସୂଚନା ଦିଆଯାଇଛି ।
- ବେସରକାରୀ ଅଣ-ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କ ଛଡ଼ା ଅନ୍ୟ ସମସ୍ତ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ୭୫ ପ୍ରତିଶତ ଅଭିଭାବକ ବା ପିଲାମାନଙ୍କର ବାପାମାଆ ସଭ୍ୟ ରହିବେ ।

ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨

ଯୌନ ଅପରାଧ ବା ଶୋଷଣରୁ ଶିଶୁ / କିଶୋରମାନଙ୍କୁ ସୁରକ୍ଷା ଦେବାକୁ ୨୦୧୨ରେ ଏହି ଆଇନରେ ୧୮ ବର୍ଷରୁ ସାନମାନଙ୍କୁ ପିଲା ବା କିଶୋର କୁହାଯାଉଛି ଓ ସେମାନେ କୌଣସି ପ୍ରକାରର ଯୌନ ଆକ୍ରମଣ, ଶୋଷଣ, ଉତ୍ପୀଡ଼ନ ଓ ନଗ୍ନତାରୁ ମୁକ୍ତ ରହିବେ । ପିଲାମାନଙ୍କର ଏହି ସୁରକ୍ଷା ବିଷୟ ପ୍ରଥମ କରି ଆଇନରେ କୁହାଯାଇଛି ଓ ଏ ପ୍ରକାରର ଅପରାଧର ସଂଜ୍ଞା ଦିଆଯାଇଛି । ଏହି ଆଇନରେ ଅପରାଧର ଗୁରୁତ୍ୱ ନେଇ ଦଣ୍ଡ ବ୍ୟବସ୍ଥାକୁ କଠୋର କରାଯାଇଛି । ଏହି ଦଣ୍ଡକୁ ସାଧାରଣ ଜେଲ୍‌ଠାରୁ

Digitized by srujanika@gmail.com

ସପ୍ତମ କାରାଦଣ୍ଡ ଓ ପୃଥକ ସମୟସୀମା ପାଇଁ ବ୍ୟବସ୍ଥା ରଖାଯାଇଛି । ପ୍ରଥମତଃ ଯୌନ ଶୋଷଣ ଜନିତ ଶିଶୁ ସୁରକ୍ଷା ଆଇନ ପୁଅ ଝିଅ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଓ ଏହା ଲିଙ୍ଗ-ନିରପେକ୍ଷ । ଏ କ୍ଷେତ୍ରରେ ପିଲାର ସମ୍ମତି ପ୍ରଶ୍ନ ଅବାନ୍ତର ।

ଦ୍ୱିତୀୟରେ ଏହି ଘଟଣାକୁ ଜଣାଇବା ଆଇନସମ୍ମତ । କୌଣସି ପିଲା ଯୌନ ଶୋଷଣର ଶିକାର ହେଉଥିଲେ ଆଇନର ୧୯(୧) ଧାରା ଅନୁଯାୟୀ ଏହା ପୁଲିସରେ ଜଣାଇବା ବାଧ୍ୟତାମୂଳକ ।

ତୃତୀୟରେ ଜଣେ ପିଲା ବିରୁଦ୍ଧରେ କେତେ ପ୍ରକାରର ଯୌନ ଶୋଷଣ ହୁଏ ତାହା ସେକ୍ସନ ୩ରେ ଉଲ୍ଲେଖ ରହିଛି । *(ଆଇନ ଅନୁଯାୟୀ ଜଣେ ପିଲାର ଯୋନିମୁଖ, ପାଟି, ମୂତ୍ରଦ୍ୱାର, ମଳଦ୍ୱାର ଭିତରେ ଜଣେ ନିଜର ଲିଙ୍ଗ ସ୍ପର୍ଶ କରିବା ବା ଯାହାକି ପୁରାଇବା କିମ୍ବା ଜଣେ ପିଲାକୁ ତାଙ୍କ ପାଖରେ ବା ଅନ୍ୟ ପାଖରେ ଏହି କାର୍ଯ୍ୟ କରିବାକୁ କହିବା ଏକ ଯୌନ ଅପରାଧ ଭାବେ ନିଆଯିବ । 'ଅନ୍ୟ ପାଖରେ' କହିବାର ତାତ୍ପର୍ଯ୍ୟ ହେଉଛି ଜଣେ ମହିଳା ବି ଏ କ୍ଷେତ୍ରରେ ଅପରାଧୀ ହୋଇପାରନ୍ତି । ଆଇନର ଧାରା ୩ (ଏ)ରେ ଜଣେ ନାରୀ ଅପରାଧୀ ହୋଇପାରନ୍ତି କିମ୍ବା କ୍ଷତିଗ୍ରସ୍ତ ମଧ୍ୟ ହୋଇପାରନ୍ତି ବୋଲି କୁହାଯାଇଛି ।)*

ଚତୁର୍ଥରେ ଘଟଣାର ବିଚାରବେଳେ ଅପ୍ରାପ୍ତବୟସ୍କ ପିଲାର ସୁରକ୍ଷା ବିଷୟ ମଧ୍ୟ ଆଇନରେ ବ୍ୟବସ୍ଥା ରହିଛି ।

ପଞ୍ଚମରେ, ସେକ୍ସନ ୫ (ଜେ) : *(ଜଣେ ବାଳୁତ ସହିତ ଲିଙ୍ଗ ପ୍ରବେଶ ଜନିତ ଘଟଣାରେ ଯଦି ବାଳୁତଟି ବାଳିକା ହୋଇଥାଏ ଓ ଏହି କ୍ରିୟାରୁ ଗର୍ଭ ସଂଚାର ହୁଏ, ତେବେ ତାହା ଏକ ଅପରାଧ । ଏକ ଗର୍ହିତ କାର୍ଯ୍ୟରେ ଯଦି ଜଣେ ମହିଳା ସାହାଯ୍ୟ କରିଥାନ୍ତି ସେ ମଧ୍ୟ ସେକ୍ସନ ୧୬ ଅନୁଯାୟୀ ଦୋଷୀ ।)*

ଆଇନର କେତେକ ମୁଖ୍ୟ ବ୍ୟବସ୍ଥା

- ଏହି ଘଟଣା ପୁଲିସ ପାଖରେ ପହଞ୍ଚିବା ପରେ ଚବିଶ ଘଣ୍ଟା ମଧ୍ୟରେ ପୁଲିସ ଶିଶୁ ମଙ୍ଗଳ ସମିତି (ଚାଇଲଡ ୱେଲଫେୟାର କମିଟି ବା ସିଡବ୍ଲୁସି)କୁ ଏହା ଜଣାଇବେ ।

Digitized by srujanika@gmail.com

❖ ଅପ୍ରାପ୍ତବୟସ୍କ କିଶୋରର ବକ୍ତବ୍ୟ ଜଣେ ମହିଳା ପୁଲିସ ଅଧିକାରୀ ତାଙ୍କ (ପୀଡ଼ିତାଙ୍କ) ଘରେ କିମ୍ବା ପୀଡ଼ିତାଙ୍କ ଦ୍ୱାରା ମନୋନୀତ ସ୍ଥାନରେ ଲିପିବଦ୍ଧ କରିବେ ।

❖ ଘଟଣାର ତୁରନ୍ତ ବିଚାର କରାଯିବ ଓ ଏହାକୁ କ୍ୟାମେରା ପ୍ରୋସିଡିଙ୍ଗ ଦ୍ୱାରା ଗୋପନୀୟ ରଖାଯିବ ।

❖ ଅପ୍ରାପ୍ତବୟସ୍କକୁ କୋର୍ଟକୁ ବାରମ୍ବାର ଡକାଯିବ ନାହିଁ ଓ ତା'ର ମତ ଭିଡିଓ ସାହାଯ୍ୟରେ ତା' ବାସସ୍ଥାନରୁ ସଂଗ୍ରହ କରାଯିବ ।

❖ କ୍ଷତିଗ୍ରସ୍ତ ପିଲାର ଡାକ୍ତରୀ ପରୀକ୍ଷା ପିଲାର ବିଶ୍ୱାସ ଥିବା କେହି ସମ୍ପର୍କୀୟଙ୍କ ଉପସ୍ଥିତିରେ ଜଣେ ମହିଳା ଡାକ୍ତରଙ୍କ ପାଖରେ କରାଯିବ । ଯଦି ପିଲାର ବାପା, ମା', ବା କେହି ଅଭିଭାବକ ଉପସ୍ଥିତ ଥାଆନ୍ତି ତାଙ୍କର ମତ ନେଇ କରାଯିବ ନ ହେଲେ ପିଲା ତରଫରୁ ଡାକ୍ତରଙ୍କ ମତ ଆବଶ୍ୟକ ହେବ ।

❖ ପ୍ରତିପକ୍ଷ ଯେଉଁ ପ୍ରଶ୍ନ କରିବେ ତାହା ବିଚାରପତିଙ୍କ ସୁପାରିଶ / ଅନୁମତି କ୍ରମେ କରିବେ ଓ କିଶୋରଙ୍କୁ ଆକ୍ରମଣାତ୍ମକ ବା ଚରିତ୍ରକୁ ଆକ୍ଷେପ କରିବା ଭଳି ପ୍ରଶ୍ନ କରିପାରିବେ ନାହିଁ ।

❖ ଘଟଣାର ବିବରଣୀ ସମ୍ପର୍କରେ ସାକ୍ଷ୍ୟ ଦେବା ସମୟରେ ଅପ୍ରାପ୍ତବୟସ୍କକୁ କୌଣସି ଅପମାନଜନକ ଭାଷା ବା ପରିସ୍ଥିତିର ସମ୍ମୁଖୀନ କରାଯିବ ନାହିଁ ।

ଏହି ପ୍ରକାରର ଅପରାଧ ପାଇଁ କ'ଣ ଦଣ୍ଡର ବ୍ୟବସ୍ଥା ରହିଛି ?

❖ ଯୌନାଙ୍ଗ ପ୍ରବେଶ ଜନିତ ଅପରାଧ ପାଇଁ ସାତବର୍ଷ କାରାଦଣ୍ଡଠାରୁ ଆଜୀବନ କାରାଦଣ୍ଡ ଦିଆଯିବା ସହ ଜୋରିମାନା କରାଯାଇପାରିବ (ଧାରା ୩ ଓ ୪) ।

❖ ଗୁରୁତର ଯୌନାଙ୍ଗ ପ୍ରବେଶ ଜନିତ ଉତ୍କଟ ଅପରାଧ ପାଇଁ ଦଶବର୍ଷରୁ କମ୍ କାରାଦଣ୍ଡ ଦିଆଯିବ ନାହିଁ । ଏହା ଆଜୀବନ କାରାଦଣ୍ଡ ସହ ଜୋରିମାନା ବି ହୋଇପାରେ (ଧାରା ୫ ଓ ୬) ।

Digitized by srujanika@gmail.com

* ଯୌନ ଆକ୍ରମଣାତ୍ମକ କାର୍ଯ୍ୟ ପାଇଁ ତିନିବର୍ଷରୁ ପାଞ୍ଚବର୍ଷ ପାଇଁ କାରାଦଣ୍ଡ ସହ ଜୋରିମାନା କରାଯିବ (ଧାରା ୭ ଓ ୮)।
* ଗୁରୁତର ଯୌନ ଆକ୍ରମଣାତ୍ମକ କାର୍ଯ୍ୟ ପାଇଁ ଅତି କମ୍‌ରେ ପାଞ୍ଚବର୍ଷରୁ ସାତବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ସହ ଜୋରିମାନା କରାଯିବ (ଧାରା ୯ ଓ ୧୦)।
* ଶିଶୁକୁ ଯୌନ ଉତ୍ପୀଡ଼ନ ପାଇଁ ତିନିବର୍ଷ କାରାଦଣ୍ଡ ସହ ଜୋରିମାନା କରାଯିବ (ଧାରା ୧୧ ଓ ୧୨)।
* ଅଶ୍ଳୀଳ କାର୍ଯ୍ୟ ପାଇଁ ଶିଶୁକୁ ନିୟୋଜିତ କରିବା ଅପରାଧ ପାଇଁ ପାଞ୍ଚବର୍ଷ କାରାଦଣ୍ଡ ଓ ଜୋରିମାନା ଓ ଏକାଧିକବାର ଏହି ପ୍ରକାର ଅପରାଧ ପାଇଁ ସାତବର୍ଷ କାରାଦଣ୍ଡ ଓ ଜୋରିମାନା (ଧାରା ୧୩ ଓ ୧୪ (୧)।

ଏହି ପ୍ରକାରର ଅପରାଧର ବିଚାର ପାଇଁ ଆଇନରେ ସ୍ୱତନ୍ତ୍ର କୋର୍ଟର ପ୍ରତିଷ୍ଠା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ତେବେ ଏଥିରେ ପିଲାର ମଙ୍ଗଳକୁ ପ୍ରାଧାନ୍ୟ ଦିଆଯାଇଛି। ପିଲାକୁ ଏକ ସୌହାର୍ଦ୍ଦପୂର୍ଣ୍ଣ ପରିବେଶ ମଧ୍ୟରେ ରଖି ତା'ର ମତ ନେବା, ଘଟଣାକୁ ଲିପିବଦ୍ଧ କରିବା, ଅନୁସନ୍ଧାନ କରିବା ଓ ବିଚାର କରିବା ପାଇଁ ଉଦ୍ୟମ କରାଯିବ।

ବାଳଶ୍ରମିକ ଉଚ୍ଛେଦ ଆଇନ ସଂଶୋଧନ, ୨୦୦୬

ଭାରତରେ ବାଳଶ୍ରମିକ ଆଇନ ୧୯୮୬ (ଉଚ୍ଛେଦ ଓ ନିୟନ୍ତ୍ରଣ) ଏକ ବଡ଼ ବିବାଦୀୟ ବିଷୟ। ପିଲାମାନେ କେଉଁ ସ୍ଥାନରେ ଓ କିପରି କାର୍ଯ୍ୟ କରିବେ ଓ କେଉଁ କ୍ଷେତ୍ରରେ କରିବେ ନାହିଁ ତାହା ଏହି ଆଇନରେ ସୂଚୀତ ହୋଇଛି। ଏହି ଆଇନର ଭାଗ - ୩ରେ ଥିବା ବ୍ୟବସ୍ଥାକୁ ଛାଡ଼ି ଆଇନର ପ୍ରକାଶ ପରଠାରୁ ଏହା ତତ୍‌କ୍ଷଣାତ କାର୍ଯ୍ୟକାରୀ ହେବା ଏଥିରେ କୁହାଯାଇଛି। ତୃତୀୟ ଭାଗ (ପାର୍ଟ-୩)ରେ କେଉଁ କ୍ଷେତ୍ରରେ ପିଲା କାର୍ଯ୍ୟ କରିପାରିବ ତାହା ଦର୍ଶାଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଦିନଠାରୁ ତୃତୀୟ ଭାଗର ବିଧାନ କାର୍ଯ୍ୟକାରୀ ହେବ (ଏହି ଦିନକୁ ୨୬ ମେ ୧୯୯୩ ବୋଲି ସ୍ଥିର କରାଯାଇଛି)।

Digitized by srujanika@gmail.com

ଆଇନର ମୁଖ୍ୟ ଲକ୍ଷଣ :

ଆଇନ :

- ଚଉଦ ବର୍ଷ ପୂରଣ କରି ନ ଥିବା କୌଣସି ବ୍ୟକ୍ତିକୁ ସୂଚୀତ ନିୟମ ଭାଗ ଏ ଓ ଭାଗ ବି (ପାର୍ଟ ଏ ଓ ପାର୍ଟ ବି)ରେ କାର୍ଯ୍ୟ କରିବାକୁ ବା କୌଣସି ବୃତ୍ତିରେ ନିଯୁକ୍ତି ଦିଆଯିବାକୁ ନିଷେଧ କରାଯାଇଛି ।
- ନିଷେଧ କରାଯାଇଥିବା ସୂଚୀତ ବୃତ୍ତିରେ ପରିବର୍ତ୍ତନ ପାଇଁ ଏକ ପଦ୍ଧତି ସ୍ଥିର କରାଯାଇଛି ।
- ଯେଉଁ କ୍ଷେତ୍ରରେ ପିଲାମାନେ କାର୍ଯ୍ୟ କରିବା ପାଇଁ ନିଷେଧ କରାଯାଇନାହିଁ ସେ କ୍ଷେତ୍ରରେ କାର୍ଯ୍ୟ ପାଇଁ ଉପଯୁକ୍ତ ସର୍ତ୍ତଗୁଡ଼ିକ ବର୍ଣ୍ଣନା କରାଯାଇଛି ।
- ଆଇନକୁ ଉଲଘନ କରି ପିଲାମାନଙ୍କୁ ନିଯୁକ୍ତି ଦିଆଯାଇଥିଲେ ସେଥିପାଇଁ ଜୋରିମାନା ଦେବାକୁ ବ୍ୟବସ୍ଥା ହୋଇଛି ।

ଧାରା ୩ରେ ଥିବା ନିୟମର ବ୍ୟତିକ୍ରମ କରି କୌଣସି ପିଲାକୁ ନିଯୁକ୍ତି ଦିଆଯାଇଥିଲେ ବା କାମ କରିବାକୁ କୁହାଯାଇଥିଲେ ଦଣ୍ଡ ସ୍ୱରୂପ ଏକବର୍ଷ କାରାଦଣ୍ଡ (ସର୍ବନିମ୍ନ ତିନିମାସ) ଓ ୨୦ ହଜାର ଟଙ୍କା (ସର୍ବନିମ୍ନ ଦଶ ହଜାର) ଜୋରିମାନା ଦେବାକୁ ଧାରା ୧୪ରେ କୁହାଯାଇଛି ।

ଯେଉଁ କ୍ଷେତ୍ରରେ ପିଲାମାନେ କାର୍ଯ୍ୟ କରିବାକୁ ନିଷେଧ କରାଯାଇନାହିଁ ସେ କ୍ଷେତ୍ରରେ ନିମ୍ନ ବ୍ୟବସ୍ଥା ରହିବା ଆବଶ୍ୟକ, ଯଥା :

- ମଝିରେ ଅଧଘଣ୍ଟାଏ ବିରତି ସହିତ ସମୁଦାୟ ଛଅ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରିବାକୁ କୁହାଯିବ ନାହିଁ ।
- କୌଣସି ପିଲାକୁ ରାତି ୭ଟାରୁ ସକାଳ ୮ ଭିତରେ କାମ କରିବାକୁ କୁହାଯାଇ ପାରିବ ନାହିଁ ।
- କୌଣସି ପିଲାକୁ ନିର୍ଦ୍ଧାରିତ ସମୟସୀମାଠାରୁ ଅଧିକ ସମୟ ବା ଓଭର ଟାଇମ୍ କାମ କରିବାକୁ କୁହାଯିବ ନାହିଁ ।
- ପ୍ରତ୍ୟେକ ପିଲା ସପ୍ତାହରେ ଗୋଟିଏ ଦିନ ଛୁଟି ପାଇବ । ନିଯୁକ୍ତିଦାତା ପିଲାଙ୍କ ନିଯୁକ୍ତି ବିଷୟରେ ଇନ୍‌ସପେକ୍ଟରଙ୍କୁ ସମସ୍ତ ତଥ୍ୟ ଦେବା ତାଙ୍କର କର୍ତ୍ତବ୍ୟ । ନିଯୁକ୍ତିଦାତା ଏହି ବିଷୟରେ ଏକ ରେଜିଷ୍ଟରରେ (ଖାତା) ସମସ୍ତ ତଥ୍ୟ ଓ ବିବରଣୀ ଉଲ୍ଲେଖ ରଖିବେ ।

ଘରୋଇ ଚାକର, ଢାବା, ଜଳଖିଆ ଦୋକାନ, ହୋଟେଲ, ମୋଟେଲ, ଚା' ଦୋକାନ, ରିସର୍ଟ (ପର୍ଯ୍ୟଟନ ସ୍ଥଳ), ଆରାମଦାୟକ କେନ୍ଦ୍ରରେ ପିଲାମାନଙ୍କୁ ନିଯୁକ୍ତି ଦେବାକୁ ସରକାର ନିଷେଧ କରିଛନ୍ତି । ଏହି ନିଷେଧାଦେଶ ଦ୍ୱାରା ଶିଶୁ ଶ୍ରମିକ (ଉଚ୍ଛେଦ ଓ ନିୟନ୍ତ୍ରଣ) ଆଇନ ୧୯୮୬ ୧୦ ଅକ୍ଟୋବର ୨୦୦୬ରୁ ଲାଗୁ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୧୬ଟି ବୃତ୍ତିରେ ଓ ୬୫ଟି ପ୍ରକ୍ରିୟାରେ ପିଲାମାନଙ୍କର ନିଯୁକ୍ତିକୁ ନିଷେଧ କରାଯାଇଛି ।

କିଶୋର ନ୍ୟାୟ (ପିଲାମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫

କିଶୋର ନ୍ୟାୟ (ଜୁଭେନାଇଲ ଜଷ୍ଟିସ୍) ଆଇନ ୨୦୧୫ (ପିଲାମାନଙ୍କର ଯତ୍ନ ଓ ସୁରକ୍ଷା)କୁ ରାଷ୍ଟ୍ରପତି ଡିସେମ୍ବର ୩୧, ୨୦୧୫ରେ ସ୍ୱୀକୃତି ଦେବା ପରେ ଏହା ଜାନୁଆରୀ ୧, ୨୦୧୬ଠାରୁ କାର୍ଯ୍ୟକାରୀ ହୋଇଛି । ୨୦୧୫ର ଆଇନ, କିଶୋର ଆଇନ (ପିଲାମାନଙ୍କର ଯତ୍ନ ଓ ସୁରକ୍ଷା) ୨୦୦୦ ସ୍ଥାନରେ ବ୍ୟବହୃତ ହେବ । ନୂଆ ଆଇନ ପୁରୁଣା ଆଇନ ବଦଳରେ କାର୍ଯ୍ୟକାରୀ ହେବ । ୧୬ ବର୍ଷରୁ ୧୮ ବର୍ଷ ମଧ୍ୟରେ କିଛି ଗୁରୁତର ଆପରାଧିକ କାର୍ଯ୍ୟ କରିଥିଲେ ସେମାନଙ୍କୁ ପ୍ରାପ୍ତ ବୟସ୍କ ଭାବେ ବିଚାର କରାଯିବ । ଏହି ବୈଧାନିକ ବ୍ୟବସ୍ଥାକୁ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମାଜକର୍ମୀମାନେ ସମାଲୋଚନା କରୁଛନ୍ତି ।

Digitized by srujanika@gmail.com

ଏହି ଆଇନର ମୁଖ୍ୟ ବ୍ୟବସ୍ଥା :

କିଶୋର ନ୍ୟାୟ (ବା ଜୁଭେନାଇଲ୍ ଜଷ୍ଟିସ୍) ଆଇନ, ୨୦୧୫ ଉଭୟ ଶ୍ରେଣୀର ପିଲାମାନଙ୍କ ବିଷୟକୁ ବିଚାରକୁ ନେଇଛି ।

ଆଇନ ସହ ପିଲାଙ୍କର ଦ୍ୱନ୍ଦ୍ୱ :

❖ ୧୮ ବର୍ଷରୁ ସାନ ସମସ୍ତ ପିଲାମାନଙ୍କୁ ସମାନ ଦୃଷ୍ଟିରେ ନିଆଯିବ । ତେବେ ୧୬ ବର୍ଷରୁ ୧୮ ବର୍ଷ ଭିତରେ କୌଣସି ପିଲା ଯଦି ଅତ୍ୟନ୍ତ ଗୁରୁତର ଆପରାଧିକ କାର୍ଯ୍ୟରେ ସଂପୃକ୍ତ ହୁଅନ୍ତି, ତେବେ ତାଙ୍କୁ ପ୍ରାପ୍ତବୟସ୍କ ଭାବେ ନେଇ ତାଙ୍କର ବିଚାର ହେବ ।

❖ ୧୬ ବର୍ଷରୁ ୧୮ ବର୍ଷ ଭିତରେ ଯଦି କେହି ପିଲା କମ୍ ଗୁରୁତର ଅପରାଧ (ତଥାପି ମଧ୍ୟ ଗୁରୁତର) କାର୍ଯ୍ୟ କରନ୍ତି ଓ ତାଙ୍କୁ ଯଦି ୨୧ ବର୍ଷ ପରେ ଗିରଫ କରାଯାଏ, ତେବେ ତାଙ୍କର ବିଚାର ପ୍ରାପ୍ତବୟସ୍କ ପରି ହେବ ।

❖ ଏକ ଅତ୍ୟନ୍ତ ଗୁରୁତର ଅପରାଧ କ୍ଷେତ୍ରରେ ସାତବର୍ଷ ଜେଲ୍‌ଦଣ୍ଡ ମିଳିବ । ଏକ ଗୁରୁତର ଅପରାଧ କ୍ଷେତ୍ରରେ ତିନିବର୍ଷରୁ ସାତ ବର୍ଷ ପର୍ଯ୍ୟନ୍ତ ଓ ଏକ ସାଧାରଣ ଅପରାଧ କ୍ଷେତ୍ରରେ ତିନିବର୍ଷ ଜେଲ୍‌ଦଣ୍ଡ ମିଳିବ । କୌଣସି ପିଲାଙ୍କୁ ମୃତ୍ୟୁଦଣ୍ଡ ବା ଆଜୀବନ କାରାଦଣ୍ଡ ଦିଆଯାଇପାରିବ ନାହିଁ ।

❖ ପ୍ରତ୍ୟେକ ଜିଲ୍ଲାରେ କିଶୋର ନ୍ୟାୟ ବୋର୍ଡମାନ ଗଠିତ ହେବ ଓ ଏଥିରେ ଜଣେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଓ ଦୁଇଜଣ ସମାଜକର୍ମୀ ସଭ୍ୟ ରହିବେ । ସେହି ଦୁଇଜଣଙ୍କ ମଧ୍ୟରୁ ଜଣେ ମହିଳା ହୋଇଥିବା ଆବଶ୍ୟକ । କୌଣସି କିଶୋର କିଛି ଅପରାଧ କଲେ ଏହି ବୋର୍ଡ ତାହାର ପ୍ରାଥମିକ ଅନୁସନ୍ଧାନ କରିବ । ଏହି ଅନୁସନ୍ଧାନ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ହେବ ଓ ପିଲାଟିକୁ ଥଇଥାନ କେନ୍ଦ୍ରକୁ ପଠାଯିବ ବା ଏକ ପ୍ରାପ୍ତବୟସ୍କ ପରି ବିଚାର

Digitized by srujanika@gmail.com

ହେବାକୁ କୋର୍ଟକୁ ପଠାଯିବ ତାହା ସ୍ଥିର କରିବେ । ବୋର୍ଡ ମନୋବିଜ୍ଞାନୀ, ମାନସିକ-ସମାଜକର୍ମୀ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କର ମତ ନେଇ ଏହା ସ୍ଥିର କରିବ ।

- ପିଲାଙ୍କ କୋର୍ଟ ଏକ ସ୍ୱତନ୍ତ୍ର କୋର୍ଟ, ଯାହା ଶିଶୁ ଅଧିକାର ସୁରକ୍ଷା ଆଇନ ୨୦୦୫ ଅନୁଯାୟୀ ଗଠିତ ହୋଇଛି । ଏହା ମଧ୍ୟ ଯୌନ ଅପରାଧ ଜନିତ ଶିଶୁ ସୁରକ୍ଷା ଆଇନ ୨୦୧୨କୁ ଆଧାର କରିଛି । ଏହି କୋର୍ଟ ସ୍ଥାପନ ହୋଇ ନ ଥିଲେ ଜଣେ କିଶୋରକୁ ଆଇନର ପରିସର ଭିତରେ ଥିବା ସେସନ୍ସ କୋର୍ଟରେ ବିଚାର କରାଯିବ ।

ଶିଶୁ ଯତ୍ନ ଓ ସୁରକ୍ଷା (ଆବଶ୍ୟକ କରୁଥିବା)

ଶିଶୁ ମଙ୍ଗଳ ସମିତି (ଚିଲ୍‌ଡ୍ରେନ୍ ୱେଲ୍‌ଫେୟାର କମିଟି ବା ସିଡବ୍ଲୁସି) ପ୍ରତ୍ୟେକ ଜିଲ୍ଲାରେ ଗଠିତ ହେବ । ଏଥିରେ ଜଣେ ସଭାପତି (ଚେୟାରପର୍ସନ) ଓ ଶିଶୁମାନଙ୍କ ବିଷୟରେ ଅଭିଜ୍ଞତା ଥିବା ଚାରିଜଣ ବ୍ୟକ୍ତି ସଭ୍ୟ ରହିବେ, ସେମାନଙ୍କ ମଧ୍ୟରୁ ଜଣେ ମହିଳା ରହିବା ଆବଶ୍ୟକ । ଜଣେ ପରିତ୍ୟକ୍ତ ଶିଶୁକୁ ଏକ କେୟାର ହୋମ୍ (ଶିଶୁ ଯତ୍ନ ଗୃହ), ପୋଷ୍ୟ ସନ୍ତାନ ବା ଅନ୍ୟ ଦାୟିତ୍ୱରେ ଲାଳିତ-ପାଳିତ ହେବାକୁ ଦିଆଯିବ, ତାହା ଶିଶୁ ମଙ୍ଗଳ ସମିତି ନିଷ୍ପତ୍ତି ନେବ ।

ଅନ୍ୟାନ୍ୟ ମୁଖ୍ୟ ବ୍ୟବସ୍ଥା :

- କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ରିସୋର୍ସ ଏଜେନ୍ସୀ ଅନାଥ ପିଲାମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ନିୟମ ପ୍ରଣୟନ କରିବେ । ଗୋଟିଏ ପିଲାକୁ ପୋଷ୍ୟ ସନ୍ତାନ ପାଇଁ ଘୋଷଣାର ତିରିଶ ଦିନ ଭିତରେ କେହି ତାକୁ ପୋଷ୍ୟ ସନ୍ତାନ ଭାବେ ନେଇପାରିବେ । ଯଦି ଏହି ସମୟ ମଧ୍ୟରେ ନିଜ ଦେଶରୁ ପୋଷ୍ୟ ସନ୍ତାନ ଭାବେ ପିଲାକୁ ନେବାପାଇଁ କେହି ଆଗ୍ରହ କରିବେ ନାହିଁ ଅନ୍ୟ ଦେଶର କୌଣସି ବ୍ୟକ୍ତି ପୋଷ୍ୟ ସନ୍ତାନ ଭାବେ ମଧ୍ୟ ପିଲାକୁ ନେଇପାରିବେ । ଆନ୍ତର୍ଦେଶୀୟ ପୋଷ୍ୟ ସନ୍ତାନ ବ୍ୟବସ୍ଥାକୁ ଆଇନରେ ସ୍ୱୀକୃତି ଦିଆଯାଇଛି ।

- ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଚାହୁଁଥିବା ପିତା-ମାତା ଶାରୀରିକ ଓ ଆର୍ଥିକ ସ୍ତରରେ ସୁସ୍ଥ ଥିବା ଆବଶ୍ୟକ । ଜଣେ ଏକକ ବ୍ୟକ୍ତି ବା ସ୍ୱାମୀ ସ୍ତ୍ରୀଙ୍କ ଭିତରେ ବିବାହ ବିଚ୍ଛେଦ ହୋଇଥିବା କେହି ବ୍ୟକ୍ତି ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ । ତେବେ ଜଣେ ଏକକ ପୁରୁଷ ଲୋକ ଏକ ଝିଅକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିପାରିବେ ନାହିଁ । ଭିନ୍ନକ୍ଷମ ପିଲାମାନଙ୍କୁ କେହି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଚାହୁଁଥିଲେ ତାହାକୁ ଅଗ୍ରାଧିକାର ଦିଆଯିବ ।

- ଯେଉଁ ଶିଶୁମାନେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଛନ୍ତି ସେମାନଙ୍କୁ ଲାଳନପାଳନ କରିବାକୁ ଚାହୁଁଥିବା ପରିବାର ଦାୟିତ୍ୱରେ ଶିଶୁ ମଙ୍ଗଳ ସମିତି ନିଷ୍ପତ୍ତି ଅନୁଯାୟୀ ଦିଆଯାଇପାରେ । ଏହିଭଳି ପରିବାର ବାଛିବାରେ ପରିବାରର ସାମର୍ଥ୍ୟ, ଉଦ୍ଦେଶ୍ୟ ଓ ପିଲାମାନଙ୍କୁ ପୂର୍ବରୁ ନେଇଥିବା ଯତ୍ନର ଅଭିଜ୍ଞତାକୁ ଆଧାରକୁ ନିଆଯାଏ ।

- ପିଲାମାନଙ୍କୁ ବିକାକିଣା କାର୍ଯ୍ୟରେ କେହି ସଂପୃକ୍ତ ହେଲେ ପାଞ୍ଚବର୍ଷ କାରାଦଣ୍ଡରେ ଦଣ୍ଡିତ ହେବେ । କୌଣସି ପିଲାକୁ କେହି ନିଶା, ମାଦକଦ୍ରବ୍ୟ ଭଳି ଜିନିଷ ଦେଲେ ସେଥିପାଇଁ ସାତବର୍ଷ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଛି ।

- ଶିଶୁ-ଯତ୍ନ ଅନୁଷ୍ଠାନମାନଙ୍କୁ ପଞ୍ଜୀକୃତ କରାଯିବା । ଶିଶୁ-ଯତ୍ନ କେନ୍ଦ୍ରରେ ଶିଶୁମାନଙ୍କୁ ଶାରୀରିକ ଦଣ୍ଡ ଦେଲେ ତାହା ଦଣ୍ଡନୀୟ ହେବ ।

- ଗଣମାଧ୍ୟମରେ ବାଳଅପରାଧୀଙ୍କ ପରିଚୟ ଘୋଷଣା କରାଯାଇପାରିବ ନାହିଁ ।

Digitized by srujanika@gmail.com

୪.୪.୪ ଅନ୍ୟ କେତେକ ସମ୍ପର୍କିତ ବ୍ୟବସ୍ଥା

ବିଦ୍ୟାଳୟରେ ଶାରୀରିକ ଦଣ୍ଡ ନିଷେଧ ସମ୍ପର୍କିତ ନିର୍ଦ୍ଦେଶନାମା :

୨୦୦୯-୧୦ରେ ସାତୋଟି ରାଜ୍ୟରେ ହୋଇଥିବା ଅନୁଶୀଳନରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ବିଭିନ୍ନ କ୍ଷେତ୍ରରେ କେତେକ ନିୟମ ପ୍ରସ୍ତୁତ କରିଛନ୍ତି । ଏକ ଅଧ୍ୟୟନରୁ ଜଣାଯାଏ ଯେ ୮୧.୨ % ପିଲାମାନଙ୍କୁ କୁହାଯାଏ ଯେ ସେମାନେ ପାଠ ପଢ଼ିବାକୁ ଉପଯୁକ୍ତ ନୁହନ୍ତି କିମ୍ବା ସେହିପରି ସେମାନଙ୍କୁ ବାଚନିକ ଗାଳି ମଧ୍ୟ ଶୁଣିବାକୁ ହୋଇଥାଏ ଓ ସେମାନଙ୍କୁ ନ୍ୟୂନଦୃଷ୍ଟିରେ ଦେଖାଯାଏ । ଏହି ସ୍ଥିତି ଆଧାରରେ ନିର୍ଦ୍ଦେଶନାମାରେ ନିମ୍ନ ପ୍ରସଙ୍ଗଗୁଡ଼ିକ ସନ୍ନିବେଶିତ ହୋଇଅଛି ।

- ପିଲାମାନଙ୍କ ଭିତରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବାକୁ ଶିକ୍ଷକମାନଙ୍କୁ ସୁପାରିଶ କରାଯାଇଛି । ଏହାସହିତ ପିଲାମାନଙ୍କର ଭଲ ଗୁଣକୁ ଉତ୍ସାହିତ କରିବା ଓ ତ୍ରୁଟିକୁ ଏଡ଼ାଇ ଯିବା ନିମନ୍ତେ ସୁପରିଶ ଅଛି ।
- ଶିକ୍ଷା ବ୍ୟବସ୍ଥାରେ ଜୀବନ ବଞ୍ଚିବାର କଳା ବିଷୟରେ ପିଲାମାନଙ୍କୁ ମଧ୍ୟ ଜଣାଇବା ଦରକାର । ପିଲାମାନଙ୍କୁ ମାନବିକ ସମସ୍ୟା ଯଥା : କ୍ରୋଧ, ନିଶା ସେବନ, ନିଷ୍ପତ୍ତି, ମାନସିକ ଉତ୍ତେଜନା ଇତ୍ୟାଦି ବିଷୟରେ ଅବଗତ କରାଇବା ଆବଶ୍ୟକ । ସେମାନଙ୍କ ଭିତରେ କିପରି ସ୍ୱାଭିମାନ ସୃଷ୍ଟି କରାଯିବ ସେ ପାଇଁ ଦୃଷ୍ଟି ଦେବା ଉଚିତ ।
- ଏହି ଗାଇଡ୍‌ଲାଇନ୍‌ରେ ଥିବା ପରାମର୍ଶ ଅନୁଯାୟୀ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କର ବାପା-ମା' ଓ ଶିକ୍ଷକମାନଙ୍କ ସହ ଏକତ୍ର ବୈଠକ କରି ପିଲାମାନଙ୍କର ଅଧିକାର ଓ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରିବା ଦରକାର ।

ଜମି ଅଧିଗ୍ରହଣ ପାଇଁ ଉପଯୁକ୍ତ କ୍ଷତିପୂରଣ, ସ୍ୱଚ୍ଛତା, ଥଇଥାନ ଓ ପୁନଃବସତି ସ୍ଥାପନ ଆଇନ, ୨୦୧୩

କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କାହାର ଜମି ଅଧିଗ୍ରହଣ କରାଗଲେ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ପୁନଃବସତି ସ୍ଥାପନ ପାଇଁ ସରକାର ବିହିତ ପଦକ୍ଷେପ ନେବେ । ଏଥିରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ଓ ଏହି ଆଇନକୁ ଜାନୁଆରୀ ୧, ୨୦୧୪ରୁ କାର୍ଯ୍ୟକାରୀ କରାଯାଉଅଛି । ଜମି ଅଧିଗ୍ରହଣ ଓ ଥଇଥାନ ସମ୍ପର୍କିତ ଆଇନ ୧୮୯୪ରେ ୧୨୦ ବର୍ଷ ତଳେ ବ୍ରିଟିଶ ସରକାର କରିଥିଲେ । ଏହି ନୂତନ ଆଇନ ବ୍ରିଟିଶ ସମୟରୁ ପ୍ରଚଳିତ ଆଇନ ସ୍ଥାନରେ କାର୍ଯ୍ୟକାରୀ ହେଉଅଛି ।

Digitized by srujanika@gmail.com

ଏହି ଆଇନର କେତେକ ମୁଖ୍ୟ ବ୍ୟବସ୍ଥା :

୧. ଯେତେବେଳେ ସର୍ବସାଧାରଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବା ରାଜ୍ୟ ସରକାର କାହାର ଜମି ଅଧିଗ୍ରହଣ କରିବେ ସେତେବେଳେ ଏଥିପାଇଁ କ୍ଷତିପୂରଣ ଦେବେ, ବିଶେଷକରି ଏହା ଯଦି ଚାଷୀ, ଭୂମିହୀନ, ଶ୍ରମଜୀବୀ, ଦଳିତ ଓ ଚାଷୀଙ୍କର ହୋଇଥାଏ ତାହାକୁ ପ୍ରାଧାନ୍ୟ ଦେବେ ।

୨. ଜମି ଅଧିଗ୍ରହଣ ପୂର୍ବରୁ ସରକାର ସଂପୃକ୍ତ ପଞ୍ଚାୟତ, ପୌରାଞ୍ଚଳ, କର୍ପୋରେସନ୍ ଅଧିକାରୀଙ୍କ ସହ ଯୋଗାଯୋଗ କରି ଏହାର ସାମାଜିକ ପ୍ରଭାବର ଆକଳନ କରିବେ ।

୩. ଶିଳ୍ପୀକରଣ, ମୌଳିକ ଢାଞ୍ଚାର ବିକାଶ, ସହରୀକରଣ ଉଦ୍ଦେଶ୍ୟରେ ଅନ୍ୟର ଜମି ଅଧିଗ୍ରହଣ କରିବାବେଳେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ସରକାର ବିହିତ ପଦକ୍ଷେପ ନେବାପାଇଁ ଆଇନରେ ବ୍ୟବସ୍ଥା କରାଯାଇଛି ଓ ସ୍ୱଚ୍ଛତା ଅବଲମ୍ବନ ପାଇଁ କୁହାଯାଇଛି ।

୪. ଯେତେବେଳେ କୌଣସି ଜଳସେଚିତ ଓ ବହୁଫସଲ ଉତ୍ପାଦନକ୍ଷମ ଜମିକୁ ଗ୍ରହଣ କରାଯିବ, ଏଥିପାଇଁ ଆଇନର ଧାରା ୧୦ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ନିହାତି ଅପରିହାର୍ଯ୍ୟ ନ ହେଲେ ଓ ବିକଳ୍ପ ସମ୍ଭାବନା ନ ଥିଲେ ଏହା କରାଯିବ । ସେପରି ସ୍ଥଳେ ଖାଦ୍ୟ ନିରାପତ୍ତା ଆଧାରରେ ଏକ ପତିତ ଜମିକୁ ଗ୍ରହଣ କରାଯାଇ ତାହାକୁ ଚାଷଜମିରେ ରୂପାନ୍ତରିତ କରିବାକୁ ଚେଷ୍ଟା କରାଯିବ । ଗୋଟିଏ ଜିଲ୍ଲାର କେତେ ଚାଷଜମି ଗ୍ରହଣ କରାଯିବ ତାହାର ସୀମା ରାଜ୍ୟ ସରକାରମାନେ ସ୍ଥିର କରିବେ । ଚାଷଜମି କ୍ଷେତ୍ରରେ ସେହି ସୀମାଠାରୁ ଅଧିକ ଜମି ଗ୍ରହଣ କରାଯାଇ ପାରିବ ନାହିଁ ।

୫. ଜମିକୁ ବିକ୍ରି କରିଦେବା ପରିବର୍ତ୍ତେ ତାହାକୁ ଲିଜ୍ ସୂତ୍ରରେ ଦିଆଯିବ, ଫଳରେ ଜମିର ମାଲିକାନା ଜମିର ସ୍ୱତ୍ୱାଧିକାରୀଙ୍କ ପାଖରେ ରହିବ, ଯେଉଁଥିରୁ ସେ ଭଡ଼ା ଆକାରରେ ନିୟମିତ ରୋଜଗାର ପାଇପାରିବେ । ଜମିର କିସମ, ସ୍ଥିତି, ମାର୍କେଟ ମୂଲ୍ୟ ଇତ୍ୟାଦି ନିର୍ଦ୍ଧାରଣ କରିବା ରାଜ୍ୟ ସରକାରଙ୍କର ଦାୟିତ୍ୱ ରହିବ ।

୬. ଯେଉଁମାନେ ଜମି ହରାଉଛନ୍ତି ସେମାନଙ୍କର ଥଇଥାନ ଓ ପୁନଃବସତି ପାଇଁ ଏକ ଜାତୀୟ ମନିଟରିଂ କମିଟି ରହିବ ଓ ରାଜ୍ୟ ସ୍ତରରେ ମଧ୍ୟ ଏପରି କମିଟି ରହି ସେମାନଙ୍କ ପାଇଁ ଜମି ଅଧିଗ୍ରହଣ, ପୁନଃବସତି ଓ ଥଇଥାନ ପାଇଁ ଧ୍ୟାନ ଦେବେ । ଏହିସବୁ ବିଷୟ ଯେପରି ଶୀଘ୍ର ଫଇସଲା ହୁଏ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦୃଷ୍ଟି ଦେବେ ।

୭. ଆଇନରେ ବ୍ୟବସ୍ଥା ରହିଛି ଯେ କ୍ଷତିପୂରଣ ବାବଦର ଅର୍ଥ ଦେବାରେ ହେରଫେର୍ କଲେ ବା ଥଇଥାନ ଓ ପୁନଃବସତି ନିୟମର ଉଲ୍ଲଙ୍ଘନ କଲେ ଉଲ୍ଲଙ୍ଘନକାରୀଙ୍କୁ ଛ'ମାସ କାରାଦଣ୍ଡ ଓ ଏକ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ହେବ । ସେହିପରି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ବା ଡକୁମେଣ୍ଟ ଦେଲେ ସେଥିପାଇଁ ଦଣ୍ଡନୀୟ ହେବେ ।

୮. କୌଣସି ପତିତ ଓ ପଡ଼ିଆ ଜମି ରହିଥିଲେ ତାକୁ ଅସ୍ଥାୟୀ ଭାବେ ତିନିବର୍ଷ ପର୍ଯ୍ୟନ୍ତ ସାଧାରଣ ବ୍ୟବହାର ପାଇଁ ଗ୍ରହଣ କରାଯାଇପାରେ ।

୯. କାରଖାନା ନିର୍ମାଣ, ଭିତ୍ତିଭୂମିର ବିକାଶ ଇତ୍ୟାଦି ଉଦ୍ଦେଶ୍ୟରେ ଅନ୍ୟର ଜମି ଅଧିଗ୍ରହଣ କରାଗଲେ ଯେଉଁମାନେ ଜମି ହରାଇଲେ ସେମାନଙ୍କୁ କ୍ଷତିପୂରଣ ଦେବା, ଥଇଥାନ କରିବା ଓ ସବୁଥିରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଆଇନରେ ବ୍ୟବସ୍ଥା କରାଯାଇଛି ।

Digitized by srujanika@gmail.com

ପଞ୍ଚାୟତିରାଜ ୭୩ ତମ ସଂଶୋଧନ

ଭାରତବର୍ଷର ପଞ୍ଚାୟତିରାଜ ଇତିହାସରେ ଏପ୍ରିଲ ୨୪, ୧୯୯୩ ଏକ ସ୍ୱର୍ଣ୍ଣାଭ ଦିବସ । ଏହିଦିନ ସମ୍ବିଧାନର ୭୩ ତମ ସଂଶୋଧନ କରାଯାଇ ପଞ୍ଚାୟତିରାଜ ଅନୁଷ୍ଠାନକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରାଗଲା ।

ପଞ୍ଚାୟତିରାଜ ଆଇନର ମୁଖ୍ୟ ବ୍ୟବସ୍ଥା :

- ❖ ଯେଉଁ ରାଜ୍ୟର ଜନସଂଖ୍ୟା ୨୦ ଲକ୍ଷରୁ ଅଧିକ, ସେହି ରାଜ୍ୟରେ ଏକ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ।
- ❖ ପଞ୍ଚାୟତମାନଙ୍କ ପାଇଁ ପ୍ରତି ପାଞ୍ଚବର୍ଷରେ ନିୟମିତ ନିର୍ବାଚନ ହେବ ।
- ❖ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ମହିଳାଙ୍କ ପାଇଁ ଅତି କମ୍‌ରେ ୩୩ % ଆସନ ସଂରକ୍ଷିତ ରହିବ ।
- ❖ ରାଜ୍ୟ ଅର୍ଥ କମିଶନ ନିଯୁକ୍ତ କରିବ ଯିଏ ପଞ୍ଚାୟତମାନଙ୍କର ଆର୍ଥିକ କ୍ଷମତା ବିଷୟରେ ସୁପାରିଶ କରିବେ ।
- ❖ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟି ଗଠନ କରାଯିବ ଓ ଏହି କମିଟି ଜିଲ୍ଲାର ବିକାଶ ନେଇ ଯୋଜନା ପ୍ରସ୍ତୁତ କରିବ ।

କ୍ଷମତା ଓ ଦାୟିତ୍ୱ

ସମ୍ବିଧାନ ଅନୁଯାୟୀ ପଞ୍ଚାୟତମାନଙ୍କୁ କ୍ଷମତା ଓ ପ୍ରାଧିକାର ଦିଆଯିବ, ଫଳରେ ସେମାନେ ସ୍ୱୟଂଚାଳିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବେ । ପଞ୍ଚାୟତମାନଙ୍କୁ ନିମ୍ନସୂଚୀତ କ୍ଷମତା ଓ ଦାୟିତ୍ୱ ଉପଯୁକ୍ତ ସ୍ତରରେ ଦିଆଯିବ ।

- ❖ ଆର୍ଥିକ ବିକାଶ ଓ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବେ ।

Digitized by srujanika@gmail.com

❖ ସମ୍ବିଧାନର ଏକାଦଶ ସିଡ୍ୟୁଲରେ ଥିବା ୨୯ଟି ବିଷୟ ଆଧାରରେ ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରି ତାହାର କାର୍ଯ୍ୟକାରୀ କରାଇବେ ।

❖ ଉପଯୁକ୍ତ ଭାବରେ କର, ଟିକସ, ଶୁଳ୍କ ଆଦାୟ କରିବେ ।

ଗ୍ରାମସଭା

ପଞ୍ଚାୟତର ଉପଯୁକ୍ତ କାର୍ଯ୍ୟକାରୀତା ପାଇଁ ଗ୍ରାମସଭାର ପ୍ରମୁଖ ଭୂମିକା ରହିଛି । ଗ୍ରାମସଭା ହେଉଛି ଗ୍ରାମର ସବୁଶ୍ରେଣୀର ଲୋକମାନଙ୍କର ସଭା । ଗ୍ରାମସଭାରେ ଗ୍ରାମର ଗରିବ, ମହିଳା, ଦଳିତ ଓ ଉପାନ୍ତ ବର୍ଗର ଲୋକମାନେ ସେଥିରେ ଅଂଶ ଗ୍ରହଣ କରି ସେମାନଙ୍କର ଜୀବନ ଜୀବିକା ନିଷ୍ପତ୍ତିରେ ଭାଗ ନେଇପାରିବେ । ଗ୍ରାମସଭାର ଉପଯୁକ୍ତ, କାର୍ଯ୍ୟକାରୀତା ନେଇ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହେବ ଓ ସବୁଥିରେ ସ୍ୱଚ୍ଛତା, ଅଙ୍ଗୀକାରବଦ୍ଧତା ଓ ଲକ୍ଷ୍ୟ ସାଧନ ପୂରଣ ହୋଇପାରିବ ।

❖ ଗ୍ରାମସଭା ପ୍ରତି ତିନିମାସରେ ଥରେ ବସିବ ଓ ବିଶେଷତଃ ସାଧାରଣତନ୍ତ୍ର ଦିବସ, ଶ୍ରମିକ ଦିବସ, ସ୍ୱାଧୀନତା ଦିବସ ଓ ଗାନ୍ଧୀ ଜୟନ୍ତୀରେ ଏହା ବୈଠକ କରିପାରିବ ।

❖ ଗ୍ରାମର ମୁଖ୍ୟ ଆବଶ୍ୟକତା ଆଧାରରେ ପଞ୍ଚାୟତ ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେବ ।

❖ ଗ୍ରାମର ଅର୍ଥନୀତି ଓ ପଞ୍ଚାୟତର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପ୍ରତିକାର ବିଧାନ ଜନିତ ପରାମର୍ଶ ଦେବ ।

❖ ପଞ୍ଚାୟତ କାର୍ଯ୍ୟର ଓ ନିଷ୍ପତ୍ତିର ଗ୍ରାମସଭା ମୂଲ୍ୟାୟନ କରିବ ।

❖ ପଞ୍ଚାୟତର ବାର୍ଷିକ ଆୟ ବିଷୟରେ ଆଲୋଚନା କରିବ ।

ପଞ୍ଚାୟତ ଆଇନ ୧୯୯୬ର ବ୍ୟବସ୍ଥା (ସୂଚୀତ କ୍ଷେତ୍ରକୁ ପ୍ରସାରଣ)

ଆଠଟି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ବିହାର, ଗୁଜୁରାଟ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶା ଓ ରାଜସ୍ଥାନର ପଞ୍ଚାୟତମାନ ଜନଜାତିର ଲୋକମାନଙ୍କ କ୍ଷେତ୍ରକୁ ପ୍ରସାରିତ ହୋଇଛି । ଏହି

Digitized by srujanika@gmail.com

ଆଇନ ପଞ୍ଚାୟତ ବ୍ୟବସ୍ଥାକୁ ଜନଜାତି ଅଞ୍ଚଳକୁ ମଧ୍ୟ ପ୍ରସାରିତ କରାଇଛି । ଡିସେମ୍ବର ୧୪, ୧୯୯୬ରୁ ଏହି ଆଇନ କାର୍ଯ୍ୟକାରୀ ହେଉଛି । ରାଜସ୍ଥାନ ଓ ବିହାର ବ୍ୟତୀତ ସମସ୍ତ ରାଜ୍ୟ ୧୯୯୬ ଆଇନର ଧାରା ୪୦ରେ ଥିବା ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି ।

ଏହି ଆଇନ ଆଧାରରେ ଗ୍ରାମସଭାକୁ ଏହି ଦାୟିତ୍ୱ ଦିଆଯାଇଛି :

- ଗ୍ରାମ୍ୟ ଜଙ୍ଗଲଜାତ ଦ୍ରବ୍ୟର ଅଧିକାର
- ବିକାଶ ଯୋଜନାର ଅନୁମୋଦନ
- ବିଭିନ୍ନ କାର୍ଯ୍ୟକ୍ରମ ଆଧାରରେ ହିତାଧିକାରୀମାନଙ୍କର ଚୟନ
- ଜମି ଅଧିଗ୍ରହଣ ନେଇ ପରାମର୍ଶ
- କ୍ଷୁଦ୍ର ଜଳ ଉତ୍ସର ପରିଚାଳନା
- ଅଜୈବିକ ଖଣିଜ ପଦାର୍ଥର ନିୟନ୍ତ୍ରଣ
- ନିଶାଦ୍ରବ୍ୟ ବିକ୍ରିର ନିୟନ୍ତ୍ରଣ ବା ନିବାରଣ
- ଅନୁସୂଚୀତ ଜନଜାତି ଲୋକଙ୍କ ଜମିର ଅନ୍ୟାୟ ଉଚ୍ଛେଦକୁ ବାତିଲ ଓ ସେମାନଙ୍କୁ ସେମାନଙ୍କ ଜମିର ମାଲିକାନା ପ୍ରଦାନ
- ଗ୍ରାମ ମାର୍କେଟର ପରିଚାଳନା
- ଅନୁସୂଚୀତ ଜନଜାତି ଲୋକଙ୍କୁ ଅର୍ଥ ଧାର ଦେବାକୁ ନିୟନ୍ତ୍ରଣ
- ସମସ୍ତ ସାମାଜିକ କ୍ଷେତ୍ରର ଅନୁଷ୍ଠାନ ଓ କାର୍ଯ୍ୟକାରୀତାକୁ ନିୟନ୍ତ୍ରଣ

Digitized by srujanika@gmail.com

୫. ଭାରତରେ ମାନବିକ ଅଧିକାର ସୁରକ୍ଷା ବ୍ୟବସ୍ଥା

ଆଇନ ପ୍ରୟୋଗକାରୀ ସଂସ୍ଥା

ବିଚାର ବ୍ୟବସ୍ଥା

ମାନବାଧିକାର ସୁରକ୍ଷା ଆଇନ, ୧୯୯୩

ଆନୁଷ୍ଠାନିକ / ସଂସ୍ଥାଗତ ବ୍ୟବସ୍ଥା

Digitized by srujanika@gmail.com

୫.୧ ଆଇନ ପ୍ରୟୋଗକାରୀ ସଂସ୍ଥା

ପୋଲିସ କିଏ ?

ପୋଲିସ ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କ୍ଷମତାପ୍ରାପ୍ତ ସଂସ୍ଥା, ଯାହା ଆଇନ ଓ ଲୋକଙ୍କର ଧନ-ଜୀବନର ସୁରକ୍ଷା କରିବା ସହ ନାଗରିକ ବିଶୃଙ୍ଖଳାକୁ ପ୍ରତିହତ କରିଥାଏ । 'ପୋଲିସ' ପୋଲିସ ଚାକିରି ସହିତ ସମ୍ପୃକ୍ତ ଏକ ସାଧାରଣ ଶବ୍ଦ । ଏକ ସାର୍ବଭୌମ ରାଷ୍ଟ୍ରର ସୀମା ଓ ପରିସରରେ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଏହି ସଂସ୍ଥାର ଆଭିମୁଖ୍ୟ ହେଉଛି ସମାଜରେ ଆଇନ ଶୃଙ୍ଖଳା ରକ୍ଷା କରିବା ।

ପୋଲିସ :

ଦେଶର ସାମ୍ବିଧାନିକ ନିୟମାନୁଯାୟୀ ପୋଲିସ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଓ ରାଜ୍ୟ ସରକାରମାନେ ପୋଲିସ ସଂସ୍ଥାର ନିୟମ ଓ ପରିଚାଳନାକୁ ନିୟନ୍ତ୍ରଣ କରିବେ ।

ବିଭିନ୍ନ ରାଜ୍ୟରେ ପୋଲିସ ବ୍ୟବସ୍ଥାର ଢାଞ୍ଚାରେ କେଉଁଠି କେଉଁଠି ସାମାନ୍ୟ ଫରକ ଥିଲେ ବି ଭାରତବର୍ଷର ସବୁ ରାଜ୍ୟରେ ପୋଲିସର ଗଠନ ସ୍ତରରେ ସମାନତା ପରିଲକ୍ଷିତ ହୁଏ । ପୋଲିସ ଏକାଧାରାରେ କାର୍ଯ୍ୟ କରନ୍ତି ତେବେ ସେମାନଙ୍କର କାର୍ଯ୍ୟଶୈଳୀରେ ବିଭିନ୍ନ ରାଜ୍ୟରେ କିଛି ଭିନ୍ନତା ରହିଥାଏ ।

ପ୍ରତ୍ୟେକ ରାଜ୍ୟରେ ପୋଲିସ ବିଭାଗର ସ୍ତରବିନ୍ୟାସ ଡାଇରେକ୍ଟର ଜେନେରାଲ ବା ମହାନିର୍ଦ୍ଦେଶକଙ୍କଠାରୁ ଆରମ୍ଭ ହୋଇ ତଳକୁ ତଳ ବିଭିନ୍ନ ପଦରେ ସ୍ତରଭେଦରେ ଆସିଥାଏ । ଭାରତୀୟ

Digitized by srujanika@gmail.com



Digitized by srujanika@gmail.com

ପୋଲିସ କର୍ମକ୍ଷେତ୍ରରେ କର୍ମଚାରୀମାନଙ୍କର ଗଠନ ପ୍ରକ୍ରିୟା ଲମ୍ବମାନ ଧାରାରେ ସ୍ତରଭେଦ ହୋଇ ରହିଥାଏ । ସୁତରାଂ ଏଠାରେ ଆମେ ଏହି ସ୍ତରଗତ ର୍ୟାଙ୍କ ବିଷୟରେ ଆଲୋଚନା କରିବା ।

ବରିଷ୍ଠ ଅଧିକାରୀ

ପୋଲିସ ବିଭାଗରେ ଚାକିରିର ବରିଷ୍ଠ ପଦବୀରେ ଅଧିଷ୍ଠିତ ଥିବା ପଦାଧିକାରୀମାନେ ମୁଖ୍ୟତଃ ସର୍ବଭାରତୀୟ ପରୀକ୍ଷା ଦ୍ୱାରା (ଆଇପିଏସ୍) ମନୋନୀତ ବ୍ୟକ୍ତି । ସେମାନେ ଉପରିସ୍ଥ ଅଧିକାରୀ ଭାବେ ପରିଚାଳନାଗତ କାର୍ଯ୍ୟନିର୍ବାହ କରନ୍ତି । ଏହି ସ୍ତରଗତ ପଦବୀର ଶୀର୍ଷରେ ଥା'ନ୍ତି ପୋଲିସ ମହାନିର୍ଦ୍ଦେଶକ (ଡାଇରେକ୍ଟର ଜେନେରାଲ ଅଫ୍ ପୁଲିସ ବା ଡିଜିପି) । ଡିଜିପି ସମଗ୍ର ରାଜ୍ୟର ପୁଲିସ ପ୍ରଶାସନର ମୁଖ୍ୟ ଭାବେ କାର୍ଯ୍ୟନିର୍ବାହ କରନ୍ତି । ବରିଷ୍ଠ ପୋଲିସ ଅଧିକାରୀମାନେ ଆଇନଶୃଙ୍ଖଳା ଓ ଆପରାଧିକ ଘଟଣା ବିଷୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଅନ୍ତି ।

ଏହି ସ୍ତରରେ ପୁଲିସ ଅଧିକାରୀମାନେ ହେଲେ :

❖ ପୋଲିସ ମହାନିର୍ଦ୍ଦେଶକ ବା ଡିଜିପି

❖ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ବା ଏଡିଜି

❖ ପୋଲିସ କମିଶନର / ଆଇ.ଜି ଅଫ୍ ପୋଲିସ

❖ ଡେପୁଟି ଇନ୍ସପେକ୍ଟର ଅଫ୍ ପୋଲିସ (ଡିଆଇଜି)

❖ ଡେପୁଟୀ କମିଶନର / ପୋଲିସ ଅଧୀକ୍ଷକ

❖ ଆଡିସିନାଲ ପୋଲିସ ଡେପୁଟୀ କମିଶନର / ଆଡିସିନାଲ ଏସ୍.ପି

❖ ଆସିଷ୍ଟାଣ୍ଟ ପୋଲିସ କମିଶନର / ଡି.ଏସ୍.ପି

ଉଚ୍ଚ ଅଧୀନସ୍ଥ

ଉଚ୍ଚପଦସ୍ଥଙ୍କୁ ଛାଡ଼ିବା ପରେ ଭାରତୀୟ ପୋଲିସ ସେବା ସ୍ତରରେ ଉଚ୍ଚ ଅଧୀନସ୍ଥ ପଦବୀମାନ ଆସିଥାଏ । ଏହି ପଦବୀର ଅଧିକାରୀମାନେ ପୋଲିସ ଷ୍ଟେସନ ବା ଥାନାମାନଙ୍କରେ କାର୍ଯ୍ୟ କରି ନିତିଦିନିଆ ଘଟଣାମାନଙ୍କୁ ନିୟନ୍ତ୍ରଣ କରିଥାନ୍ତି । ବିଭିନ୍ନ ସାଧାରଣ କାର୍ଯ୍ୟକୁ ସେମାନେ ବୁଝନ୍ତି ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସହଯୋଗ ଦିଅନ୍ତି । ଚାକିରି କ୍ଷେତ୍ରର ଏହି ସ୍ତରଭେଦରେ ରହିଥାନ୍ତି :

❖ ପୋଲିସ ଇନ୍ସପେକ୍ଟର

❖ ପୋଲିସ ସବ୍‌ଇନ୍ସପେକ୍ଟର

❖ ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର

ପୋଲିସ ଫୌଜ (କନ୍ଷ୍ଟାବୁଲାରି)

ଭାରତୀୟ ପୋଲିସ ସେବା ସଂସ୍ଥାର ତୃତୀୟ ସ୍ତରରେ ରହିଛନ୍ତି ପୋଲିସ ଫୌଜ ବା କନେଷ୍ଟବଲମାନେ । ସେମାନେ ଯେଉଁ ଅଞ୍ଚଳରେ ନିଯୁକ୍ତ ହୋଇଥାନ୍ତି ସେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା କରିବା ସହ ପ୍ରହରୀ ଭାବେ କାର୍ଯ୍ୟ କରିବା, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜର ରଖିବା ଓ ପେଟ୍ରୋଲିଂ ଭଳି କାର୍ଯ୍ୟନିର୍ବାହ କରିଥାନ୍ତି । ପୋଲିସ କର୍ମଚାରୀଙ୍କ ମଧ୍ୟରେ ଦେଶରେ ଏମାନେ ହେଉଛନ୍ତି ୮୫ ପ୍ରତିଶତ । ଏହି ସ୍ତରର କର୍ମଚାରୀଙ୍କର ପ୍ରକାରଭେଦ ହେଉଛି :

❖ ପୋଲିସ ମୁଖ୍ୟ କନେଷ୍ଟବଲ (ହାବିଲଦାର)

❖ ବରିଷ୍ଠ ପୋଲିସ କନେଷ୍ଟବଲ / ଲାନ୍ସ ନାଏକ

❖ ପୋଲିସ କନେଷ୍ଟବଲ

Digitized by srujanika@gmail.com

୫.୨ ବିଚାର ବିଭାଗ

ଭାରତ ସରକାରଙ୍କ ବିଚାର ବିଭାଗ, ବିଧାନ ବିଭାଗ ଓ ପ୍ରଶାସନିକ ବିଭାଗଠାରୁ ପୃଥକ ଓ ଏହା ଏକ ସ୍ୱାଧୀନ ଅନୁଷ୍ଠାନ । ବିଚାର ବିଭାଗ ଏହାର ଗଠନ ଓ କାର୍ଯ୍ୟଧାରାରେ ଏକ ସ୍ତରଯୁକ୍ତ ଅଧିକ୍ରମିକ ଅନୁଷ୍ଠାନ ।

ସୁପ୍ରିମକୋର୍ଟ : ଭାରତୀୟ ବିଚାର ବିଭାଗୀୟ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ହେଉଛି ସର୍ବୋଚ୍ଚ ନ୍ୟାୟାଳୟ । ଏହି ନ୍ୟାୟାଳୟର କୌଣସି ନିଷ୍ପତ୍ତିକୁ ଅନ୍ୟ କୌଣସି ଭାରତୀୟ ବିଚାରାଳୟରେ ଚାଲେଞ୍ଜ କରିହେବ ନାହିଁ । ଏହାର କୌଣସି ନିଷ୍ପତ୍ତିକୁ ଚାଲେଞ୍ଜ କରିବାକୁ ଦେଶର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିପାରିବେ ।

ହାଇକୋର୍ଟ (ରାଜ୍ୟସ୍ତରୀୟ ବିଚାରାଳୟ) - ଭାରତୀୟ ବିଚାର ବିଭାଗ ଅନୁଯାୟୀ ହାଇକୋର୍ଟମାନ ପ୍ରତ୍ୟକ୍ଷ ଭାବେ ସୁପ୍ରିମକୋର୍ଟର ନିୟନ୍ତ୍ରଣାଧୀନ । ଭାରତର ପ୍ରତ୍ୟେକ ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟ ଭାବେ ହାଇକୋର୍ଟ ରହିଛି । ପ୍ରତ୍ୟେକ ରାଜ୍ୟ ପାଇଁ ହାଇକୋର୍ଟ ରହିଛି ଓ ସାଧାରଣତଃ ଏକ ରାଜ୍ୟର

Digitized by srujanika@gmail.com

ରାଜଧାନୀରେ ଏହାକୁ ସ୍ଥାପନ କରାଯାଇଛି । ଗୋଟିଏ ରାଜ୍ୟର ବିଚାରାଳୟ କ୍ଷେତ୍ରରେ କୌଣସି ଘଟଣାର ଶେଷ ବିଚାର ହାଇକୋର୍ଟରେ ହୋଇଥାଏ । ସୁପ୍ରିମକୋର୍ଟରେ କେବଳ ହାଇକୋର୍ଟର କୌଣସି ରାୟକୁ ଚାଲେଞ୍ଜ କରାଯାଇପାରେ ବା ପୁନଃବିଚାର ପାଇଁ ଆବେଦନ କରାଯାଇପାରେ ।

ଜିଲ୍ଲା କୋର୍ଟ - ପ୍ରତ୍ୟେକ ରାଜ୍ୟରେ କେତେକ ତଳ କୋର୍ଟ ରହିଛି, ଯେଉଁମାନଙ୍କର ପରିସର ଓ କ୍ଷମତା ହାଇକୋର୍ଟଠାରୁ କମ୍ । ପ୍ରତ୍ୟେକ ରାଜ୍ୟରେ ଥିବା ବିଭିନ୍ନ ଜିଲ୍ଲାପାଳଙ୍କ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରରେ ଏକ କୋର୍ଟ ଥାଏ, ଯାହା ଜିଲ୍ଲାର ଘଟଣାମାନଙ୍କର ବିଚାର କରିଥାଏ । ପୁନଶ୍ଚ, ଜିଲ୍ଲା ସ୍ତରରେ ତିନିଶ୍ରେଣୀର ବିଚାରାଳୟ ରହିଛି, ଯଥା-

- ❖ **ସେସନ୍‌ସ କୋର୍ଟ** - ଜିଲ୍ଲାସ୍ତରୀୟ ବିଚାରାଳୟ କ୍ଷେତ୍ରରେ ସେସନ୍‌ସ କୋର୍ଟ ବେଶ୍ କ୍ଷମତାଶାଳୀ । ଜିଲ୍ଲା ସ୍ତରରେ ଏହାର ଅନେକ କ୍ଷମତା ଥାଏ ।
- ❖ **ନିମ୍ନ ଅଦାଲତ** - ଏଗୁଡ଼ିକ ହେଉଛି ତଳସ୍ତରୀୟ ନିମ୍ନ ଅଦାଲତ ଓ ବହୁ ସମୟରେ ଆଖପାଖ ଓ ଆଞ୍ଚଳିକ ସ୍ତରର କେସ୍‌ମାନ ଏଠାରେ ବିଚାର୍ଯ୍ୟ ହୋଇଥାଏ ।

୫.୩ ଆନୁଷ୍ଠାନିକ/ସଂସ୍ଥାଗତ ବ୍ୟବସ୍ଥା

୫.୩.୧ ଜାତୀୟ/ରାଜ୍ୟ ମାନବାଧିକାର ଆୟୋଗ (କମିଶନ) :

ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଓ ଆନ୍ତର୍ଜାତିକ ଚୁକ୍ତିନାମାରେ ସ୍ୱାକ୍ଷରିତ ମୌଳିକ ମାନବିକ ଅଧିକାରର ସୁରକ୍ଷା ପାଇଁ ଜାତୀୟ ମାନବାଧିକାର ଆୟୋଗ ଗଠିତ ହୋଇଛି । ନାଗରିକଙ୍କର ବଞ୍ଚିବା, ସ୍ୱାଧୀନତା ଉପଭୋଗ କରିବା, ସମାନତା ପାଇବା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଧାରଣ ପାଇଁ ପରିବେଶ ପାଇବାର ମୌଳିକ ସୁରକ୍ଷା କ୍ଷେତ୍ରରେ ମାନବାଧିକାର ଆୟୋଗ କାର୍ଯ୍ୟ କରିଥାଏ । ଏକ ସାର୍ବଜନିକ କ୍ଷେତ୍ର ଭାବେ ଏହାର କାର୍ଯ୍ୟ ପରିସର ହେଉଛି (କ) ମାନବିକ ଅଧିକାରର ଉଲ୍ଲଙ୍ଘନ କ୍ଷେତ୍ରରେ କିମ୍ବା ମାନବିକ ଅଧିକାର ସୁରକ୍ଷା ପାଇଁ କର୍ତ୍ତବ୍ୟରେ କୌଣସି ଅବହେଳା ବିଷୟରେ ଏହା କ୍ରିୟାଶୀଳ ଭାବେ କିମ୍ବା ପ୍ରତିକ୍ରିୟାଶୀଳ ଭାବେ ଘଟଣାର ଅନୁସନ୍ଧାନ କରିଥାଏ, (ଖ) ସାମ୍ବିଧାନିକ ସୁରକ୍ଷା ବା ଆଇନଗତ ସୁରକ୍ଷା, ଯାହା ମାନବିକ ଅଧିକାର ପାଇଁ ଉଦ୍ଦିଷ୍ଟ ତାହାର ସମୀକ୍ଷା କରିବା ଓ ସେସବୁର ବାସ୍ତବ ପ୍ରୟୋଗ ପାଇଁ ଉପଯୁକ୍ତ ପରାମର୍ଶ ଦେବା, (ଗ) କୌଣସି ପ୍ରକାଶନ, ଗଣମାଧ୍ୟମ, ଆଲୋଚନାଚକ୍ର ବା ସେପରି କିଛି ଉପଲବ୍ଧ ବ୍ୟବସ୍ଥା ଦ୍ୱାରା ମାନବିକ ଅଧିକାର ସମ୍ପର୍କରେ ଲୋକମାନଙ୍କୁ ଶିକ୍ଷା ଦେବା, ସଚେତନ କରାଇବା ଓ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏଥିରେ ସମ୍ପୃକ୍ତ କରାଇବା ।

Digitized by srujanika@gmail.com

ପ୍ରଣାଳୀ

ପ୍ରଥମ ସ୍ତର	ଦ୍ୱିତୀୟ ସ୍ତର	ତୃତୀୟ ସ୍ତର	ଚତୁର୍ଥ ସ୍ତର
ଅଭିଯୋଗ କିପରି କରିବେ ?	ଅନୁସନ୍ଧାନ ପର୍ଯ୍ୟାୟ	ଅନୁସନ୍ଧାନ ବୋର୍ଡ	ଆବେଦନ ପର୍ଯ୍ୟାୟ
କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ	କମିଶନଙ୍କ ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ଅନୁସନ୍ଧାନ	ଅନୁସନ୍ଧାନ ବୋର୍ଡ	ଆବେଦନ ପର୍ଯ୍ୟାୟ
କମିଶନଙ୍କ ଦ୍ୱାରା ନିଯୁକ୍ତ ଓକିଲଙ୍କ ମଧ୍ୟସ୍ଥତା ପ୍ରକ୍ରିୟା	କମିଶନଙ୍କ ଅଧସ୍ତନ କର୍ମଚାରୀ ଅଭିଯୋଗରେ ସଂପୃକ୍ତ ପକ୍ଷମାନଙ୍କ ମଧ୍ୟରେ ବୁଝାମଣା କରିବାରେ ସାହାଯ୍ୟ କରିବେ (ଉଭୟ ପକ୍ଷଙ୍କ ସହମତିରେ ସମସ୍ୟାର ସମାଧାନ)	ଏହି ସ୍ତରରେ ପହଞ୍ଚିଥିବା ପ୍ରତ୍ୟେକ ଅଭିଯୋଗକାରୀ ଜନଶୁଣାଣିର ବିଚାରକଙ୍କ ସମ୍ମୁଖରେ ସେମାନଙ୍କ ବିବରଣୀ (ପକ୍ଷ) ରଖନ୍ତି ।	ଜଣେ ଅଭିଯୋଗକାରୀ ସର୍ବୋଚ୍ଚ ନ୍ୟାୟାଳୟରେ କମିଶନଙ୍କ ନିଷ୍ପତ୍ତିର ସମୀକ୍ଷା ପାଇଁ ଆବେଦନ କରିପାରିବେ ।
	ଅନୁସନ୍ଧାନକାରୀ ଅଧିକାରୀଙ୍କ ଘଟଣା ସମ୍ପର୍କିତ ବିବରଣୀ କମିଶନଙ୍କ ଦ୍ୱାରା ନିୟୋଜିତ ତଦନ୍ତ ବୋର୍ଡ ନିକଟରେ ସମୀକ୍ଷା ନିମନ୍ତେ ଉପସ୍ଥାପନ କରାଯିବ ।	ଅଭିଯୋଗ ସଂକ୍ରାନ୍ତୀୟ ସମସ୍ତ ବିବରଣୀ ଓ ସାକ୍ଷ୍ୟ ପ୍ରମାଣ ଆଦି ଶୁଣିସାରିଲା ପରେ ବିଚାରକ ସେହି କ୍ଷେତ୍ରରେ ମାନବାଧିକାର ଉଲ୍ଲଘନ ହୋଇଛି କି ନାହିଁ, ଲିଖିତ ନିଷ୍ପତ୍ତି ପ୍ରଦାନ କରନ୍ତି ।	

୫.୩.୨ ଜାତୀୟ ଅନୁସୂଚୀତ ଜାତି ଆୟୋଗ

ଉପକ୍ରମ :

ଭାରତୀୟ ସମ୍ବିଧାନର ୮୯ ତମ ସଂଶୋଧନ ଅନୁଯାୟୀ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ପାଇଁ ସ୍ୱତନ୍ତ୍ର ଜାତୀୟ ଆୟୋଗମାନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଅଛି ।

ଅନୁସୂଚୀତ ଜାତି ପାଇଁ ଏହା ହେଉଛି ତୃତୀୟ ଜାତୀୟ ଆୟୋଗ । ଏହି ଆୟୋଗ ଅନୁସୂଚୀତ ଜାତିର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସହ ସେମାନଙ୍କର ମଙ୍ଗଳ ପ୍ରତି ଧ୍ୟାନ ଦେବ । ସାମ୍ବିଧାନିକ ବ୍ୟବସ୍ଥା, ଆଇନଗତ ସୁରକ୍ଷା କିମ୍ବା ସରକାରୀ ନିୟମ ଅନୁଯାୟୀ ସେମାନଙ୍କର ସୁରକ୍ଷା ବିଷୟରେ ଅନୁସନ୍ଧାନ କରିବା ଓ ସମସ୍ତ ବିଷୟକୁ ମନିଟର ବା ତଦାରଖ କରିବା ଏହାର ଆଭିମୁଖ୍ୟ ।

Digitized by srujanika@gmail.com

ଜାତୀୟ ଆୟୋଗ କିପରି କାର୍ଯ୍ୟ କରେ ?

ଅନ୍‌ଲାଇନ୍
- ଅନ୍‌ଲାଇନ୍ ଯୋଗେ ଅଭିଯୋଗର ପଞ୍ଜୀକରଣ କରାଯାଏ

ଅନୁସନ୍ଧାନ
- ଆୟୋଗ ଦ୍ୱାରା ଅନୁସନ୍ଧାନ
- ଆୟୋଗ ଓକିଲଙ୍କ ଦ୍ୱାରା ଘଟଣାର ସମାଧାନ ବା ହାଇକୋର୍ଟ ବା ସୁପ୍ରିମକୋର୍ଟରେ କେସ୍ ଦାଖଲ କରିବା
- ନ୍ୟାୟାଳୟରେ ଘଟଣାର ବିଚାର ଓ ଫଇସଲା

ନୀତି ପ୍ରଣୟନ
- ସରକାରଙ୍କ ଦ୍ୱାରା ନିୟମ ପ୍ରଣୟନ । ଅନୁସୂଚୀତ ଜାତିର ଲୋକଙ୍କ ନିମନ୍ତେ ସେମାନଙ୍କର ଅଧିକାର, ମଙ୍ଗଳ ଓ ସୁରକ୍ଷା ପାଇଁ ଆବଶ୍ୟକୀୟ ନୀତି ପ୍ରଣୟନ ଓ ସଂଶୋଧନ ।
- ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥାର ଯଥାର୍ଥ ପ୍ରୟୋଗ ଓ ଉଦ୍ଦେଶ୍ୟ ସାଧନ ପାଇଁ ଆବଶ୍ୟକୀୟ କୌଶଳ ଅବଲମ୍ବନ



୫.୩.୩ ଜାତୀୟ ଅନୁସୂଚୀତ ଜନଜାତି (ଏସ୍‌ଟି) ଆୟୋଗ

ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଜନଜାତିର ଲୋକମାନଙ୍କର ସୁରକ୍ଷା ପାଇଁ ଜାତୀୟ ଆୟୋଗ ସ୍ଥାପନ କରାଯାଇଛି । ଜନଜାତିର ଲୋକମାନଙ୍କର ସୁରକ୍ଷା, ମଙ୍ଗଳ ସାଧନ ଓ ବିକାଶ ପାଇଁ ଆୟୋଗ କାର୍ଯ୍ୟ କରିବ; ସେ ଅଞ୍ଚଳର ଖଣିଜ ପଦାର୍ଥ ଓ ଜଳ ସମ୍ବଳ ଉପରେ ସେମାନଙ୍କର ଅଧିକାରକୁ ସୁରକ୍ଷା ଦେବ ଓ କୌଣସି ବିକାଶ ଯୋଜନା ପାଇଁ ବିସ୍ଥାପିତ ହେଉଥିବା ଜନଜାତିର ଲୋକମାନଙ୍କୁ ଉପଯୁକ୍ତ ସାହାଯ୍ୟ ଓ ଥଇଥାନ କାର୍ଯ୍ୟକୁ ପ୍ରାଧାନ୍ୟ ଦେବ । ଆୟୋଗର ସବିଶେଷ ଲକ୍ଷ୍ୟ ହେଉଛି ପରିବର୍ତ୍ତିତ ଚାଷ (Shifting Cultivation) ପ୍ରଣାଳୀକୁ ବିଲୋପ କରିବା, କାରଣ ଏହାଦ୍ୱାରା ଜମିର ଓ ପରିବେଶର ଅଧଃପତନ ହୋଇଚାଲିଛି ଓ ଜନଜାତିଙ୍କର ସାମର୍ଥ୍ୟର ଧାରାବାହିକ ଅପଚୟ ହେଉଛି ।

୫.୩.୪ ଜାତୀୟ ମହିଳା ଆୟୋଗ

ଏହି ଆୟୋଗର ଉଦ୍ଦେଶ୍ୟ ହେଉଛି ଭାରତରେ ମହିଳାମାନଙ୍କର ଅଧିକାରକୁ ପ୍ରତିନିଧିତ୍ୱ କରିବା ଓ ସେମାନଙ୍କର ସମସ୍ୟା ଓ ପ୍ରସଙ୍ଗ ପାଇଁ ସଂପୃକ୍ତି ବ୍ୟକ୍ତ କରିବା । ଏଥିରେ ଯୌତୁକ, ରାଜନୀତି, ଧର୍ମ, କର୍ମକ୍ଷେତ୍ରରେ ସମାନ ପ୍ରତିନିଧିତ୍ୱ ଓ ମହିଳାମାନଙ୍କ ଶ୍ରମ କ୍ଷେତ୍ରରେ ଶୋଷଣ ବିଷୟ ଅନ୍ତର୍ଭୁକ୍ତ । ପୋଲିସର ଗାଳିଗୁଲଜ ବି ଏଥିରେ ସଂପୃକ୍ତ । ମହିଳାମାନେ କୌଣସି ସଂଖ୍ୟାଲଘୁ ଶ୍ରେଣୀ ବା ଅବହେଳିତ ଶ୍ରେଣୀରେ

Digitized by srujanika@gmail.com

ଅନ୍ତର୍ଭୁକ୍ତ ନୁହନ୍ତି । ଭାରତୀୟ ସମାଜ ପରମ୍ପରା କ୍ରମେ ଏକ ପୁରୁଷ ପ୍ରଧାନ ସମାଜ ହେବା ଫଳରେ ମହିଳାମାନେ ସାମାଜିକ ସ୍ତରରେ କେତେକ ପ୍ରତିକୂଳ ସ୍ଥିତି ଓ ଅସାମର୍ଥ୍ୟତାର ଶିକାର ହୋଇଆସିଛନ୍ତି । ଏକ ପୁରୁଷତାନ୍ତ୍ରିକ ବ୍ୟବସ୍ଥାରେ ମହିଳାମାନଙ୍କର କେତେକ ଉନ୍ନତି ବା ବିକାଶ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଧାରା ୧୫ (୩), ଧାରା ୨୧ ଓ ଧାରା ୧୪ ମହିଳାମାନଙ୍କର ସୁବିଧା ପାଇଁ ସୂଚନା ଦିଏ । ତେବେ ସେଗୁଡ଼ିକ ଅତ୍ୟନ୍ତ ସାଧାରଣ, ଏଣୁ ଏ କ୍ଷେତ୍ରରେ କେତେକ ବିଶେଷ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ସୁପ୍ରିମକୋର୍ଟ କେତେକ ବ୍ୟାଖ୍ୟା ପ୍ରକ୍ରିୟାରେ ମହିଳାମାନଙ୍କର ସୁରକ୍ଷା ପାଇଁ ପ୍ରୟାସ କରିଛି । ଅନେକ ଘଟଣା ଆୟୋଗ ନଜରକୁ ଅଣାଯାଇଛି, ଘଟଣାମାନଙ୍କୁ ଆୟୋଗ ଅନୁସନ୍ଧାନ କରି ତାହାର ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟା ପୂର୍ବକ ସମାଧାନ ବାହାର କରିଛି ।

୫.୩.୫ ଜାତୀୟ ସଂଖ୍ୟାଲଘୁ ଆୟୋଗ

ଦେଶର ଧର୍ମନିରପେକ୍ଷୀୟ ପରମ୍ପରା ଓ ଜାତୀୟ ସଂହତିର ସୁରକ୍ଷା ପାଇଁ ଭାରତ ସରକାର ସଂଖ୍ୟାଲଘୁ ଶ୍ରେଣୀ ପାଇଁ ପ୍ରଦତ୍ତ ଅଧିକାର ଓ ସୁରକ୍ଷାକୁ ବହୁ ପ୍ରାଧାନ୍ୟ ଦେଇଛନ୍ତି । ଏଥିପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ଓ ଆଇନଗତ ସୁରକ୍ଷା ମାଧ୍ୟମରେ ସେମାନଙ୍କର ଅଧିକାରକୁ ସୁରକ୍ଷା ଦେବାକୁ ପ୍ରଚେଷ୍ଟା କରାଯାଇଛି । ଭାରତ ସମ୍ବିଧାନରେ, କେନ୍ଦ୍ର ଓ ରାଜ୍ୟର ଆଇନ ପଦ୍ଧତି ମାଧ୍ୟମରେ, ସରକାରୀ ନିୟମ ଓ ପ୍ରଶାସନିକ ବ୍ୟବସ୍ଥାରେ ସମୟକୁ ସମୟ ସେମାନଙ୍କର ସୁରକ୍ଷା ବିଷୟରେ ଯାହା କୁହାଯାଇଛି ତାହାକୁ ପାଳନ କରିବାକୁ ଆୟୋଗ ଗୁରୁତ୍ୱ ଦେଇଆସିଛି । ମୁସ୍‌ଲିମ, ଖ୍ରୀଷ୍ଟିଆନ୍, ଶିଖ, ବୌଦ୍ଧ ଓ ପାର୍ସି (ଜୋରାଷ୍ଟ୍ରୀୟାନ) ଶ୍ରେଣୀର ଲୋକମାନଙ୍କୁ ସଂଖ୍ୟାଲଘୁ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି ।

ସଂଖ୍ୟାଲଘୁ ଶ୍ରେଣୀ ଆୟୋଗ ବା କମିଶନ ସଂଖ୍ୟାଲଘୁ ଶ୍ରେଣୀର ନିରାପତ୍ତା ଓ ସୁରକ୍ଷାର ମୂଲ୍ୟାୟନ କରିବା, ମନିଟରିଂ କରିବା ସହ ସେମାନଙ୍କର ସୁରକ୍ଷା ଦିଗରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହାର ସମୀକ୍ଷା କରିଥାଏ । ସଂଖ୍ୟାଲଘୁ ଶ୍ରେଣୀର ଆର୍ଥିକ ଓ ସାମାଜିକ ବିକାଶ ଓ ସେମାନଙ୍କ ଭିତରେ ଶିକ୍ଷାର ପ୍ରସାର ପାଇଁ ଆୟୋଗ ସମୟ ସମୟରେ ଅନୁଶୀଳନ, ଗବେଷଣା ଓ ବିଶ୍ଳେଷଣ କରିଥାଏ । ସେମାନଙ୍କର ଅଧିକାର ଓ ସୁଯୋଗ ବ୍ୟାହତ ହେଉଥିଲେ ସେହି ଘଟଣାକୁ ଉପଯୁକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥାଏ ଓ ସେମାନଙ୍କର ଉପଯୁକ୍ତ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେଇଥାଏ ।

Digitized by srujanika@gmail.com

୫.୩.୬ ଜାତୀୟ ସଫେଇ କର୍ମଚାରୀଙ୍କ ଆୟୋଗ

ସଫେଇ କର୍ମଚାରୀଙ୍କ ପାଇଁ ଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ପାଇଁ ଆୟୋଗ ଦୃଷ୍ଟି ଦେଇଥାଏ । ସେମାନଙ୍କର ସମସ୍ୟା ଦୂରୀକରଣ ଓ ସେମାନେ ସମ୍ମୁଖୀନ ହେଉଥିବା ଭେଦଭାବର ବିଲୋପ ପାଇଁ ଆୟୋଗ ଯତ୍ନ କରିଥାଏ । ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସେମାନଙ୍କର ସମସ୍ୟାର ସମାଧାନ କରିବା ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ସେମାନଙ୍କୁ ଠିକ୍ ଭାବେ ଉପଲବ୍ଧ ପାଇଁ ପ୍ରୟାସ କରିଥାଏ । ସଫେଇ କର୍ମଚାରୀଙ୍କର ଉପଯୁକ୍ତ ଥଇଥାନ ଓ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ଏହା ଗୁରୁତ୍ୱର ସହ ବିଚାର କରିଥାଏ ।

୫.୩.୭ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

ଶିଶୁ ଅଧିକାର ସୁରକ୍ଷାକୁ ପରୀକ୍ଷା ଓ ସମୀକ୍ଷା କରିବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏକ ବିଧିସମ୍ମତ ଅନୁଷ୍ଠାନ । ଶିଶୁ ଅଧିକାର ଉଲଘଂନ ଓ ଏ ସଂକ୍ରାନ୍ତୀୟ ଆଇନର ଉପଯୋଗ ବିଷୟରେ ଏହି ଆୟୋଗ ଅନୁସନ୍ଧାନ କରିବା ସହ ଆବଶ୍ୟକ ଅନୁଯାୟୀ ସୁପାରିଶ ମଧ୍ୟ କରିଥାଏ । ସନ୍ତ୍ରାସବାଦ, ସାମ୍ପ୍ରଦାୟିକ ହିଂସା, ପ୍ରାକୃତିକ ଦୁର୍ବିପାକ, ପାରିବାରିକ ହିଂସା, ଏଡ୍ସ ଆକ୍ରାନ୍ତ, ଅପହରଣ ଓ ବିକ୍ରି, ଅଶୋଭନୀୟ ବ୍ୟବହାର, ଉତ୍ପୀଡ଼ନ ଓ ଶୋଷଣ, ଅଶ୍ଳୀଳତା, ଯୌନବୃତ୍ତି ଇତ୍ୟାଦି ଘଟଣାରେ ଆକ୍ରାନ୍ତ ହେଉଥିବା ଶିଶୁ / ପିଲାମାନଙ୍କର ଘଟଣାକୁ ଅନୁସନ୍ଧାନ କରିବା ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ କରିବା ଏହି ଆୟୋଗର ଆଭିମୁଖ୍ୟ । ଶିଶୁ ଅଧିକାରର ସାର୍ବଜନୀନତା ଓ ଅଲଘଂନୀୟତା ବିଷୟରେ ଆୟୋଗ ଦୃଢ଼ତା ପ୍ରକାଶ କରି ଦେଶର ଶିଶୁମାନଙ୍କର ଅଧିକାରକୁ ପ୍ରାଥମିକତା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଧାନ୍ୟ ଦେଇଥାଏ । ଅଠର ବର୍ଷ ପର୍ଯ୍ୟନ୍ତ ସବୁ ବୟସର ପିଲାଙ୍କର ସୁରକ୍ଷାକୁ ଏହା ସମାନ ଗୁରୁତ୍ୱ ଦେଇ ବିଚାର କରିଥାଏ । ବିଶେଷକରି ଅଧିକ ଅସୁରକ୍ଷିତ ଥିବା ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରାଥମିକତା ଦେଇ ପଦକ୍ଷେପ ନେବାକୁ ଏହାର ନିୟମରେ ଗୁରୁତ୍ୱ ଦିଆଯାଇଛି । ଅବିକଶିତ ଅଞ୍ଚଳ ବା ଅନଗ୍ରସର ଗୋଷ୍ଠୀର ପିଲାମାନେ ବା ପରିସ୍ଥିତିଗତ ପରିବେଶ ଯୋଗୁଁ ଅସୁବିଧାରେ ପଡ଼ିଥିବା ପିଲାମାନଙ୍କ ପ୍ରତି ଏହା ସ୍ୱତନ୍ତ୍ର ଧ୍ୟାନ ଦେଇଥାଏ । ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା, ଅତ୍ୟନ୍ତ ଅସୁବିଧାଜନକ ସ୍ଥିତିରେ ଥିବା, ସମାଜର ଶୋଷିତ ଓ ଅସହାୟ ଗୋଷ୍ଠୀ, ଆଇନ ସହ ଦ୍ୱନ୍ଦ୍ୱରେ ଥିବା, ପରିବାର ନ ଥିବା ଓ ଜେଲ୍ ଯାଇଥିବା ଲୋକଙ୍କର ପିଲାମାନଙ୍କ ବିଷୟକୁ ଆୟୋଗ ଅଧିକ ପ୍ରାଧାନ୍ୟ ଦେଇ ବିଚାରକୁ ନେଇଥାଏ ।

Digitized by srujanika@gmail.com

୬. ମାନବିକ ଅଧିକାର ଉଲଙ୍ଘନକୁ ପ୍ରତିହତ କରିବାକୁ କାର୍ଯ୍ୟ କରୁଥିବା ମାନବାଧିକାର ସୁରକ୍ଷାକାରୀଙ୍କ ସାମର୍ଥ୍ୟର ବିକାଶ

ଦଳିତ ମାନବିକ ଅଧିକାର ମନିଟରିଂ ବା ତଦାରଖ

ପ୍ରଚାର କାର୍ଯ୍ୟ ଓ ସମର୍ଥନ ଯୋଗାଡ଼

ସମାଧାନ ପ୍ରସ୍ତାବ : ମୌଳିକ ନିୟମ ସମୂହ ଓ କୌଶଳ

ଗଣମାଧ୍ୟମର ସଫଳ ପରିଚାଳନା

ଫଳପ୍ରଦ ସମ୍ବନ୍ଧ ସ୍ଥାପନ

Digitized by srujanika@gmail.com

୬.୧ ଦଳିତ ମାନବାଧିକାର ମନିଟରିଂ ବା ତଦାରଖ

ନିର୍ଯ୍ୟାତନା ଘଟଣାର ତଦାରଖ କରିବା ମାନବାଧିକାର ସୁରକ୍ଷାର ଏକ ପ୍ରମୁଖ ମାର୍ଗ । ମନିଟରିଂ ବା ତଦାରଖ ଭିତରେ ପର୍ଯ୍ୟବେକ୍ଷଣ, ସତର୍କ ଦୃଷ୍ଟି, ଘଟଣା ସବୁର ସଂଗ୍ରହ, ସତ୍ୟାସତ୍ୟ ନିରୂପଣ ଓ ତୁରନ୍ତ ସୂଚନା ପ୍ରଦାନ ଅନ୍ତର୍ଭୁକ୍ତ, ଯାହାଦ୍ୱାରା ମାନବିକ ଅଧିକାର ଉଲ୍ଲଘନ ସମସ୍ୟାକୁ ସମାଧାନ କରାଯାଇପାରିବ । ଏହା ମଧ୍ୟ ମୂଳ ଉତ୍ସ ଓ ଅନ୍ୟ କ୍ଷେତ୍ରରୁ ତଥ୍ୟ ସଂଗ୍ରହ, ଅପରାଧ ଜନିତ କାର୍ଯ୍ୟକଳାପର କାରଣ ନିରୂପଣ, ବିଭିନ୍ନ ଘଟଣାର ପର୍ଯ୍ୟବେକ୍ଷଣ (ନିର୍ବାଚନ, ବିଚାର, ଧାରଣା ଇତ୍ୟାଦି), ସ୍ଥାନ ପରିଦର୍ଶନ, ଯଥା ଅଟକ ରଖିବା, ସ୍ଥାନ ବା ଶରଣାର୍ଥୀ ଆଶ୍ରୟ ସ୍ଥଳକୁ ଯିବା ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ଦ୍ୱାରା ତଥ୍ୟ ହାସଲ କରିବା, ସମାଧାନର ସୂତ୍ର ବାହାର କରିବା ଓ ତତ୍କ୍ଷଣାତ ପଦକ୍ଷେପ ସହିତ ସଂପୃକ୍ତ ।

ଏହାର ମୁଖ୍ୟ ଲକ୍ଷ୍ୟ ମାନ ହେଲା - (୧) ଦଳିତମାନଙ୍କର ସମସ୍ତ ମାନବିକ ଅଧିକାର ଉଲ୍ଲଘନ ପାଇଁ ରାଷ୍ଟ୍ରକୁ ଦାୟୀ କରିବା, (୨) କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିବାରେ ସାହାଯ୍ୟ କରିବା, (୩) ନାଗରିକ ସମାଜକୁ ସଚେତନ କରାଇବା ।

ଦଳିତ ଓ ଆଦିବାସୀମାନେ ଅତି ଭୟଙ୍କର ଭେଦଭାବ ଓ ହିଂସାର ସମ୍ମୁଖୀନ ହୁଅନ୍ତି । ଜାତିପ୍ରଥାକୁ ଧର୍ମୀୟ ସ୍ୱୀକୃତି ଦିଆଯାଇ ଏହାର ପବିତ୍ରତା ରକ୍ଷା କରିବାକୁ କୁହାଯାଏ । ସେହିପରି ଅସ୍ପୃଶ୍ୟତା ଓ ଅନ୍ୟକୁ ସ୍ପର୍ଶ ଦ୍ୱାରା ହେଉଥିବା ପ୍ରଦୂଷଣ ସପକ୍ଷରେ ଧାର୍ମିକ ଆବେଗ ସୃଷ୍ଟି କରାଯାଏ । ଦଳିତ ଓ ଆଦିବାସୀମାନେ ଜାତିଗତ ଆଧାରରେ ଅମାନବିକ ଭେଦଭାବର ଶିକାର ହୁଅନ୍ତି । ଅସ୍ପୃଶ୍ୟତା, ମାନବିକ ଅଧିକାରର ଉଲ୍ଲଘନ, ସାମାଜିକ ବହିଷ୍କାର ସମସ୍ୟା ସେମାନେ ନିତିଦିନ ସମ୍ମୁଖୀନ ହୁଅନ୍ତି ।

ଦଳିତମାନେ ସେମାନଙ୍କର ସାମାଜିକ ପରିଚୟ ଓ ସ୍ଥିତି ଯୋଗୁଁ ଅସମ୍ମାନ ଓ ଉତ୍ପୀଡ଼ନର ଶରବ୍ୟ ହୋଇଥାନ୍ତି । ବିଭିନ୍ନ ପ୍ରକାରର ହୀନ ଓ ନୀଚ କାର୍ଯ୍ୟ କରିବାକୁ ସେମାନଙ୍କୁ ବାଧ କରାଯାଏ ଓ ଏହାହିଁ ସେମାନଙ୍କର ଭାଗ୍ୟ ବୋଲି ସେମାନଙ୍କୁ କୁହାଯାଏ । ଯେତେବେଳେ ସେମାନେ ଜମି, ଜଳ, ଉପାର୍ଜନ ଇତ୍ୟାଦି ସମ୍ବଳ କ୍ଷେତ୍ରରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାକୁ ପ୍ରୟାସ କରନ୍ତି; ଧାର୍ମିକ ବା ସାଂସ୍କୃତିକ ଉତ୍ସବମାନଙ୍କରେ ଅଂଶ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରନ୍ତି, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବା ଭୋଟ୍ ଦେବାକୁ ସେମାନଙ୍କର ଅଧିକାର ବିଷୟ କହନ୍ତି ସେତେବେଳେ ସେମାନଙ୍କୁ ତିରସ୍କାର କରାଯାଏ, ଶାରୀରିକ ସ୍ତରରେ ଆକ୍ରମଣ କରାଯାଏ, ସାମାଜିକ ସ୍ତରରେ ବାସନ୍ଦ କରାଯାଏ,

Digitized by srujanika@gmail.com

ଦଳିତ ମହିଳାମାନଙ୍କୁ ଧର୍ଷଣ କରାଯାଏ ଓ ଏପରିକି ଅମାନବୀୟ ଭାବେ ହତ୍ୟା କରାଯାଏ । ପରବର୍ତ୍ତୀ ପର୍ଯ୍ୟାୟରେ ଦଳିତମାନଙ୍କ ଉପରେ ଅନ୍ୟ ପ୍ରକାର ଅତ୍ୟାଚାର ଘଟୁଥିବା ଦେଖାଯାଏ, ଯଥା- ବିଷ୍ଠା ଖାଇବାକୁ ସେମାନଙ୍କୁ ବାଧ କରିବା, ଶାରୀରିକ ଦଣ୍ଡ ଦେବା, ତାଙ୍କ ଦେହରେ ବଡ଼ କ୍ଷତ ସୃଷ୍ଟି କରିବା, ତାଙ୍କ ବସ୍ତି ନିଆଁ ଲଗାଇ ପୋଡ଼ିଦେବା ଓ ସେମାନଙ୍କୁ ଦଳଗତ ଭାବେ ହତ୍ୟା କରିବା ଏହିପରି ନାନା ପ୍ରକାର ଅପରାଧର ସେମାନେ ଶିକାର ହୁଅନ୍ତି ।

ସେମାନଙ୍କ ଉପରେ ଏହି ପ୍ରକାରର ଉତ୍ପୀଡ଼ନ କ୍ଷେତ୍ରରେ ସେମାନେ ବି ଉପଯୁକ୍ତ ନ୍ୟାୟ ପାଇପାରନ୍ତି ନାହିଁ । ଦଳିତମାନଙ୍କ ଉପରେ ହେଉଥିବା ଦମନ ଓ ଉତ୍ପୀଡ଼ନକୁ ପ୍ରତିହତ କରିବା ପାଇଁ ଶୃଙ୍ଖଳା ପ୍ରବର୍ତ୍ତକ ଅଧିକାରୀମାନେ ଉପଯୁକ୍ତ ଭାବେ ପଦକ୍ଷେପ ନିଅନ୍ତି ନାହିଁ । କୌଣସି ଘଟଣା ଘଟିବା ପରେ ମଧ ଏହାର ଉପଯୁକ୍ତ ତଦନ୍ତ କରାଯାଏ ନାହିଁ କିମ୍ବା ଦୋଷୀମାନଙ୍କୁ ଦଣ୍ଡ ଦେବାକୁ କାର୍ଯ୍ୟାନୁଷ୍ଠାନ ହୁଏନାହିଁ । କୌଣସି ଉତ୍ପୀଡ଼ନ ଜନିତ ଘଟଣା ଘଟିବା ପରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଛିଡ଼ା ହୁଏ । ଘଟଣାର ଠିକ୍ ପଞ୍ଜୀକରଣ ହୁଏନାହିଁ, ଉପଯୁକ୍ତ ତଦନ୍ତ ହୁଏନାହିଁ, ଅଭିଯୋଗ ପତ୍ର ବା ଚାର୍ଜସିଟ୍ ଦାଖଲ କରାଯାଏ ନାହିଁ ଓ ବିଚାର ପାଇଁ ଉପଯୁକ୍ତ ଧ୍ୟାନ ଦିଆଯାଏ ନାହିଁ । ଘଟଣା ବିଷୟରେ ପୋଲିସ୍‌ରେ ନ କହିବା ପାଇଁ କ୍ଷତିଗ୍ରସ୍ତଙ୍କ ଉପରେ ଗଭୀର ଚାପ ପ୍ରୟୋଗ ହୁଏ । ଗୋଟିଏ ଘଟଣା ଘଟିବା ପରେ ବଞ୍ଚି ଯାଉଥିବା ଲୋକମାନେ ଯେପରି ଅଭିଯୋଗ ଦାଖଲ ନ କରିବେ ସେଥିପାଇଁ ସେମାନଙ୍କ ଉପରେ ନାନା ଚାପ ପଡ଼ିଥାଏ । ପୋଲିସ ଅଧିକାରୀମାନେ ସେମାନଙ୍କର ଅଭିଯୋଗକୁ ଲିପିବଦ୍ଧ କରନ୍ତି ନାହିଁ ବା ଏସ୍‌ସି/ ଏସ୍‌ଟି (ନିର୍ଯ୍ୟାତନା ନିବାରଣ ଆଇନ) ଆଧାରରେ ପଞ୍ଜୀକୃତ କରନ୍ତି ନାହିଁ ଓ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଘଟଣାର ଅନୁସନ୍ଧାନ ଶେଷ କରନ୍ତି ନାହିଁ । ଆଇନର ବ୍ୟବସ୍ଥାନୁଯାୟୀ ଉପଯୁକ୍ତ ପଦକ୍ଷେପ ନିଆଯାଏ ନାହିଁ । ପରିଣାମତଃ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଉତ୍ପୀଡ଼ନର ମାତ୍ର ଏକ ତୃତୀୟାଂଶ ଘଟଣା ପଞ୍ଜୀକୃତ ହୁଏ । ବିଚାରାଳୟରେ ଉତ୍ପୀଡ଼ନ ଘଟଣାର ରାୟ ଅପରାଧ ଘଟାଇଥିବା ଲୋକମାନଙ୍କ ସପକ୍ଷରେ ଯାଏ । ଏହା ବୈଷୟିକ କାରଣରୁ ହୁଏ କିମ୍ବା ସରକାରୀ ଓକିଲ ଠିକ୍ ଭାବରେ ଓ ଦକ୍ଷତାର ସହ ଘଟଣାକୁ ଉପସ୍ଥାପନ କରିପାରୁ ନ ଥିବା ଯୋଗୁଁ ହୁଏ । ଅନେକ ଦଳିତ ବିଚାର କ୍ଷେତ୍ରରେ ଅସମ୍ଭବ ବିଳମ୍ବର ସମ୍ମୁଖୀନ ହୁଅନ୍ତି, ନାନା ପ୍ରକାରର ଭୟ ସେମାନଙ୍କୁ ଦେଖାଯାଏ ଓ ଯେଉଁମାନେ ସାକ୍ଷୀ ଥିଲେ ସେମାନଙ୍କୁ ପ୍ରଭାବିତ କରିବା ଦ୍ୱାରା ସେମାନେ ବିଚାରାଳୟରେ ଭିନ୍ନ ସାକ୍ଷ୍ୟ ଦିଅନ୍ତି । ଏପରିକି ଘଟଣାର ଏକ ଆପୋଷ ସମାଧାନ ପାଇଁ ସେମାନଙ୍କୁ ବାଧ କରାଯାଏ । ଏହିପରି ଦେଖିଲେ ଅପରାଧ ଘଟାଇଥିବା ଲୋକମାନେ ବହୁ କ୍ଷେତ୍ରରେ ମୁକ୍ତ ହୋଇଯାଆନ୍ତି ଓ ଖୁବ୍ କମ୍ ଘଟଣାରେ ସେମାନେ ଦଣ୍ଡିତ ହୁଅନ୍ତି । ସୁତରାଂ ନିର୍ଯ୍ୟାତନା ନିବାରଣ ଆଇନ ଯଥାଯଥ ଭାବେ ସଫଳ ହୋଇପାରୁନାହିଁ ।

ଏହାଛଡ଼ା ଅନ୍ୟାନ୍ୟ ବହୁ କାରଣ ଯୋଗୁଁ ଉତ୍ପୀଡ଼ନରେ କ୍ଷତିଗ୍ରସ୍ତ ଲୋକମାନେ ତୁରନ୍ତ ନ୍ୟାୟ ପାଇପାରନ୍ତି ନାହିଁ । ବିଚାରପତି ବା ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର (ଏସ୍‌ପିପି)କୁ ଠିକ୍ ସମୟରେ ନିଯୁକ୍ତି ନ ଦେବା, ଏସ୍‌ପିପିମାନଙ୍କର ନିମ୍ନମାନର ଯୋଗ୍ୟତା, ସ୍ୱତନ୍ତ୍ର ବିଚାରାଳୟରେ ତୁରନ୍ତ ଶୁଣାଣିର ଅଭାବ, ବିଚାରାଳୟରେ ଅଭିଯୁକ୍ତ, କ୍ଷତିଗ୍ରସ୍ତ ଓ ସାକ୍ଷୀମାନେ ଠିକ୍ ସମୟରେ ଉପସ୍ଥିତ ନ ହେବା ଓ ଘଟଣାକୁ ଗଡ଼େଇ ଚାଲିବା, ଜୀବନ ପ୍ରତି ଭୟଜନିତ କାରଣରୁ କ୍ଷତିଗ୍ରସ୍ତ ବା ସାକ୍ଷୀ କୋର୍ଟ ଶୁଣାଣି ସମୟରେ ମତ ବଦଳାଇବା ଇତ୍ୟାଦି କାରଣ ଯୋଗୁଁ ନ୍ୟାୟ ମିଳିପାରେ ନାହିଁ । ପୁନଶ୍ଚ କୋର୍ଟମାନଙ୍କରେ କେସ୍‌ଗୁଡ଼ିକ ଦୀର୍ଘଦିନ ଧରି ପଡ଼ିରହିବା, ବିଚାରପତି ଅଭାବରୁ ଘଟଣାର ବିଚାରରେ ଅସମ୍ଭବ ବିଳମ୍ବ ହେବା, ଦୀର୍ଘ ସମୟ ଧରି ଘଟଣାର ଅନୁସନ୍ଧାନ ଚାଲିବା ପରି ନାନା କାରଣ ଯୋଗୁଁ କ୍ଷତିଗ୍ରସ୍ତ ଯଥା ସମୟରେ ନ୍ୟାୟ ପାଇପାରେ ନାହିଁ ।

ଏସ୍‌ସି ଓ ଏସ୍‌ଟି ନିର୍ଯ୍ୟାତନା ନିବାରଣ ଆଇନ ୧୯୮୯ ଓ ନିୟମ ୧୯୯୫ ଅନୁଯାୟୀ କେତେକ ପ୍ରତିକାର ବିଷୟ ଏଠାରେ ଆଲୋଚନା କରାଯାଇପାରେ । ଭାରତୀୟ ଦଣ୍ଡବିଧି ଆଇନକୁ ଲ' ଅଫ୍ ଏଭିଡେନ୍ସ ସହ ସଂଯୋଗ କରାଯାଇ କେତେକ ପ୍ରତିକାର ବିଷୟକୁ ଏଠାରେ ବିଚାର ପରିସରକୁ ଆଣିବା ।

Digitized by srujanika@gmail.com

ପ୍ରଶ୍ନ : କ୍ଷତିଗ୍ରସ୍ତର ଅଭିଯୋଗ ଯଦି ପୋଲିସ ଷ୍ଟେସନ୍‌ରେ ଏଫ୍‌ଆଇଆର୍ ଭାବେ ପଞ୍ଜୀକୃତ ନ ହୋଇ କେବଳ ଦୈନିକ ଡାଇରୀ ଭାବେ ରହେ, କ'ଣ କରାଯିବ ?

ଉତ୍ତର - ଯଦି ଅଭିଯୋଗକୁ ନିର୍ଯ୍ୟାତନା ନିବାରଣ ନିୟମାବଳୀର ଧାରା ୫ ଓ ଆପରାଧିକ ଦଣ୍ଡବିଧି ସଂହିତାର ଧାରା ୧୫୪ ଅନୁଯାୟୀ ଏଫ୍‌ଆଇଆର୍ (ଫାଷ୍ଟ ଇନ୍‌ଫର୍ମେସନ ରିପୋର୍ଟ) ଭାବେ ପୋଲିସ ଅଧିକାରୀ ପଞ୍ଜୀକୃତ କରନ୍ତି ନାହିଁ, ତେବେ ପୋଲିସ ଏସ୍‌ପି ଓ ଡିଜିପିଙ୍କୁ ଏ ବିଷୟରେ ଲେଖି ଅଭିଯୋଗ ପଠାଯାଇପାରିବ ।

ପ୍ରଶ୍ନ : ଯଦି ଅଭିଯୋଗକାରୀ ତାଙ୍କର ଅଭିଯୋଗକୁ ଲିଖିତ ଆକାରରେ ନ ଦେଇ କଥାରେ କହନ୍ତି ଓ ପୋଲିସ୍ ଷ୍ଟେସନର ଅଧିକାରୀ ତାହା ଶୁଣିବା ପରେ ପିଓଏ ନିୟମ ୫ (୧) ଅନୁଯାୟୀ ତାଙ୍କୁ ଲିପିବଦ୍ଧ କରି ତାହା ତାଙ୍କୁ ନ ଶୁଣାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ପିଓଏ ନିୟମାବଳୀ ଧାରା ୫ ଓ ଆପରାଧିକ ଦଣ୍ଡବିଧି ସଂହିତା ଧାରା ୧୫୪ ଅନୁଯାୟୀ ଏସ୍‌ପି ଓ ଡିଜିପିଙ୍କୁ ନିର୍ଦ୍ଦିଷ୍ଟ ଲିଖିତ ଅଭିଯୋଗ କରାଯାଇପାରିବ ।

ପ୍ରଶ୍ନ : ଯଦି ପୋଲିସ ଅଧିକାରୀ ଏଫ୍‌ଆଇଆର୍‌କୁ ପଞ୍ଜୀକୃତ କରୁନାହାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସେପରି ସ୍ଥଳେ ପିଓଏ ନିୟମାବଳୀ ଧାରା ୫ ଓ ସିଆର୍‌ପିସି ଧାରା ୧୫୪ (୩) ଅନୁଯାୟୀ ପୋଲିସ ଏସ୍‌ପିଙ୍କୁ ଲେଖାଯାଇ ଅଭିଯୋଗ କରାଯିବ ଯେ ତାଙ୍କ ଅଭିଯୋଗକୁ ଥାନାଧିକାରୀ ପଞ୍ଜୀକୃତ କରିନାହାନ୍ତି ।

- ଯଦି ଏସ୍‌ପି ସେହି ଅଭିଯୋଗକୁ ପଞ୍ଜୀକୃତ କରନ୍ତି ନାହିଁ ତେବେ ପିଓଏ ନିୟମାବଳୀ ଧାରା ୮ (୧) (viii) ଅନୁଯାୟୀ ଡିଜିପିଙ୍କୁ ଲେଖି ଏସ୍‌ପିଙ୍କ ବିରୋଧରେ ଅଭିଯୋଗ କରାଯାଇପାରିବ ।
- ଏହା ସତ୍ତ୍ୱେ ଯଦି ତାଙ୍କ ଅଭିଯୋଗକୁ ପଞ୍ଜୀକୃତ କରାଯାଏ ନାହିଁ ତେବେ ସିଆର୍‌ପିସି ଧାରା ୧୯୦ ଓ ଧାରା ୧୫୬ (୩) ଅନୁଯାୟୀ ଏକ ବେସରକାରୀ ଅଭିଯୋଗ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଏଫ୍‌ଆଇଆର୍‌ର ପଞ୍ଜୀକରଣ ପାଇଁ ନିବେଦନ କରାଯାଇପାରିବ ।
- ଏସବୁ ସତ୍ତ୍ୱେ ଯଦି ଅଭିଯୋଗ ପଞ୍ଜୀକୃତ ନ ହୁଏ ତେବେ ସିଆର୍‌ପିସି ଧାରା ୪୮୨ ଅନୁଯାୟୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇପାରିବ ।

ପ୍ରଶ୍ନ : ଜଣେ ମହିଳାଙ୍କ ଅଭିଯୋଗକୁ ଜଣେ ମହିଳା ପୋଲିସ ଅଧିକାରୀ ପଞ୍ଜୀକୃତ କରିବେ । ଯଦି ମହିଳାଙ୍କ ପ୍ରତି ସିଆର୍‌ପିସି ଧାରା ୩୨୬ (ଏ) (ବି), ୩୫୪, ୩୫୪ (ଏ) (ବି) (ସି) (ଡି), ୩୭୬, ୩୭୬ (ଏ) (ବି) (ସି) (ଡି) କିମ୍ବା ୫୦୯ ଆଇପିସି ଧାରା ଅନୁଯାୟୀ ଆପତ୍ତିଜନକ କାର୍ଯ୍ୟ ହୋଇଥାଏ, ମହିଳାଙ୍କ ଅଭିଯୋଗକୁ ସିଆର୍‌ପିସି ଧାରା ୧୫୪ (୧) ଅନୁଯାୟୀ ଜଣେ ମହିଳା ପୋଲିସ ଅଧିକାରଙ୍କ ଦ୍ୱାରା ପଞ୍ଜୀକୃତ କରା ନ ଯାଏ, କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୧୫୪ (୧) ଓ ପିଓଏ ନିୟମାବଳୀ ଧାରା ୫ ଅନୁଯାୟୀ ଅଭିଯୋଗର ପଞ୍ଜୀକରଣ ପାଇଁ ଏସ୍‌ପିଙ୍କୁ ଲେଖାଯାଇ ପାରିବ ।

ପ୍ରଶ୍ନ : ଜଣେ ଭିନ୍ନକ୍ଷମ ମହିଳାଙ୍କର ଅଭିଯୋଗକୁ ତାଙ୍କର ସୁବିଧାଜନକ ସ୍ଥାନରେ ଯଦି ଜଣେ ମହିଳା କନେଷ୍ଟବଲ୍ ପଞ୍ଜୀକୃତ କରନ୍ତି ନାହିଁ କିମ୍ବା ସିଆର୍‌ପିସି ନିୟମାନୁଯାୟୀ ଏହାର ଭିଡିଓଗ୍ରାଫ କରନ୍ତି ନାହିଁ ତେବେ କ୍ଷତିଗ୍ରସ୍ତ ମହିଳା କ'ଣ କରିବେ ?

ଉତ୍ତର - ସିଆର୍‌ପିସି ଧାରା ୧୫୪ (୧) (ଏ) ଓ (ବି) ଏବଂ ପିଓଏ ନିୟମାବଳୀ ଧାରା ୫ ଅନୁଯାୟୀ ଅଭିଯୋଗର ପଞ୍ଜୀକରଣ ପାଇଁ ଏସ୍‌ପିଙ୍କୁ ଲେଖିପାରିବେ ।

ପ୍ରଶ୍ନ : ଯଦି ଅଭିଯୋଗ ପିଓଏ ଧାରା ଅନୁଯାୟୀ ପଞ୍ଜୀକୃତ ନ ହୁଏ କିମ୍ବା ପିଓଏ ଧାରାର ଉପଯୁକ୍ତ ସେକ୍ସନ ଅଧୀନରେ ପଞ୍ଜୀକୃତ ନ ହୁଏ ତେବେ କ'ଣ କରାଯିବ ?

Digitized by srujanika@gmail.com

ଉତ୍ତର - ଡିଏସ୍‌ପି / ଏସ୍‌ପି / ଡିଜିପିଙ୍କୁ ଦରଖାସ୍ତ ଦେଇ ପ୍ରକୃତ ପିଓଏ ଧାରା ଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିବେଦନ କରିପାରିବେ ।

- ଏହା ସତ୍ତ୍ୱେ ପଦକ୍ଷେପ ନିଆ ନ ଯାଏ ଧାରା ୧୫୬ (୩) ସିଆର୍‌ପିସି ଅନୁଯାୟୀ ଯଥାର୍ଥ ପିଓଏ ଆକ୍ଟ ଅଧୀନରେ ଅଭିଯୋଗର ପଞ୍ଜୀକରଣ ପାଇଁ ମାଜିଷ୍ଟ୍ରେଟ୍‌ଙ୍କୁ ଅଭିଯୋଗ କରିପାରିବେ ।

ପ୍ରଶ୍ନ : ଯଦି ଅଭିଯୋଗକାରୀ ଯେଉଁସବୁ ଅଭିଯୋଗ କରିଛନ୍ତି ତାହା ତାଙ୍କ ଏଫ୍‌ଆଇଆର୍‌ରେ ସ୍ଥାନିତ କରାଯାଇ ନ ଥାଏ, କ'ଣ କରାଯିବ ?

ଉତ୍ତର - ପୋଲିସ ଅଧିକାରୀ ତାଙ୍କ ଅଭିଯୋଗର ଯେଉଁସବୁ ବିଷୟ ଛାଡ଼ିଯାଇଥାନ୍ତି ସେସବୁ ଏଫ୍‌ଆଇଆର୍‌ରେ ସଂଯୁକ୍ତ କରିବା ପାଇଁ ଡିଏସ୍‌ପି / ଏସ୍‌ପି / ଡିଜିପିଙ୍କୁ ଦରଖାସ୍ତ କରି ଏହା କରିପାରିବେ ।

- ଏସବୁ ସତ୍ତ୍ୱେ ଯଦି କାର୍ଯ୍ୟ ନ ହୁଏ ତେବେ ସିଆର୍‌ପିସି ଧାରା ୧୫୬ (୩) ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରିପାରିବେ ।

ପ୍ରଶ୍ନ : ଯଦି ଅଭିଯୁକ୍ତଙ୍କୁ ତାଙ୍କ ଏଫ୍‌ଆଇଆର୍‌ର ଏକ ନକଲ (କପି) ବିନାମୂଲ୍ୟରେ ଦିଆ ନ ଯାଏ, ତେବେ କ'ଣ କରିବେ ?

ଉତ୍ତର - ସିଆର୍‌ପିସି ଧାରା ୧୫୪ (୨) ଓ ପିଓଏ ନିୟମାବଳୀ ଧାରା ୫ (୨) ଅନୁଯାୟୀ ଏସ୍‌ପି / ଡିଜିପିଙ୍କୁ ଏଫ୍‌ଆଇଆର୍‌ର ଏକ ମାଗଣା କପି ପାଇଁ ଦରଖାସ୍ତ କରିପାରିବେ ।

- ଯଦି ନ ପାଆନ୍ତି, ତେବେ ସିଆର୍‌ପିସି ଧାରା ୧୫୪ (୨) ଓ ପିଓଏ ନିୟମାବଳୀ ଧାରା ୫ (୨) ଅନୁଯାୟୀ ଏଫ୍‌ଆଇଆର୍‌ର କପି ପାଇଁ ମାଜିଷ୍ଟ୍ରେଟ୍ କୋର୍ଟଙ୍କୁ ଜଣାଇପାରିବେ ।

ପ୍ରଶ୍ନ : ଯଦି କ୍ଷତିଗ୍ରସ୍ତ ବ୍ୟକ୍ତି ଓ ସାକ୍ଷୀଙ୍କ ବିରୋଧରେ ଅଭିଯୁକ୍ତ ବ୍ୟକ୍ତି ପ୍ରତି ଏଫ୍‌ଆଇଆର୍ ଦାଖଲ କରନ୍ତି, ତେବେ କ'ଣ କରିବେ ?

ଉତ୍ତର - ସେପରି ସ୍ଥଳେ ଏସ୍‌ପି ଓ ପୋଲିସ୍ ଡିଜିଙ୍କୁ ଲେଖି ଏହି ଅଭିଯୋଗ କରିବେ ଯେ-

କ୍ଷତିଗ୍ରସ୍ତ / ସାକ୍ଷୀଙ୍କ ବିରୁଦ୍ଧରେ ଏକ ମିଥ୍ୟା ଅଭିଯୋଗ ପଞ୍ଜୀକୃତ ହୋଇଛି, ଯାହାଫଳରେ ଅନୁରୋଧ କରୁଛି କି ଅଭିଯୁକ୍ତଙ୍କ ବିରୋଧରେ ପିଓଏ ନିୟମାବଳୀ ଧାରା ୩ (୧) (viii) ଅନୁଯାୟୀ ଏକ ପୁନଃ ଅଭିଯୋଗ ପଞ୍ଜୀକୃତ କରାଯାଉ ।

- ସିଆର୍‌ପିସି ସେକ୍ସନ ୪୮୨ ଅନୁଯାୟୀ ଏକ ପିଟିସନ ଦାଖଲ କରି କ୍ଷତିଗ୍ରସ୍ତଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଥିବା ଅଭିଯୁକ୍ତଙ୍କ ଅଭିଯୋଗକୁ ଖାରଜ କରିବାକୁ ଲେଖିପାରିବେ । ଏହା ଖାରଜ ନ ହେଲେ ସିଆର୍‌ପିସି ଧାରା ୧୫୬ (୩), ୧୯୦ ଓ ପିଓଏ ଆଇନ ଧାରା ୩ (୧) (viii) (ix) ଓ ଆଇପିସି ସେକ୍ସନ ୧୮୨ ଓ ୨୧୧ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ପାଖରେ ଏକ ବେସରକାରୀ ଅଭିଯୋଗ ଆଣିପାରିବେ ।

ପ୍ରଶ୍ନ : ଯଦି ଅଭିଯୁକ୍ତ ବ୍ୟକ୍ତି ଆଗୁଆ ଜାମିନ୍ (ଆଣ୍ଟିସିପେଟରି ବେଲ୍) ଆବେଦନ କରନ୍ତି :

ଉତ୍ତର - ଅଭିଯୁକ୍ତ ଯେଉଁ କୋର୍ଟରେ ତାଙ୍କର ଜାମିନ୍ ପାଇଁ ଆବେଦନ କରିଥିବେ ସେହି ଅଦାଲତରେ ତାହା ସେସନ୍‌ସ କୋର୍ଟ ହେଉ ବା ହାଇକୋର୍ଟ ହେଉ ଏକ ପିଟିସନ ଦାଖଲ କରି ଅଭିଯୁକ୍ତଙ୍କ ଜାମିନ୍ ଶୁଣାଣି ବେଳେ ଜାମିନ ନ ଦେବା ପାଇଁ ନିବେଦନ କରିବେ । ଏହା ଜଣେ ବେସରକାରୀ ଓକିଲଙ୍କ ଜରିଆରେ କରିବେ । ପିଓଏ ଆଇନ ଧାରା ୧୮ ଅନୁଯାୟୀ ମତ ରଖିବେ ଯେ ଅଭିଯୁକ୍ତଙ୍କର ଆବେଦନକୁ କ୍ଷତିଗ୍ରସ୍ତ ଭାବରେ ଆପଣ ବିରୋଧ କରୁଛନ୍ତି । ଏହା ସତ୍ତ୍ୱେ ଅଭିଯୁକ୍ତଙ୍କୁ ଯଦି ଜାମିନ୍ ମିଳିଥାଏ ତେବେ ସିଆର୍‌ପିସି ୪୮୨ ଓ ଧାରା ୪୩୯ (୨) ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ୍‌କୁ ଖାରଜ କରିବାକୁ ଦରଖାସ୍ତ ଦେଇପାରିବେ ।

Digitized by srujanika@gmail.com

ପ୍ରଶ୍ନ : ଯଦି ଅଭିଯୁକ୍ତମାନେ ପୋଲିସ୍ ଦ୍ୱାରା ଗିରଫ ହୋଇ ନ ଥାନ୍ତି :

ଉତ୍ତର - ସେମାନଙ୍କର ଗିରଫ ପାଇଁ ଡିଏସ୍‌ପି ଓ ଏସ୍‌ପିଙ୍କ ପାଖରେ ଏକ ଦରଖାସ୍ତ ଦିଅନ୍ତୁ ।

- ସିଆର୍‌ପିସି ଧାରା ୭୩ ଅନୁଯାୟୀ ମାଜିଷ୍ଟ୍ରେଟ୍ କୋର୍ଟରେ ସେମାନଙ୍କ ଗିରଫ ପାଇଁ ପିଟିସନ ଦାୟର କରନ୍ତୁ ।

ପ୍ରଶ୍ନ : ଅଭିଯୁକ୍ତଙ୍କ ନାମରେ ୱାରେଣ୍ଟ ବାହାରିବା ସତ୍ତ୍ୱେ ସେମାନେ ଯଦି ଗିରଫକୁ ଏଡ଼ାଇ ଯାଆନ୍ତି-

ଉତ୍ତର - ଗିରଫ ହେଉ ନ ଥିବା ଅଭିଯୁକ୍ତ ଯେ ଜଣେ ଘୋଷିତ ଅପରାଧୀ ଏହି ଘୋଷଣା ପାଇଁ ସିଆର୍‌ପିସି ଧାରା ୮୨ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରନ୍ତୁ । ଅଭିଯୁକ୍ତ ଘୋଷିତ ଅପରାଧୀ ବୋଲି ଘୋଷଣା ପରେ ପିଓଏ ଆକ୍ଟ ଧାରା ୭(୨) ଓ ସିଆର୍‌ପିସି ୮୩ ଧାରା ଅନୁଯାୟୀ ତାଙ୍କର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପିଟିସନ ଦାୟର କରିପାରିବେ ।

ପ୍ରଶ୍ନ : ଜଣେ ଧର୍ଷିତା ମହିଳା ବା ଧର୍ଷଣ ପାଇଁ ଉଦ୍ୟମ ହୋଇଥିବା ମହିଳାଙ୍କ କଥା ତଦନ୍ତ କରୁଥିବା ଅଧିକାରୀ ଡାକ୍ତରୀ ମାଇନା ପାଇଁ ନ ପଠାନ୍ତି ତେବେ କ'ଣ କରାଯିବ ?

ଉତ୍ତର - ସେପରି ସ୍ଥଳେ ସିଆର୍‌ପିସି ସେକ୍ସନ ୧୬୪ଏ ଅନୁଯାୟୀ ଏସ୍‌ପି ଓ ଡିଜିପିଙ୍କୁ ଅଭିଯୋଗ କରି କ୍ଷତିଗ୍ରସ୍ତର ତୁରନ୍ତ ଡାକ୍ତରୀ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରନ୍ତୁ ।

- ଏହା ସତ୍ତ୍ୱେ ସମସ୍ୟା ଲାଗିରହିଲେ ସିଆର୍‌ପିସି ସେକ୍ସନ ୧୫୬(୩) ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ, ଯେପରିକି କ୍ଷତିଗ୍ରସ୍ତ ତୁରନ୍ତ ଡାକ୍ତରୀ ପରୀକ୍ଷା କରଯାଏ ଓ ସମସ୍ତ ଘଟଣାର ଅନୁସନ୍ଧାନ ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ହୁଏ ।

- ଏହା ସତ୍ତ୍ୱେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ସିଆର୍‌ପିସି ସେକ୍ସନ ୪୮୨ ଅନୁଯାୟୀ ପୀଡ଼ିତାର ଡାକ୍ତରୀ ପରୀକ୍ଷା ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୁଅନ୍ତୁ । ଯଦି ଉଚ୍ଚ ପୋଲିସ୍ ଅଧିକାରୀ ଘଟଣା ଘଟିଥିବା ସ୍ଥାନକୁ ଯାଇ ତୁରନ୍ତ ଘଟଣାର ଅନୁସନ୍ଧାନ ନ କରନ୍ତି ତେବେ ପିଓଏ ନିୟମାବଳୀ ଧାରା ୬ ଓ ସିଆର୍‌ପିସି ଧାରା ୧୫୭ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଘଟଣାସ୍ଥଳକୁ ଯାଇ ଏହି ଉତ୍ପୀଡ଼ନର ଅନୁସନ୍ଧାନ କରି ତଥ୍ୟ ସଂଗ୍ରହ କରିବାକୁ ଅଭିଯୋଗ କରନ୍ତୁ ।

ପ୍ରଶ୍ନ : ଯଦି କୌଣସି ଉତ୍ପୀଡ଼ନ ଘଟଣା ଘଟିବାର ୩୦ ଦିନ ମଧ୍ୟରେ ପୋଲିସ ଅନୁସନ୍ଧାନ ଶେଷ ନ କରେ, ତେବେ କ'ଣ କରାଯିବ ?

ଉତ୍ତର - ଏକ ଅଭିଯୋଗ ଡିଏସ୍‌ପିଙ୍କ ପାଖକୁ ପଠାଇ ଘଟଣାର ତୁରନ୍ତ ଅନୁସନ୍ଧାନ ଶେଷ କରିବାକୁ କୁହନ୍ତୁ । ଘଟଣା ଘଟିବାର ୩୦ ଦିନ ଭିତରେ ଅନୁସନ୍ଧାନ ସମାପ୍ତ ହେବାର ନିୟମ ଥିବାରୁ ଘଟଣାର ତଦନ୍ତ ତୁରନ୍ତ ସମାପ୍ତ କରିବାକୁ ଜଣାନ୍ତୁ ।

- ଏହା ସତ୍ତ୍ୱେ ଅନୁସନ୍ଧାନ ବିଳମ୍ବ ହେଉଥିଲେ ଏସ୍‌ପି ଓ ପୋଲିସ୍ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଅଭିଯୋଗ ପଠାଇ ଏହାର ଅନୁସନ୍ଧାନ ଶେଷ କରିବାକୁ ଲେଖନ୍ତୁ ।

ପ୍ରଶ୍ନ : ଯଦି ଦୀର୍ଘ ସମୟ ଧରି ଯଥୋଚିତ କାରଣ ନ ଥାଇ ଅନୁସନ୍ଧାନକୁ ବିଳମ୍ବ କରାଯାଏ, କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ସେକ୍ସନ ୪୮୨ ଅନୁଯାୟୀ ହାଇକୋର୍ଟରେ ଅଭିଯୋଗ ଦେଇ ଅନୁସନ୍ଧାନକାରୀ ଅଧିକାରୀଙ୍କୁ ଏହା ଶେଷ କରିବାକୁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ନିବେଦନ କରନ୍ତୁ ।

ପ୍ରଶ୍ନ : ଯଦି ଅନୁସନ୍ଧାନକାରୀ ଅଧିକାରୀ ଘଟଣାର ଅନୁସନ୍ଧାନ ପାଇଁ ଉପଯୁକ୍ତ କାରଣ ନାହିଁ ବୋଲି ମତ ଦେଇ ଏହାର ତଦନ୍ତ ନ କରନ୍ତି, ତେବେ କ'ଣ କରାଯିବ ?

Digitized by srujanika@gmail.com

ଉତ୍ତର - ଏସ୍‌ପି ଓ ଡିଜିପି ଘଟଣାର ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ଦେବାକୁ ତାଙ୍କୁ ଅଭିଯୋଗ ଦିଅନ୍ତୁ ।

- ସିଆର୍‌ପିସି ଧାରା ୧୭୮(୩) ଅନୁଯାୟୀ ଘଟଣାର ଅନୁସନ୍ଧାନ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦିଅନ୍ତୁ ।
- ଏ ସତ୍ତ୍ୱେ ସମସ୍ୟା ରହିଲେ ସିଆର୍‌ପିସି ଧାରା ୧୫୬ (୩) ଅନୁଯାୟୀ ଘଟଣାର ନିରପେକ୍ଷ ତଦନ୍ତ, କ୍ଷତିଗ୍ରସ୍ତଙ୍କର ଡାକ୍ତରୀ ପରୀକ୍ଷା ଓ ଘଟଣାର ଅନୁସନ୍ଧାନକୁ ତଦାରଖ କରିବାକୁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ କରିପାରିବେ ।
- ତଥାପି ସମସ୍ୟା ରହିଲେ ସିଆର୍‌ପିସି ସେକ୍ସନ ୪୮୨ ଅନୁଯାୟୀ ଘଟଣାର ପୁନଃ ଅନୁସନ୍ଧାନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରିବେ ।

ପ୍ରଶ୍ନ : ଅନୁସନ୍ଧାନର ସମାପ୍ତି ଖବର ଯଦି କ୍ଷତିଗ୍ରସ୍ତଙ୍କୁ ଦିଆ ନ ଯାଏ ?

ଉତ୍ତର - କ୍ଷତିଗ୍ରସ୍ତଙ୍କୁ ଅନୁସନ୍ଧାନ ବିଷୟରେ ଖବର ଜଣାଇବାକୁ ନିର୍ଦ୍ଦେଶ କରିବାକୁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରିପାରିବେ ।

ପ୍ରଶ୍ନ : ଡିଏସ୍‌ପିଙ୍କୁ ଅନୁସନ୍ଧାନ ପାଇଁ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ଯଦି ସେ କ୍ଷତିଗ୍ରସ୍ତଙ୍କୁ କେବେ ଦେଖାକରି ନାହାନ୍ତି ଓ ତଳ କର୍ମଚାରୀ ହିଁ ତଦନ୍ତ କରିଛନ୍ତି, ତେବେ କ'ଣ କରିବେ ?

ଉତ୍ତର - ଘଟଣାର ନିରପେକ୍ଷ ତଦନ୍ତ ଓ ଡିଏସ୍‌ପିଙ୍କ ଜରିଆରରେ ତଥ୍ୟ ସଂଗ୍ରହ ପାଇଁ ଏସ୍‌ପି ଓ ଡିଜିପିଙ୍କ ପାଖରେ ଅଭିଯୋଗ କରିପାରିବେ, ଫଳରେ ସେମାନେ ଏଥିପାଇଁ ବିହିତ ନିର୍ଦ୍ଦେଶ ଦେଇପାରିବେ ।

- ଯଦି ସମସ୍ୟା ଲାଗିରହେ ସିଆର୍‌ପିସି ଧାରା ୧୫୬(୩) ଅନୁଯାୟୀ ଘଟଣାର ଉପଯୁକ୍ତ ଅନୁସନ୍ଧାନ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ନିବେଦନ ଦେଇପାରିବେ ।
- ତଥାପି ସମସ୍ୟା ଲାଗିରହିଲେ ସିଆର୍‌ପିସି ଧାରା ୪୮୨ ଅନୁଯାୟୀ ଘଟଣାର ବିହିତ ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରିବେ ।

ପ୍ରଶ୍ନ : ଯଦି ଅନୁସନ୍ଧାନକାରୀ ଅଫିସର ସାକ୍ଷୀମାନଙ୍କର ବୟାନକୁ ଠିକ୍ ଭାବେ ନ ନିଅନ୍ତି ଓ ଘଟଣାର ଉପଯୁକ୍ତ ଅନୁସନ୍ଧାନ ନ କରନ୍ତି ତେବେ କ'ଣ କରାଯିବ ?

ଉତ୍ତର - ଡିଏସ୍‌ପିଙ୍କ ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ ଓ ତଥ୍ୟ ସଂଗ୍ରହ ପାଇଁ ଏସ୍‌ପି ଓ ଡିଜିପିଙ୍କ ପାଖରେ ଅଭିଯୋଗ କରନ୍ତୁ ।

- ତଥାପି ଯଦି ସମସ୍ୟା ଲାଗିରହେ, ତେବେ ସିଆର୍‌ପିସି ଧାରା ୧୫୬(୩) ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ । ଘଟଣାର ନିରପେକ୍ଷ ତଦନ୍ତ ଓ ତଥ୍ୟ ସଂଗ୍ରହ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ତଦାରଖରେ ଏହା କରାଯିବାକୁ ନିବେଦନ କରନ୍ତୁ ।
- ଏସବୁ ସତ୍ତ୍ୱେ ଅଭିଯୋଗର ପ୍ରତିକାର ନ ହେଲେ ସିଆର୍‌ପିସି ଧାରା ୪୮୨ ଅନୁଯାୟୀ ଘଟଣାର ପ୍ରକୃତ ଅନୁସନ୍ଧାନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୁଅନ୍ତୁ ।

ପ୍ରଶ୍ନ : ଏକ ବଳାତ୍କାର ଘଟଣାରେ କ୍ଷତିଗ୍ରସ୍ତ ମହିଳାଙ୍କର ବୟାନ ଯଦି ତାଙ୍କ ଘରେ ବା ତାଙ୍କ ମନୋନୀତ ସ୍ଥାନରେ ଅନୁସନ୍ଧାନକାରୀ ଅଫିସର ସଂଗ୍ରହ କରିନାହାନ୍ତି କିମ୍ବା ତାଙ୍କ ବୟାନ ନେବାପାଇଁ ମହିଳା ପୋଲିସ୍ ଅଧିକାରୀ ଆସିନାହାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୧୫୭(୧) ଅନୁଯାୟୀ ଅନୁସନ୍ଧାନକାରୀ ଅଫିସରଙ୍କ ପାଖରେ ଦରଖାସ୍ତ ଦିଅନ୍ତୁ, ଯେପରି କ୍ଷତିଗ୍ରସ୍ତଙ୍କର ବୟାନକୁ ତାଙ୍କ ଘରେ ଜଣେ ମହିଳା ପୋଲିସ ଅଫିସରଙ୍କ

Digitized by srujanika@gmail.com

ଦ୍ୱାରା ସଂଗ୍ରହ କରାଯିବ । ତାଙ୍କ ବୟାନ ତାଙ୍କ ବାପା, ମା', ଅଭିଭାବକ, ନିକଟ ସମ୍ପର୍କୀୟ ବା କୌଣସି ସମାଜକର୍ମୀଙ୍କ ଉପସ୍ଥିତିରେ ନିଆଯିବା ଦରକାର ।

- ଏ ସତ୍ତ୍ୱେ ଯଦି ଅଭିଯୋଗ ଲାଗିରହେ, ସିଆର୍‌ପି ଧାରା ୧୫୭(୧) ଅନୁଯାୟୀ ଏସ୍‌ପି ଓ ଡିଜିପିଙ୍କ ପାଖରେ ଅଭିଯୋଗ ଦାଖଲ କରି କ୍ଷତିଗ୍ରସ୍ତଙ୍କ ବୟାନକୁ ଜଣେ ମହିଳା ପୁଲିସ ଅଧିକାରୀ ତାଙ୍କ ବାସଭବନରେ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରନ୍ତୁ ।
- ଅଭିଯୋଗର ସମାଧାନ ନ ହେଲେ ସିଆର୍‌ପିସି ଧାରା ୧୫୭(୧) ଓ ୧୫୬(୩) ଅନୁସାରେ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପିଟିସନ ଦାଖଲ କରି କ୍ଷତିଗ୍ରସ୍ତଙ୍କର ବୟାନକୁ ତାଙ୍କ ଘରେ ଜଣେ ମହିଳା ପୋଲିସ ଅଫିସରଙ୍କ ଦ୍ୱାରା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରନ୍ତୁ ।

ପ୍ରଶ୍ନ : ଯଦି ଅନୁସନ୍ଧାନକାରୀ ଅଫିସର ସିଆର୍‌ପିସି ଧାରା ୧୬୪ ଅନୁଯାୟୀ କ୍ଷତିଗ୍ରସ୍ତଙ୍କର ବୟାନକୁ ସରକାରୀ ନିୟମାନୁଯାୟୀ ଲିପିବଦ୍ଧ କରିନାହାନ୍ତି (ଯାହା କୋର୍ଟରେ ଶୁଣାଣି ବେଳେ ତଥ୍ୟ ଭାବରେ ଗ୍ରହଣ କରାଯିବ), ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୧୬୪ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ନିକଟରେ କ୍ଷତିଗ୍ରସ୍ତ ମହିଳାଙ୍କର ବୟାନ ଲିପିବଦ୍ଧ କରାଯିବାକୁ ଅନୁସନ୍ଧାନକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଦରଖାସ୍ତ ଦିଅନ୍ତୁ ।

ପ୍ରଶ୍ନ : ଯଦି ଅନୁସନ୍ଧାକାରୀ ଅଫିସର ଅନୁସନ୍ଧାନ କାର୍ଯ୍ୟକୁ ଏଡ଼ାଇ ଚାଲିଛନ୍ତି, ତେବେ କ'ଣ କରାଯିବ ?

ଉତ୍ତର - କ୍ଷତିଗ୍ରସ୍ତ ମହିଳାଙ୍କୁ ଡିଏସ୍‌ପି ସମସ୍ତ ଦଲିଲ ତୁରନ୍ତ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦେବାକୁ ଏସ୍‌ପି ଓ ଡିଜିପିଙ୍କ ପାଖରେ ଅଭିଯୋଗ ଦିଅନ୍ତୁ ।

- ସମସ୍ୟା ଲାଗିରହିଲେ ସିଆର୍‌ପିସି ଧାରା ୧୫୬(୩) ଅନୁଯାୟୀ କ୍ଷତିଗ୍ରସ୍ତ ମହିଳାଙ୍କୁ ଅନୁସନ୍ଧାନ ଦଲିଲ ଦେବାପାଇଁ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ ।
- ଏସବୁ ସତ୍ତ୍ୱେ ସମସ୍ୟା ଲାଗିରହିଲେ ସିଆର୍‌ପିସି ଧାରା ୧୫୬(୩) ଅନୁଯାୟୀ ଘଟଣାର ଏକ ଯଥୋଚିତ ଅନୁସନ୍ଧାନକୁ ତଦାରଖ କରିବାକୁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ ।

ପ୍ରଶ୍ନ : ଯଦି ପ୍ରକୃତ ଅନୁସନ୍ଧାନ ଓ ଆବଶ୍ୟକ ବସ୍ତୁକୁ ପୋଲିସ ଜବତ କରି ନ ଥାଏ, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୧୬୫ ଓ ୧୦୦ ଅନୁସାରେ ଅନୁସନ୍ଧାନକାରୀ ଅଫିସରଙ୍କ ପାଖରେ ଦରଖାସ୍ତ ଦେଇ ଘଟଣାର ଯଥୋଚିତ ତଦନ୍ତ ଓ ଆବଶ୍ୟକ ବସ୍ତୁକୁ ଜବତ କରିବାକୁ ନିବେଦନ କରନ୍ତୁ ।

- ଯଦି ଅଭିଯୋଗ ଲାଗିରହେ, ଏକ ନିରପେକ୍ଷ ତଦନ୍ତ ଓ ଆବଶ୍ୟକ ବସ୍ତୁକୁ ଜବତ କରିବାକୁ ନିର୍ଦ୍ଦେଶ ଦେବାକୁ ଏସ୍‌ପି ଓ ଡିଜିପିଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ ।
- ଏ ସତ୍ତ୍ୱେ ଅଭିଯୋଗ ଲାଗିରହିଲେ ସିଆର୍‌ପିସି ଧାରା ୧୫୬(୩) ଅନୁଯାୟୀ ଘଟଣାର ତଦନ୍ତ ଓ ବସ୍ତୁକୁ ଜବତ କୋର୍ଟର ତତ୍ତ୍ୱାବଧାନରେ କରିବା ପାଇଁ ଓ ଅନୁସନ୍ଧାନରେ ସ୍ୱଚ୍ଛତା ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପିଟିସନ ଦାଖଲ କରନ୍ତୁ ।

ପ୍ରଶ୍ନ : ଯଦି ଶବ ବ୍ୟବଚ୍ଛେଦ ବିବରଣୀ, ଅପମୃତ୍ୟୁର ତଦନ୍ତ ବିବରଣୀ ବା ଡାକ୍ତରୀ ଅନୁସନ୍ଧାନର ବିବରଣୀ ତଦନ୍ତକାରୀ ଅଫିସର ଦେଇ ନ ଥାନ୍ତି, କ'ଣ କରାଯିବ ?

Digitized by srujanika@gmail.com

ଉତ୍ତର - ଡିଏସ୍‌ପି କ୍ଷତିଗ୍ରସ୍ତଙ୍କୁ ସମସ୍ତ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେବାକୁ ଏସ୍‌ପି ଓ ଡିଜିପିଙ୍କୁ ଅଭିଯୋଗ ଦିଅନ୍ତୁ ।

- ଅଭିଯୋଗ ଲାଗିରହିଲେ ସିଆର୍‌ପିସି ଧାରା ୧୫୬(୩) ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ସମସ୍ତ ବିବରଣୀ ଦେବାକୁ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ ।

ପ୍ରଶ୍ନ : ଅନୁସନ୍ଧାନ ସମୟରେ ଅଭିଯୁକ୍ତ ବା ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ଯଦି କ୍ଷତିଗ୍ରସ୍ତ ଓ ସାକ୍ଷୀମାନଙ୍କୁ ଭୟ ପ୍ରଦର୍ଶନ କରାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ଜିଲ୍ଲାର ପୋଲିସ ଏସ୍‌ପି ବା ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କୁ ଆବଶ୍ୟକୀୟ ପୋଲିସ ସୁରକ୍ଷା ପାଇଁ ନିବେଦନ କରନ୍ତୁ ।

- ଯଦି ସମସ୍ୟା ଲାଗିରହେ ସୁରକ୍ଷା ପାଇଁ ସ୍ୱତନ୍ତ୍ର କୋର୍ଟରେ ଦରଖାସ୍ତ ଦିଅନ୍ତୁ ।

- ଏ ସତ୍ତ୍ୱେ ସମସ୍ୟା ରହିଲେ ଅଭିଯୁକ୍ତଙ୍କଠାରୁ ସୁରକ୍ଷା ପାଇଁ ସିଆର୍‌ପିସି ଧାରା ୨୨୬ ଅନୁଯାୟୀ ହାଇକୋର୍ଟରେ ଦରଖାସ୍ତ ଦେଇ ନ୍ୟାୟ ପ୍ରାର୍ଥନା କରନ୍ତୁ ।

ପ୍ରଶ୍ନ : ଯଦି ତିରିଶ ଦିନ ମଧ୍ୟରେ ଅଭିଯୋଗପତ୍ର ଦାଖଲ ନ ହୁଏ ତେବେ କ'ଣ କରାଯିବ ?

ଉତ୍ତର - ପିଓଏ (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ୍) ନିୟମାବଳୀ ଧାରା ୭ (୨) ଅନୁଯାୟୀ ତଦନ୍ତ ବିବରଣୀ ତୁରନ୍ତ ଦାଖଲ କରିବାକୁ ତଦନ୍ତକାରୀ ଅଫିସରଙ୍କ ପାଖରେ ଦରଖାସ୍ତ ଦିଅନ୍ତୁ ।

- କୋର୍ଟରେ ଅଭିଯୋଗପତ୍ର (ଚାର୍ଜସିଟ୍) ତଦନ୍ତକାରୀ ଅଫିସର ତୁରନ୍ତ ଦାଖଲ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେବାକୁ ଏସ୍‌ପି, ଡିଜିପିଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ ।

- ତଥାପି ସମସ୍ୟା ଲାଗିରହିଲେ ସିଆର୍‌ପିସି ଧାରା ୧୭୩(୧) ଓ (୨) ଓ ପିଓଏ ନିୟମାବଳୀ ୭(୨) ଅନୁସାରେ ଅଭିଯୋଗପତ୍ର ଦାଖଲ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଦରଖାସ୍ତ କରନ୍ତୁ ।

ପ୍ରଶ୍ନ : ଘଟଣାର ତଦନ୍ତ ପରେ ଯଦି ତଦନ୍ତକାରୀ ଅଫିସର ପିଓଏ (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ୍) ଆକ୍ଟରୁ କିଛି ଅଂଶ ବାଦ୍ ଦିଅନ୍ତି, ଅଭିଯୁକ୍ତଙ୍କର ନାମକୁ କାଟି ଦିଅନ୍ତି କିମ୍ବା କେତେକ ତଥ୍ୟକୁ କାଟିଦିଅନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୧୭୮(୩) ଆଧାରରେ ପୁଣି ଥରେ ତଦନ୍ତ ପାଇଁ ଓ ପିଓଏ ଆଇନର ନିର୍ଦ୍ଦିଷ୍ଟ ଧାରା ତଦନ୍ତରେ ସ୍ଥାନୀତ କରିବା ପାଇଁ ଅଭିଯୋଗ ଦାଖଲ କରନ୍ତୁ ।

- ଯଦି ଅଭିଯୋଗ ଲାଗିରହେ, ଆଉ ଥରେ ଘଟଣାର ତଦନ୍ତ ପାଇଁ ଓ ପିଓଏ ଆକ୍ଟର ସଠିକ୍ ଧାରା ଲଗାଇବା ପାଇଁ ସିଆର୍‌ପିସି ଧାରା ୪୮୨ ଅନୁଯାୟୀ ଅଭିଯୋଗ ଦାଖଲ କରନ୍ତୁ । ଯଦି ପୋଲିସ ଘଟଣାର ପରିସମାପ୍ତି ପାଇଁ ବିବରଣୀ ଦିଏ :

- ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଏହାକୁ ପ୍ରତିବାଦ କରି ଏକ ଅଭିଯୋଗ ଦିଅନ୍ତୁ । କ୍ଷତିଗ୍ରସ୍ତ ଆଫିଡେଭିଟ୍ କରି ଉଲ୍ଲେଖ କରିବେ ଯେ ପୋଲିସର ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରାଯିବା ଦରକାର ଓ ଅଭିଯୁକ୍ତ ପିଓଏ ଆକ୍ଟ ଓ ଦଣ୍ଡବିଧି ଆଇନ ଅନୁଯାୟୀ କୋର୍ଟରେ ଘଟଣାର ଶୁଣାଣି ପାଇଁ ହାଜର ରହିବା ଆବଶ୍ୟକ । ମାଜିଷ୍ଟ୍ରେଟ୍ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଓ ତାଙ୍କ ସାକ୍ଷୀମାନଙ୍କର ବୟାନ ସିଆର୍‌ପିସି ଧାରା ୨୦୦ ଓ ୨୦୨ ଅନୁଯାୟୀ ଅନୁଧ୍ୟାନ କରିବେ । ଏହାପରେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇପାରିବେ, ଯଦି ସେ ଅନୁଭବ କରନ୍ତି ଯେ ଅଭିଯୁକ୍ତଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ଯଥେଷ୍ଟ କାରଣ ରହିଛି । ଏହା ସତ୍ତ୍ୱେ ଯଦି ଅଭିଯୋଗ ଲାଗିରହେ, ତେବେ ସିଆର୍‌ପିସି ଧାରା ୪୮୨ ଅନୁଯାୟୀ ହାଇକୋର୍ଟରେ ଆବେଦନ କରି ଘଟଣାର ପୁନଃ ତଦନ୍ତ ପାଇଁ ଆବେଦନ କରିପାରିବେ ।

Digitized by srujanika@gmail.com

ପ୍ରଶ୍ନ : ଯଦି ଅଭିଯୁକ୍ତ ନିୟମିତ ଜାମିନ୍ ପାଇଯାଆନ୍ତି ଓ ଖଲାସ ହେବା ପରେ ଘଟଣାର ସାକ୍ଷୀଙ୍କୁ ପ୍ରଲୋଭନ ଦେଖାନ୍ତି, ଧମକ ଦିଅନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ଯଦି ଅଭିଯୁକ୍ତ ସେସନ୍ସ କୋର୍ଟରେ ଜାମିନ୍ ପାଇଥାନ୍ତି ସିଆର୍‌ପିସି ଧାରା ୪୮୨ ଓ ଧାରା ୪୩୯(୨) ଅନୁଯାୟୀ ତାଙ୍କର ଜାମିନ୍‌କୁ ବାତିଲ କରିବା ପାଇଁ ଦରଖାସ୍ତ ଦେଇପାରିବେ ।

ପ୍ରଶ୍ନ : ଯଦି କ୍ଷତିଗ୍ରସ୍ତମାନେ ଘଟଣାର ଶୁଣାଣି ଆରମ୍ଭ ସମୟରେ ସରକାରୀ ଓକିଲଙ୍କ ନିରୁତ୍ସାହଜନକ କାର୍ଯ୍ୟ ପାଇଁ ପିଓଏ ଆଇନ ଅନୁଯାୟୀ ସେମାନଙ୍କର ମନୋନୀତ କୌଣସି ଓକିଲଙ୍କର ସହାୟତା ଚାହିଁବେ, ତେବେ କ'ଣ କରିବେ ?

ଉତ୍ତର - ପିଓଏ ନିୟମ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ / ଜିଲ୍ଲାପାଳଙ୍କ ପାଖରେ କ୍ଷତିଗ୍ରସ୍ତମାନେ ସେମାନଙ୍କ ମନୋନୀତ ଜଣେ ଓକିଲଙ୍କୁ ନିଯୁକ୍ତି କରିବାକୁ ଆବେଦନ କରିବେ । ଓକିଲଙ୍କର ଅନ୍ତତଃ ସାତବର୍ଷର ଅଭିଜ୍ଞତା ଥିବା ଦରକାର । ଯେଉଁ କୋର୍ଟରେ ଏହି ଘଟଣାର ଶୁଣାଣି ହେଉଛି ସେହି କୋର୍ଟକୁ ଏହା ଜଣାଇବା ଆବଶ୍ୟକ ।

- ଯଦି ଏ କ୍ଷେତ୍ରରେ ସମସ୍ୟା ରହେ, ବୈଧାନିକ ବ୍ୟବସ୍ଥା ଅନୁଯାୟୀ ଏହି ସୁବିଧା କ୍ଷତିଗ୍ରସ୍ତଙ୍କୁ ଦିଆ ନ ଯାଏ ତେବେ ସ୍ପେଶାଲ କୋର୍ଟରେ ଅଭିଯୁକ୍ତଙ୍କ ପାଇଁ ତାଙ୍କ ମନୋନୀତ ଜଣେ ଓକିଲଙ୍କୁ ନିଯୁକ୍ତି ଦେବାକୁ ଆବେଦନ କରିପାରିବେ ।

ପ୍ରଶ୍ନ : ସରକାରୀ ଓକିଲଙ୍କୁ (ପବ୍ଲିକ୍ ପ୍ରସିକ୍ୟୁଟର) ସାହାଯ୍ୟ କରିବାକୁ ଯଦି କ୍ଷତିଗ୍ରସ୍ତ ଓକିଲ ଆବଶ୍ୟକ କରନ୍ତି-

ଉତ୍ତର - ସେପରି ସ୍ଥଳେ ଲିଖିତ ଯୁକ୍ତି ଦେଇ ସ୍ପେଶାଲ କୋର୍ଟରେ ସିଆର୍‌ପିସି ଧାରା ୩୦୧(୨) ଅନୁଯାୟୀ ନିବେଦନ କରିବାକୁ ହୁଏ । କେସ୍ ଶୁଣାଣି ସମୟରେ ପବ୍ଲିକ୍ ପ୍ରସିକ୍ୟୁଟରଙ୍କୁ ସାହାଯ୍ୟ କରିବାକୁ ସିଆର୍‌ପିସି ଧାରା ୩୦୧(୨) ଅନୁଯାୟୀ ଦରଖାସ୍ତ ଦେବାକୁ ହୋଇଥାଏ ।

ପ୍ରଶ୍ନ : ଅଭିଯୁକ୍ତ ବ୍ୟକ୍ତିମାନେ ବା ତାଙ୍କର ସମ୍ପର୍କୀୟମାନେ ଯଦି କ୍ଷତିଗ୍ରସ୍ତ ବ୍ୟକ୍ତି ବା ସାକ୍ଷୀମାନଙ୍କୁ ଧମକ ଦିଅନ୍ତି-

ଉତ୍ତର - ସେପରି ସ୍ଥଳେ ଏସ୍‌ପି ବା ଜିଲ୍ଲାର ପୋଲିସ ଅଧିକାରୀଙ୍କୁ ସୁରକ୍ଷା ପାଇଁ ଲିଖିତ ଅଭିଯୋଗ ଦିଅନ୍ତୁ ।

- ଯଦି ସମସ୍ୟା ଲାଗିରହେ, ତେବେ ଅଭିଯୁକ୍ତଙ୍କ ପକ୍ଷରୁ ସୁରକ୍ଷା ପାଇଁ ସ୍ପେସାଲ କୋର୍ଟରେ ଅଭିଯୋଗ କରିପାରିବେ ।

- ଏ ସତ୍ତ୍ୱେ ସମସ୍ୟା ରହିଲେ ସିଆର୍‌ପିସି ଧାରା ୨୨୬ ଅନୁଯାୟୀ ଅଭିଯୁକ୍ତଙ୍କ ପକ୍ଷରୁ ସୁରକ୍ଷା ପାଇଁ ହାଇକୋର୍ଟରେ ଆବେଦନ କରନ୍ତୁ ।

ପ୍ରଶ୍ନ : ଯଦି ପୋଲିସ କ୍ଷତିଗ୍ରସ୍ତ ବା ସାକ୍ଷୀଙ୍କୁ ହଇରାଣ କରେ ?

ଉତ୍ତର - ସେପରି ସ୍ଥଳେ ରାଜ୍ୟ ମାନବାଧିକାର ଆୟୋଗ କିମ୍ବା ଜାତୀୟ ମାନବାଧିକାର ଆୟୋଗଙ୍କୁ ପୋଲିସ ହଇରାଣ ବିଷୟରେ ଦରଖାସ୍ତ ଦିଅନ୍ତୁ । କ୍ଷତିଗ୍ରସ୍ତ ବା ସାକ୍ଷୀଙ୍କୁ କେଉଁ ପ୍ରକାରର ହଇରାଣ କରାଯାଉଛି ତାହା ଆୟୋଗଙ୍କୁ ଜଣାନ୍ତୁ ।

- ନିମ୍ନ ପୋଲିସ ଅଧିକାରୀ କରୁଥିବା ହଇରାଣ ବିଷୟରେ ଏସ୍‌ପି ଓ ଜିଲ୍ଲାର ଅନ୍ୟ ପୋଲିସ ଅଧିକାରୀଙ୍କୁ ଅଭିଯୋଗ ଦିଅନ୍ତୁ ।

- ଅଭିଯୁକ୍ତଙ୍କଠାରୁ ସୁରକ୍ଷା ବା ନିଜର ଆଇନଗତ ଅଧିକାର ଉପଭୋଗ କରିବା ପାଇଁ ସିଆର୍‌ପିସି ଧାରା ୨୨୬ ଅନୁଯାୟୀ ହାଇକୋର୍ଟ ପାଖରେ ନିବେଦନ କରନ୍ତୁ ।

Digitized by srujanika@gmail.com

ପ୍ରଶ୍ନ : ରାୟ ପ୍ରକାଶ ପାଇବା ପୂର୍ବରୁ ଶୁଣାଣିବେଳେ ଯଦି ଅଭିଯୋଗମାନ ପିଓଏ ନିୟମ ଅନୁଯାୟୀ ପ୍ରସ୍ତୁତ ହୋଇ ନ ଥାଏ କିମ୍ବା ଏହି ଆଇନର ଉପଯୁକ୍ତ ଧାରା ଅଭିଯୁକ୍ତ ପ୍ରତି ଲଗାଯାଇ ନ ଥାଏ, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୨୧୬ ଅନୁଯାୟୀ ଅଭିଯୋଗର ପରିବର୍ତ୍ତନ ପାଇଁ କୋର୍ଟରେ ଆବେଦନ କରିହେବ ।

- ଏହା ସତ୍ତ୍ୱେ ଯଦି ଅସନ୍ତୋଷ ରହେ, ତେବେ ସିଆର୍‌ପିସି ଧାରା ୩୯୭, ୪୦୧ ଓ ୪୮୨ ଅନୁଯାୟୀ କ୍ରିମିନାଲ ରିଭିଜନ ପିଟିସନ ହାଇକୋର୍ଟରେ ଦାୟର କରନ୍ତୁ ଓ ଅଭିଯୋଗର ପରିବର୍ତ୍ତନ ପାଇଁ ନିବେଦନ କରନ୍ତୁ ।

ପ୍ରଶ୍ନ : ଯଦି ବିଚାରର ନିରପେକ୍ଷତା ନେଇ ସନ୍ଦେହ ସୃଷ୍ଟି ହୁଏ ଓ କ୍ଷତିଗ୍ରସ୍ତ, ସାକ୍ଷୀ ଓ ସେମାନଙ୍କର ଓକିଲ ପ୍ରତି କୋର୍ଟ ପରିସରରେ ବା କୋର୍ଟ ବାହାରେ ଭୟ, ଶାରୀରିକ ହିଂସାର ଆଶଙ୍କା ସୃଷ୍ଟି ହୁଏ, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୪୦୬ ଅନୁଯାୟୀ ଅନ୍ୟ ଏକ ରାଜ୍ୟରେ କେସ୍‌ର ଶୁଣାଣି ପାଇଁ ସୁପ୍ରିମକୋର୍ଟରେ ଯଥୋଚିତ କାରଣ ଦର୍ଶାଇ ଆବେଦନ କରନ୍ତୁ । ଅଧିକ ନିରାପତ୍ତା ରହିଥିବା ସ୍ଥାନକୁ କେସ୍‌ର ସ୍ଥାନାନ୍ତର ପାଇଁ ନିବେଦନ କରାଯାଇପାରେ ।

ପ୍ରଶ୍ନ : କେସ୍‌ର ଶୁଣାଣିବେଳେ କିମ୍ବା ସାକ୍ଷ୍ୟ ଦେବା ସମୟରେ ଯଦି କ୍ଷତିଗ୍ରସ୍ତ ବା ସାକ୍ଷୀଙ୍କୁ ଅଭିଯୁକ୍ତ ବ୍ୟକ୍ତି ଧମକ ଦିଅନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୧୯୫ଏ ଅନୁଯାୟୀ ଦିଆଯାଇଥିବା ଧମକ ଓ ମିଥ୍ୟା ସାକ୍ଷ୍ୟ ପ୍ରଦାନ ପାଇଁ ବାଧ୍ୟ କରିବା / ପ୍ରଭାବିତ କରିବା ଦର୍ଶାଇ ସ୍ପେସାଲ କୋର୍ଟରେ ଏକ ଅଭିଯୋଗ ଦାଖଲ କରନ୍ତୁ ।

ପ୍ରଶ୍ନ : ଯଦି ତଦନ୍ତକାରୀ ଅଫିସର ବିଚାର ସମୟରେ ଅନୁପସ୍ଥିତ ରହନ୍ତି ଓ ଜାଣିଶୁଣି ବିଚାରକୁ ବିଳମ୍ବ କରାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ତଦନ୍ତକାରୀ ଅଫିସର କୋର୍ଟରେ ବିଚାରବେଳେ ଉପସ୍ଥିତ ରହିବାକୁ ତାଙ୍କୁ ନିର୍ଦ୍ଦେଶ ଦେବାକୁ ବା ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱତନ୍ତ୍ର କୋର୍ଟରେ ନିବେଦନ କରନ୍ତୁ ।

ପ୍ରଶ୍ନ : କୌଣସି ଧର୍ଷଣ ବା ଗଣଧର୍ଷଣ ମାମଲାରେ ଯେଉଁଠି ଘଟଣାର ଗୁପ୍ତ ଶୁଣାଣି ସମ୍ଭବ, ଯଦି ସ୍ପେଶାଲ କୋର୍ଟରେ ତାହା କରାଯାଉ ନ ଥାଏ, ତେବେ କ'ଣ କରିହେବ ?

ଉତ୍ତର - କୌଣସି ଧର୍ଷଣ ଘଟଣାରେ କ୍ଷତିଗ୍ରସ୍ତଙ୍କର ଆତ୍ମମର୍ଯ୍ୟାଦା ସୁରକ୍ଷା ପାଇଁ ସିଆର୍‌ପିସି ଧାରା ୩୨୭ ଅନୁଯାୟୀ ଘଟଣାର ଗୁପ୍ତ ଶୁଣାଣି କରିବାକୁ ନିବେଦନ କରନ୍ତୁ । ସମସ୍ତ ପ୍ରକାର ଯୌନ ଅପରାଧ ପାଇଁ ଗୁପ୍ତ ଶୁଣାଣିର ବ୍ୟବସ୍ଥା ରହିଛି । ଶିଶୁ ଓ କିଶୋରମାନଙ୍କ ପାଇଁ ମଧ୍ୟ ଏହି ବ୍ୟବସ୍ଥା ରହିଛି ।

ପ୍ରଶ୍ନ : ନାନା କାରଣରୁ ଯଦି ଘଟଣାର ଶୁଣାଣି ବିଳମ୍ବ ହୁଏ ଯଥା ଅଭିଯୁକ୍ତ ଅନୁପସ୍ଥିତ ରୁହନ୍ତି, ନିଜର ଅସୁସ୍ଥତା, ବାହାରେ ଥିବା କାରଣ ଦର୍ଶାଇ ଆସନ୍ତି ନାହିଁ ଓ ପ୍ରତିପକ୍ଷଙ୍କ ଓକିଲ ଅନ୍ୟ କେସ୍‌ରେ ଅନ୍ୟ କୋର୍ଟରେ ବ୍ୟସ୍ତ ଥିବା, ଘଟଣାର ଶୁଣାଣି ପାଇଁ ପ୍ରସ୍ତୁତ ନ ଥିବା କାରଣ ଦର୍ଶାଇ ଅନୁପସ୍ଥିତ ରୁହନ୍ତି, କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୩୦୯ ଅନୁଯାୟୀ ଘଟଣାର ବିଚାରକୁ ସ୍ଥଗିତ ରଖାଯାଉଥିବା ବିଷୟକୁ ବିରୋଧ କରି କୋର୍ଟରେ ନିବେଦନ କରନ୍ତୁ । ପ୍ରତିପକ୍ଷଙ୍କ ଯୋଗୁଁ ବିଚାର ସ୍ଥଗିତ ରହୁଥିବା

Digitized by srujanika@gmail.com

ହେତୁ ଏଥିପାଇଁ ପ୍ରତିପକ୍ଷ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ଆବେଦନ କରନ୍ତୁ ।

ପ୍ରଶ୍ନ : ଯଦି ପ୍ରତିପକ୍ଷଙ୍କ ଓକିଲ ସାକ୍ଷୀମାନଙ୍କର ବୟାନ ବା ଦଲିଲ ପାଇ ନ ଥିବା କାରଣ ଦର୍ଶାଇ ବିଚାରକୁ ବିଳମ୍ବ କରନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସରକାରୀ ଓକିଲ (ଏସ୍‌ପିପି) ବା ବେସରକାରୀ ଓକିଲଙ୍କ ଜରିଆରେ ଏହାର ବିରୋଧ କରାଯାଇ ପାରିବ । ପ୍ରତିପକ୍ଷଙ୍କ ଓକିଲ ବକ୍ତବ୍ୟ/ଦଲିଲ ପାଇ ନ ଥିବା ଖବର ସତ୍ୟ ନୁହେଁ, କାରଣ ସିଆର୍‌ପିସି ଧାରା ୨୦୭ ଅନୁଯାୟୀ ମାଜିଷ୍ଟ୍ରେଟ୍ ତାଙ୍କୁ ସମସ୍ତ ବିବରଣୀ ପ୍ରଦାନ କରିଥାନ୍ତି ।

ପ୍ରଶ୍ନ : ଯଦି କୋର୍ଟ ଘଟଣାକୁ ବାରମ୍ବାର ସ୍ଥଗିତ କରନ୍ତି ଓ କେସ୍‌ର ଶୁଣାଣିକୁ ଘୁଞ୍ଚାଇ ଚାଲନ୍ତି ବା ଅନ୍ୟକିଛି କାରଣରୁ ବିଚାରକୁ ବିଳମ୍ବ କରାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୩୦୯ ଅନୁଯାୟୀ ଘଟଣାର ନିୟମିତ ଶୁଣାଣି ପାଇଁ ସ୍ପେଶାଲ କୋର୍ଟରେ ନିବେଦନ କରନ୍ତୁ ।

ପ୍ରଶ୍ନ : ଅଭିଯୁକ୍ତଙ୍କ ବୟାନର ତର୍ଜମା ପାଇଁ କୋର୍ଟ ଯଦି ଉପଯୁକ୍ତ ପ୍ରଣାଳୀ ଅବଲମ୍ବନ କରି ନ ଥାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୩୧୩ ଅନୁଯାୟୀ ଅଭିଯୁକ୍ତଙ୍କ ବୟାନକୁ ସଠିକ୍ ଭାବେ ନିଆଯିବା ପାଇଁ ଓକିଲଙ୍କ ମାଧ୍ୟମରେ ଜଣାନ୍ତୁ ।

ପ୍ରଶ୍ନ : ଯଦି କୌଣସି ସାକ୍ଷୀଙ୍କୁ ପୁନର୍ବାର ଡାକି ତାଙ୍କର ସାକ୍ଷ୍ୟ ନିଆଯିବାର ଆବଶ୍ୟକତା ଥାଏ, ତେବେ କ'ଣ କରାଯିବ ?

ଉତ୍ତର - କୌଣସି ସାକ୍ଷୀଙ୍କର ଅଧିକ ଜେରା ଆବଶ୍ୟକ ଥିଲେ, ସିଆର୍‌ପିସି ଧାରା ୩୧୧ ଅନୁଯାୟୀ ଏକ ଆବେଦନ କରନ୍ତୁ ।

ପ୍ରଶ୍ନ : ଯେଉଁ ସ୍ଥାନରେ ଘଟଣାଟି ଘଟିଛି ଓ ଯେଉଁ ତଥ୍ୟ ଦିଆଯାଉଛି, ଘଟଣାର ବାସ୍ତବିକତା ନେଇ ଯଦି ସ୍ଥାନଟିର ପରିଦର୍ଶନର ଆବଶ୍ୟକତା ଥାଏ ଓ ବିଚାରପତି ସେହି ସ୍ଥାନଟିକୁ ଯାଇ ନ ଥାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସିଆର୍‌ପିସି ଧାରା ୩୧୦ ଅନୁଯାୟୀ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଜରିଆରେ ବିଚାରପତିଙ୍କର ଘଟଣାସ୍ଥଳ ପରିଦର୍ଶନ କରିବାକୁ ଆବେଦନ କରନ୍ତୁ । ଏହାଦ୍ୱାରା ଘଟଣାର ଏକ ସ୍ପଷ୍ଟ ଚିତ୍ର ସେ ପାଇପାରିବେ ।

ପ୍ରଶ୍ନ : ଯଦି ଘଟଣାର ଶେଷ ଶୁଣାଣି ସମୟରେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଲିଖିତ ଯୁକ୍ତି ଉପସ୍ଥାପନ କରିବାକୁ ଆଗ୍ରହ ଦେଖାନ୍ତି ନାହିଁ, ତେବେ କ'ଣ କରାଯିବ ?

ଉତ୍ତର - ଶେଷ ଶୁଣାଣିବେଳେ କ୍ଷତିଗ୍ରସ୍ତ ବ୍ୟକ୍ତି (ଭିକ୍ଟିମ୍) ସିଆର୍‌ପିସି ଧାରା ୩୦୧ ଅନୁଯାୟୀ ଜଣେ ବେସରକାରୀ ଓକିଲଙ୍କ ଜରିଆରେ ଲିଖିତ ଯୁକ୍ତି ଦେଇପାରିବେ ।

ପ୍ରଶ୍ନ : ଯଦି ଅଭିଯୁକ୍ତ ଆଇପିସି (ଭାରତୀୟ ଦଣ୍ଡବିଧି ସଂହିତା) ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୁଅନ୍ତି କିନ୍ତୁ ପିଓଏ ଆଇନ ଅନୁଯାୟୀ ଦୋଷମୁକ୍ତ ହୋଇ ଖଲାସ ହୁଅନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସେପରି ସ୍ଥଳେ ସିଆର୍‌ପିସି ଧାରା ୩୭୮(୩) ଓ ୩୭୮(୧) ଅନୁଯାୟୀ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଜରିଆରେ ହାଇକୋର୍ଟରେ ଦରଖାସ୍ତ ଦିଅନ୍ତୁ ।

- ଯଦି ସରକାରୀ ଓକିଲ ବା ପବ୍ଲିକ ପ୍ରସିକ୍ୟୁଟର ଏହି ଆବେଦନ (ଆପିଲ)ରେ ସମ୍ମତ ହୁଅନ୍ତି ନାହିଁ, ତେବେ କ୍ଷତିଗ୍ରସ୍ତଙ୍କ ନାମରେ ସିଆର୍‌ପିସି ଧାରା ୩୭୮(୪) ଅନୁଯାୟୀ ବେସରକାରୀ

Digitized by srujanika@gmail.com

ଓକିଲଙ୍କ ଜରିଆରେ ହାଇକୋର୍ଟରେ ଆବେଦନ କରିପାରିବେ ।

ପ୍ରଶ୍ନ : ଯଦି ଅଭିଯୁକ୍ତମାନେ ହାଇକୋର୍ଟରେ ଖଲାସ ହୋଇଯାନ୍ତି ?

ଉତ୍ତର - ଭାରତୀୟ ସମ୍ବିଧାନ ଧାରା ୧୩୬ ଅନୁଯାୟୀ ହାଇକୋର୍ଟ ନିଷ୍ପତ୍ତି ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ ସ୍ୱତନ୍ତ୍ର ଅଭିଯୋଗ ଦେଇ ଘଟଣାର ପୁନର୍ବିଚାର ପାଇଁ ଆବେଦନ କରିପାରିବେ ।

ପ୍ରଶ୍ନ : କୌଣସି ଉତ୍ପୀଡ଼ନ ଘଟଣାରେ ଯଦି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆ ନ ଯାଏ, ତେବେ କ'ଣ କରାଯିବ ?

ଉତ୍ତର - ସେପରି କ୍ଷେତ୍ରରେ ପିଓଏ ନିୟମାବଳୀ ଧାରା ୧୨(୪) ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍/ଜିଲ୍ଲାପାଳଙ୍କୁ ଦରଖାସ୍ତ ଦେଇ କ୍ଷତିପୂରଣ ମାଗିପାରିବେ ।

- ଯଦି ଅଭିଯୋଗ ଲାଗିରହେ, ତେବେ ପିଓଏ ନିୟମାବଳୀ ଧାରା ୧୨(୭) ଅନୁସାରେ ସ୍ୱତନ୍ତ୍ର କୋର୍ଟରେ ସାହାଯ୍ୟ ଓ ଥଇଥାନ ସଂକ୍ରାନ୍ତୀୟ ବିବରଣୀ ପାଇଁ ଆବେଦନ କରିବେ ଓ ଏହାକୁ କୋର୍ଟରେ ବିଚାର ପାଇଁ ଦେବେ ।

ପ୍ରଶ୍ନ : ହତ୍ୟା, ଧର୍ଷଣ, ଗଣଧର୍ଷଣ ଘଟଣାରେ ଯଦି କ୍ଷତିଗ୍ରସ୍ତ ବ୍ୟକ୍ତି ଓ ତାଙ୍କ ପରିବାରବର୍ଗ କୌଣସି ଆର୍ଥିକ ସହାୟତା ପାଇ ନ ଥାନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ବିଧବା ମହିଳା, ମୃତବ୍ୟକ୍ତିର ପରିବାର, କ୍ଷତିଗ୍ରସ୍ତ ଓ ଦୁର୍ଦ୍ଦଶାଗ୍ରସ୍ତ ମହିଳା ଓ ତାଙ୍କ ପରିବାରକୁ କୌଣସି ଚାକିରି ଦେବା, ଚାଷଜମି, ଘର, ପିଲାମାନଙ୍କର ସ୍କୁଲରେ ଅଧ୍ୟୟନ ପାଇଁ ସମସ୍ତ ସାହାଯ୍ୟ କରିବା ଇତ୍ୟାଦି ସାହାଯ୍ୟ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍ / ଜିଲ୍ଲାପାଳଙ୍କ ପାଖରେ ଆବେଦନ କରିପାରିବେ ।

ପ୍ରଶ୍ନ : ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡ ଘୋଷଣା କଲାବେଳେ ଯଦି ସିଆର୍‌ପିସି ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ କୌଣସି କ୍ଷତିପୂରଣ ଦେବାକୁ ଘୋଷଣା ନ କରନ୍ତି, ତେବେ କ'ଣ କରାଯିବ ?

ଉତ୍ତର - ସେପରି ସ୍ଥଳେ ସିଆର୍‌ପିସି ଧାରା ୩୫୭ ଅନୁଯାୟୀ କ୍ଷତିପୂରଣ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନ କରନ୍ତୁ ।

ଯଦି ଆଘାତପ୍ରାପ୍ତ ବ୍ୟକ୍ତି, ତାଙ୍କ ଉପରେ ନିର୍ଭରଶୀଳ ପରିବାର ଓ ସାକ୍ଷୀମାନଙ୍କୁ ଘଟଣାର ତଦନ୍ତ ଓ ବିଚାର ବେଳେ ଯାତାୟତ ଖର୍ଚ୍ଚ ଓ ଖୋରାକ ଦିଆଯାଇ ନ ଥାଏ ବା ଯାହା ଦିଆଯାଇଥାଏ ତାହା ଯଥେଷ୍ଟ ନୁହେଁ, ତେବେ ପିଓଏ ନିୟମାବଳୀ ଧାରା ୧୧(୧) ଅନୁସାରେ ଗସ୍ତଖର୍ଚ୍ଚ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍ / ଜିଲ୍ଲାପାଳଙ୍କ ପାଖରେ ଆବେଦନ କରନ୍ତୁ ।

- ସେହିପରି ପିଓଏ ଆଇନ ଧାରା ୨୧(୨) (ଖ) ଓ ପିଓଏ ନିୟମାବଳୀ ଧାରା ୧୧-୨ ଓ ସିଆର୍‌ପିସି ଧାରା ୩୧୨ ଅନୁଯାୟୀ ଉପଯୁକ୍ତ ଗସ୍ତ ଖର୍ଚ୍ଚ ଓ ଖୋରାକ କ୍ଷତିଗ୍ରସ୍ତ ବ୍ୟକ୍ତି, ତାଙ୍କ ଉପରେ ନିର୍ଭରଶୀଳ ପରିବାର ଓ ସାକ୍ଷୀମାନଙ୍କୁ ଦେବାକୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରନ୍ତୁ ।

ପ୍ରଶ୍ନ : ମହିଳା ସାକ୍ଷୀ, କ୍ଷତିଗ୍ରସ୍ତ ଓ ଆଘାତପ୍ରାପ୍ତ ବ୍ୟକ୍ତି, ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ କୌଣସି ସାହାଯ୍ୟକାରୀ ସହଯୋଗୀଙ୍କୁ (ଆଟେଣ୍ଡାଣ୍ଟ) (ଯଦି ସେ ମହିଳା, ଅପ୍ରାପ୍ତ ବୟସ୍କ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ବ୍ୟକ୍ତି ଓ ୪୦ %ରୁ ଅଧିକ ଭିନ୍ନକ୍ଷମ ହୋଇଥାନ୍ତି) ଯାତାୟତ ଓ ଦୈନିକ ଖର୍ଚ୍ଚ (ଟିଏ/ଡିଏ) ଦିଆଯାଇ ନ ଥାଏ କିମ୍ବା କମ୍ ଦିଆଯାଇଥାଏ, କ'ଣ କରାଯିବ ?

Digitized by srujanika@gmail.com

ଉତ୍ତର - ପିଓଏ ନିୟମାବଳୀ ୧୧(୩) ଓ (୪) ଅନୁସାରେ ସହକାରୀଙ୍କ ସମସ୍ତ ଗସ୍ତଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆବେଦନ କରନ୍ତୁ ।

- ସହଯୋଗୀଙ୍କ ଖା'ପିଆ ଖର୍ଚ୍ଚ ପାଇଁ ପିଓଏ ନିୟମାବଳୀ ଧାରା ୧୧ (୫) ଅନୁସାରେ ନିବେଦନ କରନ୍ତୁ ।
- ଯଦି ଅଭିଯୋଗ/ସମସ୍ୟା ଲାଗିରହେ, ପିଓଏ ନିୟମାବଳୀ ଧାରା ୧୧(୩), (୪) ଓ (୫) ଅନୁଯାୟୀ ସ୍ପେଶାଲ କୋର୍ଟରେ ଗସ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସ୍ପେଶାଲ କୋର୍ଟରେ ଆବେଦନ କରନ୍ତୁ ।

ପ୍ରଶ୍ନ : ଖର୍ଚ୍ଚ କରିବାର ତିନିଦିନ ମଧ୍ୟରେ ଯଦି ଗସ୍ତଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଟଙ୍କା ନ ମିଳେ, ତେବେ କ'ଣ କରାଯିବ ?

ଉତ୍ତର - ଏହି ଅର୍ଥ ପାଇଁ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ / ଜିଲ୍ଲାପାଳଙ୍କ ପାଖରେ ପ୍ରାପ୍ୟ ପାଇବା ପାଇଁ ଆବେଦନ କରନ୍ତୁ । ପିଓଏ ନିୟମାବଳୀ ଧାରା ୧୧(୬) ଅନୁଯାୟୀ ଏହା ତିନିଦିନ ଭିତରେ କରିପାରିବେ ।

- ଯଦି ଏଥିରେ ସମସ୍ୟା ଲାଗିରହେ, ପିଓଏ ନିୟମାବଳୀ ଧାରା ୧୧(୩), (୪) ଓ (୫) ଅନୁଯାୟୀ ତିନିଦିନ ଭିତରେ ପ୍ରାପ୍ୟ ପାଇ ନ ଥିବା ହେତୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରନ୍ତୁ । ଏହାସହ ପିଓଏ ଆଇନ ଧାରା ୨୧(୨) (ଆଇ ଆଇ), ପିଓଏ ନିୟମାବଳୀ ଧାରା ୧୧ ଓ ସିଆର୍‌ପିସି ଧାରା ୩୧୨ ଅନୁସାରେ ସ୍ୱତନ୍ତ୍ର କୋର୍ଟରେ ଆବେଦନ ଦେଇ ଗସ୍ତଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଦେବାକୁ ପଦକ୍ଷେପ ନେବାକୁ କହନ୍ତୁ ।

ନିର୍ଯ୍ୟାତନା ଅନୁଧାବନ ଓ ତଦାରଖ

(Atrocity Tracking and Monitoring ବା ATM)

ଦଳିତ ଓ ଆଦିବାସୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଦଳିତ ଓ ଆଦିବାସୀ ସଂଗଠନମାନ ବିବରଣୀ ସଂଗ୍ରହ କରିବା, ନିର୍ଯ୍ୟାତନା ନିବାରଣ ଆଇନ (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ୍ ଆକ୍ଟ) ଅନୁଯାୟୀ ଘଟଣାର ପଞ୍ଜୀକରଣ କରିବା, ପୋଲିସ ଓ ପ୍ରଶାସନରେ ଘଟଣାର ଅନୁଧାବନ କରିବା, ସାକ୍ଷୀ ଓ ପୀଡ଼ିତଙ୍କୁ ଆଇନ କ୍ଷେତ୍ରରେ ନ୍ୟାୟ ପାଇଁ ସହଯୋଗ ଦେବା ପରି କାର୍ଯ୍ୟମାନ ହାତକୁ ନେଇଥାନ୍ତି । ଏହି ସଂଗଠନମାନ, ତଥ୍ୟ ଅନୁସନ୍ଧାନ ବିବରଣୀର ମୂଲ୍ୟାୟନ କରିବାରେ, ଏକ ଘଟଣାର ତଥ୍ୟ ହସ୍ତଗତ କରିବା କ୍ଷେତ୍ରରେ, ପୀଡ଼ିତ ଓ ସାକ୍ଷୀଙ୍କୁ ବିଚାର ପ୍ରକ୍ରିୟା ବିଷୟରେ ଅବଗତ କରିବା ଇତ୍ୟାଦି କ୍ଷେତ୍ରରେ କେତେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ପୀଡ଼ିତ ଓ ସାକ୍ଷୀ ସମସ୍ତ ଘଟଣାର ଉପସ୍ଥାପନ କରିବା ଓ ପରସ୍ପର କଥାରେ ମେଳ ରଖିବାରେ ମଧ୍ୟ ଅସୁବିଧା ରହିଥାଏ । ଏହିସବୁ ସମସ୍ୟାକୁ

Digitized by srujanika@gmail.com

ଅତିକ୍ରମ କରିବାକୁ ଏକ ବ୍ୟବସ୍ଥାର ବିକାଶ କରାଯାଇଛି, ଯାହାକୁ ନିର୍ଯ୍ୟାତନା ଅନୁଧାବନ ଓ ତଦାରଖ (ଏହାକୁ ସଂକ୍ଷେପରେ ଏଟିଏମ୍ କୁହାଯିବ), ଅଥବା Atrocity Tracking and Monitoring କୁହାଯାଉଛି । ଏହି ବ୍ୟବସ୍ଥାରେ ବିଭିନ୍ନ ସଂଗଠନମାନଙ୍କୁ ଘଟଣାର ବିବରଣୀ ଗଚ୍ଛିତ ରଖିବା, ଆବଶ୍ୟକବେଳେ ପ୍ରଦାନ କରିବା ଓ ପୁନଃପ୍ରାପ୍ତି ହେବାକୁ ସାହାଯ୍ୟ କରିବା ବିଷୟରେ ସାହାଯ୍ୟ କରାଯାଏ । ନିର୍ଯ୍ୟାତନା ନିବାରଣ ନିମନ୍ତେ ବୈଷୟିକ ସହଯୋଗ ଉଦ୍ଦେଶ୍ୟରେ ଏ.ଟି.ଏମ୍ ପ୍ରକ୍ରିୟା ବିକଶିତ କରାଯାଇଛି ।

ଏଟିଏମ୍ ୱେବ୍‌ସାଇଟ୍‌ର କାର୍ଯ୍ୟକାରୀତା :

ଏଟିଏମ୍ ଏପରି ଏକ ବ୍ୟବସ୍ଥା, ଯାହାଦ୍ୱାରା ଇ-ମେଲ୍, ମେସେଜ୍ ପ୍ରେରଣ ମାଧ୍ୟମରେ ତୃତୀୟ ପକ୍ଷକୁ ଦେଶର ବିଭିନ୍ନ ଭାଗରେ ଦଳିତ ଓ ଆଦିବାସୀମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବିଷୟରେ ଅବଗତ କରାଯାଏ ।

ଏହି ବ୍ୟବସ୍ଥାରେ ଇଣ୍ଟରନେଟ୍ ବିଷୟରେ ଅବଗତ ଥିବା ଓ ନେଟ୍ ଖୋଲି ପାରୁଥିବା ୱେବ୍‌ସାଇଟ୍‌ରେ ଏକ ନମ୍ବର (୯୯୫୮୭୭୭୭୮୭) ଦିଆଯାଇଛି । ଏହି ନମ୍ବରଟି ଏଟିଏମ୍ ୱେବ୍‌ସାଇଟ୍‌ର ନମ୍ବର । ଯେଉଁ ସମୟରେ ଏହି ନମ୍ବରରେ ଏକ ମେସେଜ୍ ପଠାଯିବ, ୱେବ୍‌ସାଇଟ୍ ସ୍ୱତଃ ମୋବାଇଲର ନମ୍ବରକୁ ସେହି ଅଞ୍ଚଳର ମାନବାଧିକାର କର୍ମୀ ବା ଡିଏଚ୍ ଆରଡି (ଦଳିତ ହ୍ୟୁମାନ ରାଇଟ୍ ଡିଫେଣ୍ଡର - DHRD)ଙ୍କ ଏକ ନମ୍ବର ପଠାଇବ । ଡିଏଚ୍‌ଆରଡି ଏହି ମେସେଜ ପାଇବା ପରେ, ଘଟଣାର ବାସ୍ତବତା ନେଇ ଅନୁସନ୍ଧାନ କରିବେ । ଏହାପରେ ଡିଏଚ୍‌ଆରଡି ସଂପୃକ୍ତ ଅଧିକାରୀଙ୍କୁ ଦଳିତ ନିର୍ଯ୍ୟାତନା ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଗସୂତ୍ର ସ୍ଥାପନ କରିବେ । ଏହା ସହ ଡିଏଚ୍‌ଆରଡି ଏଟିଏମ୍ ୱେବ୍‌ସାଇଟ୍‌ରେ ଘଟଣାଟିକୁ ସ୍ଥାନୀତ କରିବେ, ଯାହାଦ୍ୱାରା ଏହାର ଅନୁଧାବନ କରାଯାଇପାରିବ । ଡିଏଚ୍‌ଆରଡିଙ୍କ ଏହି ବୈଷୟିକ କାର୍ଯ୍ୟଧାରାକୁ ଅନ୍ୟ ଅଞ୍ଚଳର ଡିଏଚ୍‌ଆରଡିମାନେ ମଧ୍ୟ ଦେଖିପାରିବେ ଓ ଜାଣିପାରିବେ ।

ଏଟିଏମ୍ ବ୍ୟବସ୍ଥାର ପ୍ରଧାନ ଆଭିମୁଖ୍ୟ :

- ଦଳିତ / ଆଦିବାସୀ ଗୋଷ୍ଠୀ ଉପରେ ହେଉଥିବା ନିର୍ଯ୍ୟାତନା ଘଟଣାଗୁଡ଼ିକର ପରିପ୍ରକାଶ ।
- ଇ-ମେଲ୍ ଓ ମେସେଜ ପ୍ରେରଣ କରି ଘଟଣାର ଅନୁଧାବନ କରିବା ଓ ପ୍ରତିକ୍ରିୟା ପ୍ରକାଶ କରିବା ।
- ସୂଚନା ଓ ତଥ୍ୟଗତ ବିବରଣୀ ବିଷୟରେ ଅବଗତ ହେବା ଓ ତୁରନ୍ତ ପଦକ୍ଷେପ ନେବା ।

  ଜାତିଗତ ଉତ୍ପୀଡ଼ନ ଓ ନିର୍ଯ୍ୟାତନାର ତଥ୍ୟକୁ ଅନ୍‌ଲାଇନ୍‌ରେ ଗଚ୍ଛିତ ରଖିବା ଓ ଆବଶ୍ୟକ ସ୍ଥଳେ ତୁରନ୍ତ ଉଦ୍ଧାର କରିବା ।
- କେନ୍ଦ୍ର ଓ ରାଜ୍ୟ ସ୍ତରରେ ସଂପୃକ୍ତି ବ୍ୟକ୍ତ କରିବା ପାଇଁ ପରିବେଶ ସୃଷ୍ଟି କରିବା ।
- ଜାତୀୟ ଓ ରାଜ୍ୟ ସ୍ତରରେ ସମସ୍ତ ପ୍ରକାରର ନିର୍ଯ୍ୟାତନା ଅପରାଧକୁ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ଓ ନେସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ଭଳି ପଞ୍ଜୀକୃତ କରିବା ।

ପ୍ରକ୍ରିୟାର ସାଧାରଣ ସମୀକ୍ଷା :

ଜାତିଗତ ଉତ୍ପୀଡ଼ନ ଜନିତ ଘଟଣାମାନଙ୍କୁ ଏଟିଏମ୍ ବ୍ୟବସ୍ଥା ମାଧ୍ୟମରେ ସୂଚନା ଦିଆଯାଇପାରିବ । (ଫୋନ୍- ୯୮୯୮୯୧୫୪୫୫) ଫଳରେ ଏହି ସମ୍ବାଦକୁ ସ୍ୱତଃ ବ୍ୟବସ୍ଥା ଶାସନକଳକୁ ଓ ବିଭିନ୍ନ ରାଜ୍ୟର ପଞ୍ଜୀକୃତ ସଂଗଠନମାନଙ୍କୁ ଜଣାଇ ଦିଆଯିବ । ଏକଦା ଦଳିତ ମାନବିକ ଅଧିକାର ସୁରକ୍ଷାକାରୀ ଓ ରାଜ୍ୟ ସଂଗଠନମାନ ଏହାର ସତ୍ୟସତ୍ୟ ଜାଣିବା ପରେ ଏହା ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

Digitized by srujanika@gmail.com

ଅନୁସନ୍ଧାନକାରୀ ସଂଗଠନ ଘଟଣା ସ୍ଥଳକୁ ପରିଦର୍ଶନ କରିବା ପରେ ଘଟଣାର ଏକ ବିବରଣୀ ପ୍ରସ୍ତୁତ କରିବ । ସେହି ବିବରଣୀ ଆଧାରରେ ପଞ୍ଜୀକୃତ ବ୍ୟବହାରକାରୀ ତାଙ୍କ ୱେବ୍‌ସାଇଟ୍ ଡ୍ୟାସ୍‌ବୋର୍ଡରେ ଏହାକୁ ସ୍ଥାନୀତ କରିବେ । ପ୍ରତ୍ୟେକ ପଞ୍ଜୀକୃତ ବ୍ୟବହାରକାରୀ ଘଟଣାମାନଙ୍କର ତଥ୍ୟ ରଖିବା ସହ ସହଜରେ ଏହାକୁ ଅନୁଧାବନ କରିପାରିବେ । ଘଟଣାଟି ସ୍ଥାନୀତ ହେବାପରେ ଆବଶ୍ୟକ ବେଳେ ଏଥିରେ ପରିବର୍ତ୍ତନ କରାଯାଇପାରିବ ଓ ୱେବ୍‌ସାଇଟ୍ ମଡ୍ୟୁଲ ଦ୍ୱାରା ସତର୍କତା ସୃଷ୍ଟି କରିପାରିବ । ଏହାର ବିସ୍ତୃତ ବିବରଣୀ ପରେ ଦିଆଯିବ ।

ଏଟିଏମ୍ ଯେହେତୁ ଏକ ତଥ୍ୟ ସମ୍ବଳିତ ବୈଷୟିକ ବ୍ୟବସ୍ଥା କୌଣସି ପୂର୍ବ ଘଟଣାର ବିଶଦ୍ ସୂଚନା ସର୍ଚ୍ଚ-ମଡ୍ୟୁଲ ମାଧ୍ୟମରେ ଜାଣିହେବ । ଏହା ଏକ ଅବଧାରିତ ପ୍ରକ୍ରିୟା, ଫଳରେ ଘଟଣାରେ ସଂପୃକ୍ତ ତୃତୀୟ ପକ୍ଷମାନଙ୍କୁ ଏହାଦ୍ୱାରା ଜାଣିହୁଏ । ଯେଉଁମାନେ କୌଣସି ଘଟଣାକୁ କ୍ରମାଗତ ଭାବେ ଅନୁଧାବନ କରିଛନ୍ତି ଓ ବିଭିନ୍ନ ସ୍ତରରେ ଏହାର ତଦାରଖକୁ ଲକ୍ଷ୍ୟ ଦେଇଛନ୍ତି ସେମାନଙ୍କ ସମ୍ପର୍କରେ ତଥ୍ୟ ସବୁ ମିଳିପାରିବ । ପ୍ରତ୍ୟେକ ଘଟଣାର ସମସ୍ତ ତଥ୍ୟ ଓ ଆବଶ୍ୟକୀୟ ବିବରଣୀ ଏଥିରେ ଉପଲବ୍ଧ ହୋଇପାରିବ ।

ପୋଲିସ ସମ୍ପର୍କୀୟ ତଥ୍ୟ ମଧ୍ୟ ଏଥିରୁ ମିଳିବ । ସମସ୍ତ ପ୍ରକାର ନୃଶଂସ କାର୍ଯ୍ୟରେ ପୋଲିସ ଷ୍ଟେସନ ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସମ୍ପ୍ରତି ବିଭିନ୍ନ ରାଜ୍ୟର ସମସ୍ତ ତଥ୍ୟ ଇଣ୍ଟରନେଟ୍‌ରେ ମିଳିପାରୁଛି । ଫଳରେ ସଂପୃକ୍ତ ଘଟଣା ଓ ଅଧିକାରୀମାନଙ୍କ ବିଷୟରେ ମିଳୁଥିବା ତଥ୍ୟରୁ ଦୁଇଟି ଧାରଣାକୁ ଗ୍ରହଣ କରାଯାଉଛି :

୧. ପବ୍ଲିକ୍ ଡୋମେନ୍‌ରେ ସମସ୍ତ ତଥ୍ୟ ଉପଲବ୍ଧ ।

୨. ମିଳୁଥିବା ତଥ୍ୟମାନ ସତ୍ୟ ।

ମିଳୁଥିବା ତଥ୍ୟ (ଡାଟା)ରୁ ଯେ କେବଳ ପୋଲିସ ଷ୍ଟେସନ୍ ସମ୍ପର୍କୀୟ ତଥ୍ୟ ମିଳେ ତାହା ନୁହେଁ, ସେଥିରୁ ମଧ୍ୟ ରାଜସ୍ୱ, ସମାଜମଙ୍ଗଳ, ବିଭିନ୍ନ କମିଶନ ବିଷୟକ ସୂଚନା ମିଳେ । ଏଟିଏମ୍ ବ୍ୟବସ୍ଥାର କେତେକ ସୀମାବଦ୍ଧତା ସତ୍ତ୍ୱେ ଏହା ବହୁ ବିଷୟରେ ସୂଚନା ଦେଇପାରୁଛି । ଯଥା-

- ନିର୍ଯ୍ୟାତନାର ଅନୁଧାବନ ଓ ତଦାରଖ
- ଇ-ମେଲ୍ ଓ ଏସ୍‌ଏମ୍‌ଏସ୍ ଜରିଆରେ ଅନୁଧାବନ ଓ ତଦାରଖ
- ଏହି ପ୍ରୟୋଗର ବ୍ୟବହାର ଓ ସହଜ ବ୍ୟବହାର ଯୋଗ୍ୟତା
- କୌଣସି ଘଟଣା ବିଷୟରେ ପଦକ୍ଷେପ ନେବା ଓ ଏ କ୍ଷେତ୍ରରେ ସତର୍କତା ସୃଷ୍ଟି କରିବା
- ବିଭିନ୍ନ ସଂଗଠନ ଓ ନିରପେକ୍ଷ ବ୍ୟକ୍ତିମାନଙ୍କ ମଧ୍ୟରେ ଘଟଣା ବିଷୟରେ ମତର ଆଦାନପ୍ରଦାନ କରିବା ସହ ଘଟଣାର ସମୀକ୍ଷା କରିବା ।
- କେନ୍ଦ୍ରୀୟ ସମନ୍ୱୟ ଓ ସୁଗମତା : ଜାତିଗତ ଉତ୍ପୀଡ଼ନ ବିରୋଧରେ କାର୍ଯ୍ୟ କରୁଥିବା ଜାତୀୟ ସ୍ତରର ସଂଗଠନମାନଙ୍କର ସଭ୍ୟ ଓ ସଂସ୍ଥାମାନଙ୍କ ମଧ୍ୟରେ ସମ୍ପର୍କ ଓ ସମନ୍ୱୟ ସୃଷ୍ଟି କରିବା ।

Digitized by srujanika@gmail.com

ଦଳିତ ମାନବିକ ଅଧିକାର ସଂସ୍ଥାମାନଙ୍କର କେତେକ ବଳିଷ୍ଠ ପଦକ୍ଷେପ ଯୋଗୁ କେତେକ ରାୟ



ଘଟଣାର ବିବରଣୀ (ଘଟଣା-୧) : ତାମିଲନାଡୁର କୋଏମ୍ବାଟୋର ଜିଲ୍ଲା ପୋଲାଚି ଗ୍ରାମରେ ଘଟିଥିବା ଦଳିତ ଅପ୍ରାପ୍ତ ବୟସ୍କା ଝିଅଙ୍କର ଗଣଧର୍ଷଣ

ଘଟଣାର ସାରାଂଶ :

କୋଏମ୍ବାଟୋର ଜିଲ୍ଲାର ପୋଲାଚି ଗ୍ରାମରେ ତାମିଲ ଏଭାଞ୍ଜେଲିକାଲ ଲୁଥେରାନ ଚର୍ଚ୍ଚ ଏକ ଶିଶୁ-କେନ୍ଦ୍ର ଚଳାଉଛି । ତିନିଜଣ ଝିଅଙ୍କୁ ମିଶାଇ କୋଡ଼ିଏ ଜଣ ପିଲା ଗୋଟିଏ ହଲରେ ଏକାଠି ରଖାଯାଇଥିଲା । ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା ବା ସୁବିଧା ସୁଯୋଗ ନ ଥିଲା । ୱାଡେନ ଓ କେହି ତତ୍ତ୍ୱାବଧାରକ ସାଧାରଣତଃ ସୁବିଧା ଅଭାବରୁ ରାତିରେ ସେଠାରେ ରହନ୍ତି ନାହିଁ ।

୧୧.୬.୨୦୧୪ ରାତି ପ୍ରାୟ ୧୧ଟା ସମୟରେ ଅଭିଯୁକ୍ତ ସେହି ଶିଶୁ କେନ୍ଦ୍ରରେ ପ୍ରବେଶ କରି କବାଟକୁ ଭାଙ୍ଗି ଦୁଇଜଣ ଝିଅଙ୍କୁ ଅପହରଣ କରିନେଲେ । ଜଣେ ଝିଅ ହେଲେ ଥିଲାଗବତୀ, ସେ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି ଓ ତାଙ୍କ ବୟସ ୧୧ ବର୍ଷ । ଝିଅଙ୍କ ବାପା ପଚାଇମୁଥୁ ଦଳିତ ଜାତିର ବ୍ୟକ୍ତି । ଆଉ ଜଣେ ଝିଅ ହେଲେ ମହାଲକ୍ଷ୍ମୀ, ପଞ୍ଚମ ଶ୍ରେଣୀରେ ପଢ଼ନ୍ତି ଓ ତାଙ୍କ ବୟସ ୧୦ ବର୍ଷ । ଉଭୟ ଝିଅ ପୋଲାଚିର ମ୍ୟୁନିସପାଲ ସରକାରୀ ବିଦ୍ୟାଳୟରେ ପଢ଼ନ୍ତି । ଝିଅମାନଙ୍କୁ ଉଠାଇନେଇ ସେମାନଙ୍କୁ ବଳାତ୍କାର କରି ଧର୍ଷଣ କରାଗଲା । ଝିଅମାନଙ୍କୁ ନେଇଯିବା ପରେ ଅନ୍ୟ ପିଲାମାନେ ସେମାନଙ୍କ ଦାୟିତ୍ୱରେ ଥିବା ଓ ନିକଟସ୍ଥ ଏକ ଘରେ ରହୁଥିବା ମି. ସୁରେଶଙ୍କ ପାଖକୁ ଆସି ଏହି ଘଟଣା ଜଣାଇଲେ । ମି. ସୁରେଶ ଆସିବାବେଳକୁ ଝିଅଙ୍କୁ ଉଠାଇ ନେଇ ଧର୍ଷଣ କରିଥିବା ଲୋକଟି ପଳାଇ ଯାଇଥିଲା ।

ସଙ୍ଗେ ସଙ୍ଗେ ମି. ସୁରେଶ ପୀଡ଼ିତା ଝିଅମାନଙ୍କୁ ନେଇ ପୋଲାଚି ସରକାରୀ ଡାକ୍ତରଖାନାରେ ଚିକିତ୍ସା

Digitized by srujanika@gmail.com

ପାଇଁ ଆଡ୍‌ମିଟ୍ କରାଇ ପୋଲିସ ଷ୍ଟେସନ୍‌କୁ ଯାଇ ଦୁଇଝିଅଙ୍କୁ ହୋଇଥିବା ବଳାତ୍କାର ବିଷୟରେ ଅଭିଯୋଗ ଦେଲେ । ଏହା ଏକ ମହିଳା ପୋଲିସ ଷ୍ଟେସନ୍ ଥିଲା । ପୋଲିସ ଏଫ୍‌ଆଇଆର୍‌କୁ ପଞ୍ଜୀକୃତ କଲେ । ଏହି କେସ୍ ନମ୍ବର ଥିଲା - 16/2014, U/s 506(1) POSCO Act 2012, 366(A), 376 IPC r/w 3(i)(w)(i), 3(ii) v, New Amendment of SC/ST PoA Act. ଦୁଇଜଣ ଝିଅଙ୍କ ଭିତରୁ ଜଣେ ଦଳିତ ଥିବାରୁ, ଏସ୍‌ସି/ଏସ୍‌ଟି ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିକ୍ ଆକ୍ଟ ମଧ ଅପରାଧୀଙ୍କ ପାଇଁ ଲାଗୁ କରାଗଲା । ଶିଶୁ କେନ୍ଦ୍ର ବିରୁଦ୍ଧରେ ପୋଲାଚି ଇଷ୍ଟ ପୋଲିସ ଷ୍ଟେସନ୍‌ରେ ଏକ ଏଫ୍‌ଆଇଆର୍ ଦାୟର କରାଗଲା । କେସ୍ ନମ୍ବର ଥିଲା- 311/2014, U/s 188, 336, 342 ଚିଲ୍‌ଡ୍ରେନ୍‌ସ ଆକ୍ଟ r/w 23, ଜୁଭେନାଇଲ ଜଷ୍ଟିସ୍ (କେୟାର ଏଣ୍ଡ ପ୍ରୋଟେକ୍‌ସନ ଅଫ୍ ଚିଲଡ୍ରେନ୍ ୨୦୦୦), ତା ୧୩.୦୬.୨୦୧୪ ।

ଏହି ଶିଶୁ-କେନ୍ଦ୍ରଟି ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଅନୁଯାୟୀ ପଞ୍ଜୀକୃତ ହୋଇ ନ ଥିଲା । ଯେହେତୁ ପିଲାମାନେ ରହୁଥିବା କେନ୍ଦ୍ରରେ ଆବଶ୍ୟକୀୟ ସୁବିଧା ସୁଯୋଗ ନ ଥିଲା କୋଏମ୍ବାଟୋର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ-କେନ୍ଦ୍ର ଗୃହଟିକୁ ସିଲ୍ କରି ବନ୍ଦ କରିଦିଆଗଲା । ସେଠାରେ ରହୁଥିବା ଅବଶିଷ୍ଟ ୧୮ ଜଣ ପିଲାଙ୍କୁ ସେମାନଙ୍କ ବାପା, ମା'ଙ୍କ ପାଖକୁ ପଠାଇ ଦିଆଗଲା ।

ଏହି ଘଟଣା ପରେ ଦଳିତ ମାନବିକ ଅଧିକାର ବିକାଶ ସଂସ୍ଥା ଘଟଣାରେ ସମ୍ପୃକ୍ତ ହୋଇ ପଦକ୍ଷେପ ନେଲା-

ଘଟଣା	ଅଭିଯୁକ୍ତ ବାରାସ୍ୱାମୀର ଏସ୍‌ସି/ଏସ୍‌ଟି ପିଓଏ ଆକ୍ଟ ଅନୁଯାୟୀ ଗିରଫ	ଡିଏଚ୍‌ଆରଡି ଟିମ୍‌ର ଘଟଣାସ୍ଥଳ ପରିଦର୍ଶନ, ଅନୁସନ୍ଧାନ ଓ ତଥ୍ୟ ସଂଗ୍ରହ ଘଟଣାରେ ହସ୍ତକ୍ଷେପ	୧୩.୦୬.୨୦୧୪	୧୨.୦୬.୨୦୧୪ରେ ଅଲ୍ ଓ୍ୱିମେନ ପୋଲିସ ପୀଡ଼ିତାଙ୍କ ବୟାନକୁ ଲିପିବଦ୍ଧ କରିବା ଓ ଏଫଆଇଆରକୁ ପଞ୍ଜୀକୃତ କରିବା । ଅପରାଧ କେସ୍ ନମ୍ବର : 16/2014, U/s 506(1) POSCO Act 2012, 366 (A), 376 IPC r/w 3(i)(w)(i), 3(ii)(vi), New Amendment of SC/ST PoA Act
ଅଭିଯୋଗ ଓ ଏଫ୍. ଆଇ.ଆର୍	ମୌଖିକ ଅଭିଯୋଗ	ପୀଡ଼ିତାଙ୍କ ବୟାନକୁ ଗ୍ରହଣ କରିବା ଓ ତାମିଲନାଡୁ କୋଏମ୍ବାଟୁର ଜିଲ୍ଲା ପୋଲାଚିଠାରେ ଥିବା ମହିଳା ପୋଲିସ ଷ୍ଟେସନରେ ଏଫ୍‌ଆଇଆର୍‌କୁ ପଞ୍ଜୀକୃତ କରିବା	୧୨.୦୬.୨୦୧୪	ତାମିଲନାଡୁ କୋଏମ୍ବାଟୋର ଜିଲ୍ଲା ପୋଲାଚିସ୍ଥିତ ଅଲ୍ ଓ୍ୱିମେନ ପୋଲିସ ଷ୍ଟେସନରେ ପ୍ରଥମ ମୌଖିକ ଅଭିଯୋଗକୁ ଏଫଆଇଆର୍ ଭାବେ ଦୁଇ ତିନି ଘଣ୍ଟା ଭିତରେ ଗ୍ରହଣ କରିବା । ନମ୍ବର ହେଲା- Cr. No 16/2014, U/s 506(1) POSCO Act 2012, 366 (A), 376 IPC r/w 3(i)(w)(i), 3(ii)(v), New Amendment of SC/ST PoA Act
			୧୩.୦୬.୨୦୧୪	ଶିଶୁ କେନ୍ଦ୍ର ବିରୁଦ୍ଧରେ ଏଫଆଇଆର ୧୩.୦୬.୨୦୧୪ ଦିନ ପୋଲାଚି ଇଷ୍ଟ ପୋଲିସ ଷ୍ଟେସନରେ ପଞ୍ଜୀକୃତ । କେସ୍ ନମ୍ବର : Cr No 311/2014, U/s 188, 336, 342, ଚିଲ୍‌ଡ୍ରେନ୍‌ସ ଆକ୍ଟ r/w 23 ଅଫ୍ ଜୁଭେନାଇଲ ଜଷ୍ଟିସ (କେୟାର ଆଣ୍ଡ ପ୍ରୋଟେକ୍‌ସନ ଅଫ୍ ଚିଲଡ୍ରେନ୍ ୨୦୦୦)

Digitized by srujanika@gmail.com

ତାମିଲନାଡୁ ଧରୁପୁର ଜିଲ୍ଲାର ୩୬ ବର୍ଷ ବୟସ୍କ ମି. ପାଲନିସ୍ୱାମୀ ହେଉଛନ୍ତି ଜଣେ ଦଳିତ ସମାଜକର୍ମୀ । ଦଳିତମାନଙ୍କର ମାନବିକ ଅଧିକାର ପାଇଁ ସେ ଗତ ଦଶବର୍ଷ ଧରି କାର୍ଯ୍ୟ କରୁଛନ୍ତି ଓ ଏ କ୍ଷେତ୍ରରେ ବିଭିନ୍ନ ପ୍ରଶିକ୍ଷଣ (ଟ୍ରେନିଂ) ନେଇଛନ୍ତି । କୌଣସି ଦଳିତ ସମସ୍ୟାରେ ସମ୍ପୃକ୍ତ ହେଲେ ପ୍ରତ୍ୟେକ କ୍ଷେତ୍ରରେ ନିଜର ସମ୍ପୃକ୍ତି ପ୍ରକାଶ କରି କ୍ଷତିଗ୍ରସ୍ତ ଯେପରି ନ୍ୟାୟ ପାଆନ୍ତି ସେଥିପାଇଁ ଉଦ୍ୟମ କରିଥାନ୍ତି । ୨୦୧୪ରେ କୋଏମ୍ବାଟୋର ଜିଲ୍ଲାରେ ପାଠ ପଢୁଥିବା ଦୁଇଜଣ ଅପ୍ରାପ୍ତ ବୟସ୍କା ଝିଅଙ୍କୁ ଧର୍ଷଣ କରାଯାଇଥିଲା । ତାମିଲନାଡୁର ଡିଏଚ୍ଆରଡି ସହ ସମ୍ପୃକ୍ତ ପାଲନସ୍ୱାମୀ ଏହି ଘଟଣାକୁ ପ୍ରତି ସ୍ତରରେ ତଦାରଖ କରୁଥିଲେ, ଯେଉଁଥିପାଇଁ ସେହିବର୍ଷ ୨୦୧୪ ଡିସେମ୍ବର ୨୪ ତାରିଖ ଦିନ ରାୟ ପ୍ରକାଶ ପାଇଲା । ଏହି ଘଟଣାରେ ଦୋଷୀ ୬୭ ବର୍ଷ ଜେଲଦଣ୍ଡ ପାଇଲେ । ପ୍ରତ୍ୟେକ ପୀଡ଼ିତା ସାହାଯ୍ୟ ଭାବେ ସାଢ଼େ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ମଧ୍ୟ ଅନୁକମ୍ପା ସାହାଯ୍ୟ ପାଇଲେ । କୋର୍ଟ ଝିଅ ଦୁଇଟିଙ୍କ ମାଗଣା ଶିକ୍ଷା ଓ ଶିକ୍ଷା ସମାପ୍ତ ପରେ ସରକାରୀ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଲେ । (କୋଏମ୍ବାଟୋର ମହିଳା କୋର୍ଟ ରେଫରେନ୍ସ ନମ୍ବର - 34/2014) । ୨୦୧୫ର ଅନ୍ୟ ଏକ ଘଟଣାରେ ଏରୋଡ ଜିଲ୍ଲାରେ ଅନ୍ୟ ଏକ ଦଳିତ ଝିଅକୁ ଧର୍ଷଣ କରିବାକୁ ଉଦ୍ୟମ କରାଯାଇଥିଲା । ଏହି ଘଟଣାର ରାୟ ମଧ୍ୟ ପ୍ରକାଶ ପାଇ ଅଭିଯୁକ୍ତକୁ ସାତବର୍ଷ କାରାଦଣ୍ଡ ହୋଇଥିଲା ଓ ଜୋରିମାନା କରାଯାଇଥିଲା । (କେସ୍ ନମ୍ବର - SC No. 33/2015, ୱିମେନ୍ ଫାଷ୍ଟଟ୍ରାକ୍ କୋର୍ଟ, ଏରୋଡ) ।

ସ୍ଥାନ (ସ୍ପଟ୍) ପରିଦର୍ଶନ	ଡିଜିପି ପୋଲିସ ମହାନିର୍ଦ୍ଦେଶକ	ଡିଏସ୍‌ପି ଓ ଡିଜିପି ଘଟଣା ସ୍ଥଳ ପରିଦର୍ଶନ ଓ ତଥ୍ୟ ଅନୁସନ୍ଧାନକାରୀ ଦଳର ଲାଗ୍ ଲାଗ୍ ଘଟଣାସ୍ଥଳ ପରିଦର୍ଶନ	୧୫.୦୬.୨୦୧୪	୧୫.୦୬.୨୦୧୪ ଦିନ ଡିଜିପି ଘଟଣା ସ୍ଥଳ ପରିଦର୍ଶନ କରି ଘୋଷଣା କଲେ ଯେ ଖୁବ୍ ଶୀଘ୍ର ଅପରାଧୀକୁ ପୋଲିସ ଗିରଫ କରି କୋର୍ଟରେ ହାଜର କରାଇବ ।
	ମି. ବିଜୟ କୋଏମ୍ବାଟୋର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ		୧୭.୦୬.୨୦୧୪	୧୭.୦୬.୨୦୧୪ ଦିନ କୋଏମ୍ବାଟୋର ଜିଲ୍ଲାର ଶିଶୁ ସୁରକ୍ଷା ଅଧିକାରୀ ପୀଡ଼ିତା ଝିଅମାନଙ୍କ ସହ ଓ ଅନ୍ୟାନ୍ୟ ପିଲାଙ୍କ ଉପସ୍ଥିତିରେ ସ୍ଥାନ ପରିଦର୍ଶନ । ସମସ୍ତ ପିଲା ମାନଙ୍କୁ ସେମାନଙ୍କର ଅଭିଭାବକଙ୍କ ଦାୟିତ୍ୱରେ ଦିଆଯାଇ ସେମାନଙ୍କୁ ଘରକୁ ପଠାଯିବା ।
ରାଜ୍ୟ ଏସ୍‌ସି କମିଶନଙ୍କ ପରିଦର୍ଶନ		ଘଟଣା ଅନୁସନ୍ଧାନକାରୀ ଦଳ ଏହାର ରିପୋର୍ଟ ଜାତୀୟ ଏସ୍‌ସି କମିଶନ ଓ ରାଜ୍ୟ ଏସ୍‌ସି କମିଶନକୁ ପ୍ରେରଣ	୨୦.୦୬.୨୦୧୪	
ଜିଲ୍ଲାପାଳଙ୍କ ସ୍ଥାନ ପରିଦର୍ଶନ	କୋଏମ୍ବାଟୋର ଜିଲ୍ଲାପାଳ	ଡିଏସ୍‌ପି ଓ ଡିଜିପି ଘଟଣାସ୍ଥଳ ପରିଦର୍ଶନ ଓ ତଥ୍ୟ ଅନୁସନ୍ଧାନକାରୀ ଦଳର ଲାଗ୍ ଲାଗ୍ ଘଟଣାସ୍ଥଳ ପରିଦର୍ଶନ	୧୨.୦୬.୨୦୧୪	୧୨.୦୬.୨୦୧୪ ଦିନ ଜିଲ୍ଲାପାଳ ଶିଶୁକେନ୍ଦ୍ରକୁ ପରିଦର୍ଶନ କରିବା ଓ ଯେହେତୁ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଦ୍ୱାରା ଏହା ପଞ୍ଜୀକୃତ ନୁହେଁ ଓ ସେଠାରେ ଉତ୍ତମ ବ୍ୟବସ୍ଥା ନାହିଁ, ଏହାକୁ ବନ୍ଦ କରିଦେବା ।
ଗିରଫ	ଦୋଷୀ ବୀରାସ୍ୱାମୀର ଗିରଫ	ଦଳିତ ମାନବିକ ଅଧିକାର ସୁରକ୍ଷା କର୍ମୀ (ଡିଏଚ୍-ଆରଡି) ଡିଏସ୍‌ପି, ସିପିଓ, ଜିଲ୍ଲାପାଳଙ୍କୁ ସାକ୍ଷାତ	୨୦.୦୬.୨୦୧୪	ଏସ୍‌ଏସ୍‌ୱାଇ ଡିଏଚ୍ଆରଡି (SASY DHRD) ଓ ଡିଏସ୍‌ପିଙ୍କର ଘଟଣାସ୍ଥଳର ପରିଦର୍ଶନ ପରେ ଅଭିଯୁକ୍ତ ଗିରଫ ଓ ପୋଲିସ ରିମାଣ୍ଡରେ ତାକୁ ରଖିବା
ତଦନ୍ତ	ଡିଜିପିଙ୍କ ଦ୍ୱାରା ସ୍ପଟ୍ ଅନୁସନ୍ଧାନ	ଡିଏଚ୍ଆରଡିଙ୍କ ସମ୍ପୃକ୍ତି ଯୋଗୁଁ ଘଟଣାର ପୂର୍ଣ୍ଣ ତଦନ୍ତ	୧୫.୦୬.୨୦୧୪	ପୋଲିସ ମହାନିର୍ଦ୍ଦେଶକଙ୍କ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ଅଭିଯୁକ୍ତକୁ ଗିରଫ କରାଯିବାର ଘୋଷଣା । ୨୦.୦୬.୨୦୧୪ ଦିନ ଅଭିଯୁକ୍ତ ବୀରାସ୍ୱାମୀକୁ ଗିରଫ, ଡାକ୍ତରୀ ମାଇନା ଓ ପୋଲିସ ରିମାଣ୍ଡରେ ନେବା

Digitized by srujanika@gmail.com

ଚାର୍ଜସିଟ୍		ଡିଏଚ୍‌ଆର୍‌ଡିଙ୍କ ଚାପ ଯୋଗୁଁ କୋଏମ୍ବାଟୋର ମହିଳା କୋର୍ଟରେ ଚାର୍ଜସିଟ୍ ଦାଖଲ	୩୧.୦୭.୨୦୧୪	SC No. 34 / 2014
କ୍ଷତିପୂରଣ ଓ ଥଇଥାନ	କ୍ଷତିପୂରଣ			(୧) କୋଏମ୍ବାଟୋର ଜିଲ୍ଲାର ପୋଲାଚି ଚିଲ୍‌ଡ୍ରେନ ହୋମ୍ ତରଫରୁ ଦୁଇ ପୀଡ଼ିତା ଝିଅ ଭାଗବତୀ ଓ ମହାଲକ୍ଷ୍ମୀଙ୍କୁ ୨,୫୦.୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । (୨) ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମଧ୍ୟ ଦୁଇ ଅପ୍ରାପ୍ତବୟସ୍କା ପାର୍ଦ୍ଦିତାଙ୍କୁ ୩,୦୦,୦୦୦ ଟଙ୍କା ଲେଖାଏଁ କ୍ଷତିପୂରଣ ବାବଦରେ ଦିଆଯାଇଥିଲା ।
ନିଯୁକ୍ତି ସୁବିଧା				ଦୁଇ ଅପ୍ରାପ୍ତବୟସ୍କା କ୍ଷତିଗ୍ରସ୍ତ ଝିଅଙ୍କୁ ମାଗଣା ଶିକ୍ଷା, ଉଚ୍ଚଶିକ୍ଷା ଓ କର୍ମସଂସ୍ଥାନ ଦେବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପ୍ରଦାନ
ରାୟ		ଡିଏଚ୍‌ଆର୍‌ଡି ତରଫରୁ ବାରମ୍ବାର ଚାପ ଓ ଉଦ୍ୟମ ଯୋଗୁଁ ଘଟଣାର ତୁରନ୍ତ ବିଚାର ଓ ରାୟ ପ୍ରକାଶନ	୨୪.୧୦.୨୦୧୪	ଉଭୟ ଧର୍ଷଣ ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ୪୪ ବର୍ଷ ଏକକାଳୀନ ଜେଲ୍ ଦଣ୍ଡ । ଅନୁପ୍ରବେଶ ପାଇଁ ଦଶବର୍ଷ, ଅପ୍ରାପ୍ତବୟସ୍କା ଝିଅମାନଙ୍କୁ ହରଣଚାଳ ପାଇଁ ପ୍ରତ୍ୟେକ କେସ୍‌ରେ ୧୦ବର୍ଷ ଲେଖାଏଁ ଓ ମାରିଦେବାର ଭୟ ଦେଖାଇବା ଯୋଗୁଁ ୭ ବର୍ଷ ଲେଖାଏଁ ଜେଲଦଣ୍ଡ ଦିଆଗଲା । କୋଏମ୍ବାଟୋର ମହିଳା କୋର୍ଟ ଧାରା ୩୬୬(ଏ), ଆଇପିସି ଧାରା ୩୭୬ ସେକ୍ସନ ୫(୪)(୧)(ଏମ୍), POSCO ଆକ୍ଟ ୨୦୧୨ ଆଇପିସି ସେକ୍ସନ ୫୦୬(ii) (ଅପରାଧ ଓ ଭୟ ପ୍ରଦର୍ଶନ) ଅନୁସାରେ ଏହି ଆଦେଶ ପ୍ରଦାନ କଲେ ।

Digitized by srujanika@gmail.com

ମି. ରାଜେଶ କୁମାର ଜଣେ ଦଳିତ ମାନବାଧିକାର ସୁରକ୍ଷା କର୍ମୀ । ତାଙ୍କର ବୟସ ୪୦ ବର୍ଷ ଓ ସେ ଗତ ୧୦ ବର୍ଷ ଧରି ଦଳିତ ମାନବାଧିକାର ତଦାରଖ କାର୍ଯ୍ୟ କରୁଛନ୍ତି । ସେ ହରିୟାଣାର ପାନିପଥର ବ୍ୟକ୍ତି ଓ ଏହି କାର୍ଯ୍ୟ ପାଇଁ ବିଭିନ୍ନ ପ୍ରଶିକ୍ଷଣ ନେଇଛନ୍ତି । ସେ କେବଳ ନିଜ ରାଜ୍ୟ ନୁହେଁ, ଅନ୍ୟାନ୍ୟ ରାଜ୍ୟରେ ଦଳିତ ନିର୍ଯ୍ୟାତନା ଘଟଣାରେ ହସ୍ତକ୍ଷେପ ଓ ତଦାରଖ କରିଥାନ୍ତି । ୨୦୧୨ ମସିହାରେ ପାନିପଥ ଜିଲ୍ଲାରେ ଏକ ଦଳିତ ବର୍ଗର ଅପ୍ରାପ୍ତ ବୟସ୍କ ବାଳିକା ଗଣଧର୍ଷଣର ଶିକାର ହୋଇଥିଲେ । ରାଜେଶ କୁମାର ଏହି ଘଟଣାରେ ହସ୍ତକ୍ଷେପ କରିଥିଲେ ଓ ୨୦୧୪ ମସିହା ମେ ମାସରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା । ଅଭିଯୁକ୍ତ ୨୦ ବର୍ଷ କାରାଦଣ୍ଡ ଓ ଜୋରିମାନାରେ ଦଣ୍ଡିତ ହୋଇଥିଲା । କ୍ରିମିନାଲ କେସ୍ ନଂ. - ୧୦୬/୨୦୧୩, ଅତିରିକ୍ତ ସେସନ୍ସ କୋର୍ଟ, ପାନିପଥ ।

ଘଟଣାର ବିବରଣୀ (ଘଟଣା-୨)

ଏରୋଡ ଜିଲ୍ଲାରେ ଜଣେ ଦଳିତ ଝିଅକୁ ଧର୍ଷଣ କରିବା ପାଇଁ ଉଦ୍ୟମ ଘଟଣାର ସାରାଂଶ :

ଏରୋଡ ଜିଲ୍ଲାର କୁମାରସ୍ୱାମୀଙ୍କ ଝିଅ ଅନୀତା । କୁମାରସ୍ୱାମୀ ଅରୁନ୍ଥତାୟାର ଜାତିର ଲୋକ, ଯାହା ହିନ୍ଦୁଧର୍ମର ଏକ ଦଳିତ ସମ୍ପ୍ରଦାୟ । ଥୁଲୁକାମ ପଲୟମ ଗ୍ରାମର ଆରିଜନା କଲୋନୀରେ ଅନୀତା ତା' ବାପା, ମା'ଙ୍କ ସାଙ୍ଗରେ ରହେ । ସେହି ଗ୍ରାମର ଡାକ-ଥୋପୁପଲୟମ, ତାଲୁକ-ପେରୁନ୍ଦୁରାଇ, ଜିଲ୍ଲା-ଏରୋଡ଼ ତାମିଲନାଡୁ ରାଜ୍ୟରେ ଅବସ୍ଥିତ । ଅନୀତା ଚେନିମଲାଇ ସରକାରୀ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼େ ।

୨୨.୮.୨୦୧୫ ଦିନ ରାତି ୮ଟା ସମୟରେ ଅନୀତା ଘରେ ଏକା ଥିବାବେଳେ ସେହି ଗ୍ରାମର ଏକ ପ୍ରଭାବଶାଳୀ ଜାତିର କୁଲନ୍ଥାସ୍ୱାମୀ ଗୌନ୍ଦର ତାକୁ ଧର୍ଷଣ ପାଇଁ ଜବରଦସ୍ତ ଧରିନେଲେ । ସେ ବଳପୂର୍ବକ ତା' ପାଟିରେ ଲୁଗା ପୁରାଇ ବନ୍ଦ କରିଦେଇ ତାକୁ ରାସ୍ତା କଡ଼କୁ ଟେକିନେବାକୁ ଉଦ୍ୟମ କଲେ । ଅନୀତା ପାଟିର କପଡ଼ାକୁ କୌଣସି ପ୍ରକାର ହାତରେ ବାହାର କରି ସାହାଯ୍ୟ ପାଇଁ ଚିତ୍କାର କଲେ । ଅଭିଯୁକ୍ତ ଝିଅଟିକୁ ରାସ୍ତାକଡ଼ରେ ଛାଡ଼ିଦେଇ ସେଠାରୁ ପଳାଇଗଲେ । ଶେଷରେ ରାସ୍ତାକଡ଼ରୁ ଗାଁ ଲୋକମାନେ ଝିଅଟିକୁ ଉଦ୍ଧାର କଲେ ଓ ପୋଲିସରେ ଖବର ଦେଲେ ।

୨୬.୮.୨୦୧୫ ଦିନ ଚେନିମଲାଇ ପୋଲିସ ଷ୍ଟେସନ୍‌ରେ ଘଟଣାଟିକୁ ପଞ୍ଜୀକୃତ କରାଗଲା ଓ ଏଫ୍‌ଆଇଆର୍ ନମ୍ବର ହେଲା- No. 379/2015 U/s 8 POSCO Act 2012 r/w 3(i) (Ki) (i) SC/ST PoA ନିଉ ଆମେଣ୍ଡମେଣ୍ଟ ଅର୍ଡିନାନ୍‌ସ ଆକ୍ଟ ୨୦୧୪ । ଏହାପରେ ପୋଲିସ ଅଭିଯୁକ୍ତ କୁଲନ୍ଥାସ୍ୱାମୀ ଗୌନ୍ଦରକୁ ଗିରଫ କଲେ । ଏହାପରେ ପୀଡ଼ିତା ଝିଅଟିକୁ ଏରୋଡରେ ଥିବା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଗଲା । ଏହା ଜଣାପଡ଼ିବା ପରେ SASY ସେହି ଗ୍ରାମକୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳକୁ ପଠାଇଲା । ତା'ପରେ SASY ସମ୍ପୃକ୍ତ ଅଧିକାରୀମାନଙ୍କୁ ଓ ଷ୍ଟାଚ୍ୟୁଟାରୀ କମିଶନରଙ୍କୁ ଘଟଣାର ଅଭିଯୋଗ ପଠାଇଲା ।

Digitized by srujanika@gmail.com

ରାଜସ୍ଥାନର ଶ୍ରୀମତୀ ସୁନୀତା ବରଓ୍ୱା ହେଉଛନ୍ତି ଜଣେ ଦଳିତ ମାନବାଧିକାର ସମାଜକର୍ମୀ, ଯେ ମାନବାଧିକାର ଉପରେ ବିଭିନ୍ନ ପ୍ରଶିକ୍ଷଣ ନେଇଛନ୍ତି । ସେ ଦଳିତ ଉତ୍ପୀଡ଼ନ ଘଟଣାମାନଙ୍କୁ ତଦାରଖ କରି ପ୍ରତ୍ୟେକ ସ୍ତରରେ ଘଟଣା ଉପରେ ନଜର ରଖି ପୀଡ଼ିତ ଯେପରି ନ୍ୟାୟ ପାଆନ୍ତି ସେଥିପାଇଁ ଦୃଷ୍ଟି ଦେଇଥାନ୍ତି । ୨୦୧୪ରେ ଧର୍ଷଣ ଓ ହତ୍ୟା ପାଇଁ ହୋଇଥିବା ଏକ ଘଟଣାରେ ସୁନୀତା ହସ୍ତକ୍ଷେପ କରି ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ୍ ଆକ୍ଟ ଅନୁଯାୟୀ ଅଭିଯୁକ୍ତ ଦଣ୍ଡ ପାଇବାକୁ ପ୍ରୟାସ କରିଥିଲେ । ଅଭିଯୁକ୍ତ ଛଅମାସ ଜେଲ୍ ଓ ଜୋରିମାନାରେ ଦଣ୍ଡିତ ହୋଇଥିଲେ । (ଦଉସା ଜିଲ୍ଲାର ସେସନ୍‌ସ କୋର୍ଟ କେସ୍ ନଂ.- 48/2014) ।

ଘଟଣାର ସ୍ତର	ସମସ୍ୟା / ବ୍ୟବଧାନ	ଡିଏଚ୍‌ଆର୍‌ଡି (DHRD) କ'ଣ କଲା ଓ କାହାକୁ ଲକ୍ଷ୍ୟ ରଖିଲା	କେତେବେଳେ ହସ୍ତକ୍ଷେପ କରାଗଲା	ଏହି ହସ୍ତକ୍ଷେପ ଦ୍ୱାରା ଦଳିତ ହିତାଧିକାରୀଙ୍କର କ'ଣ ସୁବିଧା ହେଲା
ଘଟଣା	ଅଭିଯୁକ୍ତ କୁଲନ୍ଥାଇସ୍ୱାମୀ ଙ୍କୁ POSCO Act ଓ SC/ ST PoA Act ଅନୁଯାୟୀ ଗିରଫ	ଡିଏଚ୍‌ଆର୍‌ଡି (DHRD) ଘଟଣାର ତଥ୍ୟ ସଂଗ୍ରହ କଲା ଓ ଘଟଣାକୁ ହାତକୁ ନେଲା	୨୬.୦୮.୨୦୧୫	୨୬.୦୮.୨୦୧୫ ଦିନ ଚେନ୍ନିମଲାଇ ପୋଲିସ ଷ୍ଟେସନ୍‌ରେ ଘଟଣାକୁ ପଞ୍ଜୀକୃତ କରାଗଲା । ଏଫ୍‌ଆଇଆର୍ ନଂ.- 379/2015 u/s 8 of POSCO Act 2012 r/w 3(i) (xi) SC/ST PoA ନୂତନ ସଂଶୋଧନ ଅଡିନାନ୍ସ ଆକ୍ଟ-୨୦୧୪ । ଏହାପରେ ପୋଲିସ କୁଲନ୍ଥାଇସ୍ୱାମୀ ଗୌନ୍ଦରଙ୍କୁ ଗିରଫ କଲା ଓ ଝିଅ ଅନୀତାକୁ ଏରୋଡସ୍ଥିତ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଗଲା ।
ଅଭିଯୋଗ ଓ ଏଫ୍‌ଆଇ ଆର୍	ମୌଖିକ ଅଭିଯୋଗ	ତାମିଲନାଡୁର ଏରୋଡ଼ ଜିଲ୍ଲାର ଚେନ୍ନିମାଲାଇ ପୋଲିସ ଷ୍ଟେସନରେ ପୀଡ଼ିତାଙ୍କର ବୟାନକୁ ଲିପିବଦ୍ଧ କରାଯାଇ ଏଫ୍‌ଆଇଆର୍ ଦାଖଲ କରାଗଲା	୨୬.୦୮.୨୦୧୫	ମୌଖିକ ଅଭିଯୋଗକୁ ଏଫ୍‌ଆଇଆର୍ ଭାବେ ଗ୍ରହଣ କରାଯାଇ ପଞ୍ଜୀକୃତ କରାଗଲା । ତାମିଲନାଡୁ ଏରୋଡ ଜିଲ୍ଲାର ଚେନ୍ନିମଲାଇ ପୋଲିସ ଷ୍ଟେସନ କେସ୍ ନମ୍ବର- 379/2015 U/s 8, POSCO Act 2012 r/w 3(i) (Ki) SC/ST PoA New ସଂଶୋଧନ ଅଡିନାନ୍ସ ଆକ୍ଟ ୨୦୧୪
ଘଟଣା ସ୍ଥଳ ପରିଦର୍ଶନ	ଜିଲ୍ଲା ଏସ୍‌ପି	ତଥ୍ୟ ଅନୁସନ୍ଧାନକାରୀ ଦଳ ଘଟଣା ସ୍ଥଳ ପରିଦର୍ଶନ କରି ଏସ୍‌ପିଙ୍କୁ ସାକ୍ଷାତ କରି ଧର୍ଷଣ ବିଷୟରେ ତଥ୍ୟ ଦେଲେ	୨୭.୦୮.୨୦୧୫	୨୭.୦୮.୨୦୧୫ ଦିନ ଡିଏସ୍‌ପି, ବାସ୍କର ଘଟଣାସ୍ଥଳ ପରିଦର୍ଶନ କଲେ ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଶ୍ୱାସନା ଦେବା ସହ ପୀଡ଼ିତା ନ୍ୟାୟ ଓ କ୍ଷତିପୂରଣ ପାଇବେ ବୋଲି କହିଲେ
ରାଜ୍ୟ ଏସ୍.ସି କମିଶନଙ୍କ ପରିଦର୍ଶନ		ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡ଼ିତା ତରଫରୁ ଜାତୀୟ ଓ ରାଜ୍ୟ ଏସ୍‌ସି କମିଶନ ମାନଙ୍କୁ ଅଭିଯୋଗ ଦେଲେ	୨୭.୦୮.୨୦୧୫	

Digitized by srujanika@gmail.com

ଗିରଫ	ଅଭିଯୁକ୍ତ କୁଲନ୍ଥାଇସ୍ୱାମୀଙ୍କୁ ଗିରଫ	ଡିଏଚ୍ଆରଡି ଡିଏସ୍ପିଙ୍କୁ ଓ ଅନ୍ୟାନ୍ୟ ରାଜ୍ୟ ଅଧିକାରୀଙ୍କୁ ବାରମ୍ବାର ସାକ୍ଷାତ	୨୭.୦୮.୨୦୧୫	ଡିଏସ୍ପି ଓ SASY DHRDଙ୍କ ଘଟଣାସ୍ଥଳ ପରିଦର୍ଶନ ପରେ ଡିଏଚ୍ଆରଡିଙ୍କ ହସ୍ତକ୍ଷେପ ଯୋଗୁଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପୋଲିସ ତାଙ୍କୁ ରିମାଣ୍ଡରେ ନେଲା
ତଦନ୍ତ	ଡିଏସ୍ପି, ପେରୁନ୍ଦୁରାଇ ଘଟଣାସ୍ଥଳର ପରିଦର୍ଶନ	ଡିଏଚ୍ଆରଡିଙ୍କ ସମ୍ପୃକ୍ତି ଯୋଗୁଁ ଘଟଣାର ପୂରା ତଦନ୍ତ କରାଗଲା	୨୭.୦୮.୨୦୧୫	ଏସ୍ପି ଘଟଣାସ୍ଥଳ ପରିଦର୍ଶନ କରି କହିଲେ ଯେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ଓ ପୀଡ଼ିତା ନ୍ୟାୟ ପାଇବେ
ଅଭିଯୋଗ ପତ୍ର (ଚାର୍ଜ ସିଟ୍)		ଡିଏଚ୍ଆର୍ଡିଙ୍କ ଚାପ ଯୋଗୁଁ ଅଭିଯୋଗପତ୍ର ଏରୋଡ ମହିଳା କୋର୍ଟରେ ଦାଖଲ କରାଯାଇ ନମ୍ବର କରାଗଲା	୨୭.୧୦.୨୦୧୫	SC No. 33/2015
କ୍ଷତିପୂରଣ ଓ ଥଇଥାନ	କ୍ଷତିପୂରଣ			ମୁଖ୍ୟମନ୍ତ୍ରୀଙ୍କ ଫଣ୍ଡରୁ ପୀଡ଼ିତାଙ୍କୁ ୯୦,୦୦୦ ଟଙ୍କା ଦିଆଗଲା
ରାୟ		ଡିଏଚ୍ଆରଡିଙ୍କ ଚାପ ଓ ପ୍ରୟାସ ଫଳରେ କେସ୍ର ତୁରନ୍ତ ବିଚାର ହୋଇ ରାୟ ପ୍ରକାଶ ପାଇଲା	୨୭.୦୪.୨୦୧୬	ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ୧୪ ବର୍ଷ ଜେଲ୍‌ଦଣ୍ଡ ପାଇଲେ । ଏରୋଡ ଜିଲ୍ଲାର ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଅପହରଣ ପାଇଁ ୨ ବର୍ଷ ଜେଲ୍ ୫୦୦୦ ଟଙ୍କା, POSCO ଆଇନ ବଳରେ ୭ ବର୍ଷ ଜେଲ, ୧୦,୦୦୦ ଟଙ୍କା ଓ ଏସ୍ସି/ଏସ୍ଟି ପିଓଏ ଆକ୍ଟ ଅନୁଯାୟୀ ୫ ବର୍ଷ ଜେଲ ୫୦୦୦ ଟଙ୍କା ଜୋରିମାନା ଦେବାକୁ କୋର୍ଟ ରାୟ ଦେଲା । ମୋଟରେ ଧର୍ଷଣ ଉଦ୍ୟମ ପାଇଁ ୧୪ ବର୍ଷ ଜେଲ୍ ଓ ୨୦,୦୦୦ ଟଙ୍କା ଜୋରିମାନାରେ ତାଙ୍କୁ ଦଣ୍ଡିତ କରାଗଲା

Digitized by srujanika@gmail.com

ଘଟଣାର ବିବରଣୀ (ଘଟଣା-୩)

ରାଜସ୍ଥାନର ଦଉସା ଜିଲ୍ଲା ଗାଜିପୁର ଗ୍ରାମର ଜଣେ ଦଳିତ ଝିଅଙ୍କୁ ଧର୍ଷଣ ଓ ହତ୍ୟା ଉଦ୍ୟମ

ଘଟଣାର ସାରାଂଶ :

ରାଜସ୍ଥାନର ଦଉସା ଜିଲ୍ଲା, ମହୁଆ ତହସିଲ ଅନ୍ତର୍ଗତ ଗାଜିପୁର ଗ୍ରାମର ରାମଫୁଲକାପୁରା ବସ୍ତିର ଝିଅ ସୁବୈନା, ବୟସ ୧୬ ଓ ପିତା ବନେ ସିଂହ । ବନେ ସିଂହ ଜଣେ ଦିନ ମଜୁରିଆ ଓ ଏକ ଗରିବ ଦଳିତ ପରିବାରର ଲୋକ । ଝିଅ ସୁବୈନା ଦ୍ୱାଦଶ ଶ୍ରେଣୀର ଛାତ୍ରୀ ।

୧୧.୧.୨୦୧୪ ଦିନ ସୁବୈନା ଏକ ଟିଉସନ ପାଇଁ ମହୁଆ ଯାଇଥିଲେ । ଟିଉସନ ସାରି ହିଣ୍ଡୋନ ଜିପ ଷ୍ଟାଣ୍ଡରେ ଏକ ସ୍ଥାନୀୟ ଗାଡ଼ିରେ ଘରକୁ ଫେରିବାକୁ ସେ ଅପେକ୍ଷା କରିଥାନ୍ତି । ଦିନ ୧୦.୩୦ରେ ସେ ଏକ ଜିପ୍ ଗାଡ଼ିରେ ଘରକୁ ଫେରିବାକୁ ବସିଲେ । ସେ ପ୍ରଥମେ ଗାଡ଼ିର ଡ୍ରାଇଭର ଓ ଗାଡ଼ିରେ ବସିଥିବା ତିନିଜଣ ଲୋକଙ୍କୁ ଜିପ୍‌ଟି ଗାଜିପୁର ଯିବ କି ବୋଲି ପଚାରିଲେ । ଡ୍ରାଇଭର 'ହଁ ଯିବ' ବୋଲି କହିଲେ ଓ ତାଙ୍କୁ ଗାଡ଼ିରେ ବସାଇଲେ । ସେ ଗାଡ଼ିରେ ବସିବା ପରେ ଡ୍ରାଇଭର ହାକିମ ସିଂହ (ପିତା-ଭଗବାନ ସହାୟ ସୈନି) ରାସ୍ତା ବଦଳାଇ ପଲନ୍‌ହେଦା ରୋଡ୍‌ରେ ଗାଡ଼ି ଚଳାଇଲେ । ଝିଅଟି ଏଥିରେ ବିରୋଧ କରି ତାଙ୍କ ଗାଁ ଗାଜିପୁର ରାସ୍ତାରେ ଗାଡ଼ି ନେବାକୁ ଡ୍ରାଇଭରଙ୍କୁ ଅନୁରୋଧ କଲେ । ଗାଡ଼ିର ଡ୍ରାଇଭର ଏହା ଶୁଣିଲେ ନାହିଁ ଓ ଗାଡ଼ିରେ ବସିଥିବା ଅନ୍ୟ ତିନିଜଣ ସୁବୈନାକୁ ପରିହାସ କରିବାକୁ ଲାଗିଲେ । ସେମାନେ ସୁବୈନାଙ୍କର ଲୁଗା ଚିରିଦେଇ ତାଙ୍କୁ ଧର୍ଷଣ କରିବାକୁ ଉଦ୍ୟମ କଲେ । ସୁବୈନା ସାହାଯ୍ୟ ପାଇଁ ଚିତ୍କାର କରିବାରୁ, ଅଭିଯୁକ୍ତମାନେ ତାଙ୍କୁ ବାଡ଼େଇଲେ ଓ ଜାତିନାମରେ ଗାଳିଦେଇ କହିଲେ, "ତୁ ଗୋଟେ ଚମାର ଝିଅ, ତୁ ଟିଉସନ ହେବାକୁ ଯାଉଛୁ । ତୋତେ ଆଜି ଆମେ ଜଙ୍ଗଲରେ ଟିଉସନ କରିବୁ ।" କିନ୍ତୁ ଝିଅଟି ସାହାଯ୍ୟ ପାଇଁ ଚିତ୍କାର କରୁଥାଏ । ଜିପ୍‌ଟି ଭୋପାର ଗାଁ ଦେଇ ଗଲାବେଳେ ଆଗରେ ଦଳେ ଲୋକ ଥିବାର ଦେଖି ଓ ଝିଅଟିର ଚିତ୍କାର ଚାଲୁ ରହିଥିବାରୁ ତାଙ୍କୁ ଚଳନ୍ତା ଗାଡ଼ିରୁ ରାସ୍ତାକୁ ଠେଲିଦେଇ ଜିପ୍ ନେଇ ଡ୍ରାଇଭର ପଳାଇଲେ । ଝିଅଟିର ଗୋଡ଼ ଓ ହାତରେ କ୍ଷତ ହୋଇ ରାସ୍ତାରେ ପଡ଼ିଲା । ରାସ୍ତାରେ ଯାଉଥିବା ଜଣେ ଲୋକ ଝିଅ ସୁବୈନାକୁ ରାସ୍ତାରୁ ଉଦ୍ଧାର କରି ଘରକୁ ନେଲେ । ସେହି ଭଦ୍ରବ୍ୟକ୍ତି ଝିଅର ପରିବାରକୁ ଖବର ଦେଲେ ଓ ଝିଅକୁ ମହୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କଲେ । ତା' ପରଦିନ ୧୨.୧.୨୦୧୪ ମହୁଆ ପୋଲିସ ଷ୍ଟେସନ୍‌ରେ ଏଫ୍‌ଆଇଆର୍ ଦିଆଗଲା । ମହୁଆ ପୋଲିସ ଷ୍ଟେସନ୍‌ରେ କେସ୍ ନମ୍ବର- 30/2014 u/s 354, 363 A IPC ଓ 3(i) (xi) SC/ST (PoA) Act, 1989ରେ କେସ୍ ପଞ୍ଜୀକୃତ ହେଲା ।

DHRDର ଘଟଣାରେ ହସ୍ତକ୍ଷେପ :

(କେସ୍‌ର) ଘଟଣାର ସ୍ତର	ସମସ୍ୟା / ବ୍ୟବଧାନ	ଡିଏଚ୍‌ଆରଡି / ସିଏସ୍ ଓ ଅନ୍ୟମାନେ କ'ଣ କଲେ ଓ କ'ଣ ଲକ୍ଷ୍ୟ ରଖିଲେ	କେବେ ହସ୍ତକ୍ଷେପ କଲେ	ଏହି ହସ୍ତକ୍ଷେପ ଦ୍ୱାରା ଦଳିତ ହିତାଧିକାରୀଙ୍କର କ'ଣ ସୁଫଳ ମିଳିଲା
ଅଭିଯୋଗ ଓ ପ୍ରଥମ ଏଫ୍‌ଆଇ-ଆର୍	ଲିଖିତ ଅଭିଯୋଗ	ଗାଜିପୁରର ସୁନୀତା ବୋଥ୍ରା ଓ ମୁନ୍‌ସି ଚାନ୍ଦ ବାରୋଲିଆ	୧୨.୦୧.୨୦୧୪	ମୌଖିକ ଅଭିଯୋଗକୁ ଏଫ୍‌ଆଇଆର ରିପୋର୍ଟରେ ପରିଣତ କରାଗଲା । ଘଟଣାଟି ଘଟିବାର ୨୪ ଘଣ୍ଟା ଭିତରେ ୧୨.୦୧.୨୦୧୪ ଦିନ ଘଟଣା ଜଣାଗଲା । FIR No. 30/2014 U/s - 3(i)(xi) PoA Act ଓ 323, 354 A, 363, 366 A - IPC । ଏହା ରାଜସ୍ଥାନର ଦଉସା ଜିଲ୍ଲାର ମହୁଆ ପୋଲିସ ଷ୍ଟେସନରେ ଦିଆଗଲା

Digitized by srujanika@gmail.com

ବିହାର ମୋତିହାରିର ବିଦ୍ୟାନନ୍ଦ ଜଣେ ଦଳିତ ସମାଜକର୍ମୀ, ସେ ଗତ ୧୦ ବର୍ଷ ଧରି ଦଳିତ ଅଧିକାର ପାଇଁ କାର୍ଯ୍ୟ କରୁଛନ୍ତି ଓ ଏଥିପାଇଁ ପ୍ରଶିକ୍ଷଣ ନେଇଛନ୍ତି । ସେ ଦଳିତ ନିର୍ଯାତନ କେସ୍‌ମାନଙ୍କୁ ତଦାରଖ କରି ସବୁ ସ୍ତରରେ ଘଟଣାର ଅନୁଧାବନ କରନ୍ତି, ଯେପରି ପୀଡ଼ିତ ବ୍ୟକ୍ତି ନ୍ୟାୟ ପାଇପାରିବ । ୨୦୧୪ରେ ବିହାରରେ ପାଞ୍ଚଜଣ ଦଳିତ ମହିଳା ଗଣବଳାତ୍କାରର ଶିକାର ହୋଇଥିଲେ । ଡିଏନଆରଡି ସମାଜକର୍ମୀ ବିଦ୍ୟାନନ୍ଦ ସବୁ ସ୍ତରରେ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଘଟଣାକୁ ଅନୁଧାବନ କରୁଥିଲେ । ଫଳରେ ସମସ୍ତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ପାଇଲେ ଓ ପୀଡ଼ିତାମାନଙ୍କୁ ବିହାରରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ସରକାରୀ କର୍ମସଂସ୍ଥାନ ଦିଆଗଲା ।

ଗିରଫରେ ବିଳମ୍ବ	ଏଫ୍‌ଆଇଆର୍ ୧୨.୦୧.୨୦୧୪ରେ ଦିଆଗଲେ ବି ୧୦ ଦିନ ମଧ୍ୟରେ ଅଭିଯୁକ୍ତମାନେ ଗିରଫ ହେଲେନାହିଁ	ମିସ୍ ସୁନୀତା ବୈରୱା ଓ ଶ୍ରୀ ମୁନ୍‌ସି ଚାନ୍ଦ ବାଲୋରିଆ	୨୩.୦୧.୨୦୧୪ ୩୧.୦୧.୨୦୧୪	୨୩.୦୧.୨୦୧୪ ଦିନ ସିଡିଆର୍ ଓ କେତେକ ଦଳିତ ସଂଗଠନ ଡିଏସ୍‌ପିଙ୍କୁ ଅଭିଯୋଗ ଦେଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଲେଖିଲେ । ସେମାନେ ମଧ୍ୟ ଏସ୍‌ପି, ଜିଲ୍ଲାପାଳଙ୍କୁ ଲେଖି ଅଭିଯୁକ୍ତଙ୍କୁ ଗିରଫ, କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସାହାଯ୍ୟ ଓ ପୋଲିସ ନିରାପତ୍ତା ଦେବାକୁ ଦାବି କଲେ
ଗିରଫ	ଜଣେ ଅଭିଯୁକ୍ତ ଭୋପାର ଗ୍ରାମର ହାକିମ ସିଂହଙ୍କୁ ଗିରଫ	ଦଳିତ ସମାଜକର୍ମୀ, ମୁନ୍‌ସୀଚାନ୍ଦ ବାଲୋରିଆ ଓ ଅନ୍ୟମାନେ	୨୪.୦୧.୨୦୧୪	ଡିଏସ୍‌ପିଙ୍କୁ ସାକ୍ଷାତ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ଦରଖାସ୍ତ ଦେବାପରେ ଅଭିଯୁକ୍ତ ଗିରଫ
ତଦନ୍ତ	ଅଭିଯୁକ୍ତଙ୍କୁ ଗିରଫ ଓ ଚାର୍ଜସିଟ୍	ସୁନୀତା ବୈରୱା ଓ ସୁରେଶ ବୈରୱା	୩୦.୦୧.୨୦୧୪	ସୁନୀତା ବୈରୱା, ସୁରେଶ ବୈରୱା, କେତେକ ସମାଜକର୍ମୀ ଓ ଡିଏଚ୍‌ଆର୍‌ଡି ସଭ୍ୟ ଡିଏସ୍‌ପିଙ୍କୁ ସାକ୍ଷାତ କରି ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଓ ଅଭିଯୋଗପତ୍ର ଦାଖଲ କରିବାକୁ ଦାବି
୧୬୪ ବକ୍ତବ୍ୟ		ସୁନୀତା ବୈରୱା ଓ ଦଳିତ ମହିଳା ସଂଗଠକ ଦ୍ରୌପଦୀ ଜନୱାଲ ଓ ରାଜସ୍ଥାନ ଦଳିତ ମହିଳା ମଞ୍ଚ		ସୁନୀତା ବୈରୱା ଓ ଦୌପଦୀ ଜନୱାଲ ଡିଏଚ୍‌ଆର୍‌ଡି ତରଫରୁ ପୀଡ଼ିତା ସୁବୈନାଙ୍କୁ ବାରମ୍ବାର ସାକ୍ଷାତ କରି ତା'ର ଆତ୍ମବିଶ୍ୱାସ ଫେରାଇ ଆଣିବା ସହ ତାଙ୍କର ବୟାନ ପାଇଁ ତାକୁ ପ୍ରସ୍ତୁତ କରାଇଲେ । ବୟାନ ରଖିବା ପାଇଁ ସୁନୀତା କୋର୍ଟରେ ଉପସ୍ଥିତ ହେଲେ ।
ନିରାପତ୍ତା	ପରିବାର ସଦସ୍ୟ ଓ ସାକ୍ଷୀଙ୍କର ନିରାପତ୍ତା	ସମାଜକର୍ମୀମାନେ ନିରାପତ୍ତା ପାଇଁ ଦାବି କରିବା	ଜୁଲାଇ ୨୦୧୩	(୧) ପ୍ରାଥମିକ ଅବସ୍ଥାରେ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଦିଆଗଲା (୨) ଫେବୃଆରୀ ୨୦୧୪ରେ ପୀଡ଼ିତା ଓ ତାଙ୍କ ପରିବାରକୁ ସୁରକ୍ଷା ପାଇଁ ଦରଖାସ୍ତ ଦେବା

Digitized by srujanika@gmail.com

ଚାର୍ଜସିଟ୍ (ଅଭି-ଯୋଗ)			୩୦.୦୪.୨୦୧୪	ଚାର୍ଜସିଟ୍ ନଂ. 28/14 U/s - 323, 354A, 363, 365A IPC ଓ 3(i)(xi) SC/ST Act and 7, 8 POCSO Act 2012 - ଦଉସା, ବନ୍ଦିକୁଇ, ଏସିଜେଏମ୍ କୋର୍ଟରେ ଦାଖଲ
କ୍ଷତିପୂରଣ ଓ ଥଇଥାନ	କ୍ଷତିପୂରଣ			(a) ଦଉସାର ସମାଜ ମଙ୍ଗଳ ବିଭାଗ ତରଫରୁ ସୁବୈନାଙ୍କୁ ୬୦,୦୦୦ ଟଙ୍କା ପ୍ରଦାନ (b) ଡିଏଚ୍ଆରଡି ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ସାକ୍ଷାତ କରି ଏହି କ୍ଷତିପୂରଣ ପାଇଁ ନିବେଦନ (c) ଅର୍ଥ ଅନୁମୋଦନ ପରେ ବି ଦିଆ ନ ଯିବାରୁ ଡିଏଚ୍ଆରଡି ଉପରିସ୍ଥ ଅଧିକାରୀଙ୍କୁ ସାକ୍ଷାତ କରିବାରୁ ଟଙ୍କା ଦିଆଯାଇପାରିଲା । ଜଣେ ଅଧିକାରୀ ଜାତିଗତ କାରଣରୁ ଚେକ୍‌ଟିକୁ ନ ଦେଇ ରଖିଥିଲେ । ସିଡିଓଙ୍କ ନିର୍ଦ୍ଦେଶ ପରେ ସେ ଚେକ୍ ଦେଲେ
ଜାମିନ				ଜାମିନ୍ ପାଇଁ ଦରଖାସ୍ତକୁ କୋର୍ଟ ନାମଞ୍ଜୁର କଲେ
ରାୟ			୧୫.୦୪.୨୦୧୫	ଦଉସା ଜିଲ୍ଲାର ସେସନ୍ କୋର୍ଟର ବିଚାରପତି ବ୍ରିଜେଶ କୁମାର ଶର୍ମା ୧୫.୦୪.୨୦୧୫ରେ ତାଙ୍କର ରାୟ ଦେଇ ଅଭିଯୁକ୍ତ ହାକିମ୍‌କୁ ଜେଲ୍ ଦଣ୍ଡ ଦେଲେ । ଆଇପିସି ସେକ୍ସନ ୩୨୩ ଅନୁଯାୟୀ ଛଅମାସ ଓ POCSO ଆକ୍ଟ ୨୦୧୨ ଅନୁଯାୟୀ ଚାରିବର୍ଷ ଜେଲ୍ ଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା କଲେ । ଜୋରିମାନା ଟଙ୍କାରୁ ୪୦୦୦ ଟଙ୍କା ପୀଡ଼ିତାଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରିବାକୁ ରାୟରେ କହିଲେ

Digitized by srujanika@gmail.com

୬.୨ ପକ୍ଷସମର୍ଥନ ଓ ସମର୍ଥନ ପାଇଁ ପ୍ରବର୍ତ୍ତାଇବା (ଲବିଂ)

ପକ୍ଷ ସମର୍ଥନ କୌଶଳ (ଆଡ୍‌ଭୋକେସି ସ୍କିଲ୍‌ସ)

ପକ୍ଷ ସମର୍ଥନ କୌଶଳ କ'ଣ ? କୌଣସି ଅନୁଷ୍ଠାନର ନୀତି, ସ୍ଥିତି ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବା ପାଇଁ କରାଯାଇଥିବା ଗମ୍ଭୀର ପ୍ରୟାସକୁ ପକ୍ଷ ସମର୍ଥନ କୁହାଯାଇଛି । ପକ୍ଷ ସମର୍ଥନ ପ୍ରଥମେ ଗୋଟିଏ ଗୋଷ୍ଠୀ ଭିତରେ ଥିବା ସମସ୍ୟାକୁ ଚିହ୍ନଟ କରିବା, ଏହାର ଏକ ସମାଧାନର ସୂତ୍ର ବାହାର କରିବା, ସେହି ସମାଧାନକୁ ସାକାର କରିବା ପାଇଁ ଏକ ସମର୍ଥକ ଗୋଷ୍ଠୀ ପ୍ରତିଷ୍ଠା କରିବା ଓ ଏହାର କାର୍ଯ୍ୟକାରୀତା ନେଇ ଏକ ଯୋଜନା ପ୍ରସ୍ତୁତ କରିବା । ଏଥିପାଇଁ ପ୍ରଭାବଶାଳୀ ଲୋକମାନଙ୍କୁ ପ୍ରବର୍ତ୍ତାଇ ସେମାନଙ୍କର ସହଯୋଗ ଲାଭ କରିବା ପକ୍ଷ ସମର୍ଥନର ଅଂଶବିଶେଷ ।

ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଗଣତାନ୍ତ୍ରିକ ସଂସ୍ଥାମାନଙ୍କୁ ପ୍ରବର୍ତ୍ତାଇବା ଓ ପ୍ରରୋଚିତ କରିବାକୁ ବି ପକ୍ଷସମର୍ଥନ କୁହାଯାଏ । ଆଡଭୋକେସି ଏକ ଲାଟିନ୍ ଶବ୍ଦ, ଯାହା ଦୁଇଟି ଶବ୍ଦର ସଂଯୋଗରେ ସୃଷ୍ଟି ହୋଇଛି । ଆଡ (Ad) ର ଅର୍ଥ ହେଉଛି ସପକ୍ଷରେ ଓ ଭୋକା (Voca) ର ଅର୍ଥ ହେଉଛି କହିବା, ସୁତରାଂ ଆଡଭୋକେସିର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ଜଣଙ୍କ ସପକ୍ଷରେ କହିବା ବା ଏହାକୁ ଆମେ ଓଡ଼ିଆରେ 'ପକ୍ଷସମର୍ଥନ' କହୁଛେ । ଓକିଲମାନଙ୍କୁ ଆଡଭୋକେଟ୍ କୁହାଯାଏ, ଯେହେତୁ ଜଣେ ଓକିଲ ଗୋଟିଏ ପକ୍ଷର ସପକ୍ଷରେ କହିଥାଏ ।

ସମାଜର କୌଣସି ଅକିଞ୍ଚନ ଗୋଷ୍ଠୀ, ଅନୁଷ୍ଠାନ ଓ ଉପେକ୍ଷିତ ଜନଗଣଙ୍କ ଅଧିକାର ଓ ସମସ୍ୟା ପ୍ରତି ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ଏହାଦ୍ୱାରା ସମାଜର ଅବହେଳିତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ହେଉଛି 'ପକ୍ଷସମର୍ଥନ' ।

ପକ୍ଷସମର୍ଥନର ଅର୍ଥ କ'ଣ ? ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ସମର୍ଥନ ପାଇଁ ପ୍ରବର୍ତ୍ତାଇବାକୁ 'ଲବିଂ' କୁହାଯାଏ । ନାଗରିକଙ୍କ ଦ୍ୱାରା ସରକାରୀ ନୀତିକୁ ପ୍ରଭାବିତ କରିବା ପାଇଁ ଲବିଂର ଆଶ୍ରୟ ନିଆଯାଇଥାଏ । ଏହାଦ୍ୱାରା ରାଜନୈତିକ ବ୍ୟକ୍ତି ଓ ସରକାରୀ ଅଧିକାରୀଙ୍କ ଉପରେ ଚାପ ସୃଷ୍ଟି କରାଯାଏ, ଯାହାଦ୍ୱାରା ସେମାନେ ଜନଗଣଙ୍କର ସ୍ୱାର୍ଥ ଓ ସୁଯୋଗକୁ ପ୍ରାଧାନ୍ୟ ଦେବେ । ଅନେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନଗଣଙ୍କର ସ୍ୱର ସରକାରଙ୍କ ପାଖରେ ପହଞ୍ଚିବା ପାଇଁ ଲବିଂକୁ ଏକ ସୁନ୍ଦର ବ୍ୟବସ୍ଥା ଭାବେ ଗ୍ରହଣ କରାଯାଏ । ଲବିଂର କେତେକ ସମାଲୋଚକଙ୍କ ମତରେ ଧନୀମାନେ, ବ୍ୟବସାୟୀମାନେ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ସେମାନଙ୍କର ସମୟ ଓ ଅର୍ଥ ବ୍ୟୟ କରିପାରିବେ । ଏହାଦ୍ୱାରା ଲବିଂ କ୍ଷେତ୍ରରେ ସେମାନେ ଅଧିକ ସଫଳ ହୋଇ ସାଧାରଣ ନାଗରିକଙ୍କ ଅପେକ୍ଷା ସହଜରେ ନିଜର ଲକ୍ଷ୍ୟ ସାଧାରଣ ନାଗରିଙ୍କ ଅପେକ୍ଷା ହାସଲ କରିପାରିବେ ।

Digitized by srujanika@gmail.com

ପକ୍ଷସମର୍ଥନ ଦ୍ୱାରା ସାଧାରଣ ବ୍ୟକ୍ତିଙ୍କୁ ଏହି ଧାରଣା ଦିଆଯାଏ ଯେ ସେମାନେ କିପରି ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସହଜରେ ସମସ୍ୟା ବିଷୟରେ ଅବଗତ କରାଇପାରିବେ । ସେମାନେ କିପରି ଓ କେଉଁ ସ୍ଥାନରେ ପଦସ୍ଥ ଅଧିକାରୀଙ୍କ ନଜରକୁ ସାମାଜିକ ସମସ୍ୟା ଆଣିପାରିବେ ଏହାକୁ ସାଧାରଣତଃ ଲବିଂ କୁହାଯାଉଛି ।

ଗଣତନ୍ତ୍ର ୪ଟି ସ୍ତମ୍ଭ ଉପରେ ଦଣ୍ଡାୟମାନ, ଯଥା–ବ୍ୟବସ୍ଥାପକ ସଭା, ବିଚାର ବିଭାଗ, ପ୍ରଶାସନ ଓ ଗଣମାଧ୍ୟମ । ବେସରକାରୀ ସଂଗଠନ ଯଥା 'ଏନ୍‌ଜିଓ' ଏହି ଗଣତାନ୍ତ୍ରିକ ସ୍ତମ୍ଭମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ପ୍ରଭାବିତ କରିଥାଏ । ଏହି ଦୃଷ୍ଟିରୁ ଦେଖିଲେ ଏନ୍‌ଜିଓମାନେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପଞ୍ଚମ ସ୍ତମ୍ଭ ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ମୁଖ୍ୟ ଅଙ୍ଗ ।

ପକ୍ଷସମର୍ଥନର ସଫଳତା ଅନେକ କୌଶଳ ଓ ପରିଶ୍ରମ ଆବଶ୍ୟକ କରେ । ଜଣଙ୍କୁ ଏଥିପାଇଁ ଧୈର୍ଯ୍ୟଶୀଳ ହେବାକୁ ହୁଏ । ଏ କ୍ଷେତ୍ରରେ ଭାବପ୍ରବଣ ହେବା ଉପଯୋଗୀ ହୁଏନାହିଁ । ସୁଦୀର୍ଘ ଭାଷଣ ଓ ସ୍ଲୋଗାନ ମଧ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ନୁହେଁ । ଅନୁଶୀଳନ, ଅନୁଧ୍ୟାନ, ଉପଯୁକ୍ତ ଯୋଜନା ପକ୍ଷସମର୍ଥନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ସଫଳତା ଉପଯୁକ୍ତ କୌଶଳ, ସାମର୍ଥ୍ୟ ଓ ସମାଜକର୍ମୀଙ୍କ ଜ୍ଞାନ, ଆଇନ ସମ୍ବନ୍ଧରେ ଦକ୍ଷତା, ବିଭିନ୍ନ ନିୟମ, ପ୍ରୟୋଗ ପଦ୍ଧତି, ଉପଯୁକ୍ତ ଭାବେ ଗଣମାଧ୍ୟମର ପରିଚାଳନା ପରି ନାନା କଥା ଉପରେ ନିର୍ଭର କରେ ।

ପକ୍ଷସମର୍ଥନର ଉଦ୍ଦେଶ୍ୟ

- ସମାଜର ନିଷ୍ପେଷିତ ଗୋଷ୍ଠୀର ସମସ୍ୟା ପ୍ରତି ଆଇନ ପ୍ରୟୋଗକାରୀ ଓ ଆଇନ ପ୍ରଣୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ।
- ନୀତି ଓ ଶାସନ କୌଶଳର ପ୍ରଣୟନ ଓ ପ୍ରୟୋଗ ପାଇଁ ପ୍ରଭାବ ସୃଷ୍ଟି କରିବା ।
- ସାମାଜିକ କଲ୍ୟାଣ ପାଇଁ ଥିବା ବିଭିନ୍ନ ନୀତି, ଯୋଜନା, କାର୍ଯ୍ୟକ୍ରମ ଓ ବ୍ୟବସ୍ଥା ବିଷୟରେ ସାଧାରଣ ମଣିଷମାନଙ୍କୁ ଅବଗତ କରିବା ।
- ସରକାରୀ ନିୟମ ଓ ବ୍ୟବସ୍ଥା କାର୍ଯ୍ୟକାରୀତା ବିଷୟରେ ଦକ୍ଷତା ବୃଦ୍ଧି ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ପାଇଁ ଉଦ୍ୟମ କରିବା ।
- ଏକ ଜନବାଦୀ ସରକାରୀ ବ୍ୟବସ୍ଥା ସୃଷ୍ଟି କରିବା ।
- ନାଗରିକ ସମାଜରୁ ଅଧିକରୁ ଅଧିକ ସମାଜ ପ୍ରତି ସଂପୃକ୍ତି ବ୍ୟକ୍ତ କରୁଥିବା ଲୋକ ସୃଷ୍ଟି କରିବା ।

ପକ୍ଷସମର୍ଥନ ପାଇଁ କିପରି ପ୍ରସ୍ତୁତି ଆବଶ୍ୟକ ?

ପକ୍ଷସମର୍ଥନ ପାଇଁ ପ୍ରାଥମିକ ପଦକ୍ଷେପ ହେଉଛି ଏକ ସମସ୍ୟାର ସମାଧାନ ପାଇଁ ଏକ ସମାଧାନର ସୂତ୍ର ବାହାର କରିବା । ଏହା ଦୁଇ ପ୍ରକାରର । କେତେକ ସମସ୍ୟା ରହିଛି, ଯାହାର ଆଶୁ ସମାଧାନ ଆବଶ୍ୟକ । ଅନ୍ୟ କେତେକ ପ୍ରକାରର ସମସ୍ୟା ରହିଛି, ଯେଉଁ କ୍ଷେତ୍ରରେ ପକ୍ଷସମର୍ଥନର ତାତ୍ପର୍ଯ୍ୟ ହେଉଛି ଏହାର ଦୀର୍ଘକାଳୀନ ସମାଧାନ ବାହାର କରିବା । ଯେଉଁ କ୍ଷେତ୍ରରେ ଏକ ପ୍ରସଙ୍ଗ ସରକାରଙ୍କ ନୀତିରେ ପରିବର୍ତ୍ତନ ଦ୍ୱାରା ହିଁ ସମାଧାନ ଆଡ଼କୁ ଯାଇପାରିବ, ତାହା ଜଟିଳ ମନେହୁଏ ଓ ଏହା ସମୟସାପେକ୍ଷ । ସମସ୍ୟାର ସମାଧାନ ପାଇଁ ସେ କ୍ଷେତ୍ରରେ ଜଣେ ବିଭିନ୍ନ ଦିଗରୁ ପ୍ରସ୍ତୁତ ହେବା ଆବଶ୍ୟକ ।

୧. ପ୍ରସଙ୍ଗର ଅବବୋଧ : ଆମ ଚତୁଃପାର୍ଶ୍ୱରେ ଅନେକ ଘଟଣା ଘଟୁଥାଏ । ଅନେକ ସମାଜକର୍ମୀ ବିଭିନ୍ନ ପ୍ରସଙ୍ଗର ନିଜର ସଂପୃକ୍ତି ବ୍ୟକ୍ତ କରିଥାନ୍ତି । କିନ୍ତୁ ଗୋଟିଏ ପ୍ରସଙ୍ଗକୁ କେଉଁ ଦିଗରେ ନେଲେ ଏକ ସମସ୍ୟାର ସମାଧାନ ହୋଇପାରିବ ତାହା କେତେକ ଆଦୌ ଅନୁଭବ କରିପାରନ୍ତି ନାହିଁ । ପକ୍ଷସମର୍ଥନ କ୍ଷେତ୍ରରେ ଏହି ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ । ସୁତରାଂ ଏକ ପରିସ୍ଥିତିରେ ଏକ ସମସ୍ୟାର ପ୍ରକୃତ ଗମ୍ଭୀରତାକୁ ପ୍ରଥମେ ଅନୁଭବ କରିବା ଆବଶ୍ୟକ । ତାହାଦ୍ୱାରା ଏହାକୁ ଯଥାର୍ଥ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇପାରିବ, ଫଳରେ ସମାଧାନର ପନ୍ଥା ସୁଗମ ହେବ ।

୨. ତଥ୍ୟ ସଂଗ୍ରହ : ପକ୍ଷସମର୍ଥନର ସଫଳତା କ୍ଷେତ୍ରରେ ଏ ପ୍ରସଙ୍ଗରେ ସମସ୍ତ ପ୍ରକାରର ତଥ୍ୟ ସଂଗ୍ରହ କରିବା ଏକ ବଡ଼ ଆବଶ୍ୟକତା । ସଫଳତା ତଥ୍ୟଗତ ସୂଚନା ଉପରେ ନିର୍ଭର କରିଥାଏ ।

Digitized by srujanika@gmail.com

କେଉଁ ପ୍ରକାରର ତଥ୍ୟ ସଂଗ୍ରହ କରାଯିବା ଦରକାର ?

- ❖ ସ୍ଥିରୀକୃତ ସମସ୍ୟା ସହ କେଉଁ ନିୟମ ଓ ଆଇନ ସଂଶ୍ଳିଷ୍ଟ
- ❖ କୌଣସି ପ୍ରସଙ୍ଗ ସଂକ୍ରାନ୍ତରେ ଯଦି କିଛି ସରକାରୀ ନିୟମ ବା ନିର୍ଦ୍ଦେଶନାମା ଥାଏ, ତାହାର ସଂଗ୍ରହ
- ❖ କେଉଁ ସରକାରୀ ଅଧିକାରୀ, ଯିଏ ଏହି ପ୍ରସଙ୍ଗ ଉପରେ ଆଇନ ଓ ସରକାରୀ ନିୟମକୁ କାର୍ଯ୍ୟକାରୀ କରିପାରିବେ
- ❖ ଏକ ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କ୍ଷେତ୍ରରେ କେଉଁ ସରକାରୀ ଅଧିକାରୀ, ସାମ୍ବାଦିକ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ସହଯୋଗ ଦେଇପାରିବେ
- ❖ ଏହି ପ୍ରସଙ୍ଗ ଉପରେ ସମ୍ପୃକ୍ତି ରଖିଥିବା ଅନ୍ୟାନ୍ୟ ସଂଗଠନ

କେତେକ ସମସ୍ୟା କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ଥାଏ, ଯାହା କି ପକ୍ଷସମର୍ଥନ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ ମନେହୁଏ; ଯେପରି ଏକ ନିର୍ଯ୍ୟାତନା ଘଟଣାରେ ପୋଲିସ ପାଖରେ ଏଫ୍ଆଇଆର୍ ଦାୟର କରିବା ଅତି ଜରୁରୀ ଅଟେ । ତେବେ ଏଥିରୁ ଏହା ଭାବିବା ଠିକ୍ ନୁହେଁ ଯେ ଯଦି ପୋଲିସ ପାଖରେ ଏଫ୍ଆଇଆର୍ ପଞ୍ଜୀକୃତ ହୋଇନାହିଁ ବା ଅପରାଧ ସମ୍ପର୍କିତ ଏଫ୍ଆଇଆର୍‌ର କପି ଉପଲବ୍ଧ ହେଉନାହିଁ, ତେବେ ଆଉ କିଛି କରାଯାଇପାରିବ ନାହିଁ । ପୀଡ଼ିତ ବା କ୍ଷତିଗ୍ରସ୍ତଙ୍କ ପାଖରୁ ସମସ୍ତ ଘଟଣା ଶୁଣି ତାକୁ ଲିପିବଦ୍ଧ କରିପାରିବେ । ଏଥିରେ କ୍ଷତିଗ୍ରସ୍ତଙ୍କର ପୁରା ନାମ, ଆକ୍ରମଣକାରୀଙ୍କ ନାମ, ଘଟଣା ଘଟିବା ବେଳେ ଉପସ୍ଥିତ ଥିବା ସାକ୍ଷୀ, ସମ୍ପୃକ୍ତ ଅଞ୍ଚଳର ପୋଲିସ ଷ୍ଟେସନର ନାମ, ଘଟଣାକୁ ଅନୁସନ୍ଧାନ କରିଥିବା କେହି ଅଧିକାରୀଙ୍କ ନାମ ଓ ତାଙ୍କ ପଦବୀ ଓ ଏହି ଅପରାଧ ସହିତ କେଉଁ ନିୟମ ଓ ଧାରା ଜଡ଼ିତ ଏସବୁକୁ ସଂଗ୍ରହ କରିବେ । ଯେଉଁ ସ୍ଥାନରେ ଏହି ଘଟଣା ଘଟିଛି, ସେହି ସ୍ଥାନ ଓ କ୍ଷତିଗ୍ରସ୍ତଙ୍କର ଫଟୋ ନେବେ, ଯାହା ବହୁ ଦରକାରୀ ଅଟେ ।

ସମଭାବନାର ଲୋକମାନଙ୍କୁ ଏକାଠି କରିବେ :

- ❖ ସମଭାବନାର ଲୋକମାନଙ୍କୁ ଏକାଠି କରିବା : ପକ୍ଷସମର୍ଥନ କ୍ଷେତ୍ରରେ ଏହା ଅତ୍ୟନ୍ତ ଆବଶ୍ୟକ । ଏକା ପ୍ରକାର ଭାବନା ରଖିଥିବା ସାଧାରଣ ବ୍ୟକ୍ତି, ସାମ୍ବାଦିକ, ସମାଜର ପ୍ରଭାବଶାଳୀ ବ୍ୟକ୍ତି ଓ ନାଗରିକ ସମାଜର ବ୍ୟକ୍ତିମାନଙ୍କୁ ଯୋଗାଯୋଗ କରିବା ଓ ସଂପୃକ୍ତ କରିବା ଉଚିତ ।
- ❖ ଗଣମାଧ୍ୟମ ସହ ସଂପୃକ୍ତି : ପକ୍ଷସମର୍ଥନ କ୍ଷେତ୍ରରେ ଗଣମାଧ୍ୟମର ସଂପୃକ୍ତି ଗୁରୁତ୍ୱପୂର୍ଣ୍ଣ ମନେହୁଏ । ବିଭିନ୍ନ ସ୍ତରର ଲୋକମାନଙ୍କର ସମ୍ପୃକ୍ତି ଓ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କିଛି ପାରଦର୍ଶିତା ଥିବା ବ୍ୟକ୍ତିମାନଙ୍କ ସହଯୋଗ ଆବଶ୍ୟକ ହୋଇଥାଏ ।
- ❖ ଲେଖାଲେଖି କରିପାରୁଥିବା ଲୋକଙ୍କ ସଂପୃକ୍ତି : ଏପରି ଲୋକଙ୍କ ସହ ସମ୍ପର୍କ ରଖନ୍ତୁ, ଯେଉଁମାନେ ଆପଣଙ୍କ ପାଇଁ ସମ୍ବାଦପତ୍ରମାନଙ୍କରେ ଲେଖିପାରିବେ, ପାଠକଙ୍କ ପତ୍ର ସ୍ତମ୍ଭରେ ଆପଣଙ୍କ ସପକ୍ଷରେ ବା ଆପଣଙ୍କ ଲେଖାକୁ ସମର୍ଥନ କରିପାରିବେ । ଏହା ବହୁତ ଫଳପ୍ରଦ ହୋଇଥାଏ ।

ଅଭିଯାନ ପାଇଁ ପଦକ୍ଷେପ :

କୌଣସି ଲକ୍ଷ୍ୟ ହାସଲ କ୍ଷେତ୍ରରେ ଅଭିଯାନ ପାଇଁ କେତେକ ପଦକ୍ଷେପ ମହତ୍ତ୍ୱପୂର୍ଣ୍ଣ; ଯଥା- ତଥ୍ୟ ସଂଗ୍ରହ, ସମଭାବନାର ଲୋକଙ୍କ ସହ ସମ୍ପୃକ୍ତି, ସମଭାବାପନ୍ନ ସଙ୍ଗଠନମାନଙ୍କ ସହ ସଂଯୋଗ । ତେବେ ଆମ ପ୍ରତିପକ୍ଷର ପ୍ରସ୍ତୁତିକୁ ବି ଗୁରୁତ୍ୱ ଦେବା ଦରକାର । ସେମାଙ୍କର ଅର୍ଥାତ୍ ପ୍ରତିପକ୍ଷର ଯୋଜନା ବିଷୟରେ ଖବର ନେବା ଆବଶ୍ୟକ, ଏହା ଆମ ଅଭିଯାନର ସଫଳତା ପାଇଁ ଉପଯୋଗୀ । ପ୍ରତିପକ୍ଷର ଯୋଜନା କ୍ଷେତ୍ରରେ ସେମାନେ ସମ୍ବାଦପତ୍ରକୁ କ'ଣ ମତ ଦେଇଛନ୍ତି, ତାଙ୍କ ସମ୍ପର୍କରେ କ'ଣ ସମ୍ବାଦ ପ୍ରକାଶ ପାଇଛି, ସେମାନଙ୍କର କ'ଣ କୌଶଳ ରହିଛି ଏହିସବୁ ବିଷୟ ଜାଣିବା ପରେ ଆମେ ସମ୍ବାଦପତ୍ରରେ ଆମ ବିଷୟ ପ୍ରକାଶ କରିପାରିବା ।

Digitized by srujanika@gmail.com

ପକ୍ଷସମର୍ଥନ କ୍ଷେତ୍ରରେ ସମ୍ବାଦପତ୍ରର ସହଯୋଗ :

- ପକ୍ଷସମର୍ଥନ ପାଇଁ ସମ୍ବାଦପତ୍ର ଓ ଗଣମାଧ୍ୟମର ସହଯୋଗ ଗୁରୁତ୍ୱପୂର୍ଣ୍ଣ । ଜଣେ ସମାଜକର୍ମୀ ସମ୍ବାଦପତ୍ର କାର୍ଯ୍ୟାଳୟକୁ ଯିବାଦ୍ୱାରା ତତ୍‌କ୍ଷଣାତ ଯେ ତାଙ୍କର ଲେଖା ପ୍ରକାଶ ପାଇବ ଏହା ଭାବିବା ଠିକ୍ ନୁହେଁ । ବରଂ ଗଣମାଧ୍ୟମ ସହ ସଂଯୋଗ ରଖିବା ଆବଶ୍ୟକ ।

- ସାମ୍ବାଦିକମାନଙ୍କ ସହ ଯୋଗାଯୋଗ ରଖିବା ଦରକାର । ତେବେ ଆପଣ ସାମ୍ବାଦିକଙ୍କୁ ଜାଣନ୍ତି ବୋଲି ଯେ ଆପଣଙ୍କର ଲେଖା ସମ୍ବାଦପତ୍ରରେ ପ୍ରକାଶ ପାଇବ, ଏହା ଆଶା କରନ୍ତୁ ନାହିଁ । ତାଙ୍କ ପାଖରେ ଅଧିକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପ୍ରକାଶ ପାଇଁ ଥାଇପାରେ । ସୁତରାଂ ଆପଣ ସାମ୍ବାଦିକଙ୍କ ସହ ଯୋଗାଯୋଗ ରଖିବେ, ଯାହାକୁ ସମ୍ବାଦ ପ୍ରକାଶ ପାଇଁ ଦେଉଛନ୍ତି ତାଙ୍କୁ ମଝିରେ ମଝିରେ ସାକ୍ଷାତ କରିବା, ଫୋନ୍ କରିବା ଦ୍ୱାରା ତାଙ୍କ ସହ ସମ୍ପର୍କ ରହିବ ଓ ଆପଣ ଦେଉଥିବା ସମ୍ବାଦ ସେ ପ୍ରକାଶ କରିବାକୁ ଚାହିଁବେ ।

ସମ୍ବାଦପତ୍ର ସହ ସମ୍ପର୍କ ସୃଷ୍ଟି କରନ୍ତୁ :

ଲୋକମାନେ ତାଙ୍କର ଲେଖା ସମ୍ବାଦପତ୍ରରେ ପ୍ରକାଶ ପାଇଁ ଯେପରି ଆଗ୍ରହ ପ୍ରକାଶ କରନ୍ତି, ସମ୍ବାଦ ପାଇବା ପାଇଁ ସାମ୍ବାଦିକମାନେ ଆଗ୍ରହୀ ହୁଅନ୍ତି । ଆପଣଙ୍କ ସାମ୍ବାଦିକ, ସମ୍ପାଦକଙ୍କ ସହ ସମ୍ପର୍କ ରଖିବା ଆବଶ୍ୟକ । ଆପଣଙ୍କର ସମ୍ବାଦଟି ପ୍ରକାଶ କରିବା ପାଇଁ ଯେ ଆପଣ ସେମାନଙ୍କ ସହ ସମ୍ପର୍କ ରଖିବେ ତାହା ଠିକ୍ ନୁହେଁ, ବରଂ ଆପଣ ଜାଣିଥିବା ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କୁ ଜଣାଇବା ଆବଶ୍ୟକ । ସେମାନଙ୍କ ସହ ସମ୍ପର୍କ ସୃଷ୍ଟି କରିବା ପାଇଁ ଛୋଟ ଛୋଟ ଘଟଣାର ଗୁରୁତ୍ୱ ରହିଥାଏ । ଆପଣଙ୍କ ସହର ବାହାରେ କୌଣସି ଉତ୍ପୀଡ଼ନ ଘଟଣା ଘଟିବା ଯଦି ଆପଣଙ୍କ ଜ୍ଞାତସାରରେ ଥାଏ, ତେବେ ସେମାନଙ୍କୁ ଏହା କଥାବାର୍ତ୍ତାରେ ଜଣାନ୍ତୁ । ବାହାରେ ଘଟୁଥିବା ଘଟଣା ଯଦି ଜାଣୁଥାନ୍ତି, ତୁରନ୍ତ ଏହା ସେମାନଙ୍କ ଜ୍ଞାତସାରକୁ ଆଣନ୍ତୁ । ଏହାଦ୍ୱାରା ସେମାନଙ୍କର ହୃଦ୍‌ବୋଧ ହେବ ଯେ ଆପଣଙ୍କ ପାଖରେ ତଥ୍ୟ ରହୁଛି । ତେଣୁ ସେମାନେ ଆପଣଙ୍କ ସହ ଯୋଗାଯୋଗ ରଖିବେ । ସମ୍ପାଦକଙ୍କୁ ମଝିରେ ମଝିରେ ସାକ୍ଷାତ କରିବା, ତାଙ୍କର ସମ୍ପାଦକୀୟକୁ ତାରିଫ୍ କରିବା, ପ୍ରକାଶ ପାଉଥିବା ଲେଖା ଉପରେ ଭଲ ମନ୍ତବ୍ୟ ରଖିବା, କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ସେମାନଙ୍କୁ ଜଣାଇବା ଇତ୍ୟାଦି କାର୍ଯ୍ୟ ଆପଣଙ୍କ ପାଇଁ ଭବିଷ୍ୟତରେ ଉପଯୋଗୀ ହେବ । ଜଣେ ସମାଜକର୍ମୀ, ସମ୍ବାଦପତ୍ରରେ କ'ଣ ପ୍ରକାଶ ପାଇବା ସମ୍ବାଦପତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଏ ବିଷୟରେ ଧାରଣା ରଖିବା ଦରକାର । ସାମ୍ବାଦିକତା କ୍ଷେତ୍ରରେ କେତେକ ମୌଳିକ ଧାରଣା ଜଣକର ରହିବା ଆବଶ୍ୟକ । ଏହା ଆପଣଙ୍କ କାର୍ଯ୍ୟଧାରାର ଅଙ୍ଗ ହେବା ଉଚିତ ।

ପକ୍ଷସମର୍ଥନ ପାଇଁ ଲକ୍ଷ୍ୟ ନିରୂପଣ ଓ ସରକାରୀ ଅଧିକାରୀଙ୍କୁ ସାକ୍ଷାତ :

- ପକ୍ଷସମର୍ଥନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଓ ଏହା ସହିତ କୌଣସି ଆଇନ ଓ ନୀତି ନିରୂପଣ କରିବା କ୍ଷେତ୍ରରେ ଯେଉଁ ଅଧିକାରୀମାନଙ୍କର ପ୍ରଧାନ ଭୂମିକା ରହିଛି ସେମାନଙ୍କର ନାମ, ପଦବୀ ମଧ୍ୟ ଜାଣିବା ଦରକାର ।

- ସରକାରୀ ଅଧିକାରୀମାନେ କୌଣସି ନୀତି ଓ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଆପଣଙ୍କୁ ଯଥେଷ୍ଟ ସୂଚନା ଦେଇପାରିବେ । ଯେଉଁ ଅଧିକାରୀ ଆମମାନଙ୍କର କାର୍ଯ୍ୟକୁ ସମର୍ଥନ କରନ୍ତି ସେ ପକ୍ଷସମର୍ଥନ ପାଇଁ ଆମକୁ ମଧ୍ୟ ସହଯୋଗ କରିପାରିବେ । ଏହି ସହଯୋଗୀ ଅଧିକାରୀ (ଅଫିସର) ପକ୍ଷସମର୍ଥନ ପାଇଁ ଆମର ଲକ୍ଷ୍ୟ ପୂରଣ ଦିଗରେ ଆମକୁ ସହାୟତା ଦେଇପାରିବେ । ଆମ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରୁଥିବା କେହି ସମାଜକର୍ମୀଙ୍କୁ ଏହି ଅଧିକାରୀ ବେଶ୍ ସହାୟକ ହୋଇପାରିବେ ।

- ଉଦାହରଣ ସ୍ୱରୂପ ଏସ୍‌ସି ଓ ଏସ୍‌ଟି (ପିଓଏ) ଆକ୍ଟ ଆଣ୍ଡ ରୁଲ୍‌ସ ୧୯୯୫ ଅନୁଯାୟୀ କେତେକ ଲକ୍ଷ୍ୟ ପୂରଣ ପାଇଁ ଜାତୀୟ, ରାଜ୍ୟ ଓ ଜିଲ୍ଲା ସ୍ତରରେ ସରକାରୀ ଅଧିକାରୀମାନଙ୍କର ଦାୟିତ୍ୱ ରହିଛି । ସେମାନେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ଆଇନରେ ନିର୍ଦ୍ଦେଶ ରହିଛି । ଏହି ପଦାଧିକାରୀମାନଙ୍କୁ

Digitized by srujanika@gmail.com

ଚିହ୍ନଟ କରିବା ଓ ଆମର ପକ୍ଷସମର୍ଥନ କ୍ଷେତ୍ରରେ ସେମାନଙ୍କର ସହଯୋଗ ଆବଶ୍ୟକ କ୍ଷେତ୍ରରେ ନେଇପାରିବା ଦରକାର ।

କୌଣସି ତଥ୍ୟ ସଂଗ୍ରହ ପାଇଁ ସରକାରୀ ଅଧିକାରୀଙ୍କ ପାଖକୁ ଗଲେ କ'ଣ କରିବେ ?

- ❖ ପଦାଧିକାରୀଙ୍କ ବିଷୟରେ ତଥ୍ୟ ସଂଗ୍ରହ କରନ୍ତୁ ।
- ❖ ତାଙ୍କ ବିଭାଗରେ ଥିବା ଆପଣଙ୍କର ବନ୍ଧୁ, କୌଣସି ସାମ୍ବାଦିକ ଓ ପଦାଧିକାରୀଙ୍କ ବ୍ୟକ୍ତିଗତ ସହଯୋଗୀଙ୍କ (ପିଏ) ସାହାଯ୍ୟ ନିଅନ୍ତୁ ।
- ❖ ଆପଣ ଯେଉଁ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଚାହୁଁଛନ୍ତି ସେ ସେହି ବିଭାଗର ଯେ ସମ୍ପୃକ୍ତ ଅଧିକାରୀ ଏ ବିଷୟରେ ସଠିକ୍ ଭାବେ ପ୍ରଥମେ ଜାଣନ୍ତୁ । ଉଦାହରଣ ସ୍ୱରୂପ ପୋଲିସ ଷ୍ଟେସନର କୌଣସି ଅଧିକାରୀ ଆବଶ୍ୟକ ଅଭିଯୋଗ ବିଷୟରେ ତଥ୍ୟ ଦେଇପାରିବେ । ସେ କ୍ଷତିପୂରଣ ବା ଥଇଥାନ ସମ୍ପର୍କରେ ସୂଚନା ଦେଇପାରିବେ ନାହିଁ ।
- ❖ ଆପଣ ଯେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ତାହାକୁ ସ୍ପଷ୍ଟ କରନ୍ତୁ ।
- ❖ ଆପଣଙ୍କର କାର୍ଯ୍ୟ ବିଷୟରେ ସେମାନଙ୍କୁ ଜଣାନ୍ତୁ ।
- ❖ କେତେକ ଅଧିକାରୀ କୌଣସି ତଥ୍ୟ ଦେବାକୁ ଚାହାନ୍ତି ନାହିଁ, ବରଂ ଉପରିସ୍ଥ ଅଧିକାରୀଙ୍କୁ ମାଗନ୍ତୁ ବୋଲି କହିଥାନ୍ତି । ସେମାନଙ୍କୁ କହିବାକୁ ଭୁଲନ୍ତୁ ନାହିଁ ଯେ ତାଙ୍କ ଅଧସ୍ଥନ କର୍ମଚାରୀ ତାଙ୍କୁ ସାକ୍ଷାତ କରିବାକୁ ପଠାଇଛନ୍ତି ।
- ❖ ଯଦି ଉଚ୍ଚପଦାଧିକାରୀ ଆପଣଙ୍କୁ କାର୍ଯ୍ୟରେ ଏଡ଼ାଇ ଯିବାକୁ ଚାହାନ୍ତି, ତେବେ ଆପଣ ଯେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ତାହା ଲିଖିତ ଭାବରେ ତାଙ୍କୁ ଜଣାନ୍ତୁ ।

ଯେତେବେଳେ କୌଣସି ପ୍ରତିନିଧିଙ୍କୁ ସାକ୍ଷାତ କରୁଛନ୍ତି, ଏହି କଥା ମନେରଖନ୍ତୁ :

- ❖ ସେମାନଙ୍କ ସହ ବନ୍ଧୁତା ପାଇଁ ଆପଣ ସାକ୍ଷାତ କରୁଛନ୍ତି ।
- ❖ ଆପଣଙ୍କର ବକ୍ତବ୍ୟ ସଂକ୍ଷେପରେ ପ୍ରକାଶ କରନ୍ତୁ ।
- ❖ ଏକ ସମୟରେ ଅନେକ ପ୍ରସଙ୍ଗ ଆଲୋଚନା କରନ୍ତୁ ନାହିଁ ।
- ❖ ଯଦି ବି ସେହି ପ୍ରତିନିଧି ଆପଣଙ୍କର ଏକ ବିରୋଧୀ ବ୍ୟକ୍ତି, ତଥାପି ସାକ୍ଷାତ ଦ୍ୱାରା ଆପଣ ଉପକୃତ ହୋଇପାରିବେ, କାରଣ ଆପଣ ପୃଥକ ମତ ସମ୍ପର୍କରେ ଅବଗତ ହେବାର ସୁଯୋଗ ପାଇବେ ତଥା ତାଙ୍କ ବିରୋଧର ତୀବ୍ରତାକୁ ହ୍ରାସ କରିପାରିବେ ।
- ❖ ଆପଣଙ୍କ କାର୍ଯ୍ୟ ପାଇଁ ତାଙ୍କର ସମ୍ମତି ନେଇପାରିବେ କିମ୍ବା ଆପଣଙ୍କ କାର୍ଯ୍ୟ ବିଷୟରେ ତାଙ୍କୁ ପଦେ କହିବାକୁ ସାକ୍ଷାତ କରିବେ ।
- ❖ ତାଙ୍କର ମତକୁ ଯେତେ ସମୟ ହେବ ଶୁଣନ୍ତୁ । ସେ ଯଦି ଅତିଶୀଘ୍ର କହୁନାହାନ୍ତି ତେବେ ତାଙ୍କୁ ପ୍ରଶ୍ନ ପଚାରି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତୁ । ଆପଣ ଲକ୍ଷ୍ୟ ରଖନ୍ତୁ ଯେ ଆପଣ ସଂକ୍ଷେପରେ ଆପଣଙ୍କ ବକ୍ତବ୍ୟ ରଖୁଛନ୍ତି ।
- ❖ କୌଣସି ବିଷୟରେ ବିଶେଷ ଯୁକ୍ତି କରନ୍ତୁ ନାହିଁ । ମନେ ରଖନ୍ତୁ କେହି ସବୁବେଳ ପାଇଁ ଶତ୍ରୁ ବା ମିତ୍ର ନୁହନ୍ତି । ପ୍ରତିନିଧି ଆଜି ଆପଣଙ୍କର କୌଣସି ମତକୁ ବିରୋଧ କରୁଥିବେ, ତେବେ ଅନ୍ୟ ପ୍ରସଙ୍ଗ ଉପରେ ଆପଣଙ୍କର ମତକୁ ସେ ସମର୍ଥନ କରିପାରନ୍ତି ।
- ❖ ସାକ୍ଷାତ ପରେ ତାଙ୍କୁ ଧନ୍ୟବାଦ ଜଣାଇ ଏକ ପତ୍ର ଲେଖନ୍ତୁ । ଯଦି ସେ କିଛି ପ୍ରତିଶ୍ରୁତି ଦେଇଥାନ୍ତି ତାହା ଉଲ୍ଲେଖ କରନ୍ତୁ ।

Digitized by srujanika@gmail.com

୬.୩ ରାଜିନାମା ପାଇଁ ଆଲୋଚନା : ନିୟମ ଓ କୌଶଳ

ରାଜିନାମା ପାଇଁ ଆଲୋଚନା କ'ଣ ?

ଭିନ୍ନ ସ୍ଥିତିରେ ଥିବା ଦୁଇ ବା ଅଧିକ ପକ୍ଷ ମଧ୍ୟରେ ଏକ ସମାଧାନମୂଳକ ସୂତ୍ର ବାହାର କରିବା ହେଉଛି 'ରାଜିନାମା ପାଇଁ ଆଲୋଚନା' । ଏକ ସମସ୍ୟାର ସମାଧାନ ପାଇଁ, ପାର୍ଥକ୍ୟକୁ କମାଇବା ପାଇଁ ଓ ଉଭୟ ପକ୍ଷ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିବାଦକୁ ଦୂର କରିବା ପାଇଁ ଏହି ଆଲୋଚନା କରାଯାଏ । ଏହି ଆଲୋଚନାର ଆଭିମୁଖ୍ୟ ହେଉଛି ନିଜ ପକ୍ଷର ସ୍ୱାର୍ଥକୁ ସୁରକ୍ଷା ଦେବା । ସମାଧାନମୂଳକ ଆଲୋଚନା ପକ୍ଷସମର୍ଥନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗନ୍ତ । ପକ୍ଷସମର୍ଥନ ପାଇଁ ବିଭିନ୍ନ ସ୍ତରରେ ବିଭିନ୍ନ ପନ୍ଥା ଓ ପ୍ରକ୍ରିୟାର ସାହାଯ୍ୟ ନିଆଯାଏ । ଆଲୋଚନା ଦ୍ୱାରା ରାଜିନାମା କ୍ଷେତ୍ରରେ ପ୍ରତ୍ୟେକ ପକ୍ଷ ଏକ ସ୍ୱୀକୃତି ପାଇଥାଏ ଓ ନିଜ ପକ୍ଷର ମତକୁ ଦୃଢ଼ତାର ସହ ବ୍ୟକ୍ତ କରିବାର ଅବକାଶ ପାଏ ।

ପକ୍ଷସମର୍ଥନର ଶେଷ ସ୍ତର ଭାବେ ପ୍ରାୟତଃ ସମାଧାନମୂଳକ ଆଲୋଚନାକୁ ଗ୍ରହଣ କରାଯାଏ । ଯେତେବେଳେ ରାଜ୍ୟ / ରାଷ୍ଟ୍ର ନୀତି ପ୍ରଣୟନ କରୁଥିବା ଅଧିକାରୀମାନେ ଅନୁଭବ କରନ୍ତି ଯେ ଏକ ପରିବର୍ତ୍ତନ ଆବଶ୍ୟକ, ସେତେବେଳେ ସେମାନେ ଆଲୋଚନା ସ୍ତରକୁ ଆସନ୍ତି । ପୂର୍ବ ପ୍ରକ୍ରିୟାରୁ ଆଲୋଚନାର ଢାଞ୍ଚା ରୂପରେଖ ନିଏ । ଏକ ଉଦ୍‌ବେଗଜନକ ସ୍ଥିତିରେ ଯେତେବେଳେ ପରସ୍ପର ପ୍ରତି ଆଦୌ ବିଶ୍ୱାସ ନ ଥାଏ, ସେତେବେଳେ ଆଲୋଚନାକୁ ଆସିବା, ସେଥିପାଇଁ ସ୍ଥାନ ସ୍ଥିର କରିବା, ଆଲୋଚନା ପ୍ରସଙ୍ଗ ନିର୍ଦ୍ଦିଷ୍ଟ କରିବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ ।

ଆମେ କାହିଁକି ସମାଧାନମୂଳକ ଆଲୋଚନା କରିବା ?

ନାଗରିକ ସମାଜ ନିଜର ସୁବିଧା, ସୁଯୋଗ ପାଇଁ ନୀତି ପ୍ରଣୟନ କ୍ଷେତ୍ରରେ ଥିବା ଅଧିକାରୀମାଙ୍କ ସହ ଆଲୋଚନା କରିଥାନ୍ତି । ସାଧାରଣତଃ ଆଇନ ପ୍ରଣୟନକାରୀମାନେ କିଛିଟା ଅନମନୀୟ ମନୋଭାବ ପୋଷଣ କରନ୍ତି ଓ ଆମୂଳଚୂଳ ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ । ମଧ୍ୟସ୍ଥମାନେ ନିଜ ନିଜ ପକ୍ଷ ପାଇଁ ସର୍ବାଧିକ ସୁବିଧା ଅନ୍ୟପକ୍ଷରୁ ଆଶା କରନ୍ତି ଓ ନିଜ ପକ୍ଷରୁ ସର୍ବନିମ୍ନ ତ୍ୟାଗ କରିବାକୁ ଚାହାନ୍ତି । ଆଇନ ପ୍ରଣୟନକାରୀମାନେ ନାଗରିକ ସମାଜ ସର୍ବନିମ୍ନ ପରିବର୍ତ୍ତନ ପାଇଁ ରାଜି ହେବାକୁ ଆଶା ପୋଷଣ କରନ୍ତି, କିନ୍ତୁ ନାଗରିକ ସମାଜ ରାଷ୍ଟ୍ର ସର୍ବାଧିକ ପରିବର୍ତ୍ତନ ପାଇଁ

Digitized by srujanika@gmail.com

ସମ୍ମତ ହେଉ ବୋଲି ଆଶା କରନ୍ତି । ଏହି ପରିସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ଆଶା ପ୍ରତ୍ୟାଶା ନେଇ ମୂଳଚାଲ ହୁଏ ।

କ୍ଷମତା ପ୍ରଦର୍ଶନ ପୂର୍ବରୁ ଓ ପରେ ରାଜିନାମା ପ୍ରସଙ୍ଗ ଆସିଥାଏ । ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ରାଜିନାମା ପାଇଁ ଆଲୋଚନା କରାଯାଇପାରେ । ତେବେ ଏଥିରେ ସ୍ଥାନ ନେଇ ସହମତି ନ ଆସିଲେ ପ୍ରତ୍ୟେକ ପକ୍ଷର ମନୋନୀତ ସ୍ଥାନରେ ଏହା ପୃଥକ ଭାବେ କରାଯାଇପାରେ । ଏକ ନିରପେକ୍ଷ ସ୍ଥାନରେ ଏହା କରାଯିବା ଉତ୍ତମ ମନେହୁଏ, ଯାହାଦ୍ୱାରା ଏକ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ସହମତିମୂଳକ ସମାଧାନ ସମ୍ଭବ ହୋଇପାରେ ।

ଆବଶ୍ୟକୀୟ କୌଶଳ :

ସମାଧାନମୂଳକ ଆଲୋଚନା ପାଇଁ ଫଳପ୍ରଦ ଆଦାନପ୍ରଦାନ କୌଶଳ ଅତି ଗୁରୁତ୍ୱପୂର୍ଣ୍ଣ । ଭାବଧାରାରେ ପରିବର୍ତ୍ତନ, ଏକ ଅଚଳ ଅବସ୍ଥା ଦୂର କରିବା ଓ ପରସ୍ପର ପ୍ରତି ଥିବା ମନ୍ଦ ବୁଝାମଣାକୁ ଦୂର କରିବା ପାଇଁ ଉତ୍ତମ ଆଦାନପ୍ରଦାନ ଆବଶ୍ୟକ । ଏକ ଉତ୍ତମ ଅଭିବ୍ୟକ୍ତି ପରସ୍ପର ପ୍ରତି ବିଶ୍ୱାସର ମନୋଭାବ ସୃଷ୍ଟି କରିପାରିବ । ତ୍ରୁଟିପୂର୍ଣ୍ଣ ଅଭିବ୍ୟକ୍ତି ଓ ଅପାରଗତା ଯୋଗୁଁ ଏକ ଆଲୋଚନା ବିଫଳ ବା ବାଧାପ୍ରାପ୍ତ ହୋଇଥାଏ ।

ସମାଧାନମୂଳକ ଆଲୋଚନା କ୍ଷେତ୍ରରେ ସଫଳ ହେବାକୁ ଏହି କୌଶଳ ଓ ଦକ୍ଷତା ରହିବା ଆବଶ୍ୟକ ।

ସକ୍ରିୟ ଶ୍ରବଣ

- ସମାଧାନମୂଳକ ଆଲୋଚନା ଆମର ଦୃଷ୍ଟିକୋଣ, ଶକ୍ତି ଓ ଦକ୍ଷତା ସ୍ପଷ୍ଟ କରିବା ସହ ପ୍ରତିପକ୍ଷର ଦୁର୍ବଳତା ଅନୁଧ୍ୟାନ କରିବାରେ ସହାୟକ ହୋଇଥାଏ । ଏହି କାରଣ ଯୋଗୁଁ ବିଭିନ୍ନ ଶତ୍ରୁ ରାଷ୍ଟ୍ରମାନଙ୍କର ନେତାମାନଙ୍କ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ହୋଇଥାଏ ।
- ଭାଷାର ଆଦାନପ୍ରଦାନ ବିନା ମଧ ଜଣେ ବ୍ୟକ୍ତିଙ୍କର ଆଲୋଚନା ପ୍ରତି ଆନ୍ତରିକତା ଓ ଶକ୍ତିର ମୂଲ୍ୟାୟନ କରାଯାଇପାରିବ । ଜଣେ ମଧ୍ୟସ୍ଥି ଯାହା କୁହାଯାଉଛି ଓ ଯାହା କୁହାଯାଉ ନାହିଁ (ସାଂସ୍କୃତିକ ଓ କୌଶଳ କ୍ଷେତ୍ରରେ) ତାହାର ଗୂଢ଼ ରହସ୍ୟ ଓ ସୂକ୍ଷ୍ମ ପାର୍ଥକ୍ୟକୁ ବୁଝିପାରିବା ଆବଶ୍ୟକ ।
- ଭାବଭଙ୍ଗୀରୁ ମନୋଭାବ ଜାଣିବା ଆବଶ୍ୟକ ।
- ରାଜିନାମାରେ ପହଞ୍ଚିବା କ୍ଷେତ୍ରରେ ମୂଳଚାଲର ଗୁରୁତ୍ୱ ଥାଏ । ରାଜିନାମାର ମଧ୍ୟସ୍ଥ ବ୍ୟକ୍ତି ପ୍ରତ୍ୟେକ ପକ୍ଷରୁ ରିହାତି ହାସଲ କରିପାରିବେ । ଏହି ମୂଳଚାଲ ଦୁଇ ପ୍ରକାରର (କ) ଆଦର୍ଶଜନିତ ମୂଳଚାଲ (ଖ) ସ୍ଥିତି ଜନିତ ମୂଳଚାଲ । ଆଦର୍ଶ ଜନିତ ମୂଳଚାଲ କ୍ଷେତ୍ରରେ ଉଭୟ ପକ୍ଷର ସୁବିଧା ହିଁ ପ୍ରାଧାନ୍ୟ ପାଇଥାଏ । ଏଥିରେ ଉଭୟ ପକ୍ଷର ଆବଶ୍ୟକତା, ଇଚ୍ଛା, ସଂପୃକ୍ତି ଓ ଆଶଙ୍କାକୁ ବିଚାରକୁ ନିଆଯାଏ । ପ୍ରତ୍ୟେକ ପକ୍ଷର କିଛି ସୁବିଧା ହେବ ତାହା ଏଥିରେ ଗୁରୁତ୍ୱ ପାଏ । ସ୍ଥିତି ଜନିତ ମୂଳଚାଲ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଦାବି ଥାଏ, ଏଥିରେ ଅନ୍ୟର ସୁବିଧା ବା ପ୍ରତିକୂଳ ସ୍ଥିତିକୁ ବିଚାରକୁ ନିଆଯାଏନାହିଁ । ଏହାକୁ 'ଜିରୋ-ସମ' (zero - sum) କୁହାଯାଏ ।
- ଆଦାନ-ପ୍ରଦାନ (ଲିଖିତ ଓ ମୌଖିକ) ମାଧ୍ୟମରେ ପ୍ରତିପକ୍ଷକୁ ହୃଦ୍‌ବୋଧ ଓ ପ୍ରଭାବିତ କରାଯାଏ
- ସ୍ୱତନ୍ତ୍ରତା (ଯେଉଁ କ୍ଷେତ୍ରରେ ଯେତିକି ଆବଶ୍ୟକ, କେବଳ ସେତିକି ପରିପ୍ରକାଶ କରିବାର କ୍ଷମତା)
- ଆଲୋଚନା ଓ ତର୍କ ମାଧ୍ୟମରେ ଏକ ଯୁକ୍ତି ଗଢ଼ିତୋଳିବା
- ଧୈର୍ଯ୍ୟ
- *ପ୍ରତ୍ୟୁତ୍ପନ୍ନମତି :* ଆଲୋଚନା କ୍ଷେତ୍ରକୁ ଯିବା ପୂର୍ବରୁ ରାଜିନାମାକାରୀ ପ୍ରସଙ୍ଗର ସମସ୍ତ ଦିଗ ବିଷୟରେ ଭାବିଥିବା ଆବଶ୍ୟକ । ବିଶେଷକରି ପ୍ରତିପକ୍ଷ ତରଫରୁ କ'ଣ ପ୍ରଶ୍ନ ଉଠିପାରେ ବା

Digitized by srujanika@gmail.com

କେଉଁ ସର୍ତ୍ତ ରଖାଯାଇପାରେ ସେ ବିଷୟରେ ଚିନ୍ତା କରିଥିବା ଦରକାର । ତେବେ ଆଲୋଚନା କ୍ଷେତ୍ରରେ ଆଶା କରି ନ ଥିବା ଯଦି କିଛି ବିଷୟର ଅବତାରଣା ହୁଏ, ତେବେ ରାଜିନାମାକାରୀ ତୁରନ୍ତ ଏହାର ଯଥାଯଥ ଭାବରେ ସାମନା କରିବା, ଏକ ଭିନ୍ନ ପ୍ରସ୍ତାବ ଦେବା କିମ୍ବା ଆଲୋଚନାକୁ ବନ୍ଦ କରିବା ପରି ନିଷ୍ପତ୍ତି ନେବାର ପ୍ରସ୍ତୁତି ରହିଥିବା ଦରକାର ।

- *ସମୟର ପ୍ରାଧାନ୍ୟ :* ରାଜିନାମା ପାଇଁ ଆଲୋଚନା କରିବାର ସମୟ ଗୁରୁତ୍ୱପୂର୍ଣ୍ଣ । ପଦସ୍ଥ ଅଧିକାରୀଙ୍କ ସହ ରାଜିନାମା ପାଇଁ ପ୍ରକୃଷ୍ଟ ସମୟ ସ୍ଥିର କରିବାର ମହତ୍ତ୍ୱ ରହିଛି । ଏକ ପ୍ରତିକୂଳ ସମୟରେ ରାଜିନାମା ପାଇଁ ଆଲୋଚନା ବିପରୀତ ଫଳ ଦେଇପାରେ ।

- *ଆତ୍ମବିଶ୍ୱାସ :* ସମାଧାନମୂଳକ ରାଜିନାମା କ୍ଷେତ୍ରରେ ରାଜିନାମାକାରୀଙ୍କ ଆତ୍ମବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ । ରାଜିନାମାକାରୀଙ୍କ ଦକ୍ଷତା, ଜ୍ଞାନ, ସାମାଜିକ ପଦବୀ ଓ ମହତ୍ତ୍ୱ ଉପରେ ରାଜିନାମାର ସଫଳତା ନିର୍ଭର କରେ । ରାଜିନାମାକାରୀ ନିଜର ଭାବପ୍ରବଣତାକୁ ନିୟନ୍ତ୍ରଣ କରିବା ଦରକାର । ସେ ନିଜର କୌଣସି ଦୁର୍ବଳତା ପ୍ରକାଶ କରିବା ଯଥାର୍ଥ ନୁହେଁ ।

ରାଜିନାମା ଜନିତ ଆଲୋଚନାବେଳେ କ'ଣ କରିବେ

- ସ୍ପଷ୍ଟ ଓ ସମ୍ମାନର ସହ ନିଜର ମତ ଉପସ୍ଥାପନ କରନ୍ତୁ । ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କ ସହ ପ୍ରତ୍ୟକ୍ଷ ଭାବେ ସମ୍ପର୍କ ସ୍ଥାପନ କରନ୍ତୁ ।
- ଆପଣଙ୍କର ଦାବୀ ସ୍ପଷ୍ଟ ହେବା ଆବଶ୍ୟକ । ସମ୍ଭାବ୍ୟ ଫଳାଫଳ ବିଷୟରେ ସଚେତନ ରହନ୍ତୁ ।
- ସମସ୍ୟା ସମାଧାନ ପାଇଁ ଏକ ସମର୍ଥନସୂଚକ ପରିବେଶ ସୃଷ୍ଟି କରନ୍ତୁ । ଶକ୍ତିର ପାର୍ଥକ୍ୟ ନେଇ ସଚେତନ ହୁଅନ୍ତୁ ।
- ନିଜର ଓ ପ୍ରତିପକ୍ଷର ଶକ୍ତି ଓ ଦୁର୍ବଳତା ବିଷୟରେ ଜାଣନ୍ତୁ । ଉଭୟ ପକ୍ଷର ସ୍ୱାର୍ଥ ବିଷୟକୁ ମଧ୍ୟ ଜାଣନ୍ତୁ ।
- ଅନ୍ୟର କଥା ଶୁଣନ୍ତୁ ଓ ଧ୍ୟାନ ଦିଅନ୍ତୁ ।
- ପ୍ରତିବନ୍ଧକକୁ ସର୍ବନିମ୍ନ କରନ୍ତୁ । ଆଲୋଚନାର ସୂଚୀକୁ ଅନୁସରଣ କରନ୍ତୁ, ଅନ୍ୟ କଥା ସେଥିରେ ଯୋଡ଼ନ୍ତୁ ନାହିଁ ବା ଅନ୍ୟ କଥା ପ୍ରସଙ୍ଗକୁ ଆଣନ୍ତୁ ନାହିଁ ।
- ଆଲୋଚ୍ୟ ପ୍ରସଙ୍ଗ ସମର୍ଥନରେ ଅନ୍ୟ ସ୍ଥାନରେ କାର୍ଯ୍ୟକ୍ରମ ପ୍ରକ୍ରିୟା ଆୟୋଜନ କରନ୍ତୁ । ସଫଳତା ପାଇଁ ବାତାବରଣ ପ୍ରସ୍ତୁତ କରନ୍ତୁ ।
- ପ୍ରତ୍ୟେକ ବିଷୟରେ ନମ୍ରତାର ସହ ପ୍ରଶ୍ନ କରନ୍ତୁ । ଅନ୍ୟ ପକ୍ଷ ଏହାକୁ ବ୍ୟାଖ୍ୟା କରିବାକୁ କୁହନ୍ତୁ । ବାସ୍ତବ ସଫଳତା ମିଳିବା ଓ ମୂଳ ଦାବି ସମୂହ ହାସଲ ହେବା ପର୍ଯ୍ୟନ୍ତ ନିଜର ସମ୍ପୃକ୍ତି ବଜାୟ ରଖନ୍ତୁ ।
- ଲିଖିତ ଚୁକ୍ତି କରନ୍ତୁ । ଆଇନଗତ ମାନ୍ୟତା ହାସଲ ସମସ୍ୟାକୁ ପ୍ରତିହତ କରିବାକୁ ଚୁକ୍ତିରେ ଉଭୟ ପକ୍ଷ ଦସ୍ତଖତ କରନ୍ତୁ ।
- ଚରମ ନିଷ୍ପତ୍ତିକୁ ପରିହାର କରନ୍ତୁ ।

Digitized by srujanika@gmail.com

ରାଜିନାମା ଜନିତ ଆଲୋଚନାରେ କ'ଣ କରିବେ ନାହିଁ

- ମତପାର୍ଥକ୍ୟ ବଢ଼ିବାକୁ ପ୍ରଶ୍ରୟ ଦିଅନ୍ତୁ । ଅସମାହିତ ସ୍ଥିତି ଆସିଲେ ଅତିଶୀଘ୍ର ତାକୁ ସମାଧାନ କରନ୍ତୁ । କୌଣସି ପ୍ରସଙ୍ଗ ଜଟିଳ ମନେହେଲେ ତାକୁ ଆଲୋଚନା କରନ୍ତୁ ନାହିଁ ।
- ଯେକୌଣସି ବିଷୟ ଆଲୋଚନାବେଳେ ଆଶଙ୍କା ପ୍ରକାଶ କରନ୍ତୁ ।
- ଅହେତୁକ ହୁଅନ୍ତୁ ।
- ଆଧିପତ୍ୟ ବିସ୍ତାର ପାଇଁ ଭୟ ପ୍ରଦର୍ଶନ କରାନ୍ତୁ । ଆଇନର ପ୍ରୟୋଗକୁ ନିର୍ଦ୍ଦିଷ୍ଟ କରିବା ହେଉଛି ଜଣେ ସରକାରୀ ଅଧିକାରୀଙ୍କ କର୍ତ୍ତବ୍ୟ ।
- ଆବଶ୍ୟକତାକୁ ଅତ୍ୟଧିକ ବୃଦ୍ଧି କରିଚାଲନ୍ତୁ ।
- ପ୍ରଶ୍ନ କରିବାକୁ ଦ୍ୱିଧା ପ୍ରକାଶ କରନ୍ତୁ ।
- ଆପଣ ସର୍ବମୟ ଅଧିକାରୀ ବୋଲି ଭାବନା ଦିଅନ୍ତୁ ।
- ପ୍ରଥମ ଦାନରେ ଉଲ୍ଲସିତ ହୁଅନ୍ତୁ ।
- ମିଛ କୁହନ୍ତୁ ଓ ଭୁଲ ତଥ୍ୟ ଦିଅନ୍ତୁ ।
- ଅହେତୁକ ଦାବି କରନ୍ତୁ ।
- ବ୍ୟକ୍ତିଦ୍ୱର ଦ୍ୱନ୍ଦ୍ୱ କାରଣରୁ ସୁଯୋଗକୁ ଅଗ୍ରାହ୍ୟ କରନ୍ତୁ ।
- ଯାହା ପୂରଣ କରିହେବ ନାହିଁ, ତାହା ପ୍ରତିଶ୍ରୁତି ଦିଅନ୍ତୁ ।
- ଅର୍ଥ ବଦଳରେ ଉତ୍କର୍ଷତା ତ୍ୟାଗ କରନ୍ତୁ ।
- ଶୀଘ୍ର ନିଜର ଉଦ୍ଦେଶ୍ୟ ପ୍ରକାଶ କରନ୍ତୁ ।

Digitized by srujanika@gmail.com

ଦାବି : ତିନି ପ୍ରକାରର ଦାବି ରହିଛି ।

- ଅପରିବର୍ତ୍ତନୀୟ : ଏଗୁଡ଼ିକ ଆମର ପ୍ରାଥମିକ ଦାବି । ଯଦି ଏଥିରେ ସହମତି ହେଲାନାହିଁ, ତେବେ ଆମେ ଅସଫଳ ହେଲେ ।
- ବାଞ୍ଛନୀୟ (ରିହାତିଯୋଗ୍ୟ) – ଆମେ ତାହା ପାଇଲେ ଉତ୍ତମ । ତେବେ ଯଦି ପରିସ୍ଥିତି ଉତ୍ତେଜନାମୟ, ତେବେ ଆମେ ତାକୁ ବାଦ୍ ଦେଇପାରିବା ।
- ଆକ୍ରମଣାତ୍ମକ : (ଆଲୋଚନା ଦ୍ୱାରା ପରିବର୍ତ୍ତନୀୟ) – ଏହି ଦାବି ଦ୍ୱାରା ଅନ୍ୟକୁ ଆକ୍ରମଣ କରାଯାଏ । ଆମେ ଏହି ଦାବି କରିବାର ଉଦ୍ଦେଶ୍ୟ ଅନ୍ୟକୁ ପ୍ରତିରକ୍ଷାତ୍ମକ ସ୍ଥିତିକୁ ନେବା (ପ୍ରଧାନମନ୍ତ୍ରୀ ପ୍ରଥମେ ଇସ୍ତଫା ଦେବା ଆବଶ୍ୟକ) ଫଳରେ ଆମର ଅନ୍ୟ ଦାବିଗୁଡ଼ିକ ଗ୍ରହଣଯୋଗ୍ୟ ହେବ (ସରକାରୀ ଅଧିକାରୀଙ୍କୁ ବରଖାସ୍ତ କରାଯାଉ) ଓ ପ୍ରତିପକ୍ଷକୁ କୁହାଯିବ ଯେ ଆମର କେତେକ ଦାବି ପୂରଣ ଆମେ ତ୍ୟାଗ କରିଛୁ ।

କେତେକ ବିଷୟ ପରିତ୍ୟାଗ କରନ୍ତୁ, ଯେଉଁଥିରେ ପ୍ରତ୍ୟେକ ନିଜର ବିଜୟ ଅନୁଭବ କରିବେ ।

(ପାୱାର-ପ୍ରୋଜେକ୍ଟ ଓ ଦୃଷ୍ଟାନ୍ତ ସହ ଦେଖାଇବା)

ସୂଚନା

ଆମେ ସମ୍ପୂର୍ଣ୍ଣ ନିଶ୍ଚିତ ହେବା ଆବଶ୍ୟକ :

- ତଳ ସ୍ତରର ବାସ୍ତବତା ବା ତଥ୍ୟ ବିଷୟରେ ।
- ଆଇନ ଓ ବିଧାନ ବିଷୟରେ ।
- ନେତାଙ୍କ ଉଦ୍ଧୃତି : ପ୍ରତ୍ୟେକ ସ୍ଥିତିରେ କୌଣସି ନେତା, ସରକାରୀ ଅଧିକାରୀ ବା ନୀତିରୁ ଆମେ କିଛି ବିଷୟ ଉଲ୍ଲେଖ / ଉଦ୍ଧୃତ କରିପାରିବା ।

ଡ୍ରେସ୍‌କୋଡ ଓ ପରିଛନ୍ନତା

- ସର୍ବଦା ପରିଷ୍କାର ଓ ସୁସଙ୍ଗତ (Formal) ପୋଷାକ ପରିଧାନ କରିବା

ଭାଷା

- ମଧୁରତା ସହିତ ଓ ଦୃଢ଼ ଭାବେ କୁହନ୍ତୁ
- ଉଚ୍ଚବାଚ ନ କରିବା (ଆମେ ଆମର କ୍ଷମତା ପ୍ରଦର୍ଶନ କରିଛୁ)
- ନାଟକୀୟ ଭାବଭଙ୍ଗୀ ପରିହାର କରନ୍ତୁ
- କେବଳ ପ୍ରାସଙ୍ଗିକ ଆଲୋଚନା କରନ୍ତୁ ଓ ନିଜ ଯୁକ୍ତିରେ ଦୃଢ଼ ରହନ୍ତୁ
- ବାଧା ଦିଅନ୍ତୁ ନାହିଁ (ଜଣେ ଆଲୋଚକଙ୍କୁ ଦୁଇ ମିନିଟ୍ ଦିଅନ୍ତୁ, ତା'ପରେ ଦୃଢ଼ ଭାବରେ କୁହନ୍ତୁ ଏହା ଏକ ରାଜିନାମାଜନିତ ଆଲୋଚନା, ଏକ ସର୍ବସାଧାରଣ ସଭା ବା ସେମିନାର ନୁହେଁ, ଏଥିରେ ପ୍ରତ୍ୟେକ ନିଜର ମତ ରଖିବାର ସୁଯୋଗ ପାଇବେ)
- ଅବିବାଦୀୟ ତଥ୍ୟ ଦେବା କ୍ଷେତ୍ରରେ ପ୍ରତ୍ୟକ୍ଷ ଚାଲେଞ୍ଜ ନିଶ୍ଚିତ କରନ୍ତୁ । ଅନ୍ୟର ଉତ୍ତେଜନାମୂଳକ ବକ୍ତବ୍ୟ ଓ ଭୂମିକାକୁ ପ୍ରତ୍ୟାଖ୍ୟାନ କରନ୍ତୁ ଓ ସେଥିରେ ମନ୍ତବ୍ୟ ରଖନ୍ତୁ ନାହିଁ ।
- ପ୍ରତ୍ୟେକ ବ୍ୟକ୍ତିର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧିରେ ସାହାଯ୍ୟ କରନ୍ତୁ ।

Digitized by srujanika@gmail.com

ଲିଖିତ ତଥ୍ୟ

- ନିଜର ସମସ୍ତ ମତକୁ ଲିଖିତ ଆକାରରେ ରଖନ୍ତୁ । ଆଲୋଚନାରେ ହୋଇଥିବା ରାଜିନାମାକୁ ଲିଖିତ ଭାବେ ରଖନ୍ତୁ ।
- ଆଲୋଚନାର ପ୍ରସଙ୍ଗ ଲିଖିତ / ଛପା ଆକାରରେ ଉପଲବ୍ଧ ହେବା ଦରକାର (ଆଲୋଚନାର ସ୍ଥାନ, ସମୟ, ଦିନ, କାର୍ଯ୍ୟସୂଚୀ ଓ ଅଂଶଗ୍ରହଣକାରୀଙ୍କ ନାମ) ।
- ସମସ୍ତ ରାଜିନାମାକୁ ଲେଖାଯିବା, ଉଭୟ ପକ୍ଷର ଦସ୍ତଖତ ରହିବା ଓ ମୋହର ରହିବା ଦରକାର ।
- ରାଜିନାମାର ଆଇନଗତ ପ୍ରସଙ୍ଗମାନ ଆଇନ ଦୃଷ୍ଟିରୁ ଯଥାର୍ଥ ହେବା ଆବଶ୍ୟକ ଓ ଏହା ଜଣେ ଓକିଲଙ୍କ ଦ୍ୱାରା ଦୃଢ଼ୀକରଣ ହେବା ଦରକାର (ରାଜିନାମାଜନିତ ଆଲୋଚନାରେ ଜଣେ ଓକିଲଙ୍କ ରହିବା ବାଞ୍ଛନୀୟ)

୬.୪ ଗଣମାଧ୍ୟମର ଫଳପ୍ରଦ ସଂପୃକ୍ତି

ଗଣମାଧ୍ୟମରେ ଜାତିଗତ ଭେଦଭାବର ବହୁ ଘଟଣା କ୍ରମବର୍ଦ୍ଧିଷ୍ଣୁ ଭାବେ ପ୍ରଚାରିତ ହେଉଛି । ତେବେ ଏହିସବୁ ଘଟଣା ସଠିକ ଭାବେ ଓ ଉତ୍ତମ ଲକ୍ଷ୍ୟରେ ପ୍ରଚାରିତ ହୋଇନାହିଁ । ଭାରତୀୟ ଭାଷାର ପ୍ରେସ୍‌ମାନ ସମାନତା ଓ ନ୍ୟାୟ ପ୍ରତି ବେଳେବେଳେ ବିରୋଧୀ ମନୋଭାବ ନେଉଥିବା ମନେହୁଏ ।

ସାମାଜିକ ମନୋଭାବ ଓ ନ୍ୟାୟର ବାର୍ତ୍ତାକୁ ଗାଁଗହଳକୁ ଓ ସବୁ ସ୍ତରକୁ ନେବାପାଇଁ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ । ଏହା କରିବାକୁ ହେଲେ ଗଣମାଧ୍ୟମ ଏକ ବଡ଼ ଭୂମିକା ନେଇପାରିବ । କେବଳ ଘଟୁଥିବା ଘଟଣାର ପ୍ରକାଶ କଥା ନୁହେଁ, ବରଂ ଏକ ସୁସ୍ଥ ସମାଜ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜାତୀୟ ତଥା ଆନ୍ତର୍ଜାତିକ ଆଇନ କ୍ଷେତ୍ରରେ ଥିବା ସମାନତା ଓ ନ୍ୟାୟର ଭାବନାକୁ ସମାଜରେ ପରିବ୍ୟାପ୍ତ କରିବା ପାଇଁ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନେଇପାରିବ । ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମରେ ଗଣମାଧ୍ୟମର ଏକ ବଡ଼ ଦାୟିତ୍ୱ ରହିଛି । ସାମାଜିକ ନ୍ୟାୟ ଓ ଉତ୍ତମ ଶାସନକୁ ଗଣତାନ୍ତ୍ରିକ ଜନମତ ସହ ସଂପୃକ୍ତ କରିବା କ୍ଷେତ୍ରରେ ଗଣମାଧ୍ୟମ ଗୁରୁଦାୟିତ୍ୱ ବହନ କରେ ।

Digitized by srujanika@gmail.com

ଏହି ଲକ୍ଷ୍ୟ ଦିଗରେ କେତେକ ଆବଶ୍ୟକତା :

ଘଟଣା : (କ) ଛୋଟ ବଡ଼ ସମସ୍ତ ଘଟଣାରେ ଗଣମାଧ୍ୟମକୁ ଡାକନ୍ତୁ । ଏହା ଯଦି ଏକ ଛୋଟ ଘଟଣା, ତେବେ ସ୍ଥାନୀୟ ଗଣମାଧ୍ୟମ ଏହାକୁ ପ୍ରକାଶ କରିବ । (ଖ) ଏକ ବଡ଼ ଘଟଣାରେ ଦେଶର ବଡ଼ ବଡ଼ ସମ୍ବାଦ ସଂସ୍ଥା ଏହା ପ୍ରତି ଆଗ୍ରହ ରଖିବେ । (ଗ) ଏକ ସମୟରେ ଦେଶର ବିଭିନ୍ନ ସ୍ଥାନରେ ପ୍ରାସଙ୍ଗିକ କାର୍ଯ୍ୟକ୍ରମ ଆୟୋଜନ ଓ ଏକା ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ପ୍ରେସ୍‌ମିଟ ଆୟୋଜନ କରାଗଲେ ଦେଶ ଓ ଆଞ୍ଚଳିକ ସଂଯୋଜନା ପରିପ୍ରକାଶ ହେବ । (ଘ) ପ୍ରେସ୍ ପାଇଁ ଏକ ସ୍ୱତନ୍ତ୍ର କିଟ୍ ବା ବ୍ୟାଗ୍ ପ୍ରସ୍ତୁତ କରି ରଖନ୍ତୁ । (ଙ) ଘଟଣା ଘଟିବା ପୂର୍ବରୁ ବା ପରେ ଏକ ବିବରଣୀ ପ୍ରସ୍ତୁତ କରି ରଖନ୍ତୁ ଓ ଯେଉଁ ସ୍ଥାନରେ ପ୍ରେସ୍‌ର ଲୋକମାନେ ସାଧାରଣତଃ ଏକତ୍ର ହୁଅନ୍ତି, ସେଠାରେ ତାଙ୍କୁ ପ୍ରସ୍ତୁତ ବିବରଣୀ ପ୍ରଦାନ କରନ୍ତୁ । (ଚ) କାର୍ଯ୍ୟକ୍ରମ ସ୍ଥଳୀରେ ସବୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଓ ବ୍ୟବସ୍ଥା କରନ୍ତୁ । (ଛ) କ୍ୟାମେରା ଯୋଗାଡ଼ କରି ରଖନ୍ତୁ, ଯେଉଁଥିରେ ଭଲ ଫଟୋ ଉଠାଯାଇପାରିବ । ତେବେ ଫଟୋ ଉଠାଇବା ସମୟରେ ଆଲୋଚକମାନଙ୍କର ଓ ଅଂଶଗ୍ରହଣକାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତୁ ନାହିଁ । (ଜ) ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ଅବ୍ୟବହିତ ପୂର୍ବରୁ ପ୍ରେସ୍ ସମ୍ମିଳନୀରେ ସଂକ୍ଷିପ୍ତ ଭାବ ବିନିମୟ କରାଯାଇପାରେ, ଯେଉଁଥିରେ ସେ ଦିନର ପ୍ରସ୍ତାବିତ ସମସ୍ତ କାର୍ଯ୍ୟକ୍ରମର ସୂଚନା ଗଣମାଧ୍ୟମର ଲୋକଙ୍କୁ ଦିଆଯାଇପାରେ । ଏହାଦ୍ୱାରା ଘଟଣା ଓ ପ୍ରସଙ୍ଗ ସମ୍ପର୍କରେ ଭଲ ବିବରଣୀ ପ୍ରକାଶ ପାଇପାରିବ ।

ଗଣମାଧ୍ୟମରେ ପ୍ରସାରଣ / ପ୍ରକାଶ ପାଇଁ ସମ୍ବାଦ (ପ୍ରେସ୍ ରିଲିଜ୍) : (କ) ସମ୍ବାଦ ପ୍ରକାଶ କରିବାକୁ ଆପଣ ପ୍ରେସ୍ ବିବରଣୀଟିଏ ପ୍ରସ୍ତୁତ କରନ୍ତୁ । ଏହା ଅତି ସଂକ୍ଷିପ୍ତ ହେବା ଆବଶ୍ୟକ । ଏହା ପ୍ରଥମ ପାରାରେ ମୁଖ୍ୟ ଘଟଣା ଦୁଇ ତିନୋଟି ବାକ୍ୟରେ ବର୍ଣ୍ଣନା ହେବା ଆବଶ୍ୟକ । (ଖ) ପ୍ରେସ୍ ବିବରଣୀଟିର ପ୍ରଥମ ପାରା ସମସ୍ତ ଘଟଣାର ମୁଖ୍ୟ ସମ୍ବାଦ ଭାବେ ସଂକ୍ଷେପରେ ରହିବ । ଦ୍ୱିତୀୟ ପାରାରେ ଅତିରିକ୍ତ ଖବର ଭାବେ କିଛି ବର୍ଣ୍ଣନା ରହିବ । ତୃତୀୟ ପାରାରେ ଘଟଣାର ପୃଷ୍ଠଭୂମି ଓ ଇତିହାସ ଦିଆଯିବ । (ଗ) ଯେଉଁଠି ଆବଶ୍ୟକ, ଜାତୀୟ ତଥା ଆନ୍ତର୍ଜାତିକ ତାତ୍ପର୍ଯ୍ୟ ଓ ଦିଗନ୍ତ ବିଷୟରେ ସୂଚନା ଦିଆଯିବ । (ଘ) ସମସ୍ତ ପ୍ରେସ୍ ବିବରଣୀରେ ଜଣେ ବ୍ୟକ୍ତିଙ୍କର ଫୋନ୍ ନମ୍ବର ଓ ଇ-ମେଲ ଠିକଣା ମଧ୍ୟ ଦିଆଯିବ, ଯାହାଦ୍ୱାରା ପ୍ରେସ୍ ତରଫରୁ ଆବଶ୍ୟକ ହେଲେ ସେହି ଅଧିକାରୀଙ୍କୁ ଯୋଗାଯୋଗ କରାଯାଇପାରିବ ଓ ସେ ପ୍ରେସ୍‌କୁ ନିର୍ଭରଯୋଗ୍ୟ ତଥ୍ୟ ଦେଇପାରିବେ । (ଙ) ପ୍ରେସ୍ ବିବରଣୀଟିକୁ ପୂର୍ବରୁ ପ୍ରସ୍ତୁତ କରି ରଖନ୍ତୁ ଓ ଘଟଣା ପରେ ଆଉ କିଛି ମୁଖ୍ୟ ସମ୍ବାଦ ସେଥିରେ ଯୋଗ କରନ୍ତୁ । (ଚ) ପ୍ରେସ୍ ବିବରଣୀକୁ ଦେଶର ବା ଅଞ୍ଚଳର ମୁଖ୍ୟ ଘଟଣା ସହ ସଂଯୁକ୍ତ କରନ୍ତୁ । (ଛ) ଘଟଣାର ଫଟୋ ସମ୍ଭବ ହେଲେ ଦିଅନ୍ତୁ । ଏହାକୁ ନେଟ୍‌ରେ ରଖି ପ୍ରେସ୍ ରିଲିଜ୍ କଲାବେଳେ ତା'ର ସୂତ୍ର ଜଣାଇ ଦିଅନ୍ତୁ । (ଜ) ପ୍ରେସ୍ ବିବରଣୀ ଦେବା ପରେ ଇ-ମେଲ୍ ଓ ଟେଲିଫୋନ୍‌ରେ ପରେ ସମ୍ପର୍କ କରନ୍ତୁ । (ଝ) ପ୍ରେସ୍ କ୍ଲବ୍‌ରେ ପ୍ରେସ୍ ମିଟ୍ ପାଇଁ ଆୟୋଜନ କରିପାରିବେ, ଯଦି ଘଟଣା ସମ୍ପର୍କରେ କେବଳ ପ୍ରେସ୍ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଥାନ୍ତି ।

ଗଣମାଧ୍ୟମର ଲୋକଙ୍କୁ ସଂପୃକ୍ତ କରନ୍ତୁ : (କ) ଗଣମାଧ୍ୟମର ଲୋକଙ୍କୁ ଜାଣନ୍ତୁ ଓ ସେମାନଙ୍କର ଶ୍ରେଣୀ ବିଭାଗ କରନ୍ତୁ । ପିଆଇଏ (PIA) ଓ ଡିଏଚ୍‌ଆର୍‌ଡି (DHRD) ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ଗଣମାଧ୍ୟମର ବ୍ୟକ୍ତିମାନଙ୍କ ବିଷୟରେ ସୂଚନା ରଖିବା ଆବଶ୍ୟକ । ଆତ୍ମନିଯୁକ୍ତ ସାମ୍ବାଦିକ, ସମ୍ବାଦଦାତା, ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ବା ସମ୍ପାଦକଙ୍କ ସହ ଟି.ଭି, ରେଡିଓର ବ୍ୟକ୍ତିମାନେ ଗଣମାଧ୍ୟମ ଭିତରେ ଅନ୍ତର୍ଭୁକ୍ତ । ସରକାରୀ ସ୍ତରରେ ଥାଆନ୍ତୁ କିମ୍ବା କର୍ପୋରେଟ୍ ସ୍ତରରେ କାର୍ଯ୍ୟ କରୁଥାନ୍ତୁ ସବୁ ସ୍ତରର ଗଣମାଧ୍ୟମର ବ୍ୟକ୍ତିମାନେ ସଂପୃକ୍ତ ହୋଇପାରିବେ । (ଖ) ପ୍ରତ୍ୟେକ ଗଣମାଧ୍ୟମ ବ୍ୟକ୍ତିଙ୍କର ନାମ, ପଦବୀ, ସମ୍ପୃକ୍ତ ଗଣମାଧ୍ୟମ, ମୋବାଇଲ ଫୋନ୍ ନମ୍ବର ଓ ଇ-ମେଲ୍ ଠିକଣାର ଏକ ଛପା ବିବରଣୀ ପାଖରେ ରଖିବା ଆବଶ୍ୟକ । (ଗ) ଆଞ୍ଚଳିକ ସ୍ତରରେ ଆନ୍ତର୍ଜାତିକ ସ୍ତରର ଗଣମାଧ୍ୟମର କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ବି ସହଯୋଗ ନିଅନ୍ତୁ । ଏହାଦ୍ୱାରା ଆନ୍ତର୍ଜାତିକ ସ୍ତରରେ

Digitized by srujanika@gmail.com

ସମ୍ବାଦ ପ୍ରକାଶ କରିପାରିବେ । (ଘ) ଗଣମାଧ୍ୟମର ଲୋକଙ୍କ ସହ ନିୟମିତ ସମ୍ପର୍କରେ ରୁହନ୍ତୁ, ଯେପରି ସେମାନେ ଆପଣଙ୍କର କାର୍ଯ୍ୟର ଅଂଶୀଦାର ବୋଲି ମନେ କରିବେ ।

ଗଣମାଧ୍ୟମର ସମ୍ପୃକ୍ତି : (କ) ଗଣମାଧ୍ୟମ କୌଣସି ଘଟଣାକୁ ପ୍ରଥମେ ପ୍ରକାଶ କରିବା ପାଇଁ ଆଗ୍ରହୀ ଓ ସେଥିରେ ସେମାନଙ୍କର ବ୍ୟାକୁଳତା ରହିଥାଏ । ଏଣୁ ସେମାନଙ୍କୁ ସେ ସ୍ଥାନକୁ ନେବାପାଇଁ ପ୍ରୟାସ କରିପାରିବେ । ତେବେ ଏହାର ସକାରାତ୍ମକ ଓ ନକାରାତ୍ମକ ଦିଗ ରହିପାରେ । ବ୍ୟକ୍ତିଗତ ସ୍ତରରେ ବା ସାମୂହିକ ଭାବେ ଯେଉଁ ଭଲ କାର୍ଯ୍ୟ କରାଯାଇଛି କିମ୍ବା ଏକ ସ୍ଥାନରେ ଥିବା ସୁଯୋଗର କ'ଣ ଅଭାବ ରହିଛି ଏସବୁ ବିଷୟ ସେମାନେ ଅବଗତ ହୋଇପାରନ୍ତି । (ଖ) ସକ୍ରିୟ କୌଣସି ଗଣମାଧ୍ୟମ ଅନୁଷ୍ଠାନ ସହ ଅନୌପଚାରିକ ଭାବେ ଅଂଶୀଦାର ହୋଇ ପ୍ରଚାର କ୍ଷେତ୍ରରେ ଚେଷ୍ଟା କରନ୍ତୁ । ବିଶେଷତଃ ଜାତୀୟ ସ୍ତରର ଗଣମାଧ୍ୟମ ସହ ଏହା ହେବା ଉତ୍ତମ । ଆତ୍ମନିଯୁକ୍ତ ସାମ୍ବାଦିକମାନେ କିପରି ସ୍ତମ୍ଭ ଲେଖିବେ ସେଥିପାଇଁ ପ୍ରୋତ୍ସାହନ ଦିଅନ୍ତୁ ।

ଗଣମାଧ୍ୟମର ସମର୍ଥନ : ଗଣମାଧ୍ୟମର ସାହାଯ୍ୟ ନିଆଯାଇପାରେ, ଏପରିକି ସଂସଦ ଓ ବିଧାନସଭାରେ ଏହା ମାଧ୍ୟମରେ ପ୍ରଶ୍ନ ଉତ୍ଥାପିତ ହୋଇପାରେ । ସେମାନଙ୍କ ପାଖରେ କେବଳ ସୂଚନା ପହଞ୍ଚିବା ଆବଶ୍ୟକ । (ଖ) ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀର ଜାତି ଭେଦଭାବ ବିଷୟରେ ସେମାନଙ୍କ ସହ ଅଂଶୀଦାର ହୋଇପାରିବେ । (ଗ) ସୂଚନା ଅଧିକାର ଆଇନ ବଳରେ ବା ସୋସିଆଲ ଅଡିଟ୍ ମାଧ୍ୟମରେ ଯେଉଁ ତଥ୍ୟ ସଂଗ୍ରହ କରୁଛନ୍ତି ତାହା ସେମାନଙ୍କ ସହ ଅଂଶୀଦାର କରିପାରିବେ ।

ଉତ୍ତମ ପ୍ରଥା : (କ) ଆପଣ ଯେତେବେଳେ ଗଣମାଧ୍ୟମକୁ ଡାକୁଛନ୍ତି, ଆପଣଙ୍କ ପାଖରେ କିଛି ଗୁରୁତ୍ୱପୂର୍ଣ୍ଣ ଓ ରୋଚକ ଖବର ଥିବା ଦରକାର । ଯଦି ସେପରି କିଛି ଘଟଣା ନ ଥାଏ, ତେବେ ଅନ୍ତତଃ ମହିଳା, ଶିଶୁ, ଅଞ୍ଚଳ ବିଷୟରେ କିଛି ନୂତନ ଦୃଷ୍ଟିଭଙ୍ଗୀର ତଥ୍ୟ ଥିବା ଆବଶ୍ୟକ, ଯାହାର ସାମ୍ପ୍ରତିକ ସ୍ଥିତିରେ ଗୁରୁତ୍ୱ ରହିଛି । (ଖ) ଗଣମାଧ୍ୟମକୁ ପ୍ରଭାବିତ କଲାପରି ଆପଣଙ୍କ ସଂଗଠନରୁ ବ୍ୟକ୍ତିଙ୍କୁ ବାଛନ୍ତୁ ଓ ସେମାନଙ୍କୁ ସେଥିପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଅନ୍ତୁ । ସେ ଜଣେ ଜ୍ଞାନୀ ଓ ବିଭିନ୍ନ ବିଷୟ ଜାଣିଥିବା ବ୍ୟକ୍ତି ହୋଇଥିବା ଦରକାର । (ଗ) କୌଣସି ସମୟରେ କିଛି ପ୍ରସଙ୍ଗରେ ସଠିକ ସୂଚନା ନ ଥିଲେ, ଗଣମାଧ୍ୟମର ଲୋକଙ୍କୁ ଏହିକଥା କହିବେ ଯେ ଆପଣ ସେମାନଙ୍କ ସହ ଯୋଗାଯୋଗରେ ରହିବେ ଓ ସଂପୃକ୍ତ ପ୍ରସଙ୍ଗ ଉପରେ ବିଶେଷ ଦକ୍ଷତା ଥିବା ବ୍ୟକ୍ତିଙ୍କର ମତାମତ ନେଇ ସେମାନଙ୍କୁ ଜଣାଇବେ । (ଘ) ଯଦି ଘଟଣା ଘଟିବା ପୂର୍ବରୁ ଆପଣ ଆଗତୁରା ତାହାର ଏକ ବିବରଣୀ ଗଣମାଧ୍ୟମକୁ ଦେଉଛନ୍ତି ତେବେ ସେଥିରେ ଆଜି ପର୍ଯ୍ୟନ୍ତ କ'ଣ କ'ଣ କାର୍ଯ୍ୟ ହୋଇଛି ସ୍ପଷ୍ଟ ଭାବରେ ଉପରେ ଲେଖିବେ । ପରେ ସେଥିରେ ଆଗାମୀ କାର୍ଯ୍ୟକ୍ରମର ତାରିଖ ଓ ସମୟ ବିଷୟ ଉଲ୍ଲେଖ ରହିବ । (ଙ) କୌଣସି କ୍ଷତିଗ୍ରସ୍ତ ବା ପୀଡ଼ିତ ଓ ବଞ୍ଚିଥିବା ଲୋକଙ୍କର ନାମ ତଥା ଫଟୋ ଦେବାବେଳେ ବହୁ ସତର୍କତା ରକ୍ଷା କରିବା ଆବଶ୍ୟକ । ସେମାନଙ୍କର ପରିଚୟ ପ୍ରକଟ କରୁଥିବା ସମସ୍ତ ବିବରଣୀକୁ ଗୁପ୍ତ ରଖିବା ଆବଶ୍ୟକ । ଜଣଙ୍କର ଗୋପନୀୟ ଘଟଣା ବିଷୟରେ ଉଲ୍ଲେଖ କଲାବେଳେ ବ୍ୟକ୍ତିଙ୍କର ଏକାନ୍ତତା (Privacy) ସମ୍ପର୍କୀୟ ପ୍ରେସ୍ ନିୟମ ସମୂହ ଓ ଦେଶର ଆଇନକୁ ସର୍ବନିମ୍ନ ମାନଦଣ୍ଡ ଭାବେ ଗ୍ରହଣ କରି ସମ୍ବାଦ ଦେବା ଆବଶ୍ୟକ ।

ସତର୍କତା :

(କ) କୌଣସି ବିଷୟକୁ ଯଦି ଆପଣ ଅନ୍ୟକୁ ଜଣାଇବାକୁ ଚାହୁଁନାହାନ୍ତି, ତେବେ ଏହା ଗଣମାଧ୍ୟମକୁ ଦିଅନ୍ତୁ ନାହିଁ । ତେବେ ଘଟଣାକ୍ରମରେ ଏହା ହୁଏତ ଗଣମାଧ୍ୟମକୁ ଆସିବ । (ଖ) ଯଦି ଆପଣ ଭୁଲରେ କୌଣସି ବିଷୟ ଗଣମାଧ୍ୟମର ବ୍ୟକ୍ତିଙ୍କୁ କହିଛନ୍ତି, ତେବେ ଏହା ଜାଣିବା ପରେ ତତ୍କ୍ଷଣାତ୍ ଏହା "ବିବରଣୀ ପାଇଁ ନୁହେଁ ବୋଲି" ସେମାନଙ୍କୁ କୁହନ୍ତୁ । (ଗ) ଗଣମାଧ୍ୟମମାନଙ୍କ ମଧ୍ୟରେ କାହାକୁ ଅଧିକ ଅନୁଗୃହୀତ କରନ୍ତୁ ନାହିଁ । ସମସ୍ତଙ୍କୁ ସମାନ ତଥ୍ୟ ଓ ସମାନ ସୁଯୋଗ ଦିଅନ୍ତୁ ।

Digitized by srujanika@gmail.com

୬.୫ ଫଳପ୍ରଦ ସମ୍ବନ୍ଧ ସ୍ଥାପନ (ଏଫେକ୍ଟିଭ୍ ନେଟ୍ୱର୍କିଂ)

ବ୍ୟକ୍ତିଗତ ଭାବେ ଦୁନିଆଁର ଜଟିଳ ପରିସ୍ଥିତିକୁ ସମ୍ମୁଖୀନ ହେବା ଏକ କଷ୍ଟକର ବ୍ୟାପାର । ସୁତରାଂ ପରସ୍ପରକୁ ସମର୍ଥନ କରିବାକୁ ସମ୍ପର୍କ ସୃଷ୍ଟି କରାଯାଏ । ଏଥିରୁ ଏକ ଭ୍ରମାତ୍ମକ ସିଦ୍ଧାନ୍ତ ଆସିଥାଏ ଯେ 'ମଣିଷ ଏକ ସାମାଜିକ ପ୍ରାଣୀ' । ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ସାମାଜିକ ବ୍ୟବହାର ଉଦ୍ଦିଷ୍ଟ, ସେ ଭିତରୁ ପ୍ରଧାନ ଉଦ୍ଦେଶ୍ୟ ହେଲା ଶକ୍ତି ବୃଦ୍ଧି ଓ ପ୍ରକ୍ଷେପଣ । ନିଜର ଶକ୍ତି ବୃଦ୍ଧି ବିଭିନ୍ନ କୌଶଳ ମାଧ୍ୟମରେ କରାଯାଇପାରେ; ସେଥିରୁ ଏକ ପ୍ରକ୍ରିୟା ହେଉଛି ସମ୍ବନ୍ଧ ସ୍ଥାପନ । ଅନ୍ୟ ଏକ ପ୍ରକ୍ରିୟା ହେଉଛି 'ଅସ୍ମିତା ରାଜନୀତି', ତେବେ ତାହା ଏହି ଆଲୋଚନା ପରିସରର ବହିର୍ଭୂତ ଅଟେ । ସଂଖ୍ୟାଗରିଷ୍ଠତା ସୃଷ୍ଟି କରିବା ବା ଏକ ଉଦ୍ଦେଶ୍ୟରେ ବିଭିନ୍ନ ଲୋକଙ୍କୁ ସମ୍ବନ୍ଧିତ କରାଇବା ସମ୍ବନ୍ଧ ସ୍ଥାପନର ଏକ ମୁଖ୍ୟ ଆଭିମୁଖ୍ୟ । ଏହାର ଗୁରୁତ୍ୱକୁ ନ୍ୟୂନ କରାଯାଇପାରିବ ନାହିଁ । ମାନବିକ ସମ୍ବନ୍ଧ ସ୍ଥାପନ ଦ୍ୱାରା ଏକ ଶକ୍ତି ସୃଷ୍ଟି ହୋଇପାରିବ, ଯାହାଦ୍ୱାରା ଏକ ପ୍ରତିକୂଳ ଶକ୍ତି ବିରୋଧରେ ଛିଡ଼ା ହେବା ସମ୍ଭବ ହେବ । ଏକ ଅନ୍ତର୍ନିହିତ ଶକ୍ତି ଦ୍ୱାରା ପରିଚାଳିତ ହୋଇ ଦୁର୍ବଳତମଙ୍କୁ ସମର୍ଥନ ଦେବାପାଇଁ ସମ୍ବନ୍ଧ ସ୍ଥାପନ କରାଯାଏ ନାହିଁ । କିମ୍ବା ଏହା ମଧ୍ୟ ନୁହେଁ ଯେ ସମସ୍ତ ସମ୍ବନ୍ଧ ସ୍ଥାପନ କ୍ଷେତ୍ରରେ ଏକ ଉଦ୍ଦେଶ୍ୟ ନିହିତ ଥାଏ । କେତେକ କ୍ଷେତ୍ରରେ ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇଥାଏ, ତେବେ ଏଥିରୁ ଏହା ଭାବିବା ଠିକ୍ ନୁହେଁ ଯେ ଏପରି ସମ୍ବନ୍ଧ ସ୍ଥାପନ ଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏହା ଫଳପ୍ରଦ ହେବନାହିଁ । ଦୁର୍ବଳତମ ବ୍ୟକ୍ତିଙ୍କର ଶକ୍ତି ବୃଦ୍ଧି କରିବା କିମ୍ବା ଏକ ଯୋଜନାବଦ୍ଧ ଉଦ୍ଦେଶ୍ୟ କ୍ଷେତ୍ରରେ ଅତ୍ୟନ୍ତ ଫଳପ୍ରଦ ହେବା ସମ୍ବନ୍ଧସ୍ଥାପନର ଏକ ବାସ୍ତବ ପରିଣତି ନୁହେଁ । ଜଣେ ସଚେତନ ଭାବେ ଏକ ବ୍ୟବସ୍ଥା ସୃଷ୍ଟି କରିବା ଦ୍ୱାରା ସମ୍ବନ୍ଧସ୍ଥାପନ ଫଳପ୍ରଦ ହୋଇପାରିବ ।

ଅନ୍ୟ ପ୍ରକ୍ରିୟା ପରି ସମ୍ବନ୍ଧସ୍ଥାପନ ମାଧ୍ୟମକୁ ଲକ୍ଷ୍ୟସାଧନ ପାଇଁ ସ୍ୱୀକାର କରିନେବା ଯଥାର୍ଥ ନୁହେଁ । ସମ୍ବନ୍ଧସ୍ଥାପନ କ୍ଷେତ୍ରରେ ବି ନାନା ସୀମା ରହିଛି । ଏହା ସମୟସାପେକ୍ଷ ଓ ଏହା ବିଭିନ୍ନ ସାଧନ ଓ ଅଙ୍ଗୀକାରବଦ୍ଧତା ଆବଶ୍ୟକ କରେ । ଏହାର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ନେଇ ଜଣେ କେତେକ ସ୍ପଷ୍ଟତା ଲାଭ କରିବା ପରେ ଯାଇ ଏ କ୍ଷେତ୍ରରେ ପଦକ୍ଷେପ ନେଇପାରିବେ ।

ବିଭିନ୍ନ ଉଦ୍ଦେଶ୍ୟରେ ସମ୍ବନ୍ଧ ପାଇଁ ପ୍ରୟାସ କରାଯାଇପାରେ :

- ଏକ ଦୃଢ଼ ପ୍ରଭାବ ସୃଷ୍ଟି କରିବା ପାଇଁ
- ନିଜର ସ୍ଥିତି / ସୁରକ୍ଷା ପାଇଁ
- ପ୍ରସଙ୍ଗ ବା ଏକ ଭାବନା କ୍ଷେତ୍ରରେ ସହଯୋଗ ପାଇଁ

Digitized by srujanika@gmail.com

❖ ଏକ ସାମୟିକ ବା ଦୀର୍ଘସ୍ଥାୟୀ ଲକ୍ଷ୍ୟ ପ୍ରଚାର ପାଇଁ

ସମ୍ବନ୍ଧସ୍ଥାପନର ଭିତ୍ତି ହେବ :

❖ ଏକ ସହଭାଗୀ ଭାବନା ବା ଦୃଷ୍ଟି

❖ ଜାତି, ଶ୍ରେଣୀ, ଧର୍ମ, ଲିଙ୍ଗ କିମ୍ବା ଆଞ୍ଚଳିକତା ଆଧାରରେ ସଂଯୋଗସ୍ଥାପନ ଓ ଏକତ୍ରୀକରଣ

❖ ବ୍ୟକ୍ତିଗତ ବା ସଂଗଠନ ଆଧାରରେ ସଦସ୍ୟତା

❖ ବିଶେଷ ଦକ୍ଷତା ବା ବୃତ୍ତି ଆଧାରରେ ସଦସ୍ୟତା

❖ ସମାନ ଭାଗୀଦାରିତା ଆଧାରରେ ସର୍ବଦା ସମ୍ବନ୍ଧସ୍ଥାପନ ହୁଏନାହିଁ, ସେଗୁଡ଼ିକ ସ୍ତରଭେଦରେ ମଧ୍ୟ ହୋଇପାରେ । ବେଳେବେଳେ ସ୍ତରଭେଦ ଓ ସମାନତା ଏକତ୍ର ଭାବରେ ଏକ ସମ୍ବନ୍ଧ କ୍ଷେତ୍ରରେ ରହିପାରେ ।

ଏକ ପରିଚାଳନାଗତ କୌଶଳ ଭାବେ ସମ୍ବନ୍ଧ ସ୍ଥାପନର ପ୍ରୟୋଗ :

❖ କେତେକ ବ୍ୟକ୍ତିଙ୍କ ଗ୍ରୁପ୍ ବା ସଂଗଠନ ଉପରେ କର୍ତ୍ତୃତ୍ୱ ବୃଦ୍ଧି

❖ ସମାନ ବ୍ୟକ୍ତିଙ୍କ ଭିତରେ ଆନୁପାତିକ ଭାବେ କାର୍ଯ୍ୟ ନିର୍ଦ୍ଧାରଣ ଓ ପ୍ରସାର

❖ ଏକ କାର୍ଯ୍ୟକ୍ରମ ଉପରେ ଅନୁକୂଳ ଓ ସର୍ବାଧିକ ପ୍ରଭାବ ପାଇଁ ଏହା ବିନିଯୋଗ ହୋଇପାରିବ, ଯେପରିକି ପ୍ରାକୃତିକ ସମ୍ପଦ ପରିଚାଳନା କ୍ଷେତ୍ରରେ ବା ବାଳଶ୍ରମିକ ପ୍ରଥା ଅଭିଯାନ କ୍ଷେତ୍ରରେ

❖ ଦୃଶ୍ୟମାନତା / ଉପସ୍ଥିତି ବୃଦ୍ଧି କରିବା ପାଇଁ

❖ ପକ୍ଷସମର୍ଥନ ପାଇଁ

❖ ଏନ୍‌ଜିଓମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ କ୍ଷେତ୍ରରେ ଅନେକ ଦାନ ରାଶି ପ୍ରଦାନକାରୀ ସଂସ୍ଥା (Doner Agency)ର ପ୍ରଭାବ ଯୋଗୁଁ ଉପରୋକ୍ତ କୌଣସି ଲକ୍ଷ୍ୟ ପୋଷଣ କରିଥାନ୍ତି । ଏକ କାର୍ଯ୍ୟକ୍ରମ ପାଇଁ ପାଣ୍ଠି / ଅନୁଦାନ ପ୍ରଦାନର ସର୍ତ୍ତ କାରଣରୁ କିମ୍ବା ଦାନ ରାଶି ପ୍ରଦାନକାରୀ ସଂସ୍ଥାର ସଂଚାଳନ କାରଣରୁ ସମ୍ବନ୍ଧ ସ୍ଥାପନ (ନେଟ୍‌ୱର୍କ) ସୃଷ୍ଟି ହୋଇଥାଏ ।

ଅଧିକାର ପାଇଁ ସମ୍ବନ୍ଧସ୍ଥାପନ, ଯେଉଁଥିରେ ପ୍ରାଧାନ୍ୟ ନେବ :

❖ ଦୁର୍ବଳଙ୍କ ମଧ୍ୟରେ ସହଯୋଗ ସ୍ଥାପନ ପାଇଁ ଫଳପ୍ରଦ ପଦକ୍ଷେପ ନେବ । ଉଦାହରଣ ସ୍ୱରୂପ ଦଳିତ ଓ କୈବର୍ତ୍ତମାନଙ୍କ ମହିଳାଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗ ଉପରେ ଏକ ଲିଙ୍ଗନିରପେକ୍ଷ ପରିସରରେ ଲୋକମାନଙ୍କୁ ସମ୍ବନ୍ଧିତ କରିହେବ, କାରଣ କେତେକ ସେମାନଙ୍କ ମହିଳାଙ୍କ ପ୍ରଶ୍ନ ଉପରେ ଭାବପ୍ରବଣତା ବ୍ୟକ୍ତ କରିଥାନ୍ତି ।

❖ କୌଣସି ସମସ୍ୟାର ସମାଧାନ ପାଇଁ ଜଣେ ନିଜର କୌଶଳ ଓ ଯୋଜନାକୁ ସୁଚିନ୍ତିତ ଭାବେ ସ୍ଥିର କରିବା ଦରକାର ।

❖ ଏକ ସମ୍ବନ୍ଧିତ ଗୋଷ୍ଠୀ ଭିତରେ ବ୍ୟକ୍ତିମାନଙ୍କର ଓ ଗୋଷ୍ଠୀର ଶକ୍ତି ସମଭାବରେ ବୃଦ୍ଧି ପାଇବା ଆବଶ୍ୟକ ।

❖ ଏକ ସମ୍ବନ୍ଧିତ ଗୋଷ୍ଠୀ ମୁକ୍ତ କରିବାରେ, ଶୋଷଣ କରିବାରେ ଓ ଶ୍ୱାସରୁଦ୍ଧ କରିବାରେ ବି ଭୂମିକା ନେଇପାରେ, ଯେଉଁଥିପାଇଁ ସତର୍କତା ଅବଲମ୍ବନ କରାଯିବା ଦରକାର ।

❖ ଗୋଷ୍ଠୀ ସମ୍ବନ୍ଧ ପାଇଁ ସମୟ ଓ ବ୍ୟକ୍ତି ଆବଶ୍ୟକ, ଯେଉଁମାନେ ଅଧିକାର ହାସଲର ଆଭିମୁଖ୍ୟ ଦିଗରେ କାର୍ଯ୍ୟ କରିବେ । ସମୟ ଓ ଶକ୍ତିକୁ କିପରି ମିତବ୍ୟୟତା ଓ ସଫଳତାର ସହ ବିନିଯୋଗ କରି ସମ୍ବନ୍ଧ ସ୍ଥାପନ କରାଯାଇପାରିବ ସେଥିପାଇଁ ସତର୍କ ରହିବା ଉଚିତ ।

ଇଣ୍ଟରନେଟ୍ ଯୋଗେ ସମ୍ବନ୍ଧ ସ୍ଥାପନ :

❖ ଅବିରତ ଜଳଯୋଗାଣ ଓ ଅବିରତ କରେଣ୍ଟ ଯୋଗାଣ ପରି ବର୍ତ୍ତମାନ ପିଢ଼ିର ଲୋକମାନେ ଅବିରତ ବ୍ୟକ୍ତିଗତ ଇଣ୍ଟରନେଟ୍ ସଂଯୋଗ ଚାହୁଁଛନ୍ତି ।

Digitized by srujanika@gmail.com

- ଆଧୁନିକ ପ୍ରଯୁକ୍ତି ଜ୍ଞାନ ଆଧାରରେ ମୋବାଇଲ ଫୋନ୍ ଓ କମ୍ପ୍ୟୁଟର ଯୋଗେ ସମ୍ପ୍ରତି ସମସ୍ତଙ୍କ ସହ ସଂଯୋଗ ସ୍ଥାପନ ସମ୍ଭବ ହେଉଛି । ସେହି ପ୍ରକ୍ରିୟାରେ ସମ୍ବନ୍ଧ ସ୍ଥାପନ ଯୋଗାଯୋଗ ମଧ୍ୟ ସମ୍ଭବ ।
- ଇଣ୍ଟରନେଟ୍ ଯୋଗେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସମ୍ପ୍ରତି ଅକ୍ଳେଶରେ ସମ୍ବନ୍ଧ ସ୍ଥାପନ କରାଯାଇପାରୁଛି । ଇଣ୍ଟରନେଟ୍ ସୋସିଆଲ ମିଡିଆ ଓ ଇ-ଗ୍ରୁପ୍ ମାଧ୍ୟମରେ ଏହା କରାଯାଉଛି । ମୁହଁକୁ ମୁହଁ ସଂଯୋଗ ତଥା ଆଦାନ ପ୍ରଦାନ ଏଥିରେ ହୁଏନାହିଁ, କିନ୍ତୁ ଏକ ବୃହତ୍ତର ପରିବେଶରେ ଓ ବିଶ୍ୱସ୍ତରରେ ସମ୍ପର୍କ ସ୍ଥାପିତ ହୋଇପାରୁଛି । ସମସ୍ତ ସାମାଜିକ ପ୍ରତିବନ୍ଧକକୁ ଅତିକ୍ରମ କରି ନିଜର ବିଚାର ବ୍ୟକ୍ତ କରିବାରେ ଏହା ସାହାଯ୍ୟ କରିଥାଏ । ବିନା ଭୟରେ ସ୍ଥାନ, ସାଂସ୍କୃତିକ ପାର୍ଥକ୍ୟ ଓ ଲିଙ୍ଗଗତ ଭେଦଭାବ ନିର୍ବିଶେଷରେ ଜଣେ ନିଜର ମତ ବ୍ୟକ୍ତ କରିପାରିବ ।
- ଖୁବ୍ ସ୍ୱଳ୍ପ ଖର୍ଚ୍ଚରେ ଓ ବିନା ବାଧାରେ ଏହି ସଂଯୋଗ ସମ୍ଭବ ହେଉଛି । ମିସ୍-କଲ୍, ମେସେଜ୍, ଭିଡିଓ କନ୍‌ଫରେନ୍ସ ଇତ୍ୟାଦି ବିଭିନ୍ନ ପଦ୍ଧତି ଆଧାରରେ ସଂଯୋଗ ସ୍ଥାପନ ସମ୍ପ୍ରତି ଉପଲବ୍ଧ ହୋଇପାରୁଛି ।
- ତଳ ସ୍ତରରେ ଗଣମାଧ୍ୟମ ବା ନୀତି-ନିର୍ଦ୍ଧାରକମାନେ ଏହି ସଂଯୋଗ ସ୍ଥାପନ ଉପରେ ଯେତିକି ପ୍ରାଧାନ୍ୟ ଦେବା କଥା ତାହା କରୁନାହାନ୍ତି । ସେହିପରି ଇଣ୍ଟରନେଟ୍‌ଜନିତ ସଂଯୋଗର କେତେକ ସୀମା ରହିଛି । ପ୍ରତ୍ୟେକ ସଂଯୋଗ ସ୍ଥାପନର ନିଜସ୍ୱ ଶକ୍ତି ଓ ଦୁର୍ବଳତା ରହିଛି । ଇଣ୍ଟରନେଟ୍ ସଂଶ୍ଳିଷ୍ଟ ସଂଯୋଗର ମାଧ୍ୟମ ଇଂରାଜୀ ହେଉଛି । ଅର୍ଥାତ୍ ଇଂରାଜୀ ପଢ଼ିଥିବା ବା ଲେଖୁଥିବା ଲୋକମାନେ ଓ କମ୍ପ୍ୟୁଟର ଶିଖିଥିବା ବ୍ୟକ୍ତିମାନେ ଏହା କରିପାରୁଛନ୍ତି । ଇଣ୍ଟରନେଟ୍ ଯୋଗେ ଯେଉଁ ଗୋଷ୍ଠୀ ପରସ୍ପର ସହ ସମ୍ପର୍କ ଯୋଡ଼ିପାରୁଛନ୍ତି ସେମାନଙ୍କର ତୃଣମୂଳ ସ୍ତରରେ ଲୋକଙ୍କ ସହ ସମ୍ପର୍କ ନ ଥାଇପାରେ ।

ଶେଷରେ, ଏହି ସଂଯୋଗ ସ୍ଥାପନର ଉଦ୍ଦେଶ୍ୟ ବିଷୟ ଆମକୁ ସୂଚନା ଦେବାପାଇଁ ଆମର ବ୍ୟବସ୍ଥା ରହିବା ଆବଶ୍ୟକ । ଏହି ବ୍ୟବସ୍ଥାର ମହତ୍ତ୍ୱ ଓ ଏହାର ସହଯୋଗୀମାନଙ୍କ ବିଷୟରେ ଜାଣିବା ଦ୍ୱାରା ଆମେ ଉପଯୁକ୍ତ ନିଷ୍ପତ୍ତି ନେଇପାରିବା ।

ଏହା ସର୍ବଦା ମନେ ରଖିବା ଆବଶ୍ୟକ ଯେ ପ୍ରତ୍ୟେକ ବ୍ୟବସ୍ଥାନର ନିଜସ୍ୱ ଜୀବନକାଳ ରହିଛି । ଜଣେ ସତର୍କ ନ ରହିଲେ ସଂଯୋଗ ସ୍ଥାପନ ପ୍ରକ୍ରିୟା ଉଦ୍ଦେଶ୍ୟହୀନ ହେବା ସହ ଏହା ଆତ୍ମଘାତୀ ହେବ ।

(The 10+1'C's of networking)

ସାଧାରଣ ମୂଲ୍ୟ

ମୂଲ୍ୟ ଆଧାରରେ ହୋଇଥିବା ନେଟ୍‌ୱର୍କ ବା ସଂଯୋଗର ନିରନ୍ତର ମୂଲ୍ୟ ରହିଛି । ତେବେ ଯଦି ଏହି ପ୍ରକ୍ରିୟାର ସାଧାରଣ ମୂଲ୍ୟ ରହିବ ନାହିଁ ଏହା ଯେଉଁ ଗ୍ରୁପ୍‌ମାନଙ୍କ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା ତାହାର ଅଗ୍ରସର ଗଭୀର ଭାବେ ପ୍ରଭାବିତ ହେବ । ଏହି ମୂଲ୍ୟର ଉପଯୁକ୍ତ ଲକ୍ଷ୍ୟ ଓ ସଂଜ୍ଞା ନିରୂପିତ ହେବା ଆବଶ୍ୟକ ଓ ଏହାର ଏକ ଆନୁଷ୍ଠାନିକ ପ୍ରୟୋଗ ବିଧି ସ୍ଥିର ହେବା ଦରକାର । ଏହି ପ୍ରୟୋଗ ବିଧିକୁ ସାଧାରଣତଃ 'ଉତ୍ତମ ପରିଚାଳନା ପ୍ରୟୋଗ' କୁହାଯାଉଛି ।

ଆଭ୍ୟନ୍ତରୀଣ ଶକ୍ତି (Core Competence)

ସମ୍ବନ୍ଧ ସ୍ଥାପନ ଆଭ୍ୟନ୍ତରୀଣ ସାମର୍ଥ୍ୟ ବା ସହଯୋଗୀମାନଙ୍କର ସାଧାରଣ ଲକ୍ଷ୍ୟ ଉପରେ ପର୍ଯ୍ୟବସିତ ହେବା ଦରକାର । ଏହାର ସାଧାରଣ ଆଭିମୁଖ୍ୟ ବା କାର୍ଯ୍ୟସୂଚୀ ରହିବା ବାଞ୍ଛନୀୟ । ଆବଶ୍ୟକୀୟ ପ୍ରଭାବ ସୃଷ୍ଟି ପାଇଁ ସଂଖ୍ୟା ଓ କର୍ତ୍ତୃତ୍ୱର ନେଟ୍‌ୱର୍କ ଜରିଆରେ ଯଥେଷ୍ଟ ଶକ୍ତି ରହିବା ଦରକାର ।

ନେଟ୍‌ୱର୍କର ପ୍ରତ୍ୟେକ ସହଯୋଗୀଙ୍କ ପାଇଁ ଯଥେଷ୍ଟ ସ୍ଥାନ ଓ ଭୂମିକା ରହିବା ଆବଶ୍ୟକ, ଯାହାଦ୍ୱାରା ପ୍ରତ୍ୟେକ ସହଯୋଗୀ ନିଜର ଦକ୍ଷତା ଓ ସାମର୍ଥ୍ୟ ଉପଯୁକ୍ତ ଭାବେ ପ୍ରକାଶ କରିପାରିବେ । ଏଥିପାଇଁ ପ୍ରତ୍ୟେକ ସହଯୋଗୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯିବା ଦରକାର ।

Digitized by srujanika@gmail.com

ଅନୁପୂରକ (ସଂହତି) (Complementary)

ଥରେ ଏହି ଶକ୍ତି ସଂଗ୍ରହ ପରେ ନେଟ୍‌ୱର୍କ ନାନାବିଧ ସ୍ତରରେ ନିଜର ବହୁ ସାମର୍ଥ୍ୟ ଓ ନିପୁଣତା ଆଣିପାରିବ । ଅନ୍ତର୍ନିହିତ ଭାବେ ଏହା ଅନେକ ସାମର୍ଥ୍ୟର ଅଧିକାରୀ ହେଲେ ବି ଏହାର ଏକ ସାଧାରଣ ଆଭିମୁଖ୍ୟ ରହିବ । ସାଦୃଶ୍ୟମୂଳକ ଭାବେ କହିଲେ ଏହି ସଂଗଠନରେ ବହୁ ସାମର୍ଥ୍ୟର ବ୍ୟକ୍ତି ରହିବେ, ହେଲେ ସେମାନଙ୍କର ସମାନ ଆଦର୍ଶ ରହିଥିବ ।

ନିଜକୁ ପଚାରନ୍ତୁ :

ଆମର କେଉଁ ଦକ୍ଷତା ରହିଛି ? ଆମେ ଆଉ କେଉଁଥିରେ ନିପୁଣ ହେବା ଆମେ ଚାହୁଁଛେ ? ସେହି ନିପୁଣତା କାହାର ରହିଛି ? ଯେଉଁମାନଙ୍କର ପାଖରେ ସେହି ନିପୁଣତା ରହିଛି, ସେମାନଙ୍କ ସହ ସଂଯୋଗ ସ୍ଥାପନ କରିବା ଆବଶ୍ୟକ ।

ଆମ ସମ୍ବନ୍ଧ ସ୍ଥାପନ କ୍ଷେତ୍ରରେ କ'ଣ ଭିନ୍ନତା ରହିଛି ? କେତେ ଦଳିତ ମହିଳା ମୁଖ୍ୟ ଥିବା ସଂଗଠନ ଆମର ସଭ୍ୟ ରହିଛନ୍ତି ? ବିଭିନ୍ନ ଧର୍ମଧାରାରୁ କେତେ ବ୍ୟକ୍ତି ରହିଛନ୍ତି ? କେତେ ପୃଥକ୍ ଗୋଷ୍ଠୀ ଉପସ୍ଥିତ ରହିଛନ୍ତି ? ଆପଣ ଯଦି ଏ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରିବେ, ଆପଣ ଶୂନ୍ୟସ୍ଥାନ ଦେଖିପାରିବେ । ଏହା ଜାଣିବା ପରେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ସମ୍ବନ୍ଧ ପରିସରକୁ ବ୍ୟାପକ କରନ୍ତୁ, ଫଳରେ ଆପଣ ଫାଙ୍କକୁ ପୂରଣ କରିପାରିବେ । (ଉଦାହରଣ ସ୍ୱରୂପ ଦଳିତ ମହିଳା ପରିଚାଳନା କରୁଥିବା ସଂଗଠନମାନଙ୍କୁ ଆମନ୍ତ୍ରଣ କରନ୍ତୁ ଓ ସେମାନଙ୍କୁ ନେଟ୍‌ୱର୍କରେ ସଂଯୁକ୍ତ କରିବାକୁ ଚେଷ୍ଟା କରନ୍ତୁ) ।

ଆମ କାର୍ଯ୍ୟର ଭୌଗୋଳିକ ସୀମା କେତେ ପରିବ୍ୟାପ୍ତ ? ସବୁ ଜିଲ୍ଲା / ପ୍ରଦେଶରୁ ଲୋକ ଆମ ସହ ସମ୍ପୃକ୍ତ କି ? ସଂଗଠନମାନଙ୍କର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଓ କେଉଁ କ୍ଷେତ୍ରରେ ସେମାନେ କାର୍ଯ୍ୟ କରୁଛନ୍ତି ତାହା ଜାଣନ୍ତୁ । ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ସମ୍ବନ୍ଧ ସ୍ଥାପନ ବୃଦ୍ଧି କରନ୍ତୁ ।

ସୃଜନଶୀଳତା (Creative) :

ନେଟ୍‌ୱାର୍କିଂ କେବଳ ଏକାପ୍ରକାର କାର୍ଯ୍ୟ ବଡ଼ ଆକାରରେ ହେବା ଯଥାର୍ଥ ନୁହେଁ । ନୂତନ କାର୍ଯ୍ୟ ବି କରାଯିବା ଦରକାର । ତୃଣମୂଳ ସ୍ତରର ନେଟ୍‌ୱର୍କ ପରିସରରେ ଥିବା ଏକ ଉତ୍କର୍ଷ ଗୋଷ୍ଠୀ କେବଳ କିଛି କାର୍ଯ୍ୟକ୍ରମକୁ ସଫଳ କରିବା ଭିତରେ ସୀମିତ ରହିବା ଆବଶ୍ୟକ ନୁହେଁ । ବରଂ ପୂର୍ବରୁ କରି ନ ଥିବା କୌଣସି କାର୍ଯ୍ୟକୁ ସେମାନେ ଏକତ୍ରିତ ଭାବେ ହାତକୁ ନେଇପାରିବେ । ପକ୍ଷସମର୍ଥନ, ପ୍ରଭାବ ସୃଷ୍ଟି ଇତ୍ୟାଦି କେତେକ କାର୍ଯ୍ୟ ମାନସିକ ସ୍ତରରେ ସେମାନେ ସୃଷ୍ଟି କରିପାରିବେ ।

- ମୂଲ୍ୟ / ପ୍ରଚେଷ୍ଟା (Cost)
- ନିୟନ୍ତ୍ରଣ / କାର୍ଯ୍ୟ (Control)
- ଆସ୍ଥା / ସୁଯୋଗ (Credit)

ପ୍ରତ୍ୟେକ ସହଭାଗୀ ଗୋଷ୍ଠୀ ଯେଉଁ ମୂଲ୍ୟ ଦିଏ ତାହା ଆନୁପାତିକ ଭାବେ ପାଉଥିବା ସୁବିଧା ସହ ସମତୁଲ୍ୟ ହେବା ଆବଶ୍ୟକ । ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ, ତେବେ ନିବେଶ କରିଥିବା ମୂଲ୍ୟ ଅନୁଯାୟୀ ଉପଯୁକ୍ତ ପ୍ରାପ୍ୟ ନ ଆସିଲେ ମୂଲ୍ୟର ଯଥାର୍ଥ ମହତ୍ତ୍ୱ ରହିବ ନାହିଁ ।

ମୂଲ୍ୟ, ନିୟନ୍ତ୍ରଣ ଓ ଆସ୍ଥା କ୍ଷେତ୍ରରେ ବିଭେଦତା / ଅସହମତି ନେଟ୍‌ୱର୍କ ବ୍ୟର୍ଥ ହେବାର (ଭାଙ୍ଗି ଯିବାର) ମୁଖ୍ୟ କାରଣ । ଯେତେବେଳେ ଦୁଇଜଣ ସମାନ କାର୍ଯ୍ୟ କରନ୍ତି, ସେମାନେ ସେମାନଙ୍କର ସମସ୍ତ ଚେଷ୍ଟା ପ୍ରକାଶ କରୁଛନ୍ତି ବୋଲି ଭାବନ୍ତି । କ'ଣ କରାଯିବା ଆବଶ୍ୟକ ଏ ବିଷୟରେ ଯେତେବେଳେ ଜଣେ ନିର୍ଦ୍ଦେଶ ଦିଅନ୍ତି, ନିଜକୁ ଖାପ୍ ଖୁଆଇବାକୁ ଆଉ ଜଣେ ପ୍ରୟାସ କରନ୍ତି ଓ ନିଜେ ଭାବନ୍ତି ଯେ ସେ ନିଜ ପ୍ରାପ୍ୟର ଅଧା ହିଁ ପାଉଛନ୍ତି ।

ଯଦି ଉତ୍ତମ ପରିଚାଳନାଗତ କାର୍ଯ୍ୟର ମୂଲ୍ୟ ବ୍ୟବସ୍ଥା ଓ କାର୍ଯ୍ୟଧାରାରେ ପ୍ରତିଫଳିତ ହୁଏ, ତେବେ ଏହି ଭୟର ପରିବେଶ ହ୍ରାସ ପାଇଥାଏ ।

Digitized by srujanika@gmail.com

ପରିବର୍ତ୍ତନ ଓ ପରିଚାଳନାଗତ ପରିବର୍ତ୍ତନ (Change and Management of Charge)

ଅଧିକାଂଶ ନେଟ୍‌ୱର୍କ ଅନୌପଚାରିକ ଭାବେ ଆରମ୍ଭ ହୋଇଥାଏ । ତେବେ କେତେକ ନେଟ୍‌ୱର୍କ ସଂଗଠିତ ଓ କେତେକ ଅସଂଗଠିତ । କେତେକ ସଂଗଠନ ଯେଉଁ ସମର୍ଥନ ଆଶା କରିଥାନ୍ତି ତାହା ଏକ ବୃହତ୍ତର ସମଷ୍ଟି ପ୍ରଦାନ କରିଥାଏ । କିନ୍ତୁ ସେମାନେ ସେଥିରେ ସଭ୍ୟ ହେବାକୁ ଚାହାନ୍ତି ନାହିଁ, କିମ୍ବା ଏକ ଔପଚାରିକ ଗ୍ରୁପ୍‌ରେ ସମ୍ପୃକ୍ତ ହୁଅନ୍ତି ନାହିଁ । ଅନୌପଚାରିକ, ସ୍ୱତଃପ୍ରବୃତ୍ତ ଗୋଷ୍ଠୀମାନଙ୍କରେ କେତେକ ଲୋକ ଅଛନ୍ତି ଯେଉଁମାନେ ନିଜସ୍ୱ ପରିସରରେ ସୀମିତ ରହିବାକୁ ଚାହାନ୍ତି । ଔପଚାରିକ ଗୋଷ୍ଠୀର ଲୋକମାନେ ସର୍ବଦା କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିଥାନ୍ତି ।

ନେଟ୍‌ୱର୍କମାନେ କ୍ୱଚିତ ନିଜର ମୂଳ ସ୍ଥିତି / ପରିଚିତିକୁ ବହୁଦିନ ଧରି ସୁଦୃଢ଼ ରଖନ୍ତି । ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଘଟୁଥାଏ ଓ ସେମାନଙ୍କ କାର୍ଯ୍ୟସୂଚୀକୁ ଔପଚାରିକ ଭିତ୍ତି ପ୍ରଦାନ କରାଯାଉଥାଏ । ଏହାକୁ ସମ୍ବେଦନଶୀଳ ଭାବେ କରାଯାଏ, କାରଣ କେତେକ ବ୍ୟକ୍ତି ପରିବର୍ତ୍ତନକୁ ସହଜରେ ଗ୍ରହଣ କରନ୍ତି ନାହିଁ ବା ପରିବର୍ତ୍ତନଶୀଳତା ସହ ସମତାଳ ରକ୍ଷା କରିପାରନ୍ତି ନାହିଁ । ସୁତରାଂ ପ୍ରତିଷ୍ଠାତା ସଭ୍ୟଙ୍କୁ ସମର୍ଥନ କରି ପରିବର୍ତ୍ତନ କରିବାକୁ ହୁଏ । ପରିବର୍ତ୍ତନ ଏକ ଅନ୍ତର୍ଭୁକ୍ତ ପ୍ରକ୍ରିୟା ଭାବେ କରାଯିବା ଦରକାର । ଯେଉଁମାନେ ପରିବର୍ତ୍ତନକୁ ଗ୍ରହଣ କରିପାରୁ ନାହାନ୍ତି ସେମାନଙ୍କୁ ବାରମ୍ବାର କହିବାକୁ ହୋଇଥାଏ ଯେ ସେମାନଙ୍କ ମତର ତଥାପି ମୂଲ୍ୟ ରହିଛି । ତେବେ କେତେକ ମୂଲ୍ୟର ସ୍ଥାୟୀ ମହତ୍ତ୍ୱ ରହିଛି ।

ପରିବର୍ତ୍ତନ ଜୀବନର ଯେପରି ଏକ ମୌଳିକ ଆଧାର ସେହିପରି ନେଟ୍‌ୱର୍କ କ୍ଷେତ୍ରରେ ପରିବର୍ତ୍ତନ ମଧ୍ୟ ଏକ ଅବଶ୍ୟମ୍ଭାବୀ ପ୍ରକ୍ରିୟା । ଏହାକୁ ପରିତ୍ୟାଗ ନ କରି ଏହାକୁ ସୁବ୍ୟବସ୍ଥିତ କରିବା ଦରକାର । ପରିବର୍ତ୍ତନ ଦ୍ୱାରା ପ୍ରଦର୍ଶିତ କୌଶଳ ଓ ଏହାର ସ୍ଥାନାନ୍ତରଣ ପାଇଁ ସହାୟକ ହୋଇଥାଏ । ସଦା ପରିବର୍ତ୍ତନଶୀଳ ପୃଥିବୀର ଆହ୍ୱାନକୁ ନେଟ୍‌ୱର୍କ ଜରିଆରେ ନୂତନ ଭାବରେ ଉଦ୍‌ଭାବନ କରିବାକୁ ହୁଏ ।

ଜଟିଳ ପ୍ରକ୍ରିୟା (Complex System) :

ବ୍ୟକ୍ତିମାନଙ୍କ ପରି ନେଟ୍‌ୱର୍କ ଯେ ଏକ ଜଟିଳ ପ୍ରକ୍ରିୟା ଏହି ଅବବୋଧ ରହିବା ଆବଶ୍ୟକ । ଏହା ଏକ ସଂଯୋଗ ନୁହେଁ, ଏପରିକି ଏକ ସମାନ ଅଂଶ ଦ୍ୱାରା ଗଠିତ ବସ୍ତୁମାନଙ୍କର ସଂଯୋଗ ମଧ୍ୟ ନୁହେଁ । ଏହାର ଯଦି ମୂଳ ମୂଲ୍ୟକୁ ସହଭାଗ କରାଯାଏ, ତେବେ ଏଥିରେ ଦୃଷ୍ଟିଭଙ୍ଗୀରେ ବହୁ ବିବିଧତା, ମତପାର୍ଥକ୍ୟ, ବହୁ ପ୍ରକାରର ପାରଦର୍ଶିତା ଓ ଦକ୍ଷତା ଦୃଷ୍ଟିଗୋଚର ହୁଏ । ଏହି ବିବିଧତା, ପାରଦର୍ଶିତା, ଦକ୍ଷତା ଓ ପ୍ରାଥମିକତାର ବିକାଶକୁ ପ୍ରାଧାନ୍ୟ ଦିଆଯାଏ । ବ୍ୟକ୍ତିମାନଙ୍କର ଦକ୍ଷତାର ବିକାଶ ସକାଶେ ସ୍ଥାନ ରହିବା ଆବଶ୍ୟକ ଓ ଏହାର ଉପଯୋଗିତାକୁ ମୂଲ୍ୟ ଦିଆଯିବା ଦରକାର । ଏକ ସ୍ୱତଃପ୍ରବୃତ୍ତ ଗ୍ରୁପ୍ ଏପରି ବ୍ୟକ୍ତିଙ୍କୁ ସମ୍ପୃକ୍ତ କରିଥାନ୍ତି, ଯେଉଁମାନଙ୍କର ସେମାନଙ୍କ ପାଇଁ ଓ ଅନୁଷ୍ଠାନର ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥାଏ ।

'ପ୍ରତ୍ୟେକ ବ୍ୟକ୍ତିର ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ' ପ୍ରତ୍ୟେକଙ୍କ ପାଇଁ ଉପଲବ୍ଧ ହେବାକୁ ସଚେତନ ଭାବେ ପ୍ରୟାସ କରିବା ହେଉଛି ମଣିଷର ସର୍ବୋତ୍ତମ ଲକ୍ଷ୍ୟ । ବିଶେଷକରି ଯେଉଁ ବ୍ୟକ୍ତିମାନେ ସମାଜରେ ବଞ୍ଚିତ ହୋଇ ରହିଛନ୍ତି ସେମାନଙ୍କ ପାଇଁ ଏହି ପ୍ରାପ୍ତି ଆମର ଏକ ବଡ଼ ଅଭୀପ୍ସା । କେହି ବହିଃସ୍ଥ ନୁହନ୍ତି, ଜୀବନ ପ୍ରବାହରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିପରି କେହି ମଧ୍ୟ ଅପରିହାର୍ଯ୍ୟ ନୁହେଁ । ଯେଉଁ ପ୍ରକ୍ରିୟାରେ ନେଟ୍‌ୱର୍କର ଆଭିମୁଖ୍ୟ ପୂରଣ ହୋଇପାରିବ ତାହା ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରେ, ଏହା ନେଇ ସ୍ପଷ୍ଟ ହେବା ଆବଶ୍ୟକ ।

ଉତ୍ସବ ପାଳନ କରିବା (Celebrate) !

ଏହା ଯଦି ସୁନିଶ୍ଚିତ ହୁଏ, ତେବେ ନେଟ୍‌ୱର୍କ ଏହାର ସାଫଲ୍ୟ ହାସଲ କଲା ବୋଲି କୁହାଯିବ । (ଏଗାରଟି 'C' ମଧ୍ୟରୁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ C-Celebrate) । ନେଟ୍‌ୱର୍କର ଏହି ସଫଳତା, ଉପଲବ୍ଧି ଓ ସଂହତିକୁ ପାଳନ କରିବା ଅତି ମହତ୍ତ୍ୱପୂର୍ଣ୍ଣ । ଏହାହିଁ ଦର୍ଶାଉଛି ଆମେ ଉତ୍ସବ ମୁଖରିତ ହେବା ।

Digitized by srujanika@gmail.com

୭. ପ୍ରଶିକ୍ଷଣ ଓ ପ୍ରଣାଳୀ

ପ୍ରଶିକ୍ଷଣ ପ୍ରତୀତି

ପ୍ରଶିକ୍ଷଣ ପ୍ରଣାଳୀ ଓ ପ୍ରକ୍ରିୟା

ପ୍ରଶିକ୍ଷଣ କାର୍ଯ୍ୟସୂଚୀ

Digitized by srujanika@gmail.com

୭.୧ ପ୍ରଶିକ୍ଷଣ ପ୍ରତୀତି (Concept of Training)

ଏକ ଫଳପ୍ରଦ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଦୃଷ୍ଟିଭଙ୍ଗୀ, ଦକ୍ଷତା ଓ ଜ୍ଞାନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା । ବ୍ୟକ୍ତିର ଶିକ୍ଷା ଓ ବିକାଶ ପାଇଁ ଏହି ତିନୋଟି ଅତି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ପ୍ରଶିକ୍ଷଣର ଉଦ୍ଦେଶ୍ୟ (ବିଷୟବସ୍ତୁ ନିର୍ବିଶେଷରେ) ହେଉଛି ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ, ଦକ୍ଷତାର ବୃଦ୍ଧି ଓ ଜ୍ଞାନର ବିକାଶ ସାଧନ । ପ୍ରଶିକ୍ଷଣ ପଦ୍ଧତି ଓ ବିଷୟବସ୍ତୁ କ୍ଷେତ୍ରରେ ଏହାକୁ ହିଁ ଗୁରୁତ୍ୱ ଦିଆଯାଏ ।

ବିକାଶର ଆଭିମୁଖ୍ୟ ହେଉଛି ବୋଧଗମ୍ୟତାରେ, ନୂତନ ଭାବନା ଗ୍ରହଣ କରିବାରେ ଓ ବିକଳ୍ପ ସମ୍ଭାବନା ସୃଷ୍ଟି କରିବାରେ ସାମର୍ଥ୍ୟ ବୃଦ୍ଧି କରିବା । କେତେକ ଭାବନାର ମୂଳଗଠନ କରିବା ଓ ପୁନର୍ବିନ୍ୟାସ କରିବା ସହିତ ସେସବୁକୁ କାର୍ଯ୍ୟ ଓ ବ୍ୟବହାରରେ ପ୍ରୟୋଗ କରିବା ପ୍ରଶିକ୍ଷଣର ଲକ୍ଷ୍ୟ । ଏକ ସଁବାଳୁଆ ଯେପରି ଏକ ପ୍ରଜାପତିରେ ରୂପାନ୍ତରିତ ହୁଏ, ଠିକ୍ ସେହିପରି ପ୍ରଶିକ୍ଷଣ ପରିବର୍ତ୍ତନ ଆଣିଥାଏ । ଏକ ସଁବାଳୁଆ ଏହାର କୋଷାର ଆବରଣ ଭିତରେ ପ୍ରତିଦିନ ସେହି ଆବରଣକୁ ଫଟାଇ ପ୍ରଜାପତି ହେବାକୁ ପ୍ରୟାସ କରିଥାଏ, ଫଳତଃ ଏହି ପ୍ରୟାସ ଦ୍ୱାରା ଏହା ଏକ ସୁନ୍ଦର ପ୍ରଜାପତିରେ ପରିବର୍ତ୍ତନ ହୋଇଥାଏ । ଠିକ୍ ସେହିପରି ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତାର ବୃଦ୍ଧି ଓ ନିଜର ବିକାଶ ଦ୍ୱାରା ପରିବର୍ତ୍ତନ ସୃଷ୍ଟି କରିବାରେ ଜଣେ ସମର୍ଥ ହୋଇଥାଏ । ଏକ ବାସ୍ତବ ବିକାଶ ଏହି ପ୍ରକ୍ରିୟାକୁ ବିନିଯୋଗ କରି ହାସଲ କରିବା ସମ୍ଭବ ହୋଇଥାଏ । ପ୍ରଶିକ୍ଷଣ ଏକ ବାସ୍ତବ ଓ ଗୁଣାତ୍ମକ ବିକାଶ ଆନୟନ କ୍ଷେତ୍ରରେ ସହାୟକ ହୋଇଥାଏ ।

ଦୃଷ୍ଟିଭଙ୍ଗୀ :

ଶିକ୍ଷା ଓ ପ୍ରଶିକ୍ଷଣ ଜଣକର ବିଶ୍ୱାସ ଓ ଭାବଧାରାକୁ ଗଢ଼ି ତୋଳିଥାଏ, ଯାହା ତାହାର ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ଆମର ଦୃଷ୍ଟିଭଙ୍ଗୀ ଓ ଯେଉଁ ମୂଲ୍ୟବୋଧ ଆମେ ସାମାଜିକ ଜୀବନରେ ପ୍ରତିଫଳିତ କରୁ ସେଥିରୁ ଆମର ସମାଜ ସହିତ ସଂପୃକ୍ତିର ଚିତ୍ର ମିଳେ । ଏହାହିଁ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଯେ ଏହା ଆମର ଗୋଷ୍ଠୀ ଜୀବନରେ ଏହି ପରିବର୍ତ୍ତନକୁ ଆଭିମୁଖ୍ୟ ଭାବେ ନିଏ :

- ସମାଜର କୌଣସି ଗୋଷ୍ଠୀକୁ ଜାତି, ଲିଙ୍ଗ, ଧର୍ମ ଆଧାରରେ କରାଯାଉଥିବା ଭେଦଭାବକୁ ଦୂର କରିବା ପାଇଁ ସାମାଜିକ ବ୍ୟବସ୍ଥାରେ ଏକ ମୌଳିକ ପରିବର୍ତ୍ତନ ସୃଷ୍ଟି କରିବା ଓ ସମାଜର ନିମ୍ନସ୍ତରରେ ଥିବା ବା ବହିଷ୍କୃତ ଗୋଷ୍ଠୀ ଭିତରେ ସଚେତନତା ବୃଦ୍ଧି କରିବା ।

Digitized by srujanika@gmail.com

❖ କ୍ଷତିଗ୍ରସ୍ତ, ପୀଡ଼ିତ, ଦଳିତମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାରୁ ବର୍ତ୍ତି ଯାଇଥିବା ବ୍ୟକ୍ତି, ଦଳିତମାନଙ୍କ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଂଗଠନମାନଙ୍କ ମଧ୍ୟରେ ଆସ୍ଥା ଓ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ସେମାନଙ୍କର ଅଧିକାର ପାଇଁ ସେମାନେ ଯେପରି ସଂଗ୍ରାମ କରିବେ ସେ ପାଇଁ ଉଦ୍ୟମ କରିବା ।

❖ ଦଳିତ ଓ ଆଦିବାସୀ ଗୋଷ୍ଠୀ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ ଓ ଭେଦଭାବର ଘଟଣାମାନ ଇତିହାସରେ ଲିପିବଦ୍ଧ ହୋଇନାହିଁ । ଏହା ଦେଶରେ ଏତେ ବ୍ୟାପକ ଓ ସର୍ବବ୍ୟାପ୍ତ ଥିଲା ଯେ ଏହାର ସଂଜ୍ଞା ଦେବା ବା ଏହାକୁ ଲିପିବଦ୍ଧ କରିବାର ସେପରି କିଛି ଉଦ୍ୟମ ହୋଇନାହିଁ । ଏପରିକି ଦଳିତ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ହୋଇନାହିଁ ବା ସମାଜରେ ଅସ୍ପୃଶ୍ୟତା ନାହିଁ ବୋଲି କେତେକ ଯୁକ୍ତିର ଅବତାରଣା କରିଥାନ୍ତି । ସମାଜରେ ଯାହା ଭେଦଭାବ ଥିଲା ତାହା ଯେ ବହୁବର୍ଷ ହେଲା ଦୂର ହୋଇଗଲାଣି ବୋଲି ସେମାନେ ମତ ଦେଇଥାନ୍ତି । ପ୍ରଶିକ୍ଷଣ ଦ୍ୱାରା ଲୋକମାନଙ୍କ ଭିତରୁ ଏହି ଭାବନାକୁ ଦୂର କରି ପ୍ରକୃତ ସମସ୍ୟାକୁ ଦୂର କରିବାକୁ ପ୍ରୟାସ କରାଯାଏ ।

❖ ସମାଜରେ ଥିବା ଜାତିଗତ ସ୍ତରଭେଦ ଓ ତହିଁରୁ ଉତ୍ପନ୍ନ ଉଚ୍ଚ-ନୀଚ ଭେଦଭାବକୁ ଦୂର କରିବା ପାଇଁ ଗମ୍ଭୀର ଉଦ୍ୟମର ଆବଶ୍ୟକତା ରହିଥିବା ଏହା ଅନୁଭବ କରେ ।

❖ ବ୍ୟକ୍ତିଗତ ଭାବରେ ବା ଛୋଟ ଗ୍ରୁପ୍‌ରେ ମାନବିକ ସମସ୍ୟା ଉପରେ ଲୋକମାନଙ୍କୁ ବୁଝାଇବା, ମାନବିକତାର ଚେତନା ସୃଷ୍ଟି କରିବା ଓ ଆମେ କାହିଁକି ମାନବିକ ଅଧିକାରର ସୁରକ୍ଷା ପାଇଁ ଉଦ୍ୟମ କରୁଛୁ ତାହା ଆଲୋଚନା କରିବା ଦରକାର । ପିଲାମାନଙ୍କ ସହ ଓ କୌଣସି ଉତ୍ପୀଡ଼ନରୁ ବର୍ତ୍ତି ଯାଇଥିବା ମହିଳାମାନଙ୍କ ସହିତ କିପରି କଥାବାର୍ତ୍ତା କରିବା ସେ ବିଷୟରେ ଆମେ ସଚେତନ ରହିବା ଆବଶ୍ୟକ ।

ଦକ୍ଷତା

ଦୃଷ୍ଟିଭଙ୍ଗୀ ଯଥେଷ୍ଟ ନୁହେଁ । ପ୍ରଶିକ୍ଷଣ ଦ୍ୱାରା ଉତ୍ତମ ମନୋଭାବ ଓ ଜ୍ଞାନ ଲାଭ ହାସଲ କରାଯାଇପାରିବ, ଯାହାକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିହେବ । ସୁତରାଂ ପ୍ରଶିକ୍ଷଣର ଦ୍ୱିତୀୟ ଉପାଦାନ ହେଉଛି

Digitized by srujanika@gmail.com

ଦକ୍ଷତା । କେତେକ କ୍ଷେତ୍ରରେ କିଛି ସ୍ୱତନ୍ତ୍ର ଦକ୍ଷତା ମଧ୍ୟ ଆବଶ୍ୟକ, ଯାହାଦ୍ୱାରା ଏକ ପ୍ରକ୍ରିୟାରେ ଜଣେ ସଂଶ୍ଳିଷ୍ଟ ହୋଇ ଏକ ଉତ୍ତରଦାୟିତ୍ୱବୋଧର କର୍ତ୍ତବ୍ୟ ନିର୍ବାହ କରିବ ।

ଭାବବିନିମୟ ଦକ୍ଷତା : ଏକ ସାଧାରଣ ଲକ୍ଷ୍ୟ ବା ଆଭିମୁଖ୍ୟ କ୍ଷେତ୍ରରେ ଏକତ୍ର କାର୍ଯ୍ୟ କରିବା ପାଇଁ ଭାବବିନିମୟ ଜନିତ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଭାବବିନିମୟ ଏକ ଦ୍ୱୈତ ପ୍ରକ୍ରିୟା । ଏଥିରେ କିଛି ସୂଚନା ଜଣେ ଲାଭ କରିଥାଏ ଓ ସେହି ସୂଚନାକୁ ଅନ୍ୟକୁ ପଠାଇଥାଏ ବା ଅନ୍ୟମାନଙ୍କ ସହ ଭାଗ କରିଥାଏ । ଅନ୍ୟ ପ୍ରତି ସଂପୃକ୍ତି ବ୍ୟକ୍ତ କରୁଥିବା ବ୍ୟକ୍ତିମାନେ ବେଶ୍ ଅର୍ଥପୂର୍ଣ୍ଣ ଭାବରେ ଏକ ବ୍ୟାପାରରେ ଅଂଶଗ୍ରହଣ କରିପାରିବେ ଯଦି ମାବିକ ଅଧିକାରର ସୁରକ୍ଷାକର୍ମୀ ଭାବେ ଜଣଙ୍କ ପାଖରେ ବାସ୍ତବ ତଥ୍ୟ ରହିଥାଏ ।

ତଦାରଖ ଦକ୍ଷତା (ମନିଟରିଂ) : ମାନବିକ ଅଧିକାର ସୁରକ୍ଷା କର୍ମୀମାନେ ମାନବିକ ଅଧିକାର ଉଲଙ୍ଘନ ହେଉଥିବା ସମସ୍ତ ପ୍ରାଥମିକ ଓ ଅନ୍ୟାନ୍ୟ ସ୍ତର ବିଷୟରେ ମୌଳିକ ସୂଚନା ଓ ଅବବୋଧ ରଖିବା ଆବଶ୍ୟକ । ସେମାନେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସଂଶ୍ଳିଷ୍ଟ କରି ତଥ୍ୟ ଅନୁସନ୍ଧାନକାରୀ ଦଳରେ ଯାଇ ଘଟଣାର ସମସ୍ତ ବିଷୟ ସଂଗ୍ରହ କରିବା ଦରକାର ।

ଘଟଣାର ଅନୁଧାବନ : ତଥ୍ୟ ସଂଗ୍ରହ କରିସାରିବା ପରେ ମାନବିକ ଅଧିକାର ଉଲଙ୍ଘନକୁ ପୋଲିସ ଷ୍ଟେସନରେ ପଞ୍ଜୀକୃତ କରିବା ସହ କ୍ଷତିଗ୍ରସ୍ତଙ୍କୁ ସବୁ ସ୍ତରରେ ସହଯୋଗ ଦେବେ, ଯେପରି ସେ ନ୍ୟାୟ ପାଇବେ । ଅଧିକାର ସୁରକ୍ଷାକର୍ମୀମାନେ ଅଭିଯୋଗ, ଦରଖାସ୍ତ ଇତ୍ୟାଦି ଲେଖିବା କ୍ଷେତ୍ରରେ ଦକ୍ଷତା ଥିବା ଆବଶ୍ୟକ ।

ପକ୍ଷସମର୍ଥନ ଦକ୍ଷତା : ଅଧିକାର ସମର୍ଥନକାରୀ ସାଧାରଣ ଲୋକମାନଙ୍କୁ ଏପରି ଘଟଣାରେ କେଉଁ ଅଧିକାରୀଙ୍କୁ କିପରି ଓ କେଉଁଠି ସାକ୍ଷାତ କରିବେ ବା ଅଭିଯୋଗ ଦେବେ ତାହାର ସୂଚନା ଦେବା ଆବଶ୍ୟକ । ସମର୍ଥନକାରୀ ଉଦ୍‌ଯୋଗୀ ଓ ଅଧ୍ୟବସାୟୀ ହେବା ସହ ବାସ୍ତବ ପକ୍ଷେ ଧୈର୍ଯ୍ୟଶୀଳ ହୋଇଥିବା ଦରକାର । ଏଥିରେ ଭାବପ୍ରବଣ ନ ହୋଇ ନିଷ୍ପାପରତା ରଖିବା ଉପଯୋଗୀ ହୋଇଥାଏ । ଲମ୍ବା ଭାଷଣ ଦେବା ବା ଧ୍ୱନୀ ଦେବାର ଏଠାରେ ଗୁରୁତ୍ୱ ନଥାଏ । ବିଷୟଟିର ଅନୁଶୀଳନ, ବିଶ୍ଳେଷଣ ଓ ଉପଯୁକ୍ତ ଯୋଜନା ପକ୍ଷସମର୍ଥନର ମୌଳିକ ଆବଶ୍ୟକତା । ଘଟଣାର ସଫଳତା କୌଶଳ, କାର୍ଯ୍ୟପନ୍ଥା ଓ ସମାଜକର୍ମୀଙ୍କର ଦକ୍ଷତା ଉପରେ ନିର୍ଭର କରେ । ଏହା ସହ ସମାଜକର୍ମୀଙ୍କର ଅଧ୍ୟୟନ, ବିଭିନ୍ନ ଆଇନ ବିଷୟରେ ଜ୍ଞାନ ମଧ୍ୟ ଦରକାର । ଏତଦ୍‌ବ୍ୟତୀତ ଘଟଣାକୁ ଠିକ୍ ଭାବେ ପରିଚାଳନା କରିବା ଓ ନିୟମ ଅନୁଯାୟୀ ପଦକ୍ଷେପ ନେବା ମଧ୍ୟ ଆବଶ୍ୟକ ।

ବୁଝାମଣା ଦକ୍ଷତା : ନାଗରିକ ସମାଜ ସରକାରୀ-ନୀତି ପ୍ରଣୟନକାରୀ ବା ପ୍ରୟୋଗକାରୀଙ୍କ ସହ ନିଜର ସୁବିଧା ହାସଲ ପାଇଁ ବୁଝାମଣା କରେ । ସାଧାରଣତଃ ନୀତି ପ୍ରଣୟନକାରୀମାନେ ବିଶେଷ ପରିବର୍ତ୍ତନ ଚାହାନ୍ତି ନାହିଁ ଓ ପ୍ରାୟତଃ ଅନମନୀୟ ରହିବା ଦେଖାଯାଏ । ଯେତେବେଳେ କୌଣସି ବୁଝାମଣା ପାଇଁ ଦୁଇପକ୍ଷ ମଧ୍ୟରେ ଆଲୋଚନା ହୁଏ, ସେତେବେଳେ ପ୍ରତ୍ୟେକ ପକ୍ଷ ସର୍ବାଧିକ ସୁବିଧା ପାଇଁ ଆଶାୟୀ ରୁହନ୍ତି । ପ୍ରତ୍ୟେକ ପକ୍ଷ କିପରି ଅନ୍ୟ ପକ୍ଷଠାରୁ ଅଧିକ ସୁବିଧା ପାଇବ ଓ ଖୁବ୍ କମ୍ ତ୍ୟାଗ କରିବ ସେଥିପାଇଁ ସଚେତନ ହୁଅନ୍ତି । ନୀତି ନିର୍ଦ୍ଧାରଣକାରୀମାନେ ଖୁବ୍ କମ୍ ପରିବର୍ତ୍ତନ ଚାହାନ୍ତି, ଅଥଚ ନାଗରିକ ସମାଜ ସରକାର ପାଖରୁ ସର୍ବାଧିକ ପରିବର୍ତ୍ତନ ଆଶା କରନ୍ତି । ଏହି ପରିପ୍ରେକ୍ଷୀରେ ଦେବା-ନେବା ନେଇ ଉଭୟ ପକ୍ଷ ମଧ୍ୟରେ ବଳ କଷାକଷି ହୁଏ ।

ବୁଝାମଣା ପୂର୍ବରୁ ଓ ପରେ ଶକ୍ତି ପ୍ରଦର୍ଶନ ହୁଏ । ତେବେ ବୁଝାମଣା ଏକ ଆନ୍ତରିକ ପରିବେଶରେ ସଫଳ ହୁଏ । ଏହା ଏକ ନିରପେକ୍ଷ ସ୍ଥାନରେ (ଉଭୟ ପକ୍ଷର ସହମତିରେ) ହେବା ଆବଶ୍ୟକ, ଯାହାଦ୍ୱାରା ଏକ ସହମତି ଓ ସମାଧାନ ହୋଇପାରିବ ।

ଗଣମାଧ୍ୟମର ସଂପୃକ୍ତି : (କ) ସ୍ୱତନ୍ତ୍ର ଭାବେ ନିର୍ଦ୍ଦିଷ୍ଟ : ଗଣମାଧ୍ୟମର ଲୋକମାନେ ଏକ ନୂଆ ଘଟଣାକୁ ରୋଚକ ଭାବରେ ପ୍ରକାଶ କରିବା ପାଇଁ ବହୁତ ଆଗ୍ରହୀ ହୁଅନ୍ତି । ଏହା ସମ୍ଭବ ହେବ ଯଦି ଘଟିଥିବା ଘଟଣାର ସ୍ଥାନକୁ ସେମାନଙ୍କୁ ନେଇ ଦେଖାଇବା ଆୟୋଜନ କରାଯାଏ । ତେବେ ଏହାର

Digitized by srujanika@gmail.com

ସକାରାତ୍ମକ ବା ନକାରାତ୍ମକ ପ୍ରଭାବ ରହିପାରେ । ସେମାନଙ୍କୁ ବ୍ୟକ୍ତି ବା ସଂଗଠନ ଦ୍ୱାରା କରାଯାଉଥିବା ଭଲ କାର୍ଯ୍ୟ ଦେଖାଯାଇପାରେ କିମ୍ବା ଏକ ସ୍ଥାନର ସର୍ବନିମ୍ନ ସୁବିଧାର ଅଭାବ ବି ତାଙ୍କ ଦୃଷ୍ଟିକୁ ଆସିପାରେ । (ଖ) ଏକ ଅନୌପଚାରିକ ଭାବେ ଗଣମାଧ୍ୟମ ସହିତ ଏକ ଭାଗିଦାରୀ ବୁଝାମଣା କରାଯାଇପାରେ, ଯାହାଦ୍ୱାରା ସେମାନେ ଏକ ବିଷୟକୁ ଉପଯୁକ୍ତ ଭାବେ ପ୍ରକାଶ କରିବେ ଓ କୌଣସି ବିଷୟକୁ ଜାତୀୟ ସ୍ତରକୁ ନେବେ । ବିଶେଷକରି ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏକ ଘଟଣା ଉପରେ ସମ୍ବାଦପତ୍ର ପାଇଁ ଲେଖା ପ୍ରକାଶ କରିବାକୁ ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଇପାରେ ।

ନେତୃତ୍ୱ ଦକ୍ଷତା : ରାଜନୈତିକ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଦଳିତ ଓ ଆଦିବାସୀମାନେ ଅଂଶଗ୍ରହଣ କରୁଥିଲେ ବି ସେମାନେ ସାମାଜିକ ଜୀବନରେ ବିଶେଷ ସମ୍ମାନ ଓ ସ୍ୱୀକୃତି ଲାଭ କରିନାହାନ୍ତି । ସମାଜରେ ରହିଥିବା ଢାଞ୍ଚାଗତ ଭେଦଭାବ ଓ ବହିଷ୍କାରକୁ ଦୂର କରିବାକୁ ସେମାନେ ସମର୍ଥ ହୋଇପାରି ନାହାନ୍ତି । ସ୍ଥାନୀୟ ସଂଗଠନ, ଲୋକପ୍ରତିନିଧିମୂଳକ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ମଧ୍ୟରେ ସମାଜର ପ୍ରଭାବଶାଳୀ ଉଚ୍ଚଜାତିର ଲୋକମାନେ ପ୍ରଭାବ ବିସ୍ତାର କରି ରହିଛନ୍ତି । ସଂରକ୍ଷଣର ସୁବିଧା ସତ୍ତ୍ୱେ ଦଳିତ ଓ ଆଦିବାସୀମାନେ ସେପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରି ନାହାନ୍ତି । ଦଳିତମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ସାମର୍ଥ୍ୟ ବୃଦ୍ଧି କରିବା ପାଇଁ ପ୍ରଶିକ୍ଷଣରେ ଲକ୍ଷ୍ୟ ରଖାଯାଇଛି । ଏହା ସହିତ କୌଣସି ନିର୍ଯ୍ୟାତନା ବା ନୃଶଂସତା ଘଟଣାରେ ସେମାନେ କିପରି ଏହାକୁ ନିଜର ଜ୍ଞାନ ଓ ଆଇନଗତ ଦକ୍ଷତା ଦ୍ୱାରା ମୁକାବିଲା କରିବେ ତାହା ବି ପ୍ରଶିକ୍ଷଣ ଦ୍ୱାରା ସେମାନଙ୍କୁ ଶିକ୍ଷା ଦିଆଯାଇପାରିବ ।

ଜ୍ଞାନ

ଏକ ଅଞ୍ଚଳର କୌଣସି ଗୋଷ୍ଠୀ ପାଇଁ କାର୍ଯ୍ୟ କରୁଥିଲାବେଳେ ସମାଜକର୍ମୀଙ୍କର ସେହି ଗ୍ରୁପ୍‌ର ଜୀବନଧାରା, ଦ୍ୱନ୍ଦ୍ୱ-ସମାଧାନ ଓ ମଧ୍ୟସ୍ଥତା ଇତ୍ୟାଦି ବିଷୟରେ ଉପଯୁକ୍ତ ଅବବୋଧ ରହିବା ଆବଶ୍ୟକ । ସାମୂହିକ ଭାବରେ ଏକ ଗୋଷ୍ଠୀର ଅଧିକାର, ଗୋଷ୍ଠୀର ପ୍ରତ୍ୟେକ ବ୍ୟକ୍ତିଙ୍କର ଅଧିକାର ସହ ଗୋଷ୍ଠୀର ସର୍ବାଙ୍ଗୀନ ଉନ୍ନତି ଓ ଲକ୍ଷ୍ୟ ପୂରଣ ଦିଗରେ ସେମାନଙ୍କୁ ସଚେତନ କରିବା ଦରକାର ।

- ସାମାଜିକ ଢାଞ୍ଚା, ସରକାରୀ ନୀତି, ମାନବିକ ଅଧିକାର ଉଲଙ୍ଘନ କ୍ଷେତ୍ରରେ ସରକାରୀ ନୀତି ନିୟମ ଇତ୍ୟାଦି ସମ୍ବନ୍ଧରେ ଜଣଙ୍କର ବିଶେଷ ଜ୍ଞାନ ରହିବା ଦରକାର । ଏହା ସହିତ ଯୁଗଧର୍ମ, ଲିଙ୍ଗ, ଜାତି, ବିବିଧତା ପ୍ରସଙ୍ଗରେ ବି ଜଣେ ବେଶ୍ ଧାରଣା ରଖିଥିବା ଆବଶ୍ୟକ ।
- ଏକ ଗୋଷ୍ଠୀ ଭିତରେ ମାନବିକ ଅଧିକାର ନେଇ କାର୍ଯ୍ୟ କରୁଥିବାବେଳେ ଆନ୍ତର୍ଜାତିକ, ଜାତୀୟ ଓ ଆଞ୍ଚଳିକ ସ୍ତରର ଆଇନ ଓ ନିୟମ ସହିତ ଅବଗତ ହେବା ଦରକାର । କେଉଁ ମାନଦଣ୍ଡ ଆମ ସାମାଜିକ ଜୀବନ ପ୍ରବାହରେ ପ୍ରତିଫଳିତ ହେବା ଆବଶ୍ୟକ ସେ ନେଇ ଜଣେ ଏକ ସ୍ପଷ୍ଟ ଚିତ୍ର ପାଇବା ଉଚିତ ।
- ଏକ ଗୋଷ୍ଠୀର ଇତିହାସ, ସାମ୍ପ୍ରତିକ ଅବସ୍ଥିତି ଓ ଗତିଶୀଳତା ବିଷୟରେ ଜଣେ ବିଭିନ୍ନ ସୂଚନା ସଂଗ୍ରହ କରିବା ଉଚିତ । ଏହା ସହିତ ଆମର ଜାତି ଓ ପୃଷ୍ଠଭୂମି ସେମାନଙ୍କ ଭିତରେ କାମ କଲାବେଳେ ତାଙ୍କ ପାଇଁ ସୁବିଧାଜନକ ହେବ କିମ୍ବା କ'ଣ ପ୍ରତିବନ୍ଧକ ସୃଷ୍ଟି କରିବ ଏହା ବିଷୟରେ ଆମର ସ୍ପଷ୍ଟତା ରହିବା ମଧ୍ୟ ଆବଶ୍ୟକ । ଜଣଙ୍କର ନିଜସ୍ୱ ଶକ୍ତି, ଦୁର୍ବଳତା ବିଷୟରେ ବୋଧଗମ୍ୟତା ଏକ ଗୋଷ୍ଠୀର ବିକାଶ ପାଇଁ କାର୍ଯ୍ୟ କରିବାବେଳେ ମଧ୍ୟ ସହାୟକ ହୋଇଥାଏ । ନିଜ ବିଷୟରେ ସଚେତନତା ଦ୍ୱାରା ଜଣେ ଏକ ଗୋଷ୍ଠୀ ପାଇଁ କେତେ ସଫଳତାର ସହ କାର୍ଯ୍ୟ କରିପାରିବ ସେ ନେଇ ସତର୍କ ହୋଇଥାଏ ।

Digitized by srujanika@gmail.com

୭.୨ ପ୍ରଶିକ୍ଷଣ-ପ୍ରଣାଳୀ ଓ ପ୍ରକ୍ରିୟା

ସହଭାଗୀ ପ୍ରଣାଳୀ (Participatory Methodology)

ସହଭାଗୀ ଶିକ୍ଷା ଓ କାର୍ଯ୍ୟ ଦ୍ୱାରା ଗୋଷ୍ଠୀମାନଙ୍କ ସମ୍ପର୍କରେ ଜଣେ ଧାରଣା ପୋଷଣ କରିବା ସହ ସେମାନଙ୍କର ପରିବର୍ତ୍ତନ ପାଇଁ କାର୍ଯ୍ୟରେ ସଂପୃକ୍ତ ହୋଇପାରିବ । ଏହାଦ୍ୱାରା କେତେକ କୌଶଳ ଓ ଦକ୍ଷତା ହାସଲ କରିହେବ, ଯାହାଦ୍ୱାରା ଏକ ସାମୂହିକ ଜୀବନର ବିକାଶ ପାଇଁ ଜଣେ ବିଶେଷ ଭାବେ ଉପଯୋଗୀ ହେବ ।

ପ୍ରଶିକ୍ଷଣର ପ୍ରଣାଳୀ ଭିତରେ ଉଭୟ ପ୍ରଣାଳୀ ଓ ଆଦର୍ଶ ଅନ୍ତର୍ଭୁକ୍ତ । ଉଭୟ ପରସ୍ପର ଉପରେ ନିର୍ଭରଶୀଳ ଓ ଗୋଟିକୁ ଛାଡ଼ି ଅନ୍ୟଟିର ଧାରଣା କରିବା ସମ୍ଭବ ନୁହେଁ । ପ୍ରଶିକ୍ଷଣ ଦ୍ୱାରା ପ୍ରଣାଳୀ ଓ ଆଦର୍ଶ ଉଭୟ ବିଷୟରେ ଚର୍ଚ୍ଚା ଦ୍ୱାରା ପ୍ରତ୍ୟେକର ଫଳପ୍ରଦ ପ୍ରୟୋଗ ସମ୍ଭବ ହେବ ।

ସହଭାଗୀ ପ୍ରଣାଳୀ ଲୋକମାନଙ୍କର ଜ୍ଞାନ ଓ ପ୍ରଜ୍ଞା ଉପରେ ଆସ୍ଥା ରଖେ । ଲୋକମାନେ ଯେକୌଣସି ପରିବର୍ତ୍ତନ ପାଇଁ ଉପଯୁକ୍ତ କର୍ତ୍ତା ଓ ସେହିମାନେ ସାମାଜିକ ପରିବର୍ତ୍ତନର ସୂତ୍ରଧର ହୋଇପାରିବେ । ଜାତି, ଲିଙ୍ଗ, ଧର୍ମ ନିର୍ବିଶେଷରେ ଲୋକମାନେ ହିଁ ଏକ ଭେଦଭାବ ରହିତ ବ୍ୟବସ୍ଥାର ବିକାଶ ପାଇଁ ଯେ କାର୍ଯ୍ୟ କରିପାରିବେ ଏହା ଏଥିରେ ବିଶ୍ୱାସ କରେ ।

ପ୍ରଶିକ୍ଷଣ ପ୍ରଣାଳୀ ବିଷୟରେ ଏହା କୁହାଯାଇପାରେ ଯେ ପ୍ରଶିକ୍ଷଣ ପ୍ରଣାଳୀ ଓ ଉପକରଣ ସାହାଯ୍ୟରେ ପ୍ରଶିକ୍ଷକ ପ୍ରଶିକ୍ଷଣ ନେଉଥିବା ବ୍ୟକ୍ତିମାନଙ୍କୁ ଶିକ୍ଷା ଦେଇଥାନ୍ତି, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ନୂଆ ଦୃଷ୍ଟିଭଙ୍ଗୀ, କୌଶଳ ଓ ଜ୍ଞାନ ସୃଷ୍ଟି ହୋଇପାରିବ । ପ୍ରଶିକ୍ଷକ ଏହା ଭାବିବା ଉଚିତ ଯେ ସେମାନେ ବିଭିନ୍ନ ତଥ୍ୟର ଅବତାରଣା କରିବେ ଯାହା ପ୍ରଶିକ୍ଷଣ ନେଉଥିବା ବ୍ୟକ୍ତିମାନେ ଜାଣିବା ଆବଶ୍ୟକ । ପ୍ରଶିକ୍ଷଣ ନେଉଥିବା ବ୍ୟକ୍ତିମାନେ କାହିଁକି ଏହି ବିଷୟରେ ଅବଗତ ହେବା ଦରକାର ତାହା ପ୍ରଶିକ୍ଷକମାନେ ପ୍ରଥମେ ପ୍ରଶିକ୍ଷାର୍ଥୀମାନଙ୍କୁ ସୂଚନା ଦେବା ଉଚିତ ।

ପ୍ରଶିକ୍ଷକମାନେ ଏହା ଅନୁଭବ କରିବା ଉଚିତ ଯେ ପ୍ରଶିକ୍ଷାର୍ଥୀମାନେ ଓ ଗୋଷ୍ଠୀମାନେ ମଧ୍ୟ ବହୁ ବିଷୟ ଜାଣନ୍ତି । ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଅନୁଭୂତିସମ୍ପନ୍ନ ଓ ଜ୍ଞାନର ଅଧିକାରୀ । ତେବେ ସେମାନେ ତାଙ୍କ ଜ୍ଞାନ ଓ ଅଭିଜ୍ଞତାକୁ କିପରି ପ୍ରୟୋଗ କରିବେ ଓ କୌଣସି ସମସ୍ୟାର ସମାଧାନ ପାଇଁ କ'ଣ ପଦକ୍ଷେପ ନେବେ ଏହି ବିଷୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ଆମେ (ପ୍ରଶିକ୍ଷକମାନେ) ନୂତନ ପ୍ରଣାଳୀ

Digitized by srujanika@gmail.com

ଆଧାରରେ ଜଣାଇବା ଦରକାର । ଏହା କିପରି ଫଳପ୍ରଦ ଭାବେ କରିହେବ ସେ ପ୍ରତି ଦୃଷ୍ଟି ଦେବା ଉଚିତ ।

ପ୍ରଶିକ୍ଷକମାନେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ସମୟରେ କିପରି ନିଜର ଅନୁଭୂତି ବ୍ୟକ୍ତ କରିବେ ଏଥିପାଇଁ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ପ୍ରଶିକ୍ଷକମାନେ ପ୍ରଶିକ୍ଷଣର ଉପଯୋଗିତାକୁ ବୁଝିବା ଦରକାର ଓ ନିଜର ଅନୁଭୂତି ବିଷୟ କିପରି ପ୍ରଶିକ୍ଷଣ ନେଉଥିବା ବ୍ୟକ୍ତିମାନଙ୍କ ପାଇଁ ଦରକାରୀ ହେବ ସେ ପ୍ରତି ଧ୍ୟାନ ଦେବା ଉଚିତ । ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣକୁ ଅଧିକ ଫଳପ୍ରସୂ କରିବାକୁ ସେମାନେ ତାଙ୍କର ଅନୁଭୂତି ଓ ଜ୍ଞାନକୁ ବାସ୍ତବ ପକ୍ଷେ ବିନିଯୋଗ କରୁଥିବା ଆବଶ୍ୟକ ।

ସହଭାଗୀ ପ୍ରକ୍ରିୟାରେ ସମ୍ପୃକ୍ତ :

- ଜ୍ଞାନ ଓ ଅନୁଭୂତିକୁ ପରସ୍ପର (ସମସ୍ତ ଅଂଶଗ୍ରହଣକାରୀ)ଙ୍କ ଭିତରେ ବିନିମୟ କରିବା ।
- ବିଭିନ୍ନ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଥିବା ପୃଥକ ଦୃଷ୍ଟିଭଙ୍ଗୀକୁ ସ୍ୱୀକାର କରିବା ।
- ବାସ୍ତବ କାର୍ଯ୍ୟରେ ଦଳବଦ୍ଧ ହୋଇ କାର୍ଯ୍ୟ କରିବା ।
- ଏକ ମୁକ୍ତ ସୃଜନଶୀଳ ପ୍ରକ୍ରିୟାରେ ଶିକ୍ଷା କରିବା ।
- ସହଯୋଗୀ ଭାବେ ବୋଧଗମ୍ୟତାର ବିକାଶ ଘଟାଇବା ଓ ଏକତ୍ରିତ ଭାବେ ଯୋଜନାକୁ ରୂପରେଖ ଦେବା ।
- ଆତ୍ମ-ନିରୀକ୍ଷଣ ଓ ସ୍ୱମୂଲ୍ୟାୟନ ସାମର୍ଥ୍ୟ ବୃଦ୍ଧି କରିବା ।

ଏକ ଉତ୍ତମ ପ୍ରଶିକ୍ଷଣ ପ୍ରକ୍ରିୟା କେବଳ ପରାମର୍ଶ ଦେବା ଭିତରେ ସୀମିତ ନ ରହି ଏଥିରେ ସକ୍ରିୟ ଅଂଶଗ୍ରହଣ ପାଇଁ ଆଗ୍ରହ ସୃଷ୍ଟି କରିଥାଏ, ଯାହାଦ୍ୱାରା ଏକ ଗୋଷ୍ଠୀର ଜୀବନଧାରାରେ ପରିବର୍ତ୍ତନ ଆଣିହୁଏ । ଏହି ଧାରାରେ ପରସ୍ପରରେ ସୂକ୍ଷ୍ମତମ ଦୃଷ୍ଟିକୁ ପରସ୍ପର ଭିତରେ ଆଦାନ ପ୍ରଦାନ କରିହୁଏ, ଯାହାଦ୍ୱାରା ଏକ ଗୋଷ୍ଠୀ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ସମ୍ଭବ ହୁଏ । ଏହା ଉପଲବ୍ଧି କରିବା ଆବଶ୍ୟକ ଯେ ସମାଜର ପରିବର୍ତ୍ତନ ଗୋଷ୍ଠୀ ଓ ଲୋକଙ୍କ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ସେମାନେ ପରିବର୍ତ୍ତନର କର୍ତ୍ତା ଓ ପ୍ରତିନିଧି, ତେବେ ଆମକୁ ସେମାନଙ୍କର ଭାବନାକୁ ଉଜ୍ଜୀବିତ କରିବାକୁ ହେବ, ଯାହାଫଳରେ ସେମାନେ ସମସ୍ୟାର ଏକ ବାସ୍ତବ ସମାଧାନ ପାଇଁ ଅଗ୍ରସର ହୋଇପାରିବେ । ଏକ ସ୍ଥାନର ଅଧିବାସୀବୃନ୍ଦ ସେମାନଙ୍କର ଅନୁଭବ ଓ ଅସ୍ମିତାକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିବା ସହ ସେମାନଙ୍କର ପରିସ୍ଥିତି ଓ ସମସ୍ୟାର ସମାଧାନ ପାଇଁ ନିଜର ସଂପୃକ୍ତି ବ୍ୟକ୍ତ କରିବେ । ସେମାନଙ୍କର ସ୍ଥାନୀୟ ସମସ୍ୟା ଉପରେ ସେମାନେ ଯେହେତୁ ସମ୍ପୂର୍ଣ୍ଣ ଅବଗତ, ତେଣୁ ସେମାନଙ୍କ ପ୍ରୟାସରେ ହିଁ ସେମାନେ ନିଜର ସମସ୍ୟାମାନଙ୍କୁ ଅଗ୍ରାଧିକାର ଦେବେ । ଗୋଟିଏ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ପାଇଁ ଆମେ ଗୋଷ୍ଠୀର ଶକ୍ତି ଓ ଅଭିଜ୍ଞତା ଉପରେ ପ୍ରାଧାନ୍ୟ ଦେବା ଆବଶ୍ୟକ ।

ଶିକ୍ଷା ପ୍ରକ୍ରିୟା ମାଧ୍ୟମରେ ପରସ୍ପର ଉପରେ ପ୍ରଭାବ :

ଶିକ୍ଷା ପ୍ରଣାଳୀ କ୍ଷେତ୍ରରେ ଏକ ସୃଜନଶୀଳ ପ୍ରକ୍ରିୟା ବେଶ୍ ଅପରିହାର୍ଯ୍ୟ । ଏହାଦ୍ୱାରା ଅଂଶଗ୍ରହଣକାରୀ ଓ ପ୍ରଶିକ୍ଷକଙ୍କ ମଧ୍ୟରେ ପରସ୍ପର ଆଦାନପ୍ରଦାନ ହେବା ସହ ସମସ୍ତେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିପାରିବେ । ଏଥିରେ ମତ ଉପସ୍ଥାପନ ଓ ଆଲୋଚନା, ମାନସିକ-ଆଲୋଡ଼ନ, ଦଳଗତ ଆଲୋଚନା ଓ କାର୍ଯ୍ୟ, ପରସ୍ପରକୁ ଅନୁପ୍ରାଣିତ ଓ ଆଭିମୁଖ୍ୟ ନିର୍ଣ୍ଣୟ ଇତ୍ୟାଦି କରାଯିବା ସମ୍ଭବ ହୁଏ ।

ନିର୍ଦ୍ଦିଷ୍ଟ ଶ୍ରୋତୃବର୍ଗ (Audience Specificity)

ଏକ ପ୍ରଶିକ୍ଷଣ ଫଳପ୍ରଦ ହେବାକୁ ହେଲେ ଏଥିରେ ପ୍ରାୟତଃ ପ୍ରଶିକ୍ଷକ / ପ୍ରଶିକ୍ଷାର୍ଥୀ ଭାବେ କେଉଁମାନେ ରହିବେ ? ଏହି ଦୃଷ୍ଟିରୁ ଦଳିତ ଓ ଆଦିବାସୀମାନଙ୍କର ମାନବିକ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ପେସାଦାର ବ୍ୟକ୍ତିମାନେ ଏହି ପ୍ରଶିକ୍ଷଣ କ୍ଷେତ୍ରରେ ପ୍ରାଥମିକତା ପାଇଥାନ୍ତି । ଫଳରେ ଏହି ପ୍ରଶିକ୍ଷଣ ପାଇଁ ବିଷୟବସ୍ତୁ ଭାବେ ସାଧାରଣ ବର୍ଣ୍ଣନା ବ୍ୟତୀତ ଯେଉଁସବୁ ପ୍ରସଙ୍ଗ, ଧାରା ନିତି ପ୍ରତିଦିନ ଘଟଣା ପାଇଁ ଉପଯୋଗୀ ହେବ ତାହା ଉପରେ ପ୍ରାଧାନ୍ୟ ଦିଆଯାଏ । ପ୍ରଶିକ୍ଷକ ଓ ଅଂଶଗ୍ରହଣକାରୀମାନଙ୍କ

Digitized by srujanika@gmail.com

ପାଇଁ ଜାତିସଂଘର ଇତିହାସ, ଗଠନ, ମାନବିକ ଅଧିକାର ପ୍ରକ୍ରିୟା ଅପେକ୍ଷା ସେମାନେ ଯେଉଁମାନଙ୍କ ଅଧିକାର ପାଇଁ କାର୍ଯ୍ୟ କରିବେ ସେହିମାନଙ୍କ ସମସ୍ୟା ଓ ଅଧିକାର ପ୍ରସଙ୍ଗ ଜାଣିବା ଅଧିକ ପ୍ରାସଙ୍ଗିକ ମନେହୁଏ ।

ବିସ୍ତୃତ ଉପସ୍ଥାପନ ମାନ (Comprehensive Presentation of Standards) :

ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ଆନ୍ତର୍ଜାତିକ ସ୍ତରର ଓ ଜାତୀୟ ସ୍ତରର ସେହି ସୁବିଦିତ ମାନ ନିରୂପିତ ହେବା ଆବଶ୍ୟକ, ଯାହା ସେମାନେ ସହଜରେ ଅବବୋଧ କରିପାରିବେ । ସହଜରେ ବୋଧଗମ୍ୟ ହେଉଥିବା ବିଷୟବସ୍ତୁର ଅନୁବାଦ ଅଂଶଗ୍ରହଣକାରୀମାନଙ୍କୁ ଦିଆଯିବା ଦରକାର । ମାନବିକ ଅଧିକାର ଉପରେ ପାରଦର୍ଶିତା ଥିବା ଏକ ବା ଏକାଧିକ ଦକ୍ଷ ବ୍ୟକ୍ତି ଏଥିରେ ସମ୍ପୃକ୍ତ ହେବା ଆବଶ୍ୟକ, ଯେଉଁମାନେ କର୍ମଶାଳରେ ନିଜର ଉପସ୍ଥାପନ ରଖିବେ ଓ ଯେଉଁ ପ୍ରସଙ୍ଗ ଆଲୋଚିତ ହେବ, ତାହାର ବିଷୟବସ୍ତୁ ସ୍ଥିର କରିବେ । କର୍ମଶାଳାର ପାଠ୍ୟଖସଡ଼ା ସେମାନଙ୍କ ନିର୍ଦ୍ଦେଶରେ ପ୍ରସ୍ତୁତ କରାଯିବ ।

ପ୍ରଶିକ୍ଷଣ ଦ୍ୱାରା ଅନୁଭବୀ କରିବା :

ଉଚ୍ଚମାନର ଆଲୋଚନା, ଦକ୍ଷତା ବୃଦ୍ଧି ସହ ପ୍ରଶିକ୍ଷଣ ଦ୍ୱାରା ପ୍ରଶିକ୍ଷାର୍ଥୀମାନଙ୍କୁ କେତେକ ବିଷୟରେ ସୂକ୍ଷ୍ମାନୁଭବୀ କରିବା ଆବଶ୍ୟକ । ଯେଉଁ କ୍ଷେତ୍ରରେ ମାନବିକ ଅଧିକାର ଉଲଘିତ ହେଉଛି ଓ ଯାହା ପୂର୍ବରୁ କଳ୍ପନା କରାଯାଇପାରିବ ନାହିଁ ସେହିସବୁ କ୍ଷେତ୍ରରେ ପ୍ରଶିକ୍ଷଣ ନେଉଥିବା ବ୍ୟକ୍ତିମାନଙ୍କର ବି କିଛି ଅବବୋଧ ରହିବା ଦରକାର । ଉଦାହରଣ ସ୍ୱରୂପ ଲିଙ୍ଗଗତ ବା ବର୍ଣ୍ଣଗତ ଭେଦଭାବ ନେଇ ସଚେତନତା ପାଇଁ କିଛି ଅଭିନୟର କାର୍ଯ୍ୟକ୍ରମ ରଖାଯାଇପାରେ । ସେହିପରି ମହିଳାମାନଙ୍କ କ୍ଷେତ୍ରରେ ସେମାନେ କେତେ କେତେ ସ୍ତରରେ ପ୍ରତିକୂଳ ସ୍ଥିତିର ସମ୍ମୁଖୀନ ହୁଅନ୍ତି ତାହା ଚିନ୍ତା କରାଯାଇ ନ ପାରେ । ବିଭିନ୍ନ ଆନ୍ତର୍ଜାତିକ ଆଇନ, ଦଲିଲ୍‌ରେ "ଅସମ୍ମାନଜନକ ବ୍ୟବହାର"ର ଯେଉଁ ବର୍ଣ୍ଣନା ରହିଛି ତାହାର ବିଭିନ୍ନ ତାତ୍ପର୍ଯ୍ୟ ଥିବା ବିଷୟ ପ୍ରଶିକ୍ଷାର୍ଥୀମାନେ ଜାଣିବା ଦରକାର । ଏହା ମହିଳାମାନଙ୍କ କ୍ଷେତ୍ରରେ ବା ସାଂସ୍କୃତିକ ପୃଷ୍ଠଭୂମିରେ ଭିନ୍ନ ଭିନ୍ନ ହୋଇପାରେ । ନାନା ପ୍ରକାରର ଅସଙ୍ଗତ ବ୍ୟବହାର ବା ନ୍ୟୂନଭାବ ସାମାଜିକ, ସାଂସ୍କୃତିକ ଦୃଶ୍ୟପଟ୍ଟରେ ପୃଥକ ହେବା ସମ୍ଭବ ।

(ପ୍ରଶିକ୍ଷଣର) ରୂପରେଖ ଓ ପ୍ରୟୋଗର ନମନିୟତା (Flexibility of design and application)

ପ୍ରଶିକ୍ଷଣର ରୂପରେଖ ଏଥିରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ, ଯାହାଦ୍ୱାରା ଏହା ନମନୀୟ ହେଉଥିବ । ପ୍ରଶିକ୍ଷକଙ୍କ ଉପରେ କୌଣସି କଠିନ ଓ ଅନମନୀୟ ପ୍ରସଙ୍ଗ ଲଦିଦେବା ଯଥାର୍ଥ ନୁହେଁ । ପାଠ୍ୟକ୍ରମ ଗୋଟିଏ ସାଂସ୍କୃତିକ, ଶୈକ୍ଷିକ, ଆଞ୍ଚଳିକ ଓ ଅନୁଭୂତିମୂଳକ ଆବଶ୍ୟକତା ଆଧାରରେ ପ୍ରାସଙ୍ଗିକ ହେଉଥିବା ଦରକାର । ଯେଉଁ ଗ୍ରୁପ୍‌କୁ ପ୍ରଶିକ୍ଷଣ ଦିଆଯିବ ସେଥିରେ ନାନା ପାର୍ଥକ୍ୟ ଥିବା ଓ ଭିନ୍ନ ଭିନ୍ନ ପରିବେଶରୁ ଆସିଥିବା ବ୍ୟକ୍ତି ରହିବା ସମ୍ଭବ । ସୁତରାଂ ଅଧ୍ୟୟନ ଉପାଦାନ (Course material)ମାନଙ୍କୁ ଅବିକଳ ଭାବେ ପ୍ରଶିକ୍ଷାର୍ଥୀମାନଙ୍କୁ ପଢ଼ି ଶୁଣାଇଦେବା ଠିକ୍ ନୁହେଁ । ପ୍ରଶିକ୍ଷକମାନେ ସେମାନଙ୍କର ନିଜସ୍ୱ ବିଷୟବସ୍ତୁ ଓ ଉପସ୍ଥାପନକୁ ନୋଟ୍ ଆକାରରେ ପ୍ରସ୍ତୁତ କରିବେ । ତୃଣମୂଳ ସ୍ତରର ଘଟଣାବସ୍ତୁ ଓ ପ୍ରସ୍ତୁତ ହୋଇଥିବା ଅଧ୍ୟୟନ ଉପାଦାନ ଆଧାରରେ ପ୍ରଶିକ୍ଷକମାନେ ସେମାନଙ୍କର ଉପସ୍ଥାପନ ପ୍ରସ୍ତୁତି କରିବେ । ପ୍ରଶିକ୍ଷଣ ଏକ ସ୍ୱନିୟନ୍ତ୍ରିତ ବ୍ୟବସ୍ଥା ନିର୍ଦ୍ଧାରଣ କରିବ, ଯାହା ଉପଯୁକ୍ତ ମନୋନୟନ ଆଧାରରେ ବିଶେଷ ଉଦ୍ଦେଶ୍ୟ ପୂରଣ ପାଇଁ ଉଦ୍ଦିଷ୍ଟ ଥିବ ।

ମୂଲ୍ୟାୟନ ପ୍ରକ୍ରିୟା (Evaluation tools)

ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଶିକ୍ଷଣ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କ୍ଷେତ୍ରର ମୂଲ୍ୟାୟନ ସହ ସଂଶ୍ଳିଷ୍ଟ । ଏଥିରେ ପ୍ରଶିକ୍ଷାର୍ଥୀମାନଙ୍କ ମତାମତ ଜାଣିବା ପାଇଁ ପ୍ରଶ୍ନାବଳୀ ରହିଥାଏ, ଯାହାଦ୍ୱାରା ତିନୋଟି ଗୁରୁତ୍ୱପୂର୍ଣ୍ଣ

Digitized by srujanika@gmail.com

ଉଦ୍ଦେଶ୍ୟ ସାଧିତ ହୁଏ । ପ୍ରଶିକ୍ଷଣ ପୂର୍ବର ପ୍ରଶ୍ନାବଳୀ, ଯାହାକୁ ନେଇ ପ୍ରଶିକ୍ଷକ ନିଜର ପାଠ୍ୟକ୍ରମକୁ ରୂପରେଖ ଦେଇଥାଏ ଓ ଯାହା ପ୍ରଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ପାଇଁ ଉଦ୍ଦିଷ୍ଟ ଥାଏ । କୋର୍ସ ବା ପ୍ରଶିକ୍ଷଣ ପରବର୍ତ୍ତୀ ପ୍ରଶ୍ନାବଳୀ ଓ ମୂଲ୍ୟାୟନ-ଅଧିବେଶନ, ଯେଉଁଥିରେ ପ୍ରଶିକ୍ଷାର୍ଥୀମାନେ ଯାହା ଶିକ୍ଷା କଲେ ତାହାର ମୂଲ୍ୟାୟନ କରିବେ ଓ ପ୍ରଶିକ୍ଷାର୍ଥୀମାନେ ଏହାଦ୍ୱାରା ପ୍ରଶିକ୍ଷକମାନଙ୍କୁ କେତେକ ସୁନିର୍ଦ୍ଦିଷ୍ଟ ସଙ୍କେତ ଦେବେ । ଫଳରେ ପ୍ରଶିକ୍ଷକମାନେ ସେମାନଙ୍କର ପାଠ୍ୟକ୍ରମ ଓ ଉପସ୍ଥାପନରେ ଆବଶ୍ୟକୀୟ ପରିବର୍ତ୍ତନ ବା ବିକାଶ ଘଟାଇବେ ।

ଅଧିକ କାର୍ଯ୍ୟ ପାଇଁ ଯୋଜନା (Planned Followup)

ସାମର୍ଥ୍ୟର ବିକାଶ ଘଟାଇବାକୁ ହେଲେ କିଛି ପ୍ରତିବଦ୍ଧତା ଓ ଯୋଜନା ଆବଶ୍ୟକ । ସୁତରାଂ ଆଗାମୀ କାର୍ଯ୍ୟସୂଚୀକୁ ଏକ ସଂଗଠିତ ରୂପ ଦେବା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ୟବସ୍ଥା ରହିବା ଦରକାର । ବିଶେଷଜ୍ଞମାନଙ୍କର ପରିଦର୍ଶନ, ଗୁଣାତ୍ମକ ମାନ ରକ୍ଷା, ମୂଲ୍ୟାୟନ ଓ ଲକ୍ଷ୍ୟ ପୂରଣ ପାଇଁ ଯୋଜନା ଏବଂ ସ୍ଥାନୀୟ ପ୍ରଶିକ୍ଷକମାନଙ୍କର ସର୍ବେକ୍ଷଣ ଓ ସମୀକ୍ଷା ତଥା ସୂଚନା ପ୍ରଦାନ ଏହି କାର୍ଯ୍ୟକ୍ରମର ଅଂଶବିଶେଷ । ନୂଆ ଭାବରେ ପ୍ରଶିକ୍ଷିତ ହୋଇଥିବା ପ୍ରଶିକ୍ଷକମାନେ ବିକଶିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ଦାୟିତ୍ୱ ନେବା ଉଚିତ । ସେମାନେ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀ ପୂର୍ବ କାର୍ଯ୍ୟକ୍ରମକୁ ଅନୁସରଣ କରି ନିଜସ୍ୱ ଧାରାରେ ଏହାର ଆୟୋଜନ ଦାୟିତ୍ୱ ନେବା ଆବଶ୍ୟକ ।

ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ (Training the trainers of CSOs and CLOs)

ଯେଉଁମାନଙ୍କୁ ପ୍ରଶିକ୍ଷଣ ଦିଆଯିବ, ସେହିମାନଙ୍କୁ ଏହି ସର୍ତ୍ତ ଦିଆଯିବ ଯେ ସେମାନେ ପ୍ରଶିକ୍ଷଣ ନେବା ପରେ ନିଜେ ନିଜ ଗୋଷ୍ଠୀ ଭିତରେ କାର୍ଯ୍ୟକ୍ରମ ଆୟୋଜନ କରିବେ ଓ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେବେ । ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ଅଂଶୀଦାରମାନଙ୍କର କାର୍ଯ୍ୟର ସମୀକ୍ଷା କରାଯାଇ ଏକ ପ୍ରସ୍ତୁତି ବୈଠକ କରାଯିବ ଓ ପ୍ରଶିକ୍ଷଣର ଆବଶ୍ୟକତା ନେଇ ବିଚାରବିମର୍ଷ ହେବ । ପରାମର୍ଶ ପ୍ରକ୍ରିୟାରେ ବିଭିନ୍ନ ରାଜ୍ୟରେ ହୋଇଥିବା କାର୍ଯ୍ୟର ଲିଖିତ ପ୍ରମାଣ ପ୍ରସ୍ତୁତ କରି ରଖାଯିବ । ଦଶଟି ଅଂଶୀଦାର ସଂଗଠନରୁ ତିରିଶ ଜଣ ପ୍ରଶିକ୍ଷକଙ୍କୁ ମନୋନୀତ କରାଯିବ, ଯେଉଁମାନେ ଜାତିଗତ ଭେଦଭାବ, ଦଳିତ ଆଦିବାସୀ ନିର୍ଯ୍ୟାତନା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ନିରନ୍ତର ଭାବରେ କାର୍ଯ୍ୟ କରିବାକୁ, ନ୍ୟାୟ ପାଇଁ ପ୍ରୟାସ ଜାରି ରଖିବାକୁ ମାନବିକ ଅଧିକାର ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରିବାକୁ ସେମାନଙ୍କୁ ଅଧିକ ଦକ୍ଷ କରିବାକୁ ପ୍ରଶିକ୍ଷଣ ଦିଆଯିବ । ସରକାରୀ ବ୍ୟବସ୍ଥା ଭିତରେ କିପରି ଲୋକଙ୍କୁ ନ୍ୟାୟ ମିଳିପାରିବ ତାହାକୁ ତଦାରଖ କରିବା ପାଇଁ ଓ ସରକାରୀ ଆଇନର ଉପଯୁକ୍ତ ବିନିଯୋଗ କ୍ଷେତ୍ରରେ ଦୃଷ୍ଟି ରଖିବା ପାଇଁ ସେମାନଙ୍କୁ ସମର୍ଥ କରାଯିବ । ପ୍ରଥମ ବର୍ଷ ପ୍ରଶିକ୍ଷଣର କାର୍ଯ୍ୟସୂଚୀ ପ୍ରସ୍ତୁତିକରଣ ପାଇଁ ଓ ଦ୍ୱିତୀୟ ଓ ତୃତୀୟ ବର୍ଷ ବିଭିନ୍ନ ଘଟଣାକୁ ତଦାରଖ କରିବା ଓ ନ୍ୟାୟ ପାଇଁ ସବୁ ସ୍ତରରେ ପ୍ରୟାସ କରିବାରେ ଅତିବାହିତ ହେବ । ମାନବାଧିକାର କର୍ମୀମାନଙ୍କ ଅଧିକାର ଓ ଦଳିତ ଗୋଷ୍ଠୀର ନେତୃତ୍ୱ ବିଷୟ ବି ଏଥିରେ ଅନ୍ତର୍ଭୁକ୍ତ ହେବ । ପ୍ରଶିକ୍ଷଣ ସମ୍ପର୍କିତ ନିୟମାବଳୀ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଛି ଓ ଏହାକୁ ତାମିଲ, ତେଲୁଗୁ, ଓଡ଼ିଆ, ମରାଠୀ ଓ ହିନ୍ଦୀ ଭାଷାରେ ଅନୁବାଦ କରାଯିବ ।

ଜାତୀୟ ସ୍ତରରେ ଏହି ତିରିଶ ଜଣ ପ୍ରଶିକ୍ଷକ ଦଶଟି ରାଜ୍ୟର ୨୫୦ ନାଗରିକ ସମାଜ ସଂଗଠନ ଓ ୨୫୦ ଗୋଷ୍ଠୀଗତ ସଂଗଠନ ପରି ଏକ ବୃହତ୍ତର ପରିସରରେ କାର୍ଯ୍ୟ କରିବେ । ସେମାନେ ମାନବିକ ଅଧିକାର ପ୍ରକ୍ରିୟା କ୍ଷେତ୍ରରେ ରାଜ୍ୟସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିବେ । ଦେଶରେ ଥିବା ଆଇନଗତ ବ୍ୟବସ୍ଥା ଓ ନ୍ୟାୟ ପାଇବାର ପ୍ରକ୍ରିୟା ବିଷୟରେ ବ୍ୟବସ୍ଥିତ ଜ୍ଞାନ ଏହାଦ୍ୱାରା ବୃଦ୍ଧି ପାଇପାରିବ । ଏହାଦ୍ୱାରା ଦଳିତ ଓ ଆଦିବାସୀମାନଙ୍କ ସ୍ଥିତିରେ ପରିବର୍ତ୍ତନ ପାଇଁ ସେମାନେ ସୂତ୍ରଧର ହେବେ । ଜିଲ୍ଲା ଓ ବ୍ଲକ୍ ସ୍ତରରେ ୧୨୦୦୦ ବ୍ୟକ୍ତିଙ୍କୁ (ସିଏଲଓ ସଭ୍ୟ) ଏହି ପ୍ରକ୍ରିୟାରେ ପ୍ରଶିକ୍ଷିତ କରାଯିବ । ଯେଉଁଠି କିଛି ନୃଶଂସତାରେ ଯେଉଁମାନେ ଶରବ୍ୟ ହେଉଛନ୍ତି ସେହି ପୀଡ଼ିତ ଲୋକଙ୍କୁ ତୁରନ୍ତ ନ୍ୟାୟ ମିଳିବାରେ ଏହି ପରିବର୍ତ୍ତନ-ସୂତ୍ରଧର (Change agent)ମାନେ ହସ୍ତକ୍ଷେପ କରିବେ ।

Digitized by srujanika@gmail.com

ମାନବାଧିକାର ପ୍ରକ୍ରିୟା ପ୍ରଶିକ୍ଷକଙ୍କ ଦ୍ୱିଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟସୂଚୀ

୫, ୬ ଜୁଲାଇ ୨୦୧୬

ସ୍ଥାନ : ବିଶ୍ୱ ଯୁବକେନ୍ଦ୍ର, ଚାଣକ୍ୟପୁରୀ, ନିୟୁ ଦିଲ୍ଲୀ

ଆୟୋଜକ : ସ୍ୱାଧିକାର - ଦଳିତ ମାନବାଧିକାର ଜାତୀୟ ଅଭିଯାନ

ସହଯୋଗ : ୟୁରୋପୀୟ ୟୁନିଅନ

କାର୍ଯ୍ୟସୂଚୀ ୧ : ପରସ୍ପରକୁ ଜାଣିବା

୧ ଘଣ୍ଟା ୩୦ ମିନିଟ୍

ଉଦ୍ଦେଶ୍ୟ :

୧. ପ୍ରଶିକ୍ଷାର୍ଥୀମାନେ ପରସ୍ପରକୁ ଜାଣିବେ ଓ ସେମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଏକ ଗୋଷ୍ଠୀ (ଟିମ୍) ଗଠନ କରିବେ ।

୨. ପ୍ରଶିକ୍ଷଣ କର୍ମଶାଳା ଓ ଗୋଷ୍ଠୀ ଗଠନ ପାଇଁ ନୀତି ସ୍ଥିର କରିବ ।

୩. ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣରୁ କ'ଣ ଆଶା କରୁଛନ୍ତି ତାହାକୁ ନିର୍ଣ୍ଣୟ କରିବା; ସେମାନଙ୍କର ଯେଉଁ ଦକ୍ଷତା ରହିଛି ଓ ପ୍ରଶିକ୍ଷଣ ପରେ ସେମାନେ କ'ଣ ଯୋଜନା କରୁଛନ୍ତି ।

ଏକସର୍‌ସାଇଜ ୧.୧ : ଆଡ୍‌ଜେକ୍ଟିଭ୍ ନେମ୍‌ସ (ନାମ ବିଶେଷଣ)

ସଂରଞ୍ଜାମ ଆବଶ୍ୟକ : ପୋଷ୍ଟକାର୍ଡ ସାଇଜର ଚାର୍ଟ ପେପର ଓ ଦୁଇପଟେ ଅଠା ଥିବା ଟେପ୍

ସମୟ ଅବଧି : ୩୦ ମିନିଟ୍

ପ୍ରଣାଳୀ :

- ଅଂଶଗ୍ରହଣକାରୀମାନେ ନିଜ ନାମ ସହ ଏକ ବିଶେଷଣ (ଆଡ୍‌ଜେକ୍ଟିଭ୍) ସଂଯୋଗ କରିବେ ଓ ତାହା ତାଙ୍କ ନାମର ଆଦ୍ୟ ଅକ୍ଷର ସହ ସମାନ ହେଉଥିବ । ସେମାନେ ସେହି ନାମରେ ପରିଚିତ ହେବେ । ଉଦାହରଣ ସ୍ୱରୂପ "ମେହନତୀ ମନିଷା" ।
- ପ୍ରଥମ ବ୍ୟକ୍ତି ପ୍ରଥମେ ନିଜର ବିଶେଷଣ ଓ ପରେ ନାମ କହିବେ ।
- ଦ୍ୱିତୀୟ ବ୍ୟକ୍ତି ପ୍ରଥମ ବ୍ୟକ୍ତିଙ୍କର ବିଶେଷଣ ଓ ନାମ କହିବା ପରେ ତାଙ୍କ ନିଜର ବିଶେଷଣ ଓ ନାମ କହିବେ ।
- ତୃତୀୟ ବ୍ୟକ୍ତି ପ୍ରଥମ ଦୁଇଜଣଙ୍କର ବିଶେଷଣ ଓ ନାମ କହିବା ପରେ ନିଜର ବିଶେଷଣ ଓ ନାମ କହିବେ ।
- ସମସ୍ତେ ଏପରି କହିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ ।

ଆଲୋଚନା : ଆଲୋଚନାର ଆବଶ୍ୟକତା ନାହିଁ

ପ୍ରଶିକ୍ଷକଙ୍କର ନୋଟ୍‌ସ : ଏହି ପ୍ରକ୍ରିୟାରେ ଯୋଡ଼ା ଯାଉଥିବା ବିଶେଷଣମାନ ପ୍ରଶିକ୍ଷଣ ଶେଷ ପର୍ଯ୍ୟନ୍ତ ସୂଚକାଙ୍କ ଭାବେ ବ୍ୟବହୃତ ହେବ । ପ୍ରଶିକ୍ଷକମାନଙ୍କଠାରୁ ଏହା ଆରମ୍ଭ ହେବା ଭଲ । ଏହାକୁ ସଂକ୍ଷିପ୍ତ କରିବାକୁ ଚାହିଁଲେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ପରିଚିତ କରିବାବେଳେ ଏକ ବିଶେଷଣ ଓ ଏକ କାର୍ଯ୍ୟ ନିଜ ସହ ସଂଯୁକ୍ତ କରିବେ, କିନ୍ତୁ ପୂର୍ବରୁ କୁହାଯାଇଥିବା ନାମକୁ ପୁନରାବୃତ୍ତି କରିବେ ନାହିଁ ।

ଏକ୍‌ସରସାଇଜ୍ ୧.୨ : ଆପଣ କ'ଣ ଆଶା କରୁଛନ୍ତି ?

ଉଦ୍ଦେଶ୍ୟ : **ଅଂଶଗ୍ରହଣକାରୀମାନେ ପ୍ରଶିକ୍ଷଣରୁ କ'ଣ ଆଶା କରୁଛନ୍ତି ଓ ତାହା ଭିତରୁ ପ୍ରଶିକ୍ଷଣର ଭିତ୍ତି ସ୍ଥିର କରନ୍ତୁ ।**

ଉପକରଣ : ଫ୍ଲିପ୍ ଚାର୍ଟ ପେପର, ମାର୍କର, ଟେପ୍, ତିନି ରଙ୍ଗ ବିଶିଷ୍ଟ ପୋଷ୍ଟକାର୍ଡ ଚାର୍ଟସ ।

ସମୟ : ୨୦ ମିନିଟ୍

Digitized by srujanika@gmail.com

ପ୍ରଣାଳୀ :

- ତିନୋଟି ଫ୍ଲିପ୍ ଚାର୍ଟ ପେପର ପ୍ରସ୍ତୁତ କରନ୍ତୁ- ଯେଉଁଥିରେ ଉଲ୍ଲେଖ ଥିବ "ପ୍ରତ୍ୟାଶା, ଆଶଙ୍କା ଓ ବୃଣମୂଳ ନିୟମ । ଅଂଶଗ୍ରହଣକାରୀମାନେ ମାନବିକ ଅଧିକାର ପ୍ରଶିକ୍ଷଣ ପ୍ରକ୍ରିୟାରୁ କ'ଣ ପ୍ରତ୍ୟାଶା କରିଛନ୍ତି ତାହା ବିଷୟରେ ବ୍ୟାଖ୍ୟା କରନ୍ତୁ । ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ କ'ଣ ଆଶଙ୍କା କରୁଛନ୍ତି ତାହା 'ଆଶଙ୍କା'ର ତାତ୍ପର୍ଯ୍ୟ; ଓ ବୃଣମୂଳ ନିୟମର ଅର୍ଥ ହେଉଛି ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ ଏକ ମୁକ୍ତ ଓ ସୁନ୍ଦର ପରିବେଶ ପାଇଁ କେଉଁ ନିୟମ ଦ୍ୱାରା ପରିଚାଳିତ ହେବେ ।
- ଅଂଶଗ୍ରହଣକାରୀମାନଙ୍କୁ ତିନି ରଙ୍ଗ ବିଶିଷ୍ଟ କାର୍ଡ ଦିଅନ୍ତୁ (ସବୁଜ କାର୍ଡ ପ୍ରତ୍ୟାଶା ପାଇଁ, ଲାଲ କାର୍ଡ ଆଶଙ୍କା ପାଇଁ ଓ ହଳଦିଆ କାର୍ଡ ବୃଣମୂଳ ନିୟମ ପାଇଁ) । ପ୍ରତ୍ୟେକ ପେପରରେ ୧-୩ ଜିନିଷ ଲେଖିବାକୁ ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ । ଲେଖା ଦେଖାଯାଉଥିବା ଆବଶ୍ୟକ ।
- ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କର ପଏଣ୍ଟ ଲେଖିସାରିବା ପରେ ସେସବୁକୁ ଫ୍ଲିପ୍‌ଚାର୍ଟରେ ମାରିବାକୁ ସେମାନଙ୍କୁ କୁହନ୍ତୁ । ସମୀକ୍ଷା କରନ୍ତୁ ଓ ଆଲୋଚନା କରନ୍ତୁ ।

ଆଲୋଚନା : ପ୍ରତ୍ୟାଶା, ଆଶଙ୍କା ଓ ବୃଣମୂଳ ନିୟମ ସମ୍ପର୍କରେ ଆଲୋଚନାରୁ ଆପଣ ଏକ ଉତ୍ତମ ସୁଯୋଗ ପାଇବେ ଯେ କେଉଁ ପ୍ରତ୍ୟାଶା ପ୍ରଶିକ୍ଷଣରେ ପୂରଣ ହୋଇପାରିବ ନାହିଁ । ଆଲୋଚନା ଦ୍ୱାରା ବୃଣମୂଳ ନିୟମ ବିଷୟରେ ଜାଣିବାର ସୁଯୋଗ ପାଇବେ, ପ୍ରଶିକ୍ଷଣ ସମୟରେ କ'ଣ ପରିହାର କରିବେ ଓ ପରବର୍ତ୍ତୀ ସମୟରେ ପ୍ରୋଗ୍ରାମ ବିଷୟରେ କ'ଣ ପ୍ରସଙ୍ଗ ଆଣିବେ ଏସବୁ ବିଷୟରେ ଅବଗତ ହୋଇପାରିବେ ।

ପ୍ରଶିକ୍ଷକଙ୍କ ନୋଟ୍‌ସ : ଫ୍ଲିପ୍ ଚାର୍ଟ ପେପରର ଲେଖାରୁ ଏକ ଦୃଶ୍ୟ ସୂଚନା ମିଳିବ ଯେ ଅଂଶଗ୍ରହଣକାରୀ ପ୍ରଶିକ୍ଷଣରୁ କ'ଣ ଲାଭ ପାଇବେ । ଏହା ପ୍ରଶିକ୍ଷଣର ଉଦ୍ଦେଶ୍ୟକୁ ସୂଚାଇବା ସହ ଅଂଶଗ୍ରହଣକାରୀ ପ୍ରଶିକ୍ଷଣ ପରେ ଏହାର ମୂଲ୍ୟାୟନ ଏହି ଆଧାରରେ କରିପାରିବେ ।

(Pretty et at. 1955, ପୃଷ୍ଠା ୧୩୨ରୁ ସଂଗୃହୀତ)

ଏକ୍ସରସାଇଜ୍ - ୧.୩ : ପ୍ରତ୍ୟାଶା, କୌଶଳ ଓ ପ୍ରଶିକ୍ଷଣ ପରବର୍ତ୍ତୀ ଭାବନା

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀମାନେ ପ୍ରଶିକ୍ଷଣରୁ କ'ଣ ପ୍ରତ୍ୟାଶା କରୁଛନ୍ତି ତାହାକୁ ଲକ୍ଷ୍ୟ ଦିଅନ୍ତୁ। ସେମାନଙ୍କର କ'ଣ କୌଶଳ ରହିଛି ଓ ପ୍ରଶିକ୍ଷଣ ପରେ ସେମାନଙ୍କର କ'ଣ ଯୋଜନା ରହିଛି ତାହାକୁ ଦେଖନ୍ତୁ।

ଉପକରଣ : ଫ୍ଲିପ୍ ଚାର୍ଟ ପେପର, ମାର୍କରସ, ଟେପ୍

ସମୟ : ୪୦ ମିନିଟ୍

ପ୍ରଣାଳୀ :

- ଏକ ବଡ଼ ଫ୍ଲିପ୍‌ଚାର୍ଟରେ ଏକ ଗଛ କରନ୍ତୁ; ଗଛର ଚେର, କାଣ୍ଡ, ପତ୍ର, ଫଳ ସ୍ପଷ୍ଟ ଦେଖାଯାଉଥିବା ଆବଶ୍ୟକ । ଚେରରେ ପ୍ରତ୍ୟାଶା, ମୁଖ୍ୟ କାଣ୍ଡରେ କୌଶଳ ଓ ବୃକ୍ଷର ପତ୍ର ଓ ଫଳରେ ପ୍ରଶିକ୍ଷଣ ପର ଯୋଜନା ଉଲ୍ଲେଖ କରନ୍ତୁ । ପ୍ରଶିକ୍ଷଣରୁ ଅଂଶଗ୍ରହଣକାରୀମାନେ କ'ଣ ଶିକ୍ଷା କରିବାକୁ ଚାହାନ୍ତି ଓ କ'ଣ କରିବାକୁ ଚାହାନ୍ତି ତାହା ପ୍ରତ୍ୟାଶାର ତାତ୍ପର୍ଯ୍ୟ । ସେହିପରି ଅଂଶଗ୍ରହଣକାରୀଙ୍କ ଜ୍ଞାନ ଓ ଦକ୍ଷତା କୌଶଳର ଅର୍ଥ । ପ୍ରଶିକ୍ଷଣରୁ ଶିକ୍ଷା ପାଇବା ପରେ କ'ଣ କରିବେ ତାହା ପ୍ରଶିକ୍ଷଣ ପର ଯୋଜନାର ନିହିତାର୍ଥ ।
- ଅଂଶଗ୍ରହଣକାରୀଙ୍କୁ ତିନି ରଙ୍ଗ ବିଶିଷ୍ଟ କାର୍ଡ ଦିଅନ୍ତୁ (ସବୁଜ ପ୍ରତ୍ୟାଶା ପାଇଁ, ଲାଲ କୌଶଳ ପାଇଁ ଓ ହଳଦିଆ ଯୋଜନା ପାଇଁ) । ଅଂଶଗ୍ରହଣକାରୀ ପ୍ରତ୍ୟେକ ପେପରରେ ୧-୩ ବିଷୟ ଲେଖିବାକୁ କୁହନ୍ତୁ । ଲେଖା ଦୃଶଶ୍ୟମାନ ହେବା ଉଚିତ ।

Digitized by srujanika@gmail.com

- ଯେତେବେଳେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କର ମନ୍ତବ୍ୟ ଲେଖିସାରିବେ ଏହାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ମାରିବାକୁ ସେମାନଙ୍କୁ କୁହନ୍ତୁ ।
- ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଗଛ ନିକଟକୁ ଆସିବାକୁ କୁହନ୍ତୁ ଓ ସେ ଭିତରୁ ତିନିଜଣ ସ୍ୱେଚ୍ଛାସେବୀଙ୍କୁ ବାଛନ୍ତୁ । ଅଂଶଗ୍ରହଣକାରୀମାନଙ୍କର ପ୍ରତ୍ୟାଶା, କୌଶଳ ଓ ଯୋଜନା ବିଷୟରେ ବଡ଼ପାଟିରେ ପଢ଼ଇବାକୁ ସେମାନଙ୍କୁ କୁହନ୍ତୁ ।

ଆଲୋଚନା : ଅଂଶଗ୍ରହଣକାରୀମାନଙ୍କର ପ୍ରତ୍ୟାଶା, କୌଶଳ ଓ ଯୋଜନା ବିଷୟରେ ଆଲୋଚନାରୁ ଆପଣ ସେମାନଙ୍କର ପ୍ରତ୍ୟାଶା ବିଷୟରେ ଜାଣିପାରିବେ, ତେବେ କେଉଁ ପ୍ରତ୍ୟାଶା ପୂରଣ ହୋଇପାରି ନାହିଁ ତାହା ଆପଣ ସୂଚନା ଦିଅନ୍ତୁ । ସେହି ଗ୍ରୁପ୍‌ରେ କ'ଣ କୌଶଳ ରହିଛି ଓ ପ୍ରୋଗ୍ରାମର ଆଭିମୁଖ୍ୟ କିପରି ଏହି କୌଶଳ ପ୍ରୟୋଗ କରି ପୂରଣ ହୋଇପାରିବ ତାହା ବୁଝାନ୍ତୁ ।

ପ୍ରଶିକ୍ଷକଙ୍କ ନୋଟିସ୍ : ଫ୍ଲିପ୍‌ଚାର୍ଟ ପେପରରେ ଅଂଶଗ୍ରହଣକାରୀମାନଙ୍କର ପ୍ରତ୍ୟାଶା କ'ଣ ରହିଛି ତାହା ଲେଖାଯାଇଥାଏ । ଏହା ପ୍ରଶିକ୍ଷକଙ୍କ ପାଇଁ ଏକ ସୂଚକାଙ୍କ ଭାବରେ କାର୍ଯ୍ୟ କରିଥାଏ । ଏହା ମଧ୍ୟ ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ବିଷୟରେ ମୂଲ୍ୟାୟନ କରିବାକୁ ସୁଯୋଗ ଦେଇଥାଏ ।

(Pretty et al, 1995 ପୃଷ୍ଠା ୧୩୨ରୁ ସଂଗୃହୀତ)

ମଡ୍ୟୁଲ ୨ : ମାନବିକ ଅଧିକାର ଓ ମାନବିକ ଅଧିକାର ସୁରକ୍ଷା ପ୍ରକ୍ରିୟା

ସମୟ : ୩ ଘଣ୍ଟା ୪୦ ମିନିଟ୍

ଉଦ୍ଦେଶ୍ୟ

୧. ପ୍ରଶିକ୍ଷକମାନଙ୍କୁ ମାନବିକ ଅଧିକାର ସମ୍ପର୍କିତ ଜ୍ଞାନ ବିଷୟରେ ଅବଗତ କରାଇବା ।

୨. ପ୍ରଶିକ୍ଷକମାନଙ୍କୁ ମାନବିକ ଅଧିକାରର ଇତିହାସ ସମ୍ପର୍କିତ ଜ୍ଞାନ ବିଷୟରେ ଜଣାଇବା ।

୩. ପ୍ରଶିକ୍ଷକମାନଙ୍କୁ ଦଳିତ ଓ ଆଦିବାସୀମାନଙ୍କର ମାନବିକ ଅଧିକାର ସୁରକ୍ଷା ନେଇ ଆନ୍ତର୍ଜାତିକ ବ୍ୟବସ୍ଥା କ'ଣ ରହିଛି ସେ ବିଷୟରେ ଜ୍ଞାନ ଦେବା ।

ଏକ୍ସରସାଇଜ୍ ୨.୧ : ଅଧିକାର ଓ ମାନବିକ ଅଧିକାର ଭାବନା ବିଷୟରେ ଜ୍ଞାତ ହେବା ।

ଉଦ୍ଦେଶ୍ୟ : ଏହି ଅଧିବେଶନର ଉଦ୍ଦେଶ୍ୟ ଭଲ ଭାବେ ବୁଝିବା ।

ଉପକରଣ : ଫ୍ଲିପ୍‌ଚାର୍ଟ, ମାର୍କର

ସମୟ : ୩୦ ମିନିଟ୍

ପ୍ରଣାଳୀ :

୧. ଫ୍ଲିପ୍‌ଚାର୍ଟ ଉପରେ "ଅଧିକାର" ଓ "ଦାୟିତ୍ୱ" ଲେଖନ୍ତୁ;

୨. ଅଂଶଗ୍ରହଣକାରୀମାନଙ୍କୁ ଅଧିକାର ଓ ଦାୟିତ୍ୱ କ'ଣ ବୋଲି ସେମାନେ ଭାବୁଛନ୍ତି କୁହନ୍ତୁ;

୩. ଅଧିକାରର ସଂଜ୍ଞା ପାଇବା ପର୍ଯ୍ୟନ୍ତ ଅଂଶଗ୍ରହଣକାରୀମାନଙ୍କର ବକ୍ତବ୍ୟ ନେବାକୁ ଚେଷ୍ଟା କରନ୍ତୁ;

୪. ସେମାନଙ୍କଠାରୁ ପାଇଥିବା ବକ୍ତବ୍ୟକୁ ସଂଯୋଜିତ କରି ମାନବିକ ଅଧିକାର ଓ ଦାୟିତ୍ୱର ସଂଜ୍ଞା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ।

ଆଲୋଚନା : ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ଯେ ଅଧିକାର ବ୍ୟକ୍ତିର ଏକ ଉଚିତ ପ୍ରାପ୍ୟ । ଜଣେ ବ୍ୟକ୍ତି ଜଣେ ମଣିଷ ଭାବରେ କେତେକ ମୌଳିକ ଅଧିକାର ଉପଭୋଗ କରିବା ତା'ର ପ୍ରାପ୍ୟ । ଏହା "ମାନବିକ ଅଧିକାର", କାରଣ ଏହା କରିବା, ହେବା ଓ ପାଇବା ମଣିଷ ହିସାବରେ ଆପଣଙ୍କର ଜନ୍ମଗତ ପ୍ରାପ୍ୟ । ଆପଣଙ୍କର ସୁରକ୍ଷା ପାଇଁ ଏହି ଅଧିକାର ଉଦ୍ଦିଷ୍ଟ । ଆପଣଙ୍କ ପ୍ରାପ୍ୟ ଅଧିକାରକୁ କେହି କ୍ଷତି ପହଞ୍ଚାଇବା ଅର୍ଥ ଆପଣଙ୍କ ସୁରକ୍ଷାକୁ କ୍ଷତି ପହଞ୍ଚାଇବା । ଏହି ଅଧିକାର ଯୋଗୁ ଆମେ

Digitized by srujanika@gmail.com

ସମସ୍ତେ ଏକାଠି ସୁଖ ଶାନ୍ତିରେ ଜୀବନ ବଞ୍ଚିପାରିବା । ଯେତେବେଳେ ମଣିଷ ମାନବିକ ଅଧିକାର ବିଷୟରେ ବିଶେଷ ଜାଣି ନ ଥିଲା, ସେତେବେଳେ ନାନା ଭେଦଭାବ, ଅସହିଷ୍ଣୁତା, ଅନ୍ୟାୟ, ଅତ୍ୟାଚାର ଓ ଦାସତ୍ୱ ପରି ମନ୍ଦ ସ୍ଥିତି ରହିଥିଲା ।

ଅଧିକାର ଓ ଦାୟିତ୍ୱ ଭିତରେ କ'ଣ ପାର୍ଥକ୍ୟ ରହିଛି ସେହି ପ୍ରସଙ୍ଗରେ ଅଂଶଗ୍ରହଣକାରୀମାନେ କ'ଣ ମନ୍ତବ୍ୟ ରଖିଛନ୍ତି ତାହାକୁ ଆଲୋଚକ ଦର୍ଶାଇବେ । ମାନବିକ ଅଧିକାରର ସୁରକ୍ଷା ପାଇଁ କାହାର ଦାୟିତ୍ୱ ରହିଛି ଏହି ବିଷୟରେ ଆଲୋଚନା ଆରମ୍ଭ କରିବେ ।

ଏକସରସାଇଜ୍ ୨.୨ : ମାନବିକ ଅଧିକାରର ଇତିହାସ ।

ଉଦ୍ଦେଶ୍ୟ : ମାନବିକ ଅଧିକାରର ଇତିହାସ ସମ୍ପର୍କରେ ପ୍ରଶିକ୍ଷଣର ପ୍ରଶିକ୍ଷକଙ୍କୁ ଅବଗତ କରାଇବା ।

ଉପାଦାନ : ପାୱାର ପଏଣ୍ଟ ଉପସ୍ଥାପନ

ସମୟ : ୩୦ ମିନିଟ୍

ପ୍ରଣାଳୀ :

୧. ମାନବିକ ଅଧିକାରର ଇତିହାସ ସମ୍ପର୍କରେ ଅଂଶଗ୍ରହଣକାରୀମାନେ କ'ଣ ଜାଣନ୍ତି ଏହା ସେମାନଙ୍କୁ ପଚାରନ୍ତୁ ଓ ସେମାନଙ୍କର ସର୍ବାଧିକ ମତ ନିଅନ୍ତୁ;

୨. ମାନବିକ ଅଧିକାର ଇତିହାସ ବିଷୟରେ ଏକ ବିସ୍ତୃତ ବିବରଣୀ ଦିଅନ୍ତୁ ଓ ଯେଉଁ ଘଟଣା ଏଥିରେ ଅଗ୍ରଗାମୀ ତାହାର ସୂଚନା ରଖନ୍ତୁ, ଯଥା ମାଗ୍ନାକାର୍ଟା (୧୨୧୫), ପେଟିସନ ଅଧିକାର (୧୬୨୮), ଆମେରିକା ସମ୍ବିଧାନ (୧୭୮୭), ଫ୍ରାନ୍ସର ନାଗରିକ ଅଧିକାର ଘୋଷଣାନାମା (୧୭୮୯), ଆମେରିକାର ବିଲ୍ ଅଫ୍ ରାଇଟ୍ସ (୧୭୯୧) ଓ ମାନବିକ ଅଧିକାରର ବିଶ୍ୱ ଘୋଷଣାନାମା (୧୯୪୮) ।

ଆଲୋଚନା : ମାନବିକ ଅଧିକାର ଇତିହାସକୁ ସେମାନେ ତାଙ୍କ ସଂସ୍କୃତି ସହ କିପରି ସଂଯୁକ୍ତ କରୁଛନ୍ତି ଏହା ଅଂଶଗ୍ରହଣକାରୀଙ୍କୁ ପଚାରନ୍ତୁ ।

ଏକସରସାଇଜ୍ ୨.୩ : ମାନବିକ ଅଧିକାର ପ୍ରକୃତରେ କ'ଣ ?

ଉଦ୍ଦେଶ୍ୟ : ପ୍ରଶିକ୍ଷଣ ପାଇଁ ପ୍ରଶିକ୍ଷକଙ୍କୁ ମାନବିକ ଅଧିକାର ସମ୍ପର୍କରେ ଅବଗତ କରିବା ।

ଉପାଦାନ : ବାର୍ତ୍ତାବହୀ ମାଧ୍ୟମ (Multimedia), ବକ୍ତା

ସମୟ : ଏକ ଘଣ୍ଟା

ପ୍ରଣାଳୀ :

୧. ମାନବିକ ଅଧିକାର କ'ଣ, କେଉଁ ଅଧିକାର ଏଥିରେ ସମ୍ପୃକ୍ତ ଅଂଶଗ୍ରହଣକାରୀଙ୍କୁ ପଚାରନ୍ତୁ ।

୨. ଅଂଶଗ୍ରହଣକାରୀଙ୍କଠାରୁ ସର୍ବାଧିକ ମତ ନିଅନ୍ତୁ । ସମସ୍ତେ ସେମାନଙ୍କର ମତବ୍ୟକ୍ତ କଲାପରେ "ମାନବିକ ଅଧିକାର ପାଇଁ ଯୁବକ" ଭିଡିଓ ରେକର୍ଡକୁ ସମସ୍ତଙ୍କୁ ଶୁଣାନ୍ତୁ ।

୩. ଯଦି ଅଂଶଗ୍ରହଣକାରୀମାନେ ଇଂରାଜୀ ବୁଝିବା କଷ୍ଟକର ହେଉଥାଏ, ତେବେ ପ୍ରତ୍ୟେକ ଅଧିକାର ପରେ ଭିଡିଓ ବନ୍ଦ କରି ତାହାକୁ ଅନୁବାଦ କରି ବୁଝାନ୍ତୁ ।

୪. ଭିଡିଓ ସରିବା ପରେ ଆଲୋଚନା ଆରମ୍ଭ କରନ୍ତୁ । କେଉଁ ଅଧିକାରଗୁଡ଼ିକ ଅଂଶଗ୍ରହଣକାରୀଙ୍କ ପାଇଁ ଅଧିକ ଉପଯୋଗୀ, ସେମାନଙ୍କ ଗୋଷ୍ଠୀରେ କେଉଁ ଅଧିକାରମାନଙ୍କର ବେଶୀ ଉଲ୍ଲଙ୍ଘନ ହେଉଛି ଓ ସେମାନେ କେଉଁ ସ୍ତରରେ ମାନବିକ ଅଧିକାରକୁ ଉଲ୍ଲଙ୍ଘନ କରୁଛନ୍ତି ଏହି ପ୍ରସଙ୍ଗ ଉପରେ ମତାମତ ଲୋଡ଼ନ୍ତୁ ।

୫. ଅଂଶଗ୍ରହଣକାରୀଙ୍କ ସହ ମାନବିକ ଅଧିକାର ନିୟମ ବିଷୟରେ ମତ ଆଦାନ-ପ୍ରଦାନ କରନ୍ତୁ ।

Digitized by srujanika@gmail.com

ଆଲୋଚନା : ପ୍ରଶିକ୍ଷକ ଅଂଶଗ୍ରହଣକାରୀମାନଙ୍କ ପାଇଁ ଲିଖିତ ଦଲିଲଟିକୁ ଅନୁବାଦ କରିବେ । ଆଲୋଚନାକୁ ବ୍ୟବସ୍ଥିତ କରିବାକୁ ଏହି ପ୍ରଶ୍ନମାନଙ୍କର ଅବତାରଣା କରନ୍ତୁ :

- ଆପଣଙ୍କ ପାଇଁ କେଉଁ ମାନବିକ ଅଧିକାର ଅଧିକ ମହତ୍ତ୍ୱ ରଖୁଛି ?
- ଆପଣଙ୍କ ପାଇଁ କେଉଁ ମାନବିକ ଅଧିକାର ବିଷୟଟି ନୂଆ ?
- କେଉଁ ମାନବିକ ଅଧିକାର ଆମ ଗୋଷ୍ଠୀ ଜୀବନରେ ଅଧିକ ଉଲଘିତ ହେଉଛି ବୋଲି ଆପଣ ଭାବୁଛନ୍ତି ?
- ଅନ୍ୟର ଅଧିକାରକୁ ଉଲଘନ କରିବା କ୍ଷେତ୍ରରେ ଆପଣ ସଚେତନ ଭାବେ ବା ପରୋଧ ଭାବେ କିଛି କାର୍ଯ୍ୟ କରୁଛନ୍ତି କି ?

ଅଂଶଗ୍ରହଣକାରୀମାନଙ୍କ ସହ ମାନବିକ ଅଧିକାର ନିୟମ ବିଷୟରେ ମତ ବିନିମୟ କରନ୍ତୁ ଓ କୁହନ୍ତୁ ଯେ ମାନବିକ ଅଧିକାରମାନ ସାର୍ବଜନୀନ, ଅବିଭାଜ୍ୟ, ଯାହାକୁ ଦୂରେଇ ଦେଇହେବ ନାହିଁ ଓ ସେଗୁଡ଼ିକ ପରସ୍ପର ସହ ସଂଯୋଜିତ ।

ପ୍ରଶିକ୍ଷକଙ୍କର ନୋଟ୍ - ଯଦି ଭିଡିଓ ଦେଖାଇବା ସମ୍ଭବ ନୁହେଁ, ତେବେ ମୌଳିକ ମାନବିକ ଅଧିକାର ବିଷୟରେ ଏକ ପାୱାରପଏଣ୍ଟ ଉପସ୍ଥାପନ ଦିଅନ୍ତୁ ।

ଏକ୍ସରସାଇଜ୍ ୨.୪ : ମାନବିକ ଅଧିକାର ସୁରକ୍ଷା ପ୍ରକ୍ରିୟା

ଉଦ୍ଦେଶ୍ୟ : ମାନବିକ ଅଧିକାରର ଆନ୍ତର୍ଜାତିକ ପ୍ରକ୍ରିୟା ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇବା ।

ଉପାଦାନ : ମାନବିକ ଅଧିକାରର ବିଶ୍ୱ ଘୋଷଣାନାମା, ମାନବିକ ଅଧିକାର ଜନିତ ସୁରକ୍ଷାର ଦଲିଲ (ସମସ୍ତଙ୍କୁ ଦିଅନ୍ତୁ), ରଙ୍ଗୀନ୍ ଚାର୍ଟ, ମାର୍କର, ଷ୍ଟିକି ନୋଟ୍ସ, କଇଁଚି, ଅଠା ।

ସମୟ : ଏକ ଘଣ୍ଟା

ପ୍ରଣାଳୀ :

୧. ମାନବିକ ଅଧିକାର ସୁରକ୍ଷା ପ୍ରକ୍ରିୟା ବିଷୟରେ ଏକ ସଂକ୍ଷିପ୍ତ ଉପକ୍ରମ ଦିଅନ୍ତୁ ।

୨. ମାନବିକ ଅଧିକାରର ବିଶ୍ୱ ଘୋଷଣା ଓ ସକଳ ଭେଦଭାବର ବିଲୋପ ପାଇଁ ଆନ୍ତର୍ଜାତିକ ସମ୍ମିଳନୀ ତଥା ମାନବିକ ଅଧିକାର ସୁରକ୍ଷା ଘୋଷଣାନାମା ବିଷୟରେ ସଂକ୍ଷିପ୍ତ ଉପକ୍ରମ ଦିଅନ୍ତୁ ।

୩. ଅଂଶଗ୍ରହଣକାରୀଙ୍କୁ ତିନୋଟି ଦଳରେ ବିଭକ୍ତ କରନ୍ତୁ ଓ ତିନୋଟି ଦଲିଲ ମଧ୍ୟରୁ ସେମାନେ ଗୋଟିଏ ଲେଖାଏଁ ବାଛିବାକୁ ସେମାନଙ୍କୁ କୁହନ୍ତୁ । ଗୋଟିଏ ଦଳ (ଗ୍ରୁପ୍-୧) ମାନବିକ ଅଧିକାରର ବିଶ୍ୱ ଘୋଷଣା, ଦ୍ୱିତୀୟ ଦଳ (ଗ୍ରୁପ୍-୨) ସକଳ ଜାତିଗତ ଭେଦଭାବର ବିଲୋପ ପାଇଁ ଆନ୍ତର୍ଜାତିକ ଘୋଷଣାନାମା, ତୃତୀୟ ଦଳ (ଗ୍ରୁପ୍-୩) ମାନବିକ ଅଧିକାରର ପ୍ରତିରକ୍ଷକ ଘୋଷଣାନାମା ନିଅନ୍ତୁ ।

୪. ଏ ପ୍ରତ୍ୟେକ ଦଳକୁ ଆବଶ୍ୟକୀୟ ଦଲିଲ ପ୍ରଦାନ କରନ୍ତୁ ଓ ସେମାନେ ଗୋଟିଏ ଘଣ୍ଟାରେ ଏହା ପଢ଼ି ତା'ର ସୃଜନାତ୍ମକ ଉପସ୍ଥାପନ କରିବାକୁ ସେମାନଙ୍କୁ କୁହନ୍ତୁ ।

୫. ପ୍ରତ୍ୟେକ ଗ୍ରୁପ୍ ସେମାନଙ୍କ ଦଳର କାର୍ଯ୍ୟକୁ ଉପସ୍ଥାପନ କରିବାକୁ କୁହନ୍ତୁ ଓ ଏହାପରେ ସେହି ଦଳକୁ ଅନ୍ୟମାନେ ପ୍ରଶ୍ନ ପଚାରି ଆଲୋଚନା କରିପାରିବେ ।

୬. ପ୍ରତ୍ୟେକ ଉପସ୍ଥାପନ ପରେ ଆଲୋଚ୍ୟ ବିଷୟ ଓ ମୁଖ୍ୟ ପ୍ରସଙ୍ଗମାନଙ୍କର ଏକ ସଂକ୍ଷିପ୍ତ ସୂଚନା ପ୍ରତ୍ୟେକ ଗ୍ରୁପ୍ ରଖନ୍ତୁ ।

ଆଲୋଚନା : ଉପସ୍ଥାପନ ପରେ, ଅଂଶଗ୍ରହଣକାରୀମାନେ ଏହି ବିଷୟରେ ଆଲୋଚନା କରି ମାନବିକ ଅଧିକାର ସୁରକ୍ଷା ପାଇଁ କେଉଁ ପ୍ରକ୍ରିୟା ଅବଲମ୍ବନ କରାଯିବ ତାହା ସ୍ଥିର କରନ୍ତୁ । ଯଦି ଆବଶ୍ୟକ ହୁଏ, ତେବେ ସମ୍ବନ୍ଧ ସ୍ଥାପନ ଓ ସମ୍ବନ୍ଧ ସ୍ଥାପନ କୌଶଳ ବିଷୟରେ ଆଲୋକପାତ କରନ୍ତୁ ।

Digitized by srujanika@gmail.com

ପ୍ରଶିକ୍ଷକଙ୍କ ନୋଟ୍ : ଯଦି କୌଣସି ଗ୍ରୁପ୍‌ର ଉପସ୍ଥାପନ ସ୍ପଷ୍ଟ ହେଉନାହିଁ, ତେବେ ସେହି ଗ୍ରୁପ୍‌କୁ ଏହି ପ୍ରକ୍ରିୟା ବିଷୟରେ ବ୍ୟାଖ୍ୟା କରିଦିଅନ୍ତୁ, ଫଳରେ ସେମାନେ ସ୍ପଷ୍ଟ ଧାରଣା ରଖିପାରିବେ ।

ମଡ୍ୟୁଲ ୩ : ଭାରତରେ ମାନବାଧିକାର ସୁରକ୍ଷା ପ୍ରକ୍ରିୟା

ସମୟ : ୩ ଘଣ୍ଟା

ଉଦ୍ଦେଶ୍ୟ : ଦଳିତ ଓ ଆଦିବାସୀଙ୍କର ମାନବିକ ଅଧିକାର ଜନିତ ଜାତୀୟ ପ୍ରକ୍ରିୟା ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇବା ।

ଉପାଦାନ : SCs / STs (PoA) ସଂଶୋଧନ ଆକ୍ଟ ୨୦୧୫, ସଂଶୋଧନ ନିୟମ ୨୦୧୬, ଆଇପିସି, ଭାରତୀୟ ସମ୍ବିଧାନ, କମିଶନ (NHRC, NCSC, NCST, NCSK, NCW, NCPCR) ରଙ୍ଗୀନ ଚାର୍ଟସ୍ ମାର୍କରସ, ଷ୍ଟିକି ନୋଟ୍‌ସ, କଇଁଚି, ଅଠା । ପାୱାର ପଏଣ୍ଟ ଉପସ୍ଥାପନ ।

ପ୍ରଣାଳୀ :

୧. ଏସ୍‌ସି/ଏସ୍‌ଟି (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ୍) ଆମେଣ୍ଡମେଣ୍ଟ ଆକ୍ଟ ୨୦୧୫ ଓ ଆମେଣ୍ଡମେଣ୍ଟ ରୁଲ୍‌ସ ୨୦୧୬, IPC (ଭାରତୀୟ ଦଣ୍ଡବିଧି ଆଇନ) ଓ ଭାରତୀୟ ସମ୍ବିଧାନ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ ।

୨. ଭାରତୀୟ ସମ୍ବିଧାନ ସମ୍ପର୍କରେ ସଂକ୍ଷିପ୍ତ ସୂଚନା

୩. ଉତ୍ପୀଡ଼ନ ଘଟଣାର କପି ଦେଇ ସେମାନେ ଅଧଘଣ୍ଟାଏ ଭିତରେ ତାକୁ ପଢ଼ି ସେ ବିଷୟରେ ସୁନିଶ୍ଚିତ ଉପସ୍ଥାପନ କରିବାକୁ ସେମାନଙ୍କୁ କହିବା ।

୪. ଉପସ୍ଥାପନ ଦେଉଥିବା ଗ୍ରୁପ୍‌କୁ ଅନ୍ୟମାନେ ପ୍ରଶ୍ନ ପଚାରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ।

୫. ଆଲୋଚ୍ୟ ପ୍ରସଙ୍ଗର ମୁଖ୍ୟ ବିଷୟମାନଙ୍କର ପଏଣ୍ଟ ଗ୍ରୁପ୍‌କୁ ପ୍ରଦାନ କରିବା ।

ଆଲୋଚନା : ଉପସ୍ଥାପନା ପରେ ଅଂଶଗ୍ରହଣକାରୀମାନେ କିପରି ଏହିସବୁ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ଦଳିତମାନଙ୍କର ମାନବିକ ଅଧିକାର ସୁରକ୍ଷା ହେବ ଆଲୋଚନା କରିପାରିବେ । ସମ୍ବନ୍ଧ ସ୍ଥାପନ ଓ ସମ୍ବନ୍ଧ ସ୍ଥାପନ-କୌଶଳ ବିଷୟରେ ସେମାନଙ୍କୁ ଅବଗତ କରାଯାଇପାରେ ।

ମଡ୍ୟୁଲ ୪ : ମହିଳାଙ୍କ ବିରୁଦ୍ଧରେ ହିଂସା

ସମୟ : ୨ ଘଣ୍ଟା

ଉଦ୍ଦେଶ୍ୟ : ଦଳିତ, ଆଦିବାସୀ ମହିଳାଙ୍କ ଉପରେ ହେଉଥିବା ହିଂସାରୁ ସୁରକ୍ଷା ପାଇଁ ଜାତୀୟ ପ୍ରକ୍ରିୟା ।

ଉପାଦାନ : ଅପରାଧ ସଂଶୋଧନ ଆଇନ, ୨୦୧୩, ପାରିବାରିକ ହିଂସା ମହିଳା ସୁରକ୍ଷା ଆଇନ ୨୦୦୫, ମହିଳାଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା (ସୁରକ୍ଷା, ନିବାରଣ ଓ ସମାଧାନ) ୨୦୧୩, ଦେବଦାସୀ (ଉତ୍ସର୍ଗ, ନିବାରଣ) ଆଇନ, ଫାଷ୍ଟ ଟ୍ରାକ୍ କୋର୍ଟସ୍, ଭାରତୀୟ ସମ୍ବିଧାନ, ରଙ୍ଗୀନ୍ ଚାର୍ଟ, ମାର୍କରସ, ଷ୍ଟିକି ନୋଟ୍‌ସ, କଇଁଚି, ଅଠା । ପାୱାର ପ୍ରେଜେଣ୍ଟେସନ ।

ପ୍ରଣାଳୀ :

୧. ଦଳିତ ଆଦିବାସୀ ମହିଳାମାନଙ୍କର ମାନବିକ ଅଧିକାର ସୁରକ୍ଷା ସମ୍ପର୍କରେ ଏକ ସଂକ୍ଷିପ୍ତ ଉପକ୍ରମ ପାୱାର ପ୍ରେଜେଣ୍ଟେସନ ମାଧ୍ୟମରେ ଉପସ୍ଥାପନ କରିବା ।

Digitized by srujanika@gmail.com

୨. ମହିଳାମାନଙ୍କ ବିରୋଧରେ ହେଉଥିବା ସମସ୍ତ ପ୍ରକାରର ଭେଦଭାବର ମୂଳୋତ୍ପାଟନ ସମ୍ମିଳନୀ, ପାରିବାରିକ ହିଂସାରୁ ମହିଳାମାନଙ୍କର ସୁରକ୍ଷା ଆଇନ ୨୦୦୫, କର୍ମକ୍ଷେତ୍ରରେ ମହିଳାମାନଙ୍କୁ ହେଉଥିବା ଯୌନ ଉତ୍ପୀଡ଼ନ (ସୁରକ୍ଷା, ନିବାରଣ ଓ ସମାଧାନ) ୨୦୧୩, ଦେବଦାସୀ (ଉତ୍ସର୍ଗ, ନିବାରଣ) ଆଇନ, ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରସଙ୍ଗରେ ସଂକ୍ଷିପ୍ତ ଉପକ୍ରମ ।

୩. ଉପସ୍ଥାପନ ଦେଉଥିବା ଗ୍ରୁପ୍‌କୁ ଅନ୍ୟମାନେ ପ୍ରଶ୍ନ ପଚାରିବାକୁ ପ୍ରୋତ୍ସାହିତ କରିବା ।

୪. ଦଲିଲର ମୁଖ୍ୟ ପ୍ରସଙ୍ଗକୁ ସଂକ୍ଷେପରେ ଗ୍ରୁପ୍‌କୁ କହିବା ।

୫. ମହିଳାଙ୍କ ଅଧିକାର ବିଷୟରେ ଦେଶରେ ଥିବା ଆଇନ ସମ୍ପର୍କରେ କହିବାକୁ ଜଣେ ବିଶିଷ୍ଟ ଓକିଲଙ୍କୁ ଆମନ୍ତ୍ରଣ କରିବା ।

ଆଲୋଚନା : ବିଭିନ୍ନ ପ୍ରସଙ୍ଗ ବିଷୟରେ ଆଲୋଚନା ପରେ ଅଂଶଗ୍ରହଣକାରୀମାନେ ମହିଳା ମାନବିକ ଅଧିକାର ପ୍ରସଙ୍ଗରେ ଆଲୋଚନା କରିବେ ଓ ଏହି ଆଇନ ଆଧାରରେ ସେମାନଙ୍କର ଅଧିକାର ସୁରକ୍ଷା କିପରି ସମ୍ଭବ, ମତ ବିନିମୟ କରିବେ । ଆବଶ୍ୟକ ହେଲେ ସମ୍ବନ୍ଧ ସ୍ଥାପନ ଓ ଏ ସମ୍ପର୍କୀୟ କୌଶଳ ବିଷୟରେ ଅବଗତ କରାଯାଇପାରେ ।

ମଡ୍ୟୁଲ ୫ : ମାନବିକ ଅଧିକାର ଉଲଙ୍ଘନ ପ୍ରତିରୋଧ ପାଇଁ କାର୍ଯ୍ୟ କରୁଥିବା ପ୍ରତିରକ୍ଷକମାନଙ୍କର ଦକ୍ଷତା ବୃଦ୍ଧି

ସମୟ : ୨ ଘଣ୍ଟା ୩୦ ମିନିଟ୍

ଉଦ୍ଦେଶ୍ୟ : ତଥ୍ୟ ଅନୁସନ୍ଧାନ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବା । ସମ୍ବନ୍ଧ ସ୍ଥାପନ, ଦକ୍ଷତା, ଗଣମାଧ୍ୟମର ବିନିଯୋଗ ଓ ନେଟ୍‌ୱର୍କିଂ ।

ଉପାଦାନ : ତଥ୍ୟ ଅନୁସନ୍ଧାନ, ସୋସିଆଲ ମିଡିଆ ଓ ପ୍ରିଣ୍ଟ ମିଡିଆ, ଘଟଣା, ରଙ୍ଗୀନ ଚାର୍ଟ, ମାର୍କର, ଷ୍ଟିକି ନୋଟ୍‌ସ, କଇଁଚି, ଅଠା, ପାୱାର ପଏଣ୍ଟ ଉପସ୍ଥାପନ ।

ସମୟ : ୨ ଘଣ୍ଟା ୩୦ ମିନିଟ୍

ପ୍ରଣାଳୀ :

୧. ତଥ୍ୟ ଅନୁସନ୍ଧାନ ଓ ବିବରଣୀ ପ୍ରସ୍ତୁତି କିପରି କରିବେ ତାହାର ପାୱାର ପଏଣ୍ଟ ଉପସ୍ଥାପନ ।

୨. ତଥ୍ୟ ଅନୁସନ୍ଧାନମୂଳକ ଘଟଣାମାନଙ୍କର ପରବର୍ତ୍ତୀ ପଦକ୍ଷେପର ସଂକ୍ଷିପ୍ତ ବିବରଣୀ ।

୩. ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଥିବା ମାନବିକ ଅଧିକାର ସମ୍ପର୍କିତ ନିୟମ ଓ ସଂପୃକ୍ତ ତଥ୍ୟ ସହ ସେସବୁର ସମ୍ବନ୍ଧ ।

୪. ଅଂଶଗ୍ରହଣକାରୀମାନଙ୍କୁ ତିନୋଟି ଶ୍ରେଣୀରେ ବିଭାଜିତ କରନ୍ତୁ ଓ ପ୍ରତ୍ୟେକ ଗ୍ରୁପ୍‌କୁ କେତେକ ଉତ୍ପୀଡ଼ନ ଘଟଣା ଦେଇ ସେସବୁର ବିଶ୍ଳେଷଣ କରିବାକୁ କୁହନ୍ତୁ । ପ୍ରତ୍ୟେକ ଗ୍ରୁପ୍ ଭିନ୍ନ ଭିନ୍ନ ଘଟଣାର ବ୍ୟାଖ୍ୟା କରିବା ଦରକାର ।

୫. ପ୍ରତ୍ୟେକ ଗ୍ରୁପ୍‌କୁ ଏକ ଘଣ୍ଟା ସମୟ ଦିଅନ୍ତୁ, ଏହି ସମୟ ଭିତରେ ସେମାନେ ଘଟଣାକୁ ପଢ଼ିବେ ଓ ନିଜର ଉପସ୍ଥାପନ ଦେବେ ।

୬. ପ୍ରତ୍ୟେକ ଗ୍ରୁପ୍ ତାଙ୍କ ଗ୍ରୁପ୍‌ର କାର୍ଯ୍ୟ ଉପସ୍ଥାପନ କରିବାକୁ କୁହନ୍ତୁ ଓ ସେମାନଙ୍କୁ ପ୍ରଶ୍ନ ପଚାରିବାକୁ ଅନ୍ୟ ଗ୍ରୁପ୍‌କୁ ପ୍ରୋତ୍ସାହିତ କରନ୍ତୁ ।

୭. ପ୍ରତ୍ୟେକ ଉପସ୍ଥାପନ ପରେ, ମୁଖ୍ୟ ପ୍ରସଙ୍ଗକୁ ସଂକ୍ଷିପ୍ତ ପଏଣ୍ଟସ୍‌ରେ ଗ୍ରୁପ୍‌ର ଆଲୋଚ୍ୟ ଦଲିଲ କରି ରଖନ୍ତୁ ।

Digitized by srujanika@gmail.com

ଆଲୋଚନା : ଉପସ୍ଥାପନ ପରେ ଦଳିତ ଓ ଆଦିବାସୀମାନଙ୍କର ମାନବିକ ଅଧିକାରକୁ କିପରି ସୁରକ୍ଷା ଦେଇହେବ ସେ ସମ୍ପର୍କରେ ଆଲୋଚନା ପାଇଁ ଅଂଶଗ୍ରହଣକାରୀଙ୍କୁ କୁହନ୍ତୁ । ଆଲୋଚ୍ୟ ବିଷୟ ପ୍ରକ୍ରିୟାରେ ଏହା କିପରି ସମ୍ଭବ ହେବ ତାହା ଲକ୍ଷ୍ୟ କରନ୍ତୁ । ଯଦି ଆବଶ୍ୟକ ହୁଏ, ତେବେ ପକ୍ଷ ସମର୍ଥନ ଓ ଏହାର କୌଶଳ ବିଷୟରେ ଅବଗତ କରାନ୍ତୁ ।

ମଡ୍ୟୁଲ ୬ : ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ଜାତୀୟ ଓ ଆନ୍ତର୍ଜାତିକ ପ୍ରକ୍ରିୟା

ସମୟ : ୩ ଘଣ୍ଟା ୩୦ ମିନିଟ୍

ଉପାଦାନ : ଶିଶୁ ଅଧିକାର ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ, ଇଚ୍ଛାଧୀନ ପ୍ରୋଟୋକଲ, ଶିକ୍ଷା ଅଧିକାର ଆଇନ-୨୦୦୯, ଯୌନ ଉତ୍ପୀଡ଼ନରୁ ଶିଶୁ ସୁରକ୍ଷା ଆଇନ ୨୦୧୨, ବାଳ ଶ୍ରମିକ ନିଷେଧ ଆଇନ ୨୦୦୦, ବିଦ୍ୟାଳୟରେ ଶାରୀରିକ ଦଣ୍ଡ ନିଷେଧ, ନାବାଳକ ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ ୨୦୦୦ ସମ୍ପର୍କିତ ବିବରଣୀ, ରଙ୍ଗୀନ ଚାର୍ଟ, ମାର୍କର, ଷ୍ଟିକି ନୋଟ୍ସ, କଇଁଚି ଓ ଅଠା ।

ସମୟ : ୩ ଘଣ୍ଟା ୩୦ ମିନିଟ୍

ପ୍ରଣାଳୀ :

୧. ଶିଶୁ ଅଧିକାର ସୁରକ୍ଷା ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ଉପକ୍ରମ ।

୨. ଶିଶୁ ଅଧିକାର ଜନିତ ଆନ୍ତର୍ଜାତିକ ସମ୍ମିଳନୀ, ଇଚ୍ଛାଧୀନ ପୂର୍ବ ସନ୍ଧି, ଜାତୀୟ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଂକ୍ଷିପ୍ତ ଉପକ୍ରମ ।

୩. ଅଂଶଗ୍ରହଣକାରୀମାନଙ୍କୁ ତିନୋଟି ଶ୍ରେଣୀରେ ବିଭାଜିତ କରନ୍ତୁ ଓ ପ୍ରତ୍ୟେକ ଗ୍ରୁପ୍ ତିନୋଟି ଦଲିଲରୁ ଗୋଟିଏ ବାଛନ୍ତୁ ।

ଗ୍ରୁପ୍ ୧ - ଶିଶୁ ଅଧିକାର ସମ୍ମିଳନୀ

ଗ୍ରୁପ୍ ୨ - ଇଚ୍ଛାଧୀନ ପୂର୍ବ ସନ୍ଧି

ଗ୍ରୁପ୍ ୩ - ଭାରତୀୟ ଜାତୀୟ ଆଇନଗତ ସୁରକ୍ଷା

୪. ପ୍ରତ୍ୟେକ ଗ୍ରୁପ୍‌କୁ ଆନୁସଙ୍ଗିକ ବିବରଣୀ ଦିଅନ୍ତୁ ଓ ଘଣ୍ଟାଟିଏ ସମୟ ପ୍ରଦାନ କରନ୍ତୁ । ପ୍ରତ୍ୟେକ ଗ୍ରୁପ୍ ବିବରଣୀଟି ପଢ଼ିବେ ଓ ଏକ ଉପସ୍ଥାପନ ଦେବେ ।

୫. ପ୍ରତ୍ୟେକ ଗ୍ରୁପ୍ ତାଙ୍କ ଗ୍ରୁପ୍‌ର ଆଲୋଚ୍ୟ ବିଷୟକୁ ଉପସ୍ଥାପନ କରିବେ ଓ ସେମାନଙ୍କୁ ଅନ୍ୟ ଗ୍ରୁପ୍‌ର ବ୍ୟକ୍ତିମାନେ ପ୍ରଶ୍ନ ପଚାରିବେ ।

୬. ପ୍ରତ୍ୟେକ ଉପସ୍ଥାପନ ପରେ ଆଲୋଚନାର ମୁଖ୍ୟ ବିଷୟକୁ ପଏଣ୍ଟ କରି ଗ୍ରୁପ୍‌ର ଦଲିଲ ଭାବେ ରଖନ୍ତୁ ।

ଆଲୋଚନା : ଉପସ୍ଥାପନ ପରେ ଅଂଶଗ୍ରହଣକାରୀମାନେ ଆଲୋଚନା ପ୍ରସଙ୍ଗ ଆଧାରରେ ଶିଶୁମାନଙ୍କର ଅଧିକାରକୁ ଆଲୋଚ୍ୟ ପ୍ରକ୍ରିୟାରେ କିପରି ସୁରକ୍ଷା ଦେଇହେବ ସେଥିପାଇଁ ଆଲୋଚନା କରିବାକୁ ସେମାନଙ୍କୁ ପ୍ରୋତ୍ସାହିତ କରନ୍ତୁ । ଆବଶ୍ୟକ ହେଲେ, ପକ୍ଷ ସମର୍ଥନ ଓ ପକ୍ଷ ସମର୍ଥନ କୌଶଳ ବିଷୟରେ ସେମାନଙ୍କୁ ଅବଗତ କରାନ୍ତୁ ।

ପ୍ରଶିକ୍ଷକଙ୍କ ନୋଟ୍ : ଯଦି କୌଣସି ଗ୍ରୁପ୍‌ର ଉପସ୍ଥାପନ / ଆଲୋଚନା ସନ୍ତୋଷଜନକ ନ ହୁଏ, ତେବେ ପ୍ରସଙ୍ଗଟି ବିଷୟରେ ସେହି ଗ୍ରୁପ୍‌କୁ ବୁଝାଇ ଦିଅନ୍ତୁ, ଯାହାଦ୍ୱାରା ସେମାନେ ବିଷୟଟିକୁ ଠିକ୍ ଭାବେ ଅବବୋଧ କରିବେ ।

Digitized by srujanika@gmail.com

କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ଠିକଣା ଓ ଦରକାରୀ ଟେଲିଫୋନ୍ ନମ୍ବର

1.	**National Human Rights Commission** Manav Adhikar Bhawan Block-C, GPO Complex, INA, New Delhi - 110023 Tel. No. : (011) 24651330, 24663333 Fax No. : (011) 24651329,
2.	**Odisha Human Rights Commission** Toshali Bhawan Complex (2nd floor), Satya Nagar P.O.: Saheed Nagar, Bhubneswar-751007, ODISHA Tel. No. : 0674-2570060, Fax : 0674-2572010 E-mail : ohrc@nic.in Website : www.ohrc.ori.nic.in
3.	**Human Rights Protection Cell** Additional D.G of Police, Odisha, Cuttack Ph. No. : 0671-2300203, Fax No. : 0671-2302697 Email Id : dirhrpc.orpol@nic.in
4.	**National Commission For Scheduled Castes (NCSC)** 5th Floor, Lok Nayak Bhawan, Khan Market, New Delhi-110003 Ph. No. : 011 - 24620435, 24606802 Fax No. : 011 - 24632298, Toll Free 1800118388
	NCSC Regional Office : Mayukh Bhawan, (Ground Floor), Salt Lake City, Kolkata-700091. Ph. No. : 033-23370977, 23213259
5.	**National Commission for Scheduled Tribes (HQ)** 6th Floor, B-Wing, Loknayak Bhavan, Khan Market New Delhi-110003 PBAX No. 011-24646954, FAX No. : 011-24624628, 24657474, 24624191 Toll Free No. 1800-11-7777 chairperson@ncst.nic.in
	NCST Regional Office : N-1/297, IRC Village, Bhubaneshwar-751015 Ph. 0674 - 2551616, 0674 - 2551818 (F). Email ro-bbsr@ncst.nic.in

Digitized by srujanika@gmail.com

6.	**Scheduled Caste & Scheduled Tribe Protection Cell** Police Headquarter Buxi Bazar, Cuttack-753001 Tel. No. 0671 - 2304001
7.	**National Commission for Women** Plot-21, Jasola Institutional Area, New Delhi 110025 EPABX No : 011-26942369, 26944740, 26944754, 26944805, 26944809, Email Id ncw@nic.in Complaint Cell : complaintcell-ncw@nicin
8.	**Odisha State Commission for Women** 3rd Floor, Toshali Plaza Satya Nagar, Bhubaneswar-7 Phone : (0674) 2573850, Fax : (0674) 2573870 Email : oscw.od@nic.in **Women Helpline No. : 1091**
9.	**National Commission for Protection of Child Rights (NCPCR)** 5th Floor, Chanderlok Building, 36 Janpath, New Delhi-110001 Phone : 011-23478200, Fax : 011-23724026 For Complaint : www.ebaalnidan.nic.in

10.	**Odisha State Commission for Protection of Child Right (OSCPCR)** Quarter No. : A-1, Unit-V, Bhubaneswar-751001 Tel : (0674) 2394041, FAX No. : (0674) 2394043 Email : OSCPCR2012@gmail.com/ OSCPCRod@nic.in **Child Helpline No. : 1098**
11.	**National Commission for Minorities** 5th Floor, Lok Nayak Bhavan, Khan Market, New Delhi 110 003 Tel. : (011) 24615583, Fax : (011) 24693302, 24642645, 24698410 **Toll Free Number : 1800110088** **E-mail :** ro-ncm@nic.in
12.	**Office of the Chief Commissioner for Persons with Disabilities** Ministry of Social Justice & Empowerment Sarojini House, 6, Bhagwan Dass Road, New Delhi Tel. No. : 011 - 23384219, 23386006 (Fax), E-mail : ccpd@nic.in
13	**Odisha Information Commission** B-1 Block, Toshali Bhawan, Satyanagar, Bhubaneswar-751007 E-mail : odishasoochana@nic.in Phone/Fax : (0674) 2571401/2570561 **Helpline No : 18003456777**

Digitized by srujanika@gmail.com

14.	**State Police Head Quarter, Odisha** Control Room, State Police Headquarters Buxi Bazar, Odisha,Cuttack, Pin : 753001 Ph. : 0671-2304001(O), Fax : 0671-2304001(O) Email Id : sphqrs.odpol@nic.in **Inspr. Control Room** - 0671-2304001(O)
15	**Commissionerate of Police, BBSR–Cuttack** Bidyut Marg, Unit - V, Bhubaneswar - 751001 Telephone : +91-674-2530035 Fax: +91-674-2530001/2530017 email ID : commissioneratepolice@nic.in commissioneratepolice@nic.in
16	**Superintendent of Police, CUTTACK** Ph. : 0671 - 2428116, FAX : 2368015
17	**Superintendent of Police, JAGATSINGHPUR** Ph. : 06724 - 220115, FAX : 220570
18	**Superintendent of Police, JAJPUR** Ph. : 06726 - 240112, FAX : 240250
19	**Superintendent of Police, KENDRAPARA** Ph. : 06727 - 274700, FAX : 221103

20	**Superintendent of Police, KHURDA** Ph. 06755 - 220535, FAX : 220052
21	**Superintendent of Police, NAYAGARH** Ph. : 06753 - 252088, FAX : 252188
22	**Superintendent of Police, BOUDH** Ph. : 06841 - 222205, FAX : 222238
23	**Superintendent of Police, GAJAPATI** Ph. : 06815 - 222533, FAX 222565
24	**Superintendent of Police, GANJAM** Ph. : 06811 - 262399, FAX 263266
25	**Superintendent of Police, KANDHAMAL** Ph. 06842 - 253610, FAX 253410
26	**Superintendent of Police, KALAHANDI** Ph. : 06670 - 233111, FAX . 232333
27	**Superintendent of Police, KORAPUT** Ph. : 06852 - 250901, FAX : 250902
28	**Superintendent of Police, MALKANGIRI** Ph. 06861 - 230325, FAX : 230370

Digitized by srujanika@gmail.com

29	**Superintendent of Police, NABARANGPUR** Ph. . 06858 - 222302, FAX : 222500
30	**Superintendent of Police, NUAPADA** Ph. 06678 - 225478, FAX : 225006
31	**Superintendent of Police, RAYAGADA** Ph. · 06856 - 222304 FAX : 222218
32	**Superintendent of Police, BARGARH** Ph. : 06646 - 234480, FAX : 233150
33	**Superintendent of Police, BOLANGIR** Ph. : 06652 - 232020, FAX : 232375
34	**Superintendent of Police, JHARSUGUDA** Ph. · 06645 - 270888, FAX : 270888
35	**Superintendent of Police, SAMBALPUR** Ph. : 0663 - 2412330, FAX : 2412308
36	**Superintendent of Police, SUBARNAPUR** Ph. : 06654 - 220349 FAX : 220515

37	**Superintendent of Police, ANGUL** Ph. : 06764 - 230316, FAX : 236655
38	**Superintendent of Police, DEOGARH** Ph. : 06641 - 226100, FAX : 226282
39	**Superintendent of Police, DHENKANAL** Ph. : 06762 - 225777, FAX : 226786
40	**Superintendent of Police, ROURKELA** Ph. : 0661 - 2500020, FAX : 2509261
41	**Superintendent of Police, SUNDARGARH** Ph. : 06622 - 273324, FAX : 272218
42	**Superintendent of Police, KEONJHAR** Ph. : 06766 - 254106, FAX : 254286
43	**Superintendent of Police, BALASORE** Ph. : 06782 - 262004, FAX : 262584
44	**Superintendent of Police, BHADRAK** Ph. : 06784 - 242035, FAX : 240120
45	**Superintendent of Police, MAYURBHANJ** Ph. : 06792 - 252647, FAX : 252293

Digitized by srujanika@gmail.com

Dalit Rights are Human Rights · Cast out Caste
NCDHR

ସ୍ୱାଧିକାର-ନ୍ୟାସନାଲ୍ କ୍ୟାମ୍ପେନ୍ ଅନ୍ ଦଳିତ ହ୍ୟୁମାନ ରାଇଟ୍ସ
୭/୫୮, ପ୍ରଥମ ମହଲା, ସାଉଥ ପଟେଲ ନଗର, ନୂଆଦିଲ୍ଲୀ-୧୧୦୦୦୮
ଦୂରଭାଷ : +୯୧-୧୧-୪୫୦୦୯୩୦୯ / ୨୫୮୪୨୨୫୧
www.annihilatecaste.in, www.ncdhr.org.in

Digitized by srujanika@gmail.com